# ମୁଭିଂ ଫର୍ୱାର୍ଡ୍



## ମାନସିକ ବିକଳାଙ୍ଗ ପିଲାଙ୍କର ବାପା, ମାଁଙ୍କ ପାଇଁ ସୂଚନାତ୍ମକ ସନ୍ଦର୍ଭ (ଇନ୍‌ଫର୍‌ମେସନ୍ ଗାଇଡ୍)


ଲେଖକ :

ରିତା ପେଶାୱାରିଆ

ଡି.କେ. ମେନନ୍

ରାହୁଲ୍ ଗାଙ୍ଗୁଲି

ସୁମିତ୍ ରାୟ

ରାଜମ୍ ପି.ଆର.ଏସ୍. ପିଲ୍ଲେ

ଆଶା ଗୁପ୍ତା

ଆର୍.କେ. ହୋରା



ଜାତୀୟ ମାନସିକ ବିକଳାଙ୍ଗ ଅନୁଷ୍ଠାନ

(ସାମାଜିକ ନ୍ୟାୟ ଏବଂ ଅଧିକାରୀତା ମନ୍ତ୍ରାଣାଳୟ, ଭାରତ ସରକାର)

ମନୋବିକାଶ ନଗର, ସିକନ୍ଦରାବାଦ–500009

ଆନ୍ଧ୍ରପ୍ରଦେଶ, ଭାରତ

© ଜାତୀୟ ମାନସିକ ବିକଳାଙ୍ଗ ଅନୁଷ୍ଠାନ
ସିକନ୍ଦରାବାଦ, 1994
ମଲାଟ ଚିତ୍ର ସହିତ ସମସ୍ତ ଅଧିକାର ସଂରକ୍ଷିତ
ISBN 81-86594-13-2

ଚିତ୍ରାଙ୍କନ :

ଏନ୍. କରୁଣାକର

ବହି ମଲାଟ ଚିତ୍ର :

ପୁସ୍ତକର ଲେଖକମାନଙ୍କ ଦ୍ୱାରା ପ୍ରସ୍ତୁତ

ଅନୁବାଦ :

ଜେ.କେ. ପଣ୍ଡା

ସ୍ମୃତି ରେଖା ମିଶ୍ର

ମୁଦ୍ରଣ :

ଜି.ଏ. ଗ୍ରାଫିକ୍ସ

11-6-872/A, ବେଗ୍ ଆଇଲାଣ୍ଡ, ଲକଡ଼ିକା ପୁଲ୍,

ହାଇଦରାବାଦ–500004

ଫୋନ୍ : 3325393, 3307881

# ପରିବାର ସମୃଦ୍ଧି ପ୍ରକଳ୍ପର ସଭ୍ୟମାନେ

| | | |
|---|---|---|
| ଡ: ରିତା ପେଶାଓ୍ୱାରିଆ | : | ମୁଖ୍ୟ ଅନୁସନ୍ଧାନକାରୀ |
| ଡ: ଡି:କେ: ମେନନ୍ | : | ପରାମର୍ଶଦାତା |
| ଡା: ରାଜମ୍ ପ.ଆର୍.ଏସ୍. ପିଲାଇ | : | ସହକାରୀ ଅନୁସନ୍ଧାନକାରୀ |
| ଶ୍ରୀମତି ଆଶା ଗୁପ୍ତା | : | ସହକାରୀ ଅନୁସନ୍ଧାନକାରୀ |
| ଶ୍ରୀଯୁକ୍ତ ସୁମିତ୍ ରାୟ | : | ସହକାରୀ ଅନୁସନ୍ଧାନକରୀ |
| ଶ୍ରୀଯୁକ୍ତ ରାହୁଲ ଗାଙ୍ଗୁଲୀ | : | ଗବେଷଣା ଅଫିସର |
| ଶ୍ରୀଯୁକ୍ତ ବିନୋଦ କୁମାର | : | ଗବେଷଣା ସହାୟକ (21-11-93 ଠାରୁ 30-5-94) |
| ଶ୍ରୀଯୁକ୍ତ ରାଧେ ଶ୍ୟାମ ଗିରି | : | ଗବେଷଣା ସହାୟକ (23-11-93 ଠାରୁ 10-1-94) |
| ଶ୍ରୀଯୁକ୍ତ ଲମାତ ଆୟୁବ | : | ଗବେଷଣା ସହାୟକ (21-1-94 ଠାରୁ 31-3-94) |

# ସୂଚୀପତ୍ର


ପୃଷ୍ଠା

ପ୍ରାକ୍‌କଥନ i-iii

ମୁଖବନ୍ଧ iv-vi

କୃତଜ୍ଞତା vii-viii

ବିଭାଗ

1. ମାନସିକ ବିକଳାଙ୍ଗଙ୍କ ସମ୍ବନ୍ଧରେ ସାଧାରଣ ସୂଚନା 1-20
2. ପରିବାର ଉପରେ ପ୍ରଭାବ 21-34
3. ସହଳ ଉପଚାର 35-46
4. ବିଦ୍ୟାଳୟର ଶିକ୍ଷା 47-62
5. ବ୍ୟବହାରିକ ସମସ୍ୟା 63-76
6. କଥାବାର୍ତ୍ତା 77-92
7. ଦୈନନ୍ଦିନ କାର୍ଯ୍ୟ 93-110
8. ଅଧ୍ୟୟନ 111-122
9. ଅବକାଶ 123-134
10. ନିଯୁକ୍ତି 135-154
11. ଯୌନ ପ୍ରବୃତ୍ତି 155-166
12. ବିବାହ 167-176
13. ପିତାମାତାଙ୍କ ସହାୟତା 177-188
14. ସାମୁହିକ ସହାୟତା 189-198
15. ଛାତ୍ରାବାସ 199-212
16. ଆର୍ଥିକ ଯୋଜନା 213-220
17. ପ୍ରଣୀତ ଆଇନ୍ 221-228
18. ଅଭିଭାବକତା 229-236
19. ସରକାରୀ ସୁବିଧା ଓ ରିହାତି 237-250

ଆପେଣ୍ଡିସେସ୍


1. SELECTED READING LIST 251-256
2. NIMH PUBLICATIONS 257-258
3. REGISTERED PARENT ASSOCIATIONS 259-262
4. VOCATIONAL REHABILITATION 263-264
5. ଲେଖକ ଏବଂ ଅନୁବାଦକମାନଙ୍କ ସମ୍ବନ୍ଧରେ 265-270
6. ଫିଡ୍‌ବ୍ୟାକ୍ ଫର୍ମ A-G

# ପ୍ରାକ୍‌କଥନ

ଗୋଟିଏ ସାମାଜିକ ଗଣତନ୍ତ୍ର ରାଷ୍ଟ୍ରରେ ପ୍ରତ୍ୟେକ ନାଗରିକ, ସମାନ ଅଧିକାର ସହିତ ମୁକ୍ତ ଜୀବନ ଯାପନ କରିବାର ସୁଯୋଗ ପାଇଥାନ୍ତି ଏବଂ ମାନବିକତା ଓ ନୈତିକବୋଧତା ରୂପକ ସୂତାରେ ପ୍ରତ୍ୟେକ ଜୀବନ ଗୁନ୍ଥା ହୋଇ ରହିଥାଏ ।

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ, ସ୍ୱତନ୍ତ୍ର ଶିକ୍ଷା, ଧନ୍ଦାମୂଳକ ତାଲିମ୍, ଡାକ୍ତରୀ ଚିକିତ୍ସା, ସାମାଜିକ ପରିବର୍ତ୍ତନ, ଜନ ସଚେତନତା ଓ ପାରିବାରିକ ଦାୟିତ୍ୱ ସମ୍ବନ୍ଧରେ ଅଧିକ ଓ ଉନ୍ନତ ଜ୍ଞାନ କୌଶଳର ଆବଶ୍ୟକତା ରହିଅଛି । ମାନସିକ ବିକଳାଙ୍ଗ ପିଲାମାନେ ଅଧିକ ଯତ୍ନ ଦରକାର କରୁଥିବାବେଳେ ଆଜିର ଉନ୍ନତ ସମାଜ ସେମାନଙ୍କ ପ୍ରତି ବହୁତ କମ୍ ଧ୍ୟାନ ଦେଇଥାଏ । ସମାଜରେ ସମାନ ଅଧିକାର ପ୍ରଦାନ କରିବାକୁ ହେଲେ, ସେମାନଙ୍କୁ ଅଧିକ ସୁବିଧା ସୁଯୋଗ, ଶିକ୍ଷା, ଡାକ୍ତରୀ ଚିକିତ୍ସା ଏବଂ ପରିବାର ଓ ସମାଜରେ ଅଧିକ ସୁଯୋଗ ଦେବା ନିତ୍ୟାନ୍ତ ଆବଶ୍ୟକ । ମାନବ ସମାଜର ସମତା ରକ୍ଷା ନିମନ୍ତେ ସେମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଶିକ୍ଷା ସୁବିଧା, ଡାକ୍ତରୀ ସୁବିଧା, ପାରିବାରିକ ସୁଖ ଲାଭ ଓ ସମାଜରେ ଚଳିବାର ସୁବିଧା ମିଳିବା ଉଚିତ୍ ।

ଏହି ପିଲାମାନଙ୍କ ପାଇଁ ବ୍ୟକ୍ତି କେନ୍ଦ୍ରୀୟ ଶିକ୍ଷାଦାନର ଆବଶ୍ୟକତା ପଡୁଥିବାରୁ ସେମାନଙ୍କ ନିମନ୍ତେ ନିର୍ଦ୍ଧାରିତ ଶିକ୍ଷା ଯୋଜନା, ଶିକ୍ଷା ପ୍ରଣାଳୀ ସେମାନଙ୍କର ମାନସିକ ବିକାଶ ବୃଦ୍ଧି କରିଥାଏ । ପିଲାଟିର ଶିକ୍ଷା, ତାହାର ବୁଦ୍ଧିର ପରିମାଣ, ଶିଖିବାର ଢଙ୍ଗ ଓ ପରିବେଶ ଉପରେ ନିର୍ଭର କରିଥାଏ । ତେଣୁ ଉତ୍ତମ ଶିକ୍ଷା ନିମନ୍ତେ ଏହିଗୁଡ଼ିକୁ ଠିକ୍‌ଭାବରେ ଯୋଗାଇବା ଉଚିତ୍ ।

ବର୍ତ୍ତମାନର ଡାକ୍ତରୀ ବିଜ୍ଞାନ, ସାମାଜିକ ଅବସ୍ଥିତି ଓ ଆର୍ଥିକ ଅଗ୍ରଗତି ହେତୁ ମାନସିକ ବିକଳାଙ୍ଗ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ହୋଇପାରିଛି । ତଥାପି ଏହି କାର୍ଯ୍ୟକୁ ସଫଳ ମଣ୍ଡିତ କରିବା ନିମନ୍ତେ ଅନେକ ବାଧାବିଘ୍ନ ଓ ଅସୁବିଧା ସବୁ ରହିଅଛି । ମାନସିକ ବିକଳାଙ୍ଗ ପିଲାର ପିତାମାତାମାନେ ସେମାନଙ୍କର ଭବିଷ୍ୟତ ସମ୍ବନ୍ଧରେ ଅନେକ ପ୍ରକାରର ଚିନ୍ତା କରିଥାନ୍ତି ଓ ସେମାନଙ୍କୁ କିପରି ସାହାଯ୍ୟ କରିପାରିବେ ସେଥିନିମନ୍ତେ ବ୍ୟସ୍ତ

ହୋଇଥାନ୍ତି । ଏହି ପିଲାମାନେ ସାଧାରଣ ପିଲାଙ୍କ ପରି ହୋଇପାରିବେ କି ? ଯଦି ନୁହେଁ, ତେବେ କଣ କରାଯାଇପାରେ ? କିଏ ସେମାନଙ୍କର ଯତ୍ନ ଓ ଦାୟିତ୍ୱ ନେବ ? ଆମ ପରେ ସେମାନଙ୍କର ଅବସ୍ଥା କଣ ହେବ ? ସେମାନେ କାମ କରିପାରିବେ କି ? ସେମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଠକି ଦେବେ କି ? ଏହିପରି ଅନେକ ପ୍ରଶ୍ନ ଓ ଚିନ୍ତା ପିତାମାତାଙ୍କୁ ବ୍ୟସ୍ତ କରିଥାଏ ।

ଜ୍ଞାନ ହିଁ ଶକ୍ତି ଏବଂ ଅଭିଭାବକମାନଙ୍କୁ ଯଥେଷ୍ଟ ପରିମାଣରେ ଜ୍ଞାନ ଏବଂ ସଠିକ୍ ସୂଚନା ଦେବା ନିହାତି ଆବଶ୍ୟକ । ଏହା ଫଳରେ ସେମାନଙ୍କର ଅଜ୍ଞାନତା ଓ ଅନ୍ଧବିଶ୍ୱାସ ହେତୁ ପୁନର୍ବାସ କାର୍ଯ୍ୟରେ ଯେଉଁ ବାଧା ସୃଷ୍ଟି ହୋଇଥାଏ ତାହାକୁ ଦୂରେଇ ଦେଇ ହେବ । ଯେହେତୁ ଅଳ୍ପ ମାତ୍ରାରେ ଜାଣିଥିବା ପିତାମାତା ପିଲାମାନଙ୍କ ପାଇଁ କ୍ଷତିକାରକ ହୋଇଥାନ୍ତି ତେଣୁ ସେମାନଙ୍କୁ ଅଧିକ ସଚେତନ କରିବା ପାଇଁ ଅଧିକ ଚେଷ୍ଟା କରାଯିବା ଉଚିତ୍ ଯାହା ସମସ୍ତ ଶିକ୍ଷିତ, ଅଶିକ୍ଷିତ, ଗାଉଁଲୀ ଓ ସହରୀ ଅଭିଭାବକମାନଙ୍କୁ ଉପକୃତ କରାଇବ ।

ଜାତିସଂଘ 1982 ଠାରୁ 1992 ପର୍ଯ୍ୟନ୍ତ ''ବିକଳାଙ୍ଗ ଦଶନ୍ଧି'' ବୋଲି ଘୋଷଣା କରିବା ଫଳରେ ବିଶ୍ୱସାରା ଜନ ସଚେତନତା କ୍ଷେତ୍ରରେ ବହୁ ଉନ୍ନତି ଘଟିଅଛି । ଠାକୁର ହରିପ୍ରସାଦ ଅନୁଷ୍ଠାନ ଦ୍ୱାରା 1987 ମସିହାରେ ଜାତୀୟ ସେମିନାରର ଆୟୋଜନ କରାଯାଇଥିଲା ଏବଂ ଏଥିରେ ପିତାମାତା, ଡାକ୍ତର, ବିଜ୍ଞାନୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସରକାର ପ୍ରତିନିଧିମାନେ ଯୋଗଦାନ କରିଥିଲେ । 1988 ମସିହାରେ ମୁଁ ଏବଂ ଅନ୍ୟ ବନ୍ଧୁମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ରିପୋର୍ଟ ସେତେବେଳର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀଙ୍କୁ ଦିଆଯାଇଥିଲା ଏବଂ ଅଳ୍ପ ଦିନ ମଧ୍ୟରେ ବେହରୁଲ୍ ଇସ୍‌ଲାମ୍ କମିଟି ବସାଯାଇ ଏହି ସଂକ୍ରାନ୍ତରେ ରିପୋର୍ଟ ପ୍ରସ୍ତୁତ କରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ଯାହା ଅଷ୍ଟମ ପଞ୍ଚ ବାର୍ଷିକ ଯୋଜନା ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥିଲା । ଏହା ପରେ ଭାରତକୁ ପୁନର୍ବାସ ପରିଷଦର ଗଠନ କରାଯାଇ ପାଠ୍ୟକ୍ରମଗୁଡ଼ିକର ସମୀକରଣ କରାଯାଇଥିଲା । ଏହା ବ୍ୟତୀତ ଜାତୀୟ ଟ୍ରଷ୍ଟ ଗଠନ କରାଯିବା ପାଇଁ ପ୍ରସ୍ତୁତି ଚାଲିଛି ଯାହା ପିତାମାତାମାନଙ୍କୁ ଅନେକ ପ୍ରକାରର ସହାୟତା ପ୍ରଦାନ କରିପାରିବ ।

ଗତ 10 ବର୍ଷ ମଧ୍ୟରେ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ବିଭିନ୍ନ ପ୍ରକାରର କଲ୍ୟାଣ ମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ଭାବରେ କରାଯାଉଅଛି ଏବଂ ଏହି କାର୍ଯ୍ୟରେ ପ୍ରତ୍ୟେକ ବ୍ୟକ୍ତି ନିଜକୁ ସଂପୃକ୍ତ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ବର୍ତ୍ତମାନ ଲାଗୁ ଥିବା ନୀତି ଓ ଆଇନ୍‌କାନୁନ୍ ଗୁଡ଼ିକୁ ଅଧିକ ସକ୍ରିୟ କରି, ସେ ଗୁଡ଼ିକୁ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଉପକାର ନିମନ୍ତେ ପ୍ରୟୋଗ କରିବା ଉଚିତ୍ ।

ମାନସିକ ବିକଳାଙ୍ଗ କେବଳ କୌଣସି ବ୍ୟକ୍ତି ବା ଦେଶର ସମସ୍ୟା ନୁହେଁ ଏହା ସଂପୂର୍ଣ୍ଣ ବିଶ୍ୱର ଓ ସମଗ୍ର ମାନବ ଜାତିର ସମସ୍ୟା ଅଟେ । ତେଣୁ ଏଥି ନିମନ୍ତେ ପ୍ରତ୍ୟେକ ଅନୁଷ୍ଠାନ ଓ ଦେଶ ମଧ୍ୟରେ ସହଯୋଗ ପ୍ରତିଷ୍ଠା ହେବା ଦରକାର । ଏପରି ଏକ ସମାଜର ଆବଶ୍ୟକତା ଅଛି ଯେଉଁଠି ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଅନ୍ୟମାନଙ୍କ ସହିତ ସମସ୍ତ ସହାୟତା ଓ ସହଯୋଗୀତା ସହ ରହିପାରିବେ ।

''ମୁଭିଂଗ୍ ଫରୱାଡ୍'' ବହିର ଲେଖିକା ଓ ତାଙ୍କର ସହକର୍ମୀମାନେ ଏକ ଉଚିତ୍ ପଦକ୍ଷେପ ନେଇଛନ୍ତି ଯାହା ପ୍ରତ୍ୟେକ ଅଭିଭାବକ ଓ ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଠିକ୍ ପରାମର୍ଶ ପ୍ରଦାନ କରିପାରିବ । ମୁଁ ବିଶ୍ୱାସର ସହିତ କହିପାରିବି ଯେ, ଏହି ପୁସ୍ତକ ଅଭିଭାବକମାନଙ୍କ ମନରେ ଥିବା, ଅଜ୍ଞାନତା, ଅନ୍ଧବିଶ୍ୱାସ, ମନୋଭାବ ଓ ପାର୍ଥକ୍ୟକୁ ବଦଳାଇ ଦେଇ ପାରିବ ।

ମୁଁ ପୁର୍ନବାର ଏହି ମହାନ୍ ଉଦ୍ଦେଶ୍ୟରେ ଲେଖିଥିବା ପୁସ୍ତକର ଲେଖିକାଙ୍କୁ ଧନ୍ୟବାଦ ଦେଉଛି । ଏହା ମାନସିକ ବିକଳାଙ୍ଗ ପିଲାମାନଙ୍କ ପୁନର୍ବାସ କ୍ଷେତ୍ରରେ ପିତାମାତା ଓ ବିଶେଷଜ୍ଞମାନଙ୍କ ମଧ୍ୟରେ ଏକ ଉତ୍ତମ ସଂପର୍କ ସ୍ଥାପନ କରିପାରିବ ।

(ଡ : ଠାକୁର ଭି. ହରିପ୍ରସାଦ)

# ମୁଖବନ୍ଧ

ଏହି ମୁଭିଂ ପରଓ୍ୱାଡ୍ ପୁସ୍ତକଟି, ଜାତୀୟ ମାନସିକ ବିକଳାଙ୍ଗ ଅନୁଷ୍ଠାନ 1993-94 ମସିହାରେ ମାନସିକ ବିକଳାଙ୍ଗ ପିଲାମାନଙ୍କର ଦ୍ୱାରା ପରିବାର ସମ୍ବନ୍ଧରେ ଦେଶର ବିଭିନ୍ନ କେନ୍ଦ୍ରମାନଙ୍କରେ କରାଯାଉଥିବା ଗବେଷଣାର ଫଳାଫଳ ଅଟେ । ଏହି କାର୍ଯ୍ୟକ୍ରମରେ ଦେଶର 3 ଗୋଟି ବେସରକାରୀ ଅନୁଷ୍ଠାନ କାର୍ଯ୍ୟ କରିଥିଲେ । ଗବେଷଣାରୁ ଏହି ପୁସ୍ତକ ବ୍ୟତୀତ ''ନିଡ୍ସ ଅଫ୍ ଇଣ୍ଡିଆନ୍ ଫାମିଲିଜ୍ ହାଭିଂଗ୍ ଚିଲ୍ଡ୍ରେନ୍ ଉଇଥ୍ ମେଣ୍ଟାଲ୍ ରିଟାର୍ଡେସନ ଓ ମନ୍‌ଜିଲ୍ କେ ଓ୍ୱୋର୍'' ନାମରେ ଏକ 30 ମିନିଟିଆ ଭିଡ଼ିଓ କ୍ୟାସେଟ୍ ମଧ୍ୟ ପ୍ରସ୍ତୁତ କରାଯାଇଛି ।

ମୁଁ ଏହି ମାନସିକ ବିକଳାଙ୍ଗ କ୍ଷେତ୍ରରେ ଦୀର୍ଘ 20 ବର୍ଷ ଧରି କାର୍ଯ୍ୟ କରିବା ମଧ୍ୟରେ ବିଭିନ୍ନ ପ୍ରକାରର ମତାମତ ଶୁଣିବାକୁ ପାଇଛି ଯଥା– ''ପିତାମାତାମାନେ ଅସହୋଯୋଗୀ ଓ ଅନାବଶ୍ୟକ ଭାବରେ ଅନ୍ୟମାନଙ୍କୁ ଆକ୍ଷେପ କରିଥାନ୍ତି'', ''ସେମାନେ ସବୁବେଳେ ଔଷଧ କଥା ଭାବନ୍ତି'' ''ସେମାନେ ଅତ୍ୟଧିକ ଚିନ୍ତିତ'', ''ସେମାନେ ମନ୍ଦିରକୁ ନେଇ ପୂଜାକରି ଭଲ କରିବାକୁ ଚାହିଁଥାନ୍ତି'' ଏ ସବୁ ଶୁଣିବାଟା ପ୍ରକୃତରେ ବଡ଼ ଦୁଃଖଦାୟକ ଅଟେ । ଆମ୍ଭେ ସ୍ୱତନ୍ତ୍ର ତାଲିମ୍ ପ୍ରାପ୍ତ ବିଶେଷଜ୍ଞମାନେ, ଅଭିଭାବକମାନଙ୍କୁ ବୁଝାଇବାରେ କେତେ ଦୁର୍ବଳ ଓ କେତେ ପଛରେ ରହିଛେ ଏହା ତାର ସ୍ପଷ୍ଟ ନମୁନା । ପିତାମାତାମାନେ ମାନସିକ ବିକଳାଙ୍ଗ ପିଲାଟିଏ ଥିବା ହେତୁ ପରିସ୍ଥିତିରେ ପଡ଼ି ଏପରି ସବୁ କରିଥାନ୍ତି ।

ଏହି ପ୍ରୋଜେକ୍ଟର ସିକଂଦରାବାଦ୍, ଭୋପାଳ, ତ୍ରିଭାଂଦ୍ରମ ଏବଂ ଦିଲ୍ଲୀ ସେଣ୍ଟରଠାରେ 140 ଜଣ ପରିବାରର ପିତା, ମାତା, ଭାଇଭଉଣୀ, ବୁଢ଼ୀମାଆ ପ୍ରଭୃତିଙ୍କ ସହିତ ସାକ୍ଷାତ କାର୍ଯ୍ୟକ୍ରମ କରାଯାଇଥିଲା । ଏବଂ ଆମ୍ଭେମାନେ ଅନୁଭବ କରିଥିଲୁ ଯେ ମାନସିକ ବିକଳାଙ୍ଗ ପିଲାମାନଙ୍କର ଅଭିଭାବକମାନେ ଠିକ୍ ସମୟରେ, ଠିକ୍ ଭାବରେ ଓ ଠିକ୍ ସୂଚନା ପାଇବା ନିହାତି ଆବଶ୍ୟକ । ତେଣୁ ଏହି ସୂଚନାଗୁଡ଼ିକୁ ଉପଯୁକ୍ତ ସମୟ ଓ ଉପଯୁକ୍ତ ମାଧ୍ୟମରେ ଦିଆଯିବା ଉଚିତ୍ । ପିତାମାତାମାନେ ସାଧାରଣତଃ ପ୍ରଥମ କରି ମେଡ଼ିକାଲ୍ ଡାକ୍ତର, ମନସ୍ତତ୍ୱବିତ୍, ସ୍ୱତନ୍ତ୍ର ପ୍ରଶିକ୍ଷକ ବା ସମାଜ ସେବୀମାନଙ୍କ ସଂସ୍ପର୍ଶରେ ଆସିଥାନ୍ତି । ଦେଖାଯାଇଛି ଯେ, ଯଦି ବିଶେଷଜ୍ଞମାନଙ୍କ ସହିତ ପିତାମାତାଙ୍କର ଉତ୍ତମ

ସଂପର୍କ ହେବାପରେ ସେମାନେ ଅଧିକ ଜାଣିବାକୁ ପ୍ରଶ୍ନମାନ ପଚାରିଥାନ୍ତି । ଏହି ପ୍ରଶ୍ନଗୁଡ଼ିକୁ ପ୍ରଶ୍ନ ବ୍ୟାଙ୍କରେ ରଖାଯାଇଥାଏ । ଜାତୀୟ ମାନସିକ ବିକଳାଙ୍ଗ ଅନୁଷ୍ଠାନରେ ଦୀର୍ଘ 10 ବର୍ଷ ଧରି ଅଭିଭାବକମାନଙ୍କର ତାଲିମ୍ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ପ୍ରଶ୍ନ ଓ ସନ୍ଦେହ ଓ ଭୁଲ୍ ଧାରଣା ସବୁ ଆମ ନଜରକୁ ଆସିଛି । ଏହି ପ୍ରଶ୍ନଗୁଡ଼ିକୁ ବିଶେଷଜ୍ଞମାନଙ୍କ ଦ୍ୱାରା ବଛାଯାଇ ବିଭିନ୍ନ ବିଭାଗଗୁଡ଼ିକରେ ବାଣ୍ଟିଦିଆଯାଇଛି ।

ଏହି ପ୍ରଶ୍ନଗୁଡ଼ିକର ଉତ୍ତରଗୁଡ଼ିକୁ ଆମ ଦେଶର ପରିସ୍ଥିତିକୁ ଅନୁଧ୍ୟାନ କରି ଦିଆଯାଇଛି । ଆମ ଦେଶରେ ଏହି କାର୍ଯ୍ୟକ୍ରମଗୁଡ଼ିକ ବିଶେଷ ଭାବରେ ଉନ୍ନତ ଅବସ୍ଥାକୁ ଆସିପାରିନାହିଁ, ଯାହା ଫଳରେ ସମନ୍ୱିତ ଶିକ୍ଷା, ଚାକିରୀ ସୁବିଧା, ସାମାଜିକ ସୁରକ୍ଷା ବିଷୟରେ ସମସ୍ତ ପ୍ରଶ୍ନର ସୁଚିନ୍ତିତ ଉତ୍ତର ଦେବା କଷ୍ଟକର ହୋଇଥିଲା । ତଥାପି ଆମ୍ଭେମାନେ କିଛିବାଟ ଆଗେଇ ଆସିଛେ ଓ ଅନେକ ଦୂର ଆଗକୁ ଯିବାକୁ ଅଛି । ଲେଖିକା ମହୋଦୟା ପିତାମାତାଙ୍କୁ ଯଥା ସମ୍ଭବ ସୂଚନା ଦେବା ପାଇଁ ଏହି ପୁସ୍ତକରେ ଚେଷ୍ଟା କରିଛନ୍ତି ।

ଏହି ପୁସ୍ତକଟି ଉଭୟ ହିନ୍ଦୀ ଓ ଇଂରାଜୀ ଭାଷାରେ ଲେଖାଯାଇଛି । ଏହାର ଭାଷାଗୁଡ଼ିକୁ ସରଳ କରିବାକୁ ଯଥା ସମ୍ଭବ ଚେଷ୍ଟା କରାଯାଇଛି । ଏଥି ମଧ୍ୟରେ କେତେକ ସ୍ୱତନ୍ତ୍ର ଶବ୍ଦମାନଙ୍କ ସହିତ ପିତାମାତାଙ୍କୁ ପରିଚିତ କରାଯାଇଛି ଯାହା ଦ୍ୱାରା ସେମାନେ ବିଶେଷଜ୍ଞମାନଙ୍କ ସହିତ ସହଜରେ କଥାବାର୍ତ୍ତା କରି ପାରିବେ ।

ପିତାମାତାମାନଙ୍କର ଅଧିକ ଜାଣିବା ପାଇଁ ଏକ ପୁସ୍ତକ ଚିଠା, ଅଭିଭାବକ ସଂଘମାନଙ୍କର ଠିକଣା ଓ ଧନ୍ଦାମୂଳକ ତାଲିମ୍ କେନ୍ଦ୍ରମାନଙ୍କର ଠିକଣା ମଧ୍ୟ ଏହି ପୁସ୍ତକରେ ଦିଆଯାଇଛି ।

ଆମ୍ଭେମାନେ ଦୃଢ଼ତାର ସହିତ ବିଶ୍ୱାସ କରୁଛୁ ଯେ, ସଠିକ୍ ଜ୍ଞାନ ଥିବା ଅଭିଭାବକ ଉତ୍ତମ ସିଦ୍ଧାନ୍ତ ନେଇ ନିଜ ପିଲାର ଓ ପରିବାରର ଉପକାର କରିପାରିଥାନ୍ତି । ତେଣୁ ଏହି ପୁସ୍ତକ ପିତାମାତାମାନଙ୍କୁ ଏକ ଉନ୍ନତ ପଦକ୍ଷେପ ନେବାରେ ଯଥେଷ୍ଟ ସାହାଯ୍ୟ କରିପାରିବ । ଯେଉଁ ଅଭିଭାବକମାନଙ୍କର ମାନସିକ ବିକଳାଙ୍ଗ ପିଲା ଅଛନ୍ତି ସେମାନେ ନିଜର ମତାମତ ଓ ପ୍ରଶ୍ନମାନ ଆମ୍ଭ ନିକଟକୁ ପଠାଇବାକୁ ଅନୁରୋଧ ।

ଏଥି ସହିତ ମାନସିକ ବିକଳାଙ୍ଗ ପିଲାଙ୍କ ଅଭିଭାବକଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ପୁସ୍ତକର ଶେଷରେ ଦିଆଯାଇଥିବା ଖବର ସଂଗ୍ରହ ଫର୍ମ (ଫୀଡ୍ ବ୍ୟାକ୍ ଫର୍ମ) ବ୍ୟବହାର କରି ନିଜ ନିଜର ଫୀଡ୍ ବ୍ୟାକ୍ ଦିଅନ୍ତୁ ଏବଂ ତା ସହିତ ଅତିରିକ୍ତ ପ୍ରଶ୍ନାବଳୀର ସୂଚନା, ଯାହାର ଉତ୍ତର ଅଭିଭାବକମାନେ ଆମ ଠାରୁ ଏହି ପୁସ୍ତକର ଅଗ୍ରୀମ ସଂସ୍କରଣରେ ପାଇବାକୁ ଚାହାନ୍ତି ।

(ଡକ୍ଟର ରୀତା ପେଶାୱାରିଆ)

# କୃତଜ୍ଞତା

ସବିନୟତା ଓ କୃତଜ୍ଞତା ସହିତ ସମସ୍ତ ଅଭିଭାବକମାନଙ୍କୁ ଧନ୍ୟବାଦ ଜଣାଉଛୁ ଯେଉଁମାନେ ଆମ୍ଭର ଏହି କାର୍ଯ୍ୟକୁ ସଫଳ କରିବାରେ ଯଥେଷ୍ଟ ସାହାଯ୍ୟ କରିଛନ୍ତି । ଜାତୀୟ ମାନସିକ ବିକଳାଙ୍ଗ ଅନୁଷ୍ଠାନର ସାହସର ସହିତ ବେସରକାରୀ ଅନୁଷ୍ଠାନମାନଙ୍କରେ ଏକାଧିକ କେନ୍ଦ୍ରକୁ ଅନୁଦାନ ଯୋଗାଇ ଏହି କାର୍ଯ୍ୟକ୍ରମ କରାଇଛନ୍ତି । ଏଥି ନିମନ୍ତେ ମୁଁ ଜାତୀୟ ମାନସିକ ବିକଳାଙ୍ଗ ଅନୁଷ୍ଠାନର ନିର୍ଦ୍ଦେଶକ ଡ :ଡି :କେ : ମେନନ୍‌ଙ୍କୁ ଏହି କାର୍ଯ୍ୟରେ ବହୁତ ଉତ୍ସାହିତ କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉଛି । ଏହି ପ୍ରୋଜେକ୍ଟ କାର୍ଯ୍ୟର ମୂଳରୁ ଶେଷ ପର୍ଯ୍ୟନ୍ତ ସେ ସହାୟତା ପ୍ରଦାନ କରିଥିବାରୁ ମୋର କୃତଜ୍ଞତା ଜଣାଉଛି ।

ଏହି ପ୍ରୋଜେକ୍ଟରେ କାର୍ଯ୍ୟ କରିଥିବା କୋଅର୍ଡ଼ିନେଟରମାନେ ଯଥା ଡ : ପି: ଆର୍, ଏସ୍, ରାଜମ୍ ପିଲାଇ ନିର୍ଦ୍ଦେଶକ ବାଳ ବିକାଶ ଇନ୍‌ଷ୍ଟିଚ୍ୟୁଟ୍, ତ୍ରିଭାଂଦ୍ରମ୍, ଶ୍ରୀମତୀ ଆଶା ଗୁପ୍ତା, ନିର୍ଦ୍ଦେଶକ ନବଜ୍ୟୋତି ସେଣ୍ଟର, ନୂଆଦିଲ୍ଲୀ ଏବଂ ଶ୍ରୀଯୁକ୍ତ ସୁମିତ୍ ରାୟ, ଏକଜ୍ୟୁକିଭ୍ ନିର୍ଦ୍ଦେଶକ, ଦିଗ୍‌ଦର୍ଶିକା, ଭୋପାଳ ସେମାନଙ୍କର ପୂର୍ଣ୍ଣ ସହଯୋଗୀତା ଯୋଗୁ ଏହି କାର୍ଯ୍ୟଟି ସଂପୂର୍ଣ୍ଣ ହୋଇପାରିଛି ।

ଶ୍ରୀଯୁକ୍ତ ରାହୁଲ୍ ଗାଙ୍ଗୁଲୀ, ରିସର୍ଚ୍ଚ ଅଫିସରଙ୍କର ଏହି ପ୍ରୋଜେକ୍ଟ କାମରେ ବହୁତ ଅବଦାନ ରହିଅଛି । ସେ ମୋର ଛାତ୍ର ଅବସ୍ଥାରୁ ସହକର୍ମୀ ସ୍ତରକୁ ଆସିପାରିଥିବାରୁ ମୁଁ ବହୁତ ଗର୍ବ ଅନୁଭବ କରୁଅଛି ।

ଏହି ପୁସ୍ତକଟିକୁ ତର୍ଜମା କରି ବହୁ ଉପାଦେୟ ମତାମତ ଦେଇ ଉତ୍ସାହିତ କରିଥିବାରୁ ଆମ୍ଭେମାନେ, ହାଇଦରାବାଦ୍‌ର ''ପ୍ୟାରେଣ୍ଟ ଆସୋସିଏସନ୍ ଫର୍ ଦି ୱେଲ୍‌ଫେୟାର୍ ଅଫ୍ ମେଣ୍ଟାଲି ହାଣ୍ଡିକ୍ୟାପଡ୍ ସଂସ୍ଥାର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଉଛୁ ।

ଏହି ପୁସ୍ତକର ପ୍ରତ୍ୟେକ ଛବି ଓ ଉଦାହରଣଗୁଡ଼ିକୁ ଶ୍ରୀଯୁକ୍ତ କରୁଣାକର ସୁନ୍ଦର ଭାବରେ ଆଙ୍କି ପାରିଥିବାରୁ ଏହା ବହୁ ଆଦୃତ ହୋଇପାରିଛି ।

ଷ୍ଟେନୋଗ୍ରାଫର୍ ଶ୍ରୀଯୁକ୍ତ ଶଙ୍କର କୁମାର ଯଥା ସମୟରେ ଏହି ପୁସ୍ତକଟିର ଟାଇପ୍ କରିବାରେ ସାହାଯ୍ୟ କରିଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ ଦେଉଛି ।

ଏହି ପ୍ରୋଜେକ୍ଟର ସମସ୍ତ ସଭ୍ୟ, ଜାତୀୟ ମାନସିକ ବିକଳାଙ୍ଗ ଅନୁଷ୍ଠାନର ଉପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଗୋବିନ୍ଦ ରାଓ ଓ ତାଙ୍କର ସହକର୍ମୀମାନଙ୍କର ସଂପୂର୍ଣ୍ଣ ସାହାଯ୍ୟ ଓ ସହଯୋଗୀତା ପାଇଁ ଧନ୍ୟବାଦ ଜଣାଉଛି ।

ଏହି ପୁସ୍ତକଟିର ଓଡ଼ିଆ ଅନୁବାଦ କରିବା ପାଇଁ ଶ୍ରୀ ଜେ. କେ. ପଣ୍ଡା ଏବଂ ଶ୍ରୀମତୀ ସ୍ମୃତି ରେଖା ମିଶ୍ରଙ୍କୁ ଆମେ ଅଶେଷ ଧନ୍ୟବାଦ ଜଣାଉଛୁ । ଏଥିସହିତ, ପୁସ୍ତକଟିର ପ୍ରକାଶନ ପୂର୍ବରୁ ଓଡ଼ିଆ ଅନୁବାଦଟିକୁ ପୁନଃ ପର୍ଯ୍ୟବେକ୍ଷଣ କରି ଆବଶ୍ୟକ ସ୍ଥଳେ ସଂଶୋଧନ କରିଥିବାରୁ ଶ୍ରୀ ନୀହାର ରଞ୍ଜନ ମହାନ୍ତି ଓ ଶ୍ରୀମତୀ ନିବେଦିତା ପଟ୍ଟନାୟକଙ୍କୁ ଆମ୍ଭେ ଗଭୀର କୃତଜ୍ଞତା ଜ୍ଞାପନ କରୁଅଛୁ ।

*ଡକ୍ଟର ରୀତା ପେଶାୱାରିଆ*
ମୁଖ୍ୟ ଅନୁସନ୍ଧାନକାରୀ

1

# ସାଧାରଣ ସୂଚନା

ପିତାମାତା ସେମାନଙ୍କର ପିଲାଟି 'ମାନସିକ ଅନଗ୍ରସର' ଶୁଣିବା ମାତ୍ରେ କଣ କରିବେ, କିଛି ଠିକ୍ କରିପାରନ୍ତି ନାହିଁ । ସେମାନଙ୍କ ପାଇଁ ଏହି ଯାନ୍ତ୍ରିକ ଶବ୍ଦର କୌଣସି ମୂଲ୍ୟ ନଥାଏ ବରଂ ସେମାନଙ୍କ ମନରେ ଅନେକ ପ୍ରଶ୍ନ ଉଠିଥାଏ, ଯଥା - ମାନସିକ ବିକଳାଙ୍ଗ କଣ ? ଏହା କାହିଁକି ହୁଏ ? ଏହାର କୌଣସି ଚିକିତ୍ସା ଅଛି କି ନାହିଁ ? ଏହାର ପୂର୍ବ ଲକ୍ଷଣ କଣ ? ସେମାନେ ସଂପୂର୍ଣ୍ଣରୂପେ ଭଲ ହୋଇପାରିବେ କି ନାହିଁ ? ମାନସିକ ବିକଳାଙ୍ଗତା ସହିତ ଯଦି ଅନ୍ୟ ସଂଭାବିତ ସମସ୍ୟା ଯଥା : ଅପସ୍ମାର ବାତ (Epilepsi), ସଂବେଦନାତ୍ମକ ସମସ୍ୟା, (ଇନ୍ଦ୍ରିୟ ସମସ୍ୟା) ପ୍ରଭୃତି ରହିଥାଏ, ତେବେ ମାନସିକ ବିକଳାଙ୍ଗ ପିଲାମାନଙ୍କର ଏହି ଅବସ୍ଥା ପିତାମାତାଙ୍କ ପକ୍ଷରେ ବୁଝିବା କଷ୍ଟକର ହୋଇଥାଏ । ତେଣୁ ପିତାମାତା ନିଜର ପିଲାଟିର ସମସ୍ୟା ବିଷୟରେ ସଠିକ୍ ଖବର ଜାଣିବାକୁ ବ୍ୟଗ୍ର ହୋଇଥାଆନ୍ତି । ଏହା ଦେଖାଯାଇଛି ଯେ, ପିତାମାତା ନିଜ ପିଲାର ସକ୍ଷମତା ସମ୍ବନ୍ଧରେ ସଠିକ ତଥ୍ୟ ଜାଣିବାକୁ ସର୍ବ ପ୍ରଥମେ ଚାହିଁଥାଆନ୍ତି । ପିତାମାତାଙ୍କର ପ୍ରତିକ୍ରିୟା, ମନୋଭାବ ଓ ପିଲାଟିର ତାଲିମ୍ କାର୍ଯ୍ୟରେ ସଂଶ୍ଳିଷ୍ଟ ହେବା, ସେମାନଙ୍କୁ ଦିଆଯାଇଥିବା ସୂଚନା ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭର କରିଥାଏ । ସାଧାରଣତଃ ଅଭିଭାବକମାନେ ମାନସିକ ବିକଳାଂଗତା ଉପରେ ଅନେକ ପ୍ରଶ୍ନ ପଚାରିଥାଆନ୍ତି, ଯଥା :– ମାନସିକ ବିକଳାଂଗତାର କାରଣ, ଏହା ସହିତ ସମ୍ବନ୍ଧିତ ସମସ୍ୟା ଓ ଏହାର ବ୍ୟବସ୍ଥା ଇତ୍ୟାଦି । ପୁସ୍ତକର ଏହି ଭାଗଟିରେ କେତେ ଗୁଡ଼ିଏ ପ୍ରଶ୍ନର ଉତ୍ତର ଦିଆଯାଇଛି ।



ହେ ଭଗବାନ୍ ! ସୀତାକୁ ପୁନର୍ବାର ବାତ ମାରିଛି ।
ତା ପାଟିରେ ଗୋଟିଏ ଚାମୁଚ୍ ଦେଇଦିଅ ।
ତାକୁ ଜୋତା ଶୁଂଘାଇ ଦିଅ
ତା'ଉପରେ ପାଣି ଛିଞ୍ଚି ଦିଅ
ସୀତାକୁ ଅପସ୍ମାର ବାତ ହୋଇଛି । ଆପଣ ତୁରନ୍ତ ଡାକ୍ତର ପରାମର୍ଶ କରିବା ଉଚିତ୍ ।
ତାକୁ ଡାକ୍ତର ପଖକୁ କାହିଁକି ନେଉନାହଁ ?
ଡାକ୍ତରଙ୍କ ପାଖକୁ ମୋ ସହିତ ଆସିବ କି ?
ମୋର କିଛି କାମ ଅଛି
ମୋ ମତରେ ତୁମେ ଦୁଇଜଣ ଡାକ୍ତରଙ୍କ ନିକଟକୁ ଗଲେ ଭଲ ହେବ ।
ହଁ, ଡାକ୍ତରୀ ଚିକିତ୍ସା ଦ୍ୱାରା ଅପସ୍ମାର ବାତ ନିୟନ୍ତ୍ରଣ କରିହେବ । ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ ବା ପରିବର୍ତ୍ତନ କରିବେ ନାହିଁ ।
DOCTOR

### 1. ମାନସିକ ବିକଳାଙ୍ଗତାର ଏପରି କିଛି ବିଶେଷ ଲକ୍ଷଣ ରହିଛି କି, ଯାହାଦ୍ୱାରା ପିଲାଟିଏ ମାନସିକ ଅନଗ୍ରସର ବୋଲି ଆମେ ଜାଣିପାରିବା ?

ସବୁ ମାନସିକ ଅନଗ୍ରସର ଶିଶୁ ଏକା ଭଳି ହୋଇନଥାନ୍ତି । ମାନସିକ ବିକଳାଙ୍ଗତାକୁ ଅନ୍ୟଜଣେ କିପରି ଭାବରେ ଦେଖିବ ତାହା ମାନସିକ ବିକଳାଙ୍ଗତାର ପ୍ରକୃତି, ଏହାର ଗଭୀରତା ତଥା ପିଲାଟିର ଏହି ସମସ୍ୟାକୁ ସାମନା କରିବାର କ୍ଷମତା ଉପରେ ନିର୍ଭର କରେ । ଯାହାହେଉ ନା କାହିଁକି, କେତେକ ଲକ୍ଷଣ ରହିଛି, ଯାହାଦ୍ୱାରା ସେମାନଙ୍କର ବିଳମ୍ବରେ ଘଟୁଥିବା ମାନସିକ ବିକାଶ ବିଷୟରେ ପ୍ରଥମରୁ ଜାଣିହୋଇଯିବ ।

- ଏହି ପିଲାମାନେ ସାଧାରଣ ଶିଶୁଙ୍କ ତୁଳନାରେ କାର୍ଯ୍ୟସବୁ ଶୀଘ୍ର ଶିଖି ପାରିନଥାନ୍ତି ।

- ପିଲାଟିର ବସିବା, ନିଜର ହାତଗୋଡ଼କୁ କାର୍ଯ୍ୟରେ ଲଗାଇବା କିମ୍ବା ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଯିବା ଆସିବା କରିବାରେ ଅସୁବିଧା ହୋଇଥାଏ ।

- ପିଲାମାନେ ଅନ୍ୟମାନଙ୍କର କଥାବାର୍ତ୍ତା ତଥା ସେମାନଙ୍କର ଚତୁଃପାର୍ଶ୍ୱରେ କଣ ସବୁ ଘଟୁଛି, ସେ ସମ୍ବନ୍ଧରେ ବୁଝିବାପାଇଁ ବହୁତ ସମୟ ନେଇଥାଆନ୍ତି ।

- ସାଧାରଣ ପିଲାମାନଙ୍କ ତୁଳନାରେ ମାନସିକ ବିକଳାଙ୍ଗ ପିଲାମାନେ ଦେଖୁଥିବା, ଶୁଣୁଥିବା, ଛୁଉଁଥିବା, ଶୁଙ୍ଘୁଥିବା, ଖାଉଥିବା ପଦାର୍ଥ ଗୁଡ଼ିକୁ ସ୍ପଷ୍ଟ ଭାବରେ ବୁଝିପାରନ୍ତି ନାହିଁ ।

- ସେମାନେ ନିଜର ଅନୁଭୂତି ଓ ଆବଶ୍ୟକତାଗୁଡ଼ିକୁ ଅନ୍ୟମାନେ ବୁଝିପାରିବା ଭଳି ପ୍ରକାଶ କରି ପାରନ୍ତି ନାହିଁ ।

- ସେମାନେ ସ୍ପଷ୍ଟ ଭାବରେ ଚିନ୍ତା କରିପାରନ୍ତି ନାହିଁ, ଯଥା : ମଣିଷ ଓ ବସ୍ତୁ ମଧ୍ୟରେ ପାର୍ଥକ୍ୟ, ଏଠାରେ ବା ସେଠାରେ, କମ୍ ବା ଅଧିକ ତଥା ବର୍ତ୍ତମାନ ବା ଭବିଷ୍ୟତ ମଧ୍ୟରେ ପାର୍ଥକ୍ୟ କଣ ବୁଝି ପାରନ୍ତି ନାହିଁ । ଏପରିକି ଏହି ପିଲାମାନେ କେଉଁଠାରେ, କେତେବେଳେ, କଣ, କେତେ ପରିମାଣରେ ଓ କାହିଁକି ପ୍ରଭୃତି ଶବ୍ଦର ଅର୍ଥ ଜାଣନ୍ତି ନାହିଁ ।

- ଏହି ପିଲାମାନଙ୍କୁ ଯାହାସବୁ କୁହାଯାଏ ବା ପୂର୍ବରୁ କୁହାଯାଇଛି ସେମାନେ ବହୁତ କମ୍ ସମୟ ପାଇଁ ମନେରଖନ୍ତି ବା ସଂପୂର୍ଣ୍ଣରୂପେ ଭୁଲି ଯାଆନ୍ତି ।

- ଏହି ପିଲାମାନେ କୌଣସି ବ୍ୟକ୍ତି ଉପରେ ବା କୌଣସି କାର୍ଯ୍ୟରେ ବହୁତ ସମୟ ପର୍ଯ୍ୟନ୍ତ ଲୟ ବା ଧ୍ୟାନ ଦେଇପାରନ୍ତି ନାହିଁ ।

- ଏହି ପିଲାମାନେ ନିଜ ମନର ଭାବନା ବା ଆବଗେକୁ ଠିକ୍ ଭାବରେ ଆୟତ୍ତ କରିପାରନ୍ତି ନାହିଁ ।

- ଏହି ପିଲାମାନଙ୍କୁ କୌଣସି ନିର୍ଣ୍ଣୟ ନେବାରେ ଅସୁବିଧା ହୋଇଥାଏ, ଯଥା ପିଲାଟିକୁ କଣ କରିବାକୁ ହେବ, କଣ କହିବାକୁ ହେବ, କଣ ପିନ୍ଧିବାକୁ ହେବ ସେ ଜାଣିପାରେ ନାହିଁ ।

### 2. *ପିଲାଟି ମାନସିକ ବିକଳାଙ୍ଗ ବୋଲି, ସଠିକ୍ ଭାବରେ କେତେବେଳେ କୁହାଯାଇପାରିବ ?*

ମାନସିକ ବିକଳାଙ୍ଗତାର ପ୍ରକୃତି ଓ ପାରମ୍ଭିକ ଚିହ୍ନଟ କରିବା କାର୍ଯ୍ୟ, ସମସ୍ୟାର ଗଭୀରତା ଉପରେ ନିର୍ଭର କରେ ।

- କିଛି ବଂଶଗତ ସମସ୍ୟା ଗୁଡ଼ିକୁ ପିଲାର ଜନ୍ମ ପୂର୍ବରୁ ଚିହ୍ନି ହେବ । ଚିହ୍ନଟ କରିବାର ଉପାୟ ମାନଙ୍କ ମଧ୍ୟରେ ଆମ୍ନିୟୋ ସେଣ୍ଟେସିସ୍ (Amniocentesis), ଫୋଟୋସ୍କୋପି (Fetoscopy), କୋରିଓନିକ୍ ଭାଇରସ ସାମ୍ପାଲିଂ (Chorionic villus sampling), ସୋନୋଗ୍ରାଫି (Sonography) ଏବଂ ବ୍ଲଡ୍ ସ୍କ୍ରିନିଂ ପରୀକ୍ଷା ଗୁଡିକ ଅନ୍ୟତମ ।

- ଅନ୍ୟ କିଛି ଲକ୍ଷଣ ଯଥା ଡାଉନ ସିନଡ୍ରୋମ୍ ଏବଂ କ୍ଷୁଦ୍ରମଥା ବା ଛୋଟ ମୁଣ୍ଡ ଥିବା ପିଲା ମାନଙ୍କୁ ଜନ୍ମ ସମୟରୁ ଜାଣିହୁଏ ।

- ପିଲାଟିର ଜନ୍ମ ପରେ ଯଦି ତାହାର କ୍ରମ ବୃଦ୍ଧି ହେବାରେ ବା ସମୟ ଅନୁସାରେ ଘଟୁଥିବା ମାନସିକ ଓ ଶାରିରୀକ ବିକାଶ ଗୁଡିକ ଠିକ ଭାବରେ ହୋଇନଥାଏ ଅଥବା ସ୍ନାୟୁଜନିତ କୌଣସି ଲକ୍ଷଣ ଦେଖାଯାଇଥାଏ, ତେବେ ବର୍ଷକ ମଧ୍ୟରେ ପିଲାଟି ମାନସିକ ବିକଳାଙ୍ଗ କି ନୁହେଁ, ଜାଣିହେବ ।

- ଯଦି ପିଲାଟିର ସମୟାନୁପାତରେ ମାନସିକ ବିକାଶ ଘଟିବାରେ କମ୍ ବିଳମ୍ବ ହୋଇଥାଏ ତେବେ ଏହି ରୋଗ ନିର୍ଦ୍ଧାରଣ କରିବା ନିମନ୍ତେ ବୁଦ୍ଧି ପରୀକ୍ଷା କରିବା ଅତ୍ୟନ୍ତ ଜରୁରୀ ଯାହାକି 3 ରୁ 5 ବର୍ଷ ମଧ୍ୟରେ ବିଶ୍ୱାସର ସହିତ କରାଯାଇପାରିଥାଏ ।

***3. ଆମ ଦେଶରେ କେତେ ପରିମାଣରେ ମାନସିକ ବିକଳାଙ୍ଗ ପିଲା ଦେଖାଯାଇଥାନ୍ତି ?***

ଆମର ଜନସଂଖ୍ୟାର ପ୍ରାୟ ଶତକଡ଼ା 2 ଭାଗ ଲୋକ ମାନସିକ ବିକଳାଙ୍ଗ ଅଟନ୍ତି । ବର୍ତ୍ତମାନ ଆମ ଦେଶରେ ପ୍ରାୟ 168 ଲକ୍ଷ ମାନସିକ ବିକଳାଙ୍ଗ ରହିଛନ୍ତି । ମାନସିକ ବିକଳାଙ୍ଗତା ପ୍ରତ୍ୟେକ ଜାତି, ବର୍ଣ୍ଣ ଓ ସଂପ୍ରଦାୟ ମଧ୍ୟରେ ଦେଖାଯାଇଥାଏ ।

***4. ସମସ୍ତ ମାନସିକ ବିକଳାଙ୍ଗ ପିଲାମାନଙ୍କର ସମସ୍ୟାଗୁଡ଼ିକ କଣ ଏକାପରି ହୋଇଥାଏ କି ?***

ସମସ୍ତ ମାନସିକ ବିକଳାଙ୍ଗ ପିଲା ସମାନ ନୁହଁନ୍ତି । ପ୍ରତ୍ୟେକ ପିଲାର ସମସ୍ୟା ନିଜର ଅବସ୍ଥା ଓ ସମସ୍ୟା ସହିତ ଖାପ ଖୁଆଇ ଚଳିବାର ଦକ୍ଷତାକୁ ନେଇ ହୋଇଥାଏ । ସେ ଯାହା ହେଉ, ମାନସିକ ବିକଳାଙ୍ଗ ପିଲାମାନଙ୍କର କେତେକ ସାଧାରଣ ସମସ୍ୟା ହେଲା :—

- ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଚାଳନ କରିବାରେ ।
- ନିଜର ଦୈନନ୍ଦିନ କାର୍ଯ୍ୟ ଯଥା :— ଝାଡ଼ା, ପରିସ୍ରା କରିବା, ସଫାହେବା, ଗାଧୋଇବା ଇତ୍ୟାଦି କାର୍ଯ୍ୟ କରିବାରେ ।
- ପଢ଼ିବା, ଲେଖିବା ଏବଂ ଗଣିତ ଜ୍ଞାନ ।
- ମନୋଗତ ବାକ୍ୟ ପ୍ରକାଶ କରିବା ବା ଭାବରେ ଆଦାନ ପ୍ରଦାନ କରିବାରେ ।
- ନିଜର ବ୍ୟବହାର ।
- ସାମାଜିକ ଚଳଣି ଇତ୍ୟାଦି ।

ଏହା ବ୍ୟତୀତ କେତେକ ମାନସିକ ବିକଳାଙ୍ଗ ପିଲାମାନଙ୍କର ମଧ୍ୟ ଅନେକ ସମ୍ବେଦନାତ୍ମକ ତ୍ରୁଟି ଯଥା :— ଦେଖିବା, ଶୁଣିବାରେ ଅସୁବିଧା ଏବଂ କେତେକ ଅପସ୍ମାର ବାତରେ ଆକ୍ରାନ୍ତ ହୋଇଥାନ୍ତି ।

**5. ମସ୍ତିଷ୍କର ବିକାଶ ସହିତ ମାନସିକ ବିକଳାଙ୍ଗତାର କୌଣସି ସଂପର୍କ ରହିଛି କି ?**

ଆମର ମସ୍ତିଷ୍କ ଶରୀରର ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥାଏ । ମସ୍ତିଷ୍କର ପ୍ରତ୍ୟେକ ଅଂଶ ମନୁଷ୍ୟର ବ୍ୟବହାରକୁ ନିୟନ୍ତ୍ରଣ କରିବା ସହିତ ତାର ପାରିପାର୍ଶ୍ୱିକ ଅବସ୍ଥାକୁ ବୁଝିବାରେ ସାହାଯ୍ୟ କରେ । ଆମର ମସ୍ତିଷ୍କ କେବଳ ହୃତପିଣ୍ଡ, ମୂତ୍ରାଶୟ ଇତ୍ୟାଦିର କାର୍ଯ୍ୟକୁ ନିୟନ୍ତ୍ରଣ କରେ ତାହାନୁହେଁ, ଏହା ଆମର ଚାଲିବା, ଦୌଡ଼ିବା ଏବଂ ଚିନ୍ତା କରିବା, ବିଚାର କରିବା, ମନେରଖିବା ଇତ୍ୟାଦି ଉନ୍ନତ ଧରଣର କ୍ରିୟା ଗୁଡ଼ିକୁ ନିୟନ୍ତ୍ରଣ କରିଥାଏ । ଯଦି ମସ୍ତିଷ୍କର କୌଣସି ଅଂଶରେ କିଛି ଅସୁବିଧା ଦେଖାଦିଏ ତାହା ହେଲେ ମନୁଷ୍ୟ ନିଜର ପରିବେଶ ସହିତ ଖାପଖୁଆଇ ଚଳିବାର ଦକ୍ଷତା କମିଯାଏ ଏବଂ ଏହାଦ୍ୱାରା ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇଥାଏ । ସେଗୁଡ଼ିକ ମଧ୍ୟରେ ମାନସିକ ବିକଳାଙ୍ଗତା ଅନ୍ୟତମ ।

**6. ମସ୍ତିଷ୍କରେ ଘଟୁଥିବା କ୍ଷତିସବୁ କୌଣସି ଔଷଧ ଦ୍ୱାରା ଭଲ କରିହେବ କି ?**

ମାନସିକ ବିକଳାଙ୍ଗତା ହେଉଛି ଏକ ଅପରିବର୍ତ୍ତନୀୟ ଅବସ୍ଥା । ମସ୍ତିଷ୍କରେ ଯେଉଁ କ୍ଷତି ଘଟିଥାଏ ତାହା ଚିରଦିନ ପାଇଁ ରହିଥାଏ । ବର୍ତ୍ତମାନ ଉପଲବ୍ଧ ହେଉଥିବା ଜ୍ଞାନ କୌଶଳଦ୍ୱାରା ମାନସିକ ବିକଳାଙ୍ଗ ପିଲାମାନଙ୍କର ଚିକିତ୍ସା, ଏବଂ ମସ୍ତିଷ୍କର ଘଟିଥିବା କ୍ଷତିକୁ ପୂରଣ କରିବା ନିମନ୍ତେ କୌଣସି ଔଷଧର ଆବିଷ୍କାର ହୋଇପାରିନାହିଁ ।

**7. ଯଦି ଜଣେ ନିଜର ରକ୍ତ ସଂପର୍କ ମଧ୍ୟରେ ବିବାହ କରେ ତେବେ ଜଣ ମାନସିକ ବିକଳାଙ୍ଗ ଶିଶୁକୁ ଜନ୍ମ ଦେବାରେ ଅଧିକ ବା କମ୍ ସମ୍ଭାବନା ଅଛି କି ?**

ଆମ ଦେଶରେ ଥିବା ବିଭିନ୍ନ ଚିକିତ୍ସାଳୟମାନଙ୍କରୁ ମିଳିଥିବା ଖବର ଅନୁଯାୟୀ ପ୍ରାୟ ଶତକଡ଼ା 60 ଭାଗ ପିଲା ବଂଶଗତ କାରଣରୁ ମାନସିକ ବିକଳାଙ୍ଗ ହୋଇଥାଆନ୍ତି । ନିଜର ରକ୍ତ ସଂପର୍କରେ ବିବାହ ଯଥା :–ମାମୁଁ– ଭାଣିଜୀ, ପୁତୁରା–ଖୁଡ଼ୀ ମଧ୍ୟରେ କିମ୍ବା କାକା, ମାମୁଁ କି ପିଉସା ପୁଅ ଭାଇ ଅଥବା ଦୂର ସଂପର୍କୀୟ ଭାଇକୁ ବିବାହ କଲେ ଅନେକ ବଂଶଗତ ବ୍ୟତିକ୍ରମ ସହିତ ମାନସିକ ବିକଳାଙ୍ଗ ଶିଶୁ ଜନ୍ମ ହେବାର ସମ୍ଭାବନା ଅଧିକ ଥାଏ । ଯଦି ପିତାମାତାଙ୍କର ଏକ ମାନସିକ ବିକଳାଙ୍ଗ ପିଲା ପୂର୍ବରୁ ଥାଏ, ତେବେ ଆଉ ଏକ ଶିଶୁକୁ ଜନ୍ମ ଦେବା ଆଗରୁ ସେମାନେ ବଂଶଗତ ଦୋଷ ସମ୍ବନ୍ଧରେ ପରାମର୍ଶ କରିବା ଉଚିତ୍ ।

***୫. ଗର୍ଭସଂଗ୍ରହ ସମୟରେ ମାତା କିମ୍ବା ପିତା ଅଥବା ଉଭୟଙ୍କର ବୟସ ସୀମା, ଏକ ସ୍ୱାଭାବିକ ବା ବିକଳାଙ୍ଗ ପିଲା ଜନ୍ମ ଦେବାର ନିର୍ଣ୍ଣାୟକ କି ?***

ଏକ ସାଧାରଣ ବା ସ୍ୱାଭାବିକ ଶିଶୁକୁ ଜନ୍ମ ଦେବାରେ ମାଆର ବୟସ ଅତ୍ୟନ୍ତ ଜରୁରୀ ହୋଇଥାଏ । ପଇଁତିରିଶ ବର୍ଷରୁ ଊର୍ଦ୍ଧ୍ୱ ମାଆମାନଙ୍କ ପକ୍ଷରେ–

- ଗୁଣ ସୂତ୍ରଗୁଡ଼ିକର ସଂଖ୍ୟାରେ ବ୍ୟତିକ୍ରମ ଦେଖାଯାଇଥାଏ ।
- ପିଲାଟି ସମୟ ପୂର୍ବରୁ (ନଅ ମାସ) ଜନ୍ମ ହେବାର ସମ୍ଭାବନା ଥାଏ ।
- ଗର୍ଭାବସ୍ଥାରେ ବିଭିନ୍ନ ଅସୁବିଧା ଦେଖାଦେଇଥାଏ ।
- ଜନ୍ମ ସମୟରେ ପିଲାଟିର ବିଭିନ୍ନ ସମସ୍ୟା ବା ରୋଗ ଦେଖାଦେଇଥାଏ ।

ପନ୍ଦର ବର୍ଷରୁ କମ୍ ବୟସର ମାଆମାନଙ୍କର ପ୍ରଜନନ ପ୍ରକିୟା ଓ ଶାରୀରିକ ବିକାଶ ସଂପୂର୍ଣ୍ଣ ଭାବେ ପରିପକ୍ୱ ହୋଇନଥିବାରୁ, ସେମାନଙ୍କଠାରୁ ବିକଳାଙ୍ଗ ଶିଶୁ ଜନ୍ମ ହେବାର ସମ୍ଭାବନା ଅଧିକ ଥାଏ । ଯେଉଁ ମାଆମାନେ 20 ବର୍ଷ ବୟସ ମଧ୍ୟରେ ତିନୋଟି ପିଲାଙ୍କୁ ଜନ୍ମ ଦେଇଥାଆନ୍ତି ବା 35 ବର୍ଷରୁ ଊର୍ଦ୍ଧ୍ୱ ବୟସରେ ଯେଉଁମାନେ ଗର୍ଭଧାରଣ କରିଥାଆନ୍ତି, ସେମାନଙ୍କ କ୍ଷେତ୍ରରେ ମାନସିକ ବିକଳାଙ୍ଗ ଶିଶୁ ଅଧିକ ପରିମାଣରେ ଜନ୍ମ ହେବାର ବିବରଣୀ ରହିଛି ।

ମାଆର ବୟସ ବୃଦ୍ଧି ସହିତ ବଂଶାନୁଗତ ସମସ୍ୟାଗୁଡ଼ିକ ମଧ୍ୟ ବୃଦ୍ଧି ପାଇଥାଏ । ଉଦାହରଣ ସ୍ୱରୂପ, କୋଡ଼ିଏ ବର୍ଷ ବୟସର ମାଆମାନଙ୍କଠାରୁ ପ୍ରତି 2000 ପିଲାରେ ଗୋଟିଏ ଡାଉନ୍ ସିଂଡ୍ରୋମ୍ ପିଲା ଜନ୍ମ ନେଉଥିବାବେଳେ ପଇଁଚାଳିସ ବର୍ଷରୁ ଊର୍ଦ୍ଧ୍ୱ ମାଆମାନଙ୍କର ପ୍ରତି ପଚାଶଜଣ ପିଲାରେ ସେହିଭଳି ଜଣେ ଶିଶୁ ଜନ୍ମ ନେଇଥାଏ ।

ପିତାଙ୍କର ବୟସ ଯଦି ପଚାଶ ବର୍ଷରୁ ଊର୍ଦ୍ଧ୍ୱ ହୋଇଥାଏ ତେବେ ପିଲାଟି ମାନସିକ ବିକଳାଙ୍ଗ ହେବାର ଅଧିକ ସମ୍ଭାବନା ଥାଏ ।

***9.   ପିଲାଟିଏ ଜନ୍ମ ହେବା ପୂର୍ବରୁ କେଉଁ ସବୁ କାରଣରୁ ମାନସିକ ବିକଳାଙ୍ଗତା ଦେଖାଯାଇଥାଏ ?***

ଏଥିରେ ମୁଖ୍ୟ କାରଣଗୁଡ଼ିକ ହେଲା :—

- ଗୁଣସୂତ୍ରରେ ବ୍ୟତିକ୍ରମ
- ବଂଶାନୁଗତିକ ତ୍ରୁଟି
- ଗର୍ଭାବସ୍ଥାରେ ପ୍ରଥମ ତିନିମାସ ମଧ୍ୟରେ ମାଆଙ୍କୁ ଯଦି କୌଣସି ସଂକ୍ରାମକ ରୋଗ (infection) ହୁଏ । ସାଧାରଣତଃ କେତେକ ସଂକ୍ରାମକ ରୋଗ ଯଥା :— ରୁବେଲା (rubella), ହାରପିସ୍ (herpes), ସିଫିଲିସ୍ (syphilis), CMV, ଟକ୍ସୋପ୍ଲାକ୍ମାସିସ୍, (toxoplasmosis) ଇତ୍ୟାଦି ଭ୍ରୂଣରେ ବିକଶିତ ହେଉଥିବା ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ ।
- ମାଆଙ୍କୁ ଯଦି ମଧୁମେହ, ଉଚ୍ଚରକ୍ତଚାପ, ଥାଇରଏଡ୍ ହର୍ମୋନ କମ୍ ବା ଅଧିକ ଜନିତ ରୋଗ ହୋଇଥାଏ ।
- ମା ଯଦି ପୁଷ୍ଟିକର ଖାଦ୍ୟ ଠିକ୍‌ଭାବେ ନଖାଏ ।
- ଗର୍ଭର ପ୍ରଥମାବସ୍ଥାରେ ଯଦି ଏକ୍ସ୍-ରେ କରାଯାଇଥାଏ ଏବଂ କ୍ଷତିକାରକ ଔଷଧ ବ୍ୟବହାର ହୋଇଥାଏ ।
- ମାଆର ରକ୍ତରେ ଯଦି କୌଣସି ତ୍ରୁଟି ରହିଥାଏ ।
- ମାଆ ଯଦି ମଦ, ନିଶା ଜାତୀୟ ଔଷଧ ଏବଂ ବିଡ଼ି, ସିଗାରେଟ୍ ପିଉଥାଏ ।

***10.   ଗର୍ଭାବସ୍ଥାରେ ଥିବା ଶିଶୁଟିର ଯଦି କୌଣସି ଅସୁବିଧା ହୋଇଥାଏ ତେବେ ତାହା ଜାଣିବାର ଉପାୟ ଅଛି କି ?***

ଆଜିକାଲି ବିଭିନ୍ନ ପଦ୍ଧତିଦ୍ୱାରା ଗର୍ଭବତୀ ମାଆମାନଙ୍କର ଶିଶୁଟି ଜନ୍ମ ହେବାପୂର୍ବରୁ ସ୍ୱାଭାବିକ ଅବସ୍ଥାରେ ଅଛିକି ନାହିଁ ଜାଣି ହେଉଛି । ସେଗୁଡ଼ିକ ହେଲା :—

| ନାମ | ବର୍ଣ୍ଣନା | ରୋଗ ନିର୍ଣ୍ଣୟ | ନିରାପତ୍ତା |
|---|---|---|---|
| 1. ଆମିନୋସିଣ୍ଟେସିସ୍ | ନ୍‌ଶା ଦେଇ ଆମିନୋଟିକ ଫ୍ଲୁଇଡ ବାହାର କରିବା ଏବଂ ବିଶ୍ଲେଷଣ କରିବା ପାଇଁ ଅଲଟ୍ରାସୋନୋଗ୍ରାଫି କରିବା<br>ପ୍ରକୃଷ୍ଟ ସମୟ - ଗର୍ଭ ଧାରଣ 12-16 ସପ୍ତାହ | * ଭ୍ରୁଣର ଲିଙ୍ଗ<br>* ଟ୍ରାଇଜୋମିକ ଶିଶୁ<br>* ମେଟାବୋଲିଜିମ୍‌ର ଜନ୍ମ ଗୋତ ଦୋଷ<br>* ଘ-ସମ୍ବନ୍ଧିୟ କ୍ରମହିନତା | ଗର୍ଭପାତର ବିପଦ ଶତକଡା 1-1.5 ଭାଗ<br>ଆମିନୋସିଣ୍ଟେସିସ୍‌ର ପୁନରାବୃତ୍ତି କଲେ ଶତକଡା 9 ଭାଗ ଗର୍ଭପାତର ବିପଦ |
| 2. ଅଲଟ୍ରାସୋନୋଗ୍ରାଫି | ଅଲଟ୍ରାସାଉଣ୍ଡ ତରଙ୍ଗଦ୍ୱାରା ବାହାରୁଥିବା ପ୍ରତିଧ୍ୱନି<br>ପ୍ରକୃଷ୍ଟ ସମୟ - ଗର୍ଭଧାରଣର 8-15 ସପ୍ତାହ | * ମସ୍ତକ ବିହିନ ଶିଶୁ<br>* ଛୋଟ ମୁଣ୍ଡ ବିଶିଷ୍ଟ ଶିଶୁ<br>* ଜନ୍ମଗତ ହୃଦ୍ ରୋଗ<br>* ଆନ୍ତଃ ଗାର୍ଭଶୟିକ ବୃଦ୍ଧିର ଅକ୍ଷମତା<br>* ସ୍ପାଇନା ବାଇଫିଡା | |
| 3. କୋରିଆନ୍ ଭିଲସ୍ ସାମ୍ପଲିଙ୍ଗ | ଅଳ୍ପପରିମାଣର କୋରିଆନିକ ତନ୍ତୁ ଏକ ପୋଲା ଯନ୍ତ୍ର ଦ୍ୱାରା ବାହାର କରାଯିବ ଏବଂ ତାର ବିଶ୍ଲେଷଣ କରାଯିବ ।<br>ପ୍ରକୃଷ୍ଟ ସମୟ-ଗର୍ଭଧାରଣର 8 ରୁ 10 ସପ୍ତାହ । | * ଟ୍ରାଇଜୋମିକ୍ ଶିଶୁ<br>* ଘ-ସମ୍ବନ୍ଧିୟ କ୍ରମହିନତା | ଅକାଳ ପ୍ରସବର ହାର 10/1000 |
| 4. ଫିଟୋସ୍କୋପି | ଆମ୍ନିଓଟିକ୍ କାଭିଟି ଭିତରକୁ ଫିଟୋସ୍କାପ ଭର୍ତ୍ତି କରିବା<br>ପ୍ରକୃଷ୍ଟ ସମୟ- ଗର୍ଭଧାରଣର 18-22 ସପ୍ତାହ । | * ଅଙ୍ଗ ପ୍ରତ୍ୟଙ୍ଗ, ମୁହଁ ଜନନାଙ୍ଗ ଏବଂ ମେରୁଦଣ୍ଡର ଗଠନରେ ତୃଟି | ଗର୍ଭପାତର ବିପଦ ଶତକଡା 5-10 ଭାଗ |
| 5. ଫିଟାଲ୍ ବ୍ଲଡ୍ ସାମ୍ପଲିଙ୍ଗ | ନାଭିରୁ ଭାହାରିଥିବା ନଳୀରୁ ରକ୍ତ ସଂଗ୍ରହ<br>ପ୍ରକୃଷ୍ଟ ସମୟ- 18 ସପ୍ତାହ | * ଥାଲାସେମିଆ<br>* ସିକଲ୍ ସେଲ୍ ରୋଗ | ଗର୍ଭପାତ ହୋଇଯିବାର ସମ୍ଭାବନା ଶତକଡା 10 ଭାଗ ପର୍ଯ୍ୟନ୍ତ |

***11. ଯଦି ଗର୍ଭାବସ୍ଥାରେ କୌଣସି ମାଆ ନୈରାଶ୍ୟ, ହତୋତ୍ସାହ ବା ଉଦାସ ଜନିତ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି, ତେବେ ଜନ୍ମ ହେବାକୁ ଥିବା ଶିଶୁଟି ମାନସିକ ବିକଳାଙ୍ଗ ହେବାର ସମ୍ଭାବନା ଅଧିକ ହୋଇଥାଏ କି ?***

ନୈରାଶାତ୍ମକ ଚିନ୍ତାଧାରା, ହତୋତ୍ସାହ ଓ ଉଦାସ ଜନିତ ରୋଗ, ଗର୍ଭରେ ଥିବା ଶିଶୁକୁ ମାନସିକ ବିକଳାଙ୍ଗ ହେବାରେ ପ୍ରତ୍ୟକ୍ଷ ଭାବେ ପ୍ରଭାବ ପକାଇନଥାଏ । କିନ୍ତୁ ପରୋକ୍ଷ ଭାବରେ ଏଗୁଡ଼ିକର ପ୍ରଭାବ ପିଲା ଉପରେ ପଡ଼ିଥାଏ । ଉଦାହରଣ ସ୍ୱରୂପ ଯଦି କୌଣସି ଗର୍ଭବତୀ ମାଆ ମନଦୁଃଖରେ ରହେ ତେବେ ସେ ଠିକ୍‌ଭାବେ ଖାଇବା ପିଇବା କରିପାରେ ନାହିଁ, ଯାହାଦ୍ୱାରା ଗର୍ଭରେ ଥିବା ଶିଶୁର ବିକାଶରେ ବାଧା ସୃଷ୍ଟି ହୋଇଥାଏ ।

***12. ଯଦି ଗର୍ଭଧାରଣ ଅବସ୍ଥାରେ କୌଣସି ଅସୁବିଧା ନଥାଏ, ତେବେ ବି ଜନ୍ମ ସମୟରେ ଶିଶୁଟି ମାନସିକ ବିକଳାଙ୍ଗ ହେବାର ସମ୍ଭାବନା ଅଛି କି ?***

ନିମ୍ନଲିଖିତ କାରଣଗୁଡ଼ିକରୁ ମଧ୍ୟ ମାନସିକ ବିକଳାଙ୍ଗତା ଦେଖାଦେଇପାରେ–

- ଠିକ୍ ସମୟ ପୂର୍ବରୁ ଜନ୍ମ ହେବା ।
- ଜନ୍ମ ସମୟରେ ପିଲାଟି ଯଦି ଅଣନିଃଶ୍ୱାସୀ ହୋଇପଡ଼େ (Hypoxia) ।
- ଜନ୍ମ ସମୟରେ ପିଲାଟିର ଓଜନ ଯଦି କମ୍ ହୋଇଥାଏ ।
- ଜନ୍ମ ହୋଇଥିବା ଶିଶୁର ମସ୍ତିଷ୍କରେ ଯଦି ଆଘାତ ହୋଇଥାଏ ।
- ପ୍ରସବ ବେଦନା ଯଦି ଅଧିକ ସମୟ ରହିଥାଏ ।
- ଶିଶୁର ବେକରେ ଯଦି ନାଡ଼ ଗୁଡ଼େଇ ହୋଇ ରହିଥାଏ ।
- ଗର୍ଭରେ ଥିବା ଶିଶୁର ଅବସ୍ଥିତି ଯଦି ଠିକ୍ ନଥାଏ ।
- ବିଭିନ୍ନ ପ୍ରକାର କାରଣରୁ ଜନ୍ମ ହୋଇଥିବା ଶିଶୁକୁ ଯଦି କାମଳରୋଗ ହୋଇଥାଏ ।

***13. କୌଣସି ଶିଶୁ ସୁସ୍ଥ ବା ସ୍ୱାଭାବିକ ଅବସ୍ଥାରେ ଜନ୍ମ ନେବାପରେ***

*ମାନସିକ ବିକଳାଙ୍ଗ ହୋଇପାରେ କି ?*

ପିଲାଟିର ଜନ୍ମଠାରୁ ଅଠର ବର୍ଷ ବୟସ ମଧ୍ୟରେ ଯଦି ତାହାର ମସ୍ତିଷ୍କରେ କୌଣସି ସମୟରେ କିଛି ଆଘାତ ବା କ୍ଷତି ଘଟିଥାଏ, ତେବେ ମାନସିକ ବିକଳାଙ୍ଗତାର ସମସ୍ତ ଲକ୍ଷଣ ଦେଖାଯାଇପାରେ । ନିମ୍ନଲିଖିତ କାରଣ ଯୋଗୁ ମସ୍ତିଷ୍କରେ କ୍ଷତି ହୋଇପାରିଥାଏ ।

- ଯଦି ଜନ୍ମଠାରୁ ଦୁଇବର୍ଷ ମଧ୍ୟରେ ଶିଶୁଟି ଜମା ପୁଷ୍ଟିକର ଖାଦ୍ୟ ଖାଇନଥାଏ ।
- ପିଲାକୁ ଯଦି ମସ୍ତିଷ୍କ ଜ୍ୱର ପ୍ରଭୃତି ସଂକ୍ରାମକ ରୋଗ ହୁଏ ।
- ଅପସ୍ମାର ବାତ ଯଦି ବାରମ୍ବାର ହୋଇଥାଏ ।
- ଦୁର୍ଘଟଣା ବା ପଡ଼ିଯିବା ଫଳରେ ମସ୍ତିଷ୍କରେ ଯଦି ଆଘାତ ଆସିଥାଏ ।
- ବୁଡ଼ିଯିବା ବା ଅନ୍ୟ କୌଣସି କାରଣରୁ ଯଦି ଶ୍ୱାସରୁଦ୍ଧ ହୋଇଯାଏ ।
- ଯଦି ଅଘଟଣା-ଜନିତ ବିଷପାନ ଘଟିଥାଏ ।

***14. ପିଲାକୁ ଟୀକା ଦେବାଦ୍ୱାରା ମାନସିକ ବିକଳାଙ୍ଗ ହେବାର ସମ୍ଭାବନା ରହିଛି କି ?***

ଏପରି ଘଟଣା ବହୁତ କମ୍ ଦେଖାଯାଇଥାଏ । ଟୀକାରେ ଥିବା ପର୍ଟୁସିସ୍ (pertussis) ନାମକ ପଦାର୍ଥ ଦ୍ୱାରା ମସ୍ତିଷ୍କ ଜ୍ୱର ହେବାର ସମ୍ଭାବନା ଥାଏ । ଏହାର ଅର୍ଥ ନୁହେଁ ଯେ, ପିତାମାତାମାନେ ପିଲାକୁ ଟୀକା ଦେବାରୁ ବଞ୍ଚିତ କରିବେ । କାରଣ ଏହା ବହୁ ଅସାଧ୍ୟ ରୋଗରୁ ରକ୍ଷା କରିଥାଏ ।

***15. ସାଧାରଣତଃ ମାନସିକ ବିକଳାଙ୍ଗ ପିଲାମାନଙ୍କର ବୁଦ୍ଧିର ପରିମାଣ କମ୍ ହୋଇଥାଏ, ତେବେ ମଣିଷର ବୁଦ୍ଧି ବଢ଼ାଇବା ପାଇଁ କୌଣସି ଔଷଧ ରହିଛି କି ?***

ମଣିଷର ବୁଦ୍ଧି ବଢ଼ାଇବାପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ଔଷଧ ବାହାରିଥିବାର ବିଜ୍ଞାନ ସମ୍ମତ ପ୍ରମାଣ ମିଳିନାହିଁ । ଯଦି ଏପରି ହୋଇଥାଆନ୍ତା, ତେବେ ପୃଥିବୀରେ ମାନସିକ ବିକଳାଙ୍ଗ ପିଲା ନଥାନ୍ତେ । ଔଷଧ ସେବନ ଦ୍ୱାରା ଯଦି ବୁଦ୍ଧି ବଢ଼ାଯାଇ ପାରୁଥାଆନ୍ତା,

ସୃଷ୍ଟିରେ ସମସ୍ତେ ଅତ୍ୟନ୍ତ ବୁଦ୍ଧିଆ ହୋଇଥାଆନ୍ତେ ।

**16. ଦୁଗ୍ଧ, ବାଦାମ, ଶୁଦ୍ଧ ଘିଅ, ଲହୁଣୀ ପ୍ରଭୃତି ଉତ୍ତମ ଆହାର ଶିଶୁର ବୁଦ୍ଧି ବା ମାନସିକ ଦକ୍ଷତା ବଢ଼ାଇପାରିବ କି ?**

ଶିଶୁକୁ ତାହାର ପ୍ରଥମ ଦୁଇବର୍ଷ ମଧ୍ୟରେ ଉତ୍ତମ ସନ୍ତୁଳିତ ପୁଷ୍ଟିସାର, ସ୍ନେହସାର, ଚର୍ବି ଜାତୀୟ, ଲବଣ ଜାତୀୟ ଖାଦ୍ୟ ଦେବାଦ୍ୱାରା ତାର ଶାରୀରିକ ଓ ମାନସିକ ବିକାଶରେ ସାହାଯ୍ୟ କରିଥାଏ । କିନ୍ତୁ ଦୁଗ୍ଧ, ବାଦାମ, ଶୁଦ୍ଧ ଘିଅ ବା ଲହୁଣୀ ଜାତୀୟ ଖାଦ୍ୟ ଅଧିକ ପରିମାଣରେ ଖୁଆଇଲେ ଶିଶୁ ପାଇଁ କ୍ଷତିକାରକ ହୋଇଥାଏ ।

**17. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସଂପୂର୍ଣ୍ଣଭାବେ ଆରୋଗ୍ୟ ହୋଇପାରିବେ କି?**

ମାନସିକ ବିକଳାଙ୍ଗତା ଏକ ଅବସ୍ଥାକୁ ବୁଝାଏ ଯାହା କି ଆରୋଗ୍ୟ ହୋଇପାରିବ ନାହିଁ । ଏହି ଅବସ୍ଥାକୁ ଚିରସ୍ଥାୟୀ ବୋଲି ଧରିନିଆଯାଇଅଛି, କାରଣ ଥରେ ଯଦି ମସ୍ତିଷ୍କର କୌଣସି କ୍ଷତି ଘଟିଥାଏ ତାହା ଅପରିବର୍ତ୍ତିତ ଅବସ୍ଥାରେ ରହିଥାଏ । ଯାହା ବି ହେଉ, ସେହିପରି ଅଳ୍ପ କେତୋଟି ଅବସ୍ଥାର ନିରାକରଣ କରିବା ସମ୍ଭବପର ହୋଇଥାଏ । ଫେନିଲ୍‌କେଟୋନ୍ୟୁରିଆ ଦ୍ୱାରା ଯଦି ମାନସିକ ବିକଳାଙ୍ଗତା ଦେଖାଦେଇଥାଏ ତେବେ ଫେନିଲଲାନାଇନ୍ ଯୁକ୍ତ ଖାଦ୍ୟର କମ୍ ବ୍ୟବହାର କରିବା ଆବଶ୍ୟକ । ଥାଇରଏଡ୍ ଗ୍ରନ୍ଥିର ଅଭାବ ହେତୁ ଦେଖାଦେଇଥିବା ମାନସିକ ବିକଳାଙ୍ଗତାକୁ ଡ଼ାକ୍ତରୀ ଚିକିତ୍ସା ଦ୍ୱାରା ନିରାକରଣ କରାଯାଇପାରିବ ଏବଂ ଯଦି ଏହା ମୁଣ୍ଡରେ ପାଣି ଜମିଯିବା ହେତୁ ହୋଇଥାଏ (ବଡ଼ ମୁଣ୍ଡ) ତେବେ ଅସ୍ତ୍ରୋପଚାର ସାହାଯ୍ୟରେ ମସ୍ତିଷ୍କ ଉପରେ ପଡୁଥିବା ଚାପକୁ କମ କରି ଦିଆଯାଇପାରିବ ।

**18. ଯଦି ମାନସିକ ବିକଳାଙ୍ଗତାକୁ ଆରୋଗ୍ୟ କରିହେବନାହିଁ, ତେବେ ଏହି ପିଲାମାନଙ୍କ ପାଇଁ କଣ କରାଯାଇପାରିବ ?**

ନିଜର ଅସାମର୍ଥ୍ୟତା ବା ଅକ୍ଷମତା ସତ୍ତ୍ୱେ କୌଣସି ପିଲାକୁ ଯଦି କିଛି ଶିକ୍ଷା କରିବାପାଇଁ ଯଥାଶୀଘ୍ର ସୁବିଧା ଓ ସୁଯୋଗ ଦିଆଯାଏ ତେବେ ସେ ତାର ଶକ୍ତି ଅନୁସାରେ ବହୁତ କିଛି ଶିଖିପାରିବ । ପିତାମାତା ଓ ପ୍ରଶିକ୍ଷକମାନଙ୍କ ମିଳିତ ଉଦ୍ୟମରେ କରାଯାଉଥିବା କାର୍ଯ୍ୟର ଲକ୍ଷ୍ୟ ହେଉଛି ମାନସିକ ବିକଳାଙ୍ଗ ପିଲାକୁ ସ୍ୱାବଲମ୍ବନଶୀଳ କରିବା । ତେଣୁ

ପିତାମାତାମାନେ ଏପରି ସେବାକୁ ଶୀଘ୍ର ଚାହିଁବା ଉଚିତ୍ ।

**19. ମାନସିକ ବିକଳାଙ୍ଗ ପିଲାମାନେ କେତେଦିନ ପର୍ଯ୍ୟନ୍ତ ବଂଚି ରହିଥାଆନ୍ତି ?**

ମାନସିକ ବିକଳାଙ୍ଗ ପିଲାମାନଙ୍କର ଜୀବନକାଳ, ବିକଳାଙ୍ଗତାର କାରଣ ଓ ପ୍ରକୃତି ଉପରେ ନିର୍ଭର କରିଥାଏ । କୌଣସି ପିଲାର ଯଦି ମାନସିକ ବିକଳାଙ୍ଗତା ସହିତ କିଛି ଅନ୍ୟ ସମସ୍ୟା ସମ୍ମିଳିତ ହୋଇ ରହିଥାଏ, ଯାହାକି ପିଲାର ଜୀବନ ପ୍ରତି ବିପଦ ସୃଷ୍ଟି କରେ, ସେଇ ପିଲାମାନେ ବେଶିଦିନ ବଂଚି ରହନ୍ତିନାହିଁ । ସେ ଯାହା ହେଉ, ଉନ୍ନତମାନର ଚିକିତ୍ସା ଓ ଯତ୍ନଦ୍ୱାରା ମାନସିକ ବିକଳାଙ୍ଗ ପିଲମାନଙ୍କର ଜୀବନକାଳ ସ୍ୱାଭାବିକ ପିଲାମାନଙ୍କ ପରି ବୃଦ୍ଧି କରାଯାଇପାରିଛି ।

**20. ମାନସିକ ବିକଳାଙ୍ଗମାନେ ପାଗଳ କି ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ପାଗଳ ନୁହଁନ୍ତି । ମାନସିକ ଅପାରଗତା, ବ୍ୟକ୍ତିର ଏକ ବିକଳାଙ୍ଗ ଅବସ୍ଥାକୁ ବୁଝାଇଥାଏ । କିନ୍ତୁ ପାଗଳାମୀ ବା ମାନସିକ ଅସୁସ୍ଥତା ଏକ ପ୍ରକାର ରୋଗକୁ ବୁଝାଇଥାଏ । ମାନସିକ ବିକଳାଙ୍ଗ ପିଲାମାନଙ୍କର ଶିକ୍ଷା ଓ ବିକାଶ ଧିର ବା ମନ୍ଥର ଗତିରେ ଚାଲିଥାଏ । ସେମାନଙ୍କର ମାନସିକ ବିକାଶ ବା ବୟସ ନିଜର ପ୍ରକୃତ ବୟସଠାରୁ କମ୍ ହୋଇଥାଏ । ଉଦାହରଣ ସ୍ୱରୂପ, ଗୋଟିଏ ସାତ ବର୍ଷ ବୟସର ମାନସିକ ବିକଳାଙ୍ଗ ପିଲା ତିନିବର୍ଷର ସାଧାରଣ ବା ସ୍ୱାଭାବିକ ପିଲାପରି କଥାବର୍ତ୍ତା, ଚାଲିଚଳଣି ଓ ବ୍ୟବହାର ଦେଖାଇଥାଏ । ଏହିପରି ଭାବରେ ତାର ମାନସିକ ବିକାଶ ଚାରିବର୍ଷ ପଛେଇ ଯାଇଥାଏ । ଅପରପକ୍ଷେ ମାନସିକ ରୋଗୀମାନଙ୍କର ମାନସିକ ବିକାଶରେ ବିଳମ୍ବ ହେବା ଦେଖାଯାଇ ନଥାଏ । ବରଂ ସେମାନଙ୍କର ବ୍ୟବହାରରେ ଅସୁବିଧା ଦେଖାଦେଇଥାଏ, ଯଥା :– ବହୁତ ଜିଦି କରିବା, ନିଜକୁ ଅନ୍ୟମାନଙ୍କଠାରୁ ଦୂରେଇ ରଖିବା, କୌଣସି ଜିନିଷ ବା ଶବ୍ଦ ନଥାଇ ମଧ୍ୟ କିଛି ଦେଖିବା ବା ଶୁଣିପାରିବା, ନିଦ କମ୍ ହେବା ଇତ୍ୟାଦି । କେତେକ କ୍ଷେତ୍ରରେ ମାନସିକ ବିକଳାଙ୍ଗ ପିଲାମାନଙ୍କର ମଧ୍ୟ ମାନସିକ ରୋଗ ଦେଖାଦେଇଥାଏ, ଯାହାକୁ କି ମାନସିକ ରୋଗ ବିଶେଷଜ୍ଞମାନଙ୍କ ଦ୍ୱାରା ଚିକିତ୍ସା କରାଇବା ଉଚିତ୍ ।

**21. ଗୋଟିଏ ବଧିର ପିଲା ଏବଂ ମାନସିକ ବିକଳାଙ୍ଗ ପିଲା ଉଭୟଙ୍କର**

***କଥା କହିବାରେ ଅସୁବିଧା ବା ବାଧା ସୃଷ୍ଟି ହୋଇଥାଏ । ତେବେ ଏହି ଦୁଇଟିଯାକ ଅବସ୍ଥା କଣ ସମାନ ?***

ଯଦିଓ ଉଭୟ ବଧିର ଓ ମାନସିକ ବିକଳାଙ୍ଗ ପିଲାମାନଙ୍କର କଥା କହିବାରେ ଅସୁବିଧା ରହିଥାଏ ତଥାପି ଦୁଇଟିଯାକ ଅବସ୍ଥା ସମାନ ନୁହେଁ । ଏକ ବଧିର ପିଲାର କେବଳ ଭାଷା ଓ ଭାବର ଆଦାନ ପ୍ରଦାନର ବିକାଶରେ ବିଳମ୍ବ ହୋଇଥାଏ କିନ୍ତୁ ମାନସିକ ବିକଳାଙ୍ଗ ପିଲାଙ୍କ କ୍ଷେତ୍ରରେ ଚାଲିବା, ବିଚାର କରିବା, ସାମାଜିକ ଚଳଣି ଓ ଭାଷା ଇତ୍ୟାଦିର ବିକାଶରେ ଡ଼େରି ହୋଇଥାଏ ।

***22. ଏକ ମାନସିକ ବିକଳାଙ୍ଗ ପିଲାର ଶାରୀରିକ ଅକ୍ଷମତା ସହିତ ଦେଖିବା ବା ଶୁଣିବାରେ ଅସୁବିଧା ହୋଇପାରେ କି ?***

ଗୋଟିଏ ମାନସିକ ବିକଳାଙ୍ଗ ପିଲାର ଶାରୀରିକ ଅକ୍ଷମତା ସହିତ ଦେଖିବା ଓ ଶୁଣିବାରେ ମଧ୍ୟ ଅସୁବିଧା ହୋଇପାରିଥାଏ । ମସ୍ତିଷ୍କର କ୍ଷତି ଯଦି ଅଧିକ ପରିମାଣରେ ହୋଇଥାଏ ତେବେ ମାନସିକ ବିକଳାଙ୍ଗତା ସହିତ ଅନେକ ପ୍ରକାରର ବିକୃତି ଦେଖାଦେବାର ସମ୍ଭାବନା ଅଧିକ ଥାଏ ।

***23. ସ୍ନାୟୁ ବିକଳାଙ୍ଗତା କଣ ?***

ସ୍ନାୟୁ ବିକଳାଙ୍ଗ କହିଲେ ପିଲାଟିର ଜନ୍ମ ହେବାର ତିନିବର୍ଷ ମଧ୍ୟରେ ମସ୍ତିଷ୍କରେ ସ୍ନାୟୁଜନିତ କ୍ଷତି ହେତୁ ଏକ ପ୍ରକାର ଅକ୍ଷମତା ବା ଅସାମର୍ଥତାକୁ ବୁଝାଇଥାଏ ଯାହାକି ମାଂସପେଶୀର ଅସମନ୍ୱୟତା ଓ ଦୁର୍ବଳତାରୁ ହୋଇଥାଏ । 'ସେରେବ୍ରାଲ୍' ଶବ୍ଦଟି ମସ୍ତିଷ୍କକୁ ବୁଝାଏ ଏବଂ 'ପାଲ୍‌ସି' ଏକ ଚଳତ୍ ଶକ୍ତିହୀନ ଅବସ୍ଥାକୁ ବୁଝାଇଥାଏ ଯାହାଦ୍ୱାରା ଚାଲିବା, ବସିବା, ଖାଇବା କି ଲେଖିବା ପ୍ରଭୃତିରେ ଅସୁବିଧା ହୋଇଥାଏ ।

ସ୍ଥୂଳ ଓ ସୂକ୍ଷ୍ମ ମାଂସପେଶୀର ଚାଳନାରେ ଦେଖାଦେଇଥିବା ବିଭିନ୍ନ ପ୍ରକାରର ବିକୃତି ସ୍ନାୟୁ ବିକଳାଙ୍ଗତାର ଅନ୍ତର୍ଭୁକ୍ତ । ସାଧାରଣ ଭାବରେ ଦେଖାଯାଉଥିବା ସ୍ନାୟୁ ବିକଳାଙ୍ଗତାଗୁଡ଼ିକ ହେଉଛି :—

- ସ୍ପାଷ୍ଟିକ୍ (ବହୁଳ ଭାବେ ଦେଖାଯାଏ, ସ୍ନାୟୁ ବିକଳାଙ୍ଗ ମଧ୍ୟରେ ଶତକଡ଼ା 50 ଭାଗ ଦେଖାଯାଏ) : ଏହାର ଲକ୍ଷଣ ହେଲା, ମାଂସପେଶୀର ସ୍ୱେଚ୍ଛାକୃତ




**ମାନସିକ ବିକଳାଙ୍ଗ ପିଲାମାନଙ୍କର ମଧ୍ୟ ଅନ୍ୟ ସମସ୍ୟା ରହିପାରେ ।**

ନିୟନ୍ତ୍ରଣରେ ହାନି ଘଟିବା । ସ୍ପାଷ୍ଟିସିଟି ମସ୍ତିଷ୍କର ସମ୍ମୁଖସ୍ଥ ବୃହତ୍ତର ଅଂଶରେ (cerebrum) କ୍ଷତି ବା ତ୍ରୁଟି ଯୋଗୁ ଦେଖାଦେଇଥାଏ ।

- କୋରିଓ ଆଥେଟଏଡ୍ :– ଏଥିରେ ଶରୀରର ମାଂସପେଶୀ ଗୁଡ଼ିକ ଆକସ୍ମିକ ଓ ଅନୈଚ୍ଛିକ ରୂପରେ ଚାଳିତ ହୋଇଥାନ୍ତି । ଏହି ପ୍ରକାରର ସ୍ନାୟୁ ବିକଳାଙ୍ଗତାରେ ମାଂସପେଶୀ ଚାଳନାକୁ ଏବଂ ଶରୀରର ଅଙ୍ଗଭଙ୍ଗୀକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇଥାଏ । ଏହା ମସ୍ତିଷ୍କର ବାସାଲ୍ ଗାଙ୍ଗ୍ଲିଆ ନଷ୍ଟ ହୋଇଯିବା ଯୋଗୁଁ ହୋଇଥାଏ ।

- ମିଶାମିଶି (mixed) : ଏହାର ନାମକରଣକୁ ଅନୁମାନ କରି ହେଉଛି ଯେ, ଏହି ପ୍ରକାର ସ୍ନାୟୁ ବିକଳାଙ୍ଗତା ଉଭୟ ସ୍ପାଷ୍ଟିକ୍ ଓ ଆଥେଟଏଡ୍‌କୁ ନେଇ ଗଠିତ । ଉଦାହରଣ ସ୍ୱରୂପ, ଏହି ମିଶାମିଶି ହୋଇ ରହିଥିବା ଏକ ସ୍ନାୟୁ ବିକଳାଙ୍ଗ ପିଲାର ହାତର ମାଂସପେଶୀ ଟାଣ ବା ଶକ୍ତ ଥିବାବେଳେ ଗୋଡ଼ଗୁଡ଼ିକର ମାଂସପେଶୀ ସଂକୁଚିତ ଅବସ୍ଥାରେ ଥାଏ କିମ୍ବା ସେହି ପିଲାର ମାଂସପେଶୀଗୁଡ଼ିକ କେତେବେଳେ ଶକ୍ତ ହୋଇରହିଥାଏ ତ କେତେବେଳେ ସଂକୁଚିତ ହୋଇରହେ ।

***24. କୌଣସି ସ୍ନାୟୁ ବିକଳାଙ୍ଗ ଶିଶୁର ମାନସିକ ଅପାରଗତା ବା ଅନଗ୍ରସରତା ଥାଇପାରେ କି ?***

ମସ୍ତିଷ୍କରେ ଆଘାତ ବା କ୍ଷତି ହେତୁ ସ୍ନାୟୁ ବିକଳାଙ୍ଗ ହେଲେ ତା ସହିତ ଅନେକ ପ୍ରକାରର ସମସ୍ୟା ସୃଷ୍ଟି ହୋଇଥାଏ ଯଥା :– ମାନସିକ ବିକଳାଙ୍ଗତା, ଅପସ୍ମାର ବାତ, ଦୃଷ୍ଟି ଶକ୍ତି ଓ ଶ୍ରବଣ ଶକ୍ତିହୀନତା ଇତ୍ୟାଦି । ମସ୍ତିଷ୍କରେ କ୍ଷତିର ପରିମାଣ ଯେତେ ଅଧିକ ହୁଏ, ପିଲାଟି ମାନସିକ ବିକଳାଙ୍ଗ ହେବାର ସମ୍ଭାବନା ସେତେ ଅଧିକ ହୋଇଥାଏ । ସେ ଯାହା ବି ହେଉ, ଏହା ଜାଣିରଖିବା ନିତାନ୍ତ ଆବଶ୍ୟକ କି ସମସ୍ତ ସ୍ନାୟୁ ବିକଳାଙ୍ଗ ପିଲା ମାନସିକ ବିକଳାଙ୍ଗ ନୁହଁନ୍ତି । ଏପରିକି ବହୁ ସ୍ନାୟୁ ବିକଳାଙ୍ଗ ପିଲା ଅଛନ୍ତି, ଯେଉଁମାନଙ୍କର ବୁଦ୍ଧି ସ୍ୱାଭାବିକ ବା ସାଧାରଣ ପିଲାଙ୍କ ପରି ହୋଇଥାଏ । କେବଳ ମସ୍ତିଷ୍କରେ ଅଧିକ କ୍ଷତି ହୋଇଥିଲେ ମାନସିକ ବିକଳାଙ୍ଗତା ଦେଖାଯାଇଥାଏ ।

***25. ସ୍ନାୟୁ ବିକଳାଙ୍ଗତା ଥିବା ମାନସିକ ଅନଗ୍ରସର ପିଲା କୌଣସି ସ୍ୱତନ୍ତ୍ର***

ତାଲିମ୍ ଦରକାର କରେ କି ?

ଯେଉଁ ପିଲାର ମାନସିକ ବିକଳାଙ୍ଗତା ସହିତ ସ୍ନାୟୁ ବିକଳାଙ୍ଗତା ସମ୍ମିଳିତ ହୋଇ ରହିଥାଏ ତାର ବହୁ ସଂଖ୍ୟକ ସମସ୍ୟା ଦେଖାଦେଇଥାଏ । ଏହି ପିଲାମାନେ ଅନ୍ୟ ମାନସିକ ବିକଳାଙ୍ଗ ପିଲାଙ୍କ ପରି ନିଜର ଦୈନନ୍ଦିନ କାର୍ଯ୍ୟ, ଭାଷା ଓ ଭାବର ଆଦାନପ୍ରଦାନ, ସାମାଜିକ ଚଳଣି, କାର୍ଯ୍ୟ ସମ୍ବନ୍ଧୀୟ ଶିକ୍ଷା ଓ ବିଚାର କରିବା ଶକ୍ତି ଆଦି ଉପରେ ସ୍ୱତନ୍ତ୍ର ତାଲିମ୍ ଦରକାର କରିଥାଆନ୍ତି । ତା ସହିତ ସ୍ୱେଚ୍ଛାକୃତ ଅଂଗ ଚାଳନା ଓ ଅଙ୍ଗଭଙ୍ଗୀର ବିକାଶ ପାଇଁ ଫିଜିଓ ଥେରାପିଷ୍ଟ, ଅକୁପେସନ ଥେରାପିଷ୍ଟ ବା ପ୍ରଶିକ୍ଷକମାନଙ୍କ ସେବା ଦରକାର ପଡ଼ିଥାଏ ।

## 26. ଡାଉନ୍ ସିଣ୍ଡ୍ରୋମ୍ (Down syndrome) କଣ ?

ଆମ ଶରୀରରେ ଥିବା ଗୁଣସୂତ୍ରର ସଂଖ୍ୟାରେ ବ୍ୟତିକ୍ରମ ଯୋଗୁଁ ବା ଏକୋଇଶତମ ଯୋଡ଼ାରେ ଗୋଟିଏ ଅଧିକ ଗୁଣସୂତ୍ର ଥିବାରୁ ଡାଉନ୍ ସିଣ୍ଡ୍ରୋମ୍ ଦେଖାଦେଇଥାଏ । ଆମର ଜନସଂଖ୍ୟାର ପ୍ରତ୍ୟେକ ୫00 ଜଣରେ ଜଣେ ଏହିପରି ପିଲା ଜୀବିତଭାବେ ଜନ୍ମ ହୁଅନ୍ତି । କିନ୍ତୁ ମାଆର ବୟସ ଯେତେ ଅଧିକା ହେବ ଏମାନଙ୍କର ଜନ୍ମ ନେବା ସଂଖ୍ୟା ବି ବଢ଼ିବ । (45 ବର୍ଷରୁ ଉର୍ଦ୍ଧ୍ୱ ବୟସରେ ମାଆ ହେଲେ ପ୍ରତି 50 ଜଣରେ ଜଣେ ଏହିପରି ପିଲା ଜନ୍ମ ନେବାର ସମ୍ଭାବନା ଥାଏ ) । ସାଧାରଣତଃ ଏହି ପିଲାମାନଙ୍କର ତେରଛା ଆଖି, ଚେପଟାନାକ ଏବଂ ଜିଭ ମୋଟା ଓ ଲମ୍ବା ହୋଇଥାଏ । ସାଧାରଣତଃ ଜନ୍ମ ବେଳରୁ ଏହି ପିଲାମାନଙ୍କର ହୃତପିଣ୍ଡ ଓ ପାକସ୍ଥଳୀ ଏବଂ ଆନ୍ତ୍ରିକ ତ୍ରୁଟି ସବୁ ଦେଖାଦେଇଥାଏ । ଡାଉନ୍ ସିଣ୍ଡ୍ରୋମ୍‌ରେ ପ୍ରାୟ ଅଧିକାଂଶ ପିଲା ଅଳ୍ପରୁ ମଧ୍ୟମ ଧରଣର ମାନସିକ ବିକଳାଙ୍ଗ ପିଲା ହୋଇଥାଆନ୍ତି ।

## 27. ଅଟିଜିମ୍ (autism) କଣ ?

ଅଟିଜିମ୍ ଏକ ପ୍ରକାରର ଅକ୍ଷମତା ଯାହାକି ବହୁତ କମ୍ ସଂଖ୍ୟାରେ ଦେଖା ଦେଇଥାଏ, ଅର୍ଥାତ୍ ପ୍ରାୟ ଦଶ ହଜାର ପିଲାରେ ଚାରିଜଣ ଏହିପରି ପିଲା ଥାଆନ୍ତି । ଅଟିଜିମ୍ ଥିବା ପିଲାର ବିଚାର କରିବା ଶକ୍ତି, ଭାଷା ବା ଭାବନାର ପରିପ୍ରକାଶ, ବ୍ୟବହାର ଏସବୁଥିରେ ଅସୁବିଧା ହୋଇଥାଏ । ଏହି ପ୍ରକାରର ଅକ୍ଷମତା ଝିଅମାନଙ୍କ ଅପେକ୍ଷା ପୁଅ ପିଲାଙ୍କ ଠାରେ ଦୁଇରୁ ଚାରି ଗୁଣ ଅଧିକମାତ୍ରାରେ ଦେଖାଦେଇଥାଏ । ସାଧାରଣତଃ ଅଟିଷ୍ଟିକ୍ ପିଲାମାନଙ୍କ

ପାଖରେ ନିମ୍ନଲିଖିତ ଲକ୍ଷଣ ଗୁଡ଼ିକ ଦେଖାଦେଇଥାଏ ଯଥା :–

- ଭାଷାର ସମସ୍ୟା :– କଥା କହିବାରେ ବିଳମ୍ବ ହୋଇଥାଏ ଏବଂ କୌଣସି ବିଷୟରେ କଥା କହିବା ଆରମ୍ଭ କରି ଅନ୍ୟକଥା କହିଥାଆନ୍ତି ।
- ବିଚିତ୍ର ବ୍ୟବହାର ସବୁ ଦେଖାଇବା ଯେପରି କି ହାତଯୋଡ଼ି ନମସ୍କାର କରିବା ବା କୌଣସି କାର୍ଯ୍ୟକୁ ବାରମ୍ବାର କରିବା ।
- ସାମାଜିକ ବାଛନ୍ଦ :– କେହି ଆସିଲେ ବା ଖୁସିରେ ଆଲିଙ୍ଗନ କଲେ ସେମାନଙ୍କୁ ଭଲ ଲାଗେନାହିଁ ଏବଂ ଅନ୍ୟମାନଙ୍କର ସଂବେଦନାରେ ସେମାନେ କିଛି ଉତ୍ତର ଦିଅନ୍ତିନାହିଁ କି ପସନ୍ଦ କରନ୍ତି ନାହିଁ ।

ସେମାନଙ୍କ ମଧ୍ୟରେ କେତେକଙ୍କର ଏକ ଭିନ୍ନ ପ୍ରକାରର ଦକ୍ଷତା ରହିଥାଏ, ଉଦାହରଣ ସ୍ୱରୂପ, ସେମାନେ କୌଣସି ପ୍ରହେଳିକାକୁ ସହଜରେ ସମାଧାନ କରିପାରନ୍ତି, ପକେଟ୍ କାଲ୍‌କୁଲେଟର ପରି ଶୀଘ୍ର ଗୁଣନ କରି ପାରନ୍ତି ଏବଂ କିଛି ନ ବୁଝିଲେ ମଧ୍ୟ ଖବର କାଗଜକୁ ପଢ଼ିବାର ଛଳନା କରିପାରନ୍ତି ।

***28. ମାନସିକ ବିକଳାଙ୍ଗ ପିଲାମାନଙ୍କର ଅଟିଷ୍ଟିକ ଲକ୍ଷଣସବୁ ରହିଥାଏ କି ?***

ଅଟିଷ୍ଟିକ୍‌ର ଲକ୍ଷଣ ଗୁଡ଼ିକ ଯଥା : ସାମାଜିକ ଚଳଣିରେ ନିଜକୁ ପୃଥକ୍ କରି ରଖିବା, ଏକା ପ୍ରକାରର ବ୍ୟବହାର ଦେଖାଇବା, ବିଳମ୍ବରେ କଥା କହିବା ଏବଂ କୌଣସି ବିଷୟରେ କଥାବର୍ତ୍ତା ଆରମ୍ଭ କରି ଅନ୍ୟ ବିଷୟରେ କହିବା, କେତେକ ମାନସିକ ବିକଳାଙ୍ଗ ପିଲାଙ୍କଠାରେ ପରିଲକ୍ଷିତ ହୋଇଥାଏ । ପିଲାର ବ୍ୟବହାରରେ ନିଜକୁ ଅନ୍ୟମାନଙ୍କଠାରୁ ପୂରାପୂରି ଦୂରେଇ ରଖିବାଠାରୁ ଆରମ୍ଭ କରି ଅଳ୍ପ ଦୂରେଇ ରଖିବାର ଭିନ୍ନତା ଦେଖାଯାଇଥାଏ । ଅତ୍ୟଧିକ ଅବସ୍ଥାରେ ଏହାକୁ "ସାମାଜିକ ଅନୁପଯୁକ୍ତ ଲକ୍ଷଣ" ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଏ ।

***29. ଅପସ୍ମାର ବାତ କଣ ?***

ଅପସ୍ମାର ବାତ କୌଣସି ଏକ ରୋଗ ନୁହେଁ । ମସ୍ତିଷ୍କରେ ଅସାଧାରଣ ରୂପରେ ବୈଦ୍ୟୁତିକ ନିଃସରଣ ହେତୁ ଅପସ୍ମାର ବାତ ହୋଇଥାଏ । ଅପସ୍ମାର ବାତ ଏକ ଅବସ୍ଥା ଅଟେ, ଯେଉଁଥିରେ 2 ଟୁ 3 ମିନିଟ୍ ପର୍ଯ୍ୟନ୍ତ ଝଟ୍‌କା ଲାଗିଲାଭଳି ହୋଇଥାଏ । ଏହି ସମୟରେ ବ୍ୟକ୍ତି ଜଣକ 20 ରୁ 30 ମିନିଟ୍ ପର୍ଯ୍ୟନ୍ତ ବେହୋସ୍ ହୋଇଯାଇ ପାରିଥାନ୍ତି । ଏହି ପ୍ରକାରର ଅପସ୍ମାରକୁ ଗ୍ରାଣ୍ଡମାଲ୍ ବୋଲି କୁହାଯାଏ । ଅପସ୍ମାର ବାତ ହେବା ପରେ ପରେ ବାତ

ସମୟରେ ହୋଇଥିବା ଘଟଣାକୁ ବ୍ୟକ୍ତି ଜଣକ ମନେପକାଇ ପାରନ୍ତି ନାହିଁ । ଯଦି ଏହା ଚାଲୁଥିବା, ଗାଡ଼ି ଚଳାଇବା କିମ୍ବା ରାନ୍ଧୁଥିବା ସମୟରେ ହୋଇଥାଏ ତେବେ ପଡ଼ିଯିବା ପରଠୁ ବାତ ମାରିବା ଆରମ୍ଭ ହୋଇଥାଏ । ଏଭଳି ପଡ଼ିଯିବା ଦ୍ୱାରା ବ୍ୟକ୍ତି ଜଣଙ୍କର ଆଘାତର ପରିମାଣ, ପଡ଼ିଥିବା ସ୍ଥାନ ବା କରୁଥିବା କାମ ଉପରେ ନିର୍ଭର କରେ ।

ଅନ୍ୟ ଏକ ପ୍ରକାରର ବାତକୁ ପେଟିଟ୍‌ମାଲ୍ କୁହାଯାଏ, ଯାହାର ଲକ୍ଷଣ ହେଉଛି ଯେ, କିଛି ସେକେଣ୍ଡ ବା ଅତି ବେଶିରେ 20 ସେକେଣ୍ଡ ପର୍ଯ୍ୟନ୍ତ ବେହୋସ୍ ହୋଇଯିବା, ପେଟିଟମାଲ୍ ବାତ ମାରିବା ପରେ ବ୍ୟକ୍ତି ଜଣକ ସାଧାରଣ ଭାବରେ କାର୍ଯ୍ୟ କରିଥାନ୍ତି ।

### *30. ସମସ୍ତ ମାନସିକ ବିକଳାଙ୍ଗ ପିଲାକୁ ଅପସ୍ମାର ବାତ ହୋଇଥାଏ କି ?*

ଶତକଡ଼ା ଦଶ ଭାଗ ମାନସିକ ବିକଳାଙ୍ଗ ପିଲାଙ୍କଠାରେ ଅପସ୍ମାର ବାତ ଦେଖାଦେଇଥାଏ । ବିକଳାଙ୍ଗତାର ମାତ୍ରା ଯେତେ ଅଧିକ ହୋଇଥାଏ, ଅପସ୍ମାର ହେବାର ସମ୍ଭାବନା ସେତେ ଅଧିକ ଥାଏ, ଏହି ବାତ ଜନ୍ମ ସମୟରେ କିମ୍ବା ପରେ ଆରମ୍ଭ ହୋଇପାରେ । ଯଦି ଏହାକୁ ଠିକ୍ ନଜର ନଦିଆଯାଏ ତେବେ ଏହା ମାନସିକ ବିକଳାଙ୍ଗତା ଥିବା ବ୍ୟକ୍ତିର ନିମ୍ନଲିଖିତ କ୍ଷତି କରିଥାଏ ।

- ବାରମ୍ବାର ବାତ ମାରିବାଦ୍ୱାରା ମସ୍ତିଷ୍କରେ ଅଧିକ କ୍ଷତି ହୋଇପାରେ ଯାହାକି ଅକ୍ଷମତାର ପରିମାଣକୁ ବଢ଼ାଇଥାଏ ।
- ଏହାଦ୍ୱାରା ପିଲାର ସ୍ମରଣଶକ୍ତି ହ୍ରାସ ପାଏ ଯାହାକି କୌଣସି କଥା ଶିଖିବାରେ ବାଧା ସୃଷ୍ଟି କରେ ।

### *31. ଅପସ୍ମାର ବାତକୁ ନିୟନ୍ତ୍ରଣ କରିହେବ କି ?*

ଅପସ୍ମାର ବାତର ନିୟନ୍ତ୍ରଣ ପାଇଁ ଡାକ୍ତରୀ ଚିକିତ୍ସା କରିବା ନିହାତି ଦରକାର । ଏହା ବ୍ୟତୀତ ଅନ୍ୟ ଚିକିତ୍ସା ଗୁଡ଼ିକ ହେଲା କେଟୋଜେନିକ୍ ନାମକ ଏକ ସ୍ୱତନ୍ତ୍ର ଆହାର ଦେବା ଓ ଅସ୍ତ୍ରୋପଚାର କରିବା ।

ନିମ୍ନଲିଖିତ ଔଷଧଗୁଡ଼ିକୁ ଏହାର ଚିକିତ୍ସା ପାଇଁ ସାଧାରଣତଃ ବ୍ୟବହାର କରାଯାଇଥାଏ :—

- ଫେନିଟଏନ୍ ସୋଡ଼ିୟମ / ଏପଟୋଇନ୍
- ଫେନୋବାର୍ବିଟାଲ
- ପ୍ରିମିଡାଇନ୍
- କାର୍ବାମେଜାପାଇନ୍ (ଟେଗ୍ରେଟୋଲ୍)
- ସୋଡ଼ିୟମ ଭାଲ୍‌ପୋରେଟ୍ (ଭାଲ୍‌ପାରିନ୍)

- କ୍ଲୋନାଜେପାମ୍

ଅପସ୍ମାର ବାତର ନିୟନ୍ତ୍ରଣ ପାଇଁ ପିତାମାତାମାନେ ଡାକ୍ତରଙ୍କର ପରାମର୍ଶ କରିବା ଉଚିତ୍ । ଡାକ୍ତର ମାନଙ୍କର କହିବା ଅନୁସାରେ ନିୟମିତ ଭାବେ ଠିକ୍ ପରିମାଣର ଔଷଧ ଖାଇବା ଦରକାର । ଏହିପରି ଚିକିତ୍ସା ସାଧାରଣତଃ ବେଶିଦିନ ପର୍ଯ୍ୟନ୍ତ କରାଯାଇଥାଏ । ଏପରିକି ବାତ ମାରିବା ବନ୍ଦ ହେବାର 3-4 ବର୍ଷ ପର୍ଯ୍ୟନ୍ତ ଏହି ଚିକିତ୍ସା ଚାଲୁ ରହିଥାଏ ।

***32. ପିଲାଟି ବହୁଦିନ ଧରି ଅପସ୍ମାର ବାତ ପାଇଁ ଔଷଧ ଖାଉଥିଲେ ମଧ୍ୟ ବାରମ୍ବାର ବାତ ମାରିଥାଏ କାହିଁକି ?***

ଔଷଧ ବ୍ୟବହାର କରିବା ସତ୍ତ୍ୱେ ନିମ୍ନଲିଖିତ କାରଣରୁ ଅପସ୍ମାର ବାତ କମିନଥାଏ ।

- ଅତ୍ୟଧିକ ପରିମାଣର ମାନସିକ ବିକଳାଙ୍ଗତାରେ ମସ୍ତିଷ୍କରେ ଅଧିକ କ୍ଷତି ଘଟିଥାଏ, ଯେଉଁଥିରେ ଔଷଧ ଦ୍ୱାରା ବାତକୁ ନିୟନ୍ତ୍ରଣ କରିହୁଏ ନାହିଁ ।
- ଯଦି ଔଷଧ ଖାଇବାର ମାତ୍ରା ବା ପରିମାଣ କମ୍ ହୋଇଥାଏ ।
- ଯଦି ନିୟମିତଭାବେ ଔଷଧ ଖିଆନଯାଏ ।
- ଡାକ୍ତରଙ୍କ ବିନା ପରାମର୍ଶରେ ଯଦି ଔଷଧ ଖାଇବା ହଠାତ୍ ବନ୍ଦ କରିଦିଆଯାଏ ।
- ଦୈହିକ କ୍ରିୟାର କୌଣସି ତ୍ରୁଟି ଯଦି ଔଷଧ ନିୟନ୍ତ୍ରଣ କରାନଯାଏ ।

***33. ବାତପାଇଁ ବହୁତ ଦିନ ଧରି ଔଷଧ ଖୁଆଇବା ଦ୍ୱାରା ପିଲାର କିଛି କ୍ଷତି ହୋଇଥାଏ କି ?***

ଅପସ୍ମାର ବାତର ନିୟନ୍ତ୍ରଣ ପାଇଁ ବହୁତ ଦିନ ଧରି ଔଷଧ ସେବନ କରିବା ଦ୍ୱାରା କେତେକ ମାନସିକ ବିକଳାଙ୍ଗ ପିଲାଙ୍କଠାରେ ଏହାର କୁପ୍ରଭାବ ଦେଖାଦେଇଥାଏ । ସାଧାରଣତଃ ବ୍ୟବହାର କରାଯାଉଥିବା କେତେକ ଔଷଧର କୁପ୍ରଭାବଗୁଡ଼ିକ ହେଲା :— ଅଳସୁଆମୀ, ଚଞ୍ଚଳମନା (hyperactivity), ଅଗିଆ ବାତ ବା ଦେହହାତ କୁଣ୍ଡାଇ ହେବା, ଯକୃତ ଖରାପ ହେବା ଇତ୍ୟାଦି । ସେ ଯାହା ବି ହେଉ, ଔଷଧର କିଛିଟା ପ୍ରଭାବ ଥିଲେ ମଧ୍ୟ ରୋଗକୁ ନିୟନ୍ତ୍ରଣ କରିବା ଓ ସ୍ୱାଭାବିକ ଭାବେ କାର୍ଯ୍ୟ କରିବା ପାଇଁ ଏହି ଔଷଧର ବ୍ୟବହାର କରିବା ନିତାନ୍ତ ଆବଶ୍ୟକ ।

2

# ପରିବାର ଉପରେ ପ୍ରଭାବ

ଗୋଟିଏ ମାନସିକ ବିକଳାଙ୍ଗ ପିଲା ଥିବା ହେତୁ ପରିବାର ମଧ୍ୟରେ ବହୁତ ବଡ଼ ଚିନ୍ତାର କାରଣ ହୋଇଥାଏ ଏବଂ ପିତାମାତା ଏବଂ ପରିବାରର ଅନ୍ୟ ସଭ୍ୟମାନଙ୍କୁ ଜୀବନ ସାରା ଖାପ ଖୁଆଇ ଚଳିବାକୁ ଆହ୍ୱାନ ଦେଇଥାଏ । ବେଳେବେଳେ ପିତାମାତାମାନେ ମାନସିକ ବିକଳାଙ୍ଗ ପିଲାର ଆବଶ୍ୟକତା ଏବଂ ପରିବାର ଚଳାଇବାର ସମସ୍ତ ଆବଶ୍ୟକତାଗୁଡ଼ିକୁ ସାମନା କରିବାରେ ଅସୁବିଧା ଅନୁଭବ କରିଥାନ୍ତି । ସଂପୂର୍ଣ୍ଣ ପରିବାର ଯଥା :— ପିତାମାତା, ଭାଇ ଓ ଭଉଣୀ ଏବଂ ବର୍ଦ୍ଧିତ ପରିବାରର ସଦସ୍ୟ ଯଥା ବୁଢ଼ାବାପା, ବୁଢ଼ୀମାଆମାନେ ପରିବାର ମଧ୍ୟରେ ମାନସିକ ବିକଳାଙ୍ଗ ପିଲାଟିଏ ଥିବା ହେତୁ କେତେକ ପ୍ରକାରରେ ପ୍ରଭାବିତ ହୋଇଥାନ୍ତି । ସାଧାରଣତଃ ପରିବାରଗୁଡ଼ିକ କିପରି ଭାବରେ ପ୍ରଭାବିତ ହୋଇଥାନ୍ତି, ଏପରି ପରିସ୍ଥିତିରେ ପିତାମାତା ମାନଙ୍କୁ ଖାପ ଖୁଆଇ ଚଳିବାରେ ଯାହାସବୁ ସାହାଯ୍ୟକାରୀ ହୋଇଥାଏ ବା ହୋଇନଥାଏ ଏବଂ ଆବଶ୍ୟକତା ସମୟରେ କେଉଁ ପେଶାଦାର ବ୍ୟକ୍ତିମାନଙ୍କୁ ପରାମର୍ଶ କରିବା ଉଚିତ୍ ତାହା ସବୁ, ଏହି ବିଭାଗର ଅନ୍ତର୍ଭୁକ୍ତ ହୋଇଅଛି । ପିତାମାତାଙ୍କ ଦ୍ୱାରା ସାଧାରଣତଃ ପଚରା ଯାଉଥିବା କେତେକ ଆଦର୍ଶମୂଳକ ପ୍ରଶ୍ନ ଯଥା ମାନସିକ ବିକଳାଙ୍ଗ ପିଲାଟିର ଭାଇଭଉଣୀମାନେ ପ୍ରଭାବିତ ହୋଇଥାନ୍ତି କି ନାହିଁ ମଧ୍ୟ ଏଥି ମଧ୍ୟରେ ସନ୍ନିବେଶିତ ହୋଇଅଛି ।


ମୁଁ କାମ ଶେଷ କରିବା ପର୍ଯ୍ୟନ୍ତ ପିଲାଟିକୁ କାହିଁକି କିଛି ସମୟ ରଖିପାରୁନ । ସେ ସବୁ ଜିନିଷ ଫୋପାଡୁଛି ।
ତୁମେ ତାକୁ ରଖ, ତାହା ତୁମର କାମ, ମୁଁ ବିଶ୍ୱ ଫୁଟବଲ୍ ମ୍ୟାଚ୍ ଦେଖୁଛି ।
ଆଦିତ୍ୟ ତୁ ଭାଇକୁ ରଖ । ବିଜୟ ମୋତେ ରୋଷେଇ କରାଇ ଦେଉନାହିଁ ।
ମା' ମୁଁ ମୋର ସାଙ୍ଗ ଘରକୁ ଯାଉଛି, ସେ ଏପର୍ଯ୍ୟନ୍ତ ମୋ ଖାତା ମୋତେ ଫେରାଇ ନାହିଁ ।
ମୋତେ ଏହି ପିଲାଟିକୁ ଦେଇ ଠାକୁର କାହିଁକି ଅଭିଶାପ ଦେଲେ । ମୋତେ କେହି ସାହାଯ୍ୟ କରିବାକୁ ନାହାନ୍ତି ।

### 34. ପରିବାରରେ ମାନସିକ ବିକଳାଙ୍ଗ ପିଲାଟିଏ ଜନ୍ମ ହେଲେ, ସମସ୍ତେ ଚିନ୍ତିତ ହୋଇପଡ଼ନ୍ତି । ସବୁ ପରିବାରର ଲୋକମାନେ କଣ ଏପରି ଅନୁଭବ କରନ୍ତି କି ?

ପରିବାରରେ ଗୋଟିଏ ପିଲା, ସାଧାରଣ ହେଉ ବା ଅକ୍ଷମ ହେଉ, ଜନ୍ମ ହେଲେ, ତାହା ସହିତ ଖାପ ଖୁଆଇ ଚଳିବା ଓ ତାର ଦାୟିତ୍ୱ ନେବାର ଚାପ ପ୍ରାୟ ସମସ୍ତଙ୍କ ଉପରେ ପଡ଼ିଥାଏ । କିନ୍ତୁ ମାନସିକ ବିକଳାଙ୍ଗ ପିଲାଟିଏ ଜନ୍ମ ହେବା ଫଳରେ ପରିବାର ଉପରେ ଅଧିକ ଚାପ ପଡ଼ିଥାଏ । କାରଣ ପିଲାର ଯତ୍ନ ନେବାର ଆବଶ୍ୟକତା ଅଧିକ ହୋଇଥାଏ, ଅଧିକ ଆର୍ଥିକ ଅସୁବିଧା ଦେଖାଯାଇଥାଏ ଏବଂ ପିଲାଟି ସ୍ୱାଭାବିକ ବା ସାଧାରଣ ନ ହୋଇଥିବାରୁ ଅଧିକ ଚିନ୍ତା ଓ ବ୍ୟସ୍ତତା ଦେଖାଦେଇଥାଏ ।

### 35. ଗୋଟିଏ ମାନସିକ ବିକଳାଙ୍ଗ ପିଲାଯୋଗୁଁ ପରିବାର ଉପରେ କି ପ୍ରଭାବ ପଡ଼ିଥାଏ ?

ଏ ସୃଷ୍ଟିରେ ପ୍ରତ୍ୟେକ ପିଲା ଭିନ୍ନ ଭିନ୍ନ ପ୍ରକାରର ହୋଇଥାଆନ୍ତି । ସେହିପରି ପ୍ରତ୍ୟେକ ପରିବାର ନିଜର ସୁବିଧା ଓ ଅସୁବିଧା ଅନୁସାରେ ସମୟାନୁକ୍ରମେ ସମସ୍ୟାଗୁଡ଼ିକର ସମ୍ମୁଖୀନ ହୋଇଥାଆନ୍ତି । ଅଧିକାଂଶ ଅଭିଭାବକ ଓ ପରିବାରର ଅନ୍ୟ ସଦସ୍ୟମାନେ ମାନସିକ ବିକଳାଙ୍ଗ ପିଲାଟିର ଜୀବନର ପ୍ରତ୍ୟେକ ଅବସ୍ଥାକୁ ଲକ୍ଷ୍ୟ କରି ଦୁଃଖିତ ବା ଉଦାସିନ ରହିଥାନ୍ତି, ପରିବାରର ସାମାଜିକ ଜୀବନ ବା ଚଳଣୀ ଉପରେ ତାହାର ପ୍ରଭାବ ପଡ଼ିଥାଏ । ସେମାନେ ନିଜକୁ ଅନ୍ୟମାନଙ୍କଠାରୁ ଦୂରେଇ ରଖିଥାଆନ୍ତି ଓ କୌଣସି ଆମୋଦପ୍ରମୋଦ ବା ଚିତ୍ତବିନୋଦନ କରିବାକୁ ଇଚ୍ଛା କରିନ୍ତି ନାହିଁ । କେତେକ ପରିବାରରେ, ପରିବାରର ସଦସ୍ୟ, ବନ୍ଧୁ ବାନ୍ଧବ ଓ ସଂପର୍କୀୟମାନଙ୍କ ନିକଟରେ ଅଗ୍ରହଣୀୟ ଓ ଅବହେଳାର ସମ୍ମୁଖୀନ ହୋଇଥାନ୍ତି ଏବଂ ସେହି କାରଣରୁ ପରସ୍ପର ମଧ୍ୟରେ ସଂପର୍କ ଖରାପ ହୋଇ ସହାୟତା ଶୂନ୍ୟ ହୋଇଥାଏ । ସାଧାରଣତଃ କେତେକ ମାଆମାନେ ଚାକିରୀ ଛାଡ଼ିବା ଦ୍ୱାରା ଅଧିକ ଆର୍ଥିକ ସମସ୍ୟା ଦେଖାଦେଇଥାଏ । ବାପାମାନେ ପିଲାର ଚିକିତ୍ସା ନିମନ୍ତେ ସୁବିଧା ଥିବା ସ୍ଥାନକୁ ବଦଳି ହୋଇଯିବା କିମ୍ବା ସେହି ଜାଗାରେ ଚାକିରୀ ଖୋଜିବାରେ ଲାଗି ପଡ଼ନ୍ତି । ସେ ଯାହା ହେଉ ଆର୍ଥିକ ଏବଂ ମିଳୁଥିବା ଶାରୀରିକ ସହାୟତାର ଗୁଣ ଓ ପରିମାଣ, ପିଲାର ବିକଳାଙ୍ଗତାର ପରିମାଣ ଏବଂ ତାହାର ବୟସ ଏବଂ ପିଲାଟିର ଅନ୍ୟାନ୍ୟ ମିଶ୍ରିତ ସମସ୍ୟା ଯଥା :– ଶାରୀରିକ ଅକ୍ଷମତା କିମ୍ବା ବ୍ୟବହାରଗତ ସମସ୍ୟା ଅନୁସାରେ, ବିଭିନ୍ନ ପରିବାର ଉପରେ ପ୍ରଭାବ ପଡ଼ିଥାଏ ।

***36. ମାନସିକ ବିକଳାଙ୍ଗ ପିଲାଟିଏ ଥିବାଦ୍ୱାରା ପରିବାରରେ ଏହାର କୌଣସି ସୁପ୍ରଭାବ ପଡ଼ିଥାଏ କି ?***

ଯେଉଁ ପରିବାରରେ ମାନସିକ ବିକଳାଙ୍ଗ ପିଲା ହେବାପୂର୍ବରୁ ପିତାମାତାଙ୍କ ମଧ୍ୟରେ ସଂପର୍କ ଓ ବୁଝାମଣା ବହୁତ ଭଲଥାଏ ତେବେ ମାନସିକ ବିକଳାଙ୍ଗ ପିଲା ଜନ୍ମ ହେଲେ ସେମାନଙ୍କର ସଂପର୍କ ଆହୁରି ମଜଭୂତ ହେବା ସହିତ ସେମାନେ ପରସ୍ପରକୁ ସହଯୋଗ କରି ଓ ଅଧିକ ନିକଟତର ହୋଇ ପରିସ୍ଥିତିର ସମ୍ମୁଖୀନ କରିଥାଆନ୍ତି । କେତେକ ପିତାମାତା ମଧ୍ୟ ଅଧିକ ଧୈର୍ଯ୍ୟଶୀଳ ଏବଂ ମାନବିକ ମନୋଭାବ ଗ୍ରହଣ କରୁଥିବାର ଜଣାପଡ଼ିଛି ।

ମାନସିକ ବିକଳାଙ୍ଗ ବ୍ୟକ୍ତିର ଭାଇ ଓ ଭଉଣୀମାନେ ସେହି ପେଶାଦାର କାର୍ଯ୍ୟଗୁଡ଼ିକ ବାଛିବା ଉଚିତ ଯାହା ସେମାନଙ୍କୁ ଅଧିକ ସାହାଯ୍ୟକାରୀ, ସହଯୋଗୀ, ବିଚାରଶୀଳ, ଧୌର୍ଯ୍ୟଶୀଳ ଏବଂ ଅନ୍ୟମାନଙ୍କ ସହିତ ମିଶି ଚଳିବାରେ ସାହାଯ୍ୟ କରାଇବ ।

***37. ପିଲାଟି ମାନସିକ ବିକଳାଙ୍ଗ ବୋଲି ଜାଣିବାପରେ ପିତାମାତାଙ୍କର କି ଭଳି ପ୍ରତିକ୍ରିୟା ହୋଇଥାଏ ?***

ଯେତେବେଳେ ପିତାମାତାମାନେ ପିଲାଟି ମାନସିକ ବିକଳାଙ୍ଗ ବୋଲି ଜାଣିପାରନ୍ତି ଏବଂ ଏହି ଅବସ୍ଥାରୁ ସେ ସଂପୂର୍ଣ୍ଣଭାବେ ଭଲ ହୋଇପାରିବନାହିଁ ବୋଲି ଜାଣନ୍ତି, ସେମାନଙ୍କର ସମସ୍ତ ଆଶାଭରସା ଧୂଳିସାତ୍ ହୋଇଯାଏ । ଏଭଳି ଏକ ଗମ୍ଭୀର ପରିସ୍ଥିତିରେ ମନୁଷ୍ୟର ଏ ପ୍ରକାର ପ୍ରତିକ୍ରିୟା ଦେଖାଇବା ସ୍ୱାଭାବିକ । ବିଭିନ୍ନ ପିତାମାତା ଭିନ୍ନ ଭିନ୍ନ ପ୍ରକାରର ପ୍ରତିକ୍ରିୟା ଦେଖାଇଥାଆନ୍ତି, ଏ ପ୍ରକାର ପରିସ୍ଥିତିରେ କେତେକ ହତବାକ୍ ହୋଇପଡ଼ନ୍ତି ଓ ସେମାନଙ୍କର ପିଲାଟି ମାନସିକ ବିକଳାଙ୍ଗ ବୋଲି ବିଶ୍ୱାସ କରିପାରନ୍ତି ନାହିଁ । କେତେକ ମନା କରନ୍ତି ଏବଂ କିଛିଦିନ ପରେ ସବୁଠିକ୍ ହୋଇଯିବ ବୋଲି ଭାବନ୍ତି । କେହି କେହି ରାଗିଯାଆନ୍ତି ଏବଂ ଏଥିପାଇଁ ନିଜକୁ ଓ ଅନ୍ୟ ମାନଙ୍କୁ ଦୋଷୀ ବୋଲି ଭାବିଥାଆନ୍ତି । ଅନ୍ୟ କେତେକ ପିତାମାତା ଅଧିକ ହତାଶ ତଥା ଉଦାସ ହୋଇଥାନ୍ତି ଏବଂ କୌଣସି ଜିନିଷରେ ସେମାନଙ୍କର ମନ ଲାଗେ ନାହିଁ । ଏହି ପ୍ରକାରର ପ୍ରତିକ୍ରିୟା ସବୁଦିନ ପାଇଁ ରହିନଥାଏ କି ସବୁ ଅଭିଭାବକଙ୍କ ପାଖରେ ଏହା ଦେଖାଯାଇନଥାଏ । କେବଳ ଏତିକି ଜାଣିବା କଥା ଯେ  ଏଭଳି ପରିସ୍ଥିତିରେ ଏଗୁଡ଼ିକ ସାଧାରଣ ପ୍ରତିକ୍ରିୟା । କେତେକ ପିତାମାତା ପରିସ୍ଥିତି ସହିତ ଖାପଖୁଆଇ ଚଳିବାରେ ଅନ୍ୟମାନଙ୍କଠାରୁ ଅଧିକ ସମୟ ନିଅନ୍ତି ଯଦ୍ୱାରା କି ସେମାନେ ବାସ୍ତବତାର ସମ୍ମୁଖୀନ ହେବାକୁ, ଗଠନମୂଳକ ପଦକ୍ଷେପ ନେଇ ପିଲାଟିକୁ ତାଲିମ୍ ଦେବାରେ ଯଥା ସମ୍ଭବ ସାହାଯ୍ୟ କରିଥାଆନ୍ତି ।

### *38. ପିତାମାତାଙ୍କ ମନରେ ହେଉଥିବା ପ୍ରତିକ୍ରିୟାକୁ ସେମାନେ ନିଜେ ଆୟତ୍ତ କରିପାରନ୍ତି ନା କୌଣସି ବିଶେଷଜ୍ଞଙ୍କ ସାହାଯ୍ୟ ଦରକାର କରିଥାଆନ୍ତି ?*

କେତେକ ପିତାମାତା ନିଜର ମନୋଭାବକୁ ବୁଝିପାରନ୍ତି, ସମସ୍ୟାକୁ ଭଲଭାବେ ବିଶ୍ଳେଷଣ କରି ଯଥାଶୀଘ୍ର ସେଥିରେ ଖାପଖୁଆଇ ଚଳିପାରନ୍ତି । ତେଣୁ ସେମାନେ ବିଶେଷଜ୍ଞମାନଙ୍କ ସାହାଯ୍ୟ ବେଶି ଦରକାର କରି ନଥାଆନ୍ତି । କିନ୍ତୁ କେତେକ ଅଭିଭାବକ, ସେମାନଙ୍କ ପିଲାଟି ମାନସିକ ବିକଳାଙ୍ଗ ବୋଲି ବୁଝିବାକୁ ଅଧିକ ସମୟ ନେଇଥାଆନ୍ତି ଏବଂ ମନରେ ଆଘାତ ଆସିବା, ନିଜକୁ ଦୋଷୀ ମନେକରିବା, ରାଗିବା, ଉଦାସ ରହିବା ପ୍ରଭୃତି ମାନସିକ ସମସ୍ୟାକୁ ଦୂରେଇବା ପାଇଁ ବିଶେଷଜ୍ଞମାନଙ୍କ ସାହାଯ୍ୟ ଦରକାର କରିଥାଆନ୍ତି ।

### *39. ଯଦି ପ୍ରତିକ୍ରିୟାର କିଛି ସମାଧାନ କରାନଯାଏ, ତେବେ ଏହାର କି ପ୍ରଭାବ ପଡ଼ିପାରେ ?*

ଏହି ପ୍ରତିକ୍ରିୟା ବା ଅନୁଭୂତିର ଯେତେ ଶୀଘ୍ର ସମାଧାନ କରାଯାଇପାରିବ ସେତେ ଭଲ । କାରଣ ଯଦି ଏହିପରି ପରିସ୍ଥିତି ବହୁତ ଦିନ ଧରି ରହିଥାଏ, ତେବେ ପରିବାରର ସୁଖସ୍ୱାଚ୍ଛନ୍ଦ୍ୟ ସହିତ ପିତାମାତାଙ୍କର ଶାରୀରିକ ତଥା ମାନସିକ ଅବସ୍ଥାରେ କୁ-ପ୍ରଭାବ ପଡ଼ିଥାଏ । ଯାହାଫଳରେ ପିଲାର ତାଲିମ୍ ଆରମ୍ଭ କରିବା ବା ଠିକ୍ ଭାବରେ ତାକୁ କାର୍ଯ୍ୟକାରୀ କରାଇବାରେ ଅଯଥା ବିଳମ୍ବ ସହିତ ପିତାମାତା ଓ ପ୍ରଶିକ୍ଷକଙ୍କ ମଧ୍ୟରେ ଥିବା ସଂପର୍କ ବାଧାପ୍ରାପ୍ତ ହୋଇଥାଏ ।

### *40. ପିତାମାତାଙ୍କର ଏପରି ଆବେଗପୂର୍ଣ୍ଣ ପ୍ରତିକ୍ରିୟା ସମାଧାନ କରିବାରେ କେଉଁ ବ୍ୟକ୍ତିମାନଙ୍କର ସାହାଯ୍ୟ ନେବା ଦରକାର ?*

ସ୍ୱତନ୍ତ୍ର ପ୍ରଶିକ୍ଷଣପ୍ରାପ୍ତ ଉପଦେଷ୍ଟା, ମନୋବୈଜ୍ଞାନିକ, ତାଲିମପ୍ରାପ୍ତ ସମାଜକର୍ମୀମାନଙ୍କ ସହିତ ପରାମର୍ଶ କରାଯାଇପାରେ । ଅନ୍ୟ ପେଶାଦାର ବ୍ୟକ୍ତି ତଥା : ଡାକ୍ତର, ଶିକ୍ଷକମାନେ ଯଦି ଉପଦେଶ ଦେବାରେ ତାଲିମ ନେଇଥାନ୍ତି ତେବେ ସେମାନେ ମଧ୍ୟ ସାହାଯ୍ୟ କରିପାରିବେ । ବହୁ ସମୟରେ ଆପଣ ଅଧିକ ବିଶ୍ୱାସ କରୁଥିବା ଲୋକମାନଙ୍କ ସହିତ ନିଜର ମନର କଥା କହିଲେ ତାହା ସାହାଯ୍ୟ କରିଥାଏ; ବିଶେଷକରି ସେହିମାନଙ୍କ ସହିତ, ଯେଉଁମାନେ ସେମାନଙ୍କର ଚିନ୍ତାଧାରାକୁ ଗ୍ରହଣ କରିବାକୁ ବାଧ୍ୟ ନକରି ଆପଣଙ୍କର କଥାକୁ

ଧୈର୍ଯ୍ୟର ସହିତ ଶୁଣିବେ । ଏମାନଙ୍କ ମଧ୍ୟରେ ଆପଣଙ୍କର ସହଧର୍ମିଣୀ, ବନ୍ଧୁବାନ୍ଧବ, ସାଙ୍ଗସାଥୀ କିମ୍ବା ମାନସିକ ବିକଳାଙ୍ଗ ପିଲା ଥିବା ଅନ୍ୟ ଅଭିଭାବକମାନେ ଏଥିରେ ଅନ୍ତର୍ଭୁକ୍ତ ହୋଇପାରିବେ ।

### *41. ଗୋଟିଏ ମାନସିକ ବିକଳାଙ୍ଗ ପିଲା ଥିବା ଯୋଗୁଁ ମାଆ ଉପରେ ତାର କି ପ୍ରଭାବ ପଡ଼ିଥାଏ ?*

ଏକ ମାନସିକ ବିକଳାଙ୍ଗ ପିଲା ଥିବା ଯୋଗୁଁ କେତେକ ମାଆ ଅନ୍ୟ କେତେକଙ୍କ ଅପେକ୍ଷା ଯଥାଶୀଘ୍ର ପରିସ୍ଥିତି ସହିତ ଖାପଖୁଆଇ ଚଳିବାରେ ସମକକ୍ଷ ହୋଇଥାଆନ୍ତି । ସେ ଯାହାହେଉ, ପିଲାଟିର ଲାଳନପାଳନର ଦାୟିତ୍ୱ ମାଆମାନଙ୍କ ଉପରେ ନିର୍ଭର କରୁଥିବାରୁ ସାଧାରଣତଃ ସେମାନେ ଅଧିକ ଚାପର ସମ୍ମୁଖୀନ ହୋଇଥାଆନ୍ତି ।

ସାଧାରଣ ପରିବାରରେ ଥିବା ପିତାମାତାଙ୍କ ଭଳି ଏହି ପରିବାରର ପିତାମାତାମାନେ ପିଲାର ଅଧିକ ଦାୟିତ୍ୱ ନେଇପାରନ୍ତି ନାହିଁ, ତେଣୁ ମାଆମାନେ ଘରର ସମସ୍ତ କାର୍ଯ୍ୟସହିତ ମାନସିକ ବିକଳାଙ୍ଗ ପିଲାଟିର ଯଥାସାଧ୍ୟ ଯତ୍ନ ନେବାକୁ ଚେଷ୍ଟା କରିଥାଆନ୍ତି । ଯଦି କୌଣସି ମାଆ ଚାକିରୀ କରିଥାଆନ୍ତି ତେବେ ତାଙ୍କର ଅସୁବିଧା କହିଲେ ନସରେ । ବାପାଙ୍କ ଅପେକ୍ଷା ମାଆମାନଙ୍କ ଉପରେ ମାନସିକ ବିକଳାଙ୍ଗ ପିଲାଟି ଯୋଗୁ ଅଧିକ ଚାପ ପଡ଼ିଥାଏ । ତେଣୁ ମାଆମାନେ କେତେକ ଚିନ୍ତା ଜନିତ ରୋଗ ଯଥା :– ଅଧ କପାଳି, ମୁଣ୍ଡ ବିନ୍ଧା, ଦେହହାତ ବିନ୍ଧା ହେବା, ରକ୍ତଚାପ, ଉଦ୍‌ବେଗ, ଉଦାସ ରହିବା ଆଦିରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ ହୋଇଥାଏ ।

### *42. ମାନସିକ ବିକଳାଙ୍ଗ ପିଲା ଯୋଗୁଁ ବାପାମାନଙ୍କ ଉପରେ କି ପ୍ରଭାବ ପଡ଼ିଥାଏ ?*

ସାଧାରଣତଃ ଏକ ମାନସିକ ବିକଳାଙ୍ଗ ପିଲା ଥିବା ଯୋଗୁଁ ବାପାମାନେ ପରିସ୍ଥିତି ସହିତ ଖାପ ଖୁଆଇ ଚଳିବାକୁ ଅଧିକ ସମୟ ନେଇଥାଆନ୍ତି । ଏହାର କାରଣ ହେଉଛି, ସେମାନେ ପିଲା ସହିତ କମ୍ ସମୟ ରହିଥାଆନ୍ତି, ବିଶେଷଜ୍ଞମାନଙ୍କ ସଂସ୍ପର୍ଶରେ କମ୍ ଆସିଥାଆନ୍ତି, ଯାହା ଫଳରେ ସେମାନଙ୍କର ସମସ୍ୟାର ସମାଧାନ କରିବାକୁ ଅଧିକ ସୁଯୋଗ ପାଆନ୍ତି ନାହିଁ । ଜଣେ ପୁରୁଷ ବ୍ୟକ୍ତି ଭାବରେ ସମସ୍ତ ସମସ୍ୟାକୁ ନିଜେ ନିଜେ ଅନ୍ୟର ସାହାଯ୍ୟ ନନେଇ ସମାଧାନ କରିବା ଏବଂ ମାନସିକ ବିକଳାଙ୍ଗ ପିଲାଟି ବିଷୟରେ ନିଜର ପ୍ରକୃତ ଚିନ୍ତାଧାରାକୁ ଛପାଇ ରଖିବା ହେତୁ ସେମାନେ ସୁସ୍ଥ ଭାବରେ ରହିବା କଠିନ ହୋଇ

ପଡ଼ିଥାଏ । ପିତାମାନେ ଉଦାସ ରୋଗରେ ଆକ୍ରାନ୍ତ ହେବା ଜଣାଶୁଣା କଥା, ଯଦିଓ ମାଆମାନଙ୍କର ତୁଳନାରେ କମ୍ । ସେମାନଙ୍କର ଅଫିସ୍ କାର୍ଯ୍ୟ ଏପରିକି ନିଯୁକ୍ତିଦାତା କିମ୍ବା ସହକର୍ମୀ ମାନଙ୍କ ସହିତ ସଂପର୍କ ମଧ୍ୟ ପ୍ରଭାବିତ ହୋଇଥାଏ ।

### 43. ମାନସିକ ବିକଳାଙ୍ଗ ପିଲା ମାନଙ୍କର ପିତାମାତାଙ୍କ ମଧ୍ୟରେ ଅଧିକ ବୈବାହିକ ସମସ୍ୟା ଦେଖାଦେଇଥାଏ କି ?

ମାନସିକ ବିକଳାଙ୍ଗ ପିଲାମାନଙ୍କର ପିତାମାତାଙ୍କ ମଧ୍ୟରେ ବୈବାହିକ ସମସ୍ୟା ଉପୁଜିବାର ଅଧିକ ସମ୍ଭାବନା ଥାଏ । ଏହି ପାରିବାରିକ ବା ବୈବାହିକ ସମସ୍ୟା ଦେଖାଦେବାର କାରଣ ହେଲା,– ପିଲା ପାଇଁ ଯେଉଁ ଅଧିକ ଦାୟିତ୍ୱ ନେବାକୁ ପଡ଼ିଥାଏ, ତାକୁ ଯତ୍ନ ନେବାରେ ପିତାମାତାଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥାଏ, ଏପରି ପିଲାକୁ ଜନ୍ମ ଦେଇଥିବାରୁ ଜଣେ ଅନ୍ୟ ଜଣକୁ ଦୋଷୀ ମନେ କରିଥାନ୍ତି, ପିଲାର ଚିକିତ୍ସା କରାଇବାପାଇଁ ସେମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥାଏ ଏବଂ ଭବିଷ୍ୟତରେ କାଳେ ଆଉ ଏକ ମାନସିକ ବିକଳାଙ୍ଗ ପିଲା ଜନ୍ମ ନେଇପାରେ ସେଇ ଭୟରେ କେତେକ ଯୌନ ସମସ୍ୟା ଦେଖାଦେଇଥାଏ ।

### 44. ପରିବାରରେ ଗୋଟିଏ ମାନସିକ ବିକଳାଙ୍ଗ ପିଲା ଥିଲେ ଅନ୍ୟ ସାଧାରଣ ପିଲା (ଭାଉ, ଭଉଣୀ) ମାନଙ୍କ ଉପରେ ଏହାର କିଛି ପ୍ରଭାବ ପଡ଼ିଥାଏ କି ?

ସାଧାରଣତଃ ଝିଅ ବା ଭଉଣୀମାନଙ୍କ ଉପରେ ଏହାର ପ୍ରଭାବ ଅଧିକ ପଡ଼ିଥାଏ, କାରଣ ଖେଳିବା, ପାଠପଢ଼ିବା ଓ ଅବସର ସମୟକୁ ଜଳାଂଜଳି ଦେଇ ସେମାନଙ୍କର ମାନସିକ ବିକଳାଙ୍ଗ ଭାଇ ବା ଭଉଣୀର ଯତ୍ନ ନେବାରେ ସହାୟତା କରିବାର ଆଶା, ସେମାନଙ୍କଠାରୁ କରାଯାଇଥାଏ । ମୁଖ୍ୟତଃ, ସେମାନଙ୍କର ମାନସିକ ବିକଳାଙ୍ଗ ଭାଇ ବା ଭଉଣୀ ଯଦି କୌଣସି ସାଙ୍ଗସାଥୀଙ୍କ ଆଗରେ ଅଶୋଭନୀୟ ବ୍ୟବହାର କରନ୍ତି ତେବେ ସେମାନେ ଲଜ୍ୟା ଅନୁଭବ କରିଥାଆନ୍ତି । ପିତାମାତାମାନେ ମାନସିକ ବିକଳାଙ୍ଗ ପିଲାଟିର ବିଫଳତାରେ ନିରାଶ ହୋଇ ତାହାକୁ ପୂରଣ କରିବା ନିମନ୍ତେ ସାଧାରଣ ପୁଅଝିଅଙ୍କ ଠାରୁ ଅଧିକ ସଫଳତା ନିମନ୍ତେ ଚାପ ପକାଇଥାନ୍ତି । ପିତାମାତାମାନେ ତାଙ୍କର ସ୍ୱାଭାବିକ ପିଲାଙ୍କ ପାଇଁ କମ୍ ସମୟ ଦେଉଥିବାରୁ ସେମାନେ ନିଜକୁ ଅବହେଳିତ ମନେ କରନ୍ତି କିମ୍ବା ଈର୍ଷା ପରାୟଣ ହୋଇଥାଆନ୍ତି । ସେମାନେ ସ୍ୱାଭାବିକ ଭାଇଭଉଣୀ ମାନଙ୍କ ସହିତ ରହୁଥିବା ସଂପର୍କ

ହରାଇଥାନ୍ତି, ସେମାନଙ୍କର ମାନସିକ ବିକଳାଙ୍ଗ ଭାଇ ଭଉଣୀର ଭବିଷ୍ୟତ ବିଷୟରେ ଚିନ୍ତିତ ହୋଇଥାନ୍ତି । ମାନସିକ ବିକଳାଙ୍ଗ ଭାଇଭଉଣୀ ମାନଙ୍କୁ ଆଦର ଓ ଗ୍ରହଣ କରୁଥିବା ଭଳି ଏକ ଜୀବନସାଥୀ ପାଇବା ବିଷୟରେ ଚିନ୍ତା ଏବଂ କାଳେ ସେମାନଙ୍କର ମଧ୍ୟ ମାନସିକ ବିକଳାଙ୍ଗ ପିଲା ଜନ୍ମ ହୋଇପାରେ ସେଥିନିମନ୍ତେ ମନରେ ଭୟ କରିଥାନ୍ତି ।

**45. ପରିବାରରେ ମାନସିକ ବିକଳାଙ୍ଗ ପିଲାଟିଏ ଥିବାହେତୁ ବୁଢ଼ାବାପା ଓ ବୁଢ଼ୀମାଆମାନଙ୍କ ଉପରେ ଏହାର କି ପ୍ରଭାବ ପଡ଼ିଥାଏ ?**

ମାନସିକ ବିକଳାଙ୍ଗ ପିଲାଟି ଯୋଗୁଁ ପରିବାରର ସମସ୍ତ ବ୍ୟକ୍ତିଙ୍କ ପରି ବୁଢ଼ା ବାପା ଓ ବୁଢ଼ୀମାଆଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଥାଏ । ସେମାନେ ମଧ୍ୟ ତାଙ୍କର ପରିବାର ସହିତ ରହୁଥିବା ସମ୍ପର୍କ ଓ ସମ୍ବନ୍ଧ ଅନୁସାରେ ପିଲାଟି ପାଇଁ ଚିନ୍ତିତ ହୋଇଥାନ୍ତି ଓ ତାର ଭବିଷ୍ୟତ ପାଇଁ ବ୍ୟସ୍ତ ହୋଇଥାଆନ୍ତି । ସେମାନେ ମଧ୍ୟ ନିଜ ପୁଅ ବା ଝିଅ ଯାହା ଉପରେ କି ଏପରି ମାନସିକ ଅପାରଗ ପିଲାର ଲାଳନପାଳନର ଭାର ରହିଛି ସେମାନଙ୍କ ପାଇଁ ବିବ୍ରତ ହୋଇଥାଆନ୍ତି । କେବେ କେବେ ସେମାନେ ସେଇ ବାପାମାଆ ମାନଙ୍କୁ ପିଲାଟିର ଯତ୍ନ ନେବାରେ ସାହାଯ୍ୟ କରିବା ସହିତ କିଛି ଆର୍ଥିକ, ଭାବନାତ୍ମକ ବା ଆବେଗଭରା ସାହାଯ୍ୟ କରିଥାଆନ୍ତି । ବେଳେବେଳେ ବୁଢ଼ାବାପା ଓ ବୁଢ଼ୀମାଆମାନେ ନିଜର ପିଲାଙ୍କ ଦ୍ଵାରା ନିଜକୁ ଅବହେଳିତ ମନେକରିନ୍ତି କିମ୍ବା ସେମାନଙ୍କର ମାନସିକ ବିକଳାଙ୍ଗ ନାତିର ଅଧିକ ଯତ୍ନ ନେବାର ଆବଶ୍ୟକତା ରହୁଥିବାରୁ ନିଜର ସାମାଜିକ ଚଳଣି ଓ ଅବସର ବିନୋଦନ ସମୟକୁ ଜଳାଂଜଳି ଦେଇଥାଆନ୍ତି ।

**46. କେଉଁସବୁ କାରଣ ଯୋଗୁଁ ମାନସିକ ବିକଳାଙ୍ଗ ପିଲାଥିବା ପରିବାରଗୁଡ଼ିକ, ଭଲଭାବରେ ପରିସ୍ଥିତି ସହିତ ଖାପ ଖୁଆଇ ଚଳିପାରନ୍ତି ?**

ଭାରତୀୟ ପିତାମାତାମାନେ କହନ୍ତି ଯେ ସେମାନଙ୍କର ବୁଢ଼ା ବାପା ବା ମା, ସ୍ତ୍ରୀ କିମ୍ବା ସ୍ଵାମୀ ମାନସିକ ଅପାରଗ ପିଲାଟିର ଯତ୍ନ ନେବାରେ ସାହାଯ୍ୟ ଓ ସହଯୋଗ କରୁଥିବାରୁ ପରିସ୍ଥିତି ସହିତ ଖାପଖୁଆଇ ଚଳିହୁଏ । ଏହା ବ୍ୟତିତ ପୈତୃକ ବୁଢ଼ା ବାପା ଓ ମାଆଙ୍କ ସହଯୋଗ, ଆର୍ଥିକ ସାହାଯ୍ୟ, ଠିକ୍ ସମୟରେ ପ୍ରଶିକ୍ଷକମାନଙ୍କର ଉପଦେଶ ଓ ସହଯୋଗ ଦ୍ଵାରା ଉପକାର ମିଳିଥାଏ । ଉପରୋକ୍ତ କାରଣ ବ୍ୟତୀତ ପିତାମାତାମାନଙ୍କ ମତରେ ଭଗବାନଙ୍କ ଉପରେ ଭରସା ରଖିଲେ ସବୁ ସମସ୍ୟା ଧୀରେ ଧୀରେ ଦୂର ହୋଇଯିବ ।



ଉଭୟ ପିତାମାତା କାର୍ଯ୍ୟରେ ସଂପୃକ୍ତ ହେବା ଉଚିତ୍ ।

**47. କେଉଁସବୁ କାରଣରୁ ମାନସିକ ବିକଳାଙ୍ଗ ପିଲାଥିବା ପରିବାର, ପରିସ୍ଥିତି ସହିତ ଖାପ ଖୁଆଇ ଚଳିବାରେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି ?**

ଭାରତୀୟ ପିତାମାତାମାନେ ଦେଖିଛନ୍ତି ଯେ, ସେମାନଙ୍କ ପରିବାରରେ, ବିଶେଷ କରି ବୁଢ଼ା ବାପା, ବୁଢ଼ୀ ମାଆ ମାନେ ଅନ୍ୟ ବନ୍ଧୁ ବାନ୍ଧବ, ସାଇ ପଡ଼ିଶାର ଲୋକମାନେ ଓ ସମାଜର ଲୋକମାନେ ମାନସିକ ବିକଳାଙ୍ଗ ପିଲାଟିକୁ ଠିକ୍ ଭାବରେ ଗ୍ରହଣ ନ କରିବା ଦ୍ୱାରା ସେମାନଙ୍କୁ ପରିସ୍ଥିତି ସହିତ ଖାପ ଖୁଆଇ ଚଳିବାରେ ପ୍ରତିବନ୍ଧକ ହେଉଛି । ବ୍ୟବହାରିକ ସମସ୍ୟା ଥିବା ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଚଳାଇବାରେ ବହୁତ ଅସୁବିଧା ହୋଇଥାଏ । ବିଶେଷଜ୍ଞମାନଙ୍କର ଭୁଲ କିମ୍ବା ବିଳମ୍ବିତ ଉପଦେଶ ଏବଂ ସଂପୂର୍ଣ୍ଣ ପରିସ୍ଥିତିର ମୂର୍ଖତାପୂର୍ଣ୍ଣ ପରିଚାଳନା, ପିତାମାତା ମାନଙ୍କୁ ଧୈର୍ଯ୍ୟଚ୍ୟୁତ ଓ ନିରୁତ୍ସାହିତ କରାଇଥାଏ । ଅନ୍ୟ ପ୍ରତିବନ୍ଧକ ଗୁଡ଼ିକ ହେଲା ପରିବାରର ସଦସ୍ୟମାନଙ୍କର ଦୁର୍ବଳ ସ୍ୱାସ୍ଥ୍ୟ, ମାନସିକ ବିକଳାଙ୍ଗ ପିଲାକୁ ତାଲିମ୍ ଦେବା ସୁବିଧାର ଅଭାବ, ପରିବାରର ଲୋକ ଓ ବନ୍ଧୁବାନ୍ଧବମାନଙ୍କ ଅସହଯୋଗିତା ।

**48. ମାନସିକ ବିକଳାଙ୍ଗ ପିଲା ଥିବା ପରିବାରରେ ପରିସ୍ଥିତି ସହିତ ଭଲ ଭାବରେ ସହଯୋଗ କରିବାରେ ବାପାଙ୍କୁ କିଛି ଅଧିକ ଦାୟିତ୍ୱ ନେବାକୁ ପଡ଼ିଥାଏ କି ?**

ପରିବାରରେ ମାନସିକ ବିକଳାଙ୍ଗ ପିଲାଟିଏ ଥିଲେ, ପରିବାରର ସମସ୍ତ ଚାହିଦା ପୂରଣ କରିବାକୁ ଉଭୟ ବାପା ଓ ମାଆ ଏକ କଠିନ ଓ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି । ଦେଖାଯାଇଛି ଯେ ଯେଉଁ ବାପା ନିଜର ସ୍ତ୍ରୀକୁ ମାନସିକ ବିକଳାଙ୍ଗ ପିଲାଟିର ଯତ୍ନ ନେବାରେ ଓ ଅନ୍ୟାନ୍ୟ ଘରକାମ କରିବାରେ ସାହାଯ୍ୟ କରିଥାଆନ୍ତି ବା ଭାଗୀଦାର ହୋଇଥାଆନ୍ତି, ସ୍ତ୍ରୀମାନଙ୍କର ମନଦୁଃଖ ସମୟରେ ମନରେ ସାହସ ଦେଇଥାଆନ୍ତି, ସେମାନଙ୍କର ପରିବାର ଏହି ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ସକ୍ଷମ ହୋଇଥାଆନ୍ତି । ବାପାମାନେ ମଧ୍ୟ ସେମାନଙ୍କର ମାନସିକ ବିକଳାଙ୍ଗ ପିଲାଟିର ତାଲିମ୍ କାର୍ଯ୍ୟରେ ନିଜକୁ ସଂପୃକ୍ତ କରାଇବା, ଆବଶ୍ୟକତା ଅନୁଯାୟୀ ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ କରିବା ଏବଂ ଦରକାର ଅନୁଯାୟୀ ସେମାନଙ୍କର ରୋଜଗାର ବ୍ୟତୀତ ସ୍ତ୍ରୀ ଓ ପିଲାମାନଙ୍କ ସହିତ ସମୟ କଟାଇବା ଓ ଯତ୍ନ ନେବା ମଧ୍ୟ ନିତ୍ୟାନ୍ତ ଆବଶ୍ୟକ ।

**49. ମାନସିକ ବିକଳାଙ୍ଗ ପିଲାକୁ ସାହାଯ୍ୟ କରିବାରେ ସେମାନଙ୍କର ଭାଇ ଭଉଣୀମାନଙ୍କର କିଛି ଭୂମିକା ରହିଛି କି ?**

ପିତାମାତା ଓ ପିଲାଙ୍କ ମଧ୍ୟରେ ଥିବା ସଂପର୍କ ଓ ସହଯୋଗିତା ଠାରୁ ଭାଇ ଭଉଣୀମାନଙ୍କ ମଧ୍ୟରେ ଥିବା ସଂପର୍କ ଅଧିକ କାଳ ବଞ୍ଚିରହିଥିବାର ଦୃଷ୍ଟାନ୍ତ ସମସ୍ତ ପରିବାରରେ ଦେଖିବାକୁ ମିଳେ । ଭାଇ ଭଉଣୀମାନେ ହେଉଛନ୍ତି ପ୍ରକୃତ ସହାୟକ ବା ସମର୍ଥକ, ଯାହାକୁ କି ସାମାଜିକ ଚଳଣି ଓ ସମାଜର ଆବଶ୍ୟକତା ଉପରେ ନିର୍ଭର କରି ସୁଦୃଢ଼ କରିହେବ ଏବଂ କାମରେ ଲଗାଇ ହେବ । ଭାରତରେ ସାମାଜିକ ସୁରକ୍ଷା ବ୍ୟବସ୍ଥା ନାହିଁ, ଯାହାକି ଅନ୍ୟ ବିକାଶଶୀଳ ଦେଶମାନଙ୍କରେ ରହିଅଛି । ଆମ ସମସ୍ତଙ୍କୁ ପ୍ରାକୃତିକ ଉପାୟରେ ସହଯୋଗିତାକୁ ସୁଦୃଢ଼ କରିବାକୁ ହୋଇଥାଏ । ଭାଇ ଭଉଣୀମାନଙ୍କୁ ମାନସିକ ବିକଳାଙ୍ଗ ପିଲାର ଭାବୀ ଅଭିଭାବକ ବୋଲି ବିଚାର କରାଯାଇଥାଏ । ଯେତେ ଚଞ୍ଚଳ ଭାଇଭଉଣୀ ମାନଙ୍କୁ ସେମାନଙ୍କର ମାନସିକ ବିକଳାଙ୍ଗ ଭାଇଭଉଣୀର ଆବଶ୍ୟକତା ସଂପର୍କରେ ସଚେତନ କରାଯାଇପାରେ ସେତେ ଉତ୍ତମ । ବାପାମାଆମାନେ ପିଲାମାନଙ୍କୁ ସେମାନଙ୍କର ମାନସିକ ବିକଳାଙ୍ଗ ଭାଇଭଉଣୀଙ୍କ ଅବସ୍ଥା ବିଷୟରେ ସ୍ପଷ୍ଟ ଧାରଣା ଦେବା ସହିତ ସେମାନଙ୍କ ସହିତ ଖେଳିବା, କୌଣସି ଜିନିଷକୁ ଭାଗ କରି ଦେବା ଏବଂ ପ୍ରତ୍ୟେକ ପ୍ରତ୍ୟେକଙ୍କର ଯତ୍ନ ନେବା ଆଦିକୁ ଉତ୍ସାହିତ କରିପାରିବେ ।

**50. ଯଦି ଭାଇଭଉଣୀମାନେ ସେମାନଙ୍କର ମାନସିକ ବିକଳାଙ୍ଗ ଭାଇ ଭଉଣୀର ଯତ୍ନ ନେବାରେ ସମୟ ଦିଅନ୍ତି ତେବେ ତାଙ୍କର ପାଠପଢ଼ା କିମ୍ବା ଭବିଷ୍ୟତ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ କି ?**

ଏ ଦୁନିଆଁର ପ୍ରତ୍ୟେକ ମଣିଷକୁ ଜୀବନର ବିଭିନ୍ନ ପ୍ରକାର ଅବସ୍ଥା ସହିତ ଖାପଖୁଆଇ ଚଳିବାକୁ ପଡ଼ିଥାଏ । ମାନସିକ ବିକଳାଙ୍ଗ ଭାଇ ଭଉଣୀ ଥିବା ପିଲାମାନେ ମଧ୍ୟ ପରିସ୍ଥିତି ସହିତ ଖାପଖୁଆଇ ଚଳିବା ଓ ସେଇ ଅବସ୍ଥାକୁ ଗ୍ରହଣ କରିନେବାକୁ ଶିଖିଥାଆନ୍ତି ।ଏହି ପରିସ୍ଥିତିରେ ଅଣ-ବିକଳାଙ୍ଗ ଭାଇ ଭଉଣୀମାନେ କିପରି ଭଲରେ ସହଯୋଗ କରି ଚଳିପାରିବେ ସେଥିପାଇଁ ବାପାମାଆମାନଙ୍କର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ବିକଳାଙ୍ଗ ଭାଇ ବା ଭଉଣୀମାନଙ୍କଠାରୁ ଅନ୍ୟ ପିଲାମାନଙ୍କୁ ଦୂରେଇ ରଖିବା ଦ୍ୱାରା କୌଣସି ଲାଭ ହୋଇନଥାଏ । ଯଦି ପିତାମାତା ମାନେ ସଠିକ୍ ଶିଶୁ ଚାଳନା ପଦ୍ଧତିକୁ ଅବଲମ୍ବନ କରିଥାଆନ୍ତି ତେବେ ତାହା ଭାଇଭଉଣୀମାନଙ୍କୁ ସମୟର ଉତ୍ତମ ବ୍ୟବହାର ବିଷୟରେ

ଶିଖିବାକୁ ସାହାଯ୍ୟ କରିଥାଏ । ଏହା ମଧ୍ୟ ଭାଇଭଉଣୀ ମାନଙ୍କୁ ନିଜର ପାଠପଢ଼ା ଓ ନିଜର ଭବିଷ୍ୟତ ଗଠନର ଦାୟିତ୍ୱ ନେବାରେ ସାହାଯ୍ୟ କରିବ ଏବଂ ସେମାନଙ୍କୁ ମାନସିକ ବିକଳାଙ୍ଗ ଭାଇଭଉଣୀର ଯତ୍ନ ନେବା କାର୍ଯ୍ୟରେ ଅନ୍ତର୍ଭୁକ୍ତ ହେବାକୁ ସାହାଯ୍ୟ କରିବ ।

***51. ମାନସିକ ବିକଳାଙ୍ଗ ପିଲାଟିର ପରିବାରରେ ବୁଢ଼ା ବାପା ଓ ବୁଢ଼ୀମାଆ ମାନେ ପ୍ରତିବନ୍ଧକ ନା ସାହାଯ୍ୟକାରୀ ହୋଇଥାଆନ୍ତି ?***

ବୁଢ଼ାବାପା ଓ ବୁଢ଼ୀମାଆ ମାନେ ଯଦି ପରିବାରରେ କିଛି ସାହାଯ୍ୟ କରିଥାଆନ୍ତି ତେବେ ଏପରି କ୍ଷେତ୍ରରେ ସାହାଯ୍ୟକାରୀ ହୋଇଥାଆନ୍ତି ଏବଂ ଯଦି ପରିବାରରେ କିଛି ସମସ୍ୟା ସୃଷ୍ଟି କରନ୍ତି ତେବେ ପ୍ରତିବନ୍ଧକ ବା ଅନର୍ଥକାରୀ ହୁଅନ୍ତି । ବୁଢ଼ାବାପା ଓ ବୁଢ଼ୀ ମାଆ ମାନେ ପରିବାରର ପ୍ରକୃତ ସହାୟକାରୀ ହୋଇପାରନ୍ତି । ସେମାନେ ଘରର ଦାୟିତ୍ୱ ନେବାରେ ଭାଗୀଦାର ହେବା, ପିଲାର ଦରକାର ମୁତାବକ ଯତ୍ନ ନେବା, ନିଜର ପିଲାମାନଙ୍କୁ ଦୁଃଖ ସମୟରେ ସହାନୁଭୂତି ଦେଖାଇବା, ପରିବାରର ଯଦି କିଛି ଆର୍ଥିକ ସମସ୍ୟା ଦେଖାଦିଏ ତେବେ ଆର୍ଥିକ ସାହାଯ୍ୟ ଆଦି କରିପାରନ୍ତି । ଯଦି ସେମାନେ ନିଜର ପିଲାମାନଙ୍କୁ ସମାଲୋଚନା, ନିନ୍ଦା ବା ଅବହେଳା କରନ୍ତି, ମାନସିକ ବିକଳାଙ୍ଗ ପିଲାର ଯତ୍ନ ନନେଇ ତାଙ୍କଠାରୁ ଦୂରେଇ ରହନ୍ତି, ନିଜର ଆବଶ୍ୟକତା ପୂରଣ କରିବାକୁ ତାଙ୍କ ପିଲାମାନଙ୍କ ଠାରୁ ଅଧିକ ଦାବି କରନ୍ତି, କୌଣସି ଆର୍ଥିକ ସାହାଯ୍ୟ ନ କରି ବରଂ ଆର୍ଥିକ ଅସୁବିଧାର କାରଣ ହୋଇଥାନ୍ତି ଏବଂ ଯଦି ରହିବାକୁ କମ୍ ଜାଗା ଥାଏ ଓ ନିଜର ଏକାନ୍ତତା ନଷ୍ଟ ହେବା ସହିତ ଘରେ ଅଧିକ ଗହଳି ହୋଇଥାଏ ତେବେ ସେମାନଙ୍କୁ ଅନର୍ଥକାରୀ ବା ପ୍ରତିବନ୍ଧକ ବୋଲି ଭାବିବାକୁ ହେବ ।

***52. ଆମେମାନେ ଅନ୍ୟ ପିଲାମାନଙ୍କ ଅପେକ୍ଷା ମାନସିକ ବିକଳାଙ୍ଗ ପିଲାପାଇଁ ଅଧିକ ସମୟ ଦେଇଥାଉ । ଅନ୍ୟ ପିଲାଙ୍କ ଉପରେ ଏହାର କୌଣସି କୁ-ପ୍ରଭାବ ପଡ଼ିବ କି ?***

ମାନସିକ ବିକଳାଙ୍ଗ ପିଲାମାନଙ୍କର କେତେକ ବିଶେଷ ଆବଶ୍ୟକତା ଥିବା ଯୋଗୁଁ, ପିତାମାତାମାନେ ଭାବନ୍ତି ଯେ, ସେମାନଙ୍କ ପିଲାଟି ତାଙ୍କୁ ଅଧିକ ଦରକାର କରୁଛି । ସେ ଯାହା ବି ହେଉ, ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ପିଲାଟି ଅକ୍ଷମ ହେଉ ବା ସ୍ୱାଭାବିକ ହେଉ ପ୍ରତ୍ୟେକ ପିଲାର କିଛି ନା କିଛି ବ୍ୟକ୍ତିଗତ ଅବଶ୍ୟକତା ରହିଛି ଯାହାକୁ କି ପିତାମାତାମାନେ ବୁଝିବା ଏବଂ ପୂରଣ କରିବା ଦରକାର । ଯଦି ପିଲାମାନଙ୍କର ଏହି ଅବଶ୍ୟକତାଗୁଡ଼ିକ

ପୂରଣ ନ ହୁଏ, ତେବେ ସେମାନେ ନିଜକୁ ଅବହେଳିତ ମନେକରନ୍ତି ଏବଂ ସମୟେ ସମୟେ ସେମାନଙ୍କର ମାନସିକ ବିକଳାଙ୍ଗ ଭାଇ ଭଉଣୀ ପ୍ରତି ଈର୍ଷା ଭାବ ପୋଷଣ କରିଥାଆନ୍ତି । ଏହା ଫଳରେ ମାନସିକ ବିକଳାଙ୍ଗ ପିଲା ଓ ଅନ୍ୟ ଭାଇଭଉଣୀ କିମ୍ବା ପିତାମାତା ଓ ସେମାନଙ୍କ ପିଲାଙ୍କ ମଧ୍ୟରେ ଥିବା ସଂପର୍କରେ ତିକ୍ତତା ବଢ଼ିଥାଏ ଯାହାକି ବିଭିନ୍ନ ପ୍ରକାରର ବ୍ୟବହାରିକ ସମସ୍ୟା ବା ମାନସିକ ଅଶାନ୍ତି ସୃଷ୍ଟି କରିଥାଏ । ମାନସିକ ବିକଳାଙ୍ଗ ପିଲା ବା ସାଧାରଣ ପିଲାଙ୍କ ସହିତ କେତେ ସମୟ କଟାଇବ, ଏହା ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ କେତେ ଭଲ ଭାବରେ ତୁମେ ତୁମ ପିଲାମାନଙ୍କ ସହିତ ସମୟ କଟାଇଲ ଏବଂ ସେମାନେ ତୁମକୁ କେତେଦୂର ଆବଶ୍ୟକ କରୁଛନ୍ତି ଏବଂ ଭଲ ପାଉଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

### *53. ମାନସିକ ବିକଳାଙ୍ଗ ପିଲା ଥିବା ଯୋଗୁଁ ଯଦି କୌଣସି ପାରିବାରିକ ସମସ୍ୟା ଦେଖାଦିଏ, ତାହାର ସମାଧାନ ପାଇଁ କୌଣସି ବିଶେଷଜ୍ଞଙ୍କ ସାହାଯ୍ୟ ନେଇ ହେବ କି ?*

ଯଦି କୌଣସି ପାରିବାରିକ ସମସ୍ୟା ଦେଖାଦିଏ ତେବେ ପିତାମାତାମାନେ ବିଶେଷଜ୍ଞଙ୍କ ସାହାଯ୍ୟ ନେବା ଦରକାର । ଏପରି କ୍ଷେତ୍ରରେ ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍, ମାନସିକ ରୋଗ ବିଶେଷଜ୍ଞ, ତାଲିମ୍ ପ୍ରାପ୍ତ ଉପଦେଷ୍ଟା ବା ସମାଜକର୍ମୀମାନେ ହିଁ ପିତାମାତାଙ୍କୁ ସେମାନଙ୍କର ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିପାରିବେ । ଏମାନେ ସାଧାରଣତଃ ମାନସିକ ବା ସାଧାରଣ ଚିକିତ୍ସାଳୟ, ଶିଶୁ ଉପଦେଷ୍ଟା କେନ୍ଦ୍ର, ବିବାହ ବା ପରିବାର ଉପଦେଷ୍ଟା କେନ୍ଦ୍ର, ମାନସିକ ବିକଳାଙ୍ଗ ପିଲାଙ୍କ ନିମିତ୍ତ ପ୍ରତିଷ୍ଠିତ ସ୍ୱତନ୍ତ୍ର ସ୍କୁଲ ମାନଙ୍କରେ ମିଳିପାରିବେ ।

## ସୂଚନା

3

# ସହଳ ଉପଚାର

ଯଦିବା ଆମ ଦେଶର ପରିସ୍ଥିତି ଦିନକୁ ଦିନ ବଦଳୁଛି, ତଥାପି ବହୁ ସଂଖ୍ୟକ ପିତାମାତା ନିଜର ମାନସିକ ବିକଳାଙ୍ଗ ପିଲାର ଉପଯୁକ୍ତ ଚିକିତ୍ସା ବିଳମ୍ବଳରେ କରିଥାଆନ୍ତି । ବିବରଣୀଗୁଡ଼ିକରୁ ଜଣାପଡ଼ିଥାଏ ଯେ, ଏଥି ନିମନ୍ତେ ବହୁତ କାରଣ ଦାୟୀ, ଯଥା :— ଠିକ୍ ରୂପରେ ଉପଯୁକ୍ତ ଉପଦେଶ ନ ମିଳିବା, ସେବା ବ୍ୟବସ୍ଥାର ଅଭାବ, ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଅନିଚ୍ଛାଭାବ, ପିଲାଟି ବଡ଼ ହେଲେ ସ୍ୱାଭାବିକ ହୋଇଯିବ ବୋଲି ଭୁଲ ଧାରଣା, ଏବଂ ସଂକୀର୍ଣ୍ଣ ମନୋଭାବ ଇତ୍ୟାଦି । ଅଭିଭାବକମାନେ ଅନୁସନ୍ଧାନ କରୁଥିବା ବିଷୟଗୁଡ଼ିକ ଯଥା :— ସହଳ ଉପଚାର କ'ଣ, କେଉଁମାନଙ୍କ ନିମନ୍ତେ ଏହା ପ୍ରଯୁଜ୍ୟ, ବିଳମ୍ବିତ ବିକାଶ ଯୁକ୍ତ ପିଲାମାନଙ୍କ ନିମନ୍ତେ ଏହା କେତେ ଚଞ୍ଚଳ ଆରମ୍ଭ କରିହେବ, ଏହି ସହଳ ଉପଚାର ମଧ୍ୟରେ କେଉଁ ସେବା କାର୍ଯ୍ୟକ୍ରମଗୁଡ଼ିକ ଅନ୍ତର୍ଭୁକ୍ତ, ଏହାକୁ କେଉଁମାନେ ଯୋଗାଇଥାନ୍ତି ଏବଂ ଏହି ସେବାସବୁ କେଉଁଠାରେ ଉପଲବ୍ଧ ହୋଇପାରିବ ଏହା ସବୁ ଉକ୍ତ ବିଭାଗରେ ଦିଆଯାଇଛି ।


ସୋନମ୍ ଏବେ ଏକ ବର୍ଷର ହୋଇଗଲାଣି, ସେ ବସି ପାରୁ ନାହିଁ, ଆମ୍ଭେ ଡାକ୍ତରଙ୍କୁ ପରାମର୍ଶ କରିବା ଉଚିତ୍ ।
ତୁମର ଡାକ୍ତରଙ୍କ ପାଖକୁ ଯିବାକୁ ସବୁବେଳେ ଇଚ୍ଛା, ମୁଁ କହୁଛି ସବୁ ଠିକ୍ ହୋଇଯିବ ।
ମା' ଡାକ୍ତରଙ୍କୁ ଦେଖାଇବାରେ କ୍ଷତି ନାହିଁ । ଦେଖିବା ସେ କ'ଣ କହୁଛନ୍ତି ।
ତୁମର ପିଲା ବସିବା ସହିତ, ଚାଲିବା ମଧ୍ୟ ଶିଖିପାରିବ, କିନ୍ତୁ ତାହାର ତୁରନ୍ତ ଚିକିତ୍ସା ଆବଶ୍ୟକ ।

**54. ପିଲାଟି ଠିକ୍ ଭାବରେ ବଢୁନାହିଁ ବୋଲି ପିତାମାତାମାନେ କିପରି ଜାଣିବାକୁ ପାଇପାରିବେ ?**

ଶିଶୁର ବୃଦ୍ଧି ଓ ବିକାଶ ଏକ ନମୁନାକୁ ଅନୁସରଣ କରିଥାଏ, ଯେହେତୁ ସମସ୍ତ ପିଲାମାନେ ସମାନ ପ୍ରକାରର ବିକାଶ ସୋପାନ ମଧ୍ୟ ଦେଇ ଗତି କରିଥାଆନ୍ତି । ଯଥା ପ୍ରାୟ 3 ମାସ ସୁଦ୍ଧା ବେକ ସିଧା କରିପାରିବା, 6 ମାସ ସୁଦ୍ଧା ବସି ପାରିବା,11 ମାସ ସୁଦ୍ଧା ଠିଆ ହୋଇପାରିବା, ଏକ ବର୍ଷ ସୁଦ୍ଧା ଚାଲିବା ଏବଂ କଥା କହିବା ଇତ୍ୟାଦି । ଯାହା ବି ହେଉ, ବ୍ୟକ୍ତିଗତ ପାର୍ଥକ୍ୟ ଥିବା ହେତୁ, ବିକାଶ ହାର ସବୁ କ୍ଷେତ୍ରରେ ସମାନ ନ ହୋଇପାରେ । ପ୍ରାଥମିକ ବର୍ଷ ମଧ୍ୟରେ ଶିଶୁମାନେ ବେଳେବେଳେ ମନ୍ଥର ଗତିରେ ବୃଦ୍ଧି ଓ ବିକାଶ ଦେଖାଇଥାନ୍ତି । ଯଦି ପିଲାଟିର ବୟସ ତୁଳନାରେ ଅନ୍ୟ ପିଲାମାନଙ୍କ ଠାରୁ ବିକାଶ ଓ ବୃଦ୍ଧିରେ ଧୀର ଓ ପଛୁଆ ହୋଇଥିବାର ଦେଖାଯାଇଥାଏ ତେବେ ପିତାମାତାମାନେ ଅପାରଗତା ବିଷୟରେ ସନ୍ଦେହ କରିବା ଉଚିତ୍ ।

**55. ଯଦି ଶିଶୁଟିର ବିକାଶରେ ମନ୍ଥରତା ଦେଖାଯାଉଥାଏ, ତେବେ ପିତାମାତାମାନେ କ'ଣ କରିବା ଉଚିତ୍ ?**

ଯଦି ପିଲାଟିର ବିକାଶ ଅନ୍ୟ ସମବୟସ୍କ ପିଲାମାନଙ୍କ ତୁଳନାରେ ମନ୍ଥର ଏବଂ ପଛୁଆ ହେଉଥିବାର ଦେଖାଯାଇଥାଏ, ତେବେ ଯଥା ଶୀଘ୍ର ଛୋଟ ଶିଶୁମାନଙ୍କର ଡାକ୍ତରଙ୍କୁ (ଯେଉଁ ଶିଶୁ ବିଶେଷଜ୍ଞମାନେ ଜନ୍ମ ହୋଇଥିବା ଶିଶୁଙ୍କ ଉପରେ କାମ କରୁଛନ୍ତି) ପରାମର୍ଶ କରିବା ଉଚିତ୍ । ଏହି ବିଶେଷଜ୍ଞମାନେ ମେଡ଼ିକାଲ୍ କଲେଜ ଏବଂ ବଡ଼ ବଡ଼ ଡାକ୍ତରଖାନା ମାନଙ୍କରେ ଉପଲବ୍ଧ ହୋଇଥାଆନ୍ତି । ସୁଚାରୁରୂପେ ଡାକ୍ତରୀ ପରୀକ୍ଷା କରାଗଲେ, ସାଧାରଣ ବିକାଶ ଠାରୁ ରହୁଥିବା ପାର୍ଥକ୍ୟ ବିଷୟରେ ସଠିକ୍ ଖବର ମିଳିପାରିବ ଏବଂ ଚିକିତ୍ସାର ଉପାୟ ବାଛିବା ଓ ବିଳମ୍ବିତ ବିକାଶ ହେଉଥିବା ଶିଶୁର ସେବା ଓ ଯତ୍ନ ନେବାରେ ସାହାଯ୍ୟ କରିବ ।

**56. ସହଜ ଉପଚାର ସେବା କେଉଁଗୁଡ଼ିକୁ ନେଇ ଗଠିତ ହୋଇଥାଏ ?**

5 ବର୍ଷରୁ କମ୍ ବୟସର ମାନସିକ ବିକଳାଙ୍ଗ ପିଲାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସହଜ ଉପଚାର ବ୍ୟବସ୍ଥା ଇନ୍ଦ୍ରିୟ ଜନିତ କାର୍ଯ୍ୟର ତାଲିମ୍ ଏବଂ ଶିଶୁ ଉତ୍ତେଜନା (Stimulation) କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଥାଏ । ବିଶେଷକରି ସହଜ ଉପଚାର କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି, ବିଳମ୍ବିତ ବିକାଶ ଦେଖାଯାଉଥିବା ପିଲାମାନଙ୍କୁ ତାଲିମ୍ ପ୍ରଦାନ କରି

ସେମାନଙ୍କର ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ନୂତନ କାର୍ଯ୍ୟ ସବୁ ଶିଖାଇବା ଯାହା ହୁଏତ ପ୍ରାକୃତିକ ଭାବରେ ହୋଇପାରିନଥାଏ । ସ୍ନାୟୁ ବିକଳାଙ୍ଗତା ଥିବା ମାନସିକ ବିକଳାଙ୍ଗ ପିଲାମାନଙ୍କ କ୍ଷେତ୍ରରେ ଶାରୀରିକ ଚିକିତ୍ସା ଏବଂ ବସିବା, ଠିଆହେବା ପ୍ରଭୃତି ଅଙ୍ଗଭଙ୍ଗୀ ସବୁ ଶିଖାଯାଇଥାଏ ।

***57.  ସହଳ ଉପଚାର କ'ଣ ସାହାଯ୍ୟ (ଉପକାର) କରିଥାଏ ?***

ବିଳମ୍ବିତ ବିକାଶ ଶିଶୁମାନଙ୍କର ମାନସିକ ଏବଂ ଶାରୀରିକ କାର୍ଯ୍ୟକ୍ଷମତା ଗୁଡ଼ିକୁ ବୃଦ୍ଧି କରିବା ନିମନ୍ତେ ସହଳ ଉପଚାର କାର୍ଯ୍ୟକ୍ରମ ବହୁତ ଆବଶ୍ୟକ ଅଟେ । ସହଳ ଉପଚାର କେବଳ ଯେ ପିଲା ପାଇଁ ଉପକାରୀ ତାହା ନୁହେଁ ବରଂ ଅନେକ ଦିଗରୁ ପରିବାର ଏବଂ ସମାଜକୁ ଲାଭବାନ୍ କରିଥାଏ । ସହଳ ହସ୍ତକ୍ଷେପ କାର୍ଯ୍ୟକ୍ରମର ଅଧିକ ଉପକାରଗୁଡ଼ିକ ନିମ୍ନମତେ ହୋଇଥାଏ ।

**ପିଲାମାନଙ୍କ ପ୍ରତି ଉପକାର–**

- ସହଳ ଉପଚାର ଭବିଷ୍ୟତ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକ ନିମନ୍ତେ କାର୍ଯ୍ୟ କ୍ଷମତା ବିକାଶ କରିବାରେ ସାହାଯ୍ୟ କରିଥାଏ ।
- ଅନ୍ୟାନ୍ୟ ବିକଳାଙ୍ଗତା ସୃଷ୍ଟି ହେବାରେ କମ୍ କରିଥାଏ ।
- ମୂଳରୁ ପରିବାର ସହିତ ରହିବା ପାଇଁ ସୁଯୋଗ ପ୍ରଦାନ କରିଥାଏ ।
- ପିଲାଟି ଅତ୍ୟଧିକ କାର୍ଯ୍ୟଦକ୍ଷତା ଲାଭ କରିପାରିଥାଏ ।

ପିତାମାତାଙ୍କ ପ୍ରତି ଉପକାର–

- ପିତାମାତାମାନଙ୍କୁ ଫଳପ୍ରଦ କାର୍ଯ୍ୟକୁଶଳତା ଶିଖାଇଥାଏ ଯାହା ସେମାନଙ୍କର ପିଲାକୁ ଶିଖାଇବାରେ ଏବଂ ଉତ୍ତେଜିତ କରିବାରେ ସାହାଯ୍ୟ କରିଥାଏ ।
- ସହଳ ଉପଦେଶ, ପିତାମାତା ମାନଙ୍କୁ ପିଲାକୁ ଉତ୍ତମରୂପେ ଗ୍ରହଣ କରିବାରେ ସାହାଯ୍ୟ କରିଥାଏ ।
- ସହଳ ଉପଦେଶ ପରିବାରର ବିଶୃଙ୍ଖଳାଗୁଡ଼ିକୁ କମ୍ କରିବା ସହିତ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଉତ୍ତମ ଭାବ ବିନିମୟ ସୃଷ୍ଟି କରିଥାଏ ।



ସଅଳ ଚିହ୍ନଟ ଓ ଚିକିତ୍ସା ବହୁତ ସାହାଯ୍ୟ କରିଥାଏ ।

ଭାଇଭଉଣୀମାନଙ୍କ ପ୍ରତି ଉପକାର–

- ଭାଇଭଉଣୀମାନଙ୍କର ଆତ୍ମମୂଲ୍ୟବୋଧତା ବଢ଼ିଥାଏ, ଯେତେବେଳେ ସେମାନଙ୍କୁ ସେମାନଙ୍କର ମାନସିକ ବିକଳାଙ୍ଗ ଭାଇ, ଭଉଣୀ ମାନଙ୍କ ବିଷୟରେ ବୁଝିବାକୁ ସାହାଯ୍ୟ କରାଯାଇଥାଏ ଏବଂ ମାନସିକ ବିକଳାଙ୍ଗ ପିଲାର ସର୍ବାଧିକ ଉନ୍ନତି ନିମନ୍ତେ ପରିବାରରେ କରାଯାଉଥିବା ଗଠନମୂଳକ କାର୍ଯ୍ୟରେ ସେମାନେ ଭାଗ ନେଇଥାଆନ୍ତି ।
- ଭବିଷ୍ୟତରେ ଅଭିଭାବକତା ନିମନ୍ତେ ସୁବିଧା ସୁଯୋଗ ଦେଇଥାଏ ।

ଏହା ବୁଝିବା ଦରକାର ଯେ, ସଅଳ ଚିକିତ୍ସା ବିକଳାଙ୍ଗତାକୁ ଭଲ କରିନଥାଏ, କିନ୍ତୁ ପିଲାମାନଙ୍କୁ ସେମାନଙ୍କର ଅନ୍ତର୍ନିହିତ ଶକ୍ତିକୁ ଅନୁଭବ କରିବାରେ ଯଥେଷ୍ଟ ସୁଯୋଗ ପ୍ରଦାନ କରିଥାଏ ଏବଂ ମାନସିକ ବିକଳାଙ୍ଗ ପିଲାଟି ଥିବାର ପରିସ୍ଥିତିକୁ ସାମନା କରିବା ପାଇଁ ପରିବାରର ଶକ୍ତିକୁ ବୃଦ୍ଧି କରିବା ନିମନ୍ତେ ସାହାଯ୍ୟର ଜାଲ ବିଛାଇ ଦେଇଥାଏ ।

***58. ଯେତେବେଳେ ପିଲାଟିର ବିକାଶରେ ବିଳମ୍ବ ହେଉଛି ବୋଲି ଜଣା ପଡ଼ିଥାଏ, ପିତାମାତାମାନେ କେତେ ଶୀଘ୍ର ସହଜ ଉପଚାର ଚାହିଁବା ଉଚିତ୍ ?***

ଯେତେ ଚଞ୍ଚଳ ପିଲାଟିର ବିକାଶରେ ବିଳମ୍ବ କରିଛି ବୋଲି ଜଣା ପଡ଼ିଥାଏ, ତୁରନ୍ତ ଚିକିତ୍ସା ଏବଂ ଉପଚାର ପିଲାକୁ ସର୍ବାଧିକ ଉନ୍ନତି ସ୍ତରରେ ପହଞ୍ଚିବାରେ ସାହଯ୍ୟ କରିଥାଏ । ଚିକିତ୍ସା ଏବଂ ଉପଚାର ଶୀଘ୍ର ଆରମ୍ଭ କରିବା ଗୁରୁତ୍ୱପୂର୍ଣ୍ଣ, କାରଣ ଶିଶୁ ଅବସ୍ଥାରେ ମସ୍ତିଷ୍କର ନମନୀୟତା ଓ ଶିଖିବାର ଶକ୍ତି ଅଧିକ ରହିଥାଏ । ଏହା ଜଣାଶୁଣା କଥାଯେ, ଏକ ସାଧାରଣ ପିଲାର ପ୍ରଥମ 24 ମାସରେ ଅତ୍ୟଧିକ ଏବଂ ବହୁ ଚଞ୍ଚଳ ବୃଦ୍ଧି ଓ ବିକାଶ ଘଟିଥାଏ । ତେଣୁ ପିତାମାତାମାନେ ଯେତେ ଚଞ୍ଚଳ ସହଜ ହସ୍ତକ୍ଷେପ ସେବା ନିମନ୍ତେ ଆଗ୍ରହୀ ହେବେ ତାହା ପିଲା ପାଇଁ ଅଧିକ ଭଲ ହୋଇଥାଏ ।

***59. କେତେଦିନ ପର୍ଯ୍ୟନ୍ତ ପିଲାଟି ସହଜ ଉପଚାର ସେବାର ଆବଶ୍ୟକ କରିଥାଏ ?***

ସହଜ ଉପଚାର ସେବା ସାଧାରଣତଃ 3-5 ବର୍ଷ ବୟସ ପର୍ଯ୍ୟନ୍ତ ଦିଆଯାଇଥାଏ ଯାହାକି ସାଧାରଣତଃ ସ୍କୁଲ୍‌ରେ ପ୍ରବେଶ କରିବା ବୟସ ପୂର୍ବରୁ କରାଯାଇଥାଏ । ସହଜ ଉପଚାର

ସେବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ପାଞ୍ଚବର୍ଷ ବୟସ ମଧ୍ୟରେ ସମ୍ଭାବ୍ୟ ଅସୁବିଧା ଯୁକ୍ତ ପିଲାମାନଙ୍କୁ ସାହାଯ୍ୟ କରିବା ।

***60. ସହଜ ଉପଚାର ସେବା ଯୋଗାଇ ଦେବା ନିମନ୍ତେ କେଉଁ ବିଶେଷଜ୍ଞମାନଙ୍କର ଆବଶ୍ୟକତା ରହିଅଛି ?***

ମାନସିକ ବିକଳାଙ୍ଗତାର ପ୍ରଭାବ ପିଲାର ପ୍ରତ୍ୟେକ ପ୍ରକାରର ବିକାଶରେ ପରିଲକ୍ଷିତ ହୋଇଥାଏ । ତେଣୁ ଯଦି ଉପଚାରର ଚେଷ୍ଟାକୁ ଫଳପ୍ରଦ କରିବାକୁ ହୁଏ, ତେବେ ପିଲାର ସର୍ବାଙ୍ଗ ସୁସ୍ଥତା ଉପରେ ଧ୍ୟାନ ଦେବାକୁ ପଡ଼ିବ, ଯାହା ମଧ୍ୟରେ ଶାରୀରିକ, ସ୍ନାୟବିକ, କାର୍ଯ୍ୟ, ଭାଷା, ବୌଦ୍ଧିକ ଏବଂ ମାନସିକ ବିକାଶ ପ୍ରଭୃତି ଅନ୍ତର୍ଭୁକ୍ତ । ଏହି ସମସ୍ତ ବିଭାଗରେ ଉନ୍ନତି ପରସ୍ପର ସହିତ ସଂପୃକ୍ତ ହୋଇଥାଏ । ଗୋଟିଏ ବିଭାଗରେ ଉନ୍ନତି ଘଟିଲେ ତାହା ଅନ୍ୟର ବିକାଶରେ ସାହାଯ୍ୟ କରିଥାଏ । ତେଣୁ ଉପଚାର କାର୍ଯ୍ୟକ୍ରମରେ ପିଲାର ସମସ୍ତ ପ୍ରକାରର ବିକାଶ ପ୍ରତି ଦୃଷ୍ଟି ଦେବା ଉଚିତ୍ । ସହଜ ଉପଚାର ବହୁ ବିଭାଗୀୟ ଅଟେ, ଯେଉଁଥିରେ ଅନେକ ପେଶାଦାର ବିଭାଗର ସେବା ମିଶିକରି ରହିଥାଏ । ଏକ ଫଳପ୍ରଦ ଉପଚାର କାର୍ଯ୍ୟକ୍ରମ, ଶିଶୁ ବିଶେଷଜ୍ଞ, ଶାରୀରିକ ଚିକିତ୍ସକ, ସ୍ୱତନ୍ତ୍ର ପ୍ରଶିକ୍ଷକ, ମନସ୍ତତ୍ତ୍ୱବିତ୍, ବ୍ୟବସାୟିକ ଚିକିତ୍ସକ, ସମାଜ କର୍ମୀ ଏବଂ ବାକ୍ ଚିକିତ୍ସକମାନଙ୍କର ମିଳିତ ଦଳଗତ କାର୍ଯ୍ୟର ଆବଶ୍ୟକ କରିଥାଏ, ଯେଉଁମାନେ ବିକାଶମୂଳକ ଅକ୍ଷମ ଏବଂ ବିପଦପୂର୍ଣ୍ଣ ଶିଶୁ ଏବଂ ସେମାନଙ୍କର ପରିବାରକୁ ସେବା ପ୍ରଦାନ କରିଥାଆନ୍ତି ।

***61. ବିଳମ୍ବିତ ବିକାଶ ପିଲାକୁ କେବଳ ଔଷଧ, ଚିକିତ୍ସା କରିବାରେ ସାହାଯ୍ୟ କରିପାରିବ କି ?***

ଗୋଟିଏ ବିଳମ୍ବିତ ବିକାଶ ଯୁକ୍ତ ପିଲାକୁ ଭଲକରି, ସାଧାରଣ ଶିଶୁ କରିବା ନିମନ୍ତେ କୌଣସି ଔଷଧ ନାହିଁ । ଯାହା ବି ହେଉ ଅନ୍ୟାନ୍ୟ ଆନୁସଙ୍ଗିକ ରୋଗ ଯଥା : ଅପସ୍ମାର ବାତ ରୋଗରେ ବିଳମ୍ବରେ ବିକାଶ ଘଟୁଥିବା ପିଲାଟି ଯଦି ଆକ୍ରାନ୍ତ ହୋଇଥାଏ ତେବେ ସେଥିନିମନ୍ତେ ଔଷଧ ରହିଅଛି । ଅନ୍ୟାନ୍ୟ ଭୈଷଜ୍ୟ ଅସୁବିଧା ଯଥା : ଶରୀରରେ ଅଙ୍ଗଗୁଡ଼ିକ କଦାକାର ହେଲେ ସଂଶୋଧନମୂଳକ ଅସ୍ତ୍ରୋପଚାର କରାଯାଇଥାଏ ।

**62. ମାନସିକ ବିକଳାଙ୍ଗ ପିଲାଟିର ଉପସ୍ଥିତି ହେତୁ ଯଦି ପରିବାର ମଧ୍ୟରେ କୌଣସି ସମସ୍ୟା ଦେଖାଯାଏ, ତେବେ ପିତାମାତାମାନେ କାହାକୁ ପରାମର୍ଶ କରିବା ଉଚିତ୍ ?**

ବହୁ ସମୟରେ ମାନସିକ ବିକଳାଙ୍ଗ ପିଲାର ପିତାମାତାମାନେ ଅନୁଭବ କରିଥାନ୍ତି ଯେ, ସେମାନଙ୍କର ପରିବାର ଓ ବନ୍ଧୁମାନେ ସ୍ୱତନ୍ତ୍ର ଆବଶ୍ୟକତା ରହୁଥିବା ପିଲାମାନଙ୍କୁ ବଢ଼ାଇବାରେ ଯେଉଁ ସବୁ ଅସୁବିଧା ରହିଛି ତାହା ସବୁ ସଂପୂର୍ଣ୍ଣଭାବେ ବୁଝିନଥାନ୍ତି । ପିତାମାତାମାନେ ଅନ୍ୟମାନଙ୍କଠାରୁ ସମସ୍ତ ପ୍ରକାରର ଉପଦେଶ ପାଇପାରିଥାନ୍ତି । ପିତାମାତାମାନେ ସ୍ୱତନ୍ତ୍ର ତାଲିମ୍ ପ୍ରାପ୍ତ ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍ କିମ୍ବା ସମାଜକର୍ମୀମାନଙ୍କ ସହିତ ମାନସିକ ବିକଳାଙ୍ଗ ପିଲାଟି ଥିବା ଯୋଗୁଁ ପରିବାର ମଧ୍ୟରେ ରହୁଥିବା ଅସୁବିଧାଗୁଡ଼ିକୁ ଆଲୋଚନା କରିବାପାଇଁ ଚେଷ୍ଟା କରିବା ଉଚିତ୍ । ଅନ୍ୟ ଏକ ବାଟ ହେଉଛି ପିତାମାତା ନିଜର ଧର୍ମ ସଂପ୍ରଦାୟ ମଧ୍ୟରେ ଆଲୋଚନା କରିବା । ଏଭଳି ପ୍ରାଥମିକ ଅବସ୍ଥାରେ ସଠିକ୍ ଉପଦେଶ ଓ ଖବର ସବୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ଯାହା କେବଳ ପେଶାଦାର ତାଲିମ୍ ପ୍ରାପ୍ତ ବ୍ୟକ୍ତିମାନଙ୍କଠାରୁ ମିଳିପାରିଥାଏ ।

**63. ସହଳ ଉପଚାର ସେବା କେଉଁଠାରେ ଉପଲବ୍ଧ ହୋଇଥାଏ ?**

ସହଳ ଉପଚାର ବ୍ୟବସ୍ଥା ନିମ୍ନଲିଖିତ ସ୍ଥାନରେ ମିଳିପାରିଥାଏ :—

- ସାଧାରଣଭାବେ ଥିବା ଶିଶୁ ର୍ମାଗଦଶୀ ଚିକିତ୍ସାଳୟ ଏବଂ ମାନସିକ ରୋଗ ଚିକିତ୍ସାଳୟ
- ଶିଶୁ ଚିକିତ୍ସା କେନ୍ଦ୍ରମାନଙ୍କର ଉତ୍ତମ-ଶିଶୁ (Well-Baby) ଚିକିତ୍ସାଳୟ
- ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ପୁନର୍ବାସ ନିମନ୍ତେ କାର୍ଯ୍ୟ କରୁଥିବା ଅନୁଷ୍ଠାନମାନଙ୍କର ସହଳ ଉପଚାର ବ୍ୟକ୍ତିଗତ ଚିକିତ୍ସାଳୟ

ଦେଶର ବିଭିନ୍ନ ସ୍ଥାନରେ ଥିବା ସହଳ ଉପଚାର କେନ୍ଦ୍ର ସମ୍ବନ୍ଧରେ ଖବର ରାଷ୍ଟ୍ରୀୟ ମାନସିକ ବିକଳାଙ୍ଗ ଅନୁଷ୍ଠାନ, ସିକନ୍ଦରାବାଦ ଦ୍ୱାରା ପ୍ରସ୍ତୁତ ନିର୍ଦ୍ଦେଶନା ପୁସ୍ତିକାରୁ ମିଳିପାରିବ ଏବଂ ମାନସିକ ବିକଳାଙ୍ଗ କଲ୍ୟାଣ ନିମନ୍ତେ କାର୍ଯ୍ୟ କରୁଥିବା ଅନୁଷ୍ଠାନ ମାନଙ୍କରେ ଏହା ଉପଲବ୍ଧ ହୋଇପାରିବ ।

**64. ଏହା କଣ ସତ ଯେ, ସହଳ ଉପଚାର ସେବା ସାରା ଦେଶରେ ଏକ ପ୍ରକାରର ହୋଇଥାଏ ?**

ସଅଳ ଉପଚାରର ଲକ୍ଷ୍ୟ ହେଉଛି ପିଲାମାନଙ୍କୁ ସର୍ବାଙ୍ଗୀନ ବିକାଶ ଲାଭ କରିବାରେ ସାହାଯ୍ୟ କରିବା । ଯାହା ବି ହେଉ, ଯେହେତୁ ଦୁଇଜଣ ମାନସିକ ବିକଳାଙ୍ଗ ପିଲା ସମାନ ନୁହଁନ୍ତି, ତେଣୁ ଉପଚାର କାର୍ଯ୍ୟକ୍ରମଗୁଡ଼ିକ ପିଲାର ପ୍ରତ୍ୟେକଟି ଆବଶ୍ୟକତାକୁ ସୁହାଇବା ଭଳି ପ୍ରସ୍ତୁତ କରାଯାଇଥାଏ । ଇନ୍ଦ୍ରୀୟ କାର୍ଯ୍ୟ, ବୌଦ୍ଧିକ ଏବଂ ସାମାଜିକ ତାଲିମ୍, ବାକ୍ ଚିକିତ୍ସା, ଅଭିଭାବକ ଉପଦେଶ ଏବଂ ତାଲିମ କାର୍ଯ୍ୟ, ଡାକ୍ତରୀ ଏବଂ ପୌଷ୍ଟିକ ଉପଚାର ସବୁ ସହଳ ଉପଚାର କାର୍ଯ୍ୟକ୍ରମର ଅର୍ନ୍ତଭୁକ୍ତ ହୋଇଥାଏ ।

**65. ଯଦି ପରିବାରଟି ବାସ କରୁଥିବା ଯାଗାରେ ସହଳ ଉପଚାର ସେବା ଉପଲବ୍ଧ ନ ହେଉଥାଏ, ତେବେ ସେ ପରିବାରଟି କଣ କରିବା ଉଚିତ୍ ?**

ରାଷ୍ଟ୍ରୀୟ ମାନସିକ ବିକଳାଙ୍ଗ ଅନୁଷ୍ଠାନ ସିକନ୍ଦ୍ରବାଦଠାରେ ପରିବାର କୁଟୀର କାର୍ଯ୍ୟକ୍ରମ ଉପଲବ୍ଧ ଅଟେ, ଯେଉଁଠାରେ ପରିବାର ସହିତ ପିଲାଟି ସେଠାରେ ରହିକରି ଏହି କାର୍ଯ୍ୟକ୍ରମଗୁଡ଼ିକ ଲାଭ କରିଥାଏ । ପିଲାର ଏବଂ ପରିବାରର ଆବଶ୍ୟକତା ଅନୁସାରେ ଏହି କାର୍ଯ୍ୟକ୍ରମ ଏକ ସପ୍ତାହରୁ ୩ ସପ୍ତାହ ପର୍ଯ୍ୟନ୍ତ ହୋଇପାରିଥାଏ । ଅନୁସୃତ କାର୍ଯ୍ୟଗୁଡ଼ିକ ଆବଶ୍ୟକତା ଅନୁସାରେ ଯୋଗାଇ ଦିଆଯାଇଥାଏ । ଏ ସମ୍ବନ୍ଧରେ ଅଧିକ ଜାଣିବାକୁ ହେଲେ, ପରିବାର କୁଟୀର କାର୍ଯ୍ୟକ୍ରମର ସଂଚାଳକ, ରାଷ୍ଟ୍ରୀୟ ମାନସିକ ବିକଳାଙ୍ଗ ଅନୁଷ୍ଠାନ ସିକନ୍ଦ୍ରାବାଦ ସହିତ ଦୟାକରି ପତ୍ରାଳାପ କରନ୍ତୁ । ଅନ୍ୟାନ୍ୟ କେନ୍ଦ୍ରମାନଙ୍କରେ ଲପଲବ୍ଧ ହେଉଥିବା ସହଳ ଉପଚାର ସେବା ବିଷୟରେ ଖବର ସବୁ ଏନ୍.ଆଇ.ଏମ୍. ଏଚ୍. ଦ୍ୱାରା ମୁଦ୍ରିତ ହୋଇଥିବା ନିର୍ଦ୍ଦେଶନୀ ପୁସ୍ତିକାରୁ ମିଳିପାରିବ ଏବଂ ଏହା ମାନସିକ ବିକଳାଙ୍ଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନୁଷ୍ଠାନମାନଙ୍କରୁ ମଧ୍ୟ ମିଳିପାରିବ ।

**66. ପିଲାଟିର ବିକାଶ ଦିଗରେ ପିତାମାତାମାନେ କିପରି ସହାୟକ ହୋଇପାରିବେ ?**

ସହଳ ଉପଚାର କାର୍ଯ୍ୟକ୍ରମରେ ପିତାମାତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ପିତାମାତାମାନେ ଚିକିତ୍ସକ ବା ସହ ଚିକିତ୍ସକ ଭାବରେ କିମ୍ବା ଶିକ୍ଷକ ଭାବରେ ସେମାନଙ୍କର ବିଳମ୍ବିତ ବିକାଶ ପିଲା ନିମନ୍ତେ କାର୍ଯ୍ୟ କରିଥାନ୍ତି । ସୁବିଧା ସୁଯୋଗ, ଉତ୍ତେଜନା,

ସାଧାରଣ ଯତ୍ନ ଏବଂ ପିତାମାତାଙ୍କର ଯତ୍ନ ଯୋଗାଇବା ଦ୍ୱାରା ପିଲାମାନଙ୍କର ଭବିଷ୍ୟତରେ ଶିଖିବାକୁ ଥିବା କାର୍ଯ୍ୟଗୁଡ଼ିକୁ ଶିକ୍ଷା କରିବାରେ ସାହାଯ୍ୟ କରିଥାଏ ।

### *67. ମାଆଙ୍କ ବ୍ୟତୀତ ସହଜ ଉପଚାର କାର୍ଯ୍ୟକ୍ରମ ମଧ୍ୟରେ ବାପାଙ୍କୁ ସଂପୃକ୍ତ କରାଇବାର କୌଣସି ଆବଶ୍ୟକତା ରହିଅଛି କି ?*

ପିତାମାତାମାନେ ଯେତେବେଳେ ପିଲାଟିର ପ୍ରାଥମିକ ଅବସ୍ଥାରେ ତାହାର ସମସ୍ୟାଗୁଡ଼ିକ ଚିହ୍ନିଥାନ୍ତି, ବୁଝିଥାନ୍ତି ଏବଂ ଶେଷରେ ଗ୍ରହଣ କରିଥାଆନ୍ତି ସେହି ସମୟରେ ବାପାଙ୍କର ପ୍ରାଧାନ୍ୟତା ବହୁତ ଅଧିକ ରହିଥାଏ । ଏପରି କଷ୍ଟକର ପରିସ୍ଥିତିରେ ପିତାମାତାମାନେ ପରସ୍ପରକୁ ସହାୟତା କରିବା ଆବଶ୍ୟକ । ପରିବାର ମଧ୍ୟରେ ଗୋଟିଏ ମାନସିକ ବିକଳାଙ୍ଗ ପିଲା ଥିବା ହେତୁ, ପରିବାର ଉପରେ ଅଧିକ ଜଂଜାଳ ଓ କାର୍ଯ୍ୟଭାର ବଢ଼ିଯାଇଥାଏ ଯାହାକୁ ବାପାଙ୍କ ସହିତ ପରିବାରର ଅନ୍ୟାନ୍ୟ ସଦସ୍ୟମାନେ ନିଜ ମଧ୍ୟରେ ବାଣ୍ଟିକରି କରିବା ଉଚିତ୍ । ଏକ ମାନସିକ ବିକଳାଙ୍ଗ ପିଲା ଥିବାରୁ ଉଭୟ ପିତାମାତା ନିଜର ଆବେଗମୟ ପ୍ରତିକ୍ରିୟା ସହିତ କାର୍ଯ୍ୟ କରିଥାଆନ୍ତି ଏବଂ ତାହା ସହିତ ଯଥାଶୀଘ୍ର ସଂପର୍କ ସ୍ଥାପନ କରିଥାଆନ୍ତି । ବିବରଣୀରୁ ଜଣାଯାଇଛି ଯେ ଯଦି ଉପଚାର କାର୍ଯ୍ୟକ୍ରମରେ ଉଭୟ ପିତାମାତା ଯୋଗ ଦେଇଥାଆନ୍ତି ତେବେ ତାହା ଅଧିକ ସଫଳ ହୋଇଥାଏ । ତେଣୁ ସହଜ ଉପଚାର କାର୍ଯ୍ୟକ୍ରମରେ ବାପାମାନଙ୍କୁ ଅନ୍ତର୍ଭୁକ୍ତ କରିବା ନିତାନ୍ତ ଆବଶ୍ୟକ ।

### *68. ପିଲାର ବିକାଶ ଦିଗରେ ପରିବାରର ଅନ୍ୟ ସଦସ୍ୟମାନେ ସାହାଯ୍ୟ କରିପାରିବେ କି ?*

ଏହା ଜଣାଶୁଣା କଥାଯେ ପରିବାରରେ ମାନସିକ ବିକଳାଙ୍ଗ ପିଲାଟିଏ ଜନ୍ମ ହେଲେ ତାହା ଚିନ୍ତାର କାରଣ ହୋଇଥାଏ । ପିଲାଟିର ବିକଳାଙ୍ଗତାର ପରିମାଣ ଏବଂ ଉପଲବ୍ଧ ହେଉଥିବା ପାରିବାରିକ ସହାୟତା ଉପରେ ପାରିବାରିକ ବୋଝ ଏବଂ ଏହା ସହିତ ଖାପଖୁଆଇ ଚଳିବା ଓ ପରିବାର ମଧ୍ୟରେ ଏବଂ ବାହାରୁ ମିଳୁଥିବା ଆବେଗ, ଶାରୀରିକ କିମ୍ବା ଆର୍ଥିକ ସହାୟତାର ଗୁଣାତ୍ମକମାନ ଉପରେ ନିର୍ଭର କରିଥାଏ ।

ପରିବାରର ସଦସ୍ୟ ଯଥା : ଭାଇଭଉଣୀ ଏବଂ ବୁଢ଼ାବାପା ମାଆ ମାନଙ୍କର ପରିବାର ମଧ୍ୟରେ ଖାପ ଖୁଆଇ ଚଳିବା ନିମନ୍ତେ ସାହାଯ୍ୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି । ସେମାନେ ମଧ୍ୟ ବିଶେଷଜ୍ଞଙ୍କ ବା ତାଲିମପ୍ରାପ୍ତ ଅଭିଭାବକଙ୍କ ଉପଦେଶାନୁସାରେ ପିଲାର ହସ୍ତକ୍ଷେପ କାର୍ଯ୍ୟକ୍ରମରେ ଯୋଗ ଦେଇପାରିବେ ।

***69. ଏହା କଣ ସତ ଯେ, ଯଦି ପିତାମାତାମାନେ ପିଲାର ତାଲିମ୍ କାର୍ଯ୍ୟରେ ବହୁତ ସମୟ ଉପଯୋଗ କରନ୍ତି, ତେବେ ଅଧିକ ଫଳପ୍ରଦ ହେବ ?***

ପ୍ରତ୍ୟେକ ପିଲାର ବ୍ୟକ୍ତିଗତ ତାଲିମ୍‌ର ଆବଶ୍ୟକତା ରହିଥାଏ ଯାହାଫଳରେ ତାଲିମ୍ ସମୟର ଆବଶ୍ୟକତା ଭିନ୍ନ ଭିନ୍ନ ହୋଇଥାଏ । ପିଲାର ତାଲିମ୍ କାର୍ଯ୍ୟକ୍ରମକୁ ନିତିଦିନିଆ ଜୀବନର କାର୍ଯ୍ୟକ୍ରମ ମଧ୍ୟରେ ପ୍ରସ୍ତୁତ କରାଯାଇ ପାରିବ ଯେଉଁଥିରେ ପିତାମାତା ଓ ପିଲା ମଧ୍ୟରେ ଭାବ ବିନିମୟ ହୋଇପାରିବ । ପିତାମାତାମାନେ ପିଲାମାନଙ୍କୁ ସର୍ବାଧିକ ଉପକୃତ କରିବା ନିମନ୍ତେ କେତେ ସମୟ ଦେଲେ ତାହା ଅପେକ୍ଷା କେତେ ଭଲ ଭାବରେ ସମୟକୁ କଟାଇଲେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

***70. ଜଣେ ଅଭିଭାବକ ସହଳ ଉପଚାରକୁ ବନ୍ଦ କରିବେ କିମ୍ବା ପିଲାକୁ କୌଣସି ନର୍ସରୀ ବା ପ୍ରାକ୍ ସ୍କୁଲକୁ ପଠାଇବେ ଏହା କିପରି ଭାବରେ ସ୍ଥିର କରିବେ ?***

ସାଧାରଣତଃ ସହଳ ଉପଚାର କାର୍ଯ୍ୟକ୍ରମ ତିନିବର୍ଷ ବୟସ ପର୍ଯ୍ୟନ୍ତ ଉପଲବ୍ଧ ହୋଇପାରୁଛି ଏବଂ ଏହା 5 ବର୍ଷ ବୟସ ପର୍ଯ୍ୟନ୍ତ ବଜାଯାଇ ପାରିଥାଏ । ଏହାପରେ ପିଲାଟି ପ୍ରାକ୍ ସ୍କୁଲରେ ପରବର୍ତ୍ତୀ ପାଠପଢ଼ା ନିମନ୍ତେ ପ୍ରବେଶ କରିଥାଏ । ପରବର୍ତ୍ତୀ ଉପଦେଶ ସବୁ ସ୍ୱତନ୍ତ୍ର ଶିକ୍ଷକ ଏବଂ ମନସ୍ତତ୍ତ୍ୱବିତ୍ ମାନେ ଯୋଗାଇ ଦେଇ ପାରିବେ ।

***71. ସହଳ ଉପଚାର ପରେ କଣ କରାଯାଇପାରିବ ?***

ଭାରତରେ ସହଳ ହସ୍ତକ୍ଷେପ କାର୍ଯ୍ୟକ୍ରମ 5 ବର୍ଷ ପର୍ଯ୍ୟନ୍ତ ଚାଲିଥାଏ । ପିଲାଟି 5 ବର୍ଷରେ ପହଞ୍ଚିବା ପରେ ପିତାମାତା ପିଲାକୁ ତାହାର ବିକଳାଙ୍ଗତାର ମାତ୍ରାନୁସାରେ ଓ ସମ୍ବଳ ଅନୁସାରେ ସାଧାରଣ ସ୍କୁଲ ବା ସମନ୍ୱିତ ସ୍କୁଲ କିମ୍ବା ସ୍ୱତନ୍ତ୍ର ସ୍କୁଲ ପଠାଯିବ ତାହା ବିଚାର କରିବା ଉଚିତ୍ । ଯଦି ପିଲାଟିର ମାନସିକ ବିକଳାଙ୍ଗତା ଅତ୍ୟନ୍ତ ତୀବ୍ର ହୋଇଥାଏ ଏବଂ କୌଣସି ସ୍କୁଲ ନାମ ଲେଖାଇବାକୁ ରାଜି ହୋଇନଥାନ୍ତି ତେବେ ଘରୋଇ ତାଲିମ୍ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେବା ଉଚିତ୍ । ସ୍ୱତନ୍ତ୍ର ଶିକ୍ଷକ ଏବଂ ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍‌ଙ୍କ ଭଳି ପେଶାଦାର ବିଶେଷଜ୍ଞମାନେ ପିତାମାତାମାନଙ୍କୁ ସେବା କାର୍ଯ୍ୟକୁ ବାଛିବାରେ ସାହାଯ୍ୟ କରିପାରିବେ । କିନ୍ତୁ ସେହି ସ୍ଥାନରେ ମାନସିକ ବିକଳାଙ୍ଗ ପିଲାମାନଙ୍କ ନିମନ୍ତେ କିପରି ଭାବରେ ସେବା ଉପଲବ୍ଧ, ତାହା ଉପରେ ସମସ୍ତ କାର୍ଯ୍ୟ ନିର୍ଭର କରିଥାଏ ।

# ସୂଚନା

4

# ବିଦ୍ୟାଳୟର ଶିକ୍ଷା

ସରକାରଙ୍କ ଦ୍ୱାରା ମାଗଣା ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପ୍ରତି ଦିଆଯାଉଥିବା ପ୍ରାଧାନ୍ୟତା, ଦ୍ରୁତ ସହରୀକରଣ ଓ ସେମାନଙ୍କର ଅଧିକାର ଓ ଶିକ୍ଷିତ ସମାଜର ସୁବିଧାସୁଯୋଗ ସମ୍ପର୍କରେ ବର୍ଦ୍ଧିତ ଜନ ଜାଗରଣ ସୃଷ୍ଟି ଫଳରେ, ପିତାମାତା ସେମାନଙ୍କର ପିଲାମାନଙ୍କର ଉଚ୍ଚ ଶିକ୍ଷା ପାଇଁ ଆଶା ପୋଷଣ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଯେତେବେଳେ ପିତାମାତା ଦେଖନ୍ତି ଯେ ସେମାନଙ୍କର ସାଧାରଣ ବୁଦ୍ଧି ସଂମ୍ପର୍ଣ୍ଣ ପିଲାମାନେ ବିଦ୍ୟାଳୟରେ ନାମ ଲେଖାଇ ସେମାନଙ୍କର ମାନସିକ ବିକଳାଙ୍ଗ ପିଲା, ଯିଏ କି ସବୁଥିରେ ବହୁତ ପଛରେ ଥାଏ, ତୁଳନାରେ ପାଠପଢ଼ାରେ ବହୁତ ଭଲ କରିଥାଆନ୍ତି, ସେତେବେଳେ ପିତାମାତା ଅଧିକ ବ୍ୟସ୍ତ ଏବଂ ଚିନ୍ତିତ ହୋଇପଡ଼ନ୍ତି । ପିତାମାତାମାନେ ମଧ୍ୟ ସେମାନଙ୍କର ମାନସିକ ବିକଳାଙ୍ଗ ପିଲାଟିକୁ ସ୍କୁଲରେ ନାମ ଲେଖାଇବାରେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ସେମାନେ ସେମାନଙ୍କ ପିଲାକୁ କୌଣସି ସାଧାରଣ ସ୍କୁଲକୁ କିମ୍ବା ମାନସିକ ବିକଳାଙ୍ଗ ପିଲାଙ୍କ ପାଇଁ ଉର୍ଦ୍ଦିଷ୍ଟ ସ୍କୁଲକୁ ପଠାଇବେ ବୋଲି ସ୍ଥିର କରିପାରନ୍ତି ନାହିଁ । କେତେକ ମୃଦୁ ମାନସିକ ବିକଳାଙ୍ଗ ପିଲା ସାଧାରଣ ସ୍କୁଲକୁ ଯାଉଥିଲେ ମଧ୍ୟ ନିଜର ବୁଦ୍ଧି କମ୍ ହେତୁ ସାଧାରଣ ପାଠ୍ୟକ୍ରମକୁ ବୁଝିପାରନ୍ତି ନାହିଁ । ଏପରି ପରିସ୍ଥିତିରେ ପିତାମାତା କଣ କରିବେ ଏହା ସ୍ଥିର କରିବା ପାଇଁ ଅନ୍ୟ ଠାରୁ ଠିକ୍ ଉପଦେଶ ପାଇବାକୁ ଚାହିଁଥାଆନ୍ତି । ଏହି ଭାଗରେ ପିତାମାତାମାନେ ସେମାନଙ୍କର ମାନସିକ ବିକଳାଙ୍ଗ ପିଲାଟିର ବିଦ୍ୟାଳୟର ବା ସ୍କୁଲର ଶିକ୍ଷା ବିଷୟରେ ବାରମ୍ବାର ପଚରାଯାଇଥିବା କେତେକ ପ୍ରଶ୍ନର ଉତ୍ତର ଦିଆଯାଇଛି ।



ରମେଶ କ'ଣ କେବେ ସ୍କୁଲକୁ ଯାଇପାରିବ ।
ଆପଣ ରମେଶକୁ ସ୍ୱତନ୍ତ୍ର ସ୍କୁଲରେ ଦାଖଲ୍ କରିବାକୁ ଚାହୁଁଛନ୍ତି । କାହିଁକି କ'ଣ ହେଲା ?
ହେ, ସେ ମାନସିକ ବିକଳାଙ୍ଗ ପିଲାଙ୍କ ସ୍କୁଲ, ସେଠାରେ ସେ ଅଧିକ ଖରାପ ହୋଇଜିବ ।
କିନ୍ତୁ ରାଧାର ଝିଅ ତ ସ୍କୁଲରେ ବହୁତ ଉନ୍ନତି କରୁଛି । ସେଠାରେ ଅଧକ୍ଷଙ୍କୁ କାହିଁକି ଦେଖା କରୁନାହଁ ।
SPECIAL SCHOOL
ଶ୍ରୀମତୀ ରାଓ, ମୁଁ ଆପଣଙ୍କ କଥା ବୁଝିପାରୁଛି । ପ୍ରତ୍ୟେକ ପିଲାଙ୍କୁ ତାହାର ଅବସ୍ଥା ଓ ଆବଶ୍ୟକତା ଅନୁସାରେ ପଢ଼ାଯାଇଥାଏ ।
SPL

**72. ଜଣେ ମାନସିକ ବିକଳାଙ୍ଗ ପିଲାକୁ କେତେ ଶୀଘ୍ର ସ୍କୁଲରେ ଦାଖଲ କରାଇବା ଉଚିତ୍ ?**

ଜଣେ ମାନସିକ ବିକଳାଙ୍ଗ ପିଲାକୁ 5 ରୁ 6 ବର୍ଷ ମଧ୍ୟରେ ସ୍କୁଲରେ ଦାଖଲ କରାଇବା ଉଚିତ । ଯାହା ବି ହେଉ, ଏହା ଯୁକ୍ତିସଂଗତ ଯେ ପିଲାଟିକୁ ନିୟମିତ ସ୍କୁଲରେ ଦାଖଲ କରାଇବା ପୂର୍ବରୁ ପିତାମାତା ପିଲାର ସହଳ ଚିକିତ୍ସା ଏବଂ ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଭର୍ତ୍ତି କରାଇବା ଉଚିତ୍ ।

**73. ଏକ ସ୍ୱତନ୍ତ୍ର ବିଦ୍ୟାଳୟରେ ଦାଖଲ କରାଇବା ନିମନ୍ତେ କି ପ୍ରକାରର ନିୟମାବଳୀ ଅନୁସରଣ କରାଯାଇଥାଏ ?**

ଭାରତର ସ୍ୱତନ୍ତ୍ର ସ୍କୁଲଗୁଡ଼ିକ ନିଜ ନିଜର ନିୟମ ଅନୁଯାୟୀ ନାମ ଲେଖାଇଥାନ୍ତି । ନାମ ଲେଖାଇବାର କେତେକ ସାଧାରଣ ନିୟମାବଳୀ ନିମ୍ନରେ ଦିଆଯାଇଛି :–

- ପିଲାଟି ମାନସିକ ବିକଳାଙ୍ଗ ହୋଇଥିବାର ପ୍ରମାଣ ପତ୍ର ଉପସ୍ଥାପନ ।
- ପିଲାଟି 5 ବର୍ଷରୁ 18 ବର୍ଷ ବୟସ ମଧ୍ୟରେ ହୋଇଥିବା ଉଚିତ୍ ।
- ପିଲାଟି ଝାଡ଼ା, ପରିସ୍ରା କରିବା ବିଷୟରେ ତାଲିମପ୍ରାପ୍ତ ହେବା ଉଚିତ୍ ।
- ପିଲାଟି ଚଲାବୁଲା କରିପାରୁଥିବା ଉଚିତ୍ ।
- ପିଲାଟିର ଅପସ୍ମାର ବାତ, ବ୍ୟବହାରିକ ସମସ୍ୟା ଆଦି ପରି କୌଣସି ଖରାପ ଅବସ୍ଥା ନଥିବା ଉଚିତ୍ ।

ଯାହା ବି ହେଉ, କେତେକ ସ୍ୱତନ୍ତ୍ର ସ୍କୁଲ ବିଭିନ୍ନ କାରଣରୁ ଯେଉଁ ମାନସିକ ବିକଳାଙ୍ଗ ପିଲାମାନଙ୍କୁ ନାମ ନଲେଖାଇ ସେମାନଙ୍କୁ ଘରୋଇ ତାଲିମ୍ ଦେଇଥାଆନ୍ତି । ଏପରି ପରିସ୍ଥିତିରେ ପିଲାଟି ସ୍କୁଲକୁ ଯିବାକୁ ସକ୍ଷମ ହେବା ପର୍ଯ୍ୟନ୍ତ ପିତାମାତାମାନେ ତାକୁ ଘରେ ତାଲିମ୍ ଦେଇଥାଆନ୍ତି ।

ଶ୍ରେଣୀ ବାହାରକୁ ଯାଇ ନଥାଏ । ଯାହା ବି ହେଉ, ସ୍ୱତନ୍ତ୍ର ପିଲାଟିର ବିଶେଷ ଆବଶ୍ୟକତା ଅନୁସାରେ ସ୍ୱତନ୍ତ୍ର ଶିକ୍ଷକ ଜଣକ ଶ୍ରେଣୀ ଶିକ୍ଷକଙ୍କୁ ସମୟେ ସମୟେ ସାହାଯ୍ୟ କରିଥାଆନ୍ତି ।

### *79. ଭାରତରେ ସମନ୍ୱିତ ଶିକ୍ଷାନୁଷ୍ଠାନ ରହିଛି କି ?*

ସମନ୍ୱିତ ଶିକ୍ଷା ପ୍ରଦାନ କରୁଥିବା ବିଦ୍ୟାଳୟ ମାନ ଆମ ଦେଶରେ ରହିଅଛି । କିନ୍ତୁ ସେଗୁଡ଼ିକର ସଂଖ୍ୟା ବହୁତ କମ୍ । ଏ ସ୍କୁଲ ଗୁଡ଼ିକର ଠିକଣା ଜାଣିବାକୁ ହେଲେ ନିମ୍ନୋକ୍ତ ଠିକଣାରେ ଚିଠି ଲେଖନ୍ତୁ ।

ଇନ୍‌ଫରମେସନ୍ ଆଣ୍ଡ ଡକୁମେଣ୍ଟେସନ୍ ଅଫିସର, ଜାତୀୟ ମାନସିକ ବିକଳାଙ୍ଗ ଅନୁଷ୍ଠାନ, ସିକନ୍ଦରାବାଦ୍, କିମ୍ବା ଯୁଗ୍ମ ସଂପାଦକ (ସ୍କୁଲ ଶିକ୍ଷା), ଶିକ୍ଷା ବିଭାଗ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଶାସ୍ତ୍ରୀ ଭାବନ, ନୂଆଦିଲ୍ଲୀ, କିମ୍ବା ଜାତୀୟ ଶିକ୍ଷା ତାଲିମ୍ ଓ ଗବେଷଣା ପରିଷଦ, ନୂଆଦିଲ୍ଲୀ ।

### *80. ଗୋଟିଏ ପିଲାକୁ ସ୍ୱତନ୍ତ୍ର ସ୍କୁଲକୁ ପଠାଇବା ଦ୍ୱାରା କ'ଣ ଲାଭ ହୋଇଥାଏ ?*

ମାନସିକ ବିକଳାଙ୍ଗ ପିଲାମାନଙ୍କ ପାଇଁ ବ୍ୟକ୍ତିଗତ ମୂଲ୍ୟାୟନ ଏବଂ ସବିଶେଷ ତାଲିମ୍‌ର ଆବଶ୍ୟକତା ରହିଥାଏ । ସ୍ୱତନ୍ତ୍ର ସ୍କୁଲ ଗୁଡ଼ିକ ଏକ ମାନସିକ ବିକଳାଙ୍ଗ ପିଲାକୁ ନିମ୍ନ ପ୍ରକାରର ସୁବିଧା ପ୍ରଦାନ କରିଥାଆନ୍ତି ।

- ଛୋଟ ଆକାର ଶ୍ରେଣୀ ଯଥା :— 6 ରୁ ୫ ମଧ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା
- ସ୍ୱତନ୍ତ୍ର ତାଲିମ୍ ପ୍ରାପ୍ତ ଶିକ୍ଷକ
- ବ୍ୟକ୍ତିଗତ କିମ୍ବା ଦଳଗତ (କମ୍ ସଂଖ୍ୟକ) ଶିକ୍ଷାଦାନ ବ୍ୟବସ୍ଥା
- ସ୍ୱତନ୍ତ୍ର ଶିକ୍ଷା ଉପକରଣ ଗୁଡ଼ିକର ବ୍ୟବହାର
- କମ୍ ପରିମାଣର ପାଠର ଚାପ ଏବଂ ପ୍ରତିଯୋଗିତା
- ସାମାଜିକ ଚଳଣି ଏବଂ ଧନ୍ଦାମୂଳକ ତାଲିମ ବ୍ୟବସ୍ଥା

- ଏକ ସୁସ୍ଥ, ସହଣୀୟ ଓ ଗ୍ରହଣୀୟ ବାତାବରଣ
- ପ୍ରତ୍ୟେକ ପିଲାର ଆବଶ୍ୟକତା ଅନୁସାରେ ତାଲିମ୍ ଓ ଚିକିତ୍ସା ବ୍ୟବସ୍ଥା
- ପିଲାଟିର ଆଶାନୁରୂପ ପାଠପଢ଼ା ତାର କ୍ଷମତା ଅନୁସାରେ କରାଯାଇଥିବା ପ୍ରକୃତ ମୂଲ୍ୟାୟନ ଉପରେ ନିର୍ଭର କରିଥାଏ
- ସ୍ୱତନ୍ତ୍ର ଭାବେ ଗଠିତ, ନିୟନ୍ତ୍ରିତ, ଶୃଙ୍ଖଳିତ ସ୍କୁଲ କାର୍ଯ୍ୟକ୍ରମ ସବୁ ।

***81. ମାନସିକ ବିକଳାଙ୍ଗ ପିଲାକୁ ପଢ଼ାଇବାପାଇଁ ପିତାମାତାମାନେ କେଉଁଠାକୁ ପଠାଇବେ, ଏହା କିପରି ସ୍ଥିର କରିବା ଉଚିତ୍ ?***

ପ୍ରତ୍ୟେକ ପିଲାର ଆବଶ୍ୟକତା ଏବଂ ପରିବେଶ ପ୍ରାୟ ଅଲଗା ପ୍ରକାରର ହୋଇଥାଏ । କେଉଁ ସ୍ଥାନକୁ ପଠାଯିବ, ଏହା ଜଣେ ମନସ୍ତତ୍ତ୍ୱବିତ୍ କିମ୍ବା ସ୍ୱତନ୍ତ୍ର ଶିକ୍ଷକଙ୍କ ଦ୍ୱାରା ପରୀକ୍ଷା କରାଯାଇ ସ୍ଥିର କରାଯାଇଥାଏ । ଯାହା ବି ହେଉ, ଏ ପ୍ରକାରର ସିଦ୍ଧାନ୍ତ ନେବା ସମୟରେ ସାଧାରଣତଃ ନିମ୍ନୋକ୍ତ ବିଷୟଗୁଡ଼ିକୁ ମନେରଖିବା କଥା :—

- ପିଲାଟିର ବିକଳାଙ୍ଗତାର ଲକ୍ଷଣ ଏବଂ ଗଭୀରତା
- ପିଲାଟିର ଶିକ୍ଷାର ଆବଶ୍ୟକତା ପାଇଁ ସ୍ଥାନୀୟ ସ୍କୁଲ ମାନଙ୍କରେ ମିଳିପାରୁଥିବା ସୁବିଧା ବା ଉପାୟ
- ପିଲାର ଯତ୍ନ ନେବାପାଇଁ ସମାଜ ବା ଗୋଷ୍ଠୀରେ ମିଳୁଥିବା ସୁବିଧା
- ସମାଜ ଓ ସାଇପଡ଼ିଶାରେ ପିଲାଟିର ସାଙ୍ଗ ସାଥି ହେବାପାଇଁ ମିଳୁଥିବା ସୁବିଧା
- ପିଲାର ଦୈନନ୍ଦିନ ଯତ୍ନ ନେବାରେ ପାରିବାରିକ ଜୀବନ ଓ ସଂପର୍କ ଉପରେ ପ୍ରଭାବ ।

***82. ଜଣେ ମାନସିକ ବିକଳାଙ୍ଗ ଶିଶୁ ପ୍ରତିଦିନ କେତେ ସମୟ ପାଇଁ ସ୍କୁଲକୁ ଯିବା ଦରକାର ?***

ଜଣେ ଛାତ୍ର ଯଦି ନିୟମିତ ଭାବେ ଏକ ସ୍ୱତନ୍ତ୍ର ସ୍କୁଲକୁ ଯାଉଥାଏ, ତେବେ ସ୍କୁଲର ଶାସନ କର୍ତ୍ତୃପକ୍ଷ ସ୍କୁଲ ସମୟ ସ୍ଥିର କରିଥାଆନ୍ତି ଯାହା କି, ପ୍ରତ୍ୟେକ ଦିନ 5 ଘଣ୍ଟାରୁ 6 ଘଣ୍ଟା ମଧ୍ୟରେ ହୋଇଥାଏ ।

**83. ସମସ୍ତ ମାନସିକ ବିକଳାଙ୍ଗ ପିଲାମାନଙ୍କୁ କଣ ସମାନ ବା ଏକାକଥା ଶିଖାଯାଇଥାଏ ?**

ସବୁ ପିଲାମାନଙ୍କର ବ୍ୟକ୍ତିଗତ ଆବଶ୍ୟକତା ରହୁଥିବାରୁ ସମସ୍ତଙ୍କୁ ଏକାକଥା ଶିଖାଯାଇ ପାରିବ ନାହିଁ । ମାନସିକ ବିକଳାଙ୍ଗ ପିଲାମାନଙ୍କର ବ୍ୟକ୍ତିଗତ ଆବଶ୍ୟକତାକୁ ପୂରଣ କରୁଥିବା ଭଳି ଉପଯୁକ୍ତ ଶିକ୍ଷା କାର୍ଯ୍ୟକ୍ରମ ଏବଂ ଶିକ୍ଷା ପ୍ରଣାଳୀ ଯଦି ପ୍ରଦାନ କରାଯାଏ ତେବେ ସେମାନେ ଶିଖିପାରିବେ । ପ୍ରତ୍ୟେକ ପିଲା ପାଇଁ ବ୍ୟକ୍ତିଗତ ଶିକ୍ଷା କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥାଏ । ପିଲାକୁ କ'ଣ ଶିଖାଯିବ, ଏହା ସ୍ଥିର କରିବା ପୂର୍ବରୁ ସେ କ'ଣ ଜାଣିଛି କିମ୍ବା ଜାଣିନି ତାହା ଏକ ପରୀକ୍ଷା କରି ଦେଖାଯାଇଥାଏ । ସାଧାରଣତଃ ଏହି ସିଦ୍ଧାନ୍ତ ନେବା ସମୟରେ ପିତାମାତା, ସ୍କୁଲ ଶିକ୍ଷକ, ମନସ୍ତତ୍ତ୍ୱବିତ୍, ବାକ୍ ଚିକିତ୍ସକ, ବୃତ୍ତିଗତ ଚିକିତ୍ସକ, ଡାକ୍ତର ପ୍ରଭୃତି ବିଶେଷଜ୍ଞମାନଙ୍କୁ ଏବଂ ଯେଉଁଠାରେ ସମ୍ଭବ ସେହି ପିଲାକୁ ମଧ୍ୟ ସଂପୃକ୍ତ କରିବା କଥା ।

**84. ସମସ୍ତ ମାନସିକ ବିକଳାଙ୍ଗ ପିଲାଙ୍କ ପାଇଁ କ'ଣ ଏକ ପ୍ରକାରର ଶିକ୍ଷା ପ୍ରଣାଳୀ ବ୍ୟବହୃତ ହୋଇଥାଏ ?**

ମାନସିକ ବିକଳାଙ୍ଗ ପିଲାଙ୍କୁ ଶିକ୍ଷା ଏବଂ ତାଲିମ ଦେବାର ପ୍ରଣାଳୀ ସବୁ ବ୍ୟବହାରିକ ମନସ୍ତତ୍ତ୍ୱର ନିୟମ ଅନୁଯାୟୀ କରାଯାଇଛି । ଏହି ପ୍ରଣାଳୀ ଅନୁସାରେ ସମୁଦାୟ ଶିକ୍ଷା କାର୍ଯ୍ୟକୁ ଛୋଟ ଛୋଟ ଭାଗରେ ବିଭକ୍ତ କରିଦିଆଯାଇଥାଏ ଏବଂ ଧୀରେ ଧୀରେ ପ୍ରୋତ୍ସାହନ ମାଧ୍ୟମରେ ଗୋଟିଏ ଗୋଟିଏ ଅଂଶକୁ ଶିଖାଇ ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ଶିଖାଯାଇପାରିଥାଏ ।

ସମସ୍ତ ମାନସିକ ବିକଳାଙ୍ଗ ପିଲାମାନଙ୍କର ଶିକ୍ଷା ପ୍ରଣାଳୀ ଏକ ପ୍ରକାରର ହୋଇନଥାଏ । ତୀବ୍ର ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଅଧିକ ସୁଶୃଙ୍ଖଳ ଏବଂ ସଂକ୍ଷିପ୍ତ ଶିକ୍ଷା ପ୍ରଣାଳୀ ଦ୍ୱାରା ଛୋଟ ଛୋଟ ସୋପାନ ମାଧ୍ୟମରେ ଶିକ୍ଷା ଦେବାର ଆବଶ୍ୟକତା ପଡ଼ିଥାଏ ।

**85. ଦେଶର ସମସ୍ତ ସ୍ୱତନ୍ତ୍ର ସ୍କୁଲରେ କଣ ଏକ ପ୍ରକାରର ପାଠ୍ୟ ଖସଡ଼ା ଅନୁସରଣ କରାଯାଇଥାଏ ?**

ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ଶିକ୍ଷା ଦେବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପ୍ରୟୋଜନାନୁରୂପ କାର୍ଯ୍ୟ ଶିଖାଇବା, ଯାହା ଦ୍ୱାରାକି ବିକଳାଙ୍ଗ ପିଲାମାନଙ୍କର ଅନ୍ୟମାନଙ୍କ ଉପରେ ନିର୍ଭର

କରିବାର ପରିମାଣ ଯଥାସମ୍ଭବ କମିଯିବ ଏବଂ ସେମାନଙ୍କର ଆତ୍ମନିର୍ଭରଶୀଳତା ବଢ଼ିବ । ପ୍ରତ୍ୟେକ ପିଲାର ଓ ସମାଜର ଅଲଗା ଅଲଗା ଆବଶ୍ୟକତା ରହୁଥିବାରୁ ଦେଶସାରା ସମାନ ପାଠ୍ୟକ୍ରମ ମନୋନୟନ କରିବା ସମ୍ଭବ ନୁହେଁ । ତଥାପି ପାଠ୍ୟକ୍ରମର ବିଷୟଗୁଡ଼ିକ ସମାନ ରହିଥାଏ ଯଥା :— ଚଳନ ଶକ୍ତି, ଆତ୍ମଯତ୍ନ, ସାମାଜିକ, କଥୋପକଥନ ଏବଂ କାର୍ଯ୍ୟ ସମ୍ବନ୍ଧୀୟ ପାଠ୍ୟଦକ୍ଷତା, ଯାହା ବି ହେଉ, ପିଲାର ବର୍ତ୍ତମାନର ଏବଂ ଭବିଷ୍ୟତର ଆବଶ୍ୟକତା ଅନୁସାରେ ଏହାର ପରିବର୍ତ୍ତନ କରାଯାଇଥାଏ ।

### *86. ଯଦି ଜଣେ ମାନସିକ ବିକଳାଙ୍ଗ ପିଲାକୁ ଘରେ କହୁଥିବା ଭାଷା ବ୍ୟତୀତ ଅନ୍ୟ ଭାଷାରେ ଶିକ୍ଷା ଦିଆଯାଏ ତେବେ ପିଲା ଉପରେ ଏହାର କି ପ୍ରଭାବ ପଡ଼ିବ ?*

ଯଦିଓ ପିଲାଟି କଥାବାର୍ତ୍ତା କରିବାକୁ ଅଧିକ ସୁଯୋଗ ମିଳିବାପାଇଁ ଭାଷା ଶିକ୍ଷା ବା ତାଲିମ୍ ଯେତେଦୂର ସମ୍ଭବ ମାତୃଭାଷାରେ ହେବା ଉଚିତ୍ ମାତ୍ର ପ୍ରକୃତରେ ଆମ ସମାଜ ହେଉଛି, ବହୁଭାଷୀୟ ଅଥାତ୍ ଆମେମାନେ ପ୍ରାୟ ଏକାଧିକ ଭାଷା ବ୍ୟବହାର କରିଥାଉ । ଏହା ଦେଖାଯାଇଛି ଯେ, ମାନସିକ ବିକଳାଙ୍ଗ ପିଲାକୁ ଶିକ୍ଷା ପ୍ରଣାଳୀ ମଧ୍ୟରେ ବିଭିନ୍ନ ଭାଷା ଶିଖାଇଲେ ସେ ମଧ୍ୟ ଏକାଧିକ ଭାଷା ଶିଖି ପାରିବ । ଯାହା ବି ହେଉ, ମାନସିକ ବିକଳାଙ୍ଗ ପିଲାମାନେ ଏକାଧିକ ଭାଷା ଶିଖିବାରେ ଅସୁବିଧା ଅନୁଭବ କରିଥାଆନ୍ତି । ଏହା ଫଳରେ ବେଳେବେଳ ପାଠପଢ଼ାରେ କମ୍ ଉନ୍ନତି ହୋଇଥାଏ, ଯାହାଦ୍ୱାରା ସେମାନେ ହତୋତ୍ସାହ ହେବା ଏବଂ ଆତ୍ମସମ୍ମାନ ହରାଇବା ଭଳି ଅନୁଭବ କରନ୍ତି ।

ତାଲିମ୍ ଏବଂ ଶିକ୍ଷା କାର୍ଯ୍ୟକ୍ରମ ମାତୃଭାଷା ମାଧ୍ୟମରେ ଦେବାକୁ ପିତାମାତା ଓ ଶିକ୍ଷକଙ୍କ ମଧ୍ୟରେ ସହଯୋଗିତା ରହିବା ଉଚିତ୍ । ପୂର୍ବରୁ ସଂଗୃହୀତ ବିବରଣୀ ଏବଂ ଗବେଷଣାର ଫଳାଫଳରୁ ଜଣାପଡ଼ିଛି ଯେ ଅଧିକ ସୁଯୋଗ ମିଳୁଥିବା ଏକ ପରିବେଶରେ କେତେକ ମାନସିକ ବିକଳାଙ୍ଗ ପିଲା ଏହି ଦ୍ୱିତୀୟ ଭାଷାକୁ ଶିଖି ଥାଆନ୍ତି ଯେତେବେଳେ ଏହାକୁ ବିଦ୍ୟାଳୟର ତାଲିମ୍ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ନିଆଯାଇଥାଏ ।

### *87. ଏକ ମାନସିକ ବିକଳାଙ୍ଗ ପିଲା ପାଠପଢ଼ାରେ କେତେଦୂର ଶିଖିପାରିବ ?*

ଅଧିକାଂଶ ମାନସିକ ବିକଳାଙ୍ଗ ପିଲା ପ୍ରାଥମିକ ଶିକ୍ଷା ବିଷୟବସ୍ତୁଗୁଡ଼ିକୁ ତାଲିମ୍ ନେଇ

ଲାଭବାନ୍ ହୋଇପାରିବେ । କୌଣସି ମୃଦୁ ମାନସିକ ବିକଳାଙ୍ଗ ପିଲାକୁ ଉଚିତ୍ ଶିକ୍ଷା ପଦ୍ଧତିରେ ଶିକ୍ଷା ଦେଲେ ସେ ପଞ୍ଚମ ଓ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ଓ ଗଣିତ କରିବାରେ ଆଗେଇ ପାରିବ । ଯେହେତୁ ମାନସିକ ବିକଳାଙ୍ଗ ପିଲାମାନେ ସେମାନଙ୍କ ବୟସର ଅଣ-ବିକଳାଙ୍ଗ ପିଲାଙ୍କ ପରି ଖୁବ୍ ଶୀଘ୍ର ଏବଂ ଭଲ ଭାବରେ ପ୍ରାଥମିକ ଶିକ୍ଷାକାର୍ଯ୍ୟକୁ ଶିଖନ୍ତି ନାହିଁ, ତେଣୁ ସେମାନଙ୍କୁ ଗତାନୁଗତିକ ପ୍ରଣାଳୀରେ ପଢ଼ାଇବା ବା ଶିକ୍ଷା ଦେବା ଠିକ୍ ହେବନାହିଁ । ମଧ୍ୟମ ଓ ଅତ୍ୟଧିକ ମାନସିକ ବିକଳାଙ୍ଗ ପିଲାଙ୍କ ପାଇଁ ପଢ଼ିବା, ଲେଖିବା ଓ ଅଙ୍କ କଷିବା ଭଳି ପାଠପଢ଼ା ଉପରେ ଗୁରୁତ୍ୱ ଦିଆଯାଏ ନାହିଁ । ବରଂ ସେହି ପିଲାମାନଙ୍କୁ ଦୈନନ୍ଦିନ କାର୍ଯ୍ୟ ବା ପ୍ରୟୋଜନାନୁରୂପ କାର୍ଯ୍ୟ ସମ୍ପାଦନ କରିବାର ଦକ୍ଷତା ହାସଲ ପାଇଁ ତାଲିମ୍ ଦେବାକୁ ଚେଷ୍ଟା କରିବା ଉଚିତ୍ ।

***88. ସ୍ୱତନ୍ତ୍ର ସ୍କୁଲଗୁଡ଼ିକରେ ସବୁ ପିଲା ମାନସିକ ବିକଳାଙ୍ଗ ଅଟନ୍ତି । ଏହା ମାନସିକ ବିକଳାଙ୍ଗ ପିଲାଙ୍କ ଉପରେ କୌଣସି କୁ-ପ୍ରଭାବ ପକାଇଥାଏ କି ?***

ସ୍ୱତନ୍ତ୍ର ସ୍କୁଲଗୁଡ଼ିକରେ ଅନେକ ସୁବିଧା ରହିଥିଲେ ମଧ୍ୟ କେତେକ ଅସୁବିଧା ମଧ୍ୟ ରହିଛି । ପିଲାଟିକୁ ସ୍ୱତନ୍ତ୍ର ସ୍କୁଲକୁ ପଠାଇବାର ପ୍ରଧାନ କୁପ୍ରଭାବ ହେଉଛି ଯେ ମାନସିକ ବିକଳାଙ୍ଗ ଶିଶୁଟି ତାର ଅଣ-ବିକଳାଙ୍ଗ ସାଙ୍ଗ ମାନଙ୍କଠାରୁ ଅଲଗା ହୋଇଯାଇଥାଏ । ଏଥିପାଇଁ ସେ ତାର ସାଙ୍ଗ ମାନଙ୍କୁ ପର୍ଯ୍ୟବେକ୍ଷଣ କରିବାରେ ସୁଯୋଗ ହରାଇଥାଏ, ଯେଉଁମାନେ କି ବୟସୋପଯୋଗୀ କାର୍ଯ୍ୟ କରି ଶିଖିବା ଓ ସାମାଜିକ ବ୍ୟବହାର ଶିଖିବାର ଏକ ନମୁନା ହୋଇପାରିଥାନ୍ତି । ଅନ୍ୟ ଏକ ସମ୍ଭାବ୍ୟ ଅସୁବିଧା ହେଉଛି ଯେ ସେମାନେ ପ୍ରକୃତ ଦୁନିଆଁର ପରିବେଶ ଠାରୁ ଦୂରେଇ ରହିଥାଆନ୍ତି ଯେଉଁଠାରେ କି କିଛି ପ୍ରୟୋଜନୀୟ ଓ ନିର୍ଦ୍ଦିଷ୍ଟ କାର୍ଯ୍ୟ ଶିଖିପାରିଥାଆନ୍ତି । ଯଦି ଶିକ୍ଷକମାନେ ପିଲାମାନଙ୍କର ଖରାପ ବ୍ୟବହାର ଗୁଡ଼ିକୁ ନିୟନ୍ତ୍ରଣ କରିବାରେ ଅସୁବିଧା ଅନୁଭବ କରନ୍ତି ତେବେ ପିଲାମାନେ ଅଧିକ ଖରାପ ବ୍ୟବହାର ଶିଖିଥାଆନ୍ତି । ଏସବୁ ଅସୁବିଧା ଗୁଡ଼ିକୁ ପୂରଣ କରିବାକୁ ହେଲେ, ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଘରେ ଓ ଗୋଷ୍ଠୀ ବା ସମାଜରେ ଅଣ-ବିକଳାଙ୍ଗ ଲୋକମାନଙ୍କ ସହିତ ମିଶିବାକୁ ଅଧିକ ସୁବିଧା ଓ ସୁଯୋଗ ଦେବା ଦରକାର ।

***89. କେଉଁ ଉପାୟରେ ମାନସିକ ବିକଳାଙ୍ଗ ପିଲାମାନେ ଚଞ୍ଚଳ ଓ ଅଧିକ ଶିଖିପାରିବେ ?***

- ଜଣେ ମାନସିକ ବିକଳାଙ୍ଗ ପିଲା ଚଞ୍ଚଳ ଶିଖିପାରିବ ଯଦି :–

- ପିଲାର ବର୍ତ୍ତମାନର କାର୍ଯ୍ୟ କରିବା କ୍ଷମତା ଅନୁଯାୟୀ ଲକ୍ଷ୍ୟ ଧାର୍ଯ୍ୟ କରାଯାଏ ।
- ଶିକ୍ଷାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସବୁ ବର୍ତ୍ତମାନ ଏବଂ ଭବିଷ୍ୟତର ଆବଶ୍ୟକତା ଉପରେ ପର୍ଯ୍ୟବେସିତ ହୋଇଥାଏ ।
- ଘର ଏବଂ ସମାଜ ପ୍ରଭୃତି ପ୍ରାକୃତିକ ପରିବେଶ ମଧ୍ୟରେ ନିଜର ଶିକ୍ଷା କାର୍ଯ୍ୟଗୁଡ଼ିକୁ ବାରମ୍ବାର ଅଭ୍ୟାସ କରିବାର ସୁଯୋଗ ଦିଆଯାଏ ।
- ଉପଯୁକ୍ତ ପଦ୍ଧତି ବା ପ୍ରଣାଳୀ ଦ୍ୱାରା ଶିକ୍ଷା ଦିଆଯାଏ ।
- ପରିବାର ଓ ବିଶେଷଜ୍ଞମାନେ ଅଧିକ ଭାବେ ଜଡ଼ିତ ହୋଇଥାନ୍ତି ।

***90. ଏକ ମାନସିକ ବିକଳାଙ୍ଗ ପିଲା ଗୋଟିଏ ସାଧାରଣ ସ୍କୁଲକୁ ଯିବା ପୂର୍ବରୁ ସ୍ୱତନ୍ତ୍ର ସ୍କୁଲକୁ ଯିବା ଦରକାର କି ?***

ଜଣେ ପିଲା ପାଇଁ ଏକ ସାଧାରଣ ସ୍କୁଲକୁ ଯିବା ପୂର୍ବରୁ ସ୍ୱତନ୍ତ୍ର ସ୍କୁଲକୁ ଯିବା ନିହାତି ଆବଶ୍ୟକ ନୁହେଁ । ଯାହା ବି ହେଉ, ପିଲାର ବିଶେଷ ଆବଶ୍ୟକତା ଏବଂ ମିଳି ପାରୁଥିବା ସୁବିଧା ଅନୁସାରେ ତାକୁ ସାଧାରଣ ସ୍କୁଲକୁ ବଦଳି କରିବା ପୂର୍ବରୁ ଅସ୍ଥାୟୀ ଭାବରେ ଏକ ସ୍ୱତନ୍ତ୍ର ସ୍କୁଲକୁ ଯିବାକୁ ସ୍ଥିର କରାଯାଇପାରେ ।

***91. ଏକ ମାନସିକ ବିକଳାଙ୍ଗ ପିଲା କ'ଣ ଗୋଟିଏ ଶ୍ରେଣୀରେ କ୍ରମାଗତ ଭାବେ ରହିଥାଏ ?***

ସ୍ୱତନ୍ତ୍ର ସ୍କୁଲଗୁଡ଼ିକ ମାନସିକ ବିକଳାଙ୍ଗ ପିଲାମାନଙ୍କ ଦଳ ବାଛିବାପାଇଁ ସେମାନଙ୍କର ନିଜର ନିୟମାବଳୀ ଅନୁସରଣ କରନ୍ତି ଯାହାକି ସାଧାରଣ ସ୍କୁଲର ଅଣ-ବିକଳାଙ୍ଗ ପିଲାଙ୍କ ପାଇଁ ହୋଇଥିବା ପଦ୍ଧତି ଠାରୁ ସଂପୂର୍ଣ୍ଣ ଭିନ୍ନ ହୋଇଥାଏ । ସ୍ୱତନ୍ତ୍ର ସ୍କୁଲ ମାନଙ୍କରେ ପିଲାମାନଙ୍କର ମାନସିକ ବୟସ, କାର୍ଯ୍ୟ କରିବାର କ୍ଷମତା ଓ ପ୍ରକୃତ ବୟସ ଅନୁସାରେ ଦଳ ନିର୍ଦ୍ଧାରଣ  କରାଯାଇଥାଏ । ସେମାନଙ୍କୁ ପ୍ରି-ନର୍ସରୀ, ନର୍ସରୀ, ପ୍ରାଇମେରୀ, ପ୍ରି-ଭୋକେସନାଲ ଏବଂ ଭୋକେସ୍‌ନାଲ୍ କିମ୍ବା ପ୍ରି-ପ୍ରାଇମେରୀ, ପ୍ରାଇମେରୀ, ସେକେଣ୍ଡାରୀ ଏବଂ ପ୍ରି-ଭୋକେସନାଲ୍ ଏବଂ ଭୋକେସନାଲ ଏପରି ଭାବରେ ଦଳ କରାଯାଇପାରିବ । ପ୍ରତ୍ୟେକ ଶ୍ରେଣୀରେ ଶାରୀରିକ କାର୍ଯ୍ୟ, କଥୋପକଥନ, ସାମାଜିକ ଓ ଆତ୍ମଯତ୍ନ ପ୍ରଭୃତି କାର୍ଯ୍ୟ ଗୁଡ଼ିକୁ ଶିକ୍ଷା ଦିଆଯାଇଥାଏ ଏବଂ ପିଲାଟି ଅନ୍ୟ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାପାଇଁ

ଏସବୁରେ ସିଦ୍ଧହସ୍ତ ହେବା ଦରକାର । ସାଧାରଣତଃ ଶ୍ରେଣୀ ଉତ୍ତୀର୍ଣ୍ଣ ନିମନ୍ତେ ପିଲାଟି, ଦିଆଯାଇଥିବା କାର୍ଯ୍ୟ (Skill) ର ଶତକଡ଼ା ୪୦ ଭାଗ ଶିଖିଥିବା ଆବଶ୍ୟକ ।

***92. ସ୍ୱତନ୍ତ୍ର ଶିକ୍ଷା ଏବଂ ତାଲିମ୍ କାର୍ଯ୍ୟକ୍ରମର ବାରମ୍ବାର ମୂଲ୍ୟ ନିରୂପଣ କରାଯାଇଥାଏ କି ?***

ଗୋଟିଏ ପିଲାର ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟକ୍ରମ ତା'ର ଦୀର୍ଘକାଳୀନ ଏବଂ ସ୍ୱଳ୍ପକାଳୀନ ଲକ୍ଷ୍ୟ ସବୁକୁ ନେଇ ପ୍ରସ୍ତୁତ କରାଯାଇଥାଏ । ସ୍ୱଳ୍ପକାଳୀନ ଲକ୍ଷ୍ୟଗୁଡ଼ିକ ପ୍ରତି ତିନି ମାସରେ ଥରେ ହେଲାବେଳେକୁ ଦୀର୍ଘକାଳୀନ କାର୍ଯ୍ୟକ୍ରମଗୁଡ଼ିକର ବର୍ଷରେ ଥରେ ମୂଲ୍ୟାୟନ କରାଯାଏ । ମୂଲ୍ୟାୟନ କରାଯିବା ସମୟରେ ସ୍ୱତନ୍ତ୍ର ଶିକ୍ଷକଙ୍କ ବ୍ୟତୀତ ପିତାମାତା, ଅନ୍ୟ ବିଶେଷଜ୍ଞ ଯଥା :—ବାକ୍ ଚିକିତ୍ସକ, ମନସ୍ତତ୍ତ୍ୱବିତ୍, ଡାକ୍ତର, ବ୍ୟବସାୟିକ ଚିକିତ୍ସକ, ସମାଜ କର୍ମୀ ଏବଂ ଯଦି ସମ୍ଭବ ତେବେ ସେଇ ପିଲାକୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ଦରକାର ।

***93. ଜଣେ ସ୍ୱତନ୍ତ୍ର ଶିକ୍ଷକ ପିତାମାତଙ୍କୁ କିପରି ଭାବରେ ସାହାଯ୍ୟ କରିପାରିବେ ?***

ଜଣେ ସ୍ୱତନ୍ତ୍ର ଶିକ୍ଷକ ପିତାମାତଙ୍କୁ ବିଭିନ୍ନ ଉପାୟରେ ସାହାଯ୍ୟ କରିପାରିବେ :—

- ନିଜର ପିଲାକୁ ବୁଝିବାପାଇଁ ଜଣେ ସ୍ୱତନ୍ତ୍ର ଶିକ୍ଷକ ପିତାମାତଙ୍କୁ ସାହାଯ୍ୟ କରିପାରିବେ ।
- ଶିକ୍ଷକ, ପିତାମାତା ଓ ପିଲା ମଧ୍ୟରେ ପାରସ୍ପରିକ ସଂପର୍କ ବଢ଼ାଇବାରେ ସାହାଯ୍ୟ କରିପାରିବେ ଯାହା ଫଳରେ କି ପିଲାଟି କିଛି ଶିଖିବା ସମୟରେ ଏହା ଅଧିକ ସାହାଯ୍ୟକାରୀ ହୋଇପାରିବ ।
- ପିତାମାତା ନିଜ ପିଲାମାନଙ୍କୁ କିପରି ତାଲିମ୍ ଦେବେ, ଶିକ୍ଷକ ତାହା ତାଙ୍କୁ ଶିକ୍ଷା ଦେଇପାରିବେ ।
- ଶିକ୍ଷକମାନେ ପିତାମାତାଙ୍କୁ କାର୍ଯ୍ୟକ୍ରମରେ ଅଧିକ ସଂପୃକ୍ତ କରାଇପାରିବେ ଏବଂ ସେଇ କାର୍ଯ୍ୟକ୍ରମକୁ ଘରେ କରାଇବାକୁ ସାହାଯ୍ୟ କରିପାରିବେ ।
- ଶିକ୍ଷକ ଖେଳନା, ଖେଳ, ବହିପତ୍ର ଏବଂ ଅନ୍ୟାନ୍ୟ ଶିକ୍ଷା ସମ୍ବନ୍ଧୀୟ ଉପକରଣଗୁଡ଼ିକର ପରାମର୍ଶ ଦେଇପାରିବେ ଯାହାକି ଉପଯୋଗୀ ଏବଂ ସ୍କୁଲ କାର୍ଯ୍ୟକ୍ରମର ଅନୁରୂପକ ହୋଇପାରିବ ।

- ପରିବାରର ଆବଶ୍ୟକତାକୁ ଚିହ୍ନଟ କରିପାରବେ ଏବଂ ଅନ୍ୟାନ୍ୟ ସାହାଯ୍ୟ ପାଇଁ ଯଥାଶୀଘ୍ର ନିର୍ଦ୍ଧାରିତ ସ୍ଥାନକୁ ପଠାଇପାରିବେ ।

**94. ପିତାମାତାଙ୍କର ସେମାନଙ୍କ ମାନସିକ ବିକଳାଙ୍ଗ ପିଲାଟିକୁ ଶିକ୍ଷାଦେବାରେ କିଛି ଭୂମିକା ରହିଛି କି ?**

ପିଲାମାନଙ୍କର ବ୍ୟକ୍ତିତ୍ୱ ଏବଂ ଜୀବନ ଗଠନରେ ପିତାମାତାଙ୍କର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ପିତାମାତା ପିଲାଟିର ଯତ୍ନ ନେବା ଓ ଲାଳନପାଳନ କରିବା ଏବଂ ପିଲାମାନଙ୍କ ସହିତ ଥିବା ସୁସଂପର୍କ ହେଉଛି ଅତ୍ୟନ୍ତ ଶକ୍ତିଶାଳୀ ଉପାଦାନ ଯାହାକି ସେମାନଙ୍କ ପିଲାମାନଙ୍କର ଶିକ୍ଷାର ଉନ୍ନତି ଦିଗରେ ପ୍ରଭାବ ପକାଇଥାଏ । ପିଲାଟିର ତାଲିମ୍ କାର୍ଯ୍ୟକ୍ରମର ଯୋଜନା, ଅଭିପ୍ରାୟ ଏବଂ ପ୍ରୟୋଗ କରିବାରେ ପିତାମାତା ମୁଖ୍ୟ ଭୂମିକା ନେଇଥାଆନ୍ତି । ପିତାମାତା ମଧ୍ୟ ସେମାନଙ୍କର ପିଲା ଓ ପରିବାର ପାଇଁ ଦକ୍ଷ ପ୍ରତିନିଧି ହିସାବରେ କାର୍ଯ୍ୟ କରିଥାଆନ୍ତି ।

**95. ପିତାମାତା ଜଣେ ଶିକ୍ଷକଙ୍କୁ କେତେ ସମୟ ଅନ୍ତରରେ ଦେଖାକରିବା ଉଚିତ୍ ?**

ପ୍ରତ୍ୟେକ ସ୍କୁଲରେ ପିତାମାତା ଓ ଶିକ୍ଷକଙ୍କ ସାକ୍ଷାତକାର ପାଇଁ ନିଜର ସ୍ୱତନ୍ତ୍ର ନିୟମାବଳୀ ସବୁ ରହିଅଛି । ଯାହା ବି ହେଉ, ପିତାମାତା ଅତିକମ୍‌ରେ ମାସକୁ ଗୋଟିଏ ଥର ପିଲାର ଉନ୍ନତି ବିଷୟରେ ଜାଣିବାପାଇଁ ଶିକ୍ଷକକୁ ଦେଖାକରିବା ଉଚିତ୍ । ଏହା ସହିତ ପ୍ରତିଦିନ ନ ହେଲେ ମଧ୍ୟ ସପ୍ତାହରେ ଥରେ ପିତାମାତାମାନେ ପିଲାର ସ୍କୁଲ ଡାଇରୀ ବା ଦିନ ପଞ୍ଜୀ ଦ୍ୱାରା ଲେଖି ଜଣାଇବା ଉଚିତ୍ ।

**96. କେତେକ ଛାତ୍ରଛାତ୍ରୀ କିଛି କାର୍ଯ୍ୟକୁ ଘରେ କରିଥାଆନ୍ତି କିନ୍ତୁ ସ୍କୁଲରେ କରି ନଥାଆନ୍ତି କିମ୍ବା ସ୍କୁଲରେ କରୁଥିବା କାର୍ଯ୍ୟକୁ ଘରେ କରିନଥାଆନ୍ତି । ଏହାର କାରଣ କଣ ହୋଇପାରେ ?**

ଏହା ସାଧାରଣତଃ ଏକ ସମସ୍ୟା, ଯେଉଁଠିକି ମାନସିକ ବିକଳାଙ୍ଗ ପିଲାଟି ପ୍ରତ୍ୟେକ ପରିସ୍ଥିତି ଓ ପ୍ରତ୍ୟେକ ଜାଗାରେ ଶିଖିଥିବା କାମକୁ କରିପାରିନଥାଏ । ଏହିହେତୁ, ସ୍ୱତନ୍ତ୍ର ଶିକ୍ଷକଙ୍କ ପରାମର୍ଶରେ ତାଲିମ କାର୍ଯ୍ୟକ୍ରମର ମୂଲ୍ୟ ନିରୂପଣ କରିବା ଦରକାର ।

**97. କୌଣସି ମାନସିକ ବିକଳାଙ୍ଗ ପିଲାର ବ୍ୟବହାରିକ ସମସ୍ୟା ଥିଲେ କ'ଣ ତାକୁ ସ୍ୱତନ୍ତ୍ର ସ୍କୁଲରୁ ବହିଷ୍କୃତ କରାଯାଇଥାଏ କି ?**




ପିଲାର ସଂପୂର୍ଣ୍ଣ ଉନ୍ନତି ନିମନ୍ତେ ପିତାମାତା ଓ ଶିକ୍ଷକମାନଙ୍କ ମଧ୍ୟରେ ଉତ୍ତମ ସଂପର୍କ ରହିବା ଉଚିତ୍ ।

କେତେକ ସ୍ୱତନ୍ତ୍ର ସ୍କୁଲ ପିଲାଟିର ଅଧିକ ବ୍ୟବହାରିକ ସମସ୍ୟା ଥିଲେ ସେଗୁଡ଼ିକର ନିୟନ୍ତ୍ରଣ ହେବା ପର୍ଯ୍ୟନ୍ତ ପିଲାଟିକୁ ସ୍କୁଲରୁ ନେଇଯିବାକୁ ପିତାମାତାଙ୍କୁ ଅନୁରୋଧ କରିଥାଆନ୍ତି । ଯଦି ଏପରି ପରିସ୍ଥିତି ଦେଖାଯାଏ, ତେବେ ପିତାମାତା କୌଣସି ମନସ୍ତତ୍ତ୍ୱବିତ୍ ବା ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ୍ ।

***98. ଜଣେ ମାନସିକ ବିକଳାଙ୍ଗ ପିଲା କେତେଦିନ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ସ୍କୁଲକୁ ଯିବା ଉଚିତ ?***

ଆଦର୍ଶ ସ୍ୱରୂପ, ଏକ ମାନସିକ ବିକଳାଙ୍ଗ ପିଲା 18 ବର୍ଷ ବୟସ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସ୍କୁଲରେ ପଢ଼ିବା ଉଚିତ୍ ଏବଂ ତାହାପରେ ସେ କୌଣସି ଧନ୍ଧାମୂଳକ ତାଲିମ୍ କେନ୍ଦ୍ର ବା ପ୍ରାପ୍ତବୟସ୍କ ଦୈନିକ କାର୍ଯ୍ୟକ୍ରମ କେନ୍ଦ୍ରରେ ଯୋଗଦେବା ଉଚିତ୍ ।

## ସୂଚନା

# 5

# ବ୍ୟବହାରିକ ସମସ୍ୟା

ପ୍ରାୟ ଶତକଡ଼ା 50 ରୁ 60 ଭାଗ ମାନସିକ ବିକଳାଙ୍ଗ ପିଲାମାନଙ୍କ ଠାରେ ବ୍ୟବହାରିକ-ସମସ୍ୟା ଦେଖାଯାଇଥାଏ । ଏହି ବ୍ୟବହାରଗତ ସମସ୍ୟା ପିତାମାତା ଓ ପରିବାରର ଅନ୍ୟ ସଦସ୍ୟମାନଙ୍କ ଉପରେ ଅଧିକ ଚାପ ଓ ନିୟନ୍ତ୍ରଣର ସମସ୍ୟା ସୃଷ୍ଟି କରିଥାଏ । ବେଳେବେଳେ ଶୁଭାକାଙ୍କ୍ଷୀ ମାନଙ୍କର କେତେକ ଭୁଲ୍ ଉପଦେଶ ଯଥା :– ପିଲାମାନଙ୍କ ପ୍ରତି ଅଧିକ ଶକ୍ତ ହେବା, କିମ୍ବା ସେମାନଙ୍କର ଖରାପ ବ୍ୟବହାର ଗୁଡ଼ିକୁ ସହିଯିବା ବା ପିଲାମାନଙ୍କୁ ଖୁସି କରାଇବା ନିମନ୍ତେ ସେମାନଙ୍କର ସମସ୍ତ ଦାବି ପୂରଣ କରିବା ଆଦି, ପରିସ୍ଥିତିକୁ ଅଧିକ ଖରାପ କରିଥାଏ । ଏପରି ବ୍ୟବହାରିକ ସମସ୍ୟା ଥିବା ହେତୁ ପିଲାମାନଙ୍କୁ ସ୍କୁଲରେ ନାମ ଲେଖାଇବାରେ ଅସୁବିଧା ହୋଇଥାଏ ଏବଂ ସେମାନଙ୍କର ବ୍ୟବହାରଗୁଡ଼ିକ ସମାଜରେ ଗ୍ରହଣୀୟ ନ ହୋଇଥିବାରୁ ପିତାମାତା ଏବଂ ପରିବାରର ଲୋକମାନେ ଲଜ୍ଜା ଅନୁଭବ କରିଥାନ୍ତି । ଏହି ବ୍ୟବହାର ସମସ୍ୟା ଥିବା ହେତୁ ମାନସିକ ବିକଳାଙ୍ଗ ପିଲାମାନେ ଚାକିରୀ କରିବା ଓ କର୍ମକ୍ଷେତ୍ରରେ ନିଜକୁ ଚଳାଇବାରେ ଅସୁବିଧା ଅନୁଭବ କରିଥାନ୍ତି । ପ୍ରତ୍ୟେକ ପିତାମାତାଙ୍କ ପକ୍ଷରେ ଏହି ବ୍ୟବହାର ସମସ୍ୟାକୁ ଆୟତ୍ତ କରିବାପାଇଁ ପ୍ରାଧାନ୍ୟ ଦେବା ଉଚିତ୍ । ବ୍ୟବହାର ସମସ୍ୟା ସମ୍ବନ୍ଧୀୟ ପ୍ରଶ୍ନ ଯଥା :– କେଉଁ ସମୟରେ କୌଣସି ଏକ ବ୍ୟବହାର, ସମସ୍ୟା ରୂପେ ଗଣାଯାଇଥାଏ, ଏହାର କାରଣ କ'ଣ ଏବଂ କେଉଁ ପରିସ୍ଥିତିରେ ଏହାର ନିୟନ୍ତ୍ରଣ ନିମନ୍ତେ ସାହାଯ୍ୟ ଲୋଡ଼ିବା ଆବଶ୍ୟକ, ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଉକ୍ତ ବିଭାଗରେ ଦିଆଯାଇଛି ।


ରମେଶ ତଳକୁ ଓହ୍ଲାଇ ପଡ଼, ତୁମେ ଖାଦ୍ୟ ଚୋରୀ କରୁଥିବାରୁ ତୁମକୁ ଆଇସ୍କ୍ରିମ୍ ମିଳିବ ନାହିଁ ।
ସେ ଛୋଟ ପିଲାଟାଏ ତାକୁ କାହିଁକି ଦଣ୍ଡ ଦେଉଛୁ ?
ତାକୁ ଠିକ୍ କ'ଣ, ଭୁଲ୍ କ'ଣ ନଶିଖାଇଲେ , ସେ ଜାଣିବ କିପରି ।
ତାକୁ ଆଇସ୍କ୍ରିମ୍ ଦେଲେ କ'ଣ ମିଳିବ ?
ସେ ଯଦି ଭୁଲ୍ କାମ କରିଛି, ସେ ଜାଣିବା ଉଚିତ୍, ଯେତେବେଳେ ସେ ଭଲ କାମ କରୁଛି, ମୁଁ ତାକୁ ଗେଲ କରୁଛି ଏବଂ ପ୍ରଶଂସା କରୁଛି ବୋଲି ତୁମେ ଦେଖୁନାହିଁ କି ?
କିନ୍ତୁ ସେ ତ ଛୋଟ ପିଲାଟାଏ ।
ଯଦି ତାକୁ ଏବେ ଠାରୁ ଠିକ୍ କରାନଯାଏ, ତେବେ ତୁମର ନାତି ରାସ୍ତାରେ ମଧ୍ୟ ଚୋରି କରିବ, ତୁମେ କ'ଣ ଏହା ଚାହୁଁଛ ?
W
ମୁଁ ଭାବୁଛି ତୁମେ ପ୍ରକୃତରେ ଠିକ୍ ।

**99. ସାଧାରଣ ବୁଦ୍ଧି ସଂପନ୍ନ ପିଲାମାନଙ୍କ ତୁଳନାରେ ମାନସିକ ବିକଳାଙ୍ଗ ପିଲାମାନଙ୍କର ବ୍ୟବହାରିକ ସମସ୍ୟା, ଅଧିକ ବା କମ୍ କିମ୍ବା ସମାନ ମାତ୍ରାରେ ଦେଖାଯାଇଥାଏ କି ?**

ସାଧାରଣ ବୁଦ୍ଧି ସଂପନ୍ନ ବ୍ୟକ୍ତି ମାନଙ୍କ ଅପେକ୍ଷା ମାନସିକ ବିକଳାଙ୍ଗ ପିଲାମାନଙ୍କଠାରେ 4 ରୁ 5 ଗୁଣ ଅଧିକ ପରିମାଣରେ ବ୍ୟବହାରିକ ସମସ୍ୟା ଦେଖାଯାଇଥାଏ ।

**100. ମାନସିକ ବିକଳାଙ୍ଗ ବ୍ୟକ୍ତମାନଙ୍କଠାରେ ଅଧିକ ପରିମାଣର ବ୍ୟବହାରିକ ସମସ୍ୟା ଦେଖାଯିବାର କାରଣ କ'ଣ ହୋଇପାରିଥାଏ ?**

ବ୍ୟବହାରିକ ଦୃଷ୍ଟିକୋଣରୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କଠାରେ ନିମ୍ନଲିଖିତ କାରଣରୁ ଅଧିକ ବ୍ୟବହାରିକ ସମସ୍ୟା ଦେଖାଯାଇଥାଏ । ଯଥା :–

- ସେମାନଙ୍କୁ ଭିନ୍ନ ଭିନ୍ନ ପରିସ୍ଥିତିରେ ନିଜକୁ ଖାପଖୁଆଇ ଚଳିବାରେ ଅସୁବିଧା ହୋଇଥାଏ ।
- ସେମାନଙ୍କର ବୁଝିବା ଶକ୍ତି ବହୁତ କମ୍ ।
- ସେମାନଙ୍କର ସାମାଜିକ କର୍ମ ଦକ୍ଷତା ବହୁତ କମ୍ ।
- ସେମାନଙ୍କଠାରେ ନିଜର ମନୋଭାବ ପ୍ରକାଶ କରିବା ଶକ୍ତି ବହୁତ କମ୍ ରହିଥାଏ ।
- ସାମାଜିକ ପରିବେଶ ମଧ୍ୟରେ ଲୋକମାନଙ୍କ ଦ୍ୱାରା କୁ-ପରିଚାଳିତ ହେଇଥାନ୍ତି ।

**101. ମାନସିକ ବିକଳାଙ୍ଗ ବ୍ୟକ୍ତି ମାନଙ୍କଠାରେ କେଉଁ ପ୍ରକାରର ବ୍ୟବହାରିକ ସମସ୍ୟା ସବୁ ଦେଖାଯାଇଥାଏ ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ବିଭିନ୍ନ ପ୍ରକାରର ବ୍ୟବହାର ସମସ୍ୟାମାନ ଦେଖାଇଥାନ୍ତି, ଯଥା :–

- କ୍ରୋଧାନ୍ୱିତ ହେବା ଏବଂ ଭଙ୍ଗାରୁଜା କରିବା ।
- ବିଦ୍ରୋହାତ୍ମକ ଏବଂ ଅମାନ୍ୟ କରିବା ।

- କ୍ରୋଧଜନିତ ମିଜାଜ୍ ଯଥା :– କାନ୍ଦିବା ଏବଂ ଦରକାରୀ ବସ୍ତୁ ମିଳିବା ପର୍ଯ୍ୟନ୍ତ ଜିଦ୍ କରିବା ।
- ଆତ୍ମଘାତୀ କାର୍ଯ୍ୟ ଯଥା :– ମୁଣ୍ଡ ପିଟିବା, ନିଜକୁ କାମୁଡ଼ିବା ଇତ୍ୟାଦି ।
- ଘରୁ ବାହାରି ପଳାଇଯିବା ।
- ପୁନଃ ପୁନଃ ବା ବାରମ୍ବାର କରୁଥିବା କାର୍ଯ୍ୟ ଯଥା :– ବସିକରି ହଲିବା ।
- ଅନ୍ୟମାନଙ୍କ ସମ୍ମୁଖରେ ହସ୍ତ ମୈଥୁନ କରିବା ବା ଅନ୍ୟମାନଙ୍କ ଶରୀରକୁ ବାରମ୍ବାର ଛୁଇଁବା ଭଳି ଯୌନଗତ ସମସ୍ୟା ଇତ୍ୟାଦି ।

ଯେ କୌଣସି ମାନସିକ ବିକଳାଙ୍ଗ ପିଲାର ଏକ ବା ଅଧିକ ପ୍ରକାରର ବ୍ୟବହାରିକ ସମସ୍ୟା ରହି ପାରିଥାଏ ଯାହାକି ପିତାମାତାଙ୍କ ନିମନ୍ତେ ଅଧିକ ଚିନ୍ତାର ବିଷୟ ହୋଇଥାଏ ।

***102. ସାଧାରଣତଃ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କ'ଣ ଅବାଧ୍ୟ ହୋଇଥାଆନ୍ତି କି ?***

ମାନସିକ ବିକଳାଙ୍ଗ ବ୍ୟକ୍ତି ମାନଙ୍କ ବିଷୟରେ ଅଭିଭାବକମାନେ କରୁଥିବା ଅଭିଯୋଗମାନଙ୍କ ମଧ୍ୟରେ ଅମାନିଆ ବା ଅବାଧ୍ୟ ହେବା, ଜିଦ୍‌ଖୋର୍ ବା କଥା କହିଲେ ନ ଶୁଣିବା ବା ଗୋଟିଏ କାମ କରିବାକୁ କହିଲେ ତାହାର ବିପରୀତ କାର୍ଯ୍ୟ କରିବା କିମ୍ବା କହିଥିବା କାମକୁ ବହୁତ ଡ଼େରିରେ କରିବା ଆଦି ଅତ୍ୟନ୍ତ ସାଧାରଣ ଅଟେ । କିନ୍ତୁ ଅନେକ ମାନସିକ ବିକଳାଙ୍ଗ ବ୍ୟକ୍ତି ମଧ୍ୟ ସଂପୂର୍ଣ୍ଣ ଭାବରେ ଆଜ୍ଞାକାରୀ ଏବଂ ଭଦ୍ର ହେବା ମଧ୍ୟ ଜଣାଶୁଣା କଥା ।

***103. ବେଳେବେଳେ ବୟସ୍କ ଓ ଶୁଭାକାଙ୍କ୍ଷୀ ବନ୍ଧୁମାନେ ଉପଦେଶ ଦେଇଥାଆନ୍ତି ଯେ, ପିଲାର ଖରାପ ବ୍ୟବହାର ପାଇଁ ବ୍ୟସ୍ତ ହେବା ଅନୁଚିତ୍ । କାରଣ ପିଲାଟି ଏବେ ଛୋଟ ଅଛି ଏବଂ ବୟସକ୍ରମେ ତାହାର ଏହି ସମସ୍ୟା ରହିବନାହିଁ । ଏହା କେତେଦୂର ଠିକ୍ ?***

ଏହା ଅତ୍ୟନ୍ତ ଜଣାଶୁଣା କଥା ଯେ, ମାନସିକ ବିକଳାଙ୍ଗ ପିଲାମାନେ କୌଣସି କାର୍ଯ୍ୟକୁ ଶିଖିବା ଓ ଭୁଲିବା ପାଇଁ ବହୁତ ସମୟ ନେଇଥାନ୍ତି । ମାନସିକ ବିକଳାଙ୍ଗ ପିଲାମାନେ

ନିଜେ ନିଜର ବ୍ୟବହାର ସମସ୍ୟା ଗୁଡ଼ିକୁ ସହଜରେ କମ୍ କରିପାରନ୍ତି ନାହିଁ । ବୁଝିବା ଶକ୍ତି କମ୍ ଥିବା ହେତୁ, ସେମାନଙ୍କର ବ୍ୟବହାରକୁ ପରିବର୍ତ୍ତନ କରିବା ପର୍ଯ୍ୟନ୍ତ ସେମାନେ ନିଜେ ଭୁଲ୍ ବ୍ୟବହାର କରୁଛନ୍ତି ବୋଲି ଜାଣିପାରନ୍ତି ନାହିଁ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ବ୍ୟବହାର ସମସ୍ୟା, ଯେଉଁ ପରିବେଶ ମଧ୍ୟରେ ଦେଖାଯାଇଥାଏ, ତାହାକୁ ପରିବର୍ତ୍ତନ କରି ଏବଂ କେତେକ ବ୍ୟବହାରିକ ପ୍ରଣାଳୀ ବ୍ୟବହାର କରି ସେମାନଙ୍କର ବ୍ୟବହାର ସମସ୍ୟା ଗୁଡ଼ିକୁ ନିୟନ୍ତ୍ରଣ କରାଯାଇପାରିବ ।

ମାନସିକ ବିକଳାଙ୍ଗ ପିଲାମାନଙ୍କର ବ୍ୟବହାର ସମସ୍ୟାଗୁଡ଼ିକୁ ଯଥାଶୀଘ୍ର ନିୟନ୍ତ୍ରଣ କରିବା ଉଚିତ୍, ନଚେତ୍ ସେମାନେ ସମାଜରେ ଗ୍ରହଣୀୟ ହୋଇପାରିବେ ନାହିଁ ।

### 104. କେତେ ଚଞ୍ଚଳ ପିତାମାତା ମାନେ ମାନସିକ ବିକଳାଙ୍ଗ ପିଲାର ବ୍ୟବହାର ସମସ୍ୟାଗୁଡ଼ିକୁ ନିୟନ୍ତ୍ରଣ କରିବା ଉଚିତ୍ ?

ମାନସିକ ବିକଳାଙ୍ଗ ପିଲାମାନଙ୍କର ବ୍ୟବହାରିକ ସମସ୍ୟା ନିୟନ୍ତ୍ରଣ ନିମନ୍ତେ କୌଣସି ବୟସ ସୀମା ଧାର୍ଯ୍ୟ କରାଯାଇନାହିଁ । ଯେତେଶୀଘ୍ର ମାନସିକ ବିକଳାଙ୍ଗ ପିଲାମାନଙ୍କ ବ୍ୟବହାର ସମସ୍ୟା ଚିହ୍ନଟ କରାଯାଇଥାଏ, ସେତେ ଶୀଘ୍ର ସେଗୁଡ଼ିକର ନିୟନ୍ତ୍ରଣ କରିବା ଉଚିତ୍ ।

### 105. ଏପରି କୌଣସି ଲକ୍ଷଣମାନ ରହିଅଛି କି, ଯାହାଫଳରେ ପିତାମାତା ମାନେ ଚିକିତ୍ସା ଓ ନିୟନ୍ତ୍ରଣ ଆବଶ୍ୟକ କରୁଥିବା ବ୍ୟବହାର ଗୁଡ଼ିକୁ ଚିହ୍ନିପାରିବେ ?

କୌଣସି ନିର୍ଦ୍ଦିଷ୍ଟ ବ୍ୟବହାରକୁ ସମସ୍ୟା ଯୁକ୍ତ ବୋଲି କହିବା ବା ନକହିବା ସାଧାରଣତଃ ବ୍ୟକ୍ତିଗତ ମତାମତ ଅଟେ । କେତେକ ଅଭିଭାବକ ସେମାନଙ୍କର ପିଲାମାନଙ୍କର ଅନେକ ମନ୍ଦ ବ୍ୟବହାରଗୁଡ଼ିକୁ ସହିଯିବାକୁ ଚାହିଁଥାଆନ୍ତି, ଯାହା ଆଦୌ ଠିକ୍ ନୁହେଁ, କାରଣ ସେଗୁଡ଼ିକୁ ପରିବର୍ତ୍ତନ କରାଯାଇପାରିବ । ବ୍ୟବହାରର ନିମ୍ନଲିଖିତ ଲକ୍ଷଣ ଗୁଡ଼ିକ ଅନୁସାରେ ପିତାମାତାମାନେ କେଉଁ ବ୍ୟବହାର ଗୁଡ଼ିକୁ ପରିବର୍ତ୍ତନ କରିବା ଦରକାର, ତାହା ସ୍ଥିର କରିପାରିବେ ।

- ଯଦି ସମସ୍ୟାଯୁକ୍ତ ବ୍ୟବହାର ଗୁଡ଼ିକ ବାରମ୍ବାର ହେଉଥାଏ ।
- ଯଦି ଏହା ବହୁ ସମୟ ପର୍ଯ୍ୟନ୍ତ ଦେଖାଦିଏ ।

- ଯଦି ଏହା ତୀବ୍ର ଭାବରେ ହେଉଥାଏ ।
- ଯଦି ଏହା ଶିକ୍ଷା ବା ତାଲିମ୍ କାର୍ଯ୍ୟରେ ବାଧା ସୃଷ୍ଟି କରୁଥାଏ ।
- ଯଦି ଏହା ସମାଜରେ ଗ୍ରହଣୀୟ ହୋଇନଥାଏ ।
- ଯଦି ଏହା ପିଲାପାଇଁ କ୍ଷତିକାରକ ହୋଇଥାଏ ।
- ଯଦି ଏହାଦ୍ୱାରା ଅନ୍ୟମାନଙ୍କର ଶାନ୍ତି ଭଙ୍ଗ କିମ୍ବା କିଛି କ୍ଷତି ହୋଇଥାଏ ।

ଯଦି ଉପରୋକ୍ତ ଲକ୍ଷଣ ମଧ୍ୟରୁ କୌଣସି ଗୋଟିଏ ମଧ୍ୟ ପିଲା ପ୍ରତି ପ୍ରଯୁଜ୍ୟ ହୁଏ ତେବେ ତାହାର ପରିବର୍ତ୍ତନ କରାଯିବା ଆବଶ୍ୟକ ।

***106. ନିଜର ମାନସିକ ବିକଳାଙ୍ଗ ଶିଶୁକୁ ଖୁସି ରଖିବା ପାଇଁ ତାହାର ସମସ୍ତ ଆବଶ୍ୟକତାକୁ ପୂରା କରିବାକୁ ଚେଷ୍ଟା କରିବାପାଇଁ ଅନେକେ ଉପଦେଶ ଦେଇଥାଆନ୍ତି । ଏହିପରି ଭାବରେ ତାକୁ ଚଳାଇବା ଉଚିତ୍ କି ?***

ପିତାମାତାମାନେ ନିଜର ପିଲାମାନଙ୍କୁ ଖୁସି ରଖିବାକୁ ଇଚ୍ଛା କରିବା ବହୁତ ଭଲକଥା । କିନ୍ତୁ ଏହାକୁ ଲାଭ କରିବା ନିମନ୍ତେ ପିଲାଟିର ଭୁଲ୍ ଓ ଅବାଞ୍ଛିତ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ଠିକ୍ ନ ହୋଇପାରେ । ପିତାମାତା ପିଲାମାନଙ୍କୁ ଶୃଙ୍ଖଳିତ କରିବା, ଯାହା ସେମାନଙ୍କର ଜୀବନ ଶୈଳୀ ଓ ଚାଲିଚଳଣକୁ ସାମାଜିକ ଢଙ୍ଗରେ ନିୟନ୍ତ୍ରିତ କରିପାରିବ, ସେଥିପାଇଁ ସେମାନଙ୍କର ଗୁରୁ ଦାୟିତ୍ୱ ରହିଅଛି । ଅନାବଶ୍ୟକ ଦାବି ଗୁଡ଼ିକୁ ପୂରଣ କରିବା ଫଳରେ ବ୍ୟବହାର ସମସ୍ୟା ଓ ବିଶୃଙ୍ଖଳତା ବଢ଼ିଯାଇଥାଏ ଯାହାକି ପରବର୍ତ୍ତୀ ସମୟରେ ନିୟନ୍ତ୍ରଣର ଆବଶ୍ୟକତା କରିଥାଏ ।

***107. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ବ୍ୟବହାର ନିମନ୍ତେ ଔଷଧ ଦ୍ୱାରା ଚିକିତ୍ସା କରିବା ଉଚିତ୍ କି ?***

ଯଦି ବ୍ୟବହାର ସମସ୍ୟା ଶାରୀରିକ ବା ଆଭ୍ୟନ୍ତରିକ କାରଣରୁ ହୋଇଥାଏ ତେବେ ଔଷଧୀୟ ଚିକିତ୍ସା ଲାଭପ୍ରଦ ହେବ । ଔଷଧ-ଚିକିତ୍ସାଫଳରେ ନିଦ ଲାଗିବା, ପ୍ରତିକ୍ରିୟା ସ୍ତର କମିଯିବା, କାର୍ଯ୍ୟପ୍ରତି ଧ୍ୟାନ ନରହିବା ଏବଂ ଅନ୍ୟାନ୍ୟ ଶାରିରୀକ ପରିବର୍ତ୍ତନ ଘଟିବା ଭଳି ଅନେକ ପ୍ରକାରର କୁ-ପ୍ରଭାବ ମଧ୍ୟ ପଡ଼ିଥାଏ । ଔଷଧ ଦେବା ଆଗରୁ ଏହା ଚିନ୍ତା

କରିବା ଦରକାର କି ଔଷଧୀୟ ଚିକିତ୍ସା କେତେଦୂର ଚିରସ୍ଥାୟୀ ଉପକାର ଦେଇପାରିବ ଯଥା :– ଖରାପ ବ୍ୟବହାର ପରିବର୍ତ୍ତେ ଭଲ ବ୍ୟବହାର ଶିଖିପାରିବ । ଯଦି ବ୍ୟବହାର ସମସ୍ୟା ଅତ୍ୟନ୍ତ ତୀବ୍ର ଓ ସାଂଘାତିକ ନୁହେଁ, ତେବେ ଔଷଧ ବିନା ବ୍ୟବହାର ନିୟନ୍ତ୍ରଣ କରିବା ଉଚିତ୍ । ବେଳେବେଳେ ବ୍ୟବହାର ସମସ୍ୟା ତୀବ୍ର ଆକାରରେ ହୋଇଥିଲେ, ବ୍ୟବହାର ସଂଶୋଧନ ଉପାୟମାନଙ୍କ ସହିତ ଔଷଧର ବ୍ୟବହାର କରାଯାଇଥାଏ ଏବଂ ଧୀରେ ଧୀରେ ଔଷଧର ପରିମାଣ କମ୍ କରିଦେବା ସହିତ ବ୍ୟବହାର ପରିଚାଳନା ପ୍ରଣାଳୀ ଉପରେ ସଂପୂର୍ଣ୍ଣ ନିର୍ଭର କରାଯାଇପାରେ ।

***108. ଆମ୍ଭମାନଙ୍କୁ କୁହାଯାଇଥାଏ ଯେ ଉଭୟ ପିତାମାତା ପିଲା ପ୍ରତି କଠୋର ହେବା ଉଚିତ୍ ନୁହେଁ, କାରଣ ଏହା ଦ୍ୱାରା ପିଲାଟି ଖରାପ ହୋଇଯାଇପାରେ । ଏହା ପରିବର୍ତ୍ତେ ପିତାମାତାଙ୍କ ମଧ୍ୟରୁ ଜଣେ କଠୋର ଓ ଅନ୍ୟଜଣେ ଉଦାର ହୋଇ ସମତା ରକ୍ଷା କରିବା ଦରକାର । ଏହା କଣ ଠିକ୍ ?***

ଯଦି ପିତାମାତା ମାନେ ଚାହୁଁଥାଆନ୍ତି ଯେ, ତାଙ୍କର ପିଲାଟି ଭଲ ବ୍ୟବହାର ଶିଖୁ ଏବଂ ଶୃଙ୍ଖଳିତ ହେଉ, ତେବେ ପିତାମାତା ଉଭୟ ସମାନ ଦାୟିତ୍ୱ ନେବା ଉଚିତ୍ । ପିତାମାତାମାନେ ପିଲାମାନଙ୍କ ନିମନ୍ତେ ଉତ୍ତମ ଆଦର୍ଶ ହେବା ଦରକାର । ପିତାମାତା ପିଲା ପ୍ରତି ଉଦାର ବା କଠୋର ହେବା ଆବଶ୍ୟକତା ନାହିଁ । ବରଂ ସେମାନେ ନିଜ ପିଲା ସହିତ ସର୍ବଦା ସମାନ ଭାବରେ ବ୍ୟବହାର କରିବା ଉଚିତ୍ ।

***109. ଏହା କ'ଣ ସତ୍ୟ ଯେ, ମାନସିକ ବିକଳାଙ୍ଗ ପିଲାମାନେ କିଶୋର ଅବସ୍ଥାରେ ପହଞ୍ଚିବା କ୍ଷଣି ସେମାନଙ୍କଠାରେ ଅନେକ ପ୍ରକାରର ଯୌନ ସମସ୍ୟା ଦେଖାଯାଇଥାଏ ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ଠାରେ ସାଧାରଣ ବୁଦ୍ଧି ସଂପନ୍ନ ବ୍ୟକ୍ତମାନଙ୍କ ଭଳି ସମାନ ପ୍ରକାରର ଶାରୀରିକ ବୃଦ୍ଧି ଓ ବିକାଶ ପରିଲକ୍ଷିତ ହୋଇଥାଏ । ତେଣୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କୈଶୋର ଅବସ୍ଥା ସହିତ ସଂପୃକ୍ତ ସମସ୍ତ ପ୍ରକାରର ଶାରୀରିକ ଓ ହରମୋନ୍‌ର ପରିବର୍ତ୍ତନ ସବୁକୁ ଅନୁଭବ କରିଥାଆନ୍ତି । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଏହି ଅବସ୍ଥାରେ ନିଜକୁ କିପରି ଚଳାଇବାକୁ ହେବ ଓ ସେମାନଙ୍କର ଶିଖିପାରିବାର ଶକ୍ତି କମ୍ ଥିବା ହେତୁ,

ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ବହୁତ ଅଧିକ ହୋଇଥାଏ । ଯାହା ବି ହେଲେ, ସ୍ୱତନ୍ତ୍ର ଶିକ୍ଷକ/ ସ୍ୱତନ୍ତ୍ର ପ୍ରଶିକ୍ଷକ, ମନସ୍ତତ୍ତ୍ୱବିତ୍ ଏବଂ ପରାମର୍ଶଦାତା ମାନେ ପ୍ରାପ୍ତ ଯୌବନ ଅବସ୍ଥାର ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ଦିଗରେ ସେମାନଙ୍କୁ ପ୍ରସ୍ତୁତ ଓ ସଚେତନ କରିବା ଦିଗରେ ଏବଂ ପ୍ରଶିକ୍ଷଣ ଦେବାରେ ସାହାଯ୍ୟ କରିପାରିବେ ।

### 110. ପ୍ରବାଦ ଅଛି ଯେ, 'ପିଲା ପ୍ରତି ଶାସନ କୋହଳ ହେଲେ ସେମାନେ ଖରାପ ହୋଇଯିବେ' (spare the rod and spoil the child'), ଏହା ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ କେତେଦୂର ପ୍ରଯୁଜ୍ୟ ?

ପିଲାମାନଙ୍କୁ ମାଡ଼ଦେଲେ, ଗାଳିଗୁଲଜ କରି ଓ ଧମକ ଦେଇ ସେମାନଙ୍କର ବ୍ୟବହାର ପରିବର୍ତ୍ତନ କରିବା ଉତ୍ତମ ଉପାୟ ନୁହେଁ । ଏହା ଦ୍ୱାରା ସେମାନଙ୍କଠାରେ ନୈରାଶ୍ୟଭାବ, ବିରକ୍ତିଭାବ ଏବଂ କ୍ରୋଧର ସୂତ୍ରପାତ ହୋଇଥାଏ ଓ ସେମାନଙ୍କର ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାଏ । ଏପରି ଉପାୟଗୁଡ଼ିକର ବ୍ୟବହାରକାରୀ ମଧ୍ୟ ଭୀଷଣ କ୍ରୋଧ ଓ ଦୋଷୀ ଅନୁଭବ କରି ମନଦୁଃଖ କରିଥାଆନ୍ତି । ପିଲାକୁ ଶୃଙ୍ଖଳିତ କରିବା ଦିଗରେ କୃତକାର୍ଯ୍ୟ ହେବାପାଇଁ ବହୁତ ଭଲ ଓ ଉପଯୁକ୍ତ ପ୍ରଣାଳୀମାନ ରହିଅଛି ଯାହାକୁ 'ବ୍ୟବହାର ସଂଶୋଧନ ପ୍ରଣାଳୀ' କୁହାଯାଏ ।

### 111. ବ୍ୟବହାର ପରିବର୍ତ୍ତନ ଦୃଷ୍ଟିକୋଣ କଣ ?

ବ୍ୟବହାର ପରିବର୍ତ୍ତନ ପ୍ରଣାଳୀ, କେତେଗୁଡ଼ିଏ ବ୍ୟବହାର ପଦ୍ଧତିକୁ ବୁଝାଇଥାଏ, ଯାହା ବ୍ୟକ୍ତିର ଭଲ ବ୍ୟବହାରଗୁଡ଼ିକୁ ବଢ଼ାଇଥାଏ ଏବଂ ଖରାପ ବ୍ୟବହାର ଗୁଡ଼ିକୁ କମ୍ କରାଯାଇପାରିଥାଏ । ଏହି ପଦ୍ଧତିଗୁଡ଼ିକ ମନସ୍ତତ୍ତ୍ୱ ବିଭାଗର ଶିଖିବାର ନିୟମ ଉପରେ ପର୍ଯ୍ୟବେକ୍ଷିତ । ଏହି ପ୍ରଣାଳୀଗୁଡ଼ିକ ଏକ ସଂଜ୍ଞା ଉପରେ ପର୍ଯ୍ୟବେକ୍ଷିତ ଯେ, ସମସ୍ତ ବ୍ୟବହାର ଭଲ ହେଉ ବା ମନ୍ଦ ହେଉ ତାହା ଶିଖିବା ଦ୍ୱାରା ହୋଇଥାଏ ତେଣୁ ସେଗୁଡ଼ିକୁ ମଧ୍ୟ ଭୁଲିଯିବା ସମ୍ଭବ । ଏହା ବିଶ୍ୱାସ କରିଯାଇଥାଏ ଯେ ପ୍ରତ୍ୟେକ ବ୍ୟକ୍ତି ଓ ସେମାନଙ୍କର ବ୍ୟବହାର ସର୍ବଦା ଅଦ୍ୱିତୀୟ ଅଟେ । ଏହି ଉପାୟ ସବୁ ପ୍ରୟୋଗ କରିବା ସମୟରେ ବ୍ୟବହାର ଯେଉଁ ପରିବେଶ ମଧ୍ୟରେ ଦେଖାଯାଉଅଛି ସେହି ପରିବେଶକୁ ନେଇ ବ୍ୟବହାରକୁ ବୁଝିବାକୁ ପଡ଼ିଥାଏ । ବ୍ୟବହାର ସହିତ ସଂପୃକ୍ତ ପାରପାର୍ଶ୍ୱିକ କାରଣ ଯଥା :– ପିଲାଟି ଯେଉଁ ମାନଙ୍କ ସହିତ ମିଶୁଛି ତାଙ୍କ ସହିତ ସମ୍ବନ୍ଧ, ସେହି ପରିବେଶକୁ ବୈଜ୍ଞାନିକ ପ୍ରଣାଳୀରେ ଏବଂ ଉତ୍ତମ ଭାବରେ ବିଶ୍ଳେଷଣ କରାଯାଇଥାଏ । ଯାହାକୁ





ମାନସିକ ବିକଳାଙ୍ଗ ପିଲାମାନଙ୍କର ବ୍ୟବହାରିକ ସମସ୍ୟାକୁ ସଂଶୋଧନ କରାଯାଇ ପାରିବ ।

'କ୍ରିୟାମୂଳକ ବିଶ୍ଳେଷଣ' ବା 'ପରିବେଶଗତ ବିଶ୍ଳେଷଣ' କୁହାଯାଇଥାଏ । ଯାହାକୁ ଅନୁସରଣ କରି ବ୍ୟବହାର ପ୍ରଣାଳୀଗୁଡ଼ିକୁ ସ୍ଥିର କରାଯାଇ କୌଣସି ବ୍ୟକ୍ତିର ବ୍ୟବହାରଗୁଡ଼ିକୁ ବଢ଼ାଯାଇଥାଏ ବା କମ୍ କରାଯାଇଥାଏ ।

***112. ବ୍ୟବହାର ପରିବର୍ତ୍ତନ ପ୍ରଣାଳୀ କ'ଣ ସମସ୍ତ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ପ୍ରୟୋଗ କରି ହେବ କି ?***

ଏହି ପ୍ରଣାଳୀଗୁଡ଼ିକ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ବୟସ, ଲିଙ୍ଗ ଓ ବିକଳାଙ୍ଗତାର ଗଭୀରତା ନିର୍ବିଶେଷରେ ସମସ୍ତଙ୍କ ପାଇଁ ପ୍ରୟୋଗ କରାଯାଇପାରିବ । ଏହା ଘର, ସ୍କୁଲ୍, କର୍ମକ୍ଷେତ୍ର ଓ ଗୋଷ୍ଠୀର ପ୍ରତ୍ୟେକ ପରିବେଶରେ ବ୍ୟବହାର କରାଯାଇପାରିବ । ଏହା ମାନସିକ ବିକଳାଙ୍ଗ ବ୍ୟକ୍ତମାନଙ୍କଠାରେ ଏକାକୀ ବା ଦଳଗତ ଭାବରେ ମଧ୍ୟ ବ୍ୟବହାର କରାଯାଇପାରିବ ।

***113. ବ୍ୟବହାର ପରିବର୍ତ୍ତନ ପ୍ରଣାଳୀଗୁଡ଼ିକୁ ବ୍ୟବହାର କରିବା, ପିତାମାତାମାନେ ଶିଖିପାରିବେ କି ?***

ପିତାମାତାମାନେ ତାଲିମ୍ କାର୍ଯ୍ୟକ୍ରମ ଗୁଡ଼ିକରୁ ଅଧିକ ଲାଭବାନ ହେଉଥିବାର ଜଣାପଡ଼ିଛି, ଯାହାକି ସେମାନଙ୍କୁ ନିଜ ପିଲାର ଜଣେ ଉତ୍ତମ ବ୍ୟବହାର ସଂଶୋଧକ ହେବାରେ ସାହାଯ୍ୟ କରିଥାଏ । ଏହି ତାଲିମ୍ କାର୍ଯ୍ୟ ସବୁ, ରାଷ୍ଟ୍ରୀୟ ମାନସିକ ବିକଳାଙ୍ଗ ଅନୁଷ୍ଠାନ, ସିକଂନ୍ଦ୍ରାବାଦଠାରେ ପିତାମାତାମାନଙ୍କ ନିମନ୍ତେ ଏକାକୀ ବା ଦଳଗତ ଭାବରେ ନିୟମିତ ଆୟୋଜନ କରାଯାଇଥାଏ । ମାନସିକ ବିକଳାଙ୍ଗ ବ୍ୟକ୍ତି ଓ ବିଶେଷଜ୍ଞ ମାନଙ୍କ ନିମନ୍ତେ କାର୍ଯ୍ୟ କରୁଥିବା ଅନୁଷ୍ଠାନ ସବୁ, ଯେଉଁଠାରେ ବିଶେଷଜ୍ଞମାନଙ୍କ ସହାୟତାରେ ବ୍ୟବହାର ପରିବର୍ତ୍ତନ ତାଲିମ୍ ଦିଆଯାଉଥିବ, ସେଠାରେ ସେମାନଙ୍କୁ ମଧ୍ୟ ପରାମର୍ଶ ଦେଇହେବ ।

***114. ମାନସିକ ବିକଳାଙ୍ଗ ପିଲାମାନଙ୍କୁ ପ୍ରୋତ୍ସାହନ ଦେଇ ବା ଲାଞ୍ଚ ଦେଇ କାମ ଶିଖାଇବାର କୌଣସି ଆବଶ୍ୟକତା ରହିଅଛି କି ? ତାହାର ଶିଖିବା ଦରକାର, ଏହା କ'ଣ ସେ ନିଜେ ବୁଝିପାରିବା ଉଚିତ୍ ନୁହେଁ କି ?***

ମାନସିକ ବିକଳାଙ୍ଗ ପିଲାମାନଙ୍କର ଶିଖିପାରିବାର ଶକ୍ତି ବହୁତ କମ୍ । ସେମାନେ ନିଜେ ଦୁନିଆରେ ବଞ୍ଚିବା ନିମନ୍ତେ କେତେକ ଅତ୍ୟାବଶ୍ୟକ କାର୍ଯ୍ୟ ବା ବ୍ୟବହାର ଗୁଡ଼ିକୁ ଶିଖିବାର

ଆବଶ୍ୟକତା ବୁଝିପାରନ୍ତି ନାହିଁ । ଯେଉଁଠି ସାଧାରଣ ବୁଦ୍ଧି ସଂପନ୍ନ ବ୍ୟକ୍ତି ପ୍ରାକୃତିକ ଉପାୟରେ, ପରିବେଶ ମଧ୍ୟରେ ରହିବା ଦ୍ୱରା ସମସ୍ତ କଥା ଯଥା :— ସ୍ୱାଧୀନ ଭାବରେ ଖାଇବା, ଝାଡ଼ା ପରିସ୍ରା କରି ଜାଣିବା, ଗାଧୋଇ ପାରିବା ବା ପୋଷାକ ପିନ୍ଧି ପାରିବା ଆଦି ଶିଖିପାରିଥାଆନ୍ତି, ତେଣୁ ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଏହି କାର୍ଯ୍ୟ ସବୁ ଶିଖାଇବାକୁ ହେଲେ, ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଅଛି । ପ୍ରୋତ୍ସାହନ ଦେବା ଫଳରେ ଶିଖିବା ଅଧିକ ସୁଖକର ଓ ଆନନ୍ଦମୟ ହୋଇଥାଏ । ଗୋଟିଏ କାର୍ଯ୍ୟକୁ ଶିଖିଯିବାପରେ, ସ୍ୱତନ୍ତ୍ର ଉପାୟ ମାଧ୍ୟମରେ ପ୍ରୋତ୍ସାହନକୁ ଧୀରେ ଧୀରେ ହଟାଇ ଦିଆଯାଇପାରିବ । ପ୍ରୋତ୍ସାହନ ଲାଞ୍ଚ ସହିତ ସମାନ ନୁହେଁ । ଲାଞ୍ଚ ସର୍ବଦା ନିଜର ସ୍ୱାର୍ଥ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥାଏ । କିନ୍ତୁ ଏଠାରେ ପ୍ରୋତ୍ସାହନ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଅଧିକ ଓ ଶୀଘ୍ର ଶିଖିବାରେ ସାହାଯ୍ୟ କରିବା ନିମନ୍ତେ ବ୍ୟବହୃତ ହୋଇଥାଏ ।

### 115. କେଉଁ କେଉଁ ପ୍ରକାରର ବସ୍ତୁ ଗୁଡ଼ିକୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ପ୍ରୋତ୍ସାହନ ରୂପରେ ଗ୍ରହଣ କରିଥାଆନ୍ତି ?

ଭିନ୍ନ ଭିନ୍ନ ପଦାର୍ଥ ସବୁ ଭିନ୍ନ ଭିନ୍ନ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ପ୍ରୋତ୍ସାହନ ରୂପେ ଭଲ ଲାଗୁଥିବାର ଦେଖାଯାଇଥାଏ । ଏହା ମଧ୍ୟରେ ପ୍ରତ୍ୟେକ ପ୍ରକାରର ଖାଦ୍ୟପଦାର୍ଥ ବା ପାନୀୟ ପଦାର୍ଥ, ପଇସା, ଶିକ୍ଷକ ବା ପିତାମାତାଙ୍କ ଦ୍ୱାରା ଖାତାରେ ଦିଆଯାଇଥିବା ମୂଲ୍ୟାଙ୍କନ, ଟୋକନ, ଟି.ଭି. ଦେଖିବା, ଘରୁ ବାହାରକୁ ବୁଲିଯିବା, ସାଇକେଲ ଚଲାଇବା, କ୍ରିକେଟ୍ ଖେଳିବା, ବଲ୍ ଖେଳିବା, ଖେଳ ଖେଳିବା, ରେଡ଼ିଓ ଶୁଣିବା, ଗୀତ ଶୁଣିବା, ବିଭିନ୍ନ ପ୍ରକାର ଜିନିଷ ଯଥା:— କଲମ, ପେନ୍‌ସିଲ୍, ବହିପତ୍ର, ନୂଆ ପୋଷାକପତ୍ର ଦେବା କିମ୍ବା ପ୍ରଶଂସା କରିବା, କୋଳେଇ ନେବା, ଚୁମ୍ବନ ଦେବା, ପିଲାକୁ କୌଣସି ଦାୟିତ୍ୱ ଦେବା, ମନିଟର ବା ଦଳର ନେତା କରିବା ପ୍ରଭୃତି ଅନ୍ତର୍ଭୁକ୍ତ । ଯାହାବି ହେଉ, ପ୍ରତ୍ୟେକ ପିଲା ଭିନ୍ନ ପ୍ରକାରର ହୋଇଥିବାରୁ ପ୍ରୋତ୍ସାହନ ସବୁ ପ୍ରତ୍ୟେକ ପିଲାପାଇଁ ଅଲଗା କରି ଚିହ୍ନଟ କରିବାକୁ ପଡ଼ିଥାଏ । କୌଣସି ଏକ ପଦାର୍ଥକୁ ପିଲାଟି ପ୍ରୋତ୍ସାହନ ଭାବରେ ଗ୍ରହଣ କରୁଅଛି କି ନାହିଁ, ଏହା ତୁମର ପିଲାପାଇଁ ପ୍ରକୃତ ଶକ୍ତି ସଂପନ୍ନ ପ୍ରୋତ୍ସାହନ ଚିହ୍ନିବା ଉପରେ ନିର୍ଭର କରିଥାଏ ଏବଂ ତୁମେ ପିଲାକୁ ଏହା କିପରି ଭାବରେ ଦେଉଅଛ, ଯାହାକି ବେଳେବେଳେ ପିତାମାତାଙ୍କୁ ଶିଖିବାକୁ ପଡ଼ିଥାଏ ।

**116. ମାନସିକ ବିକଳାଙ୍ଗ ପିଲାମାନଙ୍କୁ କେବେ ହେଲେ ଦଣ୍ଡ ଦେବା ଉଚିତ୍ ନୁହେଁ, ଏହା କଣ ସତ୍ୟ ?**

ବ୍ୟବହାର ବିଜ୍ଞାନ ମଧ୍ୟରେ ଦଣ୍ଡ ଦେବାର ଅର୍ଥ ହେଉଛି ପିଲାଟି ଯେତେବେଳେ କୌଣସି ଭୁଲ୍ କାମ କରୁଅଛି, ସେତେବେଳେ ତାହାଠାରୁ ସେ ଭଲ ପାଉଥିବା ଜିନିଷଗୁଡ଼ିକୁ ଦୂରାଇଦେବା ବା ସେ ପସନ୍ଦକରୁଥିବା ଜିନିଷଗୁଡ଼ିକୁ ପ୍ରଦାନ କରିବା । ଯେହେତୁ ପିଲାମାନଙ୍କର ପସନ୍ଦ ଏବଂ ନାପସନ୍ଦ ଜିନିଷ ପୃଥକ୍ ପୃଥକ୍ ହୋଇଥାଏ ତେଣୁ ଏସବୁକୁ ଚିହ୍ନଟ କରିବା ନିତାନ୍ତ ଆବଶ୍ୟକ । ପିଲାମାନଙ୍କୁ ମାଡ଼ ମାରିବା, ଧମକ ଚମକ ଦେବା, କିମ୍ବା ଗାଳି କରିବା କାର୍ଯ୍ୟଗୁଡ଼ିକୁ ନିରୁତ୍ସାହ କରିବା ଉଚିତ୍ । ମାନସିକ ବିକଳାଙ୍ଗ ପିଲାମାନଙ୍କ କ୍ଷେତ୍ରରେ ଶାସ୍ତିକୁ ବହୁ ବିଚାର କରି ସେମାନଙ୍କର ବ୍ୟବହାର ପରିଚାଳନା ନିମନ୍ତେ ଶେଷ ଉପାୟ ଭାବରେ ବ୍ୟବହାର କରିବା ଉଚିତ୍ । ଯାହା ବି ହେଉ, ଶାସ୍ତି ଦେବା ସମୁଦାୟ ବ୍ୟବହାର ପରିଚାଳନା କାର୍ଯ୍ୟକ୍ରମରେ ଏକ ଅଂଶ ବୋଲି ଧରାଯାଇପାରେ । ଅନ୍ୟ ଉପାୟ ମାନଙ୍କ ମଧ୍ୟରେ ପରିବେଶ ପୁନଃଗଠନ, ପୃଥକ୍ ପ୍ରୋତ୍ସାହନ ପ୍ରଦାନ (differential reinforcement), ପ୍ରଭୃତି ଅନ୍ତର୍ଭୁକ୍ତ । ପିଲାମାନଙ୍କର ଆବଶ୍ୟକତା ଓ ବ୍ୟବହାର ସମସ୍ୟା ସୃଷ୍ଟି କରିବାରେ ସାହାଯ୍ୟ କରୁଥିବା ସମସ୍ତ କାରଣକୁ ବୁଝିବା ପରେ କେଉଁ ଉପାୟ ଗ୍ରହଣ କରାଯିବ ତାହା ସ୍ଥିର କରାଯାଇପାରିବ । ପିତାମାତାମାନେ ସର୍ବଦା ଏପରି ସିଦ୍ଧାନ୍ତ ନେବା କାର୍ଯ୍ୟରେ ଅନ୍ତର୍ଭୁକ୍ତ ହେବା ଉଚିତ୍ ।

**117. ଯଦି ପିଲାଟି ଅଭିଭାବକମାନଙ୍କୁ ଅବଜ୍ଞା କରୁଥାଏ, କିନ୍ତୁ ସାଧାରଣତଃ ଅନ୍ୟମାନଙ୍କ କଥା ଶୁଣୁଥାଏ, ତେବେ ସେହି ପିଲାଟିକୁ କୌଣସି ଛାତ୍ରାବାସରେ ବା ପିତାମାତାଙ୍କ ଠାରୁ ଦୂରରେ ରଖିବା ଉଚିତ୍ କି ?**

ଏହା ସତ କଥା ଯେ, ଯଦି ପିଲାଟି ଅନ୍ୟମାନଙ୍କ ସହିତ ଉତ୍ତମ ବ୍ୟବହାର କରୁଥାଏ କିନ୍ତୁ ପିତାମାତାଙ୍କ ସହିତ ନୁହେଁ, ତେବେ ଏହା ସୂଚାଇ ଦେଇଥାଏ ଯେ, ସମସ୍ୟା କେବଳ ପିତାମାତାଙ୍କର ପରିଚାଳନାରେ ହିଁ ରହିଅଛି । ତେଣୁ ତାହାକୁ ହଷ୍ଟେଲକୁ ପଠାଇଦେବା ଦ୍ୱାରା ଏହି ସମସ୍ୟାର କୌଣସି ସଂପୂର୍ଣ୍ଣ ସମାଧାନ ହୋଇପାରିବ ନାହିଁ । ଯେତେବେଳେ ପିଲାଟି ପିତାମାତାଙ୍କ ସହିତ ମିଶିବ, ସେତେବେଳେ ଏହି ସମସ୍ୟା ପୁନର୍ବାର ଦେଖାଯିବ । ମାନସିକ ବିକଳାଙ୍ଗ ପିଲାମାନଙ୍କର ଏହି ଅମାନିଆ ବ୍ୟବହାରଗୁଡ଼ିକୁ ସୁଧାରି ହେବ, ଯଦି ପିତାମାତାମାନେ ନିଜର ପରିଚାଳନା ଉପାୟଗୁଡ଼ିକୁ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ହେବେ ।

**118. ଯଦି ପିତାମାତାଙ୍କ ମଧ୍ୟରୁ ଜଣେ କେହି ନିଜର ପିଲା ସହିତ ବ୍ୟବହାର ଚିକିତ୍ସା କାର୍ଯ୍ୟକ୍ରମକୁ ଅନୁସରଣ କରିଥାଏ, କିନ୍ତୁ ପରିବାରର ଅନ୍ୟ ସଦସ୍ୟମାନେ ଅନୁସରଣ କରିନଥାନ୍ତି, ତେବେ ଏହା ପିଲାଟିର ବ୍ୟବହାର ଉପରେ କୌଣସି ପ୍ରଭାବ ପକାଇବ କି ?**

ଉତ୍ତମ ଫଳ ଲାଭ କରିବାକୁ ହେଲେ, ପରିବାରର ପ୍ରତ୍ୟେକ ସଦସ୍ୟ ଯେଉଁମାନେ ପିଲା ସହିତ ଚଳୁଥାନ୍ତି ସମସ୍ତେ ବ୍ୟବହାର ପରିଚାଳନା କରିବାର ଉପାୟଗୁଡ଼ିକୁ ନିୟମିତ ଭାବରେ ଅନୁସରଣ କରିବା ଉଚିତ୍ । ଯଦି ପିତାମାତାଙ୍କ ମଧ୍ୟରୁ ଜଣେ ଉପଯୁକ୍ତ ପଦ୍ଧତିଗୁଡ଼ିକୁ ନିୟମିତ ଭାବରେ ମାନିଥାଆନ୍ତି, ତେବେ ପିଲାଟି କେବଳ ତାଙ୍କ ସହିତ ଠିକ୍‌ଭାବରେ ବ୍ୟବହାର କରିବା ଆରମ୍ଭ କରିବ କିନ୍ତୁ ଅନ୍ୟମାନଙ୍କ ପ୍ରତି ଦୁର୍ବ୍ୟବହାର କରିପାରେ ।

**119. ବ୍ୟବହାର ସମସ୍ୟାର ପରିଚାଳନା ନିମନ୍ତେ କେଉଁ ବିଶେଷଜ୍ଞମାନଙ୍କୁ ପରାମର୍ଶ କରିବା ଉଚିତ୍ ?**

ସୁବିଧା ଅନୁସାରେ ପିତାମାତାମାନେ ମନସ୍ତତ୍ତ୍ୱିକ ଚିକିତ୍ସାବିତ୍ , ଶିକ୍ଷା ମନସ୍ତତ୍ତ୍ୱବିତ୍, ସ୍ୱତନ୍ତ୍ର ଶିକ୍ଷକ, ତାଲିମ ପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷକ କିମ୍ବା ମାନସିକ ରୋଗ ବିଶେଷଜ୍ଞମାନଙ୍କୁ ପରାମର୍ଶ କରିପାରିବେ । ବିଶେଷଜ୍ଞମାନେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ପରିଚାଳନା କ୍ଷେତ୍ରରେ ତାଲିମ୍ ନେଇଥିବା ଉଚିତ୍ ।

## ସୂଚନା

# କଥାବର୍ତ୍ତା

ପିଲାଟି ଯେତେବେଳେ କଥାବର୍ତ୍ତା କରିପାରିନଥାଏ, ତାହା ପିତାମାତାଙ୍କ ନିମନ୍ତେ ବହୁତ ବଡ଼ ଚିନ୍ତାର କାରଣ ହୋଇପଡ଼ିଥାଏ । ଅର୍ଥପୂର୍ଣ୍ଣ କଥାବର୍ତ୍ତା, ବୁଝିବାର ଶକ୍ତି ସହିତ ସଂଯୁକ୍ତ ଯାହାକି ବ୍ୟକ୍ତିର ଜ୍ଞାନ ଓ ବୁଦ୍ଧି ସହିତ ଅଧିକ ସଂପୃକ୍ତ ହୋଇଥାଏ । ପିଲାଟି କାହିଁକି କଥାବର୍ତ୍ତା କରିପାରୁନାହିଁ ବା ସାଧାରଣ ପିଲାମାନଙ୍କ ଭଳି ସ୍ପଷ୍ଟ ଏବଂ ଅନର୍ଗଳ କଥା କହିପାରୁନାହିଁ, ଏହାର କାରଣ ବିଷୟରେ ପିତାମାତା ବହୁତ କିଛି ଅନୁମାନ କରିଥାନ୍ତି । ହୁଏତ, ଜିଭ ବାନ୍ଧି ହୋଇଯିବା କିମ୍ବା ସଂପୃକ୍ତ ଶାରୀରିକ ଅଙ୍ଗରେ କୌଣସି ତ୍ରୁଟିର ସମ୍ଭାବନା ହେତୁ ପିତାମାତା ବିଶେଷଜ୍ଞମାନଙ୍କୁ ପରାମର୍ଶ କରିବାର ଆବଶ୍ୟକତା ଅନୁଭବ କରିଥାନ୍ତି । ପିତାମାତାମାନେ ବହୁ ପ୍ରଶ୍ନର ଉତ୍ତର ଖୋଜିଥାନ୍ତି ଯଥା :— ସେ କଣ କଥା କହିପାରିବ, କେବେ କଥା କହିବ, କେଉଁ କାରଣରୁ ସେ କଥା କହିପାରୁନାହିଁ, ଆମ୍ଭେମାନେ କିପରି ଭାବରେ କଥା କହିବାକୁ ତାଲିମ୍ ଦେବୁ, କିମ୍ବା ଏଥି ନିମନ୍ତେ କଣ କରାଯାଇପାରିବ । ଏହିପରି କେତେକ ସାଧାରଣ ଭାବରେ ପଚାରା ଯାଉଥିବା ପ୍ରଶ୍ନର ଉତ୍ତର ଗୁଡ଼ିକ ଏହି ବିଭାଗର ଅନ୍ତର୍ଭୁକ୍ତ ।


ମୋ ପିଲାଟି କଥା କହି ପାରିବ କି ?
ପରୀକ୍ଷାରୁ ଜଣାପଡ଼ିଛି ଯେ ଆପଣଙ୍କ ପିଲାର ମାନସିକ ବିକଳାଙ୍ଗତା ବହୁତ ଅଧିକ ରହିଛି । ତେଣୁ ସେ ତୁମେ ଓ ମୋ ପରି କଥାକହିବା ସମ୍ଭବ ନୁହେଁ ।
ତେବେ ସେ କିପରି ଭାବରେ ନିଜର କଥା ଜଣାଇବ ବା ଭାବର ଆଦାନ ପ୍ରଦାନ କରିବ ।
SPEECH THERAPIST
କଥା କହି ଶିଖିବା ବ୍ୟତିତ, ସେମାନଙ୍କୁ ସଂକେତ ଓ ଅଙ୍ଗ ଭଙ୍ଗୀ ଦ୍ୱାରା ଜଣାଇବାକୁ ମଧ୍ୟ ଶିଖାଯାଇଥାଏ ।
SPEECH THERAPIST
ତାହା କ'ଣ କଥା କହିବାରେ ସାହାଯ୍ୟ କରିବ ?
ତାଲିମ୍ ଦ୍ୱାରା ନିଜର ପ୍ରାଥମିକ ଆବଶ୍ୟକତା ଗୁଡ଼ିକୁ ଜଣାଇ ପାରିବା ଶିଖିପାରିବ ।

**120. କଥାବାର୍ତ୍ତା କହିଲେ କଣ ବୁଝାଇଥାଏ ?**

କଥାବର୍ତ୍ତା ହେଉଛି ଏକ ପ୍ରକ୍ରିୟା, ଯାହାଦ୍ୱାରା ଦୁଇ ବା ତତୋଧିକ ବ୍ୟକ୍ତି ନିଜର ଖବର ଅନ୍ତର ଆବଶ୍ୟକତା, ମନୋଭାବ ଏବଂ ଆକାଂକ୍ଷାଗୁଡ଼ିକୁ ଆଦାନ ପ୍ରଦାନ କରିଥାଆନ୍ତି । ଏହି ସନ୍ଦେଶ୍ ମଧ୍ୟ ବିଭିନ୍ନ ଉପାୟରେ ପ୍ରେରଣ କରାଯାଇପାରିବ ଯଥା :— କଥା କହିବା, ପଢ଼ିବା, ଲେଖିବା ଓ ଅଙ୍ଗଭଙ୍ଗୀ କରିବା ଇତ୍ୟାଦି ।

**121. ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ କଥାବର୍ତ୍ତା କରିବାର ଦକ୍ଷତା ନିମନ୍ତେ ତାଲିମ୍ ଦେବାର ଆବଶ୍ୟକତା କଣ ?**

ପ୍ରତ୍ୟେକ ବ୍ୟକ୍ତିମାନଙ୍କ ଭଳି ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ କଥାବର୍ତ୍ତା କରି ଶିଖିବାର ଆବଶ୍ୟକତା ବହୁତ ମହତ୍ୱପୂର୍ଣ୍ଣ ଅଟେ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଗୋଟିଏ ସମସ୍ୟା ହେଉଛି ଯେ, କେତେକାଂଶରେ ସେମାନଙ୍କର କଥାବାର୍ତ୍ତା କରିବା ଡ଼େରି ହୋଇଥାଏ କିମ୍ବା ଅସଙ୍ଗତ ପ୍ରକାରର କଥାବର୍ତ୍ତା କରିବା ଦେଖାଯାଇଥାଏ । ଉଚ୍ଚାରଣ କରି କହିବାର ସଂପୂର୍ଣ୍ଣ ଅନୁପସ୍ଥିତି ବିକଳାଙ୍ଗତାର ଗଭୀରତା ଉପରେ ନିର୍ଭର କରିଥାଏ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ନିଜର ଶାରିରୀକ ଆବଶ୍ୟକତା, ପାରମ୍ପରିକ ସାମାଜିକ ଆବଶ୍ୟକତା, ସେମାନଙ୍କର ବୁଝିବାର ନିପୁଣତା ଏବଂ ନିଜର ପରିବେଶକୁ ସୁ-ସଂଗଠିତ କରିବାରେ ସକ୍ଷମ ହେବା ନିମନ୍ତେ କଥାବାର୍ତ୍ତା ତାଲିମ୍‌ର ଆବଶ୍ୟକତା ରହିଅଛି ।

**122. କଥାବାର୍ତ୍ତା ବା ଭାବ ବିନିମୟ କରିବାର ସାଧାରଣ ଉପାୟ ମାନ କଣ ?**

ଲୋକମାନେ ସ୍ପର୍ଶ, ଘ୍ରାଣ, ଶ୍ରବଣ ଓ ଦର୍ଶନେନ୍ଦ୍ରିୟମାନଙ୍କୁ ବ୍ୟବହାର କରି ବିଭିନ୍ନ ପ୍ରକାରରେ ଭାବ ବିନିମୟ ବା କଥାବାର୍ତ୍ତା କରିପାରିଥାନ୍ତି । ସାଧାରଣ ଭାବରେ କଥାବାର୍ତ୍ତା କରିବାର ଉପାୟମାନଙ୍କ ମଧ୍ୟରେ :—

- ଶୁଣିବା : କଥା କହିବା, ସଂକେତ ପ୍ରଦାନ, ଟେଲିଫୋନ, ଭୟ ସୂଚନା ଇତ୍ୟାଦି ।
- ଦେଖିବା : ପଢ଼ିବା, ଲେଖିବା, ଅଙ୍ଗଭଙ୍ଗୀ, ମୁଖ ମଣ୍ଡଳୀର ଭାବ ପ୍ରକାଶ, ଶାରୀରିକ ଅଙ୍ଗଭଙ୍ଗୀ, ତାରବାର୍ତ୍ତା, ଦୂରଦର୍ଶନ, ନାଚ ଇତ୍ୟାଦି ।

- ସ୍ପର୍ଶ ଓ ଘ୍ରାଣ : ହାତ ମିଳାଇବା, ଚୁମ୍ବନ ଦେବା, କୁଣ୍ଢାଇବା, ମୁଥ ମାରିବା, ଗୋଲାପର ବାସ୍ନା ଇତ୍ୟାଦି ।

### *123. ବାଣୀ (ବଚନ) ଭାଷା ଏବଂ କଥାବାର୍ତ୍ତାର (Speech/Language/ Communication) ଅର୍ଥ କଣ ସମାନ ?*

ଯଦିବା ବହୁ ଲୋକ ଏହାକୁ ଅଦଳବଦଳ କରି ବ୍ୟବହାର କରିଥାନ୍ତି, ତଥାପି ବାଣୀ, ଭାଷା ଏବଂ କଥାବାର୍ତ୍ତାର ଅର୍ଥ ସମାନ ନୁହେଁ । କଥାବାର୍ତ୍ତା ଏକ ପ୍ରକ୍ରିୟାକୁ ବୁଝାଇଥାଏ, ଯାହାଦ୍ୱାରା ଦୁଇ ବା ତତୋଧିକ ବ୍ୟକ୍ତି ନିଜର ଖବର ଅନ୍ତର, ଆବଶ୍ୟକତା ବା ମନୋଭାବକୁ ଆଦାନ ପ୍ରଦାନ କରିପାରିଥାନ୍ତି । ଗୋଟିଏ ଗୋଷ୍ଠୀ ମଧ୍ୟରେ ଲୋକମାନେ ଯେଉଁ ଶବ୍ଦ ଏବଂ ସଂକେତ ମାଧ୍ୟମରେ ଭାବର ଆଦାନ ପ୍ରଦାନ ଏବଂ କଥାବାର୍ତ୍ତା କରିଥାନ୍ତି ତାହାକୁ ଭାଷା କହିଥାନ୍ତି । ଭାଷାକୁ ବ୍ୟବହାର କରି କଥାବାର୍ତ୍ତା କରିବା ଫଳରେ, ବାରମ୍ବାର ଯେଉଁ ଶବ୍ଦର ଉତ୍ପତ୍ତି ହୁଏ, ତାହାକୁ ବାଣୀ କୁହାଯାଇଥାଏ । ଉଦାହରଣ ସ୍ୱରୂପ, ଯଦି ଦୁଇଜଣ ବ୍ୟକ୍ତି ହିନ୍ଦୀରେ କଥାବାର୍ତ୍ତା ହେଉଥାନ୍ତି, ତେବେ ଦୁଇଜଣଙ୍କ ମଧ୍ୟରେ ହିନ୍ଦୀ ଭାଷା ଦ୍ୱାରା ଯେଉଁ ଖବର ଆଦାନ ପ୍ରଦାନ ହୋଇଥାଏ ତାହାକୁ କଥାବାର୍ତ୍ତା କୁହାଯାଏ । ଯେହେତୁ ଦୁଇଜଣ ଯାକ କଥାବାର୍ତ୍ତା ହେଉଛନ୍ତି, ସେମାନଙ୍କର କଥାବାର୍ତ୍ତା ବଚନ ମାଧ୍ୟମରେ ହେଉଅଛି ।

### *124. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ, ଅଣ-ବିକଳାଙ୍ଗ ବ୍ୟକ୍ତିମାନଙ୍କ ଭଳି, ସମାନ ଭାବରେ କଥାବାର୍ତ୍ତା କରିପାରିଥାନ୍ତି କି ?*

ଅଣ-ବିକଳାଙ୍ଗ ବ୍ୟକ୍ତିମାନେ ନିଜନିଜ ଭିତରେ ସାଧାରଣତଃ ବଚନ ମାଧ୍ୟମରେ ଅନ୍ୟ ସହିତ କଥାବାର୍ତ୍ତା ଓ ସଂଯୋଗ ରକ୍ଷା କରିଥାନ୍ତି । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ, ନିଜର ବିକଳାଙ୍ଗତାର ସ୍ୱଭାବ ଯୋଗୁଁ, ଭାଷାର ବ୍ୟବହାର କରି କଥାବାର୍ତ୍ତା କରିବାରେ ବହୁତ ଅସୁବିଧା ଅନୁଭବ କରିଥାଆନ୍ତି । ଯାହା ବି ହେଉ, ବର୍ତ୍ତମାନ ଯୁଗରେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ସାଂକେତିକ ଉପାୟ ବ୍ୟବହାର କରିବା ନିମନ୍ତେ, ସଫଳତାର ସହିତ ଶିକ୍ଷା ଦିଆଯାଉଅଛି । ସଂକେତ ଗୁଡ଼ିକୁ କଥା କହିବା ସହିତ ବ୍ୟବହାର କରିବାଦ୍ୱାରା, ପିଲାଟି ଏକକାଳୀନ ସଂକେତ ଗୁଡ଼ିକୁ ଦେଖିବା ସହିତ ଶବ୍ଦଗୁଡ଼ିକୁ ଶୁଣି ପାରିଥାଏ । ଯଦିବା ଏହି ପ୍ରଣାଳୀର ବ୍ୟବହାର ସୀମିତ ଅଟେ, ତଥାପି କଥା ନକହି ପାରିବା ହେତୁ ପିଲାର ମନରେ

ଯେଉଁ ନୈରାଶ୍ୟଭାବ ଦେଖାଯାଇଥାଏ ତାହାକୁ କମ୍ କରିବାରେ ଏହା ସହାୟକ ହୋଇପାରିବ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ବ୍ୟବହାର କରୁଥିବା ଅନ୍ୟ କେତେକ କଥାବାର୍ତ୍ତାର ପ୍ରଣାଳୀ ଗୁଡ଼ିକ ହେଉଛି ଶାରୀରିକ ଭାଷା, ଅଙ୍ଗଭଙ୍ଗୀ, ଶବ୍ଦଗୁଡ଼ିକୁ ଲେଖିକରି ଓ ଚିତ୍ରକରି ନିଜର ଭାବର ଆଦାନ ପ୍ରଦାନ କରିବା ।

***125. ସମସ୍ତ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କଣ କଥା କହିବାରେ ଅସୁବିଧା ରହିଥାଏ ?***

ଅଧିକାଂଶ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କଥା କହିବା ବା କଥାବାର୍ତ୍ତା କରିବାରେ ଅସୁବିଧା ହୋଇଥାଏ, ଯାହାକି ସେମାନଙ୍କର ପାଠପଢ଼ା କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରିଥାଏ । କଥାକହିବା ସମସ୍ୟାର କୌଣସି ଶାରୀରିକ କାରଣ ରହିଥାଇପାରେ କିମ୍ବା ସାମାଜିକ, ସଂସ୍କୃତି ବା ଭାବପ୍ରବଣତାଗତ କାରଣରୁ ସମସ୍ୟା ସୃଷ୍ଟି ହୋଇଥାଏ ।

ପ୍ରାୟ ଶତକଡ଼ା ୪୦ ଭାଗ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କଥା କହିବା ସମସ୍ୟା ରହିଥାଏ । କଥା କହି ନପାରିବା ସମସ୍ୟାଗୁଡ଼ିକ ହେଲା :–

- ସଂପୂର୍ଣ୍ଣ ଭାବରେ କଥା କହି ନ ପାରିବା ।
- ସାଧାରଣ ଶବ୍ଦଗୁଡ଼ିକୁ କହିବାରେ ଅସୁବିଧା, ଉଦାହରଣ ସ୍ୱରୂପ ଜିଭ ଲାଗିବା, ଉଚ୍ଚାରଣ କରି ନପାରିବା ।
- ଅନ୍ୟମାନଙ୍କର କଥାକୁ ବୁଝିପାରିବାରେ ଅସୁବିଧା ।
- ଏକତ୍ର କରି ଶବ୍ଦଗୁଡ଼ିକୁ ପ୍ରୟୋଗ କରିବାରେ ଅସୁବିଧା ।

***126. କଥା କହି ପାରୁନଥିବା ସମସ୍ତ ପିଲାମାନଙ୍କର କଣ ମାନସିକ ବିକଳାଙ୍ଗ ସମସ୍ୟା ରହିଥାଏ ?***

କଥା କହି ପାରୁନଥିବା ସମସ୍ତ ପିଲାମାନଙ୍କର ମାନସିକ ବିକଳାଙ୍ଗ ସମସ୍ୟା ନଥାଏ । କଥା କହି ନପାରିବା ବିଭିନ୍ନ କାରଣରୁ ହୋଇଥାଏ ଯଥା : ଶୁଣିବାରେ ଅସୁବିଧା, ଶାରିରୀକ ତ୍ରୁଟି କିମ୍ବା ଭାବପ୍ରବଣତା ହେତୁ ହୋଇପାରିଥାଏ । କେବଳ ଯେଉଁ ପିଲାମାନଙ୍କର

ବୌଦ୍ଧିକ, ଶାରିରୀକ ଓ ଭାଷାର ବିକାଶ ଧୀର ଏବଂ ମନ୍ଥର ଗତିରେ ହୋଇଥାଏ, ସେମାନେ ମାନସିକ ବିକଳାଙ୍ଗ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ ।

***127. ପିଲାଟି ଶ୍ରୁତି ଦୋଷରୁ ବା ମାନସିକ ବିକଳାଙ୍ଗତା ହେତୁ କଥା କହିପାରୁନାହିଁ, ଏହା ପିତାମାତାମାନେ କିପରି ଜାଣିପାରିବେ ?***

ଯଦ୍ୟପି ଶ୍ରୁତିହୀନତା, କଥା କହିଶିଖିବା ଓ ସାଧାରଣ ଭାବରେ କଥାର ଉତ୍ପତ୍ତି କରିବାରେ ବାଧା ସୃଷ୍ଟି କରିଥାଏ, ତଥାପି ପିଲାଟିର ବ୍ୟବହାର ଓ ଚାଲିଚଳନରୁ ଜାଣିହେବ ଯେ, ପିଲାଟି ନିଜର ଶ୍ରୁତି ଦୋଷରୁ ବା ମାନସିକ ବିକଳାଙ୍ଗତା ହେତୁ କଥା କହିପାରୁନାହିଁ । ଯଦି କୌଣସି ଶିଶୁ କାଲ ହୋଇ ଜନ୍ମ ହୋଇଥାଏ, କିମ୍ବା ଶିଶୁ ଅବସ୍ଥାରେ କୌଣସି କାରଣରୁ କାଲ ହୋଇଯାଏ, ତେବେ କେତେକ ଲକ୍ଷଣରୁ ସମସ୍ୟା ସମ୍ବନ୍ଧରେ ଜାଣିହେବ ଯଥା :– ତାହାର ପଛପଟରେ ଛିଡ଼ାହୋଇ ତାଳି ମାରିଲେ, ଶବ୍ଦ ଆସୁଥିବା ଦିଗକୁ ମୁଣ୍ଡ ବୁଲାଇ ନ ଦେଖିବା । ଅତ୍ୟଧିକ ଭାବରେ ଶ୍ରୁତିହୀନ ହୋଇଥିବା ପିଲାମାନଙ୍କର ପ୍ରାରମ୍ଭିକ ବ୍ୟବହାର ଏବଂ ବିକାଶ ସବୁ ଶ୍ରୁତିହୀନତା ନଥିବା ପିଲାମାନଙ୍କ ସହିତ ସମାନ । ଜଣେ ଶ୍ରୁତିହୀନ ଶିଶୁ ୬ ବା ୫ ମାସ ପରେ ଅସ୍ପଷ୍ଟ କଥାବାର୍ତ୍ତା କରିବା ବନ୍ଦ କରିଦେଇଥାଏ । ଯାହା ବି ହେଉ, ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତିର ପ୍ରାଥମିକ ଲକ୍ଷଣ ହେଲା ଯେ, ମନ୍ଥର ବିକାଶ ଏବଂ ଶିଖିବାର ଶକ୍ତି କମ୍ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ପ୍ରାରମ୍ଭିକ ବିବରଣୀରୁ ଜଣାପଡ଼ିଥାଏ ଯେ, ସେମାନଙ୍କର ବୟସ ଅନୁପାତରେ ମୁଣ୍ଡ ସିଧା କରିବା, ପେଟେଇବା, ବସିବା, ଛିଡ଼ା ହେବା, ଗୁରୁଣ୍ଡିବା ଏବଂ ଚାଲିବା କିମ୍ବା ପ୍ରସାଧାନ ଦକ୍ଷତା କିମ୍ବା ଖାଇ ଜାଣିବାରେ ବିଳମ୍ବ ଘଟିଥାଏ । ତେଣୁ ବୁଦ୍ଧି, ମାନସିକ ବିକାଶ ଓ ଶ୍ରୁତିର ସଂପୂର୍ଣ୍ଣ ପରୀକ୍ଷା କରିବା ଦ୍ୱାରା ଏହି ସନ୍ଦେହ ଦୂର ହୋଇପାରିବ ।

***128. ମୋର ପିଲାଟି ସଂପୂର୍ଣ୍ଣ ଭାବରେ ଶୁଣିବାକୁ ଅକ୍ଷମ । ଏହା କଣ, ସେ କଥା ନ କହି ପାରିବାର ଏକ କାରଣ ହୋଇପାରିଥାଏ ?***

କଥା କହିବା ଏବଂ ଭାଷା ଶିଖିବା ନିମନ୍ତେ ପର୍ଯ୍ୟାପ୍ତ ମାତ୍ରାରେ ଶୁଣି ପାରିବାର ଆବଶ୍ୟକତା ରହିଅଛି । ଯଦି ମାନସିକ ବିକଳାଙ୍ଗ ବ୍ୟକ୍ତିଟି ସ୍ପଷ୍ଟ ଭାବରେ ଶୁଣିପାରୁନଥାଏ, ତେବେ ସେ କଥା କହି ଶିଖିବାରେ ଅସୁବିଧା ଉପୁଜିବ । ଏହାଫଳରେ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ଓ ଅନ୍ୟମାନଙ୍କୁ ବାରମ୍ବାର ନୈରାଶ୍ୟ ଏବଂ ବ୍ୟର୍ଥତାର ସାମନା କରିବାକୁ ପଡ଼ିଥାଏ । ଯଦିଓ ପ୍ରାୟ ଶତକଡ଼ା ୪୦ ଭାଗ ମାନସିକ ବିକଳାଙ୍ଗ ବ୍ୟକ୍ତି ମାନଙ୍କର ଶୁଣିବାରେ ଅସୁବିଧା

ରହିଥାଏ, ଏହା ମଧ୍ୟ ଜାଣି ରଖିବା ଉଚିତ୍ ଯେ, କଥା କହିବାର ଦକ୍ଷତା କେତେକ ଉପାଦାନ ଉପରେ ନିର୍ଭର କରିଥାଏ ଯଥା : ଯଥେଷ୍ଟ ଶାରିରୀକ ଶକ୍ତି, ଜ୍ଞାନେନ୍ଦ୍ରିୟ ମାନଙ୍କର ସଂପୂର୍ଣ୍ଣ କାର୍ଯ୍ୟକାରିତା, ମସ୍ତିଷ୍କର ଖବର ପ୍ରକ୍ରିୟାକରଣରେ ଯଥେଷ୍ଟ ଦକ୍ଷତା ଏବଂ ଏକ ଉନ୍ନତ ଓ କାର୍ଯ୍ୟ ପ୍ରଣୋଦକ ପରିବେଶ ଇତ୍ୟାଦି ।

**129. କେତେ ଶୀଘ୍ର ପିତାମାତାମାନେ ସେମାନଙ୍କର ମାନସିକ ବିକଳାଙ୍ଗ ପିଲାମାନଙ୍କର କଥା କହିବା ସମସ୍ୟାର ଲକ୍ଷଣଗୁଡ଼ିକୁ ଚିହ୍ନଟ କରିପାରିବେ ?**

ପିତାମାତା ପିଲାଟି ଜନ୍ମ ହେବାର ତିନି ସପ୍ତାହ ମଧ୍ୟରେ ଶାରିରୀକ ଓ ସ୍ନାୟୁ ଅବସ୍ଥା ଏବଂ ପ୍ରାରମ୍ଭିକ ବିକାଶରେ ହେଉଥିବା ବିଳମ୍ବରୁ ତାହାର କଥା କହିବା ସମସ୍ୟା ସମ୍ବନ୍ଧରେ ଜାଣିପାରିବେ । ଏହା ସହିତ ପିଲାଟିର ଯଦି ସ୍ନାୟୁ ବିକଳାଙ୍ଗ ବା ତାଲୁକାରେ ଛିଦ୍ର ହୋଇଥାଏ ତେବେ ଜନ୍ମ ସମୟରୁ ମଧ୍ୟ କଥା କହିବା ସମସ୍ୟା ସମ୍ବନ୍ଧରେ ଜାଣିବା ସମ୍ଭବ ହୋଇଥାଏ । ଶାରିରୀକ ଏବଂ ସ୍ନାୟୁଗତ ପରୀକ୍ଷା, କଥା କହିବା ଏବଂ ଭାଷା ବିଷୟରେ ଥିବା ଅସୁବିଧାକୁ ଜାଣି ପାରିବାର ଏକ ଉତ୍ତମ ଉପାୟ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଥାବାର୍ତ୍ତା ନିମନ୍ତେ ବ୍ୟବହାର କରୁଥିବା ଅନ୍ୟ ଉପାୟ ମାନଙ୍କ ମଧ୍ୟରେ ଶାରିରୀକ ଭାଷା, ଅଙ୍ଗଭଙ୍ଗୀ, ଲିଖିତ ଶବ୍ଦ ଓ ଛବିସବୁ ଅନ୍ତର୍ଭୁକ୍ତ । ଅସାଧାରଣ ସ୍ନାୟୁ ଚାଳନା ଯଥା :– ଗିଳିବା, ଚୋବାଇବା କିମ୍ବା ଚୁଚୁମିବା କାର୍ଯ୍ୟରୁ କଥା କହିବାରେ ଥିବା ସମସ୍ୟାଗୁଡ଼ିକ ଜଣାପଡ଼ିଥାଏ । ଯଦି ଏକ ନିର୍ଦ୍ଦିଷ୍ଟ ବୟସ ପରେ ମୁଖଭଙ୍ଗୀ ଅପରିପକ୍ୱ ଅବସ୍ଥାରେ ରହିଥାଏ ତେବେ ତାହା ବାକ୍ ଶକ୍ତିର ବିକାଶରେ ବାଧା ସୃଷ୍ଟି କରିଥାଏ ।

ପିତାମାତା ଯଦି ଥରେ କଥା କହିବାର ସମସ୍ୟା ସମ୍ବନ୍ଧରେ ସନ୍ଦେହ କରିଥାନ୍ତି ତେବେ ପିଲାକୁ କୌଣସି ନାସା ବର୍ଣ୍ଣ ଗଳା ବିଶେଷଜ୍ଞ ବା ବାକ୍ ଚିକିତ୍ସକଙ୍କୁ ଦେଖାଇବା ଉଚିତ୍ ।

***130. କଥା କହିବା ନିମନ୍ତେ ଉଦ୍ଦିଷ୍ଟ ଶାରିରୀକ ଗଠନ ସଂପୂର୍ଣ୍ଣଭାବେ ଠିକ୍ ରହିବା କଣ ନିତ୍ୟାନ୍ତ ଆବଶ୍ୟକ ? ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଏହା କଣ ଠିକ୍ ରହିଥାଏ କି ?***

କଥା କହିବା ଏକ ଜଟିଳ ପ୍ରକ୍ରିୟା ଅଟେ । ବଚନ ବା ବାଣୀ ବିଭିନ୍ନ ବାକ୍‌ଯନ୍ତ୍ର ଯଥା : ଜିଭ, ମାଢ଼ି, ଓଠର ସହାୟତା ଓ ମସ୍ତିଷ୍କର ସମନ୍ୱୟରେ ସୃଷ୍ଟି ହୋଇଥାଏ । ତେଣୁ ବଚନର ସୃଷ୍ଟି ନିମନ୍ତେ ଆବଶ୍ୟକୀୟ ସମସ୍ତ ଶାରିରୀକ ଗଠନଗୁଡ଼ିକ ଠିକ୍ ରହିବା ଉଚିତ୍ । ମାନସିକ

ବିକଳାଙ୍ଗ ପିଲାମାନଙ୍କର ଓଠ, ଜିଭ କିମ୍ବା ଗଳା ଇତ୍ୟାଦି ବାକ୍‌ଯନ୍ତ୍ରର ଗଠନରେ କୌଣସି ତ୍ରୁଟି ରହିଥାଇପାରେ । ଏହି କ୍ଷତିର ପରିମାଣ ପିଲାର ବିକଳାଙ୍ଗତା ଓ ଏହାର ଗଭୀରତା ଉପରେ ନିର୍ଭର କରିଥାଏ ।

***131. ପିତାମାତାମାନେ ସେମାନଙ୍କର ମାନସିକ ବିକଳାଙ୍ଗ ପିଲା ସହିତ କଥାବାର୍ତ୍ତା କରିବା ସମୟରେ କେଉଁ ପ୍ରକାରର ଭୂଲ ସବୁ କରିଥାନ୍ତି ?***

ଏହା ଦେଖାଯାଇଛି ଏବଂ ବର୍ଣ୍ଣିତ ହୋଇଅଛି ଯେ, କେତେକ ପିତାମାତା ମାନସିକ ବିକଳାଙ୍ଗ ପିଲା ସହିତ କମ୍ କଥା କହିଥାନ୍ତି । କାରଣ ପିଲାଟି ବୁଝିପାରିବ ନାହିଁ ବୋଲି ସେମାନେ ଅନୁଭବ କରିଥାନ୍ତି । ପିତାମାତାଙ୍କର କଥାବାର୍ତ୍ତାରେ ବିଭିନ୍ନତା ନଥାଏ ଏବଂ କେବଳ ଅପରିବର୍ତ୍ତିତ ଆଦେଶ ଯଥା : ଆସ, ଦିଅ, ନିଅ, ଖାଅ ଇତ୍ୟାଦି ଦେଇଥାଆନ୍ତି । ଏହା ସହିତ ପିତାମାତାମାନେ ପିଲା ଠାରୁ ସଂପୂର୍ଣ୍ଣ ଠିକ୍ ଭାବରେ କଥା କହିବା ମଧ୍ୟ ଆଶା କରିଥାନ୍ତି; ଯାହା ପିଲା ଏବଂ ମାତାପିତା ଉଭୟଙ୍କ ପାଇଁ ନୈରାଶ୍ୟ ଜନକ ହୋଇଥାଏ ।

***132. ନିଜର ପିଲା ବଚନ ଓ ଭାଷାର ବିକାଶ ନିମନ୍ତେ ପିତାମାତାଙ୍କ ଭୂମିକା କଣ ?***

କଥାବାର୍ତ୍ତା କରି ଶିଖିବାର ତାଲିମ୍ କାର୍ଯ୍ୟରେ ପିତାମାତାଙ୍କର ଯୋଗଦାନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ, କାରଣ ପିଲାଟିର ଛୋଟ ବୟସରେ, ଅନ୍ୟମାନଙ୍କ ଅପେକ୍ଷା ପିତାମାତାମାନେ ଅଧିକ ସମୟ କଥାବାର୍ତ୍ତାରେ କଟାଇଥାନ୍ତି । ପିଲାମାନେ ପ୍ରଥମେ ପିତାମାତାଙ୍କ ସହିତ କଥାବାର୍ତ୍ତା କରିବା ଏକ ଖେଳ ରୂପେ ଶିଖିଥାଆନ୍ତି ଓ ନିଜ ମଧ୍ୟରେ କଥାବାର୍ତ୍ତା କରି ଆନନ୍ଦ ଅନୁଭବ କରିବା ଆରମ୍ଭ କରିଥାଆନ୍ତି । ପିତାମାତାମାନେ କେଉଁ ପ୍ରକାରର ଶବ୍ଦ ସବୁ ବ୍ୟବହାର କରିଥାନ୍ତି ଏବଂ ପିତାମାତା ପିଲାଟି କଥା କହିବାକୁ ଚେଷ୍ଟା କରୁଥିବା ବେଳେ କିଭଳି ଭାବରେ ଉତ୍ସାହିତ ଓ ପ୍ରଶଂସା କରିଥାନ୍ତି, ସେମାନେ କିପରି ଭାବରେ ପିଲାକୁ ସଂଶୋଧାନ କରିଥାନ୍ତି କିମ୍ବା ଶିଖିବାରେ ସାହାଯ୍ୟ କରିଥାନ୍ତି ଏହା ଏକ ଦୀର୍ଘ ଅନୁଭୂତି ଉପରେ ନିର୍ଭର କରିଥାଏ ଯାହା ପିଲାର ଭାଷାର ବିକାଶରେ ପ୍ରଭାବ ପକାଇଥାଏ ।

***133. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଯେ କୌଣସି ବୟସରେ କଥା କହିବା ନିମନ୍ତେ ତାଲିମ୍ ଦିଆଯାଇ ପାରିବ କି ?***

ଜୀବନର ପ୍ରଥମ ଅବସ୍ଥାରେ, ପିଲାର ମନ ଅତ୍ୟନ୍ତ ନମନୀୟ ହୋଇଥାଏ ଯାହାକୁ ଆବଶ୍ୟକତା ଅନୁସାରେ ବଦଳାଇ ହେବ । ଏହି ଅବସ୍ଥାରେ ସେମାନେ ଅଧିକ ଗ୍ରହଣଶୀଳ, ଶିଖିବାପାଇଁ ଉପଯୁକ୍ତ ଏବଂ ପରିବର୍ତ୍ତନଶୀଳ ହୋଇଥିବାରୁ ଏହା ସେମାନଙ୍କୁ ଶୀଘ୍ର ଭାଷା ଶିକ୍ଷା କରିବାରେ ସାହାଯ୍ୟ କରିଥାଏ । ଯଦି ପିଲାର କଥା କହିବା ସମସ୍ୟା ପିଲାଦିନରୁ ଚିହ୍ନଟ କରାଯାଇ ନପାରେ ଏବଂ ଉପଯୁକ୍ତ ସାହାଯ୍ୟ ଯୋଗାଇ ଦିଆନଯାଏ, ତେବେ କଥା କହି ଶିଖିବାର ଉପଯୁକ୍ତ ସମୟ ବିତି ଯାଇପାରେ । ପିଲାଟିର ଜନ୍ମ ଠାରୁ 3 ବା 4 ବର୍ଷ ମଧ୍ୟରେ ବଚନ ଓ ଭାଷାର ବିକାଶ ବହୁ ପରିମାଣରେ ହୋଇଥାଏ । ପିଲାର ଜନ୍ମଠାରୁ 6 ବର୍ଷ ମଧ୍ୟରେ ତାଲିମ୍ ଦିଆଗଲେ ସବୁଠାରୁ ଉତ୍ତମ ଫଳ ଲାଭ ହୋଇଥାଏ । ସେ ଯାହା ହେଉ କିଛି ନା ହେବା ଅପେକ୍ଷା ବିଳମ୍ବ ହେଲେ ମଧ୍ୟ କିଛିଟା କରାଇବା ସର୍ବଦା ଶ୍ରେୟସ୍କର ।

***134. ପ୍ରତ୍ୟେକ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ ସମାନ ପ୍ରକାରର କଥା କହିବା ତାଲିମ୍ ନେଇଥାନ୍ତି କି ?***

କୌଣସି ଦୁଇଜଣ ମାନସିକ ବିକଳାଙ୍ଗ ବ୍ୟକ୍ତି ସମାନ ନୁହଁନ୍ତି । ତେଣୁ ପିଲାର ଦକ୍ଷତା ଓ ଆବଶ୍ୟକତା ଅନୁସାରେ ତାହାର ତାଲିମ୍ ଦିଆଯାଇଥାଏ । ସାଧାରଣତଃ ଗମ୍ଭୀର ମାନସିକ ବିକଳାଙ୍ଗତା ଥିବା ପିଲାମାନେ ବିଭିନ୍ନ ପ୍ରକାରର ଗୁରୁତ୍ୱପୂର୍ଣ୍ଣ ବ୍ୟବହାରଗୁଡ଼ିକ ଉପରେ ତାଲିମ୍ ନେଇଥାନ୍ତି ଯଥା : ଅନୁରୋଧ କରି ଶିଖିବା, ଏବଂ ଆଦେଶ ଅନୁସରଣ କରିବା । ସ୍ୱଳ୍ପ ମାନସିକ ବିକଳାଙ୍ଗତା ଥିବା ପିଲାମାନେ କଥା କହିବା, ଭାଷା ବ୍ୟବହାର କରିବାର ବୁଦ୍ଧି ନିମନ୍ତେ ତାଲିମ୍ ନେଇଥାନ୍ତି ।

***135. ତାଲୁ ଫାଟ କଣ ?***

ତାଲୁ ଫାଟର ଅର୍ଥ ମୁଖ ଗହ୍ୱରର ଉପବିଭାଗରେ ହୋଇଥିବା ଫାଟ ବା ଖୋଲା ଅଂଶକୁ ବୁଝାଇଥାଏ ଯାହାକି ନାଶାନାଳୀ ସହିତ ସଂଯୁକ୍ତ ହୋଇଥାଏ । ପ୍ରାୟ ୫00 ପିଲାମାନଙ୍କ ମଧ୍ୟରେ ମାତ୍ର ଜଣେ ତାଲୁଫାଟ ଥାଇ ଜନ୍ମ ହୋଇଥାନ୍ତି ।

## 136. ତାଲୁଫାଟ ସମସ୍ୟା ହେତୁ, ଲୋକମାନେ କଥାବାର୍ତ୍ତା କରିପାରିନଥାନ୍ତି କି ?

ତାଲୁଫାଟ ଥାଇ ଜନ୍ମ ହେଉଥିବା ପିଲାଙ୍କର କଥା କହିବା ସମସ୍ୟା ହେବାର, ସମ୍ଭାବନା ଅଧିକ । ପିଲାଟି ହୁଏତ ଭାଷାକୁ ଧିରେ ଧିରେ ବ୍ୟବହାର କରିପାରେ କିମ୍ବା ଅସାଧାରଣ ଭାବରେ ଭାଷାର ପ୍ରୟୋଗ କରିବା ଶିଖିପାରେ । ଗବେଷଣାରୁ ଜଣାପଡ଼ିଛି ଯେ, ତାଲୁଫାଟ ଥିବା ପିଲାମାନେ ସାଧାରଣ ପିଲାମାନଙ୍କ ତୁଳନାରେ ଛୋଟ ଏବଂ ସରଳ ବାକ୍ୟଗୁଡ଼ିକୁ ବ୍ୟବହାର କରିଥାନ୍ତି । ଏହା ସହିତ ଶାରିରୀକ ଅସୁବିଧା ହେତୁ, ଏହି ପିଲାମାନେ କେତେକ ଶବ୍ଦକୁ ଠିକ୍ ଭାବରେ ଉଚ୍ଚାରଣ କରିପାରନ୍ତି ନାହିଁ । ଯଦି ପିଲାଟି କେତେକ ଶବ୍ଦ ଉଚ୍ଚାରଣ କରିବାକୁ ଅସମର୍ଥ ହୋଇଥାଏ ତେବେ ସେ ଏହାଠାରୁ ସରଳ ଶବ୍ଦକୁ ବଦଳାଇ କହିବାକୁ ଆରମ୍ଭ କରିଥାଏ କିମ୍ବା ସେ ଶବ୍ଦଗୁଡ଼ିକୁ ବ୍ୟବହାର କରିବା ବନ୍ଦ କରିଦେଇଥାଏ । ଉଦାହରଣ ସ୍ୱରୂପ ମୁଖମଣ୍ଡଳର ସାମନାପଟରେ ଉତ୍ପତ୍ତି ହେଉଥିବା ଶବ୍ଦ ପଶ୍ଚାତ୍ ଭାଗକୁ ଚାଲିଯାଇଥାଏ ତେଣୁ 'ଟ' କୁ 'କ' ବୋଲି ଉଚ୍ଚାରଣ କରିଥାନ୍ତି ଏବଂ 'ଟ୍ୟାପ୍'କୁ 'କ୍ୟାପ୍' ବୋଲି କହିଥାନ୍ତି ଏବଂ 'ଡ' କୁ 'ଗ' ବୋଲି କହିଥାନ୍ତି ଯାହାଫଳରେ 'ଡଗ୍' ଶବ୍ଦକୁ 'ଗଗ୍' ବୋଲି ଉଚ୍ଚାରଣ କରିଥାନ୍ତି ।

ଏହା ସହିତ ପାଟି ଭିତର ଦେଇ ଯାଉଥିବା ପବନ ଦ୍ୱାରା ଯେଉଁ ମୌଖିକ ଶବ୍ଦ ହେବାକଥା ତାହା ନାକ ମାଧ୍ୟମରେ ହୋଇଥାଏ ଯାହାଫଳରେ 'ବ' କୁ 'ମ' ବୋଲି ଉଚ୍ଚାରଣ କରିଥାନ୍ତି ଏବଂ 'ବଲ୍' କୁ 'ମଲ୍' କହିଥାନ୍ତି । ସେହିପରି 'ଡ଼' କୁ 'ନ' ବୋଲି କହିବାଫଳରେ 'ଡେ' ଶବ୍ଦଟି 'ନେ' ବୋଲି ଉଚ୍ଚାରିତ ହୋଇଥାଏ ।

ସେମାନଙ୍କର କଣ୍ଠର ସ୍ୱର ସାଧାରଣ ପିଲାମାନଙ୍କ ଠାରୁ ଭିନ୍ନ ହୋଇଥାଏ । ସାଧାରଣତଃ ନାସା ନାଳୀର ବହୁଳ ବ୍ୟବହାର ହେତୁ ଶବ୍ଦର ଉତ୍ପତ୍ତି ହୋଇଥାଏ । ତେଣୁ ଉପରୋକ୍ତ ସମସ୍ୟାର ମିଶ୍ରିତ ପ୍ରଭାବ ଫଳରେ ପିଲାର ବଚନରେ ଗୁଣ ଓ ସ୍ପଷ୍ଟତା କମିଯାଇଥାଏ ।

ବାକ୍ ଚିକିତ୍ସକ, ଏବଂ ନାଶା କର୍ଣ୍ଣ ଗଳା ବିଭାଗର ବିଶେଷଜ୍ଞ ଡାକ୍ତରମାନେ, ପିତାମାତାଙ୍କୁ ସେମାନଙ୍କର ତାଲୁଫଟା ଥିବା ପିଲାକୁ ଚଳାଇବାରେ ସାହାଯ୍ୟ କରିପାରିବେ ।

**137. ଗ୍ରହଣ ଖଣ୍ଡିଆ କଣ ?**

ପିଲାଟି ଗର୍ଭରେ ଥିବା ସମୟରେ ଛଅରୁ ବାର ସପ୍ତାହ ମଧ୍ୟରେ ଯଦି ତାହାର ଓଠଟି ଯୋଡ଼ି ନ ହୋଇପାରି ଏକ କଟା ଯାଗା ଭଳି ରହିଥାଏ, ତାହାକୁ ଗ୍ରହଣ ଖଣ୍ଡିଆ କହିଥାନ୍ତି ।

**138. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଗ୍ରହଣ ଖଣ୍ଡିଆ ଥିବା ହେତୁ କଥାବାର୍ତ୍ତା କରିପାରନ୍ତି ନାହିଁ କି ?**

ଓଠ ମଧ୍ୟରେ ପବନ ପ୍ରବେଶ କରାଇବା ଫଳରେ କେତେକ ଶବ୍ଦର ଉତ୍ପତ୍ତି ହୋଇଥାଏ । ଗ୍ରହଣ ଖଣ୍ଡିଆ ହେତୁ ଯଦି କଥା କହିବା ଅସ୍ପଷ୍ଟ ହୋଇଥାଏ ତେବେ ପ୍ଲାଷ୍ଟିକ୍ ସର୍ଜରୀ ସାହାଯ୍ୟରେ ଏହାକୁ ସଜଡ଼ା ଯାଇପାରିବ । ଯାହାବି ହେଉ ଗ୍ରହଣ ଖଣ୍ଡିଆକୁ ସଜାଡ଼ି ଦେଲେ ମଧ୍ୟ, ମାନସିକ ବିକଳାଙ୍ଗ ପିଲାମାନଙ୍କର କଥା କହିବା ସମସ୍ୟା ତଥାପି ରହିଥାଏ । ଏହାର କାରଣ ହେଉଅଛି ଯେ, କଥା କହିବା ମଧ୍ୟ ଅନ୍ୟ କେତେକ ଉପାଦାନ ଉପରେ ନିର୍ଭର କରିଥାଏ ଯଥା ଯଥେଷ୍ଟ ପରିମାଣ ଶାରିରୀକ ଦକ୍ଷତା, ସଠିକ୍ ଭାବରେ ଜ୍ଞାନେନ୍ଦ୍ରିୟର କାର୍ଯ୍ୟକଳାପ, ଯଥେଷ୍ଟ ଖବର ଗ୍ରହଣ କରିବାର ଦକ୍ଷତା ଏବଂ ଏକ ଉନ୍ନତ ଏବଂ ଉତ୍ତେଜକ ପରିବେଶ, ଯାହା କି ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କଠାରେ ବିଭିନ୍ନ କ୍ରମରେ ରହିଥାଏ ।

**139. ମୋର ମାନସିକ ବିକଳାଙ୍ଗ ପିଲାଟି କେତେକ ଶବ୍ଦ ଯଥା : 'ପି' ବା 'ଏମ୍' ଉଚ୍ଚାରଣ କରିପାରୁଛି କିନ୍ତୁ ଜେଡ୍. ଏଚ୍ ଏବଂ ଭି ର ଉଚ୍ଚାରଣ କରିପାରୁନାହିଁ । ଏହାର କାରଣ କଣ ?**

ପିଲାମାନେ ଗୋଟିଏ ପ୍ରକାରରେ କଥାବାର୍ତ୍ତା ଦ୍ୱାରା ଶବ୍ଦ ଉତ୍ପନ୍ନ କରିବା ଶିଖିଥାନ୍ତି । କଠିନ ଶବ୍ଦର ସୃଷ୍ଟି ହେବା ପୂର୍ବରୁ ସରଳ ଶବ୍ଦର ଉତ୍ପନ୍ନ ହୋଇଥାଏ । ପିଲାଟି ପ୍ରଥମରୁ କେତେକ ଶବ୍ଦକୁ ଅନ୍ୟ ଶବ୍ଦ ଅପେକ୍ଷା ଶିଖିପାରିଥାଏ ।

**140. ଭାଷା ଏବଂ କଥା କହିବାର ତାଲିମ୍ କଣ କେବଳ ବାକ୍ ଚିକିତ୍ସକଙ୍କର କୋଠରୀ ମଧ୍ୟରେ କରାଯାଇପାରିବ ?**

ଭାଷା ଏବଂ କଥାବାର୍ତ୍ତା କରିବାର ତାଲିମ୍ କାର୍ଯ୍ୟ ଏକାକୀ କରାଯାଇପାରେ ନାହିଁ । ବାକ୍ ଚିକିତ୍ସକ ପିଲାର ଦକ୍ଷତାଗୁଡ଼ିକୁ ପରୀକ୍ଷା କରିଥାନ୍ତି ଏବଂ ତାଲିମ୍ କାର୍ଯ୍ୟଗୁଡ଼ିକୁ ଚିକିତ୍ସା



ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଥା କହିବା, ଅଙ୍ଗଭଙ୍ଗୀ ଓ ସଂକେତ ମାଧ୍ୟମରେ ମନୋଭାବ ପ୍ରକାଶ କରିପାରିବେ

କୋଠରୀ ମଧ୍ୟରେ କରି ଦେଖାଇଥାନ୍ତି । ଭାଷା ଏବଂ କଥାବାର୍ତ୍ତା ଶିକ୍ଷା ଦୈନନ୍ଦିନ କାର୍ଯ୍ୟ, ପିତାମାତା ଓ ପିଲାମାନଙ୍କ ମଧ୍ୟରେ ହେବା ଉଚିତ୍ ଯଥା :– ପୋଷାକ ପିନ୍ଧିବା, ଖାଇବା, ହାତ ଧୋଇବା ଇତ୍ୟାଦି । ତେଣୁ ଭାଷା ଓ କଥା କହିବା ତାଲିମ୍ ସବୁଠାରୁ ଭଲ ପ୍ରାକୃତିକ ପରିବେଶ ଯଥା ପିଲାର ପିତାମାତା, ସ୍କୁଲ ଓ ନିଜର ପରିବେଶ ମଧ୍ୟରେ ହେବା ସର୍ବାଦୌ ଆବଶ୍ୟକ । ବାକ୍ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ପିତାମାତା ନିଜର ଘରୋଇ ପରିବେଶ ମଧ୍ୟରେ ସବୁଠାରୁ ଉତ୍ତମ ଏବଂ ଫଳପ୍ରଦ ତାଲିମ୍ ଦେଇପାରିବେ ।

***141. ଗୋଟିଏ ଦିନରେ ପିତାମାତାମାନେ ସେମାନଙ୍କର ମାନସିକ ବିକଳାଙ୍ଗ ପିଲାର କଥା କହିବା ତାଲିମ୍ ନିମନ୍ତେ କେତେ ସମୟ ଦେବା ଉଚିତ୍ ?***

ପିଲାମାନଙ୍କର କଥା କହିବା ତାଲିମ୍ ନିମନ୍ତେ କୌଣସି ସମୟର ପରିମାଣ ଧାର୍ଯ୍ୟ କରାଯାଇନାହିଁ । ମାନସିକ ବିକଳାଙ୍ଗ ପିଲାମାନଙ୍କ କ୍ଷେତ୍ରରେ ଭାଷା ଓ କଥା କହିବା ତାଲିମ୍ କାର୍ଯ୍ୟ ନିତି ଦିନିଆ କାର୍ଯ୍ୟ ମଧ୍ୟରେ କରାଯିବାକୁ ଉପଦେଶ ଦିଆଯାଇଥାଏ ଯାହା ଦ୍ୱାରା ସେମାନେ ଅଭ୍ୟାସ କରିବାକୁ ଅଧିକ ସୁଯୋଗ ପାଇଥାନ୍ତି ।

***142. ସମସ୍ତ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ କଥା କହିବା ଶିଖିପାରିଥାନ୍ତି ? ଯଦି ନୁହେଁ, ତେବେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଅନ୍ୟ କେଉଁ ଉପାୟରେ ଭାବ ବିନିମୟ କରିପାରିବେ ?***

ଯଦିଓ ଭାଷା ଓ କଥା କହିବା ତାଲିମ୍, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ସେମାନଙ୍କର ଆବଶ୍ୟକତା ଓ ମନୋଭାବ ପ୍ରକାଶ କରିବାରେ ସାହାଯ୍ୟ କରିଥାଏ, ତଥାପି ପ୍ରାୟ ଶତକଡ଼ା 40 ଭାଗ ମାନସିକ ବିକଳାଙ୍ଗ ବ୍ୟକ୍ତି କଥା କହିବାରେ ବହୁତ ଅସୁବିଧା ଭୋଗ କରିଥାନ୍ତି । ଯେଉଁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସିଧାସଳଖ କଥା କହିବା ଶିଖିପାରିନଥାନ୍ତି, ସେମାନଙ୍କୁ ଅଣଭାଷା ମାଧ୍ୟମରେ ମନୋଭାବ ପ୍ରକାଶକରିବା ମଧ୍ୟ ଶିଖାଯାଇପାରିବ । ଏହା ମଧ୍ୟରେ ଶାରିରୀକ ଭାଷା, ଅଙ୍ଗଭଙ୍ଗୀ, ଲିଖିତ ଶବ୍ଦ ଏବଂ ଚିତ୍ର ସବୁ ଅନ୍ତର୍ଭୁକ୍ତ । ଅଣଭାଷା କଥାବାର୍ତ୍ତା ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା :–

- ବିନା ସହାୟତାରେ କଥାବାର୍ତ୍ତା ଯଥା :– ସାଂକେତିକ ଭାଷା ।
- ସହାୟକ କଥାବାର୍ତ୍ତା ଯଥା :– ଚିତ୍ରାବଳୀ, ବିଦ୍ୟୁତ୍ ଯନ୍ତ୍ରପାତି ପ୍ରଭୃତି ।

**143. ସାଂକେତିକ ଭାଷା କଣ ? ଭାରତରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ଏହା କେତେଦୂର ବ୍ୟବହାର ଉପଯୋଗୀ ଅଟେ ?**

ସାଂକେତିକ ଭାଷା ଏକ ପ୍ରକାରର ଅଣଭାଷା କଥାବାର୍ତ୍ତାକୁ ବୁଝାଇଥାଏ, ଯାହାଦ୍ୱାରା ବ୍ୟକ୍ତି ଜଣକ କେତେକ ଶାରିରୀକ ଅଙ୍ଗଭଙ୍ଗୀ ଏବଂ ହାତର ଅବସ୍ଥାନ ମାଧ୍ୟମରେ ଭାବର ଆଦନାପ୍ରଦନା କରିଥାଏ । ଯଦିବା ଏହା ମୂକ ବଧିର ବ୍ୟକ୍ତିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ତଥାପି ଏହା ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ କଥାବାର୍ତ୍ତା କରିବାରେ ଏବଂ ସେମାନଙ୍କର ଦୈନନ୍ଦିନର ଆବଶ୍ୟକତାଗୁଡ଼ିକୁ ଜଣାଇବାରେ ସାହାଯ୍ୟ କରିଥାଏ ।

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ସରଳ ଉପାୟର ଆବଶ୍ୟକତା ରହିଥାଏ । ସାଂକେତିକ ଭାଷାରେ ଯେଉଁ ଅଙ୍ଗଭଙ୍ଗୀ ଏବଂ ସଂକେତ ସବୁ ବ୍ୟବହାର କରାଯାଇଥାଏ ତାହା ସଂପୂର୍ଣ୍ଣ ସଂସ୍କୃତି ଭିତ୍ତିକ ଏବଂ ଏହା ସ୍ଥାନ ବିଶେଷରେ ଅଲଗା ହୋଇଥାଏ । ଏହି ସଂକେତଗୁଡ଼ିକୁ ସାଧାରଣ ଲୋକମାନଙ୍କ ମଧ୍ୟରୁ ବହୁତ ଅଳ୍ପ ବୁଝିପାରିଥାନ୍ତି ଏବଂ ବହୁଳ କମ୍ ସଂଖ୍ୟକ ବଛା ଲୋକମାନେ ବ୍ୟବହାର କରିଥାନ୍ତି । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଅନ୍ୟାନ୍ୟ ଶାରିରୀକ ଅସୁବିଧା ଥାଇପାରେ ଯାହାଫଳରେ ସଂକେତ ଦେବା ସମ୍ଭବ ହୋଇପାରିନଥାଏ । ତେଣୁ ସାଂକେତିକ ଭାଷାର ବ୍ୟବହାର ସୀମିତ ଅଟେ । ଏହା ବ୍ୟତିତ କଥାବାର୍ତ୍ତା କରିବା ନିମନ୍ତେ ବୋର୍ଡ଼ ମିଳୁଅଛି ଯାହା ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ କଥା କହିବାରେ ସାହାଯ୍ୟ କରିପାରେ ।

**144. ଏହା କଣ ସତ୍ୟ ଯେ, ଯଦି ପିଲାକୁ ସାଂକେତିକ ଭାଷା ଶିକ୍ଷା ଦିଆଯାଏ ତେବେ ସେ କଥା କହିବା ବନ୍ଦ କରିଦେବ ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସାଧାରଣ ବ୍ୟକ୍ତିମାନଙ୍କ ଭଳି କଥାବାର୍ତ୍ତା କରିବାର ଆବଶ୍ୟକତା କରିଥାନ୍ତି । ବିଭିନ୍ନ ପ୍ରକାରର ସ୍ନାୟୁ, ମାଂସପେଶୀ, ଇନ୍ଦ୍ରିୟମାନଙ୍କର ତ୍ରୁଟି ହେତୁ କେତେକ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ କଥା କହିବାରେ ଅସୁବିଧା ହୋଇଥାଏ । ତେଣୁ ସେମାନେ କଥା କହିବା ନିମନ୍ତେ ଏକ ଅଣଭାଷା ମାଧ୍ୟମରେ ଆବଶ୍ୟକତା ରହିଛି । ସାଂକେତିକ ଭାଷା ହେଉଛି ଏକ ପ୍ରକାରର ଅଣଭାଷା ମାଧ୍ୟମ ।

ଯେତେବେଳେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ବଚନର ବ୍ୟବହାର କରି କଥା କହିବାର ସମ୍ଭାବନା ବହୁତ କମ୍ ହୋଇଥାଏ, ସେମାନଙ୍କ ନିମନ୍ତେ ଅଣଭାଷା ମାଧ୍ୟମ ବ୍ୟବହାର କରାଯାଇଥାଏ । ଅଣଭାଷା ପ୍ରଣାଳୀର ପ୍ରୟୋଗ କରିବା ପୂର୍ବରୁ ପିଲାର ଇନ୍ଦ୍ରିୟ, ଭାଷାର ବିକାଶ, ପରିସ୍ଥିତି ସହିତ ପରସ୍ପରିକ ସଂପର୍କ ଓ ଏହି ପ୍ରଣାଳୀକୁ ଗ୍ରହଣ କରିବାର ଆଗ୍ରହ ସବୁକୁ ପରୀକ୍ଷା କରିବା ଉଚିତ୍ । ଯାହା ବି ହେଉ ମନେ ରଖିବା ଉଚିତ୍ ଯେ, ଅଣଭାଷା ମାଧ୍ୟମରେ ବ୍ୟବହାର ଆରମ୍ଭ କରାଗଲେ ମଧ୍ୟ ଏହା ଚିର ସିଦ୍ଧାନ୍ତ ନୁହେଁ । ଏହା କେବଳ କଥାବାର୍ତ୍ତା କରି ଶିଖାଇବା ପାଇଁ ଏକ ମାଧ୍ୟମ ମାତ୍ର ।

***145. ପିତାମାତା ସେମାନଙ୍କର ମାନସିକ ବିକଳାଙ୍ଗ ପିଲା ନିମନ୍ତେ କେତେ ଦିନ ପର୍ଯ୍ୟନ୍ତ କଥା କହି ଶିଖିବା ତାଲିମ୍ ନେବା ଉଚିତ୍ ?***

ଅଧିକାଂଶ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ କଥାକହି ଶିଖିବା ତାଲିମ୍ କାର୍ଯ୍ୟ ଜୀବନ ସାରା ଚାଲିଥାଏ । ମଝିରେ ମଝିରେ ବାକ୍ ଚିକିତ୍ସକଙ୍କୁ ପରାମର୍ଶ କରିବା ବିଧେୟ । ସେହି ସମୟରେ ନିଜର ପରିବାର ପକ୍ଷରୁ ଉତ୍ସାହ ଓ ସହଯୋଗ, ସମୟ ଦାନ, ନିଜ ପିଲା ସହିତ କଥା କହିବା ଏବଂ ଶୁଣିବା ପ୍ରଭୃତି ଜଣେ ବିଶେଷଜ୍ଞଙ୍କର ସାହାଯ୍ୟ ନେବା ଠାରୁ ମଧ୍ୟ ବହୁତ ମୂଲ୍ୟବାନ ଅଟେ ।

***146. ଆମେମାନେ ଦିଲ୍ଲୀରେ ରହୁଅଛୁ । ଆମେମାନେ ଘରେ ତେଲୁଗୁ ଭାଷାରେ କଥାବାର୍ତ୍ତା କରିଥାଉ । ମୋର ପିଲାଟି ସ୍କୁଲରେ ହିନ୍ଦୀ ଭାଷାରେ ପଢ଼ିଥାଏ, ଏହାର ପିଲା ଉପରେ କୌଣସି ଖରାପ ପ୍ରଭାବ ପକାଇବ କି ?***

ଯଦିବା ଭାଷାର ତାଲିମ ଓ ଏହାର ବିକାଶ ନିମନ୍ତେ ସର୍ବଦା ମାତୃଭାଷାରେ ଦେବାପାଇଁ ଚେଷ୍ଟା କରିବା ଉଚିତ୍ । ଆମର ସମାଜ ବହୁଭାଷୀ ଅଟେ ଏବଂ ଆମ୍ଭେମାନେ ଏକାଧିକ ଭାଷାର ବ୍ୟବହାର କରିଥାଉ । ଦେଖାଯାଇଛି ଯେ, ମାନସିକ ବିକଳାଙ୍ଗ ପିଲାକୁ ବହୁଭାଷାର ତାଲିମ୍ ଦିଆଗଲେ ସେ ମଧ୍ୟ ବହୁଭାଷୀ ହୋଇପାରିଥାଏ । ଯାହା ବି ହେଉ, ମାନସିକ ବିକଳାଙ୍ଗ ପିଲାମାନେ ଏକାଧିକ ଭାଷା ଶିଖିବାରେ ଅସୁବିଧା ଅନୁଭବ କରିଥାନ୍ତି । ଏହାଫଳରେ ବେଳେବେଳେ ପିଲାର ପାଠପଢ଼ାରେ ଖରାପ ହୋଇଥାଏ,

ସେମାନଙ୍କର ଆତ୍ମ ସମ୍ମାନ କମିଥାଏ ଏବଂ ନୈରାଶ୍ୟଭାବ ଦେଖାଯାଇଥାଏ । ପିତାମାତା ଓ ସ୍କୁଲ ଶିକ୍ଷକମାନଙ୍କ ମଧ୍ୟରେ ପିଲାକୁ ମାତୃଭାଷା ମାଧ୍ୟମରେ ହସ୍ତକ୍ଷେପ, ତାଲିମ ଓ ଶିକ୍ଷା କାର୍ଯ୍ୟକ୍ରମ କରାଇବା ନିମନ୍ତେ ଏକ କାମଚଳା ସହଯୋଗ ପ୍ରତିଷ୍ଠା କରିବା ଯୁକ୍ତି ସଂଗତ ଅଟେ । ପୂର୍ବ ବିବରଣୀ ଏବଂ ଗବେଷଣାମାନଙ୍କରୁ ଜଣାପଡ଼ିଛି ଯେ, ପରିବେଶ ମଧ୍ୟରେ ଯଦି ଅଧିକ ସୁଯୋଗ ମିଳିଥାଏ, ତେବେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଏକାଧିକ ଭାଷା ଶିଖିପାରିଥାଆନ୍ତି ଯାହା ସେମାନଙ୍କର ସ୍କୁଲ କାର୍ଯ୍ୟକ୍ରମର ଏକ ଅଂଶ ହୋଇଥାଇପାରେ ।

7

# ଦୈନନ୍ଦିନ କାର୍ଯ୍ୟ

ସମସ୍ତ ପିତାମାତା, ବିଶେଷ କରି ମାଆମାନଙ୍କ ଉପରେ ପିଲାର ଲାଳନ ପାଳନ କରିବା ଓ ଯତ୍ନ ନେବାର ଭାର ପଡ଼ିଥାଏ । ଗୋଟିଏ ସାଧାରଣ ପିଲାଟିଏ ମଧ୍ୟ, ପିଲାବେଳେ ଝାଡ଼ା, ପରିସ୍ରା, ଖାଇବା, ପିନ୍ଧିବା ପ୍ରଭୃତି କାମଗୁଡ଼ିକୁ କରିବାରେ ମାଆ ଉପରେ ନିର୍ଭର କରିଥାଏ, ପିତାମାତାମାନେ ଜାଣିକରି ଏସବୁ ସମସ୍ୟାଗୁଡ଼ିକୁ ସହି ଯାଇଥାନ୍ତି ଯେ, ପିଲାଟି ଖୁବ୍ ଶୀଘ୍ର ତାର ନିଜର ଯତ୍ନ ନେବାକୁ ସକ୍ଷମ ଓ ଆତ୍ମ ନିର୍ଭରଶୀଳ ହୋଇଯିବ । ଯାହା ବି ହେଉ, ମାନସିକ ବିକଳାଙ୍ଗ ପିଲାମାନଙ୍କ କ୍ଷେତ୍ରରେ ଏହା ହୋଇପାରିନଥାଏ, କାରଣ ସେମାନେ ପିତାମାତାଙ୍କ ଉପରେ ବହୁଦିନ ପର୍ଯ୍ୟନ୍ତ ନିର୍ଭର କରିଥାନ୍ତି । ଯଦି ପିଲାଟି ଅଧିକ ମାତ୍ରାରେ ମାନସିକ ବିକଳାଙ୍ଗ ହୋଇଥାଏ ଏବଂ ତାହାର ଆନୁସଂଗିକ ଶାରିରୀକ ବିକଳାଙ୍ଗତା ରହିଥାଏ, ତେବେ ପ୍ରତ୍ୟେକ ଦିନ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପିତାମାତାଙ୍କ ନିମନ୍ତେ ଅଧିକ କଠିନ ଓ ଚିନ୍ତାର ବିଷୟ ହୋଇଥାଏ । ପିତାମାତା ବହୁତ ଗୁଡ଼ିଏ ପ୍ରଶ୍ନର ଉତ୍ତର ଖୋଜିଥାନ୍ତି ଯଥା : ମୋ ପିଲାଟି କଣ ନିଜେ ଖାଇବାକୁ ସକ୍ଷମ ହୋଇପାରିବ, କେତେଦିନ ପର୍ଯ୍ୟନ୍ତ ଜଣେ, ତାହାର ଯତ୍ନ ନେଇପାରିବ, ପାଇଖାନାରେ ସଫା କରିବ, ସେମାନେ ଏହି ପ୍ରାଥମିକ ଆବଶ୍ୟକତାଗୁଡ଼ିକୁ ଶିଖିବା ନିମନ୍ତେ କୌଣସି ତାଲିମ୍ ବା ଉପାୟ ରହିଅଛି କି, ମାନସିକ ବିକଳାଙ୍ଗ ଝିଅ ମାନଙ୍କୁ କଣ ସେମାନଙ୍କର ଋତୁସ୍ରାବ ବେଳର ଯତ୍ନ ନେବା କାର୍ଯ୍ୟ ଶିଖାଯାଇପାରିବ କି ? ଏହି ସବୁ ବିଷୟ ସହ ସଂପୃକ୍ତ କେତେକ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତରଗୁଡ଼ିକୁ ଉକ୍ତ ଅଧ୍ୟାୟରେ ଦିଆଯାଇଅଛି ।


ରାମୁ ବହୁତ ବଡ଼ ହୋଇଗଲାଣି, ତାଙ୍କୁ ତୁମେ କ'ଣ ଗାଧୋଇ ଦେଉଛ ।
ରାମୁ ବୋଧହୁଏ ସ୍କୁଲକୁ ଯାଉଛି । ତା'ର ଶିକ୍ଷକ କ'ଣ ଏ ବିଷୟରେ କିଛି କହିନାହାନ୍ତି ।
ମୁଁ ଏ ବିଷୟରେ କିଛି ଜଣାଇ ନାହିଁ । ସେମାନେ ଏ ବିଷୟରେ କିଛି ଶିଖାନ୍ତି ନାହିଁ । ମୁଁ ଶିକ୍ଷକଙ୍କୁ ପଚାରିବି ।
ମୋ ମତରେ ତୁମର ସ୍ୱାମୀ ବା ବଡ଼ପୁଅ ରାମୁକୁ ଗାଧୋଇବାରେ ସାହାଯ୍ୟ କରିବା ଉଚିତ୍ । ଯେହେତୁ ସେ ବଡ଼ ହୋଇଯାଇଛି ଏହା ପରେ ସମସ୍ୟା ସୃଷ୍ଟି କରିପାରେ ।

***147. ଦୈନନ୍ଦିନ କାର୍ଯ୍ୟ କହିଲେ କଣ ବୁଝାଏ ? ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଦୈନନ୍ଦିନ କାର୍ଯ୍ୟର ତାଲିମ ମଧ୍ୟରେ କଣ କଣ ଅନ୍ତର୍ଭୁକ୍ତ ?***

ଆତ୍ମ ଯତ୍ନ ଦକ୍ଷତା ବା ଦୈନନ୍ଦିନ କାର୍ଯ୍ୟ କହିଲେ, ସାଧାରଣତଃ ସମାଜରେ ଚଳିବା ନିମନ୍ତେ ଓ ନିଜେ ବଞ୍ଚି ରହିବା ପାଇଁ ଆବଶ୍ୟକୀୟ ଦକ୍ଷତା ବା କାର୍ଯ୍ୟ କରିବାକୁ ବୁଝାଇଥାଏ । ଏହି ଦୈନନ୍ଦିନ କାର୍ଯ୍ୟର ତାଲିମ୍ ମଧ୍ୟରେ ନିମ୍ନଲିଖିତ ଶିକ୍ଷାଗୁଡ଼ିକ ଅନ୍ତର୍ଭୁକ୍ତ ।

- ମୌଳିକ ବା ପ୍ରାଥମିକ କାର୍ଯ୍ୟ ଦକ୍ଷତା ଯଥା : ଖାଇବା, ଝାଡ଼ା ପରିସ୍ରା କରିବା, ପୋଷାକ ପିନ୍ଧିବା ଏବଂ ଖୋଲିବା ।

- ଅଧିକ ଉଚ୍ଚତର କାର୍ଯ୍ୟଦକ୍ଷତା ଯଥା : ସାଜସଜ୍ଜା, ଗାଧୋଇବା, ଋତୁସ୍ରାବ ବେଳର ଯତ୍ନ, ଦାନ୍ତ ଘଷିବା, ଲୁଗା ପିନ୍ଧିବା, ବଜାର ସଉଦା, କିଣାକିଣି କରି ଜାଣିବା, ଘରକାମ କରିବା ଏବଂ ଘରର ନିରାପତ୍ତା ରଖିଜାଣିବା, ଖାଦ୍ୟ ପ୍ରସ୍ତୁତ କରିବା ଏବଂ ସାମାଜିକ ଚଳଣୀ ଇତ୍ୟାଦି ।

***148. ଦୈନନ୍ଦିନ କାର୍ଯ୍ୟଗୁଡ଼ିକ ନିତିଦିନିଆ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ ଏହି କାର୍ଯ୍ୟ ଗୁଡ଼ିକୁ ଆଗାତତଃ ଶିଖିପାରିବେ ନାହିଁ ?***

ମାନସିକ ବିକଳାଙ୍ଗ ହେତୁ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ବେଳେବେଳେ ଚିନ୍ତା କରିବା ଶକ୍ତି, ପର୍ଯ୍ୟବେକ୍ଷଣକରିବାର ଦକ୍ଷତା ଯାହା ଦୈନନ୍ଦିନ କାର୍ଯ୍ୟଗୁଡ଼ିକୁ ଶିଖିବାରେ ସାହାଯ୍ୟ କରିଥାଏ, ତାକୁ ହରାଇ ବସିଥାନ୍ତି, ଏପରି ପରିସ୍ଥିତିରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଆତ୍ମଯତ୍ନ ସମ୍ବନ୍ଧରେ ଖୁବ୍ ଶୀଘ୍ର ତାଲିମ୍ ଦେବା ଉଚିତ୍ ।

***149. ସମସ୍ତ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ ସେମାନଙ୍କର ପ୍ରାଥମିକ ଆବଶ୍ୟକତାଗୁଡ଼ିକର ଯତ୍ନ ନେବା ଶିଖିପାରିବେ ?***

ଉପଯୁକ୍ତ ହସ୍ତକ୍ଷେପ କରାଗଲେ, ଅଧିକାଂଶ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ, କେତେଗୁଡ଼ିଏ ପ୍ରାଥମିକ ଆତ୍ମଯତ୍ନ ଦକ୍ଷତା ଯଥା : ଖାଇ ଜାଣିବା, ପାଇଖାନା କାର୍ଯ୍ୟ କରିବା, ଗାଧୋଇବା, ପୋଷାକ ପିନ୍ଧିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ଶିଖିପାରିବେ । ଯଦିଓ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ସେମାନଙ୍କର ଆତ୍ମଯତ୍ନ ସମ୍ବନ୍ଧରେ କେତେଦୂର ପର୍ଯ୍ୟନ୍ତ ତାଲିମ ଦିଆଯିବ ଏହା ସେମାନଙ୍କର ବିକଳାଙ୍ଗ ଅବସ୍ଥା ଉପରେ ନିର୍ଭର କରିଥାଏ, ତଥାପି

ସେମାନଙ୍କୁ କିପରି ଭାବରେ ଅଧିକରୁ ଅଧିକ ଆତ୍ମନିର୍ଭରଶୀଳ ହେବାପାଇଁ ଉତ୍ସାହିତ କରାଯାଇପାରିବ, ତାହାର ଉପାୟ ବାହାର କରିବା ଉଚିତ୍ । ତେଣୁ ଉପଯୁକ୍ତ ତାଲିମ୍, ସୁଯୋଗ ଏବଂ ଅନୁଭୂତି ମିଳିଲେ, ସ୍ୱଳ୍ପ ଏବଂ ମଧ୍ୟମ ଧରଣର ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଯଦି କୌଣସି ଅନ୍ୟ ଅସୁବିଧା ନ ଥାଏ ତେବେ ସେମାନେ ଆତ୍ମଯତ୍ନ କାର୍ଯ୍ୟଗୁଡ଼ିକୁ ଭଲ ଭାବରେ ଶିଖିପାରିବେ କିନ୍ତୁ ଅତ୍ୟଧିକ ମାନସିକ ବିକଳାଙ୍ଗତା ଥିବା ବ୍ୟକ୍ତିମାନେ କେବଳ କେତେକ ପ୍ରାଥମିକ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରନ୍ତି ।

***150. ଆମ୍ଭର ପିଲାଟି ଚାରିବର୍ଷର ଅଟେ । ଆମ୍ଭେମାନେ ଦେଖୁଅଛୁ ଯେ, ପିଲାକୁ ଖାଇବା, ପିନ୍ଧିବା, ଗାଧୋଇବା ଆଦି କାର୍ଯ୍ୟ ଶିଖାଇବା ଏକ ପ୍ରକାରରେ ସମୟର ଅପବ୍ୟବହାର ଅଟେ, ବରଂ ଯଦି ସେହି କାର୍ଯ୍ୟଗୁଡ଼ିକୁ ଆମ୍ଭେମାନେ କରିଦେବୁ ତେବେ ବହୁତ ସମୟ ଓ ଶକ୍ତି ସଞ୍ଚୟ ହୋଇପାରନ୍ତା, ଆପଣଙ୍କ ମତାମତ କଣ ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ, ସେମାନଙ୍କର ନିଜର ଆବଶ୍ୟକତା ଗୁଡ଼ିକୁ ପୂରଣ କରିବା ନିମନ୍ତେ ତାଲିମ୍ ଦେବା, ସମୟର ଅପବ୍ୟବହାର ନୁହେଁ । ପ୍ରତ୍ୟେକ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସେମାନଙ୍କର ବୁଦ୍ଧିର ପରିମାଣ ଯାହା ଥାଉନା କାହିଁକି, ସେମାନଙ୍କୁ ତାଲିମ ଦେଇହେବ । ପିଲାକୁ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ତାଲିମ୍ ଦେବା ଫଳରେ, ପିତାମାତା ପ୍ରତ୍ୟହ ପିଲାର ପ୍ରାଥମିକ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ନିମନ୍ତେ ଯେଉଁ କାର୍ଯ୍ୟ କରୁଥିଲେ, ସେଥିରୁ ମୁକ୍ତି ପାଇପାରିବେ । ପିଲାଟି ମଧ୍ୟ ଆତ୍ମ ନିର୍ଭରଶୀଳ ହୋଇଥାଏ ଏବଂ ସକ୍ଷମତା ଭାବ ଲାଭ କରିଥାଏ, ଯାହାଦ୍ୱାରା ତାର ଆତ୍ମବିଶ୍ୱାସ ବଢ଼ିଥାଏ ।

***151. ପ୍ରସାଧନ ତାଲିମ କାର୍ଯ୍ୟ କେତେ ଚଞ୍ଚଳ ଆରମ୍ଭ କରାଯାଇପାରିବ ?***

ପ୍ରସାଧନ ସମ୍ବନ୍ଧୀୟ ତାଲିମ ଆରମ୍ଭ କରାଯାଇପାରିବ ଯଦି,–

- ମାନସିକ ବିକଳାଙ୍ଗ ପିଲାଟି ଦିନର କୌଣସି ଏକ ନିର୍ଦ୍ଦିଷ୍ଟ ସମୟରେ ଝାଡ଼ା ବା ପରିସ୍ରା କରୁଥାଏ ।

- ଯଦି ପିଲାଟି ନିୟମିତ ଭାବରେ ଏକ ଘଣ୍ଟାରୁ 2 ଘଣ୍ଟା ପର୍ଯ୍ୟନ୍ତ ପରିସ୍ରା ନକରି ରହିପାରୁଥାଏ

- ଯଦି ପିଲାକୁ ଅତିକମ୍‌ରେ 21/2 ବର୍ଷ ହୋଇଥାଏ ।

ଅତ୍ୟଧିକ ମାନସିକ ବିକଳାଙ୍ଗତା ଥିବା ପିଲାମାନଙ୍କୁ ସବୁଠାରୁ ଅଧିକ ଲାଭ ମିଳିବା ନିମନ୍ତେ, ସେମାନଙ୍କର ତାଲିମ୍ କାର୍ଯ୍ୟ, 5 ବର୍ଷ ହେବାପରେ ଆରମ୍ଭ କରିବା ଉଚିତ୍ । ଯାହା ବି ହେଉ, ଯଦି ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି ପ୍ରସାଧାନ ତାଲିମ ପ୍ରାପ୍ତ ନୁହଁନ୍ତି ଏବଂ ପୂର୍ବ ବର୍ଣ୍ଣିତ ତିନିଗୋଟି ଲକ୍ଷଣକୁ ପୂରଣ କରୁଥାଆନ୍ତି, ତେବେ ସେମାନଙ୍କର ମାନସିକ ବିକଳାଙ୍ଗତାର ସ୍ତର ଯାହା ହୋଇଥିଲେ ମଧ୍ୟ, ଯେକୌଣସି ପ୍ରକାରର ପ୍ରସାଧନ ତାଲିମ ଆରମ୍ଭ କରିବା ଉଚିତ ।

**152. ସେମାନଙ୍କର ପିଲାଟି, ପ୍ରସାଧନ ତାଲିମ୍ ନେବାପାଇଁ ଉପଯୁକ୍ତ, ଏହା ଜଣେ କିପରି ଭାବରେ ଜାଣିପାରିବ ?**

ସାଧାରଣତଃ 5 ଗୋଟି ଅବସ୍ଥା ରହିଅଛି, ଯାହାକି ମାନସିକ ବିକଳାଙ୍ଗ ପିଲାଟି ପ୍ରସାଧନ ସମ୍ବନ୍ଧୀୟ ତାଲିମ ନେବାକୁ ଉପଯୁକ୍ତ କି ନୁହେଁ, ତାହା ଜାଣିବାରେ ସାହାଯ୍ୟ କରିଥାଏ ।

- ପିଲାଟି ଏକକାଳୀନ 1-2 ଘଣ୍ଟା ପର୍ଯ୍ୟନ୍ତ ପରିଶ୍ରା ନକରି ରହିପାରୁଅଛି କି ?

- ପିଲାଟି ତାର ପ୍ୟାଣ୍ଟକୁ ସମ୍ପୂର୍ଣ୍ଣ ଓଦା କରିଦିଏ ବା ଧିରେ ଧିରେ ଓଦା କରେ ? (ପରିସ୍ରା ଖୋଲା କରିଥାଏ ନା ରୋକିରୋକି କରି କରିଥାଏ)

- ଝାଡ଼ା ଓ ପରିଶ୍ରାକୁ ନିୟନ୍ତ୍ରଣ କରିବାରେ ଯଦି କୌଣସି ଶାରିରୀକ ଅସୁବିଧା ନଥାଏ ।

- ମାନସିକ ବିକଳାଙ୍ଗ ପିଲାଟିର ଅତିକମ୍‌ରେ ଜଣେ 2 ବର୍ଷର ସାଧାରଣ ପିଲାଭଳି ବୁଝିବା ଶକ୍ତି ଥିବା ଦରକାର ।

- ତାଲିମ୍ କାର୍ଯ୍ୟଗୁଡ଼ିକୁ ଅନୁସରଣ କରିବା ନିମନ୍ତେ ପିତାମାତାଙ୍କ ପାଖରେ ସମୟ ଥାଏ ବା ନଥାଏ ?

**153. କେତେ ବର୍ଷ ସୁଦ୍ଧା ଜଣେ ପ୍ରସାଧନ ସମ୍ବନ୍ଧୀୟ କାର୍ଯ୍ୟ କରିପାରିବ ବୋଲି ଆଶା କରାଯାଇ ପାରିବ ?**

ପ୍ରତ୍ୟେକ ମାନସିକ ବିକଳାଙ୍ଗ ପିଲାମାନଙ୍କର ପ୍ରସାଧନ ତାଲିମ କାର୍ଯ୍ୟ ଶିଖିବା ଭିନ୍ନ ପ୍ରକାରର ହୋଇଥାଏ । ପାଇଖାନା ସମ୍ବନ୍ଧୀୟ ସମସ୍ତ ତାଲିମ୍ କାର୍ଯ୍ୟ, ପିଲାଟିର ତାହାର ଶାରିରୀକ ପରିପକ୍ୱତା, ତାଲିମ ଦେବାର ସୁବିଧା ସୁଯୋଗ ଏବଂ ପିଲାର ଅନୁଭୂତି ଉପରେ ନିର୍ଭର କରିଥାଏ । ପିତାମାତାମାନେ ପ୍ରସାଧନ ତାଲିମ କାର୍ଯ୍ୟକୁ ପିଲାବେଳରେ କରାଇବା ନିମନ୍ତେ ଅଧିକ ଗୁରୁତ୍ୱ ଦେବା ଉଚିତ୍ ।

ଉପଯୁକ୍ତ ତାଲିମ ଦେବା ଫଳରେ, ଅଧିକାଂଶ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଅତିକମ୍‌ରେ କେତେକ ପ୍ରସାଧନ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକୁ ଶିଖି ପାରିଥାନ୍ତି । ସ୍ୱଳ୍ପ ମାନସିକ ବିକଳାଙ୍ଗତା ଥିବା ପିଲାମାନଙ୍କର, ଯଦି ଅନ୍ୟ କୌଣସି ଅସୁବିଧା ନଥାଏ, ଏବଂ ଉପଯୁକ୍ତ ପରିମାଣର ତାଲିମ୍ ପ୍ରଦାନ କରାଯାଏ ତେବେ ସେମାନେ 7-8 ବର୍ଷ ମଧ୍ୟରେ ପ୍ରସାଧନ କାର୍ଯ୍ୟରେ ସ୍ୱାବଲମ୍ବୀ ହୋଇପାରିବେ । ମଧ୍ୟମ ଧରଣର ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଏହି କାର୍ଯ୍ୟସବୁ 10-11 ବର୍ଷ ମଧ୍ୟରେ ଶିଖିପାରିବେ । ଯଦିଓ ଅତ୍ୟଧିକ ମାନସିକ ବିକଳାଙ୍ଗତା ଥିବା ବ୍ୟକ୍ତିମାନେ ଜୀବନସାରା ସହାୟତା ଲୋଡ଼ିଥାନ୍ତି, ତଥାପି ସେମାନେ କିପରି ଅଧିକ ମାତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ ହୋଇପାରିବେ, ସେହି ଉପାୟଗୁଡ଼ିକୁ ଖୋଜି ବାହାର କରିବା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଅଟେ ।

**154. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ପ୍ରସାଧନ ତାଲିମ ମଧ୍ୟରେ କେଉଁ କେଉଁ କାର୍ଯ୍ୟଗୁଡ଼ିକ ଅନ୍ତର୍ଭୁକ୍ତ ।**

ଝାଡ଼ା ଓ ପରିସ୍ରା ନିୟନ୍ତ୍ରଣ କରି ଶିଖିବା ପ୍ରସାଧନ ତାଲିମ କାର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ । ପ୍ରସାଧନ ତାଲିମ ଦ୍ୱାରା ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଦରକାର ବେଳେ ଠିକ୍ ଭାବରେ ପାଇଖାନାର ବ୍ୟବହାର କରିବାକୁ ସକ୍ଷମ ହୋଇଥାନ୍ତି ।

ପ୍ରସାଧନ ତାଲିମ୍ ମଧରେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ଅର୍ନ୍ତଭୁକ୍ତ ।

- ଆବଶ୍ୟକତା ଅନୁସାରେ ପାଇଖାନାକୁ ଯିବା ।
- ପାଇଖାନା ଯିବା ସମୟରେ ପୋଷାକ ଖୋଲିବା ଓ ପିନ୍ଧିବା ।

- ପାଇଖାନା ବା ଉପଯୁକ୍ତ ସ୍ଥାନରେ ଝାଡ଼ା ଓ ପରିସ୍ରା କରି ଜାଣିବା ।
- ପାଇଖାନା ଯିବାପରେ ନିଜକୁ ସଫା କରିବା ।
- ପାଇଖାନାରେ ପାଣି ଢ଼ାଳିବା ଏବଂ ଫ୍ଲସ୍ କରିବା ।

**155. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ପରିସ୍ରା ନକରି ରହିପାରିବାକୁ ଶିଖିବା କଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ?**

ନିଜେ ନିଜ ପାଇଁ କାମ କରିପାରୁଥିବାର ଆନନ୍ଦ, ଏବଂ ଠିକ୍‌ରେ କାମ କରିପାରିବା ହେତୁ ଅନ୍ୟମାନଙ୍କର ପ୍ରଶଂସା, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଆତ୍ମବିଶ୍ୱାସ ବଢ଼ାଇଥାଏ ଏବଂ ସେମାନଙ୍କୁ ଅଧିକ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥାଏ । ପିଲାଟି କାର୍ଯ୍ୟରେ ଯେତେ ନିପୁଣ ହୋଇଥାଏ ତାହାର ନିଜ ପ୍ରତି ଓ କାର୍ଯ୍ୟପ୍ରତି ଆତ୍ମବିଶ୍ୱାସ ସେତିକି ବଢ଼ିଥାଏ ।

ମାନସିକ ବିକଳାଙ୍ଗ ପିଲାଟି ପରିସ୍ରା ନକରି କିଛି ସମୟ ରହି ନପାରିଲେ, ତାହାର ପାଠପଢ଼ା ଏବଂ ଆମୋଦପ୍ରମୋଦ କାର୍ଯ୍ୟ ସବୁ ବାଧାପ୍ରାପ୍ତ ହୋଇଥାଏ । ପରିସ୍ରା ନକରି ନରହି ପାରିବା ହେତୁ ପିତାମାତା ଏବଂ ପିଲାମାନଙ୍କ ପାଇଁ ପାଠପଢ଼ାର ସମୟ କମ୍ ହୋଇଯାଇଥାଏ । ଏଥିଯୋଗୁ ପିଲାମାନଙ୍କର ଅପରିଷ୍କାର ଅପରିଚ୍ଛନ୍ନତା ପ୍ରଭୃତି ଭୟଙ୍କର ସ୍ୱାସ୍ଥ୍ୟ ବିପର୍ଯ୍ୟୟ ଘଟିପାରିଥାଏ । ଝାଡ଼ା ଓ ଆନ୍ତ୍ରିକ ରୋଗ ହୋଇଥାଏ । ଫଳତଃ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଖୁସି ରହିପାରନ୍ତି ନାହିଁ ଏବଂ ଅନ୍ୟମାନଙ୍କ ପାଖରେ ଗ୍ରହଣୀୟ ହୋଇପାରନ୍ତି ନାହିଁ ।

**156. ମୋର 10 ବର୍ଷର ପିଲାଟି ବାରମ୍ବାର ରାତିରେ ଶେଯରେ ପରିସ୍ରା କରି ଦେଉଛି । ରାତିରେ ପରିସ୍ରା ନକରି ରହିବାକୁ କଣ ତାକୁ ତାଲିମ ଦିଆଯାଇ ପାରିବ କି ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଦିନରେ ପ୍ରସାଧନ ତାଲିମ୍ ଦେବା ସହିତ, ରାତ୍ରିରେ ଶେଯରେ ପରିସ୍ରା ନକରିବା ପାଇଁ ତାଲିମ୍ ଦିଆଯାଇପାରିବ । ମାନସିକ ବିକଳାଙ୍ଗ ବ୍ୟକ୍ତି ରାତ୍ରି ସମୟରେ ଶେଯରେ ପରିସ୍ରା କରିବାର କାରଣ ସାଧାରଣତଃ ଶାରିରୀକ ଅଟେ, ଯଥା : ବିଳମ୍ବିତ ବିକାଶ, କିମ୍ବା ଅପରିପକ୍ୱତା, ବଂଶାନୁଗତ ସମସ୍ୟା କିମ୍ବା ପିଲାର ବୟସ

ଇତ୍ୟାଦି । ବହୁ ସମୟରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କଠାରେ ଏହା ମାନସିକ ଭାବଗତ କାରଣରୁ ହୋଇପାରିଥାଏ । ଯଦି ପିଲାଟି ଦିନରେ ଅଧିକାଂଶ ସମୟ ପରିସ୍ରା ନକରି ରହିପାରୁଥାଏ, ଏବଂ ରାତ୍ରି ସମୟରେ ପରିସ୍ରା ନିୟନ୍ତ୍ରଣ କରିବା ନିମନ୍ତେ କୌଣସି ତାଲିମ୍ ଦିଆଯାଇନଥାଏ, ତେବେ ତାଲିମ୍‌ପ୍ରାପ୍ତ ସ୍ୱତନ୍ତ୍ର ପ୍ରଶିକ୍ଷକ ଆପଣଙ୍କୁ ଉପାୟ ବତାଇ ପାରିବେ । ଯଦି ରାତ୍ରି ସମୟରେ ପରିସ୍ରା କରିବାର ମାନସିକ ବା ଭାବଗତ କାରଣରୁ ହୋଇଥାଏ ତେବେ ଆପଣ କୌଣସି ମନସ୍ତତ୍ତ୍ୱିକ ଚିକିତ୍ସାବିତ୍‌ଙ୍କୁ ପରାମର୍ଶ କରି ସେମାନଙ୍କର ଉପଦେଶ ନେଇ ପାରିବେ ।

***157. ସ୍ୱତନ୍ତ୍ର ସ୍କୁଲ, ମୋର 8 ବର୍ଷ ବୟସର ପିଲାକୁ ନାମ ଲେଖାଇବାକୁ ମନା କରୁଛନ୍ତି କାରଣ ସେ ପ୍ରସାଧନ ତାଲିମ ନେଇନାହିଁ । ମୁଁ କଣ କରିବା ଉଚିତ୍ ?***

ଯେଉଁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ପ୍ରସାଧନ ତାଲିମ୍ ହୋଇନାହିଁ, ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷକ ମାନଙ୍କର ଆବଶ୍ୟକତା ରହିଥାଏ ଏବଂ ସ୍ୱତନ୍ତ୍ର ସ୍କୁଲମାନେ ଆପଣଙ୍କର ପିଲାର ନାମ ଲେଖାଇବାକୁ ମନା କରିବାର କାରଣ ହେଉଛି ଯେ, ସେମାନଙ୍କର କମ୍ ସଂଖ୍ୟକ ସ୍ୱତନ୍ତ୍ର ଶିକ୍ଷକ ଥାଇପାରନ୍ତି, ଯଦିବା ପ୍ରତ୍ୟେକ ସ୍ୱତନ୍ତ୍ର ସ୍କୁଲ ଗୁଡ଼ିକରେ ଏହି ପରିସ୍ଥିତିଗୁଡ଼ିକୁ ଚଳାଇବା ନିମନ୍ତେ ସମସ୍ତ ପ୍ରକାରର ସୁବିଧା ସୁଯୋଗ ରହିବା ଉଚିତ୍ । ସ୍ୱତନ୍ତ୍ର ସ୍କୁଲ ହୁଏତ ପିଲାକୁ ଘରୋଇ ତାଲିମ କାର୍ଯ୍ୟକ୍ରମରେ ରଖିବାକୁ ସ୍ଥିର କରିପାରେ ଯେଉଁଥିରେ ପିତାମାତା ମାନେ ଘରେ ପିଲାକୁ କିପରି ଭାବରେ ତାଲିମ୍ ଦେବେ ତାହା ଶିଖିପାରିଥାନ୍ତି ।

ଯଦି ଆପଣଙ୍କର ଅଞ୍ଚଳରେ ପିଲାର ନାମ ଲେଖାଇବା ନିମନ୍ତେ କୌଣସି ସ୍କୁଲ ନାହିଁ, ତେବେ ଘରୋଇ ତାଲିମ ଦେବାପାଇଁ ଚେଷ୍ଟା କରିବା ଉଚିତ୍ ।ଏହି ସମ୍ବନ୍ଧରେ ଶିଶୁ ଉପଦେଷ୍ଟା କେନ୍ଦ୍ରମାନେ ମଧ୍ୟ ସାହାଯ୍ୟ କରିପାରିବେ ।

***158. ମୋର ପିଲାଟି 4 ବର୍ଷର ଅଟେ । ବର୍ତ୍ତମାନ ସେ ନିଜେ ଖାଇପାରୁନଥିବା ହେତୁ ମୁଁ ତାକୁ ଖୁଆଇ ଦେଉଛି । ସେ କଣ ଆପାତତଃ ନିଜେ ଖାଇବା ଶିଖିପାରିବ ?***

ଅଧିକାଂଶ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ନିଜେ ନିଜେ ଖାଇବା ଶିଖିପାରିବେ, ଯଦିଓ କେତେକ କାରଣ ଯୋଗୁଁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଖାଇ ଶିଖିବା କାର୍ଯ୍ୟରେ

ବାଧା ସୃଷ୍ଟି ହୋଇଥାଏ ବା ବିଳମ୍ବ ବା ଅସୁବିଧା ଘଟିଥାଏ ଏହି କାରଣ ଗୁଡ଼ିକ ହେଲା–

- ଶାରିରୀକ ବା ସ୍ନାୟୁବିକ ଅକ୍ଷମତା ।
- ମୁଖ ଗହ୍ୱର ଏବଂ ଭିତରର ମାଂସପେଶୀର ଗଠନରେ ତ୍ରୁଟି ।
- ଦୃଷ୍ଟି ଆକର୍ଷଣ ସମସ୍ୟା ।
- ଅତ୍ୟଧିକ ବାଧାକାରୀ ବ୍ୟବହାର ।
- ସ୍ୱତନ୍ତ୍ର ଖାଦ୍ୟପେୟର ଆବଶ୍ୟକତା ।
- ଇନ୍ଦ୍ରିୟ ଜନିତ ଅକ୍ଷମତା ।
- ଶିକ୍ଷା ନିମନ୍ତେ ଅପର୍ଯ୍ୟାପ୍ତ ପରିବେଶ ଯଥା : ଅତ୍ୟଧିକ ରକ୍ଷଣଶୀଳତା ।
- ପିତାମାତାଙ୍କର ଦୁର୍ବଳ ତାଲିମ ଏବଂ ନିର୍ଲିପ୍ତ ମନୋଭାବ ହୁଏତ ଖାଇ ଶିଖିବା କାର୍ଯ୍ୟକୁ ବିଳମ୍ବ ଓ ଅସଂପୂର୍ଣ୍ଣ କରିପାରେ ।

ଶାରିରୀକ ଏବଂ ସ୍ନାୟୁବିକ ଅକ୍ଷମତା ଥିବା ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ତାଲିମ ଦେବା ନିମନ୍ତେ ସହାୟତାର ବ୍ୟବହାର ଆବଶ୍ୟକ ହୋଇଥାଏ । ଜଣେ ବ୍ୟବସାୟିକ ଚିକିତ୍ସକ କିମ୍ବା ଜଣେ ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ଶିକ୍ଷକ ପିଲାର ଖାଇବା କାର୍ଯ୍ୟରେ ସ୍ୱାଧିନତା ଆଣିବା ନିମନ୍ତେ ଯେଉଁ ସହାୟତା ଗୁଡ଼ିକ ଦରକାର ତାହା ବାଛିବା ଓ ବ୍ୟବହାର କରିବାରେ ପିତାମାତାଙ୍କୁ ଉପଦେଶ ଦେଇପାରିବେ ।

***159. ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଖୁଆଉଥିବା ସମୟରେ ପିତାମାତା ସାଧାରଣତଃ କେଉଁ ସମସ୍ୟାଗୁଡ଼ିକର ସମ୍ମୁଖୀନ ହୋଇଥାନ୍ତି ।***

ମାନସିକ ବିକଳାଙ୍ଗ ପିଲାମାନଙ୍କର ଶାରିରୀକ ଅବସ୍ଥା ଏବଂ ଦୁର୍ବଳ ଶିକ୍ଷା ପରିବେଶ ହେତୁ ଖାଇବାର ସମସ୍ୟା ଦେଖାଯାଇଥାଏ । ପିଲାଟିର ଶାରିରୀକ ଅସୁବିଧା ଥିବା ଯୋଗୁଁ ପିତାମାତାମାନେ ଯେଉଁ ସବୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ତାହା ହେଲା–

- ମୁଣ୍ଡ ଏବଂ ଶରୀରକୁ ନିୟନ୍ତ୍ରଣ କରିବାରେ ଦୁର୍ବଳତା ।

- ସିଧା ହୋଇ ବସିବାରେ ଅସୁବିଧା ।
- ହାତକୁ ଆଣି ମୁହଁରେ ଲଗାଇବାରେ ଅସୁବିଧା ।
- ହାତ ଏବଂ ଚକ୍ଷୁର ଦୁର୍ବଳ ସମନ୍ୱୟତା ।

ପିଲାଟି ଏହି ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ କୌଣସି ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ଶିକ୍ଷକ ବା ବ୍ୟବସାୟିକ ଚିକିସ୍ତର ସାହାଯ୍ୟ ନେବା ଉଚିତ୍ ।

ଦୁର୍ବଳ ଶିକ୍ଷା ପରିବେଶ ହେତୁ ଖାଇବାର ସମସ୍ୟା ହେଉଥିଲେ ତାହାର କାରଣଗୁଡ଼ିକ ହେଲା—

- ଖାଦ୍ୟ ଖାଇବାରେ ବହୁତ ସମୟ ନେବା ।
- ଖାଦ୍ୟ ଖାଇବା ସମୟରେ ଗୋଳମାଳ କରିବା ।
- ଖାଦ୍ୟ ପଦାର୍ଥକୁ ଢ଼ାଳିଦେବା ।
- ଭୋକ ହେଲେ ଇଙ୍ଗିତ ନ ଦେବା ।
- ଖାଦ୍ୟ ଏବଂ ଅଖାଦ୍ୟ ମଧ୍ୟରେ ପାର୍ଥକ୍ୟ ବୁଝିନପାରିବା ।
- ଖାଦ୍ୟ ଚୋ଼ରି କରିବା ।

ପିଲାଟି ନିଜେ ଖାଇ ଶିଖିବା ଏବଂ ଖାଦ୍ୟ ଖାଇବା ସମୟରେ ଠିକ୍ ବ୍ୟବହାର ପ୍ରଦର୍ଶନ କରିବା, ଏହା ଶିଖାଇବା ନିମନ୍ତେ କୌଣସି ମନସ୍ତତ୍ତ୍ୱିକ ଚିକିସାବିତ୍ ବା ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷକଙ୍କର ସହାୟତା ନେବା ଉଚିତ୍ ।

***160. ମୋର 7 ବର୍ଷର ପିଲାଟି ଖାଇବାକୁ ବହୁତ ସମୟ ନେଇଥାଏ । ପରିବାରର ଅନ୍ୟମାନେ ଖାଇବା ପୂର୍ବରୁ ତାକୁ ଖାଇବାକୁ ଦେଇଦେବା ଉଚିତ୍ କି ?***

ମାନସିକ ବିକଳାଙ୍ଗ ପିଲାମାନେ ଖାଦ୍ୟ ଖାଇବା ସମୟରେ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହିତ ମିଶି ଖାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଖାଦ୍ୟ ଖାଇବା ପରିବାରର ଲୋକମାନଙ୍କ ନିମନ୍ତେ ଏକାଠି ହେବାର, ଏକ ଉତ୍କୃଷ୍ଟ ସମୟ ଯେଉଁଠାରେ ବିକଳାଙ୍ଗତାର ନିର୍ବିଶେଷରେ ଶିଶୁମାନେ ବଡ଼ଲୋକମାନଙ୍କର ଖାଦ୍ୟ ଖାଇବା ପ୍ରଣାଳୀକୁ ପର୍ଯ୍ୟବେକ୍ଷଣ




**ପ୍ରକୃତି ତାଲିମ୍ ଦ୍ୱାରା ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ପ୍ରାଥମିକ ଆତ୍ମଯତ୍ନ କାର୍ଯ୍ୟଗୁଡ଼ିକୁ ଶିଖାଯାଇ ପାରିବ**

କରି ଉତ୍ତମ ଭାବରେ ଖାଇବା ଶିଖିଥାନ୍ତି । ଏହି ସମୟକୁ କିପରି ଉତ୍ତମ ଭାବରେ ବ୍ୟବହାରକରାଯିବ ତାହା ପିତାମାତାଙ୍କ ଉପରେ ନିର୍ଭର କରିଥାଏ, କାରଣ ଏପରି ଅବସ୍ଥାରେ ପିତାମାତା ପିଲାମାନେ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ବହୁ କଥା ପରସ୍ପର ଠାରୁ ଶିଖିଥାନ୍ତି । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଏପରି ଅବସ୍ଥାରେ ବହୁକଥା ଶିଖି ପାରୁଥିବାରୁ ସେମାନଙ୍କୁ ଖାଦ୍ୟ ଖାଇବା ସମୟରେ ଏକାଠି ଖୁଆଇବା ଉଚିତ୍ । ଯଦି ମାନସିକ ବିକଳାଙ୍ଗ ପିଲାଟି ଖାଇବା ସମୟରେ ଅତ୍ୟଧିକ ସମୟ ନେଉଥାଏ ତେବେ ତାହାର କାରଣ ଗୁଡ଼ିକୁ ଅନୁଧ୍ୟାନ କରି ନିୟନ୍ତ୍ରଣ କରାଯାଇପାରିବ । କୌଣସି ମନସ୍ତତ୍ତ୍ୱିକ ଚିକିତ୍ସାବିତ୍ ବା ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ଶିକ୍ଷକଙ୍କୁ ସାହାଯ୍ୟ ନିମନ୍ତେ ପରାମର୍ଶ କରିହେବ ।

***161. ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଦାନ୍ତ ଘସାଉଥିବା ସମୟରେ ପିତାମାତା ମାନେ ସାଧାରଣତଃ କେଉଁ ପ୍ରକାରର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ?***

ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଦାନ୍ତ ଘସାଉଥିବା ସମୟରେ ସେମାନଙ୍କର ପିତାମାତାମାନେ ସାଧାରଣତଃ ଯେଉଁ ଅସୁବିଧା ଭୋଗ କରିଥାନ୍ତି ତା ହେଲା–

- ଛେପ ପକାଇବାରେ କଠିନତା ।
- ପେଷ୍ଟ ଗୁଡ଼ିକୁ ଢ଼ୋକିଦେବାର ଅଭ୍ୟାସ ।
- ଦାନ୍ତ ଘସା ବ୍ରସ ଟିକୁ ଧରିବା ନିମନ୍ତେ ଆଙ୍ଗୁଠି ମାନଙ୍କ ମଧ୍ୟରେ ସମନ୍ୱୟତାର ଅଭାବ ।
- ଦାନ୍ତର ପଛଭାଗକୁ ପହଞ୍ଚିପାରିବାରେ ଅକ୍ଷମତା ।
- ଦାନ୍ତ ଘସିବାରେ ଆଗ୍ରହ ପ୍ରକାଶ ନକରିବା କିମ୍ବା ମନା କରିବା ।
- ପିଲାଟି ନିଜେ ଦାନ୍ତ ଘସି ଜାଣିଥିଲେ ମଧ୍ୟ ଅନ୍ୟମାନେ ତାର ଦାନ୍ତ ଘସାଇ ଦେବାକୁ ଯିଦି କରିବା ।

ପିଲାଟି ଦାନ୍ତ ଘଷିବା କାର୍ଯ୍ୟକୁ ଠିକ୍‌ରେ ଶିଖିବା ଏବଂ ଦାନ୍ତ ଘସୁଥିବା ସମୟରେ ହେଉଥିବା

ଅସୁବିଧା ଗୁଡ଼ିକରୁ ମୁକ୍ତି ପାଇବା ନିମନ୍ତେ କୌଣସି ମନସ୍ତତ୍ତ୍ୱିକ ଚିକିତ୍ସାବିତ୍ ବା ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ଶିକ୍ଷକ ମାନଙ୍କର ପରାମର୍ଶ ଓ ସାହାଯ୍ୟ ନେବା ଉଚିତ୍ ।

***162. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ମୁଖ ମଣ୍ଡଳର ସ୍ୱାସ୍ଥ୍ୟରକ୍ଷା କେତେଦୂର ଗୁରୁତ୍ୱପୂର୍ଣ୍ଣ ଅଟେ ?***

ସୁସ୍ଥ ଦାନ୍ତ, ମାଢ଼ି ଏବଂ ମୁଖ ମଣ୍ଡଳର ଉତ୍ତମ ସ୍ୱାସ୍ଥ୍ୟରକ୍ଷା ପ୍ରତ୍ୟେକ ଅକ୍ଷମ ଓ ସାଧାରଣ ବ୍ୟକ୍ତି ମାନଙ୍କ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ଖାଇ ଶିଖିବା କାର୍ଯ୍ୟକୁ ବଢ଼ାଇବା, କଥା କହିବାରେ ବିକାଶ ଘଟିବା, ଉତ୍ତମ ଚେହେରା ରଖିବା ଏଂ ମୁଖଗନ୍ଧକୁ ଦୂର କରି ସମାଜରେ ଅଧିକ ଗ୍ରହଣୀୟ ହେବା ନିମନ୍ତେ ଅତ୍ୟନ୍ତ ଆବଶ୍ୟକ ଅଟେ ।

***163. ମାନସିକ ବିକଳାଙ୍ଗ ବ୍ୟକ୍ତମାନଙ୍କଠାରେ ମୁଖ ଓ ମାଢ଼ିର ଅସୁବିଧା ସବୁ ବହୁତ ଦେଖାଯାଇଥାଏ କି ?***

ମାନସିକ ବିକଳାଙ୍ଗ ବ୍ୟକ୍ତି ମୁଖ ମଣ୍ଡଳର ଉତ୍ତମ ସ୍ୱାସ୍ଥ୍ୟ ନରଖି ପାରୁଥିବା ହେତୁ ମାଢ଼ିର ରୋଗ ଅଧିକ ଦେଖାଯାଇଥାଏ । ଡାଉନ୍ ସିଂଡ୍ରୋମ୍ ବ୍ୟକ୍ତିମାନଙ୍କଠାରେ ମାଢ଼ିରେ ରୋଗ ଅତ୍ୟଧିକ ମାତ୍ରାରେ ଦେଖାଯାଇଥାଏ ସାମ୍ନା ପଟରେ ତଳଦାନ୍ତ ଗୁଡ଼ିକ ଅତ୍ୟଧିକ ଖରାପ ହୋଇଯାଇଥାଏ, ଏବଂ ଖୁବ୍ କମ୍ ବୟସରେ ଭାଙ୍ଗିଯିବା ଯୋଗୁଁ ଖାଇବାରେ ଅସୁବିଧା ହେବା ସହିତ ଅସୁନ୍ଦର ଦେଖାଯାଇଥାଏ । ଏହା ସହିତ ନିମ୍ନଲିଖିତ କାରଣଗୁଡ଼ିକୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କଠାରେ ମାଢ଼ିରୋଗ ହେବାର ସମ୍ଭାବନା ଅଧିକ ହୋଇଥାଏ ।

- ମୁହଁ ଓ ଜିଭକୁ ନିୟନ୍ତ୍ରଣ କରିବାରେ ଦୁର୍ବଳତା ହେତୁ, ମାଢ଼ି ଓ ଦାନ୍ତରେ ମଇଳା ଲାଗି ରହିଥାଏ ଏବଂ ପ୍ରାକୃତିକ ଉପାୟରେ ଜିହ୍ୱା ଚାଳନା ଦ୍ୱାରା ଦାନ୍ତ ସଫା ହୋଇ ପାରିନଥାଏ ।
- ବିକଳାଙ୍ଗ ପିଲାମାନଙ୍କୁ ନରମ ଅଠାଳିଆ ଖାଦ୍ୟ ଖାଇବାକୁ ଦେବା ଯୋଗୁଁ ମାଢ଼ି ଗୁଡ଼ିକ ନରମ ଦୁର୍ବଳ ଏବଂ ଅସୁସ୍ଥକର ହୋଇଥାନ୍ତି ।
- ଦାନ୍ତ ଚୋବାଇବା ଫଳରେ ଦାନ୍ତ ଉପରେ ଆବରଣ ପଡ଼ିଥାଏ ।

- ଅପସ୍ମାର ବାତ ନିମନ୍ତେ ଦିଆଯାଇଥିବା ଔଷଧ ବ୍ୟବହାର ଦ୍ୱାରା ମାଢ଼ି ଗୁଡ଼ିକ ଫୁଲିଯାଏ ଏବଂ ଅସୁସ୍ଥ ହୋଇଥାଏ ।

- ବେଳେବେଳେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଅତ୍ୟଧିକ ମିଠା ଜିନିଷ ଖାଇବାକୁ ଦେଇ ଦାନ୍ତ ସବୁ ଖରାପ ହୋଇଥାଏ ।

***164. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ମୁଖମଣ୍ଡଳର ସ୍ୱାସ୍ଥ୍ୟ ସମ୍ବନ୍ଧରେ ତାଲିମ୍ ଦେଇହେବ କି ?***

ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଗଲେ, ସେମାନେ ମୁଖମଣ୍ଡଳର ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟ ନିଜେ କରିପାରିବେ । ଯାହା ବି ହେଉ, ଅତ୍ୟନ୍ତ ବିକାରଗ୍ରସ୍ତ ମାନସିକ ବିକଳାଙ୍ଗ ପିଲାମାନେ ପିତାମାତାଙ୍କଠାରୁ ଜୀବନସାରା ସହାୟତା ଓ ସହଯୋଗ ଆବଶ୍ୟକ କରିଥାନ୍ତି । ଏହା ସମ୍ବନ୍ଧରେ ନିୟମାବଳୀ ଗୁଡ଼ିକ ହେଲା–

- ପ୍ରତିଦିନ ଦାନ୍ତ ଘଷିବା ।

- ଖାଦ୍ୟ ଖାଇବା ପରେ ଦାନ୍ତକୁ ଘଷିବା ଓ ସଫା କରିବା ।

- ପିଲାର ଦାନ୍ତ ଏବଂ ମାଢ଼ିକୁ ସୁହାଇଲା ପରି ଦାନ୍ତ ଘଷା ବ୍ରସ ବାଛିବା ।

- ଦାନ୍ତ ଘସିବା ସମୟରେ ଉପଯୁକ୍ତ ଉପାୟ ଅବଲମ୍ବନ କରିବା ଯଥା :– ଦାନ୍ତର ଉପରୁ ତଳକୁ ଘସିବା ଫଳରେ ଅଳ୍ପ କଲେଇ କ୍ଷୟ ହୋଇଥାଏ ।

- ଦାନ୍ତ ରୋଗ ହେଲେ ତୁରନ୍ତ ଦନ୍ତ ଚିକିତ୍ସକଙ୍କୁ ପରାମର୍ଶ କରିବା ।

***165. ପିତାମାତାମାନେ ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଗାଧୋଇଦେବା ସମୟରେ କେଉଁ ପ୍ରକାରର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ?***

ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଗାଧୋଇଦେବା ସମୟରେ ସାଧାରଣତଃ ନିମ୍ନ ପ୍ରକାରର ଅସୁବିଧା ସବୁ ଦେଖାଯାଇଥାଏ–

- ପ୍ରତିଦିନ ଠିକ୍ ସମୟରେ ଗାଧୋଇବାକୁ ଆଗ୍ରହ ପ୍ରକାଶ ନ କରିବା ।

- ହସ୍ତ ସମନ୍ୱୟତାର ଅଭାବ ।
- ପିଲାକୁ ନିଜେ ଗାଧୋଇବାକୁ ନଦେଇ, ପିତାମାତା ଓ ଆୟା ମାନେ ପିଲାକୁ ଗାଧୋଇଦେବା ।
- ସାବୁନ୍ ଲଗାଇବା, ଦେହ ଘସିହେବା ଓ ଦେହକୁ ଭଲରେ ଗାଧୋଇବାରେ ଅକ୍ଷମତା ।
- ଗାଧୋଇବା ସମୟରେ ଅଧିକ ପାଣି ବ୍ୟବହାର କରିବା, ଅଧିକ ସାବୁନ ଲଗାଇବା, ଗାଧୁଆଘର ଭିତରୁ ନବାହାରିବା ଏବଂ ବହୁ ସମୟ ଧରି ଗାଧୋଇବା ।

**166. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ କଣ ନିଜେ ଗାଧୋଇବା ଶିଖାଯାଇ ପାରିବ ?**

ପ୍ରକୃତ ତାଲିମ, ସୁବିଧା ଏବଂ ଅନୁଭୂତି ମିଳିଲେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଦକ୍ଷତାର ସହିତ ଗାଧୋଇବା କାର୍ଯ୍ୟକୁ ଶିଖିପାରିବେ । ମାନବିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଏହି କାର୍ଯ୍ୟରେ ସ୍ୱାଧୀନତା ଅଧିକ ଭାବରେ ବଢ଼ି ପାରିବ, ଯଦି–

- ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଶିକ୍ଷା ବା ଉପଦେଶ ଗ୍ରହଣ କରିବାର ଶକ୍ତି ଥିବ ।
- ତେଲ, ସାବୁନ ଲଗାଇବା ଓ ଦେହରେ ପାଣି ଢ଼ାଳିବା ଏବଂ ପୋଛିବା ନିମନ୍ତେ ହାତ ଦୁଇଟିର ସମନ୍ୱୟତା ରହିଥିବ ।

**167. କେଉଁ ବୟସରେ ମାନସିକ ବିକଳାଙ୍ଗ ଝିଅମାନେ ଯୌନ ପରିପକ୍ୱତା ଲାଭ କରିଥାଆନ୍ତି ?**

ମାନସିକ ବିକଳାଙ୍ଗ ଝିଅମାନେ ସାଧାରଣ ବୁଦ୍ଧି ସଂପର୍ଣ୍ଣ ଝିଅମାନଙ୍କ ଭଳି 12 ରୁ 16 ବର୍ଷ ମଧ୍ୟରେ ଯୌନ ବିକଶିତା ହୋଇଥାନ୍ତି ।

**168. ମାନସିକ ବିକଳାଙ୍ଗ ସ୍ତ୍ରୀ ଲୋକମାନେ ନିଜର ଋତୁସ୍ରାବ ସମୟରେ ପରିଷ୍କାର ପରିଚ୍ଛନ୍ନତା ରଖିବା ନିମନ୍ତେ ତାଲିମ ନେଇ ପାରିବେ କି ?**

ମାନସିକ ବିକଳାଙ୍ଗ ଝିଅମାନଙ୍କର ଋତୁସ୍ରାବ ଆରମ୍ଭ ହେବା ବେଳକୁ ସେମାନେ ଋତୁସ୍ରାବ ସମ୍ବନ୍ଧୀୟ ସ୍ୱାସ୍ଥ୍ୟରକ୍ଷା ବିଷୟରେ ତାଲିମ ପ୍ରାପ୍ତ ହେବା ଉଚିତ୍ । ସେମାନଙ୍କର ଅଧୋବସ୍ତ୍ର

ବ୍ୟବହାର ନିମନ୍ତେ ତାଲିମ ପ୍ରଦାନ କରି ସଂପୂର୍ଣ୍ଣ ସ୍ୱାଧୀନତା ଆଣିହେବ । ମାନସିକ ବିକଳାଙ୍ଗ ଝିଅମାନେ ଋତୁସ୍ରାବର ସୁରକ୍ଷା କାର୍ଯ୍ୟରେ ସଂପୂର୍ଣ୍ଣ ଭାବରେ ସ୍ୱାଧୀନ ହୋଇପାରିବେ, ତାହା ସେମାନଙ୍କର ବୁଦ୍ଧିର ପରିମାଣ, ସୁତାଲିମ ମିଳୁଥିବାର ସୁବିଧା ଏବଂ ଅନ୍ୟାନ୍ୟ ସହଯୁକ୍ତ ଅବସ୍ଥାରେ ଉପରେ ନିର୍ଭର କରିଥାଏ ।

***169. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟଗୁଡ଼ିକର ତାଲିମ କାର୍ଯ୍ୟରେ ପରିବାରର କେଉଁ ବ୍ୟକ୍ତିମାନେ ସଂପୃକ୍ତ ହେବା ଉଚିତ୍ ?***

ମାନସିକ ବିକଳାଙ୍ଗ ପିଲାମାନଙ୍କର ଯତ୍ନନେବା, ପରିବାରର ସଦସ୍ୟମାନଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଭାର ବଢ଼ାଇ ଦେଇଥାଏ । ଯଦି ପରିବାରର ସମସ୍ତ ବ୍ୟକ୍ତି ଏହି ତାଲିମ୍ ଏବଂ ପୂନର୍ବାସ କାର୍ଯ୍ୟରେ ଯୋଗଦାନ କରିବେ ତେବେ ଏହି କାର୍ଯ୍ୟଭାରର ଉପଶମ ହୋଇପାରିବ । ତେଣୁ ମାନସିକ ବିକଳାଙ୍ଗ ବ୍ୟକ୍ତିର ଦୈନନ୍ଦିନ କାର୍ଯ୍ୟର ତାଲିମରେ ପରିବାରର ସମସ୍ତ ବ୍ୟକ୍ତି ଅନ୍ତର୍ଭୁକ୍ତ ହେବା ବିଧେୟ । ଏହା ମଧ୍ୟ ଜାଣିବା ଉଚିତ୍ ଯେ ଯେତେବେଳେ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ପାଇଖାନା, ଗାଧୋଇବା, ପୋଷାକ ପିନ୍ଧିବା କିମ୍ବା ଋତୁସ୍ରାବ ବେଳର ତାଲିମ ଦିଆଯିବ ସେତେବେଳେ ବ୍ୟକ୍ତିଗତ କାରଣରୁ ସମଲିଙ୍ଗ ବ୍ୟକ୍ତି କେବଳ ତାଲିମ୍ ନେବା ଉଚିତ୍ ।

***170. ମୁଁ ଗୋଟିଏ 17 ବର୍ଷ ବୟସର ମାନସିକ ବିକଳାଙ୍ଗ ବାଳକର ମାଆ ଅଟେ ଏବଂ ତାହାଙ୍କୁ ପ୍ରତିଦିନ ଗାଧୋଇଦେଉଛି । ମୋତେ ବହୁତ ଲଜ୍ଜ୍ୟା ଲାଗୁଛି । ମୁଁ କଣ କରିପାରିବି ବୋଲି ଆପଣ ଭାବୁଛନ୍ତି ?***

ଆପଣ ଜଣେ ପୁରୁଷ ଲୋକଙ୍କୁ ପୁଅର ଗାଧୋଇବା କାର୍ଯ୍ୟରେ ସାହାଯ୍ୟ କରିବାକୁ ନିଯୁକ୍ତ କରିପାରିବେ । ଉପଯୁକ୍ତ ତାଲିମ୍ କାର୍ଯ୍ୟକ୍ରମ କରାଗଲେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ନିଜେ କାର୍ଯ୍ୟ କରିବା ଶିଖିପାରିବେ । ଜଣେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷକ ଆପଣଙ୍କୁ ଏବଂ ସଂପୃକ୍ତ ବ୍ୟକ୍ତିଙ୍କୁ ଆପଣଙ୍କର ମାନସିକ ବିକଳାଙ୍ଗ ପିଲାକୁ ଗାଧୋଇବା ବିଷୟରେ ତାଲିମ ଦେଇପାରିବେ ।

**171. ମୋର ପୁଅ 40 ବର୍ଷ ଏବଂ ସେ ନିଜର ପ୍ରାଥମିକ ଆବଶ୍ୟକତା ଗୁଡ଼ିକୁ କରିବାକୁ ଅକ୍ଷମ । ଆପଣ କଣ ପରାମର୍ଶ ଦେଉଛନ୍ତି ?**

ଉପଯୁକ୍ତ ତାଲିମ ଓ ହସ୍ତକ୍ଷେପ ଫଳରେ ଅଧିକାଂଶ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ନିହାତି ପକ୍ଷରେ କେତେକ ପ୍ରାଥମିକ କାର୍ଯ୍ୟଗୁଡ଼ିକୁ କରିବା ଶିଖିପାରିଥାନ୍ତି । ଏହା ମଧ୍ୟ ଅତ୍ୟନ୍ତ ଜରୁରୀ ଯେ, ପିତାମାତାମାନେ ମାନସିକ ବିକଳାଙ୍ଗ ପିଲାକୁ କମ୍ ବୟସରେ ତାଲିମ୍ ଦେବା ନିମନ୍ତେ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ୍ ଓ ଯାହାଫଳରେ ସେ ଅଧିକ ଶିଖିପାରିବ ଏବଂ ଭଲଭାବରେ କାର୍ଯ୍ୟ କରିପାରିବ ।

ସ୍ୱତନ୍ତ୍ର ତାଲିମ୍ ପ୍ରାପ୍ତ ଶିକ୍ଷକଙ୍କ ଠାରୁ ସାହାଯ୍ୟ ନିଅନ୍ତୁ ବା ପିତାମାତା ମାନଙ୍କ ନିମନ୍ତେ ହେଉଥିବା ତାଲିମ୍ କାର୍ଯ୍ୟକ୍ରମରେ ଯୋଗ ଦିଅନ୍ତୁ, ଯାହାକି ଆପଣଙ୍କର ପିଲା ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟଗୁଡ଼ିକୁ ତାଲିମ୍ ଦେବା ବିଷୟରେ ଶିଖିବା ପାଇଁ ସାହାଯ୍ୟ କରିବ ।

# ସୂଚନା

## ୪

# ଅଧ୍ୟୟନ

ମାନସିକ ବିକଳାଙ୍ଗତାର ମାତ୍ରାନୁସାରେ ଅଧ୍ୟୟନ ନିମନ୍ତେ ପାଠ୍ୟକ୍ରମ ସ୍ଥିର କରାଯାଇଥାଏ । ବହୁ କ୍ଷେତ୍ରରେ, ମାନସିକ ବିକଳାଙ୍ଗ ପିଲାମାନଙ୍କୁ ପାଠ୍ୟ ତାଲିମ ଦେବାର ଉଦ୍ଦେଶ୍ୟ ହେଉଛି ସେମାନଙ୍କୁ କର୍ମଭିତ୍ତିକ ଶିକ୍ଷା ପ୍ରଦାନ କରିବା । ବହୁ କ୍ଷେତ୍ରରେ ଆକ୍ଷର ତାଲିମ ଦେବାର ଲକ୍ଷ୍ୟ ହେଉଛି, କିପରି ସେମାନେ ପଇସାକୁ ଠିକ୍ ଭାବରେ ବ୍ୟବହାର କରି ଶିଖିବେ, ସ୍ୱାଧୀନ ଭାବରେ କଥାବାର୍ତ୍ତା କରିପାରିବେ ଏବଂ ଛୋଟ ଛୋଟ ବ୍ୟବସାୟିକ କାର୍ଯ୍ୟ ଯଥା :– ଦୋକାନ ସଉଦା କରିପାରିବେ, ବ୍ୟାଙ୍କ ଓ ଡାକଘର ନେଣ ଦେଣ କାର୍ଯ୍ୟ ପ୍ରଭୃତିକୁ କରି ଜାଣିବେ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ସେମାନଙ୍କର ବୟସ୍କ ଜୀବନର ଦାୟିତ୍ୱ ଦେବା ନିମନ୍ତେ ପ୍ରସ୍ତୁତ କରାଇବା ଉଚିତ୍ । ତେଣୁ ସେମାନେ ସମାନୁବର୍ତ୍ତିତା ହେବା ସହିତ କର୍ମକ୍ଷେତ୍ରରେ ଆନୁସଙ୍ଗିକ କାର୍ଯ୍ୟଗୁଡ଼ିକୁ ଜାଣିବା ଦରକାର । ବହୁ ସମୟରେ ପିତାମାତାମାନେ ପଚାରିଥାନ୍ତି ଯେ, ମାନସିକ ବିକଳାଙ୍ଗ ପିଲାଟି କଣ ସବୁ ଶିଖିପାରିବ ଏବଂ କେଉଁ ପ୍ରକାରର କାର୍ଯ୍ୟଗୁଡ଼ିକ ସେମାନଙ୍କ ନିମନ୍ତେ ଶିଖିବା ଆବଶ୍ୟକ । ପାଠପଢ଼ା ସଂପର୍କୀୟ ସମସ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଏହି ବିଭାଗରେ ଦିଆଯାଇଅଛି ।


ତୁମେ ଜାଣିଛକି, ରମେଶ ବର୍ତ୍ତମାନ ୫୦ ପର୍ଯ୍ୟନ୍ତ ଗଣିପାରୁଛି ।
ରମେଶ ଦହି ଓ ତରକାରୀ ପରଶିବା ପାଇଁ ୨ଟି ଚାମଚ ଆଣି ଦେବକି, ମୁଁ ଭୁଲିଗଲି ।
ରମେଶ ମୁଁ ତୁମକୁ ୨ଟି ଚାମଚ ପାଇଁ କହିଥିଲି, ୬ଟି ନୁହେଁ, ତୁମେ ଗଣିପରୁନାହିଁ କି ?
ତା'ପରଦିନ
ମୋ ପୁଅ ୫୦ ପର୍ଯ୍ୟନ୍ତ ଗଣି ପରୁଥିବା ସ୍ଥଳେ, ୨ଟି ଚାମଚ ଠିକ୍‌ରେ ଆଣି ପାରିଲା ନାହିଁ ।
ଏହା ଦୁଇଟି ଭିନ୍ନ ପରିସ୍ଥିତି ଯଥା କେବଳ ସଂଖ୍ୟା ଗଣିବା ଓ ସଂଖ୍ୟାକୁ ଅର୍ଥ ବୁଝିକରି ଗଣିବା । ତେଣୁ ତୁମ ପୁଅ ଅର୍ଥ ବୁଝିକରି କରି ଜାଣିଜାଣିବା ଦରକାର ।

**172. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ପାଠପଢ଼ା କାର୍ଯ୍ୟକ୍ରମରେ କଣ କଣ ସବୁ ଶିଖାଯାଇଥାଏ ?**

ପରମ୍ପରାନୁସାରେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ଶିକ୍ଷା କାର୍ଯ୍ୟକ୍ରମରେ ପାଠପଢ଼ା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ଏହି ପାଠ୍ୟକ୍ରମ ମଧ୍ୟରେ, ପଢ଼ିବା, ଲେଖିବା, ଗଣିତ, ସମୟ ଜ୍ଞାନ ଏବଂ ପଇସା କାରବାର କରିବା ପ୍ରଭୃତି ଅନ୍ତର୍ଭୁକ୍ତ । ଯେଉଁ ଛାତ୍ରମାନେ ପାଠ୍ୟ କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତ ହୋଇପାରିନଥାନ୍ତି ସେମାନଙ୍କୁ ପ୍ରାକ୍ ଆବଶ୍ୟକତା ବିଷୟରେ ପଢ଼ାଯାଇଥାଏ, ଉଦାହରଣ ସ୍ୱରୂପ, ରଙ୍ଗ ବାଛିବା, ଆକାର ଜାଣିବା, ଚିତ୍ରଗୁଡ଼ିକୁ ମିଳାଇବା ଇତ୍ୟାଦି ।

**173. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ କେଉଁମାନେ ପାଠ ପଢ଼ାଇଥାନ୍ତି ?**

ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟକ୍ରମରେ ତାଲିମ୍ ନେଇଥିବା ସ୍ୱତନ୍ତ୍ର ଶିକ୍ଷକମାନେ, ପାଠ୍ୟ କାର୍ଯ୍ୟକ୍ରମର ତାଲିମ ପ୍ରଦାନ କରିଥାନ୍ତି । କୌଣସି ଏକ ଅନୁଷ୍ଠାନ କିମ୍ବା ସ୍ୱତନ୍ତ୍ର ସ୍କୁଲଗୁଡ଼ିକର ଆବଶ୍ୟକତା ଏବଂ ସମ୍ବଳ ଅନୁସାରେ, ସ୍ୱତନ୍ତ୍ର ଶିକ୍ଷକ ଏବଂ ଶିକ୍ଷା ମନସ୍ତତ୍ତ୍ୱବିତ୍ ମାନେ ଏଥିରେ ଯୋଗ ଦେଇଥାନ୍ତି ।

**174. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ପାଠପଢ଼ା କେବେ ଆରମ୍ଭ ହୋଇଥାଏ ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସେମାନଙ୍କର ଅଣ-ବିକଳାଙ୍ଗ ସାଙ୍ଗମାନଙ୍କଠାରୁ ଟିକେ ଧିର ହେଲେ ମଧ୍ୟ ସେମାନଙ୍କଠାରେ ସମାନ ପ୍ରକାରର ବିକାଶ ଦେଖାଯାଇଥାଏ । ସାଧାରଣତଃ, ମୃଦୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ପାଠପଢ଼ା ପାଞ୍ଚରୁ ଛଅ ବର୍ଷ ମଧ୍ୟରେ ହୋଇଥାଏ, ଯେତେବେଳେ ପିଲାଟି ସ୍ୱତନ୍ତ୍ର ସ୍କୁଲରେ ନାମ ଲେଖାଇଥାଏ । ଯାହା ବି ହେଉ ପାଠପଢ଼ାର ପୂର୍ବ ତାଲିମଗୁଡ଼ିକ ଆହୁରି ଚଞ୍ଚଳ ଆରମ୍ଭ ହେବା ଉଚିତ୍ । ମଧ୍ୟମ ଓ ଉଗ୍ର ଧରଣର ମାନସିକ ବିକଳାଙ୍ଗ ପିଲାମାନଙ୍କର ପ୍ରଥମରୁ ବୁଦ୍ଧି ଓ ସାମାଜିକ କାର୍ଯ୍ୟକଳାପରେ ଦୁର୍ବଳତା, ସ୍କୁଲ ଯିବା ପୂର୍ବରୁ ଜଣାପଡ଼ିଥାଏ । ଆହୁରି ସ୍ପଷ୍ଟ କରିବାକୁ ହେଲେ, 5-6 ବର୍ଷର ମଧ୍ୟମ ଓ ଉଗ୍ର ଧରଣର ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଏହି ସମୟ ସୁଦ୍ଧା ନିଜର ପ୍ରାଥମିକ ଆବଶ୍ୟକତା ଯଥା :– ପ୍ରସାଧନ, ଖାଇବା ପିଇବା ଏବଂ

ପୋଷାକ ପିନ୍ଧିବା ପ୍ରଭୃତି କାର୍ଯ୍ୟଗୁଡ଼ିକୁ କରିପାରିନଥାନ୍ତି । ତେଣୁ ସେମାନଙ୍କର ନିଜର ଯତ୍ନନେବା, ସାମାଜିକ ଦକ୍ଷତା ବଢାଇବା, ମାଂସପେଶୀ ଏବଂ ଶାରିରୀକ ଦକ୍ଷତା ବୃଦ୍ଧି କରିବା ଏବଂ ପ୍ରାକ୍ ପାଠପଢ଼ା କାର୍ଯ୍ୟଗୁଡ଼ିକୁ ଶିଖିବା ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ୍ ।

***175. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ପାଠପଢ଼ା କାର୍ଯ୍ୟରେ କେତେଦୂର ସଫଳତା ଲାଭ କରିପାରିବେ ?***

ଅଧିକାଂଶ ମାନସିକ ବିକଳାଙ୍ଗ ପିଲାମାନେ ପ୍ରାଥମିକ ସ୍ତରରେ ପାଠପଢ଼ାଗୁଡ଼ିକୁ ଶିଖିପାରିବେ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଶିଖିପାରିବା ଶକ୍ତି ପୃଥକ ହୋଇଥିବାରୁ ସେମାନଙ୍କର ପାଠପଢ଼ାରେ ଅଲଗା ଅଲଗା ସଫଳତା ମିଳିଥାଏ ।

ଉପଯୁକ୍ତ ଏବଂ ନିୟମିତ ତାଲିମ ପ୍ରଦାନ କରାଗଲେ ମୃଦୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ପଞ୍ଚମରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଉତ୍ତୀର୍ଣ୍ଣ ହୋଇପାରିବେ । ଯାହା ବି ହେଉ, ମୃଦୁ ମାନସିକ ବିକଳାଙ୍ଗ ପିଲାମାନେ ଭଲ ଭାବରେ ପଢ଼ିପାରନ୍ତି ନାହିଁ ବା ବୁଝିପାରନ୍ତି ନାହିଁ । ମଧ୍ୟମ ଓ ଉଗ୍ର ଧରଣର ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ନିହାତି ପକ୍ଷରେ କେବଳ ସୁରକ୍ଷା ସମ୍ବନ୍ଧୀତ ସମସ୍ତ ଶବ୍ଦଗୁଡ଼ିକୁ ଶିଖାଯାଇପାରିବ ଯଥା :– 'ବିପଦ', 'ବନ୍ଦ', ସେମାନଙ୍କର ନାମ ଏବଂ ସମାଜରେ ବ୍ୟବହାର କରିବାଭଳି କେତେକ ସାଧାରଣ ଶବ୍ଦ ମଧ୍ୟ ଶିଖାଇହେବ ।

***176. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଶିଖିବା ନିମନ୍ତେ ଚେଷ୍ଟା କରନ୍ତି ନାହିଁ, ଯେଉଁଥିପାଇଁ ସେମାନେ ପାଠପଢ଼ାରେ ସଫଳତା ଲାଭ କରିପାରନ୍ତି ନାହିଁ । ଏହା କେତେଦୂର ସତ୍ୟ ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ବୁଦ୍ଧିର ପରିମାଣ, ସାଧାରଣ ବ୍ୟକ୍ତିଙ୍କ ତୁଳନାରେ କମ୍ ରହିଥାଏ । ବିକଳଙ୍ଗତା ଯେତେ ଅଧିକ ହୋଇଥାଏ, ବୁଦ୍ଧି ହ୍ରାସର ପରିମାଣ ସେତେ ଅଧିକ ହୋଇଥାଏ । ତେଣୁ ଶିଖିବାରେ ସେତିକି ଅସୁବିଧା ଦେଖାଯାଇଥାଏ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଶିଖିବା ଓ ମନେରଖିବାରେ ଦୁର୍ବଳତା କେତେକ କାରଣରୁ ହୋଇଥାଏ ଯଥା :–

- ଶିଖିବା ପରିସ୍ଥିତିରେ ଉପଯୁକ୍ତ ଘଟଣାକୁ ସଠିକ୍ ଧ୍ୟାନ ଦେବାର ଅକ୍ଷମତା ।
- ଗୋଟିଏ ପରିସ୍ଥିତିରେ ଶିଖିଥିବା ବିଷୟକୁ ଅନ୍ୟ ପରିସ୍ଥିତିରେ ବ୍ୟବହାର କରିବାର ଦୁର୍ବଳତା ।

- କୌଣସି ଏକ ଶିକ୍ଷାମୟ ଘଟଣାରୁ ଲାଭ ଉଠାଇବାରେ ଦୁର୍ବଳତା ।
- କେନ୍ଦ୍ରୀୟ ସ୍ନାୟୁବିକ ପ୍ରକ୍ରିୟାରେ ଦୁର୍ବଳ ବିକାଶ ।

***177. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ କଣ ସାଧାରଣ ବ୍ୟକ୍ତିମାନଙ୍କ ଭଳି ଶିକ୍ଷା ଦିଆଯାଇଥାଏ ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଶିକ୍ଷାର ବ୍ୟବହାରକୁ ଏକ ସ୍ଥାନରୁ ଅନ୍ୟସ୍ଥାନକୁ, ଏକ ବ୍ୟକ୍ତିଠାରୁ ଅନ୍ୟ ବ୍ୟକ୍ତିକୁ ଏକ ପରିସ୍ଥିତିରୁ ଅନ୍ୟ ପରିସ୍ଥିତିକୁ ସ୍ଥାନାନ୍ତର କରିବାକୁ ଅକ୍ଷମ ହୋଇଥାନ୍ତି । ତେଣୁ ସେମାନଙ୍କୁ ପାଠପଢ଼ା ଶିଖାଇବା ନିମନ୍ତେ ସ୍ୱତନ୍ତ୍ର ଉପାୟମାନ ବ୍ୟବହାର କରାଯାଇଥାଏ । ଏହି ନିର୍ଦ୍ଦେଶିତ କାର୍ଯ୍ୟକ୍ରମ ମଧ୍ୟରେ ବହୁତ ଗୁଡ଼ିଏ କାର୍ଯ୍ୟସବୁ ରହିଥାଏ ଯାହା ସେମାନଙ୍କୁ ନିଜର ଦୈନନ୍ଦିନ କାର୍ଯ୍ୟ, ଓ ପରିବେଶ ମଧ୍ୟରେ ସ୍ୱାଧୀନ ଭାବରେ ଚଳିବା ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟଗୁଡ଼ିକୁ କରିଶିଖିବାରେ ସାହାଯ୍ୟ କରିଥାଏ ।

***178. କର୍ମଭିମୁଖୀ ଶିକ୍ଷାର ଅର୍ଥ କଣ ?***

କର୍ମାଭିମୁଖୀ ଶିକ୍ଷା ମଧ୍ୟରେ ପଢ଼ିବା, ଲେଖିବା ଏବଂ ଗଣିତ ଯାହାସବୁ ନିତିଦିନିଆ ଜୀବନରେ ଆବଶ୍ୟକ ତାହା ସବୁ ଶିଖାଯାଇଥାଏ । ଏହି କାର୍ଯ୍ୟକୁଶଳତାଗୁଡ଼ିକୁ ଜୀବନ ଧାରଣର ଦକ୍ଷତା ବୋଲି କୁହାଯାଇଥାଏ । ବହୁ ଲୋକମାନଙ୍କ ପାଇଁ ଏହି କାର୍ଯ୍ୟକୁ ସରଳ କରିଦିଆଯାଇଥାଏ ଯଥା :– କିଣାକିଣି ବେଳେ ପଇସା ଗଣି ଶିଖିବା, ଅଜଣା ସ୍ଥାନରେ ପ୍ରସାଧନ ଲେଖାଯାଇଥିବା ସଂକେତକୁ ପଢ଼ିପାରିବା । ଏହା ମଧ୍ୟ ଚେକ୍ ବହି ବ୍ୟବହାର କରିବା ଓ ଦୋକାନ ସଉଦା କରିବା ଭଳି କଠିନ କାର୍ଯ୍ୟ ହୋଇପାରିଥାଏ । ଯେହେତୁ ମାନସିକ ବିକଳାଙ୍ଗ ପିଲାମାନେ କ୍ଲାସରୁମରେ ଶିଖୁଥିବା ଜିନିଷକୁ ଅନ୍ୟ କ୍ଷେତ୍ରରେ ବ୍ୟବହାର କରିବାକୁ ଅସମର୍ଥ ହୋଇଥାନ୍ତି, ତେଣୁ ସେମାନଙ୍କ ନିମନ୍ତେ କର୍ମଭିତ୍ତିକ ଶିକ୍ଷା ନିମନ୍ତେ ନିତ୍ୟାନ୍ତ ଆବଶ୍ୟକ । ଏହା ସେମାନଙ୍କୁ ସମାଜରେ ବଞ୍ଚିବା ନିମନ୍ତେ ଆବଶ୍ୟକ ହେଉଥିବା ପ୍ରାଥମିକ କାର୍ଯ୍ୟଗୁଡ଼ିକୁ କରି ଶିଖିବାରେ ବହୁତ ସାହାଯ୍ୟ କରିବ ।

***179. ମାନସିକ ବିକଳାଙ୍ଗ ଛାତ୍ରମାନେ କଣ ପଢ଼ିବା ଶିଖି ପାରିବେ ?***

ଅର୍ଥପୂର୍ଣ୍ଣ ପଢ଼ିବା ମଧ୍ୟରେ ବୁଝିପାରିବା ଓ ପଢୁଥିବା ବିଷୟକୁ ବୋଧଗମ୍ୟ କରାଇପାରିବା ଅନ୍ତର୍ଭୁକ୍ତ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ପାଠପଢ଼ା ସେମାନଙ୍କର ବିକଳାଙ୍ଗତାର

ଗଭୀରତା ଉପରେ ନିର୍ଭର କରିଥାଏ । ନିୟମିତ ଭାବେ ଉପଯୁକ୍ତ ତାଲିମ ପ୍ରଦାନ କରାଗଲେ, ମୃଦୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଚତୁର୍ଥ ଷଷ୍ଠ ଶ୍ରେଣୀର ବହିଗୁଡ଼ିକୁ ପଢ଼ିବାକୁ ସକ୍ଷମ ହୋଇପାରିଥାନ୍ତି । ମଧ୍ୟମରୁ ଉଗ୍ର ଧରଣର ମାନସିକ ବିକଳାଙ୍ଗ ପିଲାମାନଙ୍କର ଅଧିକ ଦୁର୍ବଳତା ଥିବାଯୋଗୁ ସେମାନଙ୍କୁ କେବଳ ସୁରକ୍ଷା ସମ୍ବନ୍ଧୀୟ ଶବ୍ଦ ତଥା ବିପଦ, ବନ୍ଦ ବା ଅଟକିଯିବା, ସେମାନଙ୍କର କାମ ଓ ଦୈନନ୍ଦିନ ଜୀବନଯାତ୍ରାରେ ବ୍ୟବହାର କରୁଥିବା କେତେକ ସାଧାରଣ ଶବ୍ଦ କେବଳ ଶିଖାଯାଇପାରିବ ।

***180. ମାନସିକ ବିକଳାଙ୍ଗ ଛାତ୍ରମାନଙ୍କୁ ପଢ଼ା ଶିଖାଇବା ପୂର୍ବରୁ କୌଣସି ପ୍ରାକ୍ ତାଲିମ ଦେବା ଆବଶ୍ୟକ କି ?***

ମାନସିକ ବିକଳାଙ୍ଗ ପିଲାମାନେ ପଢ଼ି ଶିଖିବା ପୂର୍ବରୁ ପ୍ରାକ୍ ତାଲିମ ନେବା ଆବଶ୍ୟକ । ପ୍ରାଥମିକ ପ୍ରାକ୍ ପଢ଼ିବା ତାଲିମ୍ ମଧ୍ୟରେ –

- ପିଲାଟି ଛବିକୁ ଶବ୍ଦଗୁଡ଼ିକ ସହିତ ମିଳାଇବା ।
- ଦୃଷ୍ଟିଗତ ପାର୍ଥକ୍ୟ ଶିଖିବା ଯଥା : ପିଲାଟି ବସ୍ତୁ ଓ ଛବିକୁ ମିଳାଇ ଜାଣିବା ।
- ଶବ୍ଦଗତ ପାର୍ଥକ୍ୟ ଶିଖିବା ଯଥା : ପିଲାଟି ଦୁଇଟି ଶବ୍ଦ ଶୁଣିବାକୁ ଅଲଗା ବା ଏକା ପ୍ରକାରର ବୋଲି ଜାଣିପାରିବା ।
- ଦୃଷ୍ଟି କିମ୍ବା ଇନ୍ଦ୍ରିୟମାନଙ୍କର ସକ୍ରିୟତା ।

***181. ପଢ଼ିବା କାର୍ଯ୍ୟ ମଧ୍ୟରେ କଣ କଣ ଶିଖାଯାଇଥାଏ ?***

ଅଧ୍ୟୟନ ଅନ୍ତର୍ଗତ ଅନ୍ୟ କାର୍ଯ୍ୟକ୍ରମ ଭଳି, ପଢ଼ିବା କାର୍ଯ୍ୟର ଲକ୍ଷ୍ୟ ବ୍ୟକ୍ତିର ଦୈନନ୍ଦିନ କାର୍ଯ୍ୟ, ଅବସର ସମୟ ଏବଂ ଧନ୍ଦାମୂଳକ ପ୍ରସ୍ତୁତି ଉପରେ ପର୍ଯ୍ୟବେକ୍ଷିତ ହୋଇଥାଏ । ଏକ କର୍ମଭିତ୍ତିକ ପଢ଼ିବା କାର୍ଯ୍ୟକ୍ରମ ସୁରକ୍ଷା ଏବଂ ସୂଚନା ଶିକ୍ଷାରେ କେନ୍ଦ୍ରିତ ହୋଇଥାଏ । ସୁରକ୍ଷା ସମ୍ବନ୍ଧୀତ ପଢ଼ିବା କାର୍ଯ୍ୟକ୍ରମ ଛାତ୍ରମାନଙ୍କୁ ଘରମାନଙ୍କର ସଂକେତ, ଗଳିମାନଙ୍କରେ ଥିବା ସଂକେତ ଏବଂ ପରିବେଶରେ ଅନ୍ୟ ସମସ୍ତ ପ୍ରକାରର ସାଧାରଣ ସୁରକ୍ଷା ଶବ୍ଦଗୁଡ଼ିକୁ ବ୍ୟବହାର କରିବାକୁ ସୁଯୋଗ ଦେଇଥାଏ । ସୂଚନା ସମ୍ପର୍କୀୟ ପଢ଼ିବା କାର୍ଯ୍ୟକ୍ରମ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଧନ୍ଦାମୂଳକ କାର୍ଯ୍ୟକୁଶଳତା (ଆବେଦନ ପତ୍ର ପୂରଣ କରିବା,

ବିଭିନ୍ନ ଶ୍ରେଣୀର ଚାକିରୀକୁ ପଢ଼ିପାରିବା), ଟେଲିଫୋନ୍ ଡାଇକ୍ଟେରୀକୁ ବ୍ୟବହାର କରିବା, ମାନଚିତ୍ର ଏବଂ ଖବରକାଗଜ ପଢ଼ିବା ଇତ୍ୟାଦି ଶିଖାଇଥାଏ ।

ଯେହେତୁ କୌଣସି ଦୁଇଜଣ ମାନସିକ ବିକଳାଙ୍ଗ ବ୍ୟକ୍ତି ସମାନ ନୁହଁନ୍ତି, ତେଣୁ ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକତା ଓ କାର୍ଯ୍ୟ କରିବାର ଦକ୍ଷତା ଅନୁସାରେ ପଢ଼ିବା କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥାଏ ।

### *182. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଗଣିତ ପଢ଼ାଇବା ପୂର୍ବରୁ କୌଣସି ପ୍ରାକ୍ ତାଲିମ୍‌ର ଆବଶ୍ୟକତା ରହିଅଛି କି ?*

କୌଣସି ଏକ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ଗଣିତ ଶିଖାଇବା ପୂର୍ବରୁ ପ୍ରାକ୍ ତାଲିମ୍ ଦେବାର ଆବଶ୍ୟକତା ରହିଥାଏ । ପ୍ରାଥମିକ ପ୍ରାକ୍ ଗଣିତ କାର୍ଯ୍ୟ କୁଶଳତା ମଧ୍ୟରେ :–

- ପିଲାଟିର ପ୍ରାଥମିକ ପରିମାଣ ସମ୍ବନ୍ଧୀୟ ଜ୍ଞାନ ଯଥା : ବେଶୀ, କମ୍, ବଡ଼, ସାନ ଇତ୍ୟାଦି ଜାଣିବା ଦରକାର ।
- ପିଲାଟି ବାରମ୍ବାର ବା ଘୋଷିକରି ଗଣିଜାଣିବା ଦରକାର ।
- ପିଲାଟିର ପ୍ରାଥମିକ ମାପ ଓ ଓଜନ ସମ୍ବନ୍ଧୀୟ ଜ୍ଞାନ ଯଥା : "ଓଜନ, ହାଲୁକା" ଇତ୍ୟାଦି ଥିବା ଆବଶ୍ୟକ ।
- ପିଲାଟି ମଧ୍ୟ ପରିମାଣ ସମ୍ପର୍କୀୟ ମୌଳିକ ଚିହ୍ନଗୁଡ଼ିକୁ ଯଥା : 1,2,3,4, ଇତ୍ୟାଦି ଜାଣିପାରୁଥିବା ଦରକାର ।

### *183. ଗଣିତ କାର୍ଯ୍ୟ କୁଶଳତା ମଧ୍ୟରେ କଣ ସବୁ ଅନ୍ତର୍ଭୁକ୍ତ ?*

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଅଙ୍କ ଶିଖାଇବାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ରହିଥାଏ । ପ୍ରଥମଟି ହେଲା, ପିଲାମାନଙ୍କୁ ପ୍ରାଥମିକ ଗାଣିତିକ ହିସାବ ସବୁ ଯଥା ମିଶାଣ, ଫେଡ଼ାଣ, ହରଣ, ଗୁଣନ ଇତ୍ୟାଦି କରି ଶିଖାଇବା । ଦ୍ୱିତୀୟଟି ହେଲା, ଗଣିତ ଜ୍ଞାନର ନିତିଦିନିଆ ବ୍ୟବହାର ସଂପର୍କରେ ତାଲିମ୍ ଦେବା । ପ୍ରାଥମିକ ଗାଣିତିକ ପ୍ରୟୋଗ ଯଥା : ହରଣ, ମିଶାଣ, ଫେଡ଼ାଣ, ଗୁଣନ, ପଇସାର ବ୍ୟବହାର, ସମୟ କହି ପାରିବା ଏବଂ ମାପକାର୍ଯ୍ୟ ପ୍ରଭୃତି ମୁଖ୍ୟତଃ ଗାଣିତିକ ତାଲିମ୍ କାର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ।

**184. ମୋ ପିଲାଟି ଏକ ଠାରୁ ଶହେ ପର୍ଯ୍ୟନ୍ତ ଗଣିପାରୁଅଛି କିନ୍ତ ଗୋଟିଏ ଘରେ ବସିଥିବା 5 ଜଣ ଲୋକଙ୍କୁ ଗଣିପାରୁନାହିଁ । ଏହାର କାରଣ କଣ ?**

ମାନସିକ ବିକଳାଙ୍ଗ ପିଲାମାନଙ୍କ ମଧ୍ୟରେ ଏହି ପ୍ରକାରର ସମସ୍ୟା ଅତ୍ୟନ୍ତ ସାଧାରଣ ଅଟେ । ମାନସିକ ବିକଳାଙ୍ଗ ପିଲାମାନେ ନିଜର ଜ୍ଞାନକୁ କୌଣସି ଏକ ନୂତନ କାର୍ଯ୍ୟକୁ ବା ପରିସ୍ଥିତିକୁ ସ୍ଥାନାନ୍ତର କରିପାରନ୍ତି ନାହିଁ । ତେଣୁ ପିଲାଟି ଯେତେବେଳେ 1-100 ପର୍ଯ୍ୟନ୍ତ ମୁଖସ୍ଥ କରି ଗଣି ପାରୁଛି, ସେ କେବେହେଲେ ଅର୍ଥ ସହିତ ୫ ପର୍ଯ୍ୟନ୍ତ ଗଣିପାରିବ ନାହିଁ । ଅର୍ଥପୂର୍ଣ୍ଣ ଗଣତି ହେଉଛି ଯେ ପିଲା କଣ ଜାଣିବାକୁ ଚାହିଁଅଛି । ଏ ବିଷୟରେ କୌଣସି ସ୍ୱତନ୍ତ୍ର ତାଲିମ୍ ପ୍ରାପ୍ତ ଶିକ୍ଷକଙ୍କୁ ପରାମର୍ଶ କରିହେବ ।

**185. ମୋ ପିଲାକୁ କହିଲେ ଦୋକାନରୁ ଜିନିଷ ସବୁ ଆଣିପାରୁଛି, କିନ୍ତୁ ଠିକ୍ ଭାବରେ ପଇସା ଫେରସ୍ତ ଆଣିପାରୁ ନାହିଁ । ଏଥିନିମନ୍ତେ ଆବଶ୍ୟକ ତାଲିମ୍ ତାକୁ ଦେଇହେବ କି ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ସ୍କୁଲ ଏବଂ ଘରେ ଉପଯୁକ୍ତ ତାଲିମ୍, ସୁବିଧାସୁଯୋଗ ଏବଂ ଅନୁଭୂତି ପ୍ରଦାନ କରାଗଲେ ସେମାନେ ବହୁତ କିଛି ଶିଖିପାରିବେ ଏବଂ କରିପାରିବେ । ଯଦିଓ ବୁଦ୍ଧିର ପରିମାଣ ଅନୁସାରେ କେତେକ ପିଲାମାନଙ୍କର ପଇସା ବ୍ୟବହାର କରିବା ସୀମିତ ହୋଇଥାଏ, ଯାହା ବି ହେଉ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କିପରି ସ୍ୱାଧୀନ ହେବା ନିମନ୍ତେ ଉତ୍ସାହିତ ହୋଇପାରିବେ ସେଥି ସକାଶେ ଉପାୟମାନ ଖୋଜିବା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଯଦିଓ ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ କେତେଦୂର ପର୍ଯ୍ୟନ୍ତ ପଇସାର ବ୍ୟବହାର କରିବା ଶିଖାଇ ହେବ ତାହା କେତେକ ପ୍ରାକ୍ ଆବଶ୍ୟକ ଦକ୍ଷତା ଯଥା : ଗଣିବା, ପଇସା ଚିହ୍ନିବା ଏବଂ ମିଶାଣ, ଫେଡ଼ାଣ କରିବା ପ୍ରଭୃତି ଉପରେ ନିର୍ଭର କରିଥାଏ; ଯାହାକି ଉଚ୍ଚସ୍ତରର ପାଠ ପଢ଼ାଇବା ବିନା ଶିଖାଯାଇପାରିବ । ଉଦାହରଣ ସ୍ୱରୂପ, ପକେଟ କାଲକୁଲେଟର୍ ସାହାଯ୍ୟରେ ବଜାର ସରବାର ହିସାବ କରିହେବ କିମ୍ବା ଜଣେ ଛାତ୍ର କୌଣସି ଏକ ପଇସା ବାଛି ଶିଖି ଗାଡ଼ିର ଭଡ଼ା ଦେଇପାରିବ କିମ୍ବା ଗୋଟିଏ ବସ୍ ପାସ୍ କରି ଯିବା ଆସିବା କରିପାରିବ । ଏହି ବିଷୟରେ ଅଧିକ ଜାଣିବା ନିମନ୍ତେ କୌଣସି ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷକଙ୍କ ପରାମର୍ଶ କରିବା ଉଚିତ୍ ।

### 186. ମୋ ପିଲାଟି ସମୟ କହିପାରୁନାହିଁ, ତାକୁ ଏହା ଶିଖାଯାଇ ପାରିବ କି ?

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସମୟ ଜାଣି ପାରିବା, ତାହା ସେମାନଙ୍କର ବିକଳାଙ୍ଗତାର ଲକ୍ଷଣ ଓ ପରିମାଣ, ତାଲିମ୍ ଏବଂ ଶିଖିବା ନିମନ୍ତେ ମିଳୁଥିବା ସୁବିଧା ଉପରେ ନିର୍ଭର କରିଥାଏ । ଏହା ସହିତ ସମୟ କହିବାରେ ସାହାଯ୍ୟ କରୁଥିବା କେତେକ ଦକ୍ଷତା ନିମ୍ନରେ ଦିଆଯାଇଛି ।

- 1 ଠାରୁ 60 ମଧ୍ୟରେ ଅର୍ଥ ସହିତ ଗଣି ପାରିବା ।
- 1 ଠାରୁ 60 ମଧ୍ୟରେ ଅର୍ଥ ସହିତ ପଢ଼ିପାରିବା ।
- ପାଞ୍ଚ ପାଞ୍ଚ କରି 55 ପର୍ଯ୍ୟନ୍ତ ଅର୍ଥ ସହିତ ଗଣିପାରିବା ।

ଅଧିକ ଜାଣିବା ନିମନ୍ତେ କୌଣସି ସ୍ୱତନ୍ତ୍ର ତାଲିମ୍ ପ୍ରାପ୍ତ ଶିକ୍ଷକଙ୍କୁ ପରାମର୍ଶ କରିବା ଉଚିତ୍ ।

### 187. ମାନସିକ ବିକଳାଙ୍ଗ ପିଲାମାନେ ଲେଖା ଶିଖିବା ପୂର୍ବରୁ କୌଣସି ତାଲିମ୍ ଆବଶ୍ୟକ କରିଥାନ୍ତି କି ?

ମାନସିକ ବିକଳାଙ୍ଗ ପିଲାମାନେ ଲେଖି ଶିଖିବା ପୂର୍ବରୁ ପ୍ରାକ୍ ଲେଖା କାର୍ଯ୍ୟଗୁଡ଼ିକୁ ଶିଖିବା ନିମନ୍ତେ ତାଲିମ୍ ନେବାର ଆବଶ୍ୟକତା ପଡ଼ିଥାଏ । ପ୍ରାଥମିକ ପ୍ରାକ୍ ଲେଖା ଦକ୍ଷତା ମଧ୍ୟରେ :–

- ପର୍ଯ୍ୟାପ୍ତ ମାତ୍ରାରେ ହସ୍ତ ଓ ଚକ୍ଷୁର ସମନ୍ୱୟତା ।
- ବଡ଼ ମାଂସପେଶୀ ଓ ସୂକ୍ଷ୍ମ ମାଂସପେଶୀ (ଆଙ୍ଗୁଠି, ଛୋଟ ମାଂସପେଶୀ) ମଧ୍ୟରେ ସମନ୍ୱୟତା ।
- ଉପର, ତାଳ, ବାମ, ଡାହାଣ ପ୍ରଭୃତିର ସାଧାରଣ ଜ୍ଞାନ ଇତ୍ୟାଦି ।

### 188. ଲେଖିବା କୌଶଳ ମଧ୍ୟରେ କଣ ଶିଖାଯାଇଥାଏ ?

ଲେଖି ଶିଖିବାର କାର୍ଯ୍ୟଟି ଅଧିକ ଭାବରେ ବୌଦ୍ଧିକ ଶକ୍ତି ଉପରେ ନିର୍ଭର କରିଥାଏ ।

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଲେଖି ଶିଖିବା ତାଲିମ୍, ସେହି କୌଶଳଗୁଡ଼ିକ ଉପରେ ପ୍ରାଧାନ୍ୟତା ଦେଇଥାଏ । ଯାହା ସେମାନଙ୍କର ନିତିଦିନିଆ ଜୀବନ ଓ କର୍ମକ୍ଷେତ୍ରରେ ସାହାଯ୍ୟ କରିଥାଏ । ଏହା ମଧ୍ୟରେ ନିଜର ନାମ ଲେଖିବା, ଠିକଣା ଲେଖିବା, ରସିଦ୍ ବହି ପୂରଣ କରିବା, ଚାକିରୀ ନିମନ୍ତେ ଆବେଦନ ପତ୍ର ଲେଖିବା, ବନ୍ଧୁଙ୍କ ପାଖକୁ ପତ୍ର ଲେଖିବା ଏବଂ ଛୁଟି ଦରଖାସ୍ତ ଲେଖିବା ଇତ୍ୟାଦି ଅନ୍ତର୍ଭୁକ୍ତ ।

***189. ଧାରଣାତ୍ମକ ତାଲିମ୍ ମଧ୍ୟରେ କଣ ସବୁ ଅନ୍ତର୍ଭୁକ୍ତ ?***

ଧାରଣାତ୍ମକ ତାଲିମ୍ ମଧ୍ୟରେ, ପ୍ରାଥମିକ ସ୍ତରର ମିଳାଇ ଜାଣିବା ଓ ବାଛି ଜାଣିବା କାର୍ଯ୍ୟ, ରଙ୍ଗ, ଆକାର, ଲିଙ୍ଗ ଓ ଗଠନ ସମ୍ବନ୍ଧରେ ଧାରଣା ଦେବା ପ୍ରଭୃତି ଅନ୍ତର୍ଭୁକ୍ତ । ଧାରଣାତ୍ମକ ତାଲିମ୍‌ର ମୁଖ୍ୟ ଲକ୍ଷ୍ୟ ହେଉଛି କର୍ମାଭିମୁଖୀ କରିବା, ଯାହାଫଳରେ ମାନସିକ ବିକଳାଙ୍ଗ ପିଲାଟି ଏହାକୁ ତାହାର ଦୈନନ୍ଦିନ ଜୀବନରେ ପ୍ରୟୋଗ କରିପାରିବ ।

***190. ମୋ ପିଲାଟି ଟି:ଭି:ରେ ଦେଖିଥିବା ଫିଲ୍ମର ଗୀତକୁ ମନେରଖି ପାରୁଛି, କିନ୍ତୁ ପଣିକିଆ ଖନ୍ଦାଗୁଡ଼ିକୁ ମନେରଖିବା କଠିନ ହେଉଛି । ଏପରି ହେବାର କାରଣ କଣ ?***

ଉପରୋକ୍ତ ଶିକ୍ଷା ପରିବେଶରେ ଦୁଇପ୍ରକାରର ଧାରଣା ଅନ୍ତର୍ଭୁକ୍ତ । ଟି:ଭି:ରେ ଫିଲ୍ମ ଦେଖିବା ହେଉଛି ବାସ୍ତବ ଏବଂ ଅର୍ଥପୂର୍ଣ୍ଣ ଧାରଣା, ଯେଉଁଠିକି ପଣିକିଆ ଖନ୍ଦା ଶିଖିବା ହେଉଛି କଳ୍ପନାତ୍ମକ ଧାରଣା । ମାନସିକ ବିକଳାଙ୍ଗ ପିଲାମାନେ ବାସ୍ତବ ଏବଂ ଅର୍ଥପୂର୍ଣ୍ଣ ଧାରଣାଗୁଡ଼ିକୁ ଯାହା ସେମାନେ ପ୍ରତ୍ୟକ୍ଷ ଭାବରେ ଦେଖିପାରିବେ ଏବଂ ଅନୁଭବ କରିପାରିବେ ତାହା ଖୁବ୍ ଭଲଭାବରେ ଶିଖିପାରିଥାନ୍ତି କିମ୍ବା କଳ୍ପନାତ୍ମକ ଧାରଣା ଯେଉଁଥିରେ ଉଚ୍ଚଧରଣର ଚିନ୍ତା ଓ ବୁଦ୍ଧିର ଆବଶ୍ୟକତା ପଡ଼ିଥାଏ ତାହା ଭଲ ଭାବରେ ଶିଖିପାରନ୍ତି ନାହିଁ ।

***191. ଯେତେବେଳେ ଆମ୍ଭେମାନେ ଆମର ପିଲାଟିକୁ ପଢ଼ିବା ଓ ଲେଖିବା ଶିଖାଇବାକୁ ବସୁଅଛୁ, ସେ ତୁରନ୍ତ କାନ୍ଦିବା ଓ ବହି ଚିରିବା ଆରମ୍ଭ କରିଦେଉଛି । ତେଣୁ ତାହାର ସହଯୋଗ ମିଳିବା କଷ୍ଟକର । ଏଥି ନିମନ୍ତେ କିଛି କରିହେବ କି ?***

ପିଲାକୁ ପଢ଼ିବା ଓ ଲେଖିବାକୁ କହିବା ମାତ୍ରେ କାନ୍ଦିବା ବା ବହି ଚିରିବା ବ୍ୟବହାର ବିଭିନ୍ନ



ଶିକ୍ଷା ସର୍ବଦା ଦୈନନ୍ଦିନ କାର୍ଯ୍ୟକ୍ରମ ସହିତ ସଂପୃକ୍ତ ହେବା ଉଚିତ୍ ।

କାରଣରୁ ହୋଇଥାଏ । ଦୁଇଜଣ ବ୍ୟକ୍ତିଙ୍କର ଏହିପରି କାନ୍ଦିବା ବା ବହି ଚିରିବା ସମାନ ସମସ୍ୟା ଥିଲେ ମଧ୍ୟ କାରଣ ଭିନ୍ନ ଭିନ୍ନ ହୋଇପାରିଥାଏ । ତେଣୁ କୌଣସି ବ୍ୟବହାରିକ ନିୟନ୍ତ୍ରଣ କରିବା ପୂର୍ବରୁ ସଂପୂର୍ଣ୍ଣ ଭାବରେ ବ୍ୟବହାରର ବିଶ୍ଳେଷଣ କରାଯିବା ଉଚିତ୍ । ଯାହାବି ହେଉ ନିମ୍ନଲିଖିତ ସମ୍ଭାବ୍ୟ କାରଣ ମଧ୍ୟରୁ ଗୋଟିଏ ବା ଏକାଧିକ କାରଣ ଉପସ୍ଥିତ ଥାଇପାରେ ।

- ପିଲାଟି ହୁଏତ ଆପଣ ଶିଖାଇବାକୁ ଚାହୁଁଥିବା ଜିନିଷଗୁଡ଼ିକୁ ଆଗ୍ରହ କରୁନଥାଏ ।
- କାର୍ଯ୍ୟଟି ହୁଏତ ପିଲାପାଇଁ ଅଧିକ କଠିନ ବା ଅଧିକ ସହଜ ହୋଇପାରିଥାଏ ।
- ପିଲାକୁ ଯେଉଁ ପରିବେଶ ମଧ୍ୟରେ ଶିକ୍ଷା ଦିଆଯାଉଛି, ତାହା ଉପଯୁକ୍ତ ହୋଇନଥାଇପାରେ, ବା ଅଧିକ ଗହଳି କିମ୍ବା କୋଳାହଳମୟ ହୋଇପାରିଥାଏ ।
- ପିଲାଟି କାନ୍ଦିବା ବା ବହିପତ୍ର ଚିରିବାଫଳରେ ଆପଣମାନେ ବେଳେବେଳେ ବା ସବୁବେଳେ ତାକୁ ଦିଆଯାଇଥିବା କାମ ବନ୍ଦ କରିବାକୁ ଅନୁମତି ଦେଉଥିବାରୁ ପିଲାଟି ହୁଏତ ଏହି କାର୍ଯ୍ୟରୁ ଦୂରେଇ ରହିବା ଶିଖିଯାଇଥାଏ ।
- ପିଲାଟି କାନ୍ଦିବା ବା ବହି ଚିରିବାପରେ ତାକୁ ବେଳେବେଳେ ବା ସବୁବେଳେ ଖେଳିବାକୁ ଅନୁମତି ଦିଆଯାଉଥିବାରୁ ପିଲାଟି ଖେଳିବାକୁ ଏବଂ ତାର ମନପସନ୍ଦର କାମ କରିବାକୁ ଭଲ ପାଇଥାଏ ।
- ଆପଣଙ୍କର ପାଠପଢ଼ାଇବା ପ୍ରଣାଳୀ ଯଦି ଯୁକ୍ତିଯୁକ୍ତ ନ ହୋଇଥାଏ ଯଥା ପିଲାକୁ ପାଠପଢ଼ାପାଇଁ ଅଧିକ ଚାପ ଦିଆହୁଏ, ଗାଳିଗୁଲଜ କରିବା କିମ୍ବା ତାକୁ ଠିକ୍ ବାଟ ନ ବତାଇବା ବା ପଢ଼ିବା ସମୟରେ ପ୍ରୋତ୍ସାହନ ଦିଆନହୁଏ ଇତ୍ୟାଦି ।

ବ୍ୟବହାର ବିଜ୍ଞାନ ସମ୍ବନ୍ଧୀୟ ପ୍ରଶିକ୍ଷଣପ୍ରାପ୍ତ ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍ ବା ଜଣେ ସ୍ୱତନ୍ତ୍ର ଶିକ୍ଷାପ୍ରାପ୍ତ ଶିକ୍ଷକଙ୍କଠାରୁ ଏହି ସମସ୍ୟାସବୁର ବିଶ୍ଳେଷଣ ଓ ନିୟନ୍ତ୍ରଣ ନିମନ୍ତେ ପରାମର୍ଶ କରିହେବ ।

9

# ଅବକାଶ

ବହୁ ସମୟରେ  ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ନିଜର ମୁକ୍ତ ସମୟଗୁଡ଼ିକୁ ଉତ୍ତମ ଓ ଗଠନ ମୂଳକ ଭାବରେ ବ୍ୟବହାର କରିବାକୁ, ଆବଶ୍ୟକୀୟ ଦକ୍ଷତା ନଥାଏ । ସେମାନେ ପାଠପଢ଼ା ବା ଶିକ୍ଷା କାର୍ଯ୍ୟକ୍ରମରେ ଗୋଟିଏ ଦିନ ମଧ୍ୟରୁ ବହୁତ୍ କମ୍ ସମୟ କଟାଇଥାନ୍ତି ଏବଂ ବାକି ସମୟରେ ସେମାନଙ୍କ ପାଇଁ କୌଣସି କାମ ନଥାଏ । ତେଣୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଜୀବନରେ ଏହି କର୍ମହୀନ ସମୟଗୁଡ଼ିକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଏହିପରି କର୍ମହୀନ ସମୟରେ ମାନସିକ ବିକଳାଙ୍ଗ ପିଲାମାନେ, କେତେକ ଅବାଞ୍ଛିତ ଏବଂ ସମସ୍ୟାମର୍ଯ୍ୟ କାର୍ଯ୍ୟରେ ଲିପ୍ତ ହେବାକୁ ଇଛା କରିଥାନ୍ତି । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କେତେକ ଗଠନ ମୂଳକ ଓ ବ୍ୟବହାର ଉପଯୋଗୀ କାର୍ଯ୍ୟରେ ତାଲିମ୍ ନେବା ନିତ୍ୟାନ୍ତ ଆବଶ୍ୟକ । ଯାହାଫଳରେ ସେମାନେ କିପରି ଭାବରେ ନିଜର ମୁକ୍ତ ସମୟଗୁଡ଼ିକୁ  କଟାଇବେ ତାହା ଶିଖିପାରିବେ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଅବକାଶ ସମୟର କାର୍ଯ୍ୟ କଳାପ ସମ୍ବନ୍ଧରେ ଅଭିଭାବକମାନେ ଉଠାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର, ଉକ୍ତ ଅଧ୍ୟାୟରେ ଦିଆଯାଇଛି ।



ମୁଁ ଅନ୍ୟ ଗୋଟିଏ ଚ୍ୟାନେଲ୍ ଦେଖିପାରିବିକି ?
ତୁମେ ଦିନସାରା ଟି.ଭି. ଦେଖୁଛ ଦେଖୁ ମୋତେ ଭଲ ଲାଗୁନାହିଁ, ତୁମେ ଅନ୍ୟ କିଛି କରିପରିବ ନାହିଁ କି ?
ମା, ଗୋପାଳ ମୋତେ କ୍ରିକେଟ୍ ମ୍ୟାଚ୍ ଦେଖିବାକୁ ଦେଉନାହିଁ, ସେ କାର୍ଟୁନ୍ ଫିଲ୍ମ ଦେଖିବାକୁ ଚାହୁଁଛି ।
ମୁଁ କ'ଣ କରିବି ? ଗୋପାଳ ପାଇଁ ମୁଁ ବିବ୍ରତ ହୋଇ ପଡ଼ିଲିଣି, ତୁ ଏଠାରୁ ପଳାଇ ଯା ।
ତୁମେ ଗୋପାଳକୁ କାହିଁକି ଗାଳି ଦେଉଛ । ଏହା ତାହାର ଦୋଷ ନୁହେଁ । ତାହାରଅନ୍ୟ କୌଣସି କାମ ନାହିଁ । ଯଦି ତାକୁ ଅନ୍ୟାନ୍ୟା କାର୍ଯ୍ୟ ସବୁ ଶିଖାଇବା ସେ ତାହା କରିବ ।

**192. ଅବକାଶ କହିଲେ କଣ ବୁଝାଏ ? ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ଅବକାଶ ସମୟ ରହିବା କଣ ଆବଶ୍ୟକ ?**

"ଅବକାଶ" ଶବ୍ଦଟି ବ୍ୟକ୍ତିର ମୁକ୍ତ ସମୟକୁ ବୁଝାଇଥାଏ, ଯେତେବେଳେ ଜଣେ ବ୍ୟକ୍ତି ନିଜର ପସନ୍ଦ ଅନୁସାରେ କୌଣସି କାର୍ଯ୍ୟ କରିପାରିଥାଏ । ଅବକାଶ କାର୍ଯ୍ୟଗୁଡ଼ିକ ଅନ୍ୟ ବ୍ୟକ୍ତି ସହିତ ବା ଏକାକୀ ମଧ୍ୟ କରାଯାଇପାରିଥାଏ ।

ଅବକାଶ ଏବଂ ଆମୋଦପ୍ରମୋଦର ଆବଶ୍ୟକତା, ସାଧାରଣ ବ୍ୟକ୍ତିମାନଙ୍କ ଭଳି, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ବହୁତ ମହତ୍ୱପୂର୍ଣ୍ଣ ଅଟେ । ଏହାର ଏକ ସୁନିଶ୍ଚିତ ଏବଂ ସୃଜନକ୍ଷମ ଉପକାର ରହିଅଛି ଏବଂ ଏହା ବ୍ୟକ୍ତିର ଭାବାତ୍ମକ ଓ ମାନସିକ ବିକାଶରେ ସାହାଯ୍ୟ କରିଥାଏ । ପାରମ୍ପରିକ ରୀତିରେ ଅବକାଶ କାର୍ଯ୍ୟସବୁ ସ୍କୁଲ ଏବଂ କର୍ମକ୍ଷେତ୍ରର କାର୍ଯ୍ୟପରେ ଆସିଥାଏ ଯାହାକୁ ସାଙ୍ଗସାଥି ଏବଂ ପରିବାରର ସଦସ୍ୟମାନଙ୍କ ସହିତ ଉପଭୋଗ କରାଯାଇ ପାରିଥାଏ ।

**193. ସାଧାରଣ ବ୍ୟକ୍ତିମାନେ ନିଜର ଅବକାଶ ସମୟର କାର୍ଯ୍ୟ ନିମନ୍ତେ ଯୋଜନା କରିପାରିଥାନ୍ତି । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ ଏପରି କରିବାକୁ ସକ୍ଷମ ହୋଇଥାନ୍ତି ?**

ନିୟମାନୁଯାୟୀ ଅବକାଶ କାର୍ଯ୍ୟ ସମ୍ବନ୍ଧରେ ଶିକ୍ଷାଦାନ ଏବଂ ତାଲିମ ଦିଆନଗଲେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଉପଯୁକ୍ତ ଭାବରେ ଅବକାଶ ସମୟକୁ ବ୍ୟବହାର କରିବା ବା ଯୋଜନା କରିବାକୁ ଶିଖି ପାରିନଥାନ୍ତି । ଏହି ତାଲିମ କେତେଦୂର ପର୍ଯ୍ୟନ୍ତ ଦିଆଯାଇ ପାରିବ ତାହା ବିକଳାଙ୍ଗତାର ଗଭୀରତା ଉପରେ ନିର୍ଭର କରିଥାଏ, ଯଥା ଜଣେ ଉଗ୍ର ମାନସିକ ବିକଳାଙ୍ଗ ବ୍ୟକ୍ତି, ଅନ୍ୟ ଜଣେ ମୃଦୁ ମାନସିକ ବିକଳାଙ୍ଗ ବ୍ୟକ୍ତିଠାରୁ ଅଧିକ ତାଲିମ ଦରକାର କରିଥାଏ ।

**194. "ଆଳସ୍ୟପୂର୍ଣ୍ଣ ମସ୍ତିଷ୍କ ଏକ ସଇତାନ୍‌ର କର୍ମଶାଳା ଅଟେ ।" ସେମାନଙ୍କୁ ତାଲିମ କାର୍ଯ୍ୟରେ ବ୍ୟସ୍ତ ରଖିବାର କୌଣସି ଆବଶ୍ୟକତା ରହିଅଛି କି ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କିପରି ନିଜର ମୁକ୍ତ ସମୟକୁ ଉପଭୋଗ କରିପାରିବେ, ସେଥିରେ ସାହାଯ୍ୟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ

କାର୍ଯ୍ୟବ୍ୟସ୍ତ ରଖିବା ଉତ୍ତମ କଥା, କିନ୍ତୁ ସେମାନଙ୍କୁ ଯେ କୌଣସି ମିଳୁଥିବା କାର୍ଯ୍ୟରେ ଲଗାଇଦେବା ଠିକ୍ ନୁହେଁ । ବଛାଯାଇଥିବା ଅବକାଶ ମୂଳକ କାର୍ଯ୍ୟଟି ବ୍ୟକ୍ତିର ପସନ୍ଦଯୋଗ୍ୟ ହେବା ଦରକାର । ଶିଖାଯାଉଥିବା ପ୍ରତ୍ୟେକ ଅବକାଶ ମୂଳକ କାର୍ଯ୍ୟଗୁଡ଼ିକ ପିଲାଟିର ଆବଶ୍ୟକତା ଓ ପସନ୍ଦ ମୁତାବକ ହେବା ଉଚିତ୍ ଏବଂ ଏହାକୁ କ୍ରମଶଃ କାର୍ଯ୍ୟକ୍ରମ ମାଧ୍ୟମରେ ଶିଖାଯାଇଥାଏ ।

***195. ସମସ୍ତ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ ଅବକାଶମୂଳକ କାର୍ଯ୍ୟ ସବୁ କରିପାରିବେ ?***

ଅଧିକାଂଶ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଅବକାଶ ମୂଳକ କାର୍ଯ୍ୟମାନଙ୍କରେ ଯୋଗଦେଇ ପାରିବେ । ଯାହା ବି ହେଉ, ସେମାନେ କେତେଦୂର ପର୍ଯ୍ୟନ୍ତ ଅବକାଶ କାର୍ଯ୍ୟରେ ଯୋଗଦେଇପାରିବେ ତାହା ସେମାନଙ୍କର ବିକଳାଙ୍ଗତାର ଗଭୀରତାର ଉପରେ ନିର୍ଭର କରିଥାଏ । ଏହି ବ୍ୟକ୍ତିଙ୍କୁ ସ୍କୁଲ ଓ ଘରମାନଙ୍କରେ ଉପଯୁକ୍ତ ତାଲିମ, ଅନୁଭୂତି ଏବଂ ସୁବିଧା ସୁଯୋଗ ଦିଆଗଲେ, ସେ କାର୍ଯ୍ୟଗୁଡ଼ିକୁ କରିପାରିବେ ଏବଂ ଉପଭୋଗ କରିବା ଶିଖିପାରିବେ ଯାହାକି ତାଙ୍କୁ ଖୁସି ଏବଂ ଆନନ୍ଦ ଦେଇପାରିଥାଏ ।

***196. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଅବକାଶ ମୂଳକ କାର୍ଯ୍ୟଗୁଡ଼ିକୁ ଶିଖାଇବାର ଉଦ୍ଦେଶ୍ୟ କଣ ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ଅବକାଶ ମୂଳକ ଶିକ୍ଷା ଅତ୍ୟନ୍ତ ଜରୁରୀ ଅଟେ କାରଣ ସେମାନଙ୍କ ପାଖରେ ଅଧିକ ପରିମାଣର ମୁକ୍ତ ସମୟ ରହିଥାଏ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ପାଠପଢ଼ା କାର୍ଯ୍ୟରେ ବହୁତ କମ୍ ସମୟପାଇଁ ଯୋଗଦେଇଥାନ୍ତି ଏବଂ ତାପରେ ନିଜର ଅବଶିଷ୍ଟ ସମୟ ପାଇଁ ସେମାନଙ୍କର କିଛି କାମ କରିବାକୁ ନଥାଏ । ଏହି ଖାଲି ସମୟକୁ ବିତାଇବା ପାଇଁ କେତେକ ଗଠନ ମୂଳକ କାର୍ଯ୍ୟ କରାଯିବା ଉଚିତ୍ । ଯେହେତୁ ଏହି ମୁକ୍ତ ସମୟ କାର୍ଯ୍ୟକ୍ରମ ପ୍ରସ୍ତୁତି ଅତ୍ୟନ୍ତ ଜରୁରୀ, ଖେଳ ଓ ଅବକାଶ ମୂଳକ କାର୍ଯ୍ୟଗୁଡ଼ିକୁ ଉତ୍ସାହିତ କରିବା ସହିତ ସଠିକ୍ ରୂପେ ପ୍ରସ୍ତୁତ କରିବା ଉଚିତ୍ । ଅବକାଶ ମୂଳକ କାର୍ଯ୍ୟଗୁଡ଼ିକୁ ଶିଖାଇବାର ଉଦ୍ଦେଶ୍ୟ ହେଉଛି, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସ୍ୱାଧୀନ ଭାବରେ ଖେଳିବା ଶିଖିପାରିବେ କିମ୍ବା ସେମାନଙ୍କର ପସନ୍ଦଯୋଗ୍ୟ

ସାଙ୍ଗସାଥିମାନଙ୍କ ସହିତ ମୁକ୍ତ ସମୟରେ ଖେଳିପାରିବେ । ଏହା ବ୍ୟତୀତ ଅବକାଶ ମୂଳକ କାର୍ଯ୍ୟରେ ବିକାଶ ଫଳରେ, ସାମାଜିକ, ବୌଦ୍ଧିକ, ପାରିବାରିକ, ଭାଷା ଏବଂ କାର୍ଯ୍ୟଦକ୍ଷତାରେ ଉନ୍ନତି ଘଟିଥାଏ ।

**197. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସାଧାରଣତଃ କେଉଁ ପ୍ରକାରର କାର୍ଯ୍ୟଗୁଡ଼ିକରେ ଆନନ୍ଦ ଅନୁଭବ କରିଥାନ୍ତି ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ, ବିଭିନ୍ନ ପ୍ରକାରର ଅବକାଶ ମୂଳକ କାର୍ଯ୍ୟରେ ଆନନ୍ଦ ଅନୁଭବ କରିଥାନ୍ତି । ଯାହା ବି ହେଉ, ଏହା ଜଡ଼ିତ ରହିବାର ପରିମାଣ, ବ୍ୟକ୍ତିର ଅକ୍ଷମତାର ଗଭୀରତା, ତାଲିମ୍‌ର ପରିମାଣ, ସୁବିଧା ସୁଯୋଗ, ବ୍ୟକ୍ତିକୁ ମିଳୁଥିବା ଅନୁଭୂତି ଉପରେ ସର୍ବଦା ନିର୍ଭର କରିଥାଏ ।

ଅବକାଶ ମୂଳକ କାର୍ଯ୍ୟରେ ପରିସର ଅନ୍ୟମାନେ ଖେଳୁଥିବାର ଦେଖିବା, ନାଚ, ଗୀତ ପ୍ରଭୃତି ଠାରୁ ନିଜେ ଯୋଗଦାନ କରିବା ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ । ଏହା ମଧ୍ୟ ପତ୍ର ପତ୍ରିକା ପଢ଼ିବା, ଗପ ପଢ଼ିବା ଏବଂ ଗପସପ କରିବା ହୋଇପାରିଥାଏ । ଏହା ବୁଝିବା ଅତ୍ୟନ୍ତ ଆବଶ୍ୟକ ଯେ ଆମ୍ଭର ଶିକ୍ଷାନୁଭୂତିର ଫଳାଫଳ ଅନୁଯାୟୀ ଆମେ କିପରି ଖାଲି ସମୟଗୁଡ଼ିକୁ କଟାଇବାକୁ ଚାହୁଁଛୁ ତାହା ନିର୍ଭର କରିଥାଏ । ବହୁ ମାନସିକ ବିକଳାଙ୍ଗ ବ୍ୟକ୍ତି ଟି:ଭି:, ରେଡ଼ିଓ ପ୍ରଭୃତି ସହଜ ଭାବରେ ବ୍ୟବହାର କରିଥାନ୍ତି, ତେଣୁ ସେମାନେ ସେହି କାର୍ଯ୍ୟ ସହିତ ଜଡ଼ିତ ହୋଇଥାନ୍ତି ।

ମାନସିକ ବିକଳାଙ୍ଗବ୍ୟକ୍ତିମାନଙ୍କୁ ଯଦି ସଠିକ୍ ଅନୁଭୂତି ପ୍ରଦାନ କରାଯାଇପାରେ, ତେବେ ସେମାନେ ପହଁରିବା, ଘୋଡ଼ା ଚଢ଼ିବା, ବାଦ୍ୟଯନ୍ତ୍ର ପରିଚାଳନା କରିବା, ରଙ୍ଗ କରିବା, ଚିତ୍ର କରିବା, ବିଭିନ୍ନ ପ୍ରକାରର ଘର ଓ ବାହାରର ଖେଳ ଖେଳିପାରିବେ, ରାନ୍ଧିପାରିବେ ଏବଂ ବିଭିନ୍ନ ପ୍ରକାରର କାର୍ଯ୍ୟ ସହିତ ଜଡ଼ିତ ହୋଇପାରିବେ ।

**198. ଅବକାଶ ମୂଳକ କାର୍ଯ୍ୟଗୁଡ଼ିକୁ ଏପରି ଭାବରେ ଯୋଜନା କରିବା ଉଚିତ୍ କି, ଯାହାଫଳରେ ଶିକ୍ଷା ମଧ୍ୟ ହୋଇପାରି ବ ?**

ଅବକାଶ ଓ ଅବସର ବିନୋଦନ କାର୍ଯ୍ୟସବୁ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ନୂତନ ଭାଷା, ସାମାଜିକ କାର୍ଯ୍ୟ, ବୌଦ୍ଧିକ କାର୍ଯ୍ୟ ଏବଂ ଘରୋଇ କାର୍ଯ୍ୟଗୁଡ଼ିକୁ ଶିଖିବା ଓ ଅଭ୍ୟାସ କରାଇବା ନିମନ୍ତେ ଏକ ଉତ୍କୃଷ୍ଟ ଏବଂ ଫଳପ୍ରଦ ଉପାୟ ଅଟେ । ଯାହା ବି ହେଉ, ଏହା

ମନେରଖିବା ଆବଶ୍ୟକ ଯେ, ମାନସିକ ବିକଳାଙ୍ଗ ବ୍ୟକ୍ତିର ବର୍ତ୍ତମାନ ଅବସ୍ଥାର କାର୍ଯ୍ୟଦକ୍ଷତା ଓ ସଫଳତା ଉପରେ ସେମାନଙ୍କଠାରୁ ଆଶା କରାଯାଉଥିବା କାର୍ଯ୍ୟସବୁ ନିର୍ଭର କରିବା ଉଚିତ୍ । ଏହା ଭୂଲିଯିବା ଅନୁଚିତ୍ ଯେ, ଅବକାଶର ଅର୍ଥ ମୁକ୍ତ ସମୟ, ଯେଉଁଥିରେ ଶିଖିବାପାଇଁ କୌଣସି ଚାପ ପକାଯିବା ଉଚିତ୍ ନୁହେଁ, କେବଳ ନିଜର ପସନ୍ଦ ମୁତାବକ କାର୍ଯ୍ୟରେ ଯୋଗଦେବା ଉଚିତ୍ ।

**199. ମୁକ୍ତ ସମୟରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କେଉଁ ପ୍ରକାରର କୁ-କାର୍ଯ୍ୟରେ ଲିପ୍ତ ରହିପାରିଥାନ୍ତି ?**

ଉପଯୁକ୍ତ କାର୍ଯ୍ୟକୁଶଳତାର ଅଭାବ ହେତୁ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ବିଭିନ୍ନ ପ୍ରକାରର ସାମାଜିକ ସ୍ତରରେ ଅଗ୍ରହଣୀୟ ଓ ଅନୁପଯୁକ୍ତ କାର୍ଯ୍ୟମାନଙ୍କରେ ଲିପ୍ତ ରହିପାରିଥାନ୍ତି । ସାଧାରଣ ବ୍ୟବହାର ସମସ୍ୟା ମଧ୍ୟରେ, ଶରୀରକୁ ହଲାଇବା, ହାତ ହଲାଇବା, ଜିନିଷଗୁଡ଼ିକୁ ଗୁଡ଼ାଇବା, ଆତ୍ମଘାତୀ କାର୍ଯ୍ୟ ଯଥା : ନିଜକୁ କାମୁଡ଼ିବା, ସାମାଜିକ କାର୍ଯ୍ୟରୁ ଓହରିଯିବା, ଅନୁପଯୁକ୍ତ ଯୌନ ବ୍ୟବହାର ପ୍ରଦର୍ଶନ କରିବା ଇତ୍ୟାଦି ।

ପର୍ଯ୍ୟବେକ୍ଷଣ କରି ଦେଖାଯାଇଛି ଯେ, ଯଦି ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଉପଯୁକ୍ତ ଭାବରେ ଅବକାଶ ମୂଳକ କାର୍ଯ୍ୟଗୁଡ଼ିକୁ ଶିଖାଯାଇଥାଏ, ତେବେ ଅଶୋଭନୀୟ ବ୍ୟବହାରଗୁଡ଼ିକ କମିଯାଇଥାଏ ।

**200. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ବିଭିନ୍ନ କାର୍ଯ୍ୟରେ ଆନନ୍ଦ ଅନୁଭବ କରିବାକୁ, ଶିକ୍ଷା ଦେବାରେ ପିତାମାତାମାନଙ୍କର କୌଣସି ଭୂମିକା ରହିଅଛି କି ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଅବକାଶ ମୂଳକ କାର୍ଯ୍ୟର ବିକାଶ ଘଟିବା ଓ ତାହାକୁ ବଜାୟ ରଖିବାରେ ପିତାମାତା ଓ ପରିବାରମାନଙ୍କର ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଘର ଦୃଷ୍ଟିରୁ ଦେଖିବାକୁ ହେଲେ, ପିତାମାତା, ଭାଇଭଉଣୀ, ବୁଢ଼ାବାପା ଓ ମାଆମାନେ ପିଲାର ଅବକାଶ ସମୟରେ ଯୋଗଦାନ କରିବା ସ୍ୱାଭାବିକ କଥା । ପିତାମାତା, ଭାଇଭଉଣୀ ଏବଂ ପରିବାରର ଅନ୍ୟ ସଦସ୍ୟମାନେ ମାନସିକ ବିକଳାଙ୍ଗ ପିଲାମାନଙ୍କୁ ସେହି କାର୍ଯ୍ୟମାନଙ୍କରେ ନିୟୋଗ କରିପାରିବେ ଯେଉଁଥିରେ ସେମାନେ ଖୁସି ଏବଂ ଆନନ୍ଦ ପାଇପାରିଥାଆନ୍ତି ।

**201. ନିଜର ମାନସିକ ବିକଳାଙ୍ଗ ପିଲାମାନଙ୍କ ନିମନ୍ତେ, ଅବକାଶ ମୂଳକ କାର୍ଯ୍ୟ ଯୋଜନା କରୁଥିବା ସମୟରେ ପିତାମାତାମାନେ କେଉଁ କଥାଗୁଡ଼ିକୁ ବିଚାର କରିବା ଆବଶ୍ୟକ ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କେତେକ ପିତାମାତା ବିଶ୍ୱାସ କରିଥାନ୍ତି ଯେ, ସେମାନଙ୍କର ପୁଅ/ଝିଅ ଶାରିରୀକ ଓ ସାମାଜିକ ଆପଦରୁ ସୁରକ୍ଷା ଆବଶ୍ୟକ କରିଥାଆନ୍ତି । ସେମାନେ ପରିପକ୍ୱ ହୋଇପାରିନଥାନ୍ତି ଏବଂ ସେମାନଙ୍କୁ ପିତାମାତା ଭାବରେ ପିଲାର ବିକଳାଙ୍ଗତାକୁ ଗ୍ରହଣ କରିବାକୁ ପଡ଼ିଥାଏ ଓ ପିଲାମାନଙ୍କ ଠାରୁ ବହୁତ କମ୍ ଆଶା କରି ଥାଆନ୍ତି । ଏହି ପ୍ରକାର ବିଶ୍ୱାସର ଫଳ ସ୍ୱରୂପ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ନିଜକୁ କୌଣସି ଉପଯୁକ୍ତ ଏବଂ ସାମାଜିକ ସ୍ତରରେ ଗ୍ରହଣୀୟ, ଅବକାଶ ମୂଳକ କାର୍ଯ୍ୟରେ ନିୟୋଜିତ କରିବାରୁ ବଞ୍ଚିତ ହୋଇପାରିଥାନ୍ତି ।

ତେଣୁ ପିତାମାତାମାନେ ନିଜର ମନ ସ୍ଥିର ରଖିବା ନିତ୍ୟାନ୍ତ ଆବଶ୍ୟକ ଏବଂ ଯେତେଦୂର ସମ୍ଭବ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ସେମାନଙ୍କର ବିକାଶ ସମୟରେ ସ୍ୱାଭାବିକ ଅବକାଶ ମୂଳକ କାର୍ଯ୍ୟରେ ଯୋଗଦାନ ପାଇଁ ସୁବିଧା ସୁଯୋଗ ଦେବା ଉଚିତ୍ ।

**202. ପିତାମାତାମାନେ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ, ଅଣ-ବିକଳାଙ୍ଗ ବ୍ୟକ୍ତିମାନଙ୍କ ସହିତ ବନ୍ଧୁତା କରିବା ନିମନ୍ତେ ଉତ୍ସାହିତ କରିବା ଉଚିତ୍ କି ?**

ଯେଉଁଠାରେ ସମ୍ଭବ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଅଣ ବିକଳାଙ୍ଗ ବ୍ୟକ୍ତିମାନଙ୍କ ସହିତ ବନ୍ଧୁତା କରିବା ନିମନ୍ତେ ଉତ୍ସାହିତ କରିବା ଉଚିତ୍ । ଏହା ବ୍ୟକ୍ତିର ସଂପୂର୍ଣ୍ଣ ବ୍ୟକ୍ତିତ୍ୱର ବିକାଶ ନିମନ୍ତେ ସହାୟତା କରିବା ସହିତ, ସମାଜ ବା ଗୋଷ୍ଠୀରେ ସେମାନଙ୍କର ଗ୍ରହଣୀୟତାକୁ ବଢ଼ାଇବାରେ ସାହାଯ୍ୟ କରିଥାଏ ।

**203. ଜଣେ ମାନସିକ ବିକଳାଙ୍ଗ ପିଲାର ପିତାମାତା ଭାବରେ ସ୍କୁଲ ସମୟପରେ ଓ ଛୁଟି ସମୟରେ ଆମ୍ଭେମାନେ ପିଲାକୁ ଚଳାଇବାକୁ ବହୁତ ଅସୁବିଧା ଅନୁଭବ କରୁଅଛୁ । କଣ କରିହେବ ?**

ପିଲାଟିର ସଂପୃକ୍ତ ଶିକ୍ଷକଙ୍କ ସହିତ ପରାମର୍ଶ କରି, ଅବକାଶ ମୂଳକ କାର୍ଯ୍ୟଗୁଡ଼ିକୁ ଶିକ୍ଷା କାର୍ଯ୍ୟକ୍ରମ ମଧ୍ୟରେ ଭର୍ତ୍ତି କରିବାକୁ ଉପଦେଶ ଦିଆଯାଇଥାଏ । ଏହା ପିଲାକୁ ତାହାର ନିତିଦିନିଆ ସ୍କୁଲ କାର୍ଯ୍ୟକ୍ରମ ମଧ୍ୟରେ ଅବକାଶ ମୂଳକ କାର୍ଯ୍ୟଗୁଡ଼ିକୁ ଶିଖିବାପାଇଁ




ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରଦାନ କଲେ ବିଭିନ୍ନ ପ୍ରକାରର ଅବକାଶମୂଳକ କାର୍ଯ୍ୟ ସବୁ କରିପାରିବେ ।

ସାହାଯ୍ୟ କରିବ । ଏହା ମଧ୍ୟ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ସେମାନଙ୍କର ମୁକ୍ତ ସମୟଗୁଡ଼ିକୁ ଗଠନ ମୂଳକ ଭାବରେ ବ୍ୟବହାର କରିବାରେ ସାହାଯ୍ୟ କରିବ ।

### *204. ସ୍ୱତନ୍ତ୍ର ସ୍କୁଲମାନେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ କୌଣସି ଅବକାଶ ମୂଳକ କାର୍ଯ୍ୟର ଆୟୋଜନ କରିଥାନ୍ତି କି ?*

ଅବସର ମୂଳକ କାର୍ଯ୍ୟସବୁ ଅନେକ ସ୍ୱତନ୍ତ୍ର ସ୍କୁଲମାନଙ୍କର କାର୍ଯ୍ୟକ୍ରମ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥାଏ । ଦେଶର ଅଧିକାଂଶ ସ୍ୱତନ୍ତ୍ର ସ୍କୁଲ, ସ୍ୱତନ୍ତ୍ର ଅଲମ୍ପିକ ଖେଳରେ ଯୋଗ ଦେଇଥାନ୍ତି । ଏହା ସହିତ କେତେକ ସ୍ୱତନ୍ତ୍ର ସ୍କୁଲ ଗୀତ, ନାଚ, ଡ୍ରାମା ପ୍ରଭୃତି ଅବକାଶ ମୂଳକ କାର୍ଯ୍ୟକ୍ରମ ଗୁଡ଼ିକ କରିଥାନ୍ତି ।

### *205. ସ୍ୱତନ୍ତ୍ର ଅଲମ୍ପିକ୍ସ କଣ ?*

ସ୍ୱତନ୍ତ୍ର ଅଲମ୍ପିକ୍ସ ହେଉଛି ଏକ ଆନ୍ତର୍ଜାତିକ ସଂଗଠନ, ଯାହାକୁ ଶ୍ରୀମତୀ ଇଉନିସ୍ କେନେଡ଼ି ଶ୍ରିଭର ୧୨୬୮ ମସିହାରେ ଜୋସେଫ୍ ପି. କେନେଡ଼ି କନିଷ୍ଠ ସଂସ୍ଥା ଆନୁକୂଲ୍ୟରେ ପ୍ରତିଷ୍ଠା କରିଥିଲେ । ଏହି ସଂଗଠନର ମୁଖ୍ୟ କାର୍ଯ୍ୟ ହେଉଛି, ମାନସିକ ବିକଳାଙ୍ଗ ପିଲାମାନଙ୍କ ନିମନ୍ତେ ପ୍ରତି ଚାରିବର୍ଷରେ ଥରେ ଆନ୍ତର୍ଜାତିକ ସ୍ତରରେ ଖେଳ ଆୟୋଜନ କରିବା । ଭାରତରେ ମାନସିକ ବିକଳାଙ୍ଗ ଲୋକମାନଙ୍କ ନିମନ୍ତେ ଖେଳ, ଦୌଡ଼, କୁଦ କରାଇବାର ପ୍ରଶାସନିକ ଦାୟିତ୍ୱ, ଭାରତୀୟ ସ୍ୱତନ୍ତ୍ର ଅଲମ୍ପିକ୍ସ ସଂଗଠନ ତୁଲାଉଛନ୍ତି ଯାହାର ମୁଖ୍ୟ ଅଫିସ୍ ବାଙ୍ଗାଲୋର ଠାରେ ଅବସ୍ଥିତ ।

### *206. ସ୍ୱତନ୍ତ୍ର ଅଲମ୍ପିକ୍ସ ର ଲକ୍ଷ୍ୟ କଣ ?*

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଅଲମ୍ପିକ୍ସ, ଏହି ବ୍ୟକ୍ତିମାନଙ୍କୁ ଏକ ଯାଗାରେ ଏକାଠି ହେବାକୁ, ପରସ୍ପର ମଧ୍ୟରେ ବାର୍ତ୍ତାଳାପ କରିବାକୁ ଏବଂ ନିଜର ଦକ୍ଷତା ପରୀକ୍ଷା କରିବା, ପରସ୍ପର ସହିତ ପ୍ରତିଯୋଗିତା କରିବା ନିମନ୍ତେ ସୁବିଧା ସୁଯୋଗ ଯୋଗାଇ ଦେଇଥାଏ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ପ୍ରତିଯୋଗିତାର ମୂଲ୍ୟ ବୁଝିବା ଏବଂ ଜିତିବାର ଆନନ୍ଦକୁ ଉପଭୋଗ କରିବାର ସୁଯୋଗ ପାଇବା ନିମନ୍ତେ ସ୍ୱତନ୍ତ୍ର ଅଲମ୍ପିକ୍ସ୍ର ସୃଷ୍ଟି ହୋଇଥିଲା । ଏହା ମଧ୍ୟ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଦଳ ଗୁଡ଼ିକୁ ସାମାଜିକ ଓ ପ୍ରତିଯୋଗିତା ମୂଳକ ପରିସ୍ଥିତିରେ ଏକତ୍ରିତ ହେବାକୁ ସୁଯୋଗ ପ୍ରଦାନ କରିଥାଏ ।

**207. ସ୍ୱତନ୍ତ୍ର ଅଲମ୍ପିକ୍ସ୍‌ରେ କେଉଁମାନେ ଭାଗ ନେଇପାରିବେ ?**

ବର୍ତ୍ତମାନ ସ୍ୱତନ୍ତ୍ର ଅଲମ୍ପିକ୍ସ୍‌ରେ ଆନୁଷ୍ଠାନିକ ଭାବେ 1ଟି ଓ ଟି ପ୍ରଦର୍ଶନ ମୂଳକ ଖେଳର ଆୟୋଜନ ହେଉଅଛି । ମାନସିକ ବିକଳାଙ୍ଗ ଖେଳାଳୀ ନିମ୍ନଲିଖିତମାନ ଗୁଡ଼ିକୁ ପୂରଣ କରିପାରୁଥିଲେ, ଯେ କୌଣସି ଖେଳରେ ଭାଗ ନେଇପାରିବେ ।

- କୌଣସି ଏକ ଖେଳର ନିୟମ କାନୁନ୍‌ଗୁଡ଼ିକୁ ମାନିବା ।
- କୌଣସି ଏକ ଖେଳରେ ଆବଶ୍ୟକ ହେଉଥିବା ଗତି ବା ଚଳନଶୀଳତାକୁ ପ୍ରଦର୍ଶନ କରିବା ।
- ଅନ୍ୟ ଏକ ଖେଳାଳୀ ସହିତ ପ୍ରତିଯୋଗୀତା କରିବାର ସଚେତନତା ମାନସିକ ସ୍ତରରେ ପ୍ରଦର୍ଶନ କରିବା ।

ଯାହାବି ହେଉ, ଯେଉଁ ବ୍ୟକ୍ତିମାନଙ୍କର ଅତ୍ୟଧିକ ଅକ୍ଷମତା ରହିଥାଏ ଏବଂ ଯେଉଁମାନେ ଆନୁଷ୍ଠାନିକ ସ୍ୱତନ୍ତ୍ର ଅଲମ୍ପିକ୍ସରେ ଯୋଗ ଦେଇପାରନ୍ତି ନାହିଁ, ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଅଲମ୍ପିକ୍ସର ମାଂସପେଶୀ ସଂପୃକ୍ତ ତାଲିମ କାର୍ଯ୍ୟ ରହିଅଛି । ଅଧିକ ଜାଣିବା ନିମନ୍ତେ ନିକଟରେ ଥିବା ନିଜ ଅଞ୍ଚଳର ସ୍ୱତନ୍ତ୍ର ଅଲମ୍ପିକ୍ସ୍ କାର୍ଯ୍ୟାଳୟରେ ପରାମର୍ଶ କରନ୍ତୁ ।

***208. ମୋର 18 ବର୍ଷର ମାନସିକ ବିକଳାଙ୍ଗ ପିଲାଟି ବି.ବି. ସିନେମା ଦେଖିବାକୁ ବହୁତ ଆଗ୍ରହୀ । କାର୍ଯ୍ୟବ୍ୟସ୍ତ ରଖିବା ନିମନ୍ତେ ଆମ୍ଭେମାନେ ନିୟମିତଭାବରେ ଭିଡ଼ିଓ କ୍ୟାସେଟ୍ ଆଣି ତାକୁ ଦେଖିବାକୁ ଦେଉଅଛୁ । ମୁଁ ଠିକ୍ କାମ କରୁଅଛି କି ?***

ଅତି ଲେମ୍ବୁ ଚିପୁଡ଼ିଲେ ପିତା । ଏପରି ହେବାର ବହୁ ସମ୍ଭାବନା ରହିଅଛି ଯେ, ଆପଣଙ୍କର ପୁଅ ହୁଏତ ଅବାଞ୍ଛିତ ବ୍ୟବହାର ଗୁଡ଼ିକୁ ଦେଖାଇପାରେ, ଯାହାକୁ ସେ ଭିଡ଼ିଓରୁ ଦେଖି ଶିଖିଥାଏ ଏବଂ ସେଗୁଡ଼ିକୁ ନିୟନ୍ତ୍ରଣ କରିବା ବହୁତ କଷ୍ଟସାଧ୍ୟ ହୋଇଥାଏ । ଏହା ସହିତ ପିଲାର ଦୃଷ୍ଟିଶକ୍ତି ଖରାପ ହୋଇପାରେ । ବରଂ ଆପଣଙ୍କର ପିଲାକୁ ବିଭିନ୍ନ ଧରଣର ଅବକାଶ ମୂଳକ କାର୍ଯ୍ୟରେ ଜଡ଼ିତ କରାଇବା ଆରମ୍ଭ କରନ୍ତୁ । କୌଣସି ଏକ ତାଲିମ ପ୍ରାପ୍ତ ଶିକ୍ଷକ ଏ ବିଷୟରେ ଆପଣଙ୍କୁ ସାହାଯ୍ୟ କରିପାରିବେ ।

**209. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ ଅବକାଶ ମୂଳକ କାର୍ଯ୍ୟରେ, ଅଣ-ବିକଳାଙ୍ଗ ବ୍ୟକ୍ତିମାନଙ୍କଠାରୁ ଅଧିକ ସହାୟତା ଆବଶ୍ୟକ କରିଥାନ୍ତି ?**

କେତେକ ମାନସିକ ବିକଳାଙ୍ଗବ୍ୟକ୍ତିମାନଙ୍କର ମାଂସପେଶୀ, ସ୍ନାୟୁ ଏବଂ ଇନ୍ଦ୍ରିୟମାନଙ୍କର ଦୁର୍ବଳତା ହେତୁ, ସେମାନଙ୍କର ଅଣ-ବିକଳାଙ୍ଗ ସାଙ୍ଗସାଥିମାନଙ୍କ ଅପେକ୍ଷା ଅଧିକ ସହାୟତା ଆବଶ୍ୟକ କରିଥାନ୍ତି । କିନ୍ତୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ପ୍ରୟୋଜନ ମୁତାବକ ଉପକରଣଗୁଡ଼ିକୁ ବ୍ୟବହାର କରୁଥିବା ସମୟରେ ସେମାନଙ୍କୁ ସମୁଦାୟ ଗୋଷ୍ଠୀ ମଧ୍ୟରେ ପାରସ୍ପରିକ ସଂପର୍କରୁ ଅଲଗା ରଖିବା ଉଚିତ୍ ନୁହେଁ ।

**210. ଗୋଟିଏ ଦିନରେ ମାନସିକ ବିକଳାଙ୍ଗ ବ୍ୟକ୍ତିର ଅବକାଶ ମୂଳକ କାର୍ଯ୍ୟ ନିମନ୍ତେ କେତେ ସମୟ ଦେବା ଉଚିତ୍ ?**

''ଖେଳ ବିନା କେବଳ କାମ, ରୋହିତ୍‌କୁ ଅଳସୁଆ କରିଦେଇଥାଏ,'' ଏହା ମଧ୍ୟ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କ କ୍ଷେତ୍ରରେ ସତ୍ୟ ଅଟେ । ଯଦିଓ ଅବକାଶ ମୂଳକ କାର୍ଯ୍ୟ ନିମନ୍ତେ କେତେ ସମୟ ଦିଆଯିବ ଏହା ନିର୍ଦ୍ଦିଷ୍ଟ କରାଯାଇନାହିଁ, ତଥାପି ଦିନର କେତେକ ସମୟ ଏହି ଅବକାଶ କାର୍ଯ୍ୟ ନିମନ୍ତେ ଦେବା ଉଚିତ୍ । ଏହା ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ଅବକାଶ କାର୍ଯ୍ୟର ଆବଶ୍ୟକତା ଓ ଏହାର ବ୍ୟବହାର ବିଷୟରେ ବୁଝାଇବାରେ ସାହାଯ୍ୟ କରିବ ।

**211. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ଅବକାଶ ମୂଳକ କାର୍ଯ୍ୟ କରୁଥିବା କୌଣସି ଅନୁଷ୍ଠାନ ରହିଅଛି କି ?**

କେବଳ ଅବକାଶ ମୂଳକ କାର୍ଯ୍ୟ କରୁଥିବା କୌଣସି ସ୍ୱତନ୍ତ୍ର ଅନୁଷ୍ଠାନ ନାହିଁ । ଯାହା ବି ହେଉ, ଅନେକ ଅଭିଭାବକ ସଂଘ, ବେ-ସରକାରୀ ସଂସ୍ଥା ଏବଂ ସରକାରୀ ସଂସ୍ଥାମାନେ ଛୁଟିଦିନମାନଙ୍କରେ ବିଭିନ୍ନ ପ୍ରକାରର ଅବକାଶ ମୂଳକ କାର୍ଯ୍ୟର ଆୟୋଜନ କରିଥାନ୍ତି । ସେମାନେ ସାଧାରଣତଃ ଚିତ୍ର କରିବା, ଗୀତ ଗାଇବା, ନାଚ କରିବା, ଗାଡ଼ିରେ ବୁଲିବା ଏବଂ ଗ୍ରୀଷ୍ମ ଶିବିର ଇତ୍ୟାଦିର ଆୟୋଜନ କରିଥାନ୍ତି । ଏହା କେବଳ ମାନସିକ ବିକଳାଙ୍ଗ ପିଲାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥାଏ ଅଥବା ସେମାନଙ୍କର ସାଧାରଣ ସାଙ୍ଗସାଥି ଓ ଭାଇଭଉଣୀମାନଙ୍କ ସହିତ କରାଯାଇଥାଏ । ଯାହା ବି ହେଉ, ଏପରି କାର୍ଯ୍ୟଗୁଡ଼ିକୁ ଯେତେଦୂର ସମ୍ଭବ, ଉତ୍ସାହିତ କରିବା ଉଚିତ୍ ।

## ସୂଚନା

10

# ନିଯୁକ୍ତି

ଆମ ଭଳିଆ ଦେଶରେ, ଯେଉଁଠି ଆମ୍ଭମାନଙ୍କର ନିର୍ଭର କଲାଭଳି କୌଣସି ସାମାଜିକ ସୁରକ୍ଷା ବ୍ୟବସ୍ଥା ନାହିଁ, ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜର ଅକ୍ଷମତା ସତ୍ତ୍ୱେ ନିଜକୁ ସୁରକ୍ଷିତ ରଖିବା ଶିଖିବାକୁ ହେବ । ପିଲାଟି ଅନ୍ୟ ଉପରେ ନିର୍ଭରଶୀଳ ହୋଇ ପଡ଼ିବାର ଦେଖିଲେ ପିତାମାତାମାନେ ପିଲାର ଭବିଷ୍ୟତ ଓ ନିଯୁକ୍ତି ବିଷୟରେ ଚିନ୍ତିତ ହୋଇଥାନ୍ତି । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ତାଲିମ ସୁବିଧାର ଉନ୍ନତି ହେବା ସହିତ ସେମାନଙ୍କର କାର୍ଯ୍ୟ ଦକ୍ଷତା ବିଷୟରେ ସଚେତନତା ବୃଦ୍ଧି ପାଇବା, ସଂପ୍ରଦାୟରେ ସେମାନଙ୍କର ସ୍ୱୀକୃତି ଯୋଗୁଁ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କାମ କରି ରୋଜଗାର କରିବା, ଅଧିକରୁ ଅଧିକ ସମ୍ଭବ ହୋଇପାରୁଛି । ଯଦିଓ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କର୍ମଭିତ୍ତିକ ପୁନର୍ବାସ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ପୂରଣ ହୋଇପାରିନଥିବା ବହୁ ଅସୁବିଧା ସବୁ ରହିଅଛି, ଏହି ଦିଗରେ ପ୍ରଚେଷ୍ଟା ଚାଲୁ ରହିବା ଉଚିତ୍ । ଜୀବନ ଧାରଣ ନିମନ୍ତେ ରୋଜଗାର କରିବା ବ୍ୟତୀତ ଚାକିରୀ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଅନ୍ୟମାନଙ୍କ ସହିତ ସମାଜରେ ମିଳାମିଶା କରିବାକୁ ସୁଯୋଗ ଦେଇଥାଏ । ଏହା ମଧ୍ୟ ଆତ୍ମ ମୂଲ୍ୟବୋଧ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ଏବଂ ସମାଜରେ ହିତକାର୍ଯ୍ୟରେ ଭାଗୀ ହେବାର ସୁଯୋଗ ଦେଇଥାଏ । ଏହି ବିଭାଗରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କର୍ମଭିତ୍ତିକ ତାଲିମ କାମ ଏବଂ ଚାକିରୀ ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକର ଉତ୍ତର ଦିଆଯାଇଛି ।



ମୁଁ ଆଜି କାମକୁ ଯିବିନାହିଁ ।
କିନ୍ତୁ ମୁଁ ଭାବୁଥିଲି ତୁ ତ ଖୁସିରେ ଯାଇ ପ୍ୟାକିଂ କାମ ସବୁ କରୁଥିଲୁ ।
ସେମାନେ ମତେ ପଇସା ଦେଉ ନାହାଁନ୍ତି । ମୁଁ କିଛି କିଣି ପାରୁନାହିଁ । ମୋତେ ସେହି କାମ କରିବାକୁ ବିରକ୍ତ ଲାଗୁଛି ।
କିନ୍ତୁ, ତୁ ଆମ ଠାରୁ ପଇସା ନେଇଯାଇ ପାରିବୁ ।
ମୁଁ ନିଜେ ପଇସା ରୋଜଗାର କରିବାକୁ ଚାହୁଁଛି, ଯାହା ଫଳରେ ମୁଁ ତୁମପାଇଁ ଖଣ୍ଡେ ଶାଢ଼ୀ କିଣି ପାରିବି ।
ତୁମେ ଯାହା କହିଲ ମୁଁ ବୁଝୁଛି । ମୁଁ ଦେଖିବି କ'ଣ କରାଯାଇ ପାରିବ । ମୁଁ ରମେଶର ଶିକ୍ଷକଙ୍କ ସହିତ ଆଲୋଚନା କରିବି ।
ମୋ ମତରେ ରମେଶକୁ ତା'ର ମାଲିକ କାମ ଅନୁସାରେ ପଇସା ଦେବାକୁ ଅନୁରୋଧ କରିବା ।

**212. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କାମ କରିବାର ଆବଶ୍ୟକତା ରହିଅଛି କି ?**

ସମାଜରେ ଜଣେ ବ୍ୟକ୍ତିର ମୂଲ୍ୟ, ବେଳେବେଳେ ସମାଜ ପ୍ରତି ତାହାର ଅବଦାନ ଅନୁସାରେ ବିଚାର କରାଯାଇଥାଏ । କାର୍ଯ୍ୟ, ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ଗୋଷ୍ଠୀ ପ୍ରତି ଅବଦାନ ଦେବାରେ ଓ ଜଣେ ମୂଲ୍ୟବାନ ବ୍ୟକ୍ତି ଭାବରେ ଗୃହୀତ ହେବାକୁ ସୁଯୋଗ ଦେଇଥାଏ । କାର୍ଯ୍ୟ କରିବା ଦ୍ୱାରା କେଳବ ଜଣେ ନିଜର ଦକ୍ଷତା ଏବଂ ସଂପର୍କ ବଢ଼ାଇଥାଏ ତାହା ନୁହେଁ, ବରଂ ଅଧିକତଃ ନିଜର ଆତ୍ମ ସମ୍ମାନ ବଢ଼ାଇ ବ୍ୟକ୍ତିଗତ ଶାନ୍ତି ଲାଭ କରିପାରିଥାଏ । ପିତାମାତା, ସହକର୍ମୀ ଏବଂ ସାଧାରଣ ଲୋକମାନେ ମହତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ସଂପୂର୍ଣ୍ଣ ହେବାର ଦେଖିବା ଫଳରେ, ବ୍ୟକ୍ତିର ସମ୍ମାନ ଓ ମର୍ଯ୍ୟଦା ବୃଦ୍ଧି ପାଇଥାଏ । ତେଣୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କାର୍ଯ୍ୟକରିବା ନିତ୍ୟାନ୍ତ ଆବଶ୍ୟକ । କାର୍ଯ୍ୟ ସବୁ ଚାକିରୀ ସହିତ ଓ ଚାକିରୀ ରୋଜଗାର ସହିତ ସଂପୃକ୍ତ ଯାହାକି ଜୀବନ ଧାରଣ ନିମନ୍ତେ ବହୁତ ଆବଶ୍ୟକ ।

**213. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ କାମ କରିପାରିବେ କି ?**

ବୟସ୍କ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଅର୍ଥପୂର୍ଣ୍ଣ କାର୍ଯ୍ୟ କରିବାର କ୍ଷମତା ରହିଥାଏ । ମାନସିକ ବିକଳାଙ୍ଗତାର ଅର୍ଥ ନୁହେଁ ଯେ, ସେହି ବ୍ୟକ୍ତିମାନେ ଶିଖିବାରେ ଏବଂ କାର୍ଯ୍ୟ କରିପାରିବାରେ ଅକ୍ଷମ ଅଟନ୍ତି । ପ୍ରକୃତରେ , ଉପଯୁକ୍ତ ଶିକ୍ଷବିଜ୍ଞାନଭିତ୍ତିକ ତାଲିମ ପ୍ରଦାନ କରାଗଲେ, ଏପରିକି ତୀବ୍ର ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ମଧ୍ୟ ଶିଖିକରି ଜିନିଷ ପ୍ରସ୍ତୁତ କରିପାରିବେ, ଯାହା ଫଳରେ ସେମାନେ ରୋଜଗାର କରିପାରିବେ ଓ ନିଯୁକ୍ତି ମଧ୍ୟ ପାଇପାରିବେ ।

**214. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ କାର୍ଯ୍ୟ କରି ପେଟ ପୋଷିବା ନିମନ୍ତେ ରୋଜଗାର କରିପାରିବେ ?**

ବୟସ୍କ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କାର୍ଯ୍ୟ ଦକ୍ଷତାକୁ ସର୍ବଦା ହେୟଜ୍ଞାନ କରାଯାଇଥାଏ । ଏହି ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତିର ଏକ କାରଣ ହେଉଛି ଯେ ହୁଏତ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ତାଲିମ ନେଉଥିବା କେତେକ କର୍ମଭିତ୍ତିକ ଯୋଜନା କେନ୍ଦ୍ରରେ ଅପାରଗତା ବୃଦ୍ଧି ପାଇଥାଏ କିମ୍ବା ଦୁର୍ବଳ କାର୍ଯ୍ୟ କ୍ଷମତା ପ୍ରଦର୍ଶନ କରାଯାଇଥାଏ । ପର୍ଯ୍ୟାପ୍ତ

ପରିମାଣର ଯୋଜନା ଏବଂ କର୍ମଭିତ୍ତିକ ତାଲିମ୍‌ର ଅଭାବ ହେତୁ ଏପରି ଫଳ ମିଳିପାରିଥାଏ ।

ଏହାର ଫଳ ସ୍ୱରୂପ ବୟସ୍କ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଚାକିରୀ କରୁଥିଲେ ମଧ୍ୟ ଅଧିକ ଦରମା ପାଇନଥାନ୍ତି । ବୟସ୍କ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଶିଖିକରି କାର୍ଯ୍ୟ କରିବାର କ୍ଷମତା ଏବଂ ବଞ୍ଚିବା ନିମନ୍ତେ ରୋଜଗାର କରିବାର ଶକ୍ତିକୁ ପ୍ରଦର୍ଶନ କରିପାରିଛନ୍ତି । ପିତାମାତା କୌଣସି କର୍ମଭିତ୍ତିକ ପୁନବାସକାରୀ ଉପଦେଶତାଙ୍କୁ କିମ୍ବା ନିଯୁକ୍ତି ସଂପୃକ୍ତ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଆବଶ୍ୟକ, ଯେଉଁମାନେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କାର୍ଯ୍ୟ କ୍ଷମତାକୁ ଏକ ଲାଭପ୍ରଦ ଦୀର୍ଘ କାଳୀନ ରୋଜଗାର ରୂପରେ ବଦଳାଇ ଦେଇପାରିବେ ।

***215. ଏପରି ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଅଛନ୍ତି କି, ଯେଉଁମାନଙ୍କ ପାଇଁ କର୍ମଭିତ୍ତିକ ତାଲିମ ପ୍ରଯୁଜ୍ୟ ନୁହେଁ ?***

ନୀତିଗତ ଭାବରେ ସମସ୍ତ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ନିଯୁକ୍ତି ସଂପର୍କୀୟ ତାଲିମ୍ ଦେବା ଉଚିତ୍ । କେତେକ ସ୍ୱାସ୍ଥ୍ୟଗତ ଓ ତତ୍‌ସଂପୃକ୍ତ ଅବସ୍ଥା ସବୁ ରହିଅଛି ଯଥା : ଅପସ୍ମାର ବାତ, ସଂପୃକ୍ତ ଦୃଷ୍ଟିଶକ୍ତି ଏବଂ ଶ୍ରବଣ ଶକ୍ତିର ଦୁର୍ବଳତା ଇତ୍ୟାଦି, ଯାହାକି ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ କୌଣସି ଏକ ଚାକିରୀ ସଂପୃକ୍ତ ତାଲିମ ନେବାରୁ ବଞ୍ଚିତ କରିଥାଏ । ଜଣେ କର୍ମଭିତ୍ତିକ ପୁନର୍ବାସକାରୀ ଉପଦେଶଦାତା ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କାର୍ଯ୍ୟ ଓ ଯୋଗ୍ୟତା ସ୍ଥିର କରିବା ଦିଗରେ, ପିତାମାତାମାନଙ୍କୁ ଉପଦେଶ ଦେଇପାରିବେ ।

***216. ପିତାମାତାମାନେ କେଉଁ ସମୟରେ ସେମାନଙ୍କର ମାନସିକ ବିକଳାଙ୍ଗ ପିଲାମାନଙ୍କ ନିମନ୍ତେ କର୍ମଭିତ୍ତିକ ଯୋଜନା କରିବା ଉଚିତ୍ ?***

ପିଲାଟି 16 ବର୍ଷ ବୟସର ହୋଇଗଲେ, ପ୍ରକୃତ କର୍ମଭିତ୍ତିକ ଯୋଜନା କରାଯାଇଥାଏ । ଯାହା ବି ହେଉ, ପିତାମାତାମାନେ ପିଲାମାନଙ୍କୁ ଛୋଟ ବୟସରୁ ଘରୋଇ କାମଗୁଡ଼ିକ କରିବା ନିମନ୍ତେ ସୁଯୋଗ ଦେବା ଉଚିତ୍ । ଏହା ପିତାମାତାମାନଙ୍କୁ ପିଲାର ଉଭୟ ଶକ୍ତି ଏବଂ ଦୁର୍ବଳତା ବିଷୟରେ ଜାଣିବାକୁ ସାହାଯ୍ୟ କରିବ ଏବଂ କର୍ମଭିତ୍ତିକ ଯୋଜନା

କରିବାରେ ସାହାଯ୍ୟ କରିବ । କର୍ମଭିତ୍ତିକ ପୁନର୍ବାସକାରୀ ଉପଦେଶଦାତାମାନେ ପିତାମାତାଙ୍କୁ ସେମାନଙ୍କର ପିଲାର କର୍ମଭିତ୍ତିକ ଯୋଜନା କରିବାରେ ସାହାଯ୍ୟ କରିପାରିବେ ।

***217. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ କର୍ମଭିତ୍ତିକ ଯୋଜନା କରିବା ସମୟରେ କେଉଁ ଉପାଦେୟ କାରଣଗୁଡ଼ିକୁ ବିଚାର କରିବା ଉଚିତ୍ ?***

କର୍ମଭିତ୍ତିକ ତାଲିମ୍ କାର୍ଯ୍ୟକ୍ରମ ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ନିଯୁକ୍ତି ଦିଗରେ ପ୍ରସ୍ତୁତ କରିପାରିଥାଏ ବା କୌଣସି ଏକ ଚାକିରୀ ନିମନ୍ତେ ଏକ ତାଲିମ ପ୍ରସ୍ତୁତ କରାଯାଇଥାଏ କିମ୍ବା କ୍ରମଶଃ କେତେଗୁଡ଼ିଏ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟର ଅନୁଭୂତି ପ୍ରଦାନ କରି ବ୍ୟକ୍ତିକୁ ପରେ କୌଣସି କାର୍ଯ୍ୟରେ ଅବସ୍ଥାନ କରାଯାଇଥାଏ । ଏଥିପାଇଁ ବୟସ ହେଉଛି ଏକ ମୁଖ୍ୟ ବିଷୟ । ଏହା ସହିତ, ନିମ୍ନଲିଖିତ କାରଣଗୁଡ଼ିକୁ ବିଚାର କରିବା ଆବଶ୍ୟକ :–

- ବ୍ୟକ୍ତି ଜଣଙ୍କର ଶାରିରୀକ କ୍ଷମତା
- ବ୍ୟକ୍ତି ଜଣଙ୍କର ଇନ୍ଦ୍ରିୟମାନଙ୍କର କାର୍ଯ ଦକ୍ଷତା
- ପୂର୍ବ କାର୍ଯ୍ୟର ଇତିହାସ
- ଯୋଗ୍ୟତା ଏବଂ ଆଗ୍ରହ
- ପାରିବାରିକ ପୃଷ୍ଠଭୂମି

***218. କର୍ମଭିତ୍ତିକ ପୁନର୍ବାସ କ୍ଷେତ୍ରରେ ସ୍ୱତନ୍ତ୍ର ସ୍କୁଲଗୁଡ଼ିକର ଭୂମିକା କଣ ?***

ମାନସିକ ବିକଳାଙ୍ଗ ପିଲାମାନେ ବିଭିନ୍ନ ପ୍ରକାରର ସାମର୍ଥ୍ୟ ଏବଂ ଆବଶ୍ୟକତା ସହ ସ୍ୱତନ୍ତ୍ର ସ୍କୁଲ୍ ମାନଙ୍କରେ ପ୍ରବେଶ କରିଥାନ୍ତି । ସ୍କୁଲ୍ କାର୍ଯ୍ୟକ୍ରମ ମାଧ୍ୟମରେ, ଶିକ୍ଷକମାନେ ଉପସ୍ଥିତ କାର୍ଯ୍ୟକ୍ଷମତା ଗୁଡ଼ିକୁ ବଢ଼ାଇଥାନ୍ତି ଏବଂ ଜଣେ ବୟସ୍କ ବ୍ୟକ୍ତି ଭଳି ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ଲକ୍ଷ୍ୟକୁ ପୂରଣ କରିବା ନିମନ୍ତେ ତାଲିମ୍ ଦେଇଥାନ୍ତି । ବିଦ୍ୟାଳୟଗୁଡ଼ିକ ପ୍ରାକ୍ କର୍ମଭିତ୍ତିକ ତାଲିମ୍ ପ୍ରଦାନ କରିଥାନ୍ତି ଏବଂ ପିଲାକୁ କର୍ମଭିତ୍ତିକ ତାଲିମ୍ ନିମନ୍ତେ ପ୍ରସ୍ତୁତ କରିଥାନ୍ତି । ବ୍ୟକ୍ତିର ପ୍ରାକ୍ କର୍ମଭିତ୍ତିକ ଅବସ୍ଥାରୁ କର୍ମଭିତ୍ତିକ ଅବସ୍ଥାକୁ ପରିବର୍ତ୍ତନ

କରାଇବାରେ ସ୍କୁଲମାନଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି ।

***219. ଏପରି କୌଣସି ଦକ୍ଷତାର ଆବଶ୍ୟକତା ରହିଅଛି କି, ଯେଉଁଥିରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କାର୍ଯ୍ୟ କରିବା ପୂର୍ବରୁ ସେଥିରେ ସିଦ୍ଧହସ୍ତ ହେବା ଉଚିତ୍ ?***

ପ୍ରାକ୍ ଦକ୍ଷତା ଯଥା ସମୟ ପରିଚାଳନା ଏବଂ ସମୟାନୁବର୍ତ୍ତିତା, ନିର୍ଦ୍ଦେଶକୁ ଅନୁସରଣ କରିବାର ଦକ୍ଷତା, କର୍ମକ୍ଷେତ୍ରରେ ଉପଯୁକ୍ତ ସ୍ୱାସ୍ଥ୍ୟରକ୍ଷା କରିପାରିବା, ସହକର୍ମୀମାନଙ୍କ ସହିତ ମିଶିପାରିବା ପ୍ରଭୃତି କେତେକ ସ୍ୱତନ୍ତ୍ର ଦକ୍ଷତା ବା କର୍ମ ସଂପୃକ୍ତ ବ୍ୟବହାର ଅଟେ ଯେଉଁଥରେ ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି କର୍ମ କ୍ଷେତ୍ରରେ ଯୋଗ ଦେବା ପୂର୍ବରୁ ସିଦ୍ଧହସ୍ତ ହେବା ଉଚିତ୍ । ଯାହା ବି ହେଉ ଏହା ନିତ୍ୟାନ୍ତ ଜରୁରୀ ନୁହେଁ । ଏପରି ଅନୁମେୟ ଦୁର୍ବଳତାର ବୈକଳ୍ପିକ ସମାଧାନ ସୃଷ୍ଟି ନିମନ୍ତେ, ବିଭିନ୍ନ ପ୍ରକାରର ସୃଜନକ୍ଷମ ଉପାୟମାନ ରହିଅଛି । ଏହି ଦୁର୍ବଳତାଗୁଡ଼ିକ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ କର୍ମ ଦୁନିଆର ଅନୁଭୂତି ଶୀଘ୍ର ଲାଭ କରିବାରେ କୌଣସି ବାଧା ସୃଷ୍ଟି କରିବା ଉଚିତ୍ ନୁହେଁ । କର୍ମଭିତ୍ତିକ ପୁନର୍ବାସକାରୀ କର୍ମୀମାନଙ୍କୁ କର୍ମ ସଂପୃକ୍ତ ଦକ୍ଷତାର ତାଲିମ୍ ନିମନ୍ତେ ପରାମର୍ଶ କରିବା ଆବଶ୍ୟକ ।

***220. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କାର୍ଯ୍ୟକ୍ଷେତ୍ରରେ ଯୋଗ ଦେବା ପୂର୍ବରୁ କୌଣସି ପ୍ରାକ୍ ତାଲିମ୍ ଆବଶ୍ୟକ କରିଥାନ୍ତି କି, ଏପରି ତାଲିମ୍ ସବୁ ସେମାନେ କେଉଁଠାରେ ପାଇପାରିବେ ?***

କାର୍ଯ୍ୟ ସଂପୃକ୍ତ ବ୍ୟବହାର ଏବଂ ଚାକିରୀ ସଂପୃକ୍ତ ଦକ୍ଷତା ବିଷୟରେ ପ୍ରାକ୍ ତାଲିମ୍, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ବହୁତ ଶୀଘ୍ର କାର୍ଯ୍ୟ ଶିଖିବାରେ ଏବଂ ଚାକିରୀକୁ ଧରି ରଖିବାରେ ସାହାଯ୍ୟ କରିଥାଏ । ଯାହା ବି ହେଉ, ଯଦି ବ୍ୟକ୍ତି ଜଣଙ୍କ ପୂର୍ବରୁ କୌଣସି ତାଲିମ୍ ନେଇ ନଥାନ୍ତି, ତଥାପି ସେ କାର୍ଯ୍ୟରେ ଭର୍ତ୍ତି ହେବା ନିମନ୍ତେ ତାଲିମ ନେଇପାରିବେ । ଚାକିରୀ ସମ୍ବନ୍ଧୀୟ ତାଲିମ ସବୁ ଯୋଗାଇଦେବା ଆବଶ୍ୟକ, ଯାହା କି ସଫଳତା ଲାଭ ନିମନ୍ତେ ଅତ୍ୟନ୍ତ ଜରୁରୀ ଅଟେ ।

ଏପରି ତାଲିମ୍ ସବୁ ସ୍ୱତନ୍ତ୍ର ସ୍କୁଲମାନଙ୍କରେ ଥିବା ପ୍ରାକ୍-କର୍ମଭିତ୍ତିକ ବିଭାଗରେ, ଏବଂ ସରକାରୀ ଓ ବେ-ସରକାରୀ ସଂସ୍ଥାମାନଙ୍କ ଦ୍ୱାରା ପରିଚାଳିତ କର୍ମଭିତ୍ତିକ ତାଲିମ

କେନ୍ଦ୍ରମାନଙ୍କରେ ମିଳିପାରିବ ।

***221. ଯେତେବେଳେ ଜଣେ ଅକ୍ଷମ ବ୍ୟକ୍ତି କର୍ମଭିତ୍ତିକ ତାଲିମ କେନ୍ଦ୍ରକୁ କାମ କରିବାକୁ ଯାଇଥାନ୍ତି, ସେମାନଙ୍କୁ ସେଥିପାଇଁ ଯାତାୟତ କରିବାକୁ ପଡ଼ିଥାଏ । ପରିବହନ ବ୍ୟବସ୍ଥା କିପରି ଆୟୋଜନ କରାଯାଇ ପାରିବ ?***

ଯେଉଁ କର୍ମଭିତ୍ତିକ ତାଲିମ୍ କେନ୍ଦ୍ର ସବୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ସେବା କରୁଛନ୍ତି, ସେମାନଙ୍କର ଛାତ୍ର ବା କର୍ମଚାରୀମାନଙ୍କ ଯାତାୟତ ନିମନ୍ତେ ଗାଡ଼ି ରଖି ପାରିଥାନ୍ତି । ପିତାମାତାମାନେ ଉକ୍ତ କେନ୍ଦ୍ରକୁ କେବଳ ମାସିକ ବସ୍ ଫିସ୍ (ଭଡ଼ାବେତନ) ଦେଇଥାନ୍ତି । ଯେହେତୁ ଛାତ୍ର/ କର୍ମଚାରୀମାନେ ଭିନ୍ନ ଭିନ୍ନ ସ୍ଥାନରେ ବାସ କରିଥାନ୍ତି, ତେଣୁ ଧନ୍ଦାମୂଳକ କେନ୍ଦ୍ରମାନେ ପ୍ରତ୍ୟେକ ଯାଗାକୁ ଗାଡ଼ି ଯୋଗାଇବା ସମ୍ଭବପର ହୋଇନଥାଏ । ପିତାମାତାମାନେ ସେମାନଙ୍କର ପୁଅ/ଝିଅମାନଙ୍କୁ ବ୍ୟକ୍ତିଗତ ଭାବରେ ତାଲିମ୍ କେନ୍ଦ୍ରକୁ ଆଣିପାରିବେ କିମ୍ବା ସେମାନଙ୍କୁ ଏକ ସାଧାରଣସ୍ଥଳୀକୁ ଆଣିବେ ଯେଉଁଠାରୁ ବସ୍ ଉଠାଇ ନେଇପାରିବ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ସାଧାରଣ ପରିବହନ ଦ୍ୱାରା ସ୍ୱାଧୀନ ଭାବରେ ଘରଠାରୁ ତାଲିମ୍ କେନ୍ଦ୍ର ଓ ଫେରସ୍ତ ଆସିବା ନିମନ୍ତେ ତାଲିମ୍ ଦିଆଯାଇପାରିବ ।

***222. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ଘରଠାରୁ କର୍ମସ୍ଥଳୀକୁ ଯିବା ଓ ଆସିବା କେତେଦୂର ନିରାପଦ ?***

ଯଦି ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି ସର୍ବସାଧାରଣ ବସ୍‌ରେ ଯାତାୟତ କରୁଥାଏ, ତେବେ ସେ ସମସ୍ତଙ୍କର ନଜର ଉପରେ ରହିଥାଏ । ତେଣୁ ଶୋଷଣ କୁଃବ୍ୟବହାରର ସମ୍ଭାବନା ବହୁତ କମ୍ ରହିଥାଏ । ଯାହା ହେଲେ ମଧ୍ୟ ଶୋଷିତ ହେବାର ସମ୍ଭାବନାକୁ ସର୍ବଦା ଅଗ୍ରାହ୍ୟ କରିହେବ ନାହିଁ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଯାତାୟତ ସମ୍ବନ୍ଧରେ ତାଲିମ୍ ଦେବା ସମୟରେ ସେମାନେ କିପରି ଶୋଷଣ ଓ କୁଃବ୍ୟବହାରରୁ ନିଜକୁ ରକ୍ଷା କରିପାରିବେ ତାହା ତାଲିମ୍ ଦେବା ଆବଶ୍ୟକ ।

***223. ପିତାମାତାମାନେ କଣ ସେମାନଙ୍କର ମାନସିକ ବିକଳାଙ୍ଗ ପିଲାକୁ***

***ସ୍ୱତନ୍ତ୍ର ନିଯୁକ୍ତ କାର୍ଯ୍ୟାଳୟରେ ପଞ୍ଜୀକରଣ କରିପାରିବେ ? ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ କୌଣସି ସ୍ୱତନ୍ତ୍ର ଅଗ୍ରାଧିକାର ପାଇଥାନ୍ତି କି ?***

ବର୍ତ୍ତମାନ ସ୍ୱତନ୍ତ୍ର ନିଯୁକ୍ତି କାର୍ଯ୍ୟାଳୟଗୁଡ଼ିକ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ କାର୍ଯ୍ୟ କରୁନାହିଁ । ସେମାନନେ କେବଳ ଅନ୍ଧ, ମୂକ, ବଧିର, ଶାରିରୀକ ବିକଳାଙ୍ଗମାନଙ୍କ ନିମନ୍ତେ ସୁବିଧା ପ୍ରଦାନ କରୁଛନ୍ତି ।

***224. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ କେଉଁ ପ୍ରକାରର ନିଯୁକ୍ତି ଦିଆଯାଇପାରିବ ?***

ଅନ୍ୟ ବ୍ୟକ୍ତିମାନଙ୍କ ଭଳି, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ମଧ୍ୟ ବୃତ୍ତିଗତ ଆକାଂକ୍ଷା ରହିଅଛି । ଯାହା ବି ହେଉ, ବୁଦ୍ଧିର ସ୍ୱଳ୍ପତା ହେତୁ, ଏହି ବ୍ୟକ୍ତିମାନେ ନିଜର ବୃତ୍ତିଗତ ଆକାଂକ୍ଷା ସହିତ ସମକକ୍ଷ ବୃତ୍ତିଗତ ଅବସ୍ଥିତି ଲାଭ କରିବାରେ ଅସୁବିଧା ଭୋଗ କରିଥାନ୍ତି । ଏହି ଅସୁବିଧା ଏବଂ ସୀମିତ ଅବସ୍ଥା କେବଳ ସେମାନଙ୍କର ଦୁର୍ବଳତା ଯୋଗୁଁ ନୁହେଁ ବରଂ କେତେକ ପେଶାଦାର ବ୍ୟକ୍ତିମାନଙ୍କର କଳ୍ପନା ଓ ସୃଜନଶୀଳତାର ଅଭାବ ଓ ଗତାନୁଗତିକ ଢ଼ଙ୍ଗରେ କାର୍ଯ୍ୟ କରିବାର ପ୍ରଣାଳୀ ଯୋଗୁଁ ହିଁ ହୋଇଥାଏ ।

- ଆଶ୍ରୟମୂଳକ ବ୍ୟବସ୍ଥା, ଯେଉଁଠାରେ ସମସ୍ତ କାର୍ଯ୍ୟ ବ୍ୟବସ୍ଥା ଅକ୍ଷମ ବ୍ୟକ୍ତିମାନଙ୍କୁ ନେଇ କରାଯାଇଥାଏ ।
- ମୁକ୍ତ ବ୍ୟବସ୍ଥା, ଯେଉଁଠାରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଅଣ-ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ସାଙ୍ଗରେ କାମ କରିଥାନ୍ତି ।

***225. ଆଶ୍ରୟମୂଳକ ନିଯୁକ୍ତି କଣ ?***

ଆଶ୍ରୟମୂଳକ ନିଯୁକ୍ତି ହେଉଛି ଏକ ପ୍ରକାରର ଗଠନମୂଳକ କାର୍ଯ୍ୟକ୍ରମ ଯେଉଁଥିରେ, କାର୍ଯ୍ୟର ମୂଲ୍ୟାୟନ, କାର୍ଯ୍ୟରେ ଖାପ ଖୁଆଇ ଚଳିବା, କର୍ମଭିତ୍ତିକ ଦକ୍ଷତା ତାଲିମ୍ ଏବଂ ଆଂଶିକଭାବରେ ନିଯୁକ୍ତି କାର୍ଯ୍ୟକ୍ରମ ଏହି ବ୍ୟକ୍ତିମାନଙ୍କୁ ପ୍ରତିଯୋଗିତା ମୂଳକ ନିଯୁକ୍ତି କିମ୍ବା କୌଣସି ସୁରକ୍ଷିତ ପରିବେଶ ମଧ୍ୟରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ କରିଥାଏ ।

ଆଶ୍ରୟମୂଳକ ନିଯୁକ୍ତି ମୁଖ୍ୟତଃ ତିନି ପ୍ରକାରର ଅଟେ :–

- **ପ୍ରାକ୍ ବୃତ୍ତିଗତ କାର୍ଯ୍ୟ କେନ୍ଦ୍ର :–** ଏହି କେନ୍ଦ୍ରର ଉଦ୍ଦେଶ୍ୟ ହେଉଛି, ଯେଉଁ ବ୍ୟକ୍ତିମାନେ ନିଯୁକ୍ତି ନିମନ୍ତେ ପ୍ରସ୍ତୁତ ନୁହଁନ୍ତି, ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରକାରର ଶିକ୍ଷା କାର୍ଯ୍ୟକ୍ରମ କରାଯାଇଥାଏ, ଯାହା ବୃତ୍ତିଗତ ଦକ୍ଷତା ଶିଖାଇଥାଏ । ଅଧିକାଂଶ ସ୍ୱତନ୍ତ୍ର ସ୍କୁଲମାନଙ୍କର ପ୍ରାକ୍ ବୃତ୍ତିଗତ ତାଲିମ୍ କେନ୍ଦ୍ର ରହିଥାଏ, ଯେଉଁଠାରେ ଅଧିକାଂଶ ସମୟ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ, ବଛାବଛି କରିବା, ମହମବତୀ ତିଆରି କରିବା, ମିଳାଇ ଶିଖିବା ଏବଂ ଛୋଟ ଛୋଟ ଏକତ୍ରିକରଣ କାମ କରିବା ଶିଖାଯାଇଥାଏ । ସାଧାରଣତଃ ଏଥି ନିମନ୍ତେ କୌଣସି ଦରମା ଦିଆଯାଇ ନଥାଏ କିମ୍ବା ଯଦିବା ଦିଆଯାଏ ତାହା ବହୁତ କମ୍ ।

- **ଆଶ୍ରୟମୂଳକ କର୍ମଶାଳା :–** ଯେଉଁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ପ୍ରତିଯୋଗିତାମୂଳକ ନିଯୁକ୍ତି କ୍ଷେତ୍ରରେ କାର୍ଯ୍ୟ କରିବାକୁ ଅକ୍ଷମ, ସେମାନଙ୍କୁ ଏହି ପ୍ରକାରର ସୁବିଧା ଦିଆଯାଇଥାଏ । ସେମାନଙ୍କର କାର୍ଯ୍ୟ ଦକ୍ଷତା ଅନୁସାରେ ସେମାନଙ୍କୁ ଏକ ନିୟନ୍ତ୍ରିତ ପରିବେଶ ମଧ୍ୟରେ କାର୍ଯ୍ୟ କରିବାକୁ ସୁବିଧା ଦିଆଯାଇଥାଏ । ଏହି ପଦ୍ଧତିରେ, କର୍ମଚାରୀମାନଙ୍କୁ କେବଳ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଥିବା ପରିବେଶରେ ରଖାଯାଇଥାଏ । ଏହି ସଂସ୍ଥାରେ କାର୍ଯ୍ୟ କରୁଥିବା ଅଣ-ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ଦ୍ୱାରା ପରିଦର୍ଶନ କାର୍ଯ୍ୟ କରାଯାଇଥାଏ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଦରମା ସବୁ ବୃତ୍ତି ଆକାରରେ କିମ୍ବା ସେମାନଙ୍କର ଉତ୍ପାଦନ କ୍ଷମତା ଅନୁସାରେ ଦିଆଯାଇଥାଏ ।

- **କର୍ମକେନ୍ଦ୍ର :–** କର୍ମକେନ୍ଦ୍ର ହେଉଛି ଗତାନୁଗତିକ ଆଶ୍ରୟମୂଳକ ନିଯୁକ୍ତି ଏବଂ ଅକ୍ଷମ ବ୍ୟକ୍ତିମାନଙ୍କୁ ଗୋଷ୍ଠୀ ବ୍ୟବସାୟ ବା କାରଖାନା ମାନଙ୍କରେ ଦିଆଯାଉଥିବା ନିଯୁକ୍ତି ମଧ୍ୟରେ ଏକ ସଂଯୋଗାକରୀ ଉପାୟ । ଏହି ବିକଳ୍ପ ପଛାରେ, ଦଳେ କର୍ମଚାରୀ ଗୋଷ୍ଠୀ ଭିତ୍ତିକ ବ୍ୟବସାୟ କିମ୍ବା କାରଖାନାମାନଙ୍କରେ, ସଂସ୍ଥାଦ୍ୱାରା ନିଯୁକ୍ତ ଜଣେ ତାଲିମ୍ ପ୍ରାପ୍ତ କର୍ମଚାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିଥାନ୍ତି ।

***226. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ଏକ ଆଶ୍ରୟମୂଳକ କର୍ମଶାଳା କିପରି ଆରମ୍ଭ କରାଯାଇପାରିବ ?***

ଗୋଟିଏ ଯୋଜନାକାରୀ ଦଳ ଗଢ଼ାଗଲେ, କର୍ମଶାଳା ଆରମ୍ଭ ହୋଇପାରିଥାଏ । ଯୋଜନା ପର୍ଯ୍ୟାୟ ସେହି ସମୟରେ ଆରମ୍ଭ ହୋଇଥାଏ, ଯେତେବେଳେ ଜଣେ ବ୍ୟକ୍ତି

ବା ଦଳେ ଲୋକ, ଯେଉଁମାନେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଉନ୍ନତି ପାଇଁ ସଂପୂର୍ଣ୍ଣଭାବେ ବଚନବଦ୍ଧ, ଏହାର ସାଧ୍ୟତା ବିଷୟରେ ପଚରାଉଚାରା କରିଥାନ୍ତି । ଏହି ଯୋଜନା ପାଇଁ ତିନୋଟି ଜିନିଷ ଆବଶ୍ୟକ ।

(୧) ଗୋଟିଏ ଯୋଜନାକାରୀ ଦଳ ଖବର ସଂଗ୍ରହ ଏବଂ ନିର୍ଣ୍ଣୟ ନେବା ନିମନ୍ତେ ଗଠନ କରିବା ।

(୨) କିପରି କାର୍ଯ୍ୟ ବା ସେବାର ଆବଶ୍ୟକତା, ଜିନିଷଗୁଡ଼ିକୁ ବିକ୍ରି କରାଇବାରେ ସୁବିଧା ବିଷୟରେ ଖବର ସଂଗ୍ରହ କରିବା ।

(୩) କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତାବ ପ୍ରସ୍ତୁତ କରିବା ।

କାର୍ଯ୍ୟକ୍ରମ ପ୍ରସ୍ତାବ ପ୍ରସ୍ତୁତ କରାଯିବା ସମୟରେ, ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଗୁଡ଼ିକୁ ପ୍ରାଧାନ୍ୟତା ସହିତ ବିଚାର କରାଯିବା ଉଚିତ୍ ।

- କେଉଁ ପ୍ରକାରର କାମ ସବୁ ଯୋଗାଇ ଦିଆଯାଇ ପାରିବ ?
- କାର୍ଯ୍ୟଗୁଡ଼ିକ ସବୁ କିପରି ମିଳିପାରିବ ?
- ଏହା କିପରି ଭାବରେ ଆୟୋଜନ ହେବ ?
- ଶିକ୍ଷା ସବୁ କିପରି ଭାବରେ ହେବା ଉଚିତ୍ ?

ଯେଉଁ ବ୍ୟକ୍ତି ଆଶ୍ରୟମୂଳକ କର୍ମଶାଳା ଆରମ୍ଭ କରିବାକୁ ଚାହୁଁଛନ୍ତି, ସେମାନେ ଅନ୍ୟ କର୍ମଶାଳାର ଆୟୋଜକମାନଙ୍କୁ ପରାମର୍ଶ କରି, ଏହାକୁ ଚଳାଇବାରେ କଣ ଅସୁବିଧା, ସୁବିଧା ରହିଛି ତାହା ଜାଣିବା ଉଚିତ୍ । ଯୋଜନାକାରୀ ସମିତି ସ୍ଥାନୀୟ ସମାଜ କଲ୍ୟାଣ ବିଭାଗରେ ପରାମର୍ଶ କରି ଦେଖିବା ଉଚିତ୍ ଯେ, ହୁଏତ ରାଜ୍ୟ ସରକାର ଏପରି କର୍ମଶାଳା ଆରମ୍ଭ କରିବା ନିମିତ୍ତ ଅର୍ଥ ସହାୟତା କରିଥାନ୍ତି ।

### *227. ଆଶ୍ରୟମୂଳକ କର୍ମଶାଳାରେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କେଉଁ ପ୍ରକାରର କାର୍ଯ୍ୟ ସବୁ କରିଥାନ୍ତି ?*

ଯଦିଓ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କରୁଥିବା କାର୍ଯ୍ୟଗୁଡ଼ିକର ସ୍ୱଭାବ ସ୍ଥାନରୁ ସ୍ଥାନ ବଦଳିଥାଏ, ସେମାନଙ୍କର କେତେକ ସାଧାରଣ ଗୁଣ ମଧ୍ୟ ରହିଥାଏ । ସଫଳତାର ସହିତ

କାର୍ଯ୍ୟ କରୁଥିବା କର୍ମଶାଳା ସବୁ ଜିନିଷ ତିଆରି କରିବା ଅପେକ୍ଷା ପ୍ୟାକିଂ କାମ, ଯୋଡ଼ାଯୋଡ଼ି କାମ, ଏବଂ ମାଲ ପ୍ରେରଣ କରିବା କାର୍ଯ୍ୟ ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି ।

**228. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଆଶ୍ରୟମୂଳକ କର୍ମଶାଳାରେ କିପରି ଭାବରେ ଦରମା ଦିଆଯାଇଥାଏ ?**

ଗୋଟିଏ ଆଶ୍ରୟମୂଳକ କର୍ମଶାଳାରେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ପ୍ରସ୍ତୁତ କରୁଥିବା ପଦାର୍ଥର ଖଣ୍ଡ ପିଛା ଦରରେ ବା ମାସିକ ଭତ୍ତା ଆକାରରେ ଦରମା ଦିଆଯାଇଥାଏ । ଯଦିଓ କୌଣସି ଜାତୀୟ ସ୍ତରରେ ଗବେଷଣା ଭାରତରେ ବର୍ତ୍ତମାନ ସୁଦ୍ଧା ଉପଲବ୍ଧି ନୁହେଁ, ତଥାପି ଆଶ୍ରୟମୂଳକ କର୍ମଶାଳାରେ ଦରମା ମାସିକ 30 ଟଙ୍କାରୁ 300 ଟଙ୍କା ପର୍ଯ୍ୟନ୍ତ ହୋଇଥାଏ ।

**229. ଗୋଟିଏ ଆଶ୍ରୟମୂଳକ କର୍ମଶାଳାରେ, ସମସ୍ତ ସହକର୍ମୀମାନେ ମାନସିକ ବିକଳାଙ୍ଗ ଅଟନ୍ତି । ଏହା ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ଉପରେ କୌଣସି କୁ-ପ୍ରଭାବ ପକାଇଥାଏ କି ?**

ଜଣେ ବ୍ୟକ୍ତିକୁ ଆଶ୍ରୟ ମୂଳକ କର୍ମଶାଳାକୁ ପଠାଇବା ଯୋଗୁଁ ସବୁଠାର ବଡ଼ କୁ-ପ୍ରଭାବ ହେଉଛି ଯେ, ବୟସ୍କ ମାନସିକ ବିକଳାଙ୍ଗ ବ୍ୟକ୍ତି ଜଣକ ସେମାନଙ୍କର ଅଣ-ବିକଳାଙ୍ଗ ସାଙ୍ଗସାଥିମାନଙ୍କଠାରୁ ଏକୁଟିଆ ହୋଇ ରହିଥାନ୍ତି ଏବଂ ନିଜର ବୟସାନୁପାତିକ ବ୍ୟବହାର ଗୁଡ଼ିକୁ ସେମାନଙ୍କ ଠାରୁ ଶିଖିବାରୁ ବଞ୍ଚିତ ହୋଇଥାନ୍ତି । ଅନ୍ୟ ଏକ ବଡ଼ ଅସୁବିଧା ହେଉଛି ଯେ, କର୍ମଶାଳାରେ କାମ କରିବା ଫଳରେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କାହାର ଥଟ୍ଟା ଏବଂ ସମାଲୋଚନାକୁ ଗ୍ରହଣ କରିବା ଶିଖି ପାରିନଥାନ୍ତି, ଯାହାକୁ ସମସ୍ତେ ଖାପ ଖୁଆଇ ଚଳିବାକୁ ଶିଖିବା ଉଚିତ୍ ।

**230. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ କାର୍ଯ୍ୟକ୍ଷେତ୍ରରେ କ୍ରମାଗତଭାବେ ତଦାରଖ କରିବାର ଆବଶ୍ୟକ ହୋଇଥାଏ ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କର୍ମଦାତାମାନଙ୍କଠାରୁ ବହୁ ସମୟରେ ଶୁଣିବାକୁ ମିଳୁଥିବା ଅଭିଯୋଗ ହେଉଛି ଯେ, ସେମାନେ ସ୍ୱାଧୀନ ଭାବରେ କିଛି ସମୟ ପାଇଁ କାମ

କରିପାରନ୍ତି ନାହିଁ । ଯାହା ବି ହେଉ ସୁସଂଗଠିତ ତାଲିମ୍ ପ୍ରଣାଳୀ ମାଧ୍ୟମରେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ନିଜେ କାମ କରିବା ତାଲିମ୍ ଦିଆଯାଇପାରିବ । ମାନସିକ ବିକଳାଙ୍ଗ ବ୍ୟକ୍ତିର ଶାରିରୀକ ଓ ମାନସିକ କ୍ଷମତା ଅନୁସାରେ ତାଲିମ୍‌ଦାତା ଠାରୁ ସାହାଯ୍ୟ ନେବାର ପରିମାଣ ନିର୍ଭର କରିଥାଏ ।

**231. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ ସାଧାରଣ ଲୋକମାନଙ୍କ ସହିତ ସାଧାରଣ ପରିବେଶରେ କାମ କରିପାରିବେ ? ଏ ପ୍ରକାରର ବିକଳ୍ପ କାର୍ଯ୍ୟ ସବୁ ଆମଦେଶରେ ଉପଲବ୍ଧ କି ?**

ମାନସିକ ବିକଳାଙ୍ଗ ବ୍ୟକ୍ତି ସେମାନଙ୍କର ଅଣ ବିକଳାଙ୍ଗ କର୍ମଚାରୀମାନଙ୍କ ସହିତ ସାଧାରଣ କାର୍ଯ୍ୟ ପରିବେଶରେ କାର୍ଯ୍ୟ କରିପାରିବେ । ଅଧିକାଂଶ ଚାକିରୀଗୁଡ଼ିକୁ ପରିବର୍ତ୍ତନ କରାଯାଇପାରିବ ଏବଂ ଉପଯୁକ୍ତ ତାଲିମ୍ ଏବଂ ସହାୟତା ଦ୍ୱାରା ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ କୃତକାର୍ଯ୍ୟ ଏବଂ ଉତ୍ପାଦନକ୍ଷମ କରାଯାଇପାରିବ । ଆମ ଦେଶରେ ଏପରି ବିକଳ୍ପ କାର୍ଯ୍ୟସବୁ ବର୍ତ୍ତମାନ ମଧ୍ୟ ଶୈଶବାବସ୍ଥାରେ ରହିଅଛି । ସାଧାରଣ ବ୍ୟକ୍ତିମାନଙ୍କ ସହିତ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ବହୁତ କମ୍ କ୍ଷେତ୍ରରେ ଅବସ୍ଥାନ କରାଯାଇଅଛି ।

**232. ସମନ୍ୱିତ କାର୍ଯ୍ୟକ୍ଷେତ୍ର କଣ ?**

ଏକ ସମନ୍ୱିତ କାର୍ଯ୍ୟ କ୍ଷେତ୍ରରେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଏପରି ଏକ ଯାଗାରେ ନିଯୁକ୍ତି ପାଇଥାନ୍ତି, ଯେଉଁଠି କାମ କରୁଥିବା ଅଧିକାଂଶ ବ୍ୟକ୍ତିମାନେ ଅକ୍ଷମ ନୁହଁନ୍ତି । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କର୍ମଭିତ୍ତିକ ତାଲିମ୍ କେନ୍ଦ୍ରରୁ ବିଭିନ୍ନ ଧରଣର ସହାୟତା ପାଇଥାନ୍ତି କିନ୍ତୁ ତଥାପି ସେମାନଙ୍କୁ କାର୍ଯ୍ୟ କରୁଥିବା ବ୍ୟବସାୟ ଅନ୍ତର୍ଗତ ଜଣେ କର୍ମଚାରୀ ଭାବରେ ବିଚାର କରାଯାଇଥାଏ । ସମନ୍ୱିତ କାର୍ଯ୍ୟକ୍ଷେତ୍ର ମୁଖ୍ୟତଃ ଦୁଇ ପ୍ରକାରର ଅଟେ–

- **ସହାୟତାପୂର୍ଣ୍ଣ ନିଯୁକ୍ତି–** ଏହି ପ୍ରଣାଳୀରେ ବ୍ୟକ୍ତି ଜଣଙ୍କ କର୍ମଭିତ୍ତିକ ତାଲିମ କେନ୍ଦ୍ରରୁ ତାଲିମ୍ ଏବଂ ସହାୟତା ନେଇ, ଗୋଷ୍ଠୀ ମଧ୍ୟରେ ଦରମା ସହିତ କାମ କରିଥାଏ । ସହାୟତା ପୂର୍ଣ୍ଣ ନିଯୁକ୍ତିର ଉଦ୍ଦେଶ୍ୟ ହେଉଛି, ବିକଳାଙ୍ଗ ବ୍ୟକ୍ତିପାଇଁ କେଉଁ ପ୍ରକାରର ସହାୟତା ଆବଶ୍ୟକ ତାହା ଚିହ୍ନଟ କରିବା, ଯେତେ ଦିନ ପର୍ଯ୍ୟନ୍ତ ସହାୟତା ଆବଶ୍ୟକ ତାହା ଯୋଗାଇଦେବା, ଏବଂ ଧିରେ ଧିରେ କର୍ମଚାରୀର

କାର୍ଯ୍ୟରେ ଉନ୍ନତି ହେବା ସହିତ, ସହାୟତାକୁ କମ୍ କରିଦେବା ।

- **ପ୍ରତିଯୋଗିତା ମୂଳକ ନିଯୁକ୍ତି**– ଏହାର ଅର୍ଥ ହେଉଛି, ସାଧାରଣ କର୍ମଚାରୀମାନଙ୍କ ଭଳି ଦରମା ପାଇ ଏକ ଚାକିରୀ ଏବଂ ବ୍ୟକ୍ତିଜଣଙ୍କର ସେହି ପଦବୀ ନିମନ୍ତେ ଆବଶ୍ୟକୀୟ ଗୁଣ ଥିବା ଦରକାର । ଏପରିସ୍ଥଳେ ବ୍ୟକ୍ତି ଜଣକ ବାହ୍ୟ ସହାୟତା ବିନା ଚାକିରୀ କରିଥାନ୍ତି ।

***233. ସମନ୍ୱିତ କାର୍ଯ୍ୟକ୍ଷେତ୍ରରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କି ଭଳି କାର୍ଯ୍ୟସବୁ କରିଥାନ୍ତି ?***

ଆମ ଦେଶରେ ବହୁତ କମ୍ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ସମନ୍ୱିତ କାର୍ଯ୍ୟ କ୍ଷେତ୍ରରେ ଅବସ୍ଥାନ କରାଯାଇଛି । ଯାହା ବି ହେଉ, ପାଶ୍ଚାତ୍ୟ ଦେଶମାନଙ୍କରେ ଖାଦ୍ୟ ପ୍ରସ୍ତୁତ କରିବା, ଅମଲା କାର୍ଯ୍ୟ କରିବା, କାର୍ଯ୍ୟ ପରିସରର ତତ୍ତ୍ୱ ନେବା ଏବଂ ପିଲା ଯତ୍ନ ନେବା କାର୍ଯ୍ୟରେ ବିକଳାଙ୍ଗ ବ୍ୟକ୍ତିମାନଙ୍କ ସଫଳତାର ବିବରଣୀ ମିଳିଅଛି । ଏହା ବ୍ୟତୀତ ସଫଳତା କେବଳ ପରିବାର, ନିଯୁକ୍ତି ଦାତା ଏବଂ ପେଶାଦାର ବ୍ୟକ୍ତିମାନଙ୍କର ଚିନ୍ତା ଓ କଳ୍ପନା ଉପରେ ସୀମିତ ହୋଇଥାଏ । ସଫଳ ଭାବରେ ଅବସ୍ଥାପନ କରାଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମୃଦୁ ମାନସିକ ବିକଳାଙ୍ଗ । ଯାହା ବି ହେଉ, ଉପଯୁକ୍ତ ତାଲିମ ଏବଂ ଦୀର୍ଘ ମିଆଦି ସହାୟତା ଦ୍ୱାରା, ମଧ୍ୟମ ଧରଣର ଓ କମ୍ ଉଗ୍ର ଧରଣର ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ମଧ୍ୟ ନିୟମିତ ଭାବରେ ନିଯୁକ୍ତି ଦିଆଯାଇପାରିବ ।

***234. ଏହା କଣ ସତ୍ୟ ଯେ, ଆଶ୍ରୟ ମୂଳକ କର୍ମଶାଳା, ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ସମନ୍ୱିତ କାର୍ଯ୍ୟକ୍ଷେତ୍ରରେ କାମ କରିବାକୁ ପ୍ରସ୍ତୁତ କରିଥାଏ ?***

ଆମର ବହୁ ପୁରୁଣା ବିଶ୍ୱାସ ରହିଅଛି ଯେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କୌଣସି ସମନ୍ୱିତ କର୍ମ କ୍ଷେତ୍ରରେ ଚାକିରୀ କରିବା ପୂର୍ବରୁ ବିଭିନ୍ନ କର୍ମକ୍ଷେତ୍ରରେ କାର୍ଯ୍ୟ ଶିଖିବା ଦରକାର କରିଥାନ୍ତି । ଉଦାହରଣ ସ୍ୱରୂପ, ଏହି ପ୍ରଣାଳୀରେ, ଗୋଟିଏ ମାନସିକ ବିକଳାଙ୍ଗ ବ୍ୟକ୍ତି କର୍ମଭିତ୍ତିକ ତାଲିମ୍ କେନ୍ଦ୍ରରେ କାର୍ଯ୍ୟ କରିବା ଆରମ୍ଭ କରିବେ ଏବଂ ସେମାନେ କେତେକ କାର୍ଯ୍ୟରେ ସଫଳତା ଲାଭ କଲାପରେ ଆଶ୍ରୟମୂଳକ କର୍ମକ୍ଷେତ୍ରକୁ ପ୍ରବେଶ କରି ପୁନର୍ବାର କେତେକ କାର୍ଯ୍ୟରେ ସଫଳତା ପାଇଲାପରେ ସେମାନଙ୍କୁ ସମନ୍ୱିତ କାର୍ଯ୍ୟ









**ସୁବିଧା ଦିଆଗଲେ ମାନସିକ ବିକଳାଙ୍ଗ ବ୍ୟକ୍ତି ମାନେ ସାଧାରଣ ଲୋକଙ୍କ ସହିତ ମିଶିକରି କାମ ମଧ୍ୟ କରିପାରିବେ ।**

କ୍ଷେତ୍ରରେ ଅବସ୍ଥାନ କରାଯାଇଥାଏ ।

ଯଦିବା ଏପରି ଚିନ୍ତାଧାରା ଠିକ୍ ମନେହୁଏ, ଦୁର୍ଭାଗ୍ୟବଶତଃ ଅନୁଭୂତି ଏବଂ ଗବେଷଣା ଏହାକୁ ସମର୍ଥନ କରୁନାହିଁ । ଏହା ପରିବର୍ତ୍ତେ, କର୍ମଭିତ୍ତିକ ପରାମର୍ଶଦାତା ସବୁଠାରୁ ଉତ୍ତମ ଗୋଷ୍ଠୀ ଭିତ୍ତିକ ଅବସ୍ଥାନ ଚିହ୍ନଟ କରିବା ଏବଂ ମାନସିକ ବିକଳାଙ୍ଗ ବ୍ୟକ୍ତିର ସାମର୍ଥ୍ୟ ଓ ଦକ୍ଷତାକୁ ନେଇ ଆବଶ୍ୟକୀୟ କର୍ମର ନିର୍ଣ୍ଣୟ କରିବା ଆବଶ୍ୟକ କରୁଅଛି । ଏପରି ବିଶ୍ଳେଷଣରୁ ମାନସିକ ବିକଳାଙ୍ଗ ବ୍ୟକ୍ତି ନିମନ୍ତେ କେଉଁ ପ୍ରକାରର ସୁବିଧା ଯୋଗାଇ ଦେବା ଆବଶ୍ୟକ ତାହା ସ୍ଥିର କରାଯାଇପାରିଥାଏ । ଯାହାକି ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ଦୀର୍ଘଦିନ ଧରି ନିଯୁକ୍ତିର ବିଭିନ୍ନ ସୋପାନରେ ଉତ୍ତୀର୍ଣ୍ଣ ହେବାକୁ ଅପେକ୍ଷା କରିବା ପରିବର୍ତ୍ତେ ସଫଳପୂର୍ଣ୍ଣ ଅବସ୍ଥାନ କରିବା ସକ୍ଷମ କରିଥାଏ ।

***235. ଥରେ ଗୋଟିଏ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ଚାକିରୀରେ ଅବସ୍ଥାନ କରାଗଲେ, ସେ କଣ ଚାକିରୀ କ୍ଷେତ୍ରରେ କୌଣସି ସହାୟତା ଆବଶ୍ୟକ କରିଥାନ୍ତି କି ? କର୍ମ କ୍ଷେତ୍ରରେ ଏପରି ସହାୟତା କିଏ ଯୋଗାଇଥାଏ ?***

ଅନେକ ମଧ୍ୟମ ଏବଂ ଉଗ୍ର ଧରଣର ମାନସିକ ବିକଳାଙ୍ଗମାନେ ବିଭିନ୍ନ ସ୍ତରରେ ସହାୟତା ବିନା ଚାକିରୀ କାର୍ଯ୍ୟ କରିପାରିବେ ନାହିଁ । ସହାୟତା ପ୍ରତ୍ୟକ୍ଷ ଭାବରେ କର୍ମ ସହିତ କିମ୍ବା ଚାକିରୀ ସମ୍ବନ୍ଧୀୟ ଅନ୍ୟାନ୍ୟ ବିଷୟ ଯଥା : କର୍ମକ୍ଷେତ୍ରକୁ ଯିବା, ଆସିବା, ଆତ୍ମ ଯତ୍ନ ନେବା ସହିତ ସଂପୃକ୍ତ ହୋଇଥାଏ । ସାଧାରଣତଃ, କର୍ମଭିତ୍ତିକ ତାଲିମ୍ କେନ୍ଦ୍ର ପରିବାରର ସଦସ୍ୟମାନେ ଏବଂ ନିଯୁକ୍ତିଦାତାମାନେ ଏପରି ସହାୟତା ପ୍ରଦାନ କରିଥାନ୍ତି । ଯେହେତୁ ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକତା ଭିନ୍ନ ଅଟେ, ତେଣୁ ପିତାମାତା କର୍ମଭିତ୍ତିକ ତାଲିମ୍ କେନ୍ଦ୍ର ଏବଂ ନିଯୁକ୍ତିଦାତା ମାନେ ଏକତ୍ର ହୋଇ କାର୍ଯ୍ୟରେ ଅଧିକ ସଫଳତା ନିମନ୍ତେ ସହାୟତା ଯୋଗାଇ ଦେବା ଉଚିତ୍ ।

***236. ଯଦି ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି, ସାଧାରଣ ବ୍ୟକ୍ତିମାନଙ୍କ ସହିତ, ସ୍ୱାଭାବିକ ପରିବେଶ ମଧ୍ୟରେ କାର୍ଯ୍ୟ କରୁଥାଏ, ତେବେ ତାହାକୁ କଣ ନିୟମିତ ଭାବେ ଦରମା ଦିଆଯିବ କି ?***

ଯଦି କୌଣସି ବ୍ୟକ୍ତି ସ୍ୱାଭାବିକ ପରିବେଶରେ ସାଧାରଣ ଲୋକମାନଙ୍କ ସହିତ କାମ କରୁଥାନ୍ତି,

ତେବେ ନିୟମିତ ଭାବରେ ଦରମା ପାଇବା ଉଚିତ୍ । ଯାହା ବି ହେଉ, ସଂପୂର୍ଣ୍ଣ ଦରମା ପାଇବାକୁ ହେଲେ ଜଣେ କର୍ମଚାରୀକୁ, ନିଯୁକ୍ତିଦାତାଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ପୂର୍ଣ୍ଣ ସମୟ ପର୍ଯ୍ୟନ୍ତ କାମ କରିବାକୁ ପଡ଼ିବ । ନଚେତ୍, ବ୍ୟକ୍ତିର କାମ କରୁଥିବା ସମୟ କିମ୍ବା ଉତ୍ପାଦନ ହାର ଅନୁସାରେ, ନିଯୁକ୍ତିଦାତା ଦରମା ଦେଇ ପାରନ୍ତି ।

***237. କାର୍ଯ୍ୟକ୍ଷେତ୍ରରେ ଯଥୋପଯୋଗୀ ଚଳିବା ନିମନ୍ତେ, ସହକର୍ମୀମାନଙ୍କ ସହିତ ମିଳାମିଶା କରିବା ନିତ୍ୟାନ୍ତ ଆବଶ୍ୟକ । ସହକର୍ମୀମାନଙ୍କ ସହିତ ମିଶିଚଳିବା ନିମନ୍ତେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସ୍ୱତନ୍ତ୍ର ତାଲିମ୍‌ର ଆବଶ୍ୟକତା କରିଥାନ୍ତି କି ?***

ଗୋଟିଏ ନିୟମିତ କାର୍ଯ୍ୟକ୍ଷେତ୍ରରେ ଚାକିରୀ କରିବାକୁ ହେଲେ ମାନସିକ ବିକଳାଙ୍ଗ ବ୍ୟକ୍ତି, ଅଣ ବିକଳାଙ୍ଗ ବ୍ୟକ୍ତିମାନଙ୍କ ସହିତ ମିଳାମିଶା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କେବଳ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସାମାଜିକ ଦକ୍ଷତା ଏବଂ ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ ନିମନ୍ତେ ସ୍ୱତନ୍ତ୍ର ତାଲିମ୍ ଦରକାର କରିଥାନ୍ତି, ତାହା ନୁହେଁ କିନ୍ତୁ ଅଣ ବିକଳାଙ୍ଗ କର୍ମଚାରୀମାନେ ମଧ୍ୟ କିପରି ଭାବରେ ବିକଳାଙ୍ଗ କର୍ମଚାରୀମାନଙ୍କୁ ଆପଣାର କରିପାରିବେ ସେଥିନିମନ୍ତେ ତାଲିମ୍‌ର ଆବଶ୍ୟକତା ରହିଅଛି । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ କର୍ମକ୍ଷେତ୍ରରେ ସମାଲୋଚନାକୁ ଗ୍ରହଣ କରି ଶିଖିବା, ସାଙ୍ଗସାଥି କରିବା ଏବଂ ସହକର୍ମୀମାନଙ୍କ ସହିତ ମିଳାମିଶା କରିବା ନିମନ୍ତେ ତାଲିମ୍ ଦେବା ଆବଶ୍ୟକ ।

***238. ମାନସିକ ବିକଳାଙ୍ଗ ମହିଳା ମାନଙ୍କ ପକ୍ଷରେ ସାଧାରଣ ପୁରୁଷ ଓ ସ୍ତ୍ରୀମାନଙ୍କ ସହିତ କାମ କରିବା କେତେଦୂର ନିରାପଦ ?***

ଯଦି ଜଣେ ମାନସିକ ବିକଳାଙ୍ଗ ମହିଳା ଏପରି କ୍ଷେତ୍ରରେ କାର୍ଯ୍ୟ କରୁଥାନ୍ତି, ତେବେ ସାଧାରଣ ସ୍ତ୍ରୀ ଲୋକମାନଙ୍କ ପରି ସେମାନଙ୍କର ଅସୁବିଧାର ସମ୍ମୁଖୀନ ହେବାର ସମ୍ଭାବନା ସମାନ ବା ଅଧିକ ହୋଇଥାଏ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ସାଧାରଣ ବ୍ୟକ୍ତିମାନଙ୍କ ସହିତ କାମ କରିବାର ଦରକାର । ଯାହାଫଳରେ ସେମାନେ ଉପଯୁକ୍ତ ସାମାଜିକ ବ୍ୟବହାର ଶିଖିପାରିବେ । ଆଶ୍ରୟ ମୂଳକ କର୍ମଶାଳାରେ ମହିଳା କର୍ମଚାରୀମାନଙ୍କର ଅସୁବିଧାର ସମ୍ମୁଖୀନ ହେବାର ସମ୍ଭାବନା କିଛି କମ୍ ନୁହେଁ । ଉଭୟ ପୁରୁଷ ଏବଂ ମହିଳା ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଶୋଷଣ

ଓ ଯୌନ ଅପବ୍ୟବହାରରୁ ନିଜକୁ ରକ୍ଷା କରିବା ନିମନ୍ତେ ତାଲିମ୍ ଆବଶ୍ୟକ କରିଥାନ୍ତି ।

**239. କେଉଁ କାରଣରୁ କେତେକ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଚାକିରୀରେ ରହିପାରିବା ସମ୍ଭବ ହୋଇନଥାଏ ?**

ଯେତେବେଳେ ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି ଚାକିରୀରେ ରହିପାରିବା ସମ୍ଭବ ହୋଇନଥାଏ, ଏଥିପାଇଁ ଅନେକ କାରଣ ଦାୟୀ । ଉଗ୍ର ଧରଣର ମାନସିକ ବିକଳାଙ୍ଗମାନଙ୍କ ବ୍ୟତୀତ ନିଜର ସୀମିତ ବୁଦ୍ଧି ଏହାର କାରଣ ହୋଇନଥାଏ । ଅନୁପଯୁକ୍ତ ମାନସିକ ଦକ୍ଷତା ଏବଂ ଅନୁପଯୁକ୍ତ ବ୍ୟବହାର ସବୁଠାରୁ ମହତ୍ୱପୂର୍ଣ୍ଣ କାରଣ ଅଟେ । ଏହା ସହିତ ସଂପୃକ୍ତ ଶାରିରୀକ ବିକଳାଙ୍ଗତା, ନିଯୁକ୍ତିଦାତାଙ୍କ ମନୋଭାବ, କଥାବାର୍ତ୍ତା କରିବାରେ ଦୁର୍ବଳତା, ବ୍ୟବହାରିକ ସମସ୍ୟାମାନ ମଧ୍ୟ ବହୁତ କ୍ଷତି କରିଥାଏ ।

**240. ନିଯୁକ୍ତିଦାତାମାନେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେବାକୁ କାହିଁକି ଦ୍ୱିଧା ପ୍ରକାଶ କରିଥାନ୍ତି ?**

ବୟସ୍କ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କାର୍ଯ୍ୟ ଦକ୍ଷତାକୁ ବାରମ୍ବାର ହେୟଜ୍ଞାନ କରାଯାଇଥାଏ । ଏହାର ଗୋଟିଏ କାରଣ ହୋଇପାରିଥାଏ ଯେ, ନିଯୁକ୍ତିଦାତାମାନେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କାର୍ଯ୍ୟକ୍ଷମତା ସମ୍ବନ୍ଧରେ ସଚେତନ ନୁହଁନ୍ତି, ଏବଂ ସେମାନଙ୍କର କାର୍ଯ୍ୟ କରିପାରିବାର ଯୋଗ୍ୟତା ବିଷୟରେ ନିଶ୍ଚିତ ନୁହଁନ୍ତି । ଦୁର୍ବଳ ତାଲିମ ହେତୁ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଏକ ଅସଂପୂର୍ଣ୍ଣ କର୍ମଚାରୀ ହିସାବରେ ଗଣା ହୋଇଥାନ୍ତି । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଚିକିତ୍ସା ହୋଇନଥିବା ବ୍ୟବହାର ସମସ୍ୟା, କିମ୍ବା ସାଧାରଣ ଭାବରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଅଗ୍ରାହ୍ୟ କରାଯାଉଥିବା କାରଣ ହୁଏତ, ନିଯୁକ୍ତି ଦାତାମାନଙ୍କୁ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାରୁ ବାରଣ କରିପାରିଥାଏ ।

**241. ଆତ୍ମ ନିଯୁକ୍ତିର ଅର୍ଥ କଣ ? ଆତ୍ମନିଯୁକ୍ତି କ୍ଷେତ୍ରରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କେଉଁ ପ୍ରକାରର କାର୍ଯ୍ୟ ସବୁ କରିଥାନ୍ତି ?**

ଆତ୍ମ ନିଯୁକ୍ତି ଏକ କ୍ଷୁଦ୍ର ଉଦ୍ୟୋଗକୁ ବୁଝାଇଥାଏ, ଯାହା ଅଳ୍ପ କେତେକ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥାଏ, ହୁଏତ କେବଳ ମାଲିକକୁ ନେଇ ହୋଇଥାଏ । ଆତ୍ମନିଯୁକ୍ତି ହେଉଛି ଏକ ପ୍ରକାରର ଉପାୟ, ଯେଉଁଥିରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଆର୍ଥିକ ସ୍ୱାଧୀନତା ଲାଭ କରିପାରିବେ । ଯାହା ବି ହେଉ, ଏହା ବୁଝିବା ଉଚିତ୍ ଯେ, ଆତ୍ମନିଯୁକ୍ତି ସମସ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ

ନୁହେଁ । ଏହା ସାଧାରଣତଃ ସ୍ୱଳ୍ପ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ସହିତ ଉଦ୍ଦିଷ୍ଟ ଆନୁସଙ୍ଗିକ ଶାରିରୀକ ଅବସ୍ଥା, ପରିବାର ଲୋକମାନଙ୍କର ଓ ଗୋଷ୍ଠୀର ଅକ୍ଷମ ମାନଙ୍କ ପ୍ରତି ପ୍ରତିକ୍ରିୟା, ହୁଏତ ସେମାନଙ୍କର ଆତ୍ମବିଶ୍ୱାସ କମ୍ କରିଦେଇପାରିଥାଏ । ଏବଂ ଏପରି ନୂତନ ଉଦ୍ୟମ ନିମନ୍ତେ ସେମାନଙ୍କୁ କମ୍ ବା ଅଧିକ ସକ୍ଷମ କରିପାରିଥାଏ ।

ଭାରତରେ ବିଭିନ୍ନ ପ୍ରକାରର ଆତ୍ମନିଯୁକ୍ତି ଯୋଜନା ସବୁ ଆରମ୍ଭ କରାଯାଇଅଛି । ଏହି ଯୋଜନାଗୁଡ଼ିକୁ ଚଳାଇବାରେ ପିତାମାତାଙ୍କର ସହାୟତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ପିତାମାତା ଏବଂ ପେଶାଦାର ବ୍ୟକ୍ତିମାନଙ୍କର ସହାୟତାରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ନିମ୍ନପ୍ରକାରର ଆତ୍ମନିଯୁକ୍ତି ଯୋଜନାଗୁଡ଼ିକୁ ଚଳାଇପାରିବେ ।

| | |
|---|---|
| ଲଟେରୀ ଟିକେଟ ବିକ୍ରି | ଚାଷ କାମ |
| ବହି ବନ୍ଧେଇ | କୁକୁଡ଼ା ଚାଷ |
| ଛତା ମରାମତି | ସ୍କ୍ରିନ୍ ଛାପା କାର୍ଯ୍ୟ |
| ଇଟା ତିଆରି | ଚିତ୍ର ବନ୍ଧେଇବା |
| ଯୋତା ସଫା କରିବା | ପାନ ଦୋକାନ |
| ଛାଞ୍ଚରେ ମୂର୍ତ୍ତି ଗଢ଼ିବା | ଧାତୁରୁ ପଦାର୍ଥ ଗଢ଼ିବା |
| ପେଟ୍ରୋଲ ବିକିବା | କଣ୍ଢେଇ ଦୋକାନ |
| ଫଟୋ କପି (ଜେରକ୍ସ) | ଧୋବା କାମ |
| ଟେଲିଫୋନ ଦୋକାନ | ଚାରା ଉଦ୍ୟାନ |
| ମାଟି ପାତ୍ର ତିଆରି | ଡାକ ଟିକେଟ ବିକିବା |
| ପୋଷାକ ବ୍ୟବସାୟ | |

***242. ମାନସିକ ବିକଳାଙ୍ଗ ବ୍ୟକ୍ତିପାଇଁ କିପରି ଭାବରେ ଗୋଟିଏ ଆତ୍ମନିଯୁକ୍ତି ଯୋଜନା ଆରମ୍ଭ ହୋଇପାରିବ ?***

ବୟସ୍କମାନଙ୍କ ନିମିତ୍ତ କର୍ମଭିତ୍ତିକ ତାଲିମ କେନ୍ଦ୍ର ଏବଂ କର୍ମଭିତ୍ତିକ ପୁନର୍ବାସ କେନ୍ଦ୍ର ସବୁ ବିଭିନ୍ନ

ବେପାର କାର୍ଯ୍ୟ ଉପରେ ତାଲିମ ପ୍ରଦାନ କରିଥାନ୍ତି । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ନିଜେ ଚାହୁଁଥିବା ବ୍ୟବସାୟ ଉପରେ ତାଲିମ୍ ନେଇ ନିଜର ରୋଜଗାରର ବାଟ କରିପାରିବେ । ଥରେ ତାଲିମ୍ ପ୍ରାପ୍ତ ହୋଇଗଲେ, ମାନସିକ ବିକଳାଙ୍ଗ ବ୍ୟକ୍ତି ସଞ୍ଚିତ ଅର୍ଥ ଜମା କରି ନିଜର ବ୍ୟବସାୟ ଆରମ୍ଭ କରିପାରିବେ  ଯେପରି ହେଉନା କାହିଁକି, ଏହା ଦେଖିବା ଉଚିତ୍ ଯେ, ବ୍ୟକ୍ତିଜଣକ ଯେଉଁ ବ୍ୟବସାୟରେ ତାଲିମ ନେଉଛନ୍ତି ତାହାର ବଜାର ମୂଲ୍ୟ ଥିବା ଦରକାର । ବର୍ତ୍ତମାନ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଆତ୍ମନିଯୁକ୍ତି ଯୋଜନା ଆରମ୍ଭ କରିବା ନିମନ୍ତେ ସରକାର କୌଣସି ଆର୍ଥିକ ସହାୟତା ଦେଉନାହାଁନ୍ତି । ମିଳୁଥିବା ବ୍ୟାଙ୍କ ଋଣ ସବୁ ସଂପୃକ୍ତ ମାନସିକ ବିକଳାଙ୍ଗ ବ୍ୟକ୍ତିର ପିତାମାତା କିମ୍ବା ଅଭିଭାବକମାନେ କେବଳ ପାଇ ପାରିବେ କାରଣ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କୌଣସି ଚୁକ୍ତିରେ ପ୍ରବେଶ କରିପାରିବେ ନାହିଁ ।

***243. ବୃତ୍ତିଗତ ପୁନର୍ବାସ କେନ୍ଦ୍ର (Vocational Rehabilittion Centre ) କଣ ? (ଭି.ଆର୍.ସି.) ଏହି କେନ୍ଦ୍ରମାନଙ୍କରେ କେଉଁ ପ୍ରକାରର ସୁବିଧା ସବୁ ମିଳୁଅଛି ?***

ବୃତ୍ତିଗତ ପୁନର୍ବାସ କେନ୍ଦ୍ରଗୁଡ଼ିକ ଭାରତ ସରକାରଙ୍କ ଦ୍ୱାରା ଅକ୍ଷମ ବ୍ୟକ୍ତିମାନଙ୍କୁ ନିଯୁକ୍ତି ପାଇବାରେ ସୁବିଧା ଦେବାକୁ ଏବଂ ସେମାନଙ୍କର ଆତ୍ମ ପରିଚୟ ଓ ସମାଜ ପ୍ରତି ଅବଦାନକୁ ବୃଦ୍ଧି କରବାପାଇଁ ଗଢ଼ାଯାଇଥିଲା । ବର୍ତ୍ତମାନ ଦେଶ ବ୍ୟାପୀ 13ଟି ଭି.ଆର.ସି. ସବୁଶ୍ରେଣୀର ଅକ୍ଷମ ବ୍ୟକ୍ତିମାନଙ୍କର କଲ୍ୟାଣ ନିମନ୍ତେ କାର୍ଯ୍ୟ କରୁଛନ୍ତି । ଭି.ଆର.ସି. ଏକ ବିସ୍ତୃତ ସେବା ଯୋଗାଇଥାଏ, ଯଥା :–

- ପ୍ରତ୍ୟେକ ବ୍ୟକ୍ତିର ଯୋଗ୍ୟତା ସ୍ତରକୁ ମୂଲ୍ୟାୟନ କରିବା ।
- ଉପଦେଶଦାତାଙ୍କ ଦ୍ୱାରା ମାର୍ଗ ପ୍ରଦର୍ଶନ ଓ ଉପଦେଶ ପ୍ରଦାନ କରିବା ।
- ଦୂର ସଞ୍ଚାର ପଦାର୍ଥ, ଇନ୍ଦ୍ରିୟ ସହାୟକ ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି ସବୁ ସଂଗ୍ରହ କରିବା ।
- ବୃତ୍ତିଗତ ତାଲିମ୍ ଏବଂ କର୍ମ ଯଥୋପଯୋଗୀ କାର୍ଯ୍ୟକ୍ରମ ।
- ଉପଯୁକ୍ତ ନିଯୁକ୍ତି କ୍ଷେତ୍ରରେ ଅବସ୍ଥାନ କରିବା ।
- ନିଯୁକ୍ତି ପରେ ସେବା ପ୍ରଦାନ ।

ଯଦିଓ ଭି.ଆର.ସି. ର ଲକ୍ଷ୍ୟ ହେଉଛି ସମସ୍ତ ଅକ୍ଷମମାନଙ୍କର ସେବା କରିବା, ସେମାନେ କେବଳ ମୃଦୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ସେବା କରିଥାନ୍ତି, ଯେଉଁମାନଙ୍କର ଉନ୍ମୁକ୍ତ ନିଯୁକ୍ତି କ୍ଷେତ୍ରରେ ଅଧିକ ସାମର୍ଥ୍ୟ ରହିଅଛି । ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଯୋଗ୍ୟତା ସମ୍ବନ୍ଧରେ ଅଧିକ ଜାଣିବା ନିମନ୍ତେ ସ୍ଥାନୀୟ ଭି.ଆର.ସି.ରେ ପରାମର୍ଶ କରନ୍ତୁ । (ଭି.ଆର.ସି. ମାନଙ୍କର ଠିଠା ଏହି ପୁସ୍ତକରେ ଦିଆଯାଇଛି )

***244. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ବୃତ୍ତିଗତ ପୁନର୍ବାସ କ୍ଷେତ୍ରରେ ପିତାମାତା ମାନେ କିପରି ଅବଦାନ ଦେଇପାରିବେ ?***

ଜଣେ ପିତାମାତା 10,000 ଶିକ୍ଷକଙ୍କ ସହିତ ସମାନ (ଚୀନା ପ୍ରବଚନ) । ବୋଧହୁଏ ବୃତ୍ତିଗତ ପୁନର୍ବାସ କ୍ଷେତ୍ରରେ ପାରିବାରିକ ସହାୟତା ଏବଂ ମନୋଭାବ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କାରଣ ଅଟେ । ଗୋଟିଏ ସାହାଯ୍ୟକାରୀ ପରିବାର ସାଧାରଣତଃ ତାଲିମ୍‌ରେ ଥିବା ଦୁର୍ବଳତା, କର୍ମଚାରୀର ଦକ୍ଷତା ଏବଂ ସ୍ଥାନୀୟ ଆର୍ଥିକ ଅସୁବିଧାଗୁଡ଼ିକୁ ପୂରଣ କରିପାରିଥାନ୍ତି । ସାହାଯ୍ୟକାରୀ ପରିବାରର ସଦସ୍ୟମାନେ ଯଥା ପିତାମାତା, ଭାଇଭଉଣୀ, ବୁଢ଼ାବାପା ମାଆ, ସାଙ୍ଗ ସାଥି ଏବଂ ଶୁଭାକାଂକ୍ଷୀମାନେ ଚାକିରୀ ବାଛିବାରେ ସାହାଯ୍ୟ କରିପାରିବେ, କାର୍ଯ୍ୟ କରିବା ଅଭ୍ୟାସର ଉନ୍ନତି କରିବାରେ ସାହାଯ୍ୟ କରିପାରିବେ, ଏବଂ ବ୍ୟକ୍ତିର ଆଗ୍ରହ ଏବଂ କ୍ଷମତାନୁସାରେ ସଠିକ୍ ଖବର ପାଇବାର ଏକ ବହୁତ ବଡ଼ ଉତ୍ସ ଭାବରେ କାର୍ଯ୍ୟ କରିପାରିବେ । ପରିବାରର ସଦସ୍ୟମାନେ ମଧ୍ୟ ଯାତାୟତ ବା ପରିବହନର ଆୟୋଜନରେ ସାହାଯ୍ୟ କରିପାରିବେ । କାର୍ଯ୍ୟ ନିର୍ଘଣ୍ଟରେ ସହଜରେ ପରିବର୍ତ୍ତନ ଆଣିପାରିବେ ଏବଂ କାର୍ଯ୍ୟକ୍ଷେତ୍ରରେ ବ୍ୟକ୍ତିମାନଙ୍କୁ ତାଲିମ୍ ଦେବାରେ ପେଷାଦାରମାନଙ୍କୁ ସହାୟତା କରିପାରିବେ । ଆମ ଦେଶର ଅନେକ ଗୁଡ଼ିଏ ଅଭିଭାବକ ସଂଘ ନିଜର ପିଲାମାନଙ୍କ ପାଇଁ ବୃତ୍ତିଗତ ତାଲିମ କେନ୍ଦ୍ର ସବୁ ଗଢୁଛନ୍ତି ।

***245. ଯଦି ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି ଚାକିରୀ ପାଇବାରେ ବିଫଳ ହୋଇଥାନ୍ତି, ତେବେ କଣ ହେବ ?***

ଯଦିଓ ମାନସିକ ବିକଳାଙ୍ଗ ବ୍ୟକ୍ତିର ଜୀବନରେ କାମ କରିବା ବହୁତ ମହତ୍ୱପୂର୍ଣ୍ଣ ଅଟେ, ଏହା ଏହିଠାରେ ଶେଷ ହୋଇଯାଏ ନାହିଁ । ଯଦି ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି ଚାକିରୀ ପାଇବାରେ ଅସମର୍ଥ ହୁଏ, ତେବେ ତାହାର ଅବକାଶ ଓ ଚିତ୍ତବିନୋଦନ କାର୍ଯ୍ୟ ସବୁ ଏକ ସମନ୍ୱିତ ପରିବେଶରେ ବଢ଼ାଇବା ଉଚିତ୍ । ଯାହାଫଳରେ ବ୍ୟକ୍ତିଟି ଏକାକୀ ଅନୁଭବ କରିବନାହିଁ । ଏହି ସମୟରେ ସ୍ୱେଚ୍ଛାକୃତ କାର୍ଯ୍ୟଗୁଡ଼ିକୁ ମଧ୍ୟ ଦେଖିବା ଉଚିତ୍ ।

## 11

# ଯୌନ ପ୍ରବୃତ୍ତି

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସମାନ ପ୍ରକାରର ବିକାଶ ସୋପାନ ମଧ୍ୟରେ ଗତି କରିଥାନ୍ତି ଯଥା :— ଶୈଶବାବସ୍ଥା, କିଶୋରାବସ୍ଥା, ପ୍ରାପ୍ତବୟସ୍କ, ମଧ୍ୟମବର୍ଷୀୟ ଏବଂ ବୃଦ୍ଧାବସ୍ଥା । ବିକଳାଙ୍ଗତାର ନିର୍ବିଶେଷରେ ପ୍ରତ୍ୟେକ ମଣିଷର ଯୌନ ଆକାଂକ୍ଷା ଏବଂ ଯୌନ ବ୍ୟବହାରର ଆରମ୍ଭ କିଶୋରବସ୍ଥା ସହିତ ସଂପୃକ୍ତ । ସାଧାରଣ ବୁଦ୍ଧି ସଂପନ୍ନ ବ୍ୟକ୍ତିମାନେ ନିଜର ଆଙ୍କାକ୍ଷାକୁ ସାମାଜିକ ଢଙ୍ଗରେ ପ୍ରକାଶ କରିବା ଶିଖିପାରିଥାନ୍ତି । ଯାହା ବି ହେଉ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ, ଶିଖିବା ନିମନ୍ତେ ସାମାଜିକ ସୁବିଧା ନ ପାଇବା, ଯୌନ ଇଚ୍ଛାଗୁଡ଼ିକୁ ପୂର୍ଣ୍ଣ କରିବା ଦିଗରେ କୌଣସି ତାଲିମ୍ ନ ପାଇବା ଏବଂ ଦୁର୍ବଳ ବୌଦ୍ଧିକ କ୍ଷମତା ଯୋଗୁଁ ନିଜର ବ୍ୟବହାରର ଫଳାଫଳ ବୁଝି ପାରୁନଥିବାରୁ ସେମାନେ ସଠିକ୍ ବ୍ୟବହାର ଶିଖି ପାରିନଥାନ୍ତି । ଏହା ଫଳରେ, କେତେକ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ପରିବେଶରେ ଯୌନ ଅପବ୍ୟବହାରର ଶୀକାର ହୋଇଥାନ୍ତି କିମ୍ୱା ଅବାଞ୍ଛିତ ଯୌନ ବ୍ୟବହାର ପ୍ରଦର୍ଶନ କରିଥାଆନ୍ତି, ଯାହା ଲଜ୍ଜ୍ୟାକର ପରିସ୍ଥିତି ସୃଷ୍ଟି କରିଥାଏ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଯୌନ ବିକାଶ ଏବଂ ଯୌନ ବ୍ୟବହାର ବିଷୟରେ ପିତାମାତାଙ୍କର ଉଦ୍‌ବେଗ ମୂଳକ ଚିନ୍ତାକୁ ଏହି ବିଭାଗରେ ବର୍ଣ୍ଣନା କରାଯାଇଅଛି ।


ଆଜି ଖବର କାଗଜରେ ପଢ଼ିଚୁ କି ଯେ, କେତେ ମାନସିକ ବିକଳାଙ୍ଗ ଝିଅମାନଙ୍କୁ ଗର୍ଭନିରୋଧ ଅସ୍ତ୍ରୋପଚାର କରାଯାଇଛି ।
କିନ୍ତୁ ଏହି ପିଲାମାନଙ୍କୁ ଗର୍ଭନିରୋଧ କାହିଁକି କରାଯାଉଛି ?
ସେମାନଙ୍କ ମତରେ ଯେହେତୁ ଏହି ପିଲାମାନେ ନିଜର ଋତୁସ୍ରାବ ସମୟରେ ଯତ୍ନ ନେଇ ପାରନ୍ତି ନାହିଁ, ତେଣୁ ଏହା ଦ୍ୱାରା ସବୁ ସମସ୍ୟା ଦୂର ହୋଇଯିବ ।
ମୋର ତୀବ୍ର ମାନସିକ ଅକ୍ଷମ ଝିଅକୁ ଋତୁସ୍ରାବ ସମ୍ବନ୍ଧୀୟ କାର୍ଯ୍ୟଗୁଡିକୁ ତା'ର ଜଣେ ଶିକ୍ଷକ ତାଲିମ୍ ଦେଇ ଶିଖାଇଛନ୍ତି ।
ସେହି ସମୟରେ ସେ ସଂପୂର୍ଣ୍ଣ ଭାବରେ ସଫା ରହିପାରୁଛି ।
ଯଦି ଏପରି ସମ୍ଭବ ତେବେ ଏପରି କୌଣସି ସିଦ୍ଧାନ୍ତ ନେବା ପୂର୍ବରୁ ମାନସିକ ବିକଳାଙ୍ଗ ସ୍ତ୍ରୀ ଲୋକ ମାନଙ୍କର ଅଧିକାରକୁ ବିଚାର କରିବା ଉଚିତ୍ ।

**246. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କଣ ଯୌନ ଅକାଂକ୍ଷା ରହିଥାଏ କି ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ, ଅଣ ବିକଳାଙ୍ଗ ବ୍ୟକ୍ତିମାନଙ୍କ ଭଳି ଶୈଶବଠାରୁ ବୟସ୍କ ହେବା ପର୍ଯ୍ୟନ୍ତ ସମାନ ପ୍ରକାରର ଇଚ୍ଛା, ଚିନ୍ତାଧାରା ଏବଂ ଶାରିରୀକ ଆକାଂକ୍ଷା ନେଇ ବଢ଼ିଥାନ୍ତି । ସେମାନଙ୍କର ମଧ୍ୟରେ ଯୌନ ଅନୁଭୂତି ଏବଂ ଯୌନ ଆକାଂକ୍ଷା ବଢ଼ିଥାଏ, ଯାହା ବି ହେଉ, ଅକ୍ଷମତାର ଗଭୀରତା ବଢ଼ିବା ସହିତ, ଯୌନ ଆକାଂକ୍ଷା ପ୍ରକାଶ କରିବା ମଧ୍ୟ କମିଯାଇ ପାରିଥାଏ ।

**247. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କଣ ସାଧାରଣ ଲୋକମାନଙ୍କ ଭଳି ସମାନ ବୟସରେ ଯୌନ ପରିପକ୍ୱତା ଲାଭ କରିଥାନ୍ତି ?**

ମାନସିକ ବିକଳାଙ୍ଗ ବ୍ୟକ୍ତିର ଯୌନ ବିକାଶ, ଶାରିରୀକ ବୃଦ୍ଧି ଓ ବିକାଶ ସାଧାରଣ ପିଲାମାନଙ୍କ ପରି ସମାନ ପ୍ରକାରର ହୋଇଥାଏ । ଯାହା ବି ହେଉ, ଦ୍ୱିତୀୟ ଶ୍ରେଣୀୟ ଯୌନ ଲକ୍ଷଣ ଯଥା : ପୁଅମାନଙ୍କଠାରେ ଯୌନ ଲୋମ ଓ ଦାଢ଼ି ଉଠିବା ଇତ୍ୟାଦି ଏବଂ ଝିଅ ମାନଙ୍କଠାରେ ସ୍ତନର ବିକାଶ ମାନସିକ ବିକଳାଙ୍ଗତାର ଲକ୍ଷଣ ଅନୁସାରେ ଡେରିରେ ହୋଇପାରିଥାଏ ।

**248. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ନିଜର ଯୌନ ଆକାଂକ୍ଷାଗୁଡ଼ିକୁ କିପରି ଭାବରେ ପ୍ରକାଶ କରିଥାନ୍ତି ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଛୁଇଁକରି, କଥାବାର୍ତ୍ତାକରି, କୁଣ୍ଢେଇ ପକାଇ, ଚୁମାଦେଇ, ଆଦର କରି, ଘସିହୋଇ, ହସ୍ତମୈଥୁନ ଓ ସାଧାରଣ ଭାବରେ ଯୌନକ୍ରିୟା କିମ୍ବା କେବଳ ହାତକୁ ଧରିବା ପ୍ରଭୃତି କେତେକ ଉପାୟ ଦ୍ୱାରା ସେମାନଙ୍କର ଯୌନ ଆକାଂକ୍ଷାଗୁଡ଼ିକୁ ପ୍ରକାଶ କରିଥାନ୍ତି ।

**249. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କଠାରେ ଯୌନ ସମସ୍ୟା ଅଧିକ ମାତ୍ରାରେ ଦେଖାଯାଇଥାଏ କି ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଯୌନ ସମସ୍ୟା ଅଧିକ ଦେଖାଯାଇଥାଏ,

କାରଣ :—

- ଯୌନ ଆକାଂକ୍ଷା ଓ ଆବଶ୍ୟକତା ଗୁଡ଼ିକୁ ସାମାଜିକ ଢଙ୍ଗରେ ପ୍ରକାଶ କରି ଶିଖିବା ନିମନ୍ତେ ସୀମିତ ସୁବିଧା ସୁଯୋଗ ।
- ବିଚାର କରିବାର କ୍ଷମତା କମ୍ ଥିବାହେତୁ ।
- କୌଣସି କାର୍ଯ୍ୟର ପରିଣତି ସଂପର୍କରେ ଜାଣିନପାରିବା ।
- ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ହୁଏତ ନିଜର ଯୌନ ଆକାଂକ୍ଷାକୁ ଅବାଞ୍ଛିତ ଉପାୟରେ ପ୍ରକାଶ କରିବାକୁ ଉତ୍ସାହିତ କରାଯାଇପାରୁଥାଏ ।

***250. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କଠାରେ ସାଧାରଣତଃ କେଉଁ ପ୍ରକାରର ଯୌନ ସମସ୍ୟା ସବୁ ଦେଖାଯାଉଥିବାର ଜଣାପଡ଼ିଅଛି ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ଜଣାପଡୁଥିବା ସାଧାରଣ ଯୌନ ସମସ୍ୟାଗୁଡ଼ିକ ମଧ୍ୟରେ :—

- ସର୍ବସାଧାରଣ ସ୍ଥାନରେ ହସ୍ତମୈଥୁନ କରିବା ।
- ସର୍ବସାଧାରଣଙ୍କ ସମ୍ମୁଖରେ ପୋଷାକ ଖୋଲିବା ।
- ଅତ୍ୟଧିକ ସ୍ନେହ କିମ୍ବା ଅତ୍ୟଧିକ କ୍ରୋଧଯୁକ୍ତ ବ୍ୟବହାର ଦେଖାଇବା ।
- ଅତ୍ୟଧିକ ଭାବରେ କୁଣ୍ଢାଇ ଆଲିଙ୍ଗନ କରିବା କିମ୍ବା ଚୁମାଦେବା ।
- ଅବିଚ୍ଛିନ୍ନ ଭାବରେ ଛୁଇଁବା କିମ୍ବା ଅନ୍ୟ ସହିତ ଲାଗି ରହିବା ।
- ଅବାଞ୍ଛିତ ଗର୍ଭଧାରଣ ।
- ସମଲିଙ୍ଗୀ ଯୌନ ସଂପର୍କ ।

***251. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ ନିଜର ଯୌନ ଆକାଂକ୍ଷାକୁ ଉପଯୁକ୍ତ ଭାବରେ ପୂରଣ କରିବା ନିମନ୍ତେ ତାଲିମ୍ ନେଇ ପାରିବେ ?***

ଶୈଶବ ଓ ଯୌବନାବସ୍ଥାରେ ନିୟମ ସମ୍ମତ ଯୌନ ଶିକ୍ଷା ପ୍ରଦାନ କରାଗଲେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ନିଜର ଯୌନ ଇଚ୍ଛାକୁ ଉପଯୁକ୍ତ ଭାବରେ ପ୍ରକାଶ କରିବା

ଶିଖିପାରିବେ । ଯାହା ବି ହେଉ, ଯୌନ ଆବଶ୍ୟକତାଗୁଡ଼ିକୁ ସ୍ୱାଧୀନ ଭାବରେ ପ୍ରକାଶ କରିବା, ମାନସିକ ବିକଳାଙ୍ଗ ବ୍ୟକ୍ତିର ଗଭୀରତା ଅନୁସାରେ ପୃଥକ୍ ହୋଇଥାଏ ।

**252. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କଣ ଯୌନ ସଂପର୍କ ରଖିବାର ଅଧିକାର ରହିଅଛି ?**

ଅକ୍ଷମତା ନିର୍ବିଶେଷରେ ସମସ୍ତ ବ୍ୟକ୍ତିଙ୍କର ସମାନ ଅଧିକାର ରହିବା ଉଚିତ୍ । ଯାହା ବି ହେଉ, ପ୍ରତ୍ୟେକ 'ଅଧିକାର' ସହିତ ସମ ପରିମାଣର ବଳିଷ୍ଠ ଦାୟିତ୍ୱ ରହିଥାଏ । ଯଦିଓ ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି ଖୁସିରେ ରହିବା ଏବଂ ଉତ୍ତମ ଜୀବନ ଯାପନ କରିବା ଆଦର୍ଶର କଥା କିନ୍ତୁ ଯେତେବେଳେ ତାହାର କାର୍ଯ୍ୟକଳାପ ଅନ୍ୟ ବ୍ୟକ୍ତିମାନଙ୍କୁ ସଂପୃକ୍ତ କରାଇଥାଏ, ଏହା କେବଳ ଏକ 'ଅଧିକାର' ର ପ୍ରଶ୍ନ ନୁହେଁ ବରଂ ଏହାର ପରିଣତି ଓ ଦାୟିତ୍ୱକୁ ଦୃଷ୍ଟି ଦେବାକୁ ପଡ଼ିଥାଏ ।

**253. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ ସାଧାରଣ ଭାବରେ ବିଷମଲିଙ୍ଗୀ ଯୌନ ସଂପର୍କ ରଖିପାରିବେ ?**

କୌଣସି ଆନୁସଙ୍ଗିକ ଅସୁବିଧା ନଥିବା ମୃଦୁ ମାନସିକ ବିକଳାଙ୍ଗ ବ୍ୟକ୍ତି ବିସମଲିଙ୍ଗୀ ଯୌନ ସଂପର୍କ ରକ୍ଷା କରିପାରିବେ । ମାନସିକ ବିକଳାଙ୍ଗତାର ତୀବ୍ରତା ବଢ଼ିବା ସଙ୍ଗେ ସଙ୍ଗେ ମାନସିକ ବିକଳାଙ୍ଗବ୍ୟକ୍ତିର ସାଧାରଣ ଭାବରେ ବିସମଲିଙ୍ଗୀ ଯୌନ ସଂପର୍କ ରଖିବା ଅଧିକ ଅସୁବିଧା ଜନକ ହୋଇଥାଏ ।

**254. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ ଅଧିକ ଭାବରେ ଯୌନ ଅପବ୍ୟବହାରର ଶୀକାର ହୋଇଥାନ୍ତି ?**

ଯୌନ ପ୍ରବୃତ୍ତିଗୁଡ଼ିକୁ ଠିକ ଭାବରେ ନିୟନ୍ତ୍ରଣ ନକରିପାରୁଥିବା ହେତୁ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଅଧିକ ଭାବରେ ଯୌନ ଅପବ୍ୟବହାରର ଶୀକାର ହୋଇଥାନ୍ତି । ଗବେଷଣାରୁ ଜଣାପଡ଼ିଅଛି ଯେ, ଅତ୍ୟଧିକ ଭାବରେ ଅପବ୍ୟବହାର ହେବାର କାରଣ ମାନଙ୍କ ମଧ୍ୟରୁ ମୁଖ୍ୟ କାରଣ ହେଉଛି ପ୍ରକୃତ ଅକ୍ଷମତା । ମାନସିକ ବିକଳାଙ୍ଗ

ବ୍ୟକ୍ତିମାନଙ୍କର ଯୌନ ଅପବ୍ୟବହାର ହେବାର ସମ୍ଭାବନାକୁ ବଢ଼ାଇ ଥିବାର ମୁଖ୍ୟ କାରଣଗୁଡ଼ିକ ହେଲା–

- ଯୌନ ପ୍ରବୃତ୍ତି ଏବଂ ସଂପର୍କ ବିଷୟରେ ଜ୍ଞାନହୀନତା, ସର୍ବସାଧାରଣ କିମ୍ବା ବ୍ୟକ୍ତିଗତ ବ୍ୟବହାର ବିଷୟରେ ଜ୍ଞାନହୀନତା ।
- ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସାଧାରଣତଃ ଏକାକୀ ହୋଇଥାନ୍ତି ଏବଂ ସାଙ୍ଗସାଥି କରିବା ନିମନ୍ତେ ସାମାଜିକ ସୁବିଧା ସୁଯୋଗରୁ ବଞ୍ଚିତ ହେବାଯୋଗୁଁ ସେମାନେ ଏକୁଟିଆ ଅନୁଭବ କରିଥାନ୍ତି, ସ୍ନେହ ପାଇଁ ଚେଷ୍ଟା କରିଥାନ୍ତି ଏବଂ ସେଥିପାଇଁ ଅପବ୍ୟବହାର ହେବାର ସମ୍ଭାବନା ଅଧିକ ହୋଇଥାଏ ।
- ସଂପର୍କ ନରଖିବା ପାଇଁ ଦୃଢ଼ଭାବରେ ମନାକରିବାର କ୍ଷମତା ନଥିବା ଏବଂ ଦୁର୍ବଳ ଆତ୍ମସମ୍ମାନ ।

ପାଶ୍ଚାତ୍ୟ ଦେଶମାନଙ୍କରୁ ମିଳୁଥିବା ଗବେଷଣାର ବିବରଣୀରୁ ଇଙ୍ଗିତ ମିଳିଥାଏ ଯେ, ଅଧିକାଂଶ ବ୍ୟକ୍ତି ଯେଉଁମାନେ ଯୌନ ଅପବ୍ୟବହାରରେ ସଂପୃକ୍ତ, ସେମାନେ କ୍ଷତିଗ୍ରସ୍ତ ଅକ୍ଷମ ବ୍ୟକ୍ତିର ଜଣାଶୁଣା ଅଟନ୍ତି ।

***255. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସେମାନଙ୍କ ପ୍ରତି ହୋଇଥିବା ଯୌନ ଅପବ୍ୟବହାର ସମ୍ବନ୍ଧରେ ଜଣାଇବାକୁ ସକ୍ଷମ ହୋଇପାରିନଥାନ୍ତି । ଯୌନ ଅପବ୍ୟବହାର ହେବାର କୌଣସି ବ୍ୟବହାରିକ ସୂଚକ ରହିଅଛି କି ?***

ଅନେକଗୁଡ଼ିଏ ବ୍ୟବହାରିକ ଏବଂ ଶାରିରୀକ ସୂଚକ ରହିଅଛି, ଯାହା ଯୌନ ଅପବ୍ୟବହାର ହୋଇଥିଲେ ସୂଚନା ପ୍ରଦାନ କରିପାରିବ ।

- ଚାଲିବା ଏବଂ ବସିବାରେ ଅସୁବିଧା ।
- ଅନ୍ତର୍ବସ୍ତ୍ର ଚିରିବା, ଦାଗ ଲାଗିବା କିମ୍ବା ରକ୍ତାକ୍ତ ହେବା ।
- ଯୌନାଙ୍ଗରେ ଯନ୍ତ୍ରଣା କିମ୍ବା କୁଣ୍ଡାଇ ହେବା ।

- ଯୌନାଙ୍ଗ କିମ୍ବା ଗୁହ୍ୟ ଦ୍ୱାରରେ କ୍ଷତ ବା ରକ୍ତ ବାହାରିବା ।
- ରତିକ୍ରିୟା ଜନିତ ରୋଗ ।
- ଗର୍ଭଧାରଣ ।
- ଶୋଇବାରେ ଅସୁବିଧା କିମ୍ବା ହଠାତ୍ ଏବଂ ବହୁ ସମୟରେ ରାତ୍ରିରେ ଭୟଙ୍କର ସ୍ୱପ୍ନ ଦେଖିବା ।
- ପୂର୍ବରୁ ଭଲ ପାଉଥିବା ଏବଂ ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ।
- ପାକସ୍ଥଳୀରେ ଅବର୍ଣ୍ଣନୀୟ ଯନ୍ତ୍ରଣା କିମ୍ବା ଖାଦ୍ୟ ଖାଇବା ଅଭ୍ୟାସର ପରିବର୍ତ୍ତନ ।
- ଏକାକୀ ହୋଇଯିବାର ଭୟ ।
- ଶେଯରେ ପରିସ୍ରା କରିବା ।
- ଅବକାଶ ମୂଳକ କାର୍ଯ୍ୟରେ ପରିବର୍ତ୍ତନ କିମ୍ବା ପୂର୍ବରୁ ଉପଭୋଗ କରୁଥିବା ଆମୋଦପ୍ରମୋଦ କାର୍ଯ୍ୟରେ ଯୋଗ ଦେବାକୁ ଅନିଚ୍ଛା ପ୍ରକାଶ କରିବା ।
- କର୍ତ୍ତବ୍ୟରେ ଅବହେଳା କିମ୍ବା ଦୌଡ଼ି ପଳାଇବା ।
- ପୋଷାକ ଖୋଲିବାକୁ, ଗାଧୋଇବାକୁ ବା ଗାଧୋଇ ଦେବାକୁ ମନ କରିବା ।
- ହଠାତ୍ ପିଲାଳିଆ ବ୍ୟବହାର ଦେଖାଇବା (ଚୁଚୁମିବା, କାମୁଡ଼ିବା, ହଲିବା) ।

### *256. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ବନ୍ଧ୍ୟକରଣ କରିବା ଉଚିତ୍ କି ?*

ଏହି ପ୍ରଶ୍ନ ନିମନ୍ତେ ପ୍ରତ୍ୟକ୍ଷ ଭାବରେ ହଁ ବା ନାହିଁ କୌଣସି ଉତ୍ତର ଦେଇହେବନାହିଁ, ଯେହେତୁ ଏହାମଧ୍ୟ ଅକ୍ଷମତା ଥିବା ଏବଂ ନଥିବା ବ୍ୟକ୍ତିମାନଙ୍କ ପ୍ରତି ଲାଗୁହୋଇପାରିବ । ବନ୍ଧ୍ୟକରଣ ନିମନ୍ତେ ସ୍ଥିର କରିବା ବ୍ୟକ୍ତିର ସ୍ୱତନ୍ତ୍ର ପରିସ୍ଥିତି ଉପରେ ନିର୍ଭର କରିଥାଏ । ସାଧାରଣତଃ ଏହା ସ୍ଥିର କରିବା ଦାୟିତ୍ୱ ମାନସିକ ବିକଳାଙ୍ଗ ବ୍ୟକ୍ତିର

ପିତାମାତା କିମ୍ବା ଅଭିଭାବକମାନଙ୍କ ଉପରେ ନିର୍ଭର କରିଥାଏ । ଯାହା ବି ହେଉ, ଏକ ସଠିକ ସିଦ୍ଧାନ୍ତ ନେବାକୁ ହେଲେ ଡାକ୍ତର, ପୁନର୍ବାସ ବିଶେଷଜ୍ଞମାନଙ୍କ ବ୍ୟତୀତ ପିତାମାତାମାନେ ଜଡ଼ିତ ହେବା ଉଚିତ୍ ଏବଂ ଯେଉଁଠି ସମ୍ଭବ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ମଧ୍ୟ ସିଦ୍ଧାନ୍ତ ନେବାରେ ସାମିଲ କରିବା ଉଚିତ୍ ।

***257. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଯୌନ ଆକାଂକ୍ଷାକୁ ଆୟତ୍ତ କରିବା ନିମନ୍ତେ ଚେଷ୍ଟା କରାଯିବା ଉଚିତ୍ କି ?***

କୌଣସି ବ୍ୟକ୍ତିର ଯୌନ ଅଧିକାରକୁ ଆୟତ୍ତ କରିବା ବା ମନା କରିବା ଏକ ପ୍ରକାର ଅମାନୁଷିକ କାର୍ଯ୍ୟ ଓ ମାନବିକ ଅଧିକାରର ଉଲଘଂନ ଅଟେ । ଉପଯୁକ୍ତ ଭାବରେ ଯୌନ ଇଚ୍ଛାକୁ ପ୍ରକାଶ କରିବାକୁ ତାଲିମ୍ ଦିଆଗଲେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଉତ୍ତମରୂପେ ବୟସ୍କ ଜୀବନର ସଂପର୍କକୁ ଉପଭୋଗ କରିପାରିବେ ।

***258. ହସ୍ତ ମୈଥୁନ କଣ ଦେଖାନଯିବା ଏବଂ ଦୁର୍ବଳତା ସୃଷ୍ଟି କରିଥାଏ ?***

ହସ୍ତମୈଥୁନ ଅନ୍ଧତ୍ୱ ଏବଂ ଦୁର୍ବଳତା ସୃଷ୍ଟି କରେ ନାହିଁ । ହସ୍ତମୈଥୁନ ହେଉଛି ଏକ ପ୍ରକାର କ୍ଷତିହୀନ ଯୌନ ସୁଖ ଲାଭ କରିବାର ଉପାୟ ଯାହାକୁ ଚିନ୍ତାଦୂର କରିବାରେ ଏବଂ ବ୍ୟକ୍ତିମାନେ ନିଜ ଶରୀର ସମ୍ବନ୍ଧରେ ଜାଣିପାରିବାରେ ସାହାଯ୍ୟ କରିଥାଏ । ଗବେଷଣାରୁ ଜଣାପଡ଼ିଅଛି ଯେ, ପାଶ୍ଚାତ୍ୟ ଦେଶମାନଙ୍କରେ ଶତକଡ଼ା ୨୦ ଭାଗରୁ ଉର୍ଦ୍ଧ୍ୱ ପୁରୁଷ ଓ ଶତକଡ଼ା ୬୦ ଭାଗରୁ ଉର୍ଦ୍ଧ୍ୱ ମହିଳାମାନେ ବେଳେବେଳେ ହସ୍ତମୈଥୁନ କରିଥାନ୍ତି ।

***259. ବେଳେବେଳେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ, ଅନ୍ୟମାନଙ୍କ ସମ୍ମୁଖରେ ହସ୍ତମୈଥୁନ କରିଥାନ୍ତି, ଯାହା ଅତ୍ୟନ୍ତ ଲଜ୍ଜ୍ୟାକର କଥା । ଏପରି ବ୍ୟବହାରର ପରିବର୍ତ୍ତନ ହୋଇପାରିବ କି ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ସବୁଠାରୁ ବଡ଼ ସମସ୍ୟା ହେଉଛି ଯେ, ସେମାନେ ନିଜର ଯୌନଇଚ୍ଛାକୁ ଏବଂ ଆକାଂକ୍ଷାକୁ ସମାଜରେ ଗ୍ରହଣୀୟ ଉପାୟରେ ପ୍ରକାଶ କରିପାରନ୍ତିନାହିଁ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ କେଉଁଠି, କେତେବେଳେ ଏବଂ କିପରି ବ୍ୟବହାର ଦେଖାଇବା ଆବଶ୍ୟକ ତାହା ବୁଝିବା କଷ୍ଟକର ହୋଇଥାଏ । କୌଣସି ତାଲିମ୍

ପ୍ରାପ୍ତ ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍ କିମ୍ବା ସ୍ୱତନ୍ତ୍ର ଶିକ୍ଷକ, ପିତାମାତାଙ୍କୁ ଏହି ଘଟଣାଗୁଡ଼ିକୁ ନିୟନ୍ତ୍ରଣ କରିବା ନିମନ୍ତେ ଉପଦେଶ ଦେଇପାରିବେ ।

***260. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ବେଳେବେଳେ ପରଦା ଉପରେ ମଡ଼େଲ୍‌ମାନଙ୍କର ଯୌନ ଉତ୍ତେଜିତ ବ୍ୟବହାର ଗୁଡ଼ିକୁ ଦେଖି ଅନୁକରଣ କରିଥାନ୍ତି । ପିତାମାତାମାନେ କଣ କରିପାରିବେ ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଅନ୍ୟମାନେ କରୁଥିବା ଅନେକ ବ୍ୟବହାର ଭଲ ହେଉ ବା ମନ୍ଦ ହେଉ ତାହା ଦେଖିକରି ଶିଖିବାକୁ ଇଚ୍ଛା କରିଥାନ୍ତି । ସେମାନେ ଏପରି ବ୍ୟବହାରଗୁଡ଼ିକୁ ଅନ୍ୟମାନଙ୍କ ଉପସ୍ଥିତିରେ ଅନୁକରଣ କରିବାର ସାମାଜିକ ଯଥାର୍ଥତା ଏବଂ ଏହାର ପରିଣାମ ସମ୍ବନ୍ଧରେ ବୁଝିପାରନ୍ତି ନାହିଁ ଯାହା ଏକ ସମସ୍ୟା ହୋଇଥାଏ । ଯଦି ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଘର ଭିତର ଓ ବାହାର ଅବକାଶ ମୂଳକ କାର୍ଯ୍ୟଗୁଡ଼ିକୁ ଶିଖିବାକୁ ସୁବିଧା ଦିଆଯାଏ, ତେବେ ସମ୍ଭବତଃ ଏହା ସେମାନଙ୍କୁ ବୈକଳ୍ପିକ ଚିନ୍ତା ଓ ଗଠନମୂଳକ ଆଦର୍ଶ ଅନୁକରଣ କରିବା ନିମନ୍ତେ ପ୍ରଶସ୍ତ ବିକଳ୍ପ ଯୋଗାଇଦେବ ।

***261. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଯୌନବସ୍ଥାରେ ବା ବୟସ୍କାବସ୍ଥାରେ ପହଞ୍ଚିଥିଲେ ମଧ୍ୟ ବାପାମାଆଙ୍କ ପାଖରେ ଶୋଇବାକୁ ଯିଦି କରିଥାନ୍ତି । ଏଥି ନିମନ୍ତେ ଅନୁମତି ଦେବା ଉଚିତ୍ କି ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ବ୍ୟବହାର ଗୁଡ଼ିକ ଶିଖିବା ଏବଂ ଭୁଲିବା ନିମନ୍ତେ ବହୁତ ସମୟ ନେଇଥାନ୍ତି । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ବ୍ୟବହାରଗୁଡ଼ିକର ସାମାଜିକ ଗ୍ରହଣୀୟତା ଓ ବାଞ୍ଛନୀୟତା ସଂପର୍କରେ କମ୍ ବୁଝିପାରିଥାନ୍ତି । ଭାରତରେ ସାଧାରଣ ବୁଦ୍ଧି ସଂପନ୍ନ ପିଲାମାନେ ବୟସ ବଢ଼ିବା ସଙ୍ଗେ ପିତାମାତାଙ୍କ ଠାରୁ ଅଲଗା ଶୋଇବା ବ୍ୟବହାର ଦେଖାଯାଇଥାଏ । ଯାହା ବି ହେଉ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ପ୍ରାକୃତିକ ଉପାୟରେ ଏହି ବ୍ୟବହାରଗୁଡ଼ିକୁ ଦେଖାଇନଥାନ୍ତି; ଯେଉଁ ପର୍ଯ୍ୟନ୍ତ ପିତାମାତାମାନେ ସେମାନଙ୍କର ମାନସିକ ବିକଳାଙ୍ଗ ପିଲାକୁ ଅଲଗା ଶୋଇବା ନିମନ୍ତେ ଶିଖାଇବାକୁ ଚେଷ୍ଟା କରିନଥାନ୍ତି । ଅଲଗା ଶୋଇବା ନିମନ୍ତେ ଯେତେ ଶୀଘ୍ର, 3-5 ବର୍ଷ ବୟସରେ ବା ତାହାର ପୂର୍ବରୁ ଚେଷ୍ଟା କରାଯିବା ଉଚିତ୍ । ଯଦି ପିଲାଟି ଅଲଗା ଶୋଇବା




ଅନ୍ୟମାନଙ୍କ ଭଳି, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ମଧ୍ୟ ସମାନ ଅଧିକାର ରହିଛି ।

ଫଳରେ ଅଧିକ ଭୟ କରିଥାଏ ତେବେ ପିତାମାତା ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍‌ଙ୍କୁ ପରାମର୍ଶ କରି ବ୍ୟବହାର ଚିକିତ୍ସା କରିବା ଆବଶ୍ୟକ ।

***262. ମୁଁ ଜଣେ 16 ବର୍ଷ ବୟସର ପୁଅର ମାଆ, ତାହାକୁ ଗାଧୋଇଦେବା ଏବଂ ସଫା କରିବାକୁ ବହୁତ ଅସୁବିଧା ଏବଂ ଲଜ୍ଜ୍ୟାବୋଧ କରୁଅଛି । ଆପଣ କେତେଦୂର ଯୁକ୍ତିଯୁକ୍ତ ବୋଲି ଭାବୁଛନ୍ତି ?***

ଆପଣଙ୍କର ପୁଅ ଗାଧୋଇବା ସମୟରେ ଜଣେ ପୁରୁଷ ଲୋକ ସାହାଯ୍ୟ କରିବା ଅଧିକ ସଂଗତ ଓ ଯୁକ୍ତିଯୁକ୍ତ ଅଟେ । ଉପଯୁକ୍ତ ତାଲିମ୍ ମାଧ୍ୟମରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ନିଜର ଯତ୍ନ ନେବା ଶିଖିପାରିବେ । କୌଣସି ଏକ ତାଲିମ୍ ପ୍ରାପ୍ତ ଶିକ୍ଷକଙ୍କୁ ପରାମର୍ଶ କରନ୍ତୁ ଯିଏକି ଆପଣଙ୍କୁ ଏବଂ ସଂପୃକ୍ତ ବ୍ୟକ୍ତିଙ୍କୁ ଆପଣଙ୍କ ମାନସିକ ବିକଳାଙ୍ଗ ପିଲାକୁ ଗାଧୁଆ କାମ ଶିଖାଇବା ନିମନ୍ତେ ତାଲିମ୍ ଦେଇପାରିବ ।

***263. ମୋର 20 ବର୍ଷର ଝିଅ ଗାଧୋଇବା ପରେ ଅନ୍ୟମାନଙ୍କ ସାମ୍ନାରେ ଉଲଗ୍ନ ଅବସ୍ଥାରେ ଗାଧୁଆଘରୁ ବାହାରିଆସୁଛି । ଏହି ଅଭ୍ୟାସକୁ ଛଡ଼ାଇବା ନିମନ୍ତେ ତାଙ୍କୁ ତାଲିମ୍ ଦେଇହେବ କି ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଲଜ୍ଜ୍ୟା ବିଷୟରେ ଶିଖି ପାରିନଥାନ୍ତି । ଯାହାକି ଅଣ ବିକଳାଙ୍ଗ ବ୍ୟକ୍ତିମାନେ ସାଧାରଣତଃ ବୟସ ବଢ଼ିବା କ୍ରମେ ଶିଖିପାରିଥାନ୍ତି । ତେଣୁ ସେମାନଙ୍କୁ ବ୍ୟକ୍ତିଗତ ଓ ସର୍ବସାଧାରଣ ସମ୍ମୁଖରେ ପ୍ରଦର୍ଶନ କରିବା ବ୍ୟବହାର ମଧ୍ୟରେ ପାର୍ଥକ୍ୟ ବୁଝିବା କଷ୍ଟକର ହୋଇଥାଏ । ମାନସିକ ବିକଳାଙ୍ଗ ପିଲାମାନଙ୍କୁ ବ୍ୟକ୍ତିଗତ ଆଚାର ବା ଗୁପ୍ତତା ବିଷୟରେ ପିତାମାତାମାନେ ଛୋଟ ବେଳରୁ ଶିଖାଇବା ବହୁତ ଆବଶ୍ୟକ ଅଟେ । ଯାହା ବି ହେଉ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଗୁପ୍ତତା ଅବଲମ୍ବନ କରିବା ନିମନ୍ତେ ଉପଯୁକ୍ତ ତାଲିମ୍ ପ୍ରଣାଳୀରେ ତାଲିମ୍ ଦିଆଯାଇ ପାରିବ । କୌଣସି ଏକ ସ୍ୱତନ୍ତ୍ର ଶିକ୍ଷକ ବା ମନସ୍ତତ୍ତ୍ୱବିତ୍‌ଙ୍କୁ ସାହାଯ୍ୟ ଓ ଉପଦେଶ ନିମନ୍ତେ ଯୋଗାଯୋଗ କରାଯାଇପାରିବ ।

**264. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ବେଳେବେଳେ ଅନ୍ୟମାନଙ୍କର ଗୁପ୍ତ ଯାଗାଗୁଡ଼ିକୁ ଛୁଇଁବାର ଅଭ୍ୟାସ କରିଥାନ୍ତି । ସେଥିପାଇଁ ଅନୁମତି ଦେବା ଉଚିତ୍ କି ?**

କେତେକ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଏପରି ସାମାଜିକ ସ୍ତରରେ ଅନୁପଯୁକ୍ତ ବ୍ୟବହାରଗୁଡ଼ିକୁ କରିଶିଖିଥାନ୍ତି, ଯାହାକି ଅତ୍ୟନ୍ତ ଲଜ୍ଜ୍ୟାକର ଅଟେ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ, ଏପରି କାର୍ଯ୍ୟସବୁ ବିଭିନ୍ନ କାରଣରୁ କରିଥାନ୍ତି ଯଥା : ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବା, ଅନ୍ୟମାନଙ୍କ ସହିତ ସାମାଜିକ ସଂପର୍କ ସ୍ଥାପନ କରିବା କିମ୍ବା ଯୌନ ଇଚ୍ଛାକୁ ପ୍ରକାଶ କରିବା । ପ୍ରତ୍ୟେକ ବ୍ୟକ୍ତିର ଏପରି ବ୍ୟବହାର ଦେଖାଇବାର କାରଣ ଅଲଗା ଅଲଗା ହୋଇଥିବାରୁ ସେଗୁଡ଼ିକୁ ବିଶ୍ଳେଷଣ କରି ନିୟନ୍ତ୍ରଣ ନିମନ୍ତେ ଉପଯୁକ୍ତ ଉପାୟ ବିଷୟରେ ମତାମତ ଦେବା କଠିନ ହୋଇଥାଏ । ଜଣେ ମନସ୍ତତ୍ତ୍ୱବିତ୍ କିମ୍ବା ତାଲିମ୍ ପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷକଙ୍କ ସାହାଯ୍ୟ ଓ ଉପଦେଶ ନିମନ୍ତେ ପରାମର୍ଶ କରାଯାଇପାରିବ ।

**265. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଯୌନ ସମସ୍ୟାଗୁଡ଼ିକୁ ଦୂର କରିବା ନିମନ୍ତେ ପିତାମାତାମାନେ କିପରି କାର୍ଯ୍ୟ କରିପାରିବେ ?**

ପିତାମାତାମାନେ ପ୍ରାୟ ନିଜର ପିଲାମାନଙ୍କର ପ୍ରଥମ ଓ ପ୍ରାଥମିକ ଯୌନ ଶିକ୍ଷକ ଅଟନ୍ତି । ସେମାନେ ପିଲାମାନଙ୍କୁ ଶିଖାଉଥିବା ଯୌନ ପ୍ରବୃତ୍ତି, ସାମାଜିକ ବ୍ୟବହାର, ମୂଲ୍ୟବୋଧ ଏବଂ ବିଶ୍ୱାସ ସବୁ ସେମାନଙ୍କର ବ୍ୟବହାର ଓ ଆଗ୍ରହ ଉପରେ ନିର୍ଭର କରିଥାଏ, ଯାହାକୁ ସେମାନେ ଅଭ୍ୟାସ କରିଥାନ୍ତି ଏବଂ କଥାରେ ପ୍ରକାଶ କରିଥାନ୍ତି । ବେଳେବେଳେ ପିତାମାତାମାନଙ୍କୁ ସେମାନଙ୍କର ମାନସିକ ବିକଳାଙ୍ଗ ପିଲାକୁ ଯୌନ ପ୍ରବୃତ୍ତି ସମ୍ବନ୍ଧରେ କହିବା ଅତ୍ୟନ୍ତ ଅସୁବିଧା ଓ କଷ୍ଟକର ହୋଇଥାଏ । ମନସ୍ତତ୍ତ୍ୱବିତ୍, ତାଲିମ୍ ପ୍ରାପ୍ତ ସମାଜକର୍ମୀ, ମାନସିକ ରୋଗ ବିଶେଷଜ୍ଞ କିମ୍ବା ଡାକ୍ତରମାନଙ୍କ ସହିତ ସଂପର୍କ ରଖି ଏବଂ ଉପଦେଶ ନେଇ, ପିତାମାତାମାନେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଉପଯୁକ୍ତ ଭାବରେ ଯୌନ ଇଚ୍ଛାକୁ ପ୍ରକାଶ କରିବା ଏବଂ ଯୌନ ସମସ୍ୟାକୁ ଦୂରେଇବା ନିମନ୍ତେ ତାଲିମ ଦେଇପାରିବେ ।

12

# ବିବାହ

ବିବାହ କେବଳ ବିବାହ କରୁଥିବା ବ୍ୟକ୍ତିପାଇଁ ନୁହେଁ, ତାର ପିତାମାତାଙ୍କ ପାଇଁ ମଧ୍ୟ ଜୀବନର ଏକ ପ୍ରୟୋଜନୀୟ ମାଇଲ୍‌ଖମ୍ବ ହିସାବରେ ଧରିନିଆଯାଇଛି । ବିବାହ ହେଉଛି ଏକ ସାମାଜିକ ପ୍ରଥା ଯାହାକି ସାଧାରଣତଃ ପ୍ରାପ୍ତବୟସ୍କ ହେବା, ସ୍ୱାଧୀନ ଭାବରେ ପିତାମାତା ହେବା ଏବଂ ସାମାଜିକ ସୁରକ୍ଷା ପାଇବା ସହିତ ସଂଯୁକ୍ତ ହୋଇଥାଏ । ମାନସିକ ବିକଳାଙ୍ଗ ପିଲାଟିଏ ପ୍ରାପ୍ତବୟସ୍କ ହେବାପରେ ତାର ଭବିଷ୍ୟତର ସୁରକ୍ଷା ପାଇଁ ପିତାମାତା ଅଧିକ ବ୍ୟସ୍ତ ହୋଇପଡ଼ନ୍ତି । ପିତାମାତାଙ୍କ ମୃତ୍ୟୁପରେ କଣ ହେବ ? ଏହିପରି ପ୍ରଶ୍ନ ମନରେ ଉଠେ । ମାନସିକ ବିକଳାଙ୍ଗ ପିଲାର ସୁରକ୍ଷା ନିମନ୍ତେ ବିବାହ କରିବା ଉଚିତ୍ ହେବ କି ? ସେ ବିବାହ କରିବାଦ୍ୱାରା କି ପ୍ରକାରର କ୍ଷତି ଘଟିବା ସମ୍ଭାବନା ଅଛି କି ? ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ବିବାହ କରିବା ନିମନ୍ତେ ସମାନ ଅଧିକାର ରହିଛି କି ? ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସ୍ତ୍ରୀ ସ୍ୱାମୀ କିମ୍ବା ବାପାମାଆ ହିସାବରେ ନିଜର ଦାୟିତ୍ୱ ତୁଲାଇ ପାରିବେ କି ? ଏହିପରି ଏବଂ ଅନ୍ୟ କେତେକ ବିଚାର୍ଯ୍ୟ ବିଷୟ କିମ୍ବା ପ୍ରଶ୍ନ ସବୁର ସାଧାରଣ ଉତ୍ତର ଦେବା ଏକ ଜଟିଳ ଓ ଦୁରୂହ ବ୍ୟାପାର, ଯେଉଁଗୁଡ଼ିକ କି ପ୍ରତ୍ୟେକ ବ୍ୟକ୍ତିର ଯୋଗ୍ୟତା ଆଇନସମ୍ମତତଃ ମାନ୍ୟତା, ସ୍ଥାନୀୟ ସମାଜ ବା ଗୋଷ୍ଠୀ ଏବଂ ଏକ ପରିବାରର ସାମାଜିକ ତଥା ସାଂସ୍କୃତିକ ମୂଲ୍ୟାୟନ ସହିତ ସଂଯୁକ୍ତ ହୋଇରହିଥାଏ । ଯାହା ବି ହେଉ, ପିତାମାତାଙ୍କ ଦ୍ୱାରା ପଚରା ଯାଉଥିବା ଏହିପରି କେତେକ ପ୍ରଶ୍ନର ଉତ୍ତର ଏହି ବିଭାଗରେ ଦିଆଯାଇଛି ।


ମୁଁ ଅନୀତା ପାଇଁ ଗୋଟିଏ ବର ଖୋଜୁଛି ।
କ'ଣ ହେଲା ? ତୁମେ ଏସବୁ କାହିଁ କି କହୁଛ ।
ମୁଁ ଭାବୁଛି ଆମ ଘର ପାଖ ତେଜରାତି ଦୋକାନ ମାଲିକର ବିଷୟରେ ଯାହାର ନାହାନ୍ତି ଓ କିଛି ବୋଝ ମଧ୍ୟ ନାହିଁ ।
ଅନୀତା ନିଜେ ମାନସିକ ବିକଳାଙ୍ଗ ଯେତେବେଳେ ସେ ନିଜର ଯତ୍ନ ନେବାରେ ଅକ୍ଷମ, ସେ କିପରି ଏହି ଦାୟିତ୍ୱ ନେଇପାରିବ । ଯଦି ତା'ର ଗୋଟିଏ ମାନସିକ ବିକଳାଙ୍ଗ ପିଲା ଜନ୍ମ ହୁଏ ତେବେ ତାହାର ଯତ୍ନ କିପରି ନେବା ।
ତୁମ ମତରେ ଅନୀତା କେବେହେଲେ ବିବାହ କରି ପାରିବ ନାହିଁ । ଆମ୍ଭେ ମିଶି ମନସ୍ତତ୍ତ୍ୱବିତ୍‌ଙ୍କୁ ସାକ୍ଷାତ କରି କୌଣସି ସିଦ୍ଧାନ୍ତ ନେବା ।
SCHOOL PSYCHOLOGIST

**266. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ବିବାହ କରିପାରିବେ କି ?**

ବିବାହ ହେଉଛି ଦୁଇଜଣ ସହମତକାରୀ ପ୍ରାପ୍ତବୟସ୍କଙ୍କର ଏକ ବନ୍ଧନ । ଏଥିରେ ପାରସ୍ପରିକ ବୁଝାମଣା, ବୈବାହିକ ଜୀବନରେ ପ୍ରତ୍ୟେକ ଦିନର ଦାୟିତ୍ୱ ତୁଲାଇବାର ଦକ୍ଷତା, ପିଲାକୁ ଜନ୍ମଦେବା ଏବଂ ଲାଳନପାଳନ କରିବା, ଭବିଷ୍ୟତ ପାଇଁ ଯୋଜନା କରିବା ଏବଂ ଏକ ପରିବାର ଚଳାଇବାପାଇଁ ପର୍ଯ୍ୟାପ୍ତ ମାତ୍ରାରେ ପଇସା ଥିବା ଇତ୍ୟାଦି ଅନ୍ତର୍ଭୁକ୍ତ । ମାନସିକ ବିକଳାଙ୍ଗ ବିବାହିତ ଜୀବନର କାର୍ଯ୍ୟଗୁଡ଼ିକୁ କିପରି ତୁଲାଇପାରିବେ ତାହା ବାହାଘର କରାଇବା ଆଗରୁ ଚିନ୍ତା କରିବା ଉଚିତ୍ ।

ଯାହା ବି ହେଉ, ଦେଶର ଆଇନ ଅନୁସାରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ନାବାଳକ ରୂପେ ବିଚାର କରାଯାଇଥାଏ, ତେଣୁ ସେମାନେ କୌଣସି ଚୁକ୍ତି କରିପାରିବେ ନାହିଁ । ଏହି ଦୃଷ୍ଟିରୁ ମାନସିକ ବିକଳାଙ୍ଗ ପିଲାମାନେ ବିବାହ କରିବା ବିଫଳ ଏବଂ ବ୍ୟର୍ଥ ହୋଇଥାଏ ।

**267. ବିବାହ ଦ୍ୱାରା ମାନସିକ ବିକଳାଙ୍ଗତାକୁ ଭଲ ବା ଆରୋଗ୍ୟ କରିହେବ କି ?**

କେତେକ ପିତାମାତା ତଥାପି ଭାବିଥାନ୍ତି ଯେ, ସେମାନଙ୍କର ପ୍ରାପ୍ତ ବୟସ୍କ ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଯଦି ଯୌନ ସନ୍ତୋଷ ଦିଆଯାଏ ବା ବିବାହ କରାଇ ବୈବାହିକ ଜୀବନର ଦାୟିତ୍ୱ ତା ଉପରେ ଲଦି ଦିଆଯାଏ, ତେବେ ତାହା ପିଲାଟିର ମାନସିକ ବିକଳାଙ୍ଗତାକୁ ଆରୋଗ୍ୟ କରିବାରେ ସାହାଯ୍ୟ କରିପାରିବ । ଯାହା ବି ହେଉ, ଏହା ଏକ ଉପକଥା ବା ଲୋକକଥା ହୋଇ ରହିଯାଇଛି, ମାନସିକ ବିକଳାଙ୍ଗତା ଏକ ଅବସ୍ଥା ଯାହା କି ଆରୋଗ୍ୟ ହୋଇପାରିବ ନାହିଁ ।

**268. କୌଣସି ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ବିବାହ କରିବା ପୂର୍ବରୁ କେଉଁ ବିଷୟଗୁଡ଼ିକୁ ବିଚାର କରାଯାଇଥାଏ ?**

କୌଣସି ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ବିବାହ କରାଇବା ପୂର୍ବରୁ ନିମ୍ନଲିଖିତ କାରଣ

ଗୁଡ଼ିକୁ ବିଚାର କରିବା କଥା :–

- କୌଣସି ବ୍ୟକ୍ତି ଏବଂ ପ୍ରସ୍ତାବିତ ଜୀବନସଙ୍ଗୀ ବା ସଂଗିନୀର କାର୍ଯ୍ୟ କରିବାର ଦକ୍ଷତା ।
- ବାସ୍ତବିକ ବିଷୟ ଯଥା : ଆର୍ଥିକ ଅବସ୍ଥା, ଚାକିରୀ ଏବଂ ପିଲା ଧାରଣ ବା ଜନ୍ମ କରିବାର ଶକ୍ତି ଇତ୍ୟାଦି ।
- ବିବାହ ବନ୍ଧନରେ ପ୍ରବେଶ କରିବା ପୂର୍ବରୁ ଦୁଇ ଅଂଶୀଦାର ବ୍ୟକ୍ତିମାନେ ମାନସିକ ବିକଳାଙ୍ଗତା ଏବଂ ଏଥି ସହିତ ଜଡ଼ିତ ଅବସ୍ଥା ସମ୍ବନ୍ଧରେ ସଂପୂର୍ଣ୍ଣଭାବେ ଜାଣିକରି ସ୍ୱୀକୃତି କରିବା ଉଚିତ୍ ।

***269. ମାନସିକ ବିକଳାଙ୍ଗ ବ୍ୟକ୍ତି ଜୀବନସାରା ଅନ୍ୟର ସାହାଯ୍ୟ ଲୋଡ଼ିଥାଆନ୍ତି । ଏହି ସମସ୍ୟାକୁ ଦୂର କରିବା ପାଇଁ ପିତାମାତା ବେଳେବେଳେ ନିଜର ମାନସିକ ବିକଳାଙ୍ଗ ପୁଅ/ଝିଅଙ୍କୁ କୌଣସି ସାଧାରଣ ବ୍ୟକ୍ତି କିମ୍ବା ସାଧାରଣ ବୁଦ୍ଧିଥିବା ଜଣେ ଅକ୍ଷମ ବ୍ୟକ୍ତି ସହିତ ବିବାହ କରାଇବାକୁ ବିଚାର କରିଥାଆନ୍ତି । ଏହା କରିହେବ କି ?***

ବିବାହ କରିବାର ଉଦ୍ଦେଶ୍ୟ ହେଉଛି ପରସ୍ପର ସହିତ ସାଙ୍ଗ ହୋଇ ବା ପରସ୍ପର ସହଯୋଗୀ ହୋଇ ରହିବା । ମାନସିକ ବିକଳାଙ୍ଗ ବ୍ୟକ୍ତି ତାର ଜୀବନସଙ୍ଗୀ ବା ସଙ୍ଗିନୀର ଆବଶ୍ୟକତା ଅନୁଯାୟୀ କେତେଦୂର ତାର ଇଚ୍ଛାପୂରଣ କରିପାରିବ ବା ଦାୟିତ୍ୱ ତୁଲାଇପାରିବ ତାହା ଦେଖିବା କଥା । କୌଣସି ସ୍ୱାଭାବିକ ବା ସାଧାରଣ ବୁଦ୍ଧି ସଂପର୍ଣ୍ଣ ପତି ବା ପତ୍ନୀଙ୍କ ନିମନ୍ତେ ପୁର୍ନବିବାହ କରିବା କିମ୍ବା ବୈବାହିକ ଜୀବନ ବ୍ୟତିତ ଅନ୍ୟ ସହିତ ବିବାହର ସଂପର୍କ ରଖିବାକୁ ସହଜ ହୋଇଥାଏ କିନ୍ତ ମାନସିକ ବିକଳାଙ୍ଗ ବ୍ୟକ୍ତିର ଯଦି କୌଣସି ଭାବଗତ ସମସ୍ୟା ହୁଏ ତେବେ ତାହା ସାଂଘାତିକ ପ୍ରତିକୂଳ ଅବସ୍ଥା ସୃଷ୍ଟି କରିପାରେ । ମାନସିକ ବିକଳାଙ୍ଗ ବ୍ୟକ୍ତିର ଜୀବନତମାମ୍ ଆବଶ୍ୟକ କରୁଥିବା ସହାୟତା ଗୁଡ଼ିକୁ ଅନ୍ୟାନ୍ୟ ଉପଯୋଗୀ ଉପାୟରେ ପୂରଣ କରିହେବ ଯଥା : ପରିବାର ମଧ୍ୟରେ ଥିବା ପ୍ରାକୃତିକ ସହାୟତା ପଦ୍ଧତି ଇତ୍ୟାଦି । ପିତାମାତା ଏପରି କୌଣସି ସିଦ୍ଧାନ୍ତ ନେବା

ପୂର୍ବରୁ ମନସ୍ତତ୍ତ୍ୱିକ ଚିକିତ୍ସାବିତ୍ କିମ୍ବା ତାଲିମ୍‌ପ୍ରାପ୍ତ ସମାଜକର୍ମୀଙ୍କ ଉପଦେଶ ନିମନ୍ତେ ପରାମର୍ଶ କରିବା ବିଚେଚ୍ୟ ।

**270. ମାନସିକ ବିକଳାଙ୍ଗ ପିତା ବା ମାତାଙ୍କ ଠାରୁ ସାଧାରଣ ପିଲାଟିଏ ଜନ୍ମ ହେବା କେତେଦୂର ସମ୍ଭବ ?**

କୌଣସି ଦମ୍ପତ୍ତିଙ୍କ ମଧ୍ୟରୁ ଯଦି କିଏ ମାନସିକ ବିକଳାଙ୍ଗ ହୋଇଥାନ୍ତି, ତାଙ୍କର ଏକ ସାଧାରଣ ଶିଶୁ ଜନ୍ମ ହେବାର ସମ୍ଭାବନା ସେହି ସମସ୍ୟା ବଂଶଜନିତ କି ପରିବେଶ ଜନିତ ଏହା ଉପରେ ନିର୍ଭର କରିଥାଏ । ଯଦିଓ ଏହା ଉପରେ କୌଣସି ଗବେଷଣାତ୍ମକ ସୂଚନା ନାହିଁ, ବିବରଣୀରୁ ଜଣାପଡ଼ିଛି ଯେ, ଅନେକ ମାନସିକ ବିକଳାଙ୍ଗ ପିତାମାତାମାନଙ୍କର ପିଲାମାନେ ସାଧାରଣ ବୁଦ୍ଧି ସଂପର୍ଣ୍ଣ ହୋଇ କାର୍ଯ୍ୟ କରୁଛନ୍ତି । ଯାହା ବି ହେଉ, ସାଧାରଣ ବୁଦ୍ଧି ସଂପର୍ଣ୍ଣ ପିତାମାତାଙ୍କ ଅପେକ୍ଷା ମାନସିକ ବିକଳାଙ୍ଗ ପିତା ବା ମାତା ବା ପିତାମାତାଙ୍କର ଅଧିକ ସଂଖ୍ୟକ ମାନସିକ ବିକଳାଙ୍ଗ ପିଲା ଜନ୍ମ ହେବାର ଦୃଷ୍ଟାନ୍ତ ରହିଛି । ବଂଶ ଭିତ୍ତିକ ଉପଦେଷ୍ଟା ଏ ବିଷୟରେ ଉପଦେଶ ଦେଇପାରିବେ ।

**271. ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କର ବିବାହ କେତେଦୂର ସଫଳ ହୋଇଥାଏ ?**

ଅର୍ଥ ଉପାର୍ଜନର ଉପାୟ, ଚାକିରୀ ପାଇବାର ଦକ୍ଷତା ଏବଂ ଚାକିରୀ କରିବା ଓ ଉଭୟ ଜୀବନସଙ୍ଗୀ ମଧ୍ୟରେ ଥିବା ସଙ୍ଗତି ଇତ୍ୟାଦି ହେଉଛି ଏକ ସଫଳ ବୈବାହିକ ଜୀବନର ଅତ୍ୟାବଶ୍ୟକ ଉପାଦାନ । ପ୍ରାପ୍ତ ଖବର ଅନୁସାରେ ଜଣାଯାଏ ଯେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଚାକିରୀ କ୍ଷେତ୍ରରେ ସାଧାରଣ ବା ଅଣ ବିକଳାଙ୍ଗ ବ୍ୟକ୍ତିମାନଙ୍କ ସମକକ୍ଷ ହୋଇନଥାନ୍ତି ଏବଂ ସବୁବେଳେ ଆର୍ଥିକ ସମସ୍ୟା ଦେଖାଦେଇଥାଏ । ବିବରଣୀରୁ ସୂଚନା ମିଳେ କି ବିବାହିତ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସମାଜରେ ପ୍ରାୟ ଏକୁଟିଆ ରହିଥାଆନ୍ତି ଏବଂ ସେମାନଙ୍କର ଅଳ୍ପ ସଂଖ୍ୟକ ବିଶ୍ୱାସଯୋଗ୍ୟ ବନ୍ଧୁ ବା ସାଙ୍ଗସାଥୀ

ଥାଆନ୍ତି । ସେମାନେ ସବୁବେଳେ ବା ବାରମ୍ବାର ପରିବାରର ସହାୟତା ଲୋଡ଼ିଥାଆନ୍ତି ଯାହା କି ସବୁ ସମୟରେ ପର୍ଯ୍ୟାପ୍ତ ମାତ୍ରାରେ ମିଳିନଥାଏ ।

***272. ଯଦି କୌଣସି ମାନସିକ ବିକଳାଙ୍ଗ ପୁଅ କିଛି ରୋଜଗାର କରୁନଥାଆନ୍ତି, ଏବଂ ପିତାମାତା ତାହାର ସମସ୍ତ ଆବଶ୍ୟକତା ପୂରଣ କରିବାକୁ ଇଚ୍ଛା କରୁଥାଆନ୍ତି, ତେବେ ତାର ବିଭାଘର ପାଇଁ ଚିନ୍ତା କରିବା ଉଚିତ୍ କି ?***

ବିବାହର ଉଦ୍ଦେଶ୍ୟ ହେଉଛି ପରସ୍ପର ସହିତ ସଂପର୍କ ବା ପରସ୍ପର ସହଯୋଗୀ ହୋଇ ରହିବା । ସେମାନଙ୍କର ମାନସିକ ବିକଳାଙ୍ଗ ପିଲାର ବିବାହ କରାଇବାକୁ ସ୍ଥିର କରିବା ପୂର୍ବରୁ ପିତାମାତା/ଅଭିଭାବକମାନେ ନିମ୍ନଲିଖିତ ବିଷୟଗୁଡ଼ିକୁ ବିଚାର କରିବା ଉଚିତ୍ ।

- ଏହି ବ୍ୟକ୍ତିର କାର୍ଯ୍ୟଦକ୍ଷତା ଏବଂ ମାନସିକ ବିକଳାଙ୍ଗ ଲୋକକୁ ବିବାହ କରିବା ପାଇଁ ମନସ୍ଥ କରିଥିବା ବ୍ୟକ୍ତିଜଣକ କେତେଦୂର ରାଜି ଓ ଆଗ୍ରହୀ ।
- ବାସ୍ତବିକ ତଥ୍ୟ : ନିୟମିତ ଅର୍ଥ ସହାୟତା, ଅର୍ଥୋପାର୍ଜନର ଉପାୟ, ଚାକିରୀର ସ୍ଥିତି ଏବଂ ପିଲାର ଜନ୍ମ ଓ ଲାଳନପାଳନର ପ୍ରଶ୍ନ ।

ପିତାମାତା ଏ ବିଷୟରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍ କିମ୍ବା ଜଣେ ତାଲିମ୍ ପ୍ରାପ୍ତ ସମାଜ କର୍ମୀଙ୍କର ପରାମର୍ଶ ନେବା ଦରକାର ।

***273. ଲୁଣ୍ଠିତ ହେବାରୁ ରକ୍ଷା ପାଇବା ପାଇଁ ପିତାମାତା ସେମାନଙ୍କର ମାନସିକ ବିକଳାଙ୍ଗ ପୁଅ/ଝିଅଙ୍କୁ ନିଜ ପରିବାର ମଧ୍ୟରେ ବିବାହ କରାଇଦେବା ଉଚିତ୍ କି ?***

ବିବାହ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଜୀବନସାରା ଭରଣପୋଷଣ କରିବାର ଏକ ସମାଧାନ ନୁହେଁ । ନିଜ ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ ବିବାହ କରିବା ମାନସିକ ବିକଳାଙ୍ଗତାର ଏକ ସମ୍ଭାବ୍ୟ ବଂଶଗତ କାରଣ ଅଟେ । ମାନସିକ ବିକଳାଙ୍ଗ ବ୍ୟକ୍ତି ପରିବାର ମଧ୍ୟରେ ବିବାହ କରିବା ଦ୍ୱାରା ମାନସିକ ବିକଳାଙ୍ଗ ଶିଶୁ ଜନ୍ମ ହେବାର

ସମ୍ଭାବନା ଅଧିକ ଥାଏ । ମାନସିକ ବିକଳାଙ୍ଗ ବ୍ୟକ୍ତିର ଦେଖାଶୁଣା କରିବାର ଏକ ଦୀର୍ଘମିଆଦ ସମାଧାନ ପାଇବା ଦିଗରେ କୌଣସି ସମାଜକର୍ମୀ, ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍ ବା ସ୍ୱତନ୍ତ୍ର ଶିକ୍ଷକଙ୍କର ପରାମର୍ଶ ପିତାମାତାଙ୍କୁ ସାହାଯ୍ୟ କରିପାରିବ ।

***274. ମୋର ମାନସିକ ବିକଳାଙ୍ଗ ପିଲାର ବିବାହ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଠିକ୍ ନିଷ୍ପତ୍ତି ନେବାପାଇଁ କାହାର ସାହାଯ୍ୟ ନେଇହେବ ?***

ଜଣେ ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍ ଏକ ତାଲିମ୍ ପ୍ରାପ୍ତ ସମାଜକର୍ମୀ, ବଂଶଭିତ୍ତିକ ଉପଦେଷ୍ଟା, ମାନସିକ ରୋଗ ବିଶେଷଜ୍ଞ କିମ୍ବା ଅନ୍ୟ କୌଣସି ତାଲିମ୍ ପ୍ରାପ୍ତ ପୁର୍ନବାସ ବିଶେଷଜ୍ଞ ପିତାମାତାଙ୍କୁ ବିବାହ ସମ୍ବନ୍ଧୀୟ ଅସୁବିଧା ଓ ସୁବିଧା ବିଷୟରେ ପରାମର୍ଶ ଦେଇପାରିବେ ।

***275. ଜଣେ ସୁସ୍ଥ ସାଧାରଣ ବ୍ୟକ୍ତି, ମାନସିକ ବିକଳାଙ୍ଗ ବ୍ୟକ୍ତି ସହିତ ବିବାହ କରି କେଉଁ ପ୍ରକାରର ଅସୁବିଧା ବୋଧ କରିଥାଏ ?***

ଏ ବିଷୟରେ ବିବରଣୀଗୁଡ଼ିକ ପୂର୍ବବର୍ଣ୍ଣିତ ଦିଆଯାଇଥିବା କେତେଗୁଡ଼ିଏ ଉତ୍ତରରୁ ଜଣାପଡୁଛି :

- ଅସନ୍ତୋଷ ଯୌନ ସଂପର୍କ
- ବିବାହିତ ଜୀବନର ସମସ୍ତ ଆବଶ୍ୟକତା ପୂରଣ ନ କରିପାରିବା
- ପିଲା ଜନ୍ମ କରିବା ଏବଂ ତାର ଯତ୍ନ ନେବାରେ ସମସ୍ୟା

***276. ବିବାହ କରି, ପରିବାରର ସାଧାରଣ ଦାୟିତ୍ୱ ତୁଲାଇବାପାଇଁ ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ତାଲିମ ଦିଆଯାଇପାରିବ କି ?***

ବିକଳାଙ୍ଗତାର ଗଭୀରତା ଅନୁସାରେ ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ପରିବାରର ସାଧାରଣ ଦାୟିତ୍ୱ ତୁଲାଇବାପାଇଁ ତାଲିମ୍ ଦିଆଯାଇପାରିବ । ଅନେକ ମାନସିକ ବିକଳାଙ୍ଗ ପିତାମାତା ଆର୍ଥିକ ସହାୟତା, ଶିଶୁର ସ୍ୱାସ୍ଥ୍ୟ ଏବଂ ଯତ୍ନ ବିଷୟରେ ତାଲିମ ଏବଂ ଗୃହର ନିତିଦିଦିଆ ସମସ୍ୟାଗୁଡ଼ିକର ପରିଚାଳନା ନିମନ୍ତେ ଉପଦେଶ ଦରକାର



ବିବାହ ଦ୍ୱାରା ମାନସିକ ବିକଳାଙ୍ଗତା ଭଲ ହୋଇ ଯାଇପାରିବ ନାହିଁ ।

କରିଥାଆନ୍ତି । ଏହା କେବଳ ବିଶେଷଜ୍ଞ ଓ ପିତାମାତାଙ୍କର ସହାୟତାରେ ସମ୍ଭବ ହୋଇପାରିବ ।

**277. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ସହିତ ବିବାହର ସ୍ଥାୟିତ୍ୱ କେତେ ?**

ଯଦିଓ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ସହିତ ବିବାହର ସ୍ଥାୟିତ୍ୱ ବିଷୟରେ ଆମ ଦେଶରେ କୌଣସି ଗବେଷଣାତ୍ମକ ସଠିକ୍ ଖବର ନାହିଁ, ପୂର୍ବ ବିବରଣୀରୁ ସୂଚନା ମିଳେ କି ସ୍ୱତନ୍ତ୍ର ସେବା କାର୍ଯ୍ୟାଳୟଗୁଡ଼ିକ ଯଥା : ଜଣେ ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍ କିମ୍ବା ଜଣେ ତାଲିମପ୍ରାପ୍ତ ସମାଜକର୍ମୀଙ୍କ ସହାୟତାରେ ସେଇ ଦଂପତ୍ତି ସେମାନଙ୍କର ନିତିଦିନିଆ କାର୍ଯ୍ୟ ଓ ଦାୟିତ୍ୱକୁ ତୁଲାଇପାରିବାରେ ଗୁରୁତ୍ୱ ରହିଛି ।

**278. ଯଦି କୌଣସି ପିତାମାତା ସେମାନଙ୍କର ମାନସିକ ବିକଳାଙ୍ଗ ପୁଅ/ଝିଅଙ୍କୁ ବିବାହ ଦେବାକୁ ସ୍ଥିର କରନ୍ତି, ତେବେ ସେମାନେ କେଉଁ ପ୍ରକାରର ବିପଦ ବା ଦାୟିତ୍ୱ ପାଇଁ ପ୍ରସ୍ତୁତ ହେବା ଉଚିତ୍ ?**

ପିତାମାତା ସେମାନଙ୍କର ମାନସିକ ବିକଳାଙ୍ଗ ପିଲାର ବିବାହ ସ୍ଥିର କରିବାବେଳେ ପ୍ରାୟତଃ ନିମ୍ନଲିଖିତ ବିପଦ ଓ ଦାୟିତ୍ୱଗୁଡ଼ିକ ପାଇଁ ପ୍ରସ୍ତୁତ ହେବା ଉଚିତ୍ ।

- ମାନସିକ ବିକଳାଙ୍ଗ ବ୍ୟକ୍ତିଠାରୁ ମାନସିକ ବିକଳାଙ୍ଗ ପିଲା ଜନ୍ମ ହେବାର ସଂଭାବନା ।
- ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କ ସନ୍ତାନ ସନ୍ତତିଙ୍କର ଯତ୍ନ ଏବଂ ଲାଳନପାଳନ ଭାର ।
- ପରିବାରର ଆବଶ୍ୟକତା ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇବା ।
- ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ଠକାମୀ ଏବଂ ଲୁଣ୍ଠିତ ହେବାରୁ ରକ୍ଷା କରିବା ।
- ମାନସିକ ବିକଳାଙ୍ଗତାର ଗଭୀରତା ଅନୁଯାୟୀ ଘର ଚଳାଇପାଇଁ ଶାରିରୀକ ସାହାଯ୍ୟ ଦେବା ବା ସହାୟତା କରିବା । ସ୍ୱାମୀ ବା ସ୍ତ୍ରୀ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ଛାଡ଼ିଦେବା ବା ଛାଡ଼ପତ୍ର ଦେବା ।

***279. ମୋର ମାନସିକ ବିକଳାଙ୍ଗ ଝିଅ ଜଣେ ଅଣ-ବିକଳାଙ୍ଗ ବ୍ୟକ୍ତିକୁ ବିବାହ କରିଛି । ସେମାନଙ୍କର ଗୋଟିଏ ଆଠ ବର୍ଷର ମାନସିକ ବିକଳାଙ୍ଗ ଝିଅ ଅଛି । ସେମାନେ ସମସ୍ତେ ମୋ ପାଖରେ ରହୁଛନ୍ତି । ଏବେ ମୋର ମାନସିକ ଅକ୍ଷମ ଝିଅ ତାର ସ୍ୱାମୀ ଏବଂ ଝିଅ ସହିତ ଅଲଗା ରହିବାକୁ ଜିଦ୍ କରୁଛି, କଣ କରିବା ଉଚିତ୍ ?***

ପ୍ରତ୍ୟେକ ବ୍ୟକ୍ତି ନିଜ ପସନ୍ଦ ଅନୁସାରେ କୌଣସି ଜାଗାରେ ରହିବାର ଅଧିକାର ଅଛି । ଯଦି ପିତାମାତା ଅନୁଭବ କରନ୍ତି ଯେ, ସେମାନଙ୍କର ମାନସିକ ବିକଳାଙ୍ଗ ଝିଅ ବିବାହିତ ଜୀବନର ଦାୟିତ୍ୱ ତୁଲାଇପାରିବ ତେବେ ସେମାନେ ତାକୁ ତାର ପରିବାର ସହତ ସ୍ୱାଧୀନ ଭାବରେ ରହିବାପାଇଁ ଅନୁମତି ଦେବା ଓ ଉତ୍ସାହିତ କରିବା ଉଚିତ୍ । ତଥାପି ଜଣେ ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍ କିମ୍ବା ତାଲିମ୍ ପ୍ରାପ୍ତ ସମାଜକର୍ମୀଙ୍କ ଠାରୁ ପରାମର୍ଶ ନେବା ଉଚିତ୍ ।

13

# ପିତାମାତାଙ୍କ ସହାୟତା

ମାନସିକ ବିକଳାଙ୍ଗ ବ୍ୟକ୍ତି ଏବଂ ସେମାନଙ୍କର ପରିବାରର ଉଭୟଙ୍କର ଆବଶ୍ୟକତାକୁ ମେଣ୍ଟାଉଥିବାର କଲ୍ୟାଣ କାର୍ଯ୍ୟରେ ସହାୟତା କରିବାରେ ପିତାମାତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗତ ଦଶନ୍ଧିରେ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କ ପିତାମାତାମାନେ ଏକତ୍ର ହୋଇ ଏବଂ ପିତାମାତା ଦଳ ବା ଅଭିଭାବକ ସଂଘ ଗଢ଼ିଛନ୍ତି । ଆମ ଦେଶରେ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କ ପୁନର୍ବାସ ଦିଗରେ ଏହାକୁ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ବିଚାର କରାଯାଉଛି । ପିତାମାତାମାନେ ଏହି କାର୍ଯ୍ୟରେ ଅଧିକ ସଂପୃକ୍ତ ହେଲେ ପିଲାଙ୍କର ଉପଯୁକ୍ତ ସେବା କରିବା ମଧ୍ୟ ବୃଦ୍ଧି ପାଉଛି ।

ପିତାମାତା ସଂଘ ସବୁ ସେମାନଙ୍କର ଦଳର ଆବଶ୍ୟକତା ଅନୁଯାୟୀ ସେମାନଙ୍କର ମାନସିକ ବିକଳାଙ୍ଗ ପିଲାଙ୍କ ପାଇଁ ସେବାକେନ୍ଦ୍ର, ସ୍ୱତନ୍ତ୍ର ବିଦ୍ୟାଳୟ, ତାଲିମ୍ ଏବଂ ଉତ୍ପାଦନ କେନ୍ଦ୍ରମାନ ଚଳାଉଛନ୍ତି । ଏହା ବ୍ୟତିତ ସେମାନେ ମଧ୍ୟ ସକ୍ରିୟ ଭାବେ ଜଣେ ପିତାମାତାଙ୍କ ଠାରୁ ଅନ୍ୟ ଜଣଙ୍କୁ ଖବର ଦେବା ଆବେଗପୂର୍ଣ୍ଣ ସହାୟତା ଦେବା, ପିତାମାତା ଏବଂ ଗୋଷ୍ଠୀ ବା ସମାଜ ପାଇଁ ସଚେତନ କାର୍ଯ୍ୟକ୍ରମର ବ୍ୟବସ୍ଥା କରିବା ଏବଂ ସେମାନଙ୍କ ମାନସିକ ବିକଳାଙ୍ଗ ପିଲାମାନଙ୍କର ପ୍ରତିନିଧିରୂପେ କାର୍ଯ୍ୟ କରିଥାଆନ୍ତି । ପିତାମାତା ସଂଘ ଏବଂ ପିତାମାତାମାନେ ଜଡ଼ିତ ରହିବା ସଂପର୍କୀୟ ପ୍ରଶ୍ନଗୁଡ଼ିକର ଉତ୍ତର ଏହି ବିଭାଗରେ ଉଲ୍ଲେଖ କରାଯାଇଛି ।


ପ୍ରତି ସପ୍ତାହରେ ପିଲାକୁ ତାଲିମ୍ ପାଇଁ ଆପଣଙ୍କ ପାଖକୁ ଆଣିବା ଆମ ପକ୍ଷରେ ଦୁଃସାଧ ହେଉଛି ।
ଏହା ସତ । ତୁମ ସହରରେ ଏହି ପିଲାମାନଙ୍କ ପାଇଁ କୌଣସି ସୁବିଧା ନାହିଁ । ମୁଁ ଭାବୁଛି କେତେକ ଅଭିଭାବକ ମାନେ ଏକାଠି ହୋଇ ଆପଣଙ୍କ ସହରରେ କିଛି କାମ ଆରମ୍ଭ କରିପାରିବେ ।
କିନ୍ତୁ ଏହି ପିଲାମାନଙ୍କୁ କିଏ ତାଲିମ୍ ଦେବ ?
ଆମ୍ଭେମାନେ ତୁମପାଇଁ ପ୍ରଶିକ୍ଷଣ ପ୍ରାପ୍ତ ଶିକ୍ଷକ ଯୋଗାଇ ଦେବୁ ଯିଏ ତୁମ୍ଭମାନଙ୍କୁ ଏ ଦିଗରେ ସାହାଯ୍ୟ କରିପାରିବ ।
ଏହା ବହୁତ ଭଲ କଥା । ମୁଁ ଏହା ଅଭିଭାବକ ମାନଙ୍କ ସହିତ ଆଲୋଚନା କରିବି ।

**280. ପିତାମାତା ସେମାନଙ୍କର ମାନସିକ ବିକଳାଙ୍ଗ ପିଲାର ତାଲିମ୍ ଏବଂ ପୁନଃର୍ବାସ ନିମନ୍ତେ କଣ କରିପାରିବେ ?**

ମାନସିକ ବିକଳାଙ୍ଗ ପିଲାର ତାଲିମ୍ ଓ ପୁନର୍ବାସ ପାଇଁ ପିତାମାତା ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି । ପିତାମାତା ହେଉଛନ୍ତି ପିଲାର ଚିରସ୍ଥାୟୀ ଶିକ୍ଷାଦାତା, ସାମାଜିକ ଜୀବନର ତାଲିମ୍‌ଦାତା ଏବଂ ପ୍ରାଥମିକ ଯତ୍ନଦାତା । ଯେହେତୁ ପିତାମାତା ପିଲା ବିଷୟରେ ଭଲଭାବେ ଜାଣିଥାଆନ୍ତି, ତେଣୁ ପିତାମାତା, ଶିକ୍ଷକ ଏବଂ ବିଶେଷଜ୍ଞମାନଙ୍କୁ ନେଇ ପ୍ରଭାବଶାଳୀ ହସ୍ତକ୍ଷେପ କାର୍ଯ୍ୟକ୍ରମ ସବୁ କରିହେବ ।

**281. ମାନସିକ ବିକଳାଙ୍ଗ ବ୍ୟକ୍ତି ଏବଂ ସେମାନଙ୍କର ପରିବାର ମାନଙ୍କ କଲ୍ୟାଣ କାର୍ଯ୍ୟରେ ସହାୟତା କରିବା ନିମନ୍ତେ ପିତାମାତାଙ୍କର କି ଅବଦାନ ରହିଛି ?**

ପାରିବାରିକ ପରିସ୍ଥିତି, ପିତାମାତାଙ୍କର ମନୋଭାବ ଏବଂ ଅନ୍ୟାନ୍ୟ କାରଣ ଯଥା :– ପିତାମାତାଙ୍କର ପାଖରେ ଥିବା ସମୟ, ସେମାନଙ୍କର ଆର୍ଥିକ ଅବସ୍ଥା ପିତାମାତାଙ୍କର ଅନୁଦାନକୁ ପ୍ରଭାବିତ କରିଥାଏ । ପିତାମାତାମାନେ ସମ୍ଭାବ୍ୟ କାର୍ଯ୍ୟଗୁଡ଼ିକୁ ଏବଂ ସେବା ବା ଯତ୍ନ ନେବାରେ ସକ୍ରିୟଭାବେ ହେଉ ବା ନିଷ୍କ୍ରିୟ ଭାବେ ହେଉ ଯେଉଁ ଯୋଗଦାନ କରୁଛନ୍ତି ସେଗୁଡ଼ିକୁ 4 ଗୋଟି ବିଭାଗରେ ବିଭକ୍ତ କରାଯାଇଛି :–

- ମାନସିକ ବିକଳାଙ୍ଗ ବ୍ୟକ୍ତି ଏବଂ ସେମାନଙ୍କର ପରିବାର ପାଇଁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମର ସ୍ଥାପନା କରିବା ଏବଂ ଚଳାଇବା ଯଥା :– ସ୍ୱତନ୍ତ୍ର ସ୍କୁଲ, ଧନ୍ଦାମୂଳକ ତାଲିମକେନ୍ଦ୍ର ଏବଂ ଉତ୍ପାଦନ କେନ୍ଦ୍ରମାନ ଖୋଲିବା ଓ ପରିଚାଳନା କରିବା, ଅବସର ବିନୋଦନ ନିମନ୍ତେ କାର୍ଯ୍ୟକ୍ରମର ଆୟୋଜନ କରିବା, ଅନ୍ୟ ପିତାମାତାଙ୍କ ସହିତ ଭାବର ଆଦାନ ପ୍ରଦାନ କରିବା, ମାନସିକ ବିକଳାଙ୍ଗ ପିଲା ଥିବା ପିତାମାତା ଏବଂ ସେମାନଙ୍କର ପରିବାରକୁ ସହାୟତା ଯୋଗାଇଦେବା ଏବଂ ପିତାମାତା ଓ ବିଶେଷଜ୍ଞଙ୍କ ମଧ୍ୟରେ ଉତ୍ତମ ସଂପର୍କ ସ୍ଥାପନ କରିବା ।

- ମାନସିକ ବିକଳାଙ୍ଗ ପିଲା ବିଷୟରେ ସୂଚନା ଦେଇ ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କର ଆବଶ୍ୟକତା ସବୁକୁ ପୂରଣ କରି, ବିଭିନ୍ନ ହସ୍ତକ୍ଷେପ ଓ ତାଲିମ୍

କାର୍ଯ୍ୟକ୍ରମରେ ଯୋଗ ଦେଇ, ପେଷାଦାର ବା ବିଶେଷଜ୍ଞମାନେ ମାନସିକ ବିକଳାଙ୍ଗ ପିଲା ଏବଂ ସେମାନଙ୍କ ପରିବାର ପାଇଁ ଅଧିକ ଆଗ୍ରହୀ ହେବା ଦିଗରେ ସହାୟତା କରିବା ।

- ଜନ ସଚେତନତା କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ଗଣ ମାଧ୍ୟମ ଏବଂ ଇଚ୍ଛୁକ ବ୍ୟକ୍ତିମାନଙ୍କୁ କଲ୍ୟାଣ କାର୍ଯ୍ୟ ଓ ପୁନର୍ବାସ କାର୍ଯ୍ୟକ୍ରମରେ ସଂପୃକ୍ତ କରାଇ ଗୋଷ୍ଠୀ ବା ସମାଜ ସହିତ ଯୋଗାଯୋଗ ସ୍ଥାପନା କରିବା ।
- ମାନସିକ ବିକଳାଙ୍ଗ ବ୍ୟକ୍ତି ଏବଂ ସେମାନଙ୍କର ପରିବାରର ପ୍ରତିନିଧି ଭାବରେ କାର୍ଯ୍ୟ କରିବା ଓ ସ୍ଥାନୀୟ ରାଜ୍ୟ, ଜାତୀୟ କିମ୍ବା ।ଆନ୍ତର୍ଜାତୀୟ ସ୍ତରରେ ହେଉଥିବା କଲ୍ୟାଣ କାର୍ଯ୍ୟ ଏବଂ ପୁନଃର୍ବାସ କାର୍ଯ୍ୟକ୍ରମପାଇଁ ତିଆରି କରାଯାଉଥିବା ନୀତି ନିୟମରେ ଅଂଶଗ୍ରହଣ କରିବା ।

**282. ପିତାମାତାମାନେ ଶିକ୍ଷକଙ୍କର ଭୂମିକା ନେବା ଦରକାର କି ?**

ପିତାମାତା ହେଉଛନ୍ତି ପିତାମାତା ଏବଂ ଶିକ୍ଷକମାନେ ହେଉଛନ୍ତି ଶିକ୍ଷକ । ନିୟମ ଅନୁସାରେ କେହି କାହାର ସ୍ଥାନ ନେଇପାରିବେ ନାହିଁ । ପିତାମାତାମାନେ ପ୍ରାକୃତିକ ଶିକ୍ଷକ ଅଟନ୍ତି କାରଣ ଜ୍ଞାତ ବା ଅଜ୍ଞାତସାରରେ ସେମାନଙ୍କ ପିଲାଙ୍କୁ ଶିକ୍ଷା ଦେବାରେ ସାହାଯ୍ୟ କରନ୍ତି । ତାଲିମପ୍ରାପ୍ତ ଶିକ୍ଷକମାନଙ୍କ ପରାମର୍ଶ ଅନୁସାରେ ପିତାମାତା ସେମାନଙ୍କ ମାନସିକ ବିକଳାଙ୍ଗ ପିଲାମାନଙ୍କର ତାଲିମ କାର୍ଯ୍ୟକ୍ରମର ଯୋଗଦେବା, ସହାୟତା କରିବା ଏବଂ ନିଜକୁ ଜଡ଼ିତ କରାଇପାରିବେ । ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଶିକ୍ଷାଦେବା ଏକ ଜଟିଳ ପଦ୍ଧତି । ଯଦି ଜଣେ ପିତା ବା ମାତା ମାନସିକ ବିକଳାଙ୍ଗ ପିଲାଙ୍କୁ ପଢ଼ାଇବାକୁ ଏକ ପେଷା ହିସାବରେ ଧରିନେବାକୁ ସ୍ଥିର କରନ୍ତି ତେବେ ଦେଶରେ ମାନସିକ ବିକଳାଙ୍ଗ ପିଲାଙ୍କ ନିମନ୍ତେ କାମ କରୁଥିବା ବିଭିନ୍ନ ଅନୁଷ୍ଠାନରେ ଚାଲୁଥିବା ସ୍ୱତନ୍ତ୍ର ଶିକ୍ଷକ ତାଲିମ୍ ପାଠ୍ୟକ୍ରମର ତାଲିମ୍ ନେଇ ଏହା କରିପାରିବେ ।

**283. ଜଣେ ମାନସିକ ବିକଳାଙ୍ଗ ପିଲାର ପିତାମାତା ଅନ୍ୟ ଜଣେ ମାନସିକ ବିକଳାଙ୍ଗ ପିଲା ଥିବା ପିତାମାତାଙ୍କୁ କେତେଦୂର ସାହାଯ୍ୟ କରିପାରିବେ ?**

ଜଣେ ଅଭିଜ୍ଞତା ସଂପନ୍ନ ପିତା ବା ମାତାଙ୍କର ନୂଆକରି ନିର୍ଣ୍ଣୟ ବା ଚିହ୍ନଟ ହୋଇଥିବା

ଜଣେ ମାନସିକ ବିକଳାଙ୍ଗ ପିତା ବା ମାତାଙ୍କ ପ୍ରତି ମୁଖ୍ୟ ଭୂମିକା ରହିଛି । ଜଣେ ଅଭିଜ୍ଞ ପିତା  କିମ୍ବା ସମଦଶା ଭୋଗୁଥିବା ବିକଳାଙ୍ଗ ପିଲାର ପିତାମାତା ଅନ୍ୟଜଣଙ୍କୁ ଭାବପୂର୍ଣ୍ଣ ସହଯୋଗ, ବିଭିନ୍ନ ସୁବିଧା ସୁଯୋଗ ମିଳୁଥିବାର ଖବର ଯୋଗାଇ ପାରିବେ ଏବଂ ତାଙ୍କର କେବଳ ଉପସ୍ଥିତି ହିଁ ପ୍ରମାଣ କରିଦିଏ ଯେ ଜଣେ ବଞ୍ଚିରହିପାରିବ ଓ ପୈତୃକ ଦାବୀଗୁଡ଼ିକ ପୂରଣ  କରିପାରିବ ।

ପିତାମାତାମାନେ ପରସ୍ପରକୁ ବହୁମୂଲ୍ୟ ସହଯୋଗୀତା କରିପାରିବେ ଯେମିତିକି ପରସ୍ପରର କଥା ଶୁଣିବା, ଅନୁଭୂତିର ଆଦାନପ୍ରଦାନ କରିବା ଏବଂ ପରସ୍ପରକୁ ସହାୟତା କରିବା (ଉଦାହରଣ ସ୍ୱରୂପ, ପରିବହନ, ସାହାଯ୍ୟକାରୀ ଖବର ଏବଂ ଉପଦେଶ) ।

ଦେଶରେ ମାନସିକ ବିକଳାଙ୍ଗ ପିଲାଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରୁଥିବା କେତେକ ପିତାମାତା ସଂଘ ଏହିପରି ପିତାମାତାଙ୍କ ମଧ୍ୟରେ ସହାୟତା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ଯାହାକି ବହୁତ ଫଳପ୍ରଦ ହୋଇପାରିଛି ।

***284. ପିଲାର ଆବଶ୍ୟକତାକୁ ପୂରଣ କରିବା ଦିଗରେ ପିତାମାତା କିପରି ଭାବେ ଶିକ୍ଷକମାନଙ୍କୁ ସାହାଯ୍ୟ କରିପାରିବେ ?***

ଜଣେ ମାନସିକ ବିକଳାଙ୍ଗ ପିଲା ନିଜର ଅଧିକାଂଶ ସମୟ ତାର ପିତାମାତାଙ୍କ ସହିତ କଟାଇଥାଏ । ତେଣୁ ପିତାମାତା ସେମାନଙ୍କର ପିଲାର ବିକାଶ ଦିଗରେ ପ୍ରଭାବ ପକାଇ ପାରିବେ ଏବଂ ନିୟନ୍ତ୍ରଣ କରିପାରିବେ । ସେମାନଙ୍କ ପିଲାର ସ୍ୱତନ୍ତ୍ର ସମସ୍ୟାଗୁଡ଼ିକୁ ଏବଂ ପିଲାମାନେ କଣ କରିପାରିବେ ବା ନ କରିପାରିବେ ଏହିପରି ଖବର ସବୁ ଯୋଗାଇ ଦେଇ ପିତାମାତାମାନେ ସେମାନଙ୍କ ପିଲାପାଇଁ ଯୋଜନା କରାଯାଉଥିବା ଉପଯୁକ୍ତ ହସ୍ତକ୍ଷେପ କାର୍ଯ୍ୟକ୍ରମରେ ଶିକ୍ଷକଙ୍କୁ ସାହାଯ୍ୟ କରିପାରିବେ ।

ସେମାନଙ୍କର ପିଲାଟି ବିଦ୍ୟାଳୟରେ, ଘରେ ଏବଂ ଅନ୍ୟାନ୍ୟ ପରିସ୍ଥିତିରେ ଶିଖିଥିବା ବ୍ୟବହାର ବା କାର୍ଯ୍ୟକୁ ଉତ୍ସାହିତ କରିପାରିବେ । ଶିକ୍ଷକମାନେ ପିତାମାତାଙ୍କୁ ସେମାନଙ୍କର ମାନସିକ ବିକଳାଙ୍ଗ ପିଲା ମାନଙ୍କୁ କେବଳ ଘର ଏବଂ ଗୋଷ୍ଠୀ ବା ସମାଜ ପରି ପ୍ରାକୃତିକ ପରିବେଶ ମଧ୍ୟରେ ସେଇ ଅନୁରୂପ ତାଲିମ୍ କାର୍ଯ୍ୟକ୍ରମ କରାଇବାକୁ ସହାୟତା ମାଗିପାରିବେ ।

**285. ପିତାମାତାମାନେ ସେମାନଙ୍କର ଆବଶ୍ୟକତାଗୁଡ଼ିକୁ ପୂରଣ କରିବାପାଇଁ ଏକାଠି ହେବା ଦରକାର କି ?**

ମାନସିକ ବିକଳାଙ୍ଗ ପିତାମାତାଙ୍କୁ ସହାୟତା ବୃଦ୍ଧି କରିବାକୁ ଏବଂ ସେମାନଙ୍କର ପିଲା ଓ ପରିବାର ଗୁଡ଼ିକର କଲ୍ୟାଣ ନିମନ୍ତେ ଗଠନମୂଳକ କାର୍ଯ୍ୟସବୁକୁ ଭଲ ଭାବରେ ଆୟୋଜନ କରିବାରେ ପରସ୍ପରକୁ ସାହାଯ୍ୟ କରିବାକୁ, ପିତାମାତାମାନେ ଅଭିଭାବକ ଦଳ ବା ପିତାମାତା ସଂଘ ଗଢ଼ିବାପାଇଁ ଏକତ୍ର ହେବା ଦରକାର ।

**286. ଦେଶରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କଲ୍ୟାଣ ନିମନ୍ତେ ସେପରି କୌଣସି ଅଭିଭାବକ ସଂଘମାନ ଆଗରୁ ରହିଅଛି କି ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କଲ୍ୟାଣ ନିମନ୍ତେ 1960 ମସିହାର ପ୍ରାରମ୍ଭରେ ବି.ଏମ୍.ଇନ୍‌ଷ୍ଟିଚ୍ୟୁଟ୍, ଅହମଦାବାଦରେ ପ୍ରଥମ ପିତାମାତା ସଂଘ ଆରମ୍ଭ କରାଯାଇଥିଲା । କିଛି ବର୍ଷ ପରେ, 1970 ଏବଂ 1980 ମସିହାର ପ୍ରାରମ୍ଭରେ ଦେଶର ବିଭିନ୍ନ ଅଞ୍ଚଳରେ ଏଇ ଦଶ ବର୍ଷ ମଧ୍ୟରେ ଅଭିଭାବକ ସଂଘମାନ ଗଢ଼ି ଉଠିଛି । ବର୍ତ୍ତମାନ ଆମ ଦେଶରେ ୪୦ଟି ପଂଜୀବଦ୍ଧ ପିତାମାତା ସଂଘ ରହିଅଛି ଯେଉଁମାନେ କି ମାନସିକ ବିକଳାଙ୍ଗ ପିଲା ଏବଂ ସେମାନଙ୍କର ପରିବାର ଗୁଡ଼ିକର କଲ୍ୟାଣ ନିମନ୍ତେ ବିଭିନ୍ନ ପ୍ରକାରର କାର୍ଯ୍ୟରେ ଲିପ୍ତ ରହିଛନ୍ତି ।

ପ୍ରାୟ ପ୍ରତି ବର୍ଷ 4-5 ଟି ପଂଜୀବଦ୍ଧ ପିତାମାତା ସଂଘ ଗଢ଼ାଯାଉଛି । ଏହିପରି ଅଭିଭାବକ ସଂଘଗୁଡ଼ିକର ସବିସ୍ତାର ବାଖ୍ୟା ଏବଂ ସେଗୁଡ଼ିକର କାର୍ଯ୍ୟକଳାପ ବିଷୟରେ ଜାତୀୟ ମାନସିକ ବିକଳାଙ୍ଗ ଅନୁଷ୍ଠାନ, ସିକଂଦରାବାଦ ଦ୍ୱାରା ଏକ ନିର୍ଦ୍ଦେଶନୀ ପୁସ୍ତିକା ପ୍ରକାଶ କରାଯାଇଅଛି ।

**287. ଏକ ଅଭିଭାବକ ସଂଘ କିପରି ଗଠନ କରାଯାଇପାରିବ ?**

ମାନସିକ ବିକଳାଙ୍ଗ ପିଲାମାନଙ୍କର ଆଗ୍ରହୀ ପିତାମାତାମାନେ ଏକତ୍ରିତ ହୋଇ ପାରିବେ ଏବଂ ନିମ୍ନମତେ କାର୍ଯ୍ୟକରି ଏକ ସଂଘ ଗଢ଼ିପାରିବେ :—

- ଅଭିଭାବକ ସଂଘର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସେମାନଙ୍କର ବର୍ତ୍ତମାନର ଆବଶ୍ୟକତା ଓ ଭବିଷ୍ୟତର ଯୋଜନା ଉପରେ ନିର୍ଭର କରିଥାଏ ।

- ସଂଘର ପରିଚାଳନା ନିମନ୍ତେ ଆଇନ୍ କାନୁନ୍ ପ୍ରସ୍ତୁତ କରିବା ।
- ସଂଘପାଇଁ ନିର୍ବାଚିତ/ ମନୋନୀତ ସଭ୍ୟ ଯଥା ସଭାପତି, ଉପ-ସଭାପତି, ସାଧାରଣ ସଂପାଦକ, କୋଷାଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଏବଂ ପରିଚାଳନା ସମିତି ସଭ୍ୟମାନଙ୍କର ତାଲିକା କରିବା ।
- ଏକ ସଂଘ ଗଢ଼ିବାପାଇଁ ଅତିକମ୍‌ରେ ୫ ଜଣ ସଭ୍ୟ ଦରକାର । (ପିତା ଓ ମାତା ଅଲଗା ଅଲଗା ସଭ୍ୟ ହୋଇପାରିବେ) ।

**288. ଅଭିଭାବକ ସଂଘର ଉଦ୍ଦେଶ୍ୟ ଓ ଆକାଂକ୍ଷା କଣ ହେବା ଉଚିତ୍ ?**

ମାନସିକ ବିକଳାଙ୍ଗ ପିଲାମାନଙ୍କର ପିତାମାତାମାନେ ବିଭିନ୍ନ ପ୍ରକାରର ଲକ୍ଷ୍ୟ ବା ଉଦ୍ଦେଶ୍ୟଗୁଡ଼ିକୁ ପୂରଣ କରିବାପାଇଁ ସଂଘମାନ ଗଢ଼ିବାକୁ ଏକତ୍ର ହୋଇଥାନ୍ତି । ଅଭିଭାବକ ସଂଘଗୁଡ଼ିକ ସେମାନଙ୍କର ଆବଶ୍ୟକତା ଅନୁସାରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ସ୍କୁଲ କିମ୍ବା ଧନ୍ଦାମୂଳକ ତାଲିମ୍ କେନ୍ଦ୍ର ସବୁ ଆରମ୍ଭ କରିଛନ୍ତି କିମ୍ବା ପିତାମାତାମାନଙ୍କୁ ଖବର ଦେବା ଓ ସହାୟତା ଇତ୍ୟାଦି କରିଥାଆନ୍ତି । ପିତାମାତା ସଂଘଗୁଡ଼ିକର କାର୍ଯ୍ୟକଳାପ ଯେପରି ହେଉ ନା କାହିଁକି, ମୋଟାମୋଟି ଭାବେ, ଏଗୁଡ଼ିକର ଲକ୍ଷ୍ୟ ନିମ୍ନମତେ ହେବା ଦରକାର–

- ଏହା ନିଶ୍ଚିତ କରିବା କଥାଯେ, ମାନସିକ ବିକଳାଙ୍ଗ ବ୍ୟକ୍ତି ଓ ସେମାନଙ୍କର ପରିବାର ଏକ ଉର୍ଦ୍ଧିଷ୍ଟ ଭବିଷ୍ୟତକୁ ଆବିଷ୍କାର କରିବା ଓ ସମ୍ମାନର ସହିତ ଏକ ସାଧାରଣ ଗୋଷ୍ଠୀ ଭିତ୍ତିକ ଜୀବନଯାପନ କରିବା ନିମନ୍ତେ ସହାୟତା ଯୋଗାଇ ଦିଆଯାଉଅଛି ।
- ମାନସିକ ବିକଳାଙ୍ଗ ବ୍ୟକ୍ତିର ଶୁଭେଚ୍ଛୁ ଏବଂ ତାର ଯତ୍ନ ନେଉଥିବା ବନ୍ଧୁ ପରିବାରକୁ ସହାୟତା ଦେବା ଓ ସୁଦୃଢ଼ କରିବାରେ ସାହାଯ୍ୟ କରିବା ।
- ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଜୀବନର ବିଭିନ୍ନ ସୋପାନରେ ଏପରି ଉପଯୁକ୍ତ ପରିବେଶ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବା ଯାହାକି ତାର ବୃଦ୍ଧି ଓ ବିକାଶରେ ସର୍ବାଧିକ ଉନ୍ନତି କରିବା ପାଇଁ ଅନୁଭୂତି ଯୋଗାଇଦେବ ।

**289. ପିତାମାତା ସଂଘଗୁଡ଼ିକୁ ସାହାଯ୍ୟ କରିବାରେ ବିଶେଷଜ୍ଞମାନଙ୍କ ଭୂମିକା କଣ ?**

ବିଶେଷଜ୍ଞ ଓ ପିତାମାତା ମଧ୍ୟରେ ଅଧିକ ସଂପର୍କ ରହିବା ଫଳରେ, ବିଶେଷଜ୍ଞମାନେ ଆଗ୍ରହୀ ପିତାମାତାଙ୍କ ଭିତରେ ବୁଝାମଣାପାଇଁ ଏକ କ୍ଷେତ୍ର ପ୍ରସ୍ତୁତ କରିପାରିବେ । ନିର୍ଦ୍ଦିଷ୍ଟ ପିତାମାତାଦଳର ଆବଶ୍ୟକତା ଉପରେ ନିର୍ଭର କରି କୌଣସି ବିଶେଷଜ୍ଞ ସହାୟତା ଯୋଗାଇପାରିବେ ଯଥା :– ଦଳର ଆବଶ୍ୟକତା ଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିବା, ପିତାମାତାଙ୍କର ଦଳଗତ ଭାବରେ ସଭା କରାଇବା, ପିତାମାତାଙ୍କ ମଧ୍ୟରେ ପରସ୍ପର ବୁଝାମଣାରେ ସହାୟତା କରିବା, ଯୋଜନା ଓ କାର୍ଯ୍ୟକ୍ରମ ସବୁକୁ ହାତକୁ ନେବାରେ ସାହାଯ୍ୟ କରିବା, ସ୍ୱତନ୍ତ୍ର ଉପଦେଶ ଯୋଗାଇଦେବା, ପାଣ୍ଠି ସଂଗ୍ରହ କରିବାରେ ପିତାମାତାଙ୍କୁ ଉତ୍ସାହ ଦେବା ଏବଂ ଅନ୍ୟ କୌଣସି କାର୍ଯ୍ୟକ୍ରମ ଯାହାକି ପିତାମାତାମାନଙ୍କୁ ନିଜ କାମରେ ସାହାଯ୍ୟ କରିପାରିବେ ।

**290. ସମସ୍ତ ପିତାମାତାଙ୍କର ଆବଶ୍ୟକତା ପୂରଣ ହେଉଛି ବୋଲି ଅଭିଭାବକ ସଂଘଗୁଡ଼ିକ ନିଶ୍ଚିତ ହେବା ଉଚିତ୍ କି ?**

ପିତାମାତାମାନେ ଏକତ୍ରିତ ହୋଇ ସେମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ସଂଘ ଗଢ଼ିଥାଆନ୍ତି, ଆଗରୁ ରହିଥିବା ପୁନଃର୍ବାସ କାର୍ଯ୍ୟକ୍ରମକୁ ମଧ୍ୟ ସୁଦୃଢ଼ କରିବା ଏବଂ ସହାୟତା କରିଥାଆନ୍ତି । ଗୋଟିଏ ଦଳରେ ପିତାମାତାଙ୍କର କେତେକ ସାଧାରଣ ଆବଶ୍ୟକତା ରହିଥାଏ ଯାହାକୁ କି ସମସ୍ତ ସଭ୍ୟମାନେ ଅନୁଭବ କରିଥାଆନ୍ତି, ତା ସହିତ କେତେକ ପିତାମାତାଙ୍କର ମଧ୍ୟ ସ୍ୱତନ୍ତ୍ର ଆବଶ୍ୟକତା ରହିଥାଏ । କୌଣସି ପିତାମାତା ସଂଘ ପ୍ରତ୍ୟେକ ଅଭିଭାବକ ସଭ୍ୟଙ୍କର ବ୍ୟକ୍ତିଗତ ଆବଶ୍ୟକତାକୁ ପୂରଣ କରିବା ସମ୍ଭବ ନୁହେଁ, ଯଦିଓ ଗୋଟିଏ ସଂଘର ସେହିପରି ଆକାଂକ୍ଷା ରହିବା ଉଚିତ୍ । ଏହିହେତୁ, ପ୍ରାଥମିକତା ଅନୁସାରେ ମୁଖ୍ୟ ଆବଶ୍ୟକତା ଗୁଡ଼ିକ ଉପରେ ଏକମତ ହୋଇ ସଂଘ ଦ୍ୱାରା ତାହାକୁ ପୂରଣ କରିବା ଆବଶ୍ୟକ । ପିତାମାତାମାନେ ଏକତ୍ର ହୋଇ ଓ ଏକତା ବଜାୟ ରଖି ସଦସ୍ୟମାନଙ୍କର କେତେଦୂର ଆବଶ୍ୟକତା ପୂରଣ କରିହେବ ତାହା ଦେଖିବା କଥା ।



ଅଭିଭାବକ ମାନେ ସମ୍ପୃକ୍ତ ରହିଲେ ଉତ୍ତମ ସେବା ପ୍ରଦାନ କରାଯାଇ ପାରିବ ।

**291. ଦେଶରେ ଥିବା ପିତାମାତା ସଂଘଗୁଡ଼ିକ କି କି କାର୍ଯ୍ୟସବୁକୁ ହାତକୁ ନେଉଛନ୍ତି ?**

ସଂପ୍ରତି ପିତାମାତା ସଂଘମାନେ ସେମାନଙ୍କର ପରିବାରର ଆବଶ୍ୟକତାଗୁଡ଼ିକୁ ପୂରଣ କରିବାକୁ ଏବଂ ଆଗରୁ ଥିବା ପୁନଃର୍ବାସ କାର୍ଯ୍ୟକୁ ସୁଦୃଢ଼ ଓ ସହାୟତା କରିବା ପାଇଁ ବିଭିନ୍ନ କାର୍ଯ୍ୟରେ ନିଜକୁ ଅନ୍ତର୍ଭୁକ୍ତ କରୁଛନ୍ତି । ସେଗୁଡ଼ିକ ହେଲା–

- ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଚାଲୁଥିବା ସେବା ଏବଂ ତାଲିମ୍ କାର୍ଯ୍ୟକ୍ରମ ଯଥା :– ସ୍ୱତନ୍ତ୍ର ସ୍କୁଲ, ଧନ୍ଦାମୂଳକ ତାଲିମ୍ କେନ୍ଦ୍ର, ଉତ୍ପାଦନ କେନ୍ଦ୍ର ଇତ୍ୟାଦି ଚଳାଇବା ।

- ପେଷାଦାର ଓ ଅଭିଜ୍ଞ ବ୍ୟକ୍ତିମାନଙ୍କର ବକ୍ତୃତା ଦ୍ୱାରା କିମ୍ବା ଖବରକାଗଜ, ସାମୟିକ ପତ୍ରପତ୍ରିକା କିମ୍ବା ଆଲୋଚନା ଏବଂ ଭାଷଣ ଦ୍ୱାରା ପିତାମାତାଙ୍କ ସହିତ ସୂଚନା ଆଦାନପ୍ରଦାନ କରିବା ।

- ପାରସ୍ପରିକ ସାହାଯ୍ୟ ଯୋଗାଇଦେବା, ପିତାମାତାଙ୍କ ମଧ୍ୟରେ ସହାୟତା ଏବଂ ପରିବାରର ସମସ୍ତ ସଦସ୍ୟମାନଙ୍କର ଆବଶ୍ୟକତା ପୂରଣ କରିପାରୁଥିବା ଭଳି ଉପଦେଷ୍ଟା କେନ୍ଦ୍ର ଖୋଲିବା ।

- ମାନସିକ ବିକଳାଙ୍ଗ ପିଲା ଏବଂ ତାଙ୍କର ପରିବାରକୁ ଏକତ୍ର କରିବା, ବଣଭୋଜି, ଅବସର ବିନୋଦନ କାର୍ଯ୍ୟକ୍ରମ ଏବଂ କ୍ରୀଡ଼ା ସମ୍ବନ୍ଧୀୟ କାର୍ଯ୍ୟ ସବୁର ଆୟୋଜନ କରିବା । ଶିକ୍ଷକ/ପିତାମାତାଙ୍କ ପାଇଁ ତାଲିମ୍ କାର୍ଯ୍ୟକ୍ରମ ସବୁ ପରିଚାଳନା କରିବା ।

- ପ୍ରଦର୍ଶନୀ ଇତ୍ୟାଦିର ଆୟୋଜନ କରି ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା । ବିଶେଷଜ୍ଞ ଏବଂ ପିତାମାତାଙ୍କ ମଧ୍ୟରେ ସଂଯୋଜକ ଭାବରେ କାମ କରିବା ।

- ମାନସିକ ବିକଳାଙ୍ଗ ପିଲା ଏବଂ ସେମାନଙ୍କର ପରିବାରର ଆବଶ୍ୟକତା ବିଷୟରେ କଥାବାର୍ତ୍ତା କରିବା ଓ

- ବିଭିନ୍ନ ଜାତୀୟ କିମ୍ବା ଆର୍ନ୍ତଜାତୀୟ, ରାଜ୍ୟ ଏବଂ ସ୍ଥାନୀୟ ସ୍ତରରେ ପ୍ରସ୍ତୁତ କରାଯାଉଥିବା ଯୋଜନାରେ ନିଜକୁ ଅନ୍ତର୍ଭୁକ୍ତ କରାଇବା ।

**292. ଅଭିଭାବକ ସଂଘରେ କେଉଁମାନେ ସଭ୍ୟ ହୋଇପାରିବେ ?**

ମାନସିକ ବିକଳାଙ୍ଗ ପିଲାମାନଙ୍କର ପିତାମାତା ଉଭୟ ସଭ୍ୟ ହେବା ଆବଶ୍ୟକ ଏବଂ ଅଭିଭାବକ ସଂଘର ବିଭିନ୍ନ କାର୍ଯ୍ୟରେ ସମାନ ଭାବରେ ନିଜକୁ ଜଡ଼ିତ କରିବାକୁ ଚେଷ୍ଟା କରିବା ଉଚିତ୍ । ପିତା ବା ମାତା ସଭ୍ୟଙ୍କ ବ୍ୟତିତ (ପିତାମାତା/ପରିବାରର ଆବଶ୍ୟକତା ପୂରଣ କରିବା ଦିଗରେ ସଂଘର କାର୍ଯ୍ୟକୁ ଚାଲୁ ରଖିବା ପାଇଁ ସେମାନେ ସଂଖ୍ୟାଧିକ ଭାବରେ ରହିବା ଉଚିତ୍) ଅନ୍ୟ ସଦସ୍ୟ ଯଥା ଶୁଭେଚ୍ଛୁ, ପୃଷ୍ଠପୋଷକ, ଅଭିଜ୍ଞ ବ୍ୟକ୍ତି କିମ୍ବା ଅନ୍ୟ କର୍ମଠ, ଆଗ୍ରହୀ ଏବଂ ସଂପୃକ୍ତ ବ୍ୟକ୍ତିମାନେ ଏଥିରେ ଅନ୍ତର୍ଭୁକ୍ତ ହୋଇପାରିବେ ।

**293. ଅଭିଭାବକ ସଂଘରେ ଭାଇଭଉଣୀମାନଙ୍କର ଭୂମିକା କଣ ?**

ସାଧାରଣ ପରିବାରିକ ସହାୟତା ପରିବେଶରେ ମାନସିକ ବିକଳାଙ୍ଗ ପିଲା ଓ ପିତାମାତା ଉଭୟଙ୍କ ପାଇଁ ଭାଇଭଉଣୀଙ୍କର ଏକ ମୁଖ୍ୟ ଭୂମିକା ରହିଥାଏ । ପ୍ରଥମରୁ ପିତାମାତା ଭାଇଭଉଣୀଙ୍କୁ କିପରି ଲାଳନପାଳନ କରିଛନ୍ତି ଏବଂ ଗଠନ କରିଛନ୍ତି ସେହି ଅନୁସାରେ ତାହା ଭାଇଭଉଣୀଙ୍କର ବର୍ତ୍ତମାନ କିମ୍ବା ଭବିଷ୍ୟତର ଅନୁଦାନ ରହିଥାଏ । ଅଭିଭାବକ ସଂଘର କାର୍ଯ୍ୟକ୍ରମରେ ପିତାମାତାମାନେ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କର ଭାଇଭଉଣୀମାନଙ୍କୁ ଅନ୍ତର୍ଭୁକ୍ତ କରାଇବା ଆବଶ୍ୟକ । ଭାଇଭଉଣୀମାନେ ସଂଘ ମଧ୍ୟରେ ଛୋଟ ଛୋଟ ଦଳସବୁ ଗଠନ କରିପାରିବେ ଏବଂ ଅବସର ବିନୋଦନ, ଅବକାଶ କିମ୍ବା କ୍ରୀଡ଼ା କାର୍ଯ୍ୟକ୍ରମର ଆୟୋଜନ କରିବେ ଯାହାକି ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଅଣ ବିକଳାଙ୍ଗ ବ୍ୟକ୍ତିମାନଙ୍କ ସହିତ ମିଶିବାରେ ସହଜ କରାଇହେବ । ବିଶେଷଜ୍ଞମାନଙ୍କର ଭାଷଣ ଜରିଆରେ ସେମାନଙ୍କର ବିକଳାଙ୍ଗ ଭାଇଭଉଣୀମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ବିଷୟରେ ସେମାନଙ୍କୁ ଜାଗ୍ରତ କରିହେବ । ସେ ସବୁ ଆବଶ୍ୟକତାର ନିୟନ୍ତ୍ରଣ ଏବଂ ଏପରିକି ମାନସିକ ବିକଳାଙ୍ଗ ଭାଇଭଉଣୀ ରହିଥିବାର ଅଭିଜ୍ଞତା ଭାବରେ ଆଦାନପ୍ରଦାନ ପାରସ୍ପରିକ ସହାୟତାକୁ ପ୍ରୋତ୍ସାହନ ଦେଇଥାଏ ।

**294. ଅଭିଭାବକ ସଂଘମାନଙ୍କରେ ସମାଜର ଭୂମିକା କଣ ?**

ଅଭିଭାବକ ସଂଘଗୁଡ଼ିକ ବଞ୍ଚିରହିବାକୁ ହେଲେ ସମାଜର ଯୋଗଦାନ ନିତାନ୍ତ ଆବଶ୍ୟକ । ସମାଜ ଏହି ଅଭିଭାବକ ସଂଘର ଅଭିବୃଦ୍ଧି ନିମନ୍ତେ ପାଣ୍ଠି ସଂଗ୍ରହ କରିବା, ଜନସଚେତନତା କାର୍ଯ୍ୟକ୍ରମ ଏବଂ ପୁନଃର୍ବାସ କାର୍ଯ୍ୟକ୍ରମ କରିବାରେ ସଭ୍ୟମାନଙ୍କୁ ଏହା ସାହାଯ୍ୟ କରି ସଂଘକୁ ବଢ଼ାଇଥାଏ ଏବଂ ବଞ୍ଚାଇରଖିଥାଏ ।

**295. ଦେଶରେ ଥିବା ଅଭିଭାବକ ସଂଘଗୁଡ଼ିକ କିପରି ଅନ୍ୟ ସଂଗଠନ ମାନଙ୍କ ସହିତ ଯୋଗସୂତ୍ର ରଖିପାରିବେ ?**

ଜାତୀୟ ସ୍ତରରେ ବେସରକାରୀ ବା ସରକାରୀ ସଂସ୍ଥାମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଲେ, ସେମାନଙ୍କର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଖବରକାଗଜରେ ବିଜ୍ଞାପନ ଦେଇ ଏବଂ ଅନ୍ୟ ସଂଗଠନ ମାନଙ୍କ ସହିତ ମିଶି ସାମୁହିକ ପ୍ରକଳ୍ପ ଗଠନ କରି, ଅଭିଭାବକ ସଂଘ ସେମାନଙ୍କର ଯୋଗସୂତ୍ର ବଢ଼ାଇପାରିବେ । ଏହି ଲକ୍ଷ୍ୟ ପୂରଣର ପ୍ରାରମ୍ଭରେ ମାନସିକ ବିକଳାଙ୍ଗ ପିଲାଙ୍କ କଲ୍ୟାଣ ନିମନ୍ତେ କାମକରୁଥିବା ପଂଜୀକରଣ ଅଭିଭାବକ ସଂଘଗୁଡ଼ିକର ପ୍ରଥମ ସଭା 1990 ମସିହା ନଭେମ୍ବର ୩୦ ତାରିଖରେ ଏନ୍.ଆଇ.ଏମ୍.ଏଚ୍. ସିକଂଦରାବାଦ ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ସେହିପରି ଦ୍ୱିତୀୟ ଅଭିଭାବକ ସଭା ମଧ୍ୟ 1994 ମସିହା ଜୁଲାଇ 11-12 ତାରିଖରେ ଏନ୍.ଆଇ.ଏମ୍.ଏଚ୍. ସିକଂଦରାବାଦ ଦ୍ୱାରା କରାଯାଇଥିଲା ।

14

# ସାମୁହିକ ସହାୟତା

ମାନସିକ ବିକଳାଙ୍ଗ ବ୍ୟକ୍ତିର ସଂପୂର୍ଣ୍ଣ ପୁନର୍ବାସ ହାସଲ କରିବା ନିମନ୍ତେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଗୋଷ୍ଠୀ ମଧ୍ୟରେ ଗ୍ରହଣ କରିବା ନିତ୍ୟାନ୍ତ ଆବଶ୍ୟକ ଅଟେ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଉପଯୁକ୍ତ ତାଲିମ୍ ପାଇଁ ଧିରେ ଧିରେ ନିଜକୁ ସମାଜରେ ଜଣେ ଉପଯୋଗୀ ଏବଂ କାର୍ଯ୍ୟକାରୀ ସଭ୍ୟ ଭାବରେ ପ୍ରମାଣିତ କରୁଛନ୍ତି । ବର୍ତ୍ତମାନ ସେମାନଙ୍କ ନିମନ୍ତେ ସମସ୍ତ ଦ୍ୱାରଗୁଡ଼ିକୁ ଉନ୍ମୁକ୍ତ କରି ରଖିବା ଗୋଷ୍ଠୀର କର୍ତ୍ତବ୍ୟ, ଏବଂ ସେମାନଙ୍କୁ ଅକ୍ଷମ ଓ ସାମାଜିକ ନ୍ୟୁନ ଗୋଷ୍ଠୀ ମଧ୍ୟରେ ନରଖି ସେମାନେ କିପରି ସାଧାରଣ ବ୍ୟକ୍ତିମାନଙ୍କ ପରି ଚଳିବେ ସେଥିନିମନ୍ତେ ସମସ୍ତ ସୁବିଧା ଯୋଗାଇଦେବା ଉଚିତ୍ । ଗୋଷ୍ଠୀ ମଧ୍ୟରେ ଏ ପ୍ରକାରର ସକାରାତ୍ମକ ପରିବର୍ତ୍ତନ ଧିରେ ଧିରେ ଘଟୁଅଛି କିନ୍ତୁ ଏପରି ପରିବର୍ତ୍ତନ ଅଧିକ ତ୍ୱରାନ୍ୱିତ ହେବା ଉଚିତ୍ । ପଡ଼ୋଶୀ ଲୋକ, ସାଙ୍ଗସାଥୀ ସଂପର୍କୀୟ ବ୍ୟକ୍ତି, ନିଯୁକ୍ତି ଦାତା, ସହକର୍ମୀ, ଖେଳସାଥୀ, ସହଯାତ୍ରୀ ଏବଂ ସଂପ୍ରଦାୟ ମଧ୍ୟରେ ବାସ କରୁଥିବା ଅନ୍ୟ ନାଗରିକମାନେ, ମାନସିକ ବିକଳାଙ୍ଗବ୍ୟକ୍ତି ଓ ସେମାନଙ୍କର ପରିବାର ବର୍ଗଙ୍କୁ କିପରି ଜଣେ ମୁକ୍ତ ଭାରତୀୟ ଭାବରେ ସମାନ ଅଧିକାର ଦେବାରେ ସାହାଯ୍ୟ କରିପାରିବେ, ସେଥିନିମନ୍ତେ ଶିକ୍ଷା ନେବାର ଆବଶ୍ୟକତା ରହିଅଛି । ବେଳେବେଳେ ପିତାମାତା ଏବଂ ପରିବାରର ଅନ୍ୟ ସଦସ୍ୟମାନେ ଗୋଷ୍ଠୀ ମଧ୍ୟରେ ଲୋକମାନଙ୍କର ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପ୍ରତି ଥିବା ଅଗ୍ରାହ୍ୟ ମନୋଭାବ ସହିତ ମିଶିକରି ଚଳିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଗୋଷ୍ଠୀ ମଧ୍ୟରେ ବାସକରୁଥିବା ବ୍ୟକ୍ତିମାନଙ୍କଠାରୁ କିପରି ଅଧିକ ଉତ୍ତମ ସହଯୋଗ କାମନା କରିହେବ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ପିତାମାତା ଏବଂ ପରିବାର ବର୍ଗ ନିଜେ ଗୋଷ୍ଠୀର ସହାୟତା ଲାଭ ନିମନ୍ତେ କିଛି କରିପାରିବେ କି, ଗୋଷ୍ଠୀ ମଧ୍ୟରେ ଲୋକମାନେ କିପରି ଅବଦାନ ଦେଇପାରିବେ ? ଏହା ସହିତ ଅନ୍ୟାନ୍ୟ ଆନୁସଙ୍ଗୀକ କେତେକ ପ୍ରଶ୍ନର ଉତ୍ତର ଏହି ବିଭାଗରେ ଦିଆଯାଇଛି ।


ଆପଣ ଗାଡି ଫିସ୍ ବାବଦରେ ଟ୨୦୦/- ମାଗୁଛନ୍ତି । ମୁ ତାକୁ କିପରି ଦେଇପାରିବି । ତା'ର ବାପାମଧ୍ୟ ଆମକୁ ସାହାଯ୍ୟ ଦେଉନାହାନ୍ତି ।
ତୁମେ ନିଜେ କାହିଁକି ତାକୁ ନେବା ଆଣିବା କରୁନାହଁ ।
PRINCIPAL
ମୁଁ ତାହା କିପରି କରିପାରିବି ? ପିଲାଟି ମଧ୍ୟ ଶାରିରୀକ ବିକଳାଙ୍ଗ ଅଟେ, ତେଣୁ ଗୋଟିଏ ୧୦ ବର୍ଷର ପିଲାକୁ ତିନୋଟି ବସ୍ ବଦଳାଇ ନେବା ଆଣିବା କରିବା ବହୁତ କଷ୍ଟ ।
ମୁଁ ଦେଖେ କ'ଣ କରିହେବ । ତୁମେ ମୋତେ ଆସନ୍ତା ସପ୍ତାହରେ ଦେଖାକର ।
PRINCIPAL

**Next week**


ମୁଁ ଟ୍ୟାକ୍-ମ୍ୟାକ୍ କମ୍ପାନୀ ସହିତ କଥାବାର୍ତ୍ତା ସହିତ କଥାବାର୍ତ୍ତା କରିଛି । ସେମାନେ ପିଲାର ଗାଡି ଖର୍ଚ୍ଚ ଦେବାକୁ ରାଜି ଅଛନ୍ତି ।
ଭଗବାନ ତାଙ୍କର ମଙ୍ଗଳ କରନ୍ତୁ । ମୁଁ ବହୁତ ଦୁଃଖିତ ଥିଲି । ମୋର ସମସ୍ୟାର ବହୁତ ବଡ଼ ସମାଧାନ ହୋଇଗଲା ।

**296. ମାନସିକ ବିକଳାଙ୍ଗତା କଣ ଏକ ସାମାଜିକ ସମସ୍ୟା ?**

ମାନସିକ ବିକଳାଙ୍ଗବ୍ୟକ୍ତି ମାନଙ୍କର ସାମାଜିକ ଗ୍ରହଣୀୟତା, ସାମାଜିକ ଗୋଷ୍ଠୀ, ସେମାନଙ୍କୁ କିପରି ଦୃଷ୍ଟିରେ ଦେଖୁଅଛି ତାହା ଉପରେ ନିର୍ଭର କରିଥାଏ । ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତିର ଭାବମୂର୍ତ୍ତୀ ସମାଜ ମଧ୍ୟରେ ତାହର କାର୍ଯ୍ୟକାରୀତା ଏବଂ ଉତ୍ପାଦନ କ୍ଷମତା ଉପରେ ନିର୍ଭର କରିଥାଏ । ଯେଉଁଠି ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଲୁଚାଇକରି ରଖାଯାଇଥାଏ ଏବଂ ଗୋଷ୍ଠୀ ମଧ୍ୟରେ ଲୋକମାନଙ୍କ ସହିତ ମିଶିବାକୁ ଅନୁମତି ଦିଆଯାଇନଥାଏ, ସେପରି ସ୍ଥଳେ ଖରାପ ଭାବମୂର୍ତ୍ତୀ ସୃଷ୍ଟି ହୋଇଥାଏ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ତାଲିମ୍ ଏବଂ ପୁନର୍ବାସ କରିବାର ମୁଖ୍ୟ ଲକ୍ଷ୍ୟ ହେଉଛି ଯେ, ସେମାନଙ୍କୁ ଯେତେଦୂର ସମ୍ଭବ ଆତ୍ମନିର୍ଭରଶୀଳ କରିବା ଏବଂ ସମାଜ ମଧ୍ୟରେ ସମନ୍ୱିତ କରିବା ।

**297. ମାନସିକ ବିକଳାଙ୍ଗ ପିଲାମାନେ ଥିବା ପରିବାରଗୁଡ଼ିକ ଗୋଷ୍ଠୀ ମଧ୍ୟରେ ଅତ୍ୟନ୍ତ ଏକାକୀ ଅନୁଭବ କରିଥାନ୍ତି । ଏହା କଣ ସେହି ପରିବାର ଗୁଡ଼ିକ ଉପରେ କୌଣସି ଖରାପ ପ୍ରଭାବ ପକାଇଥାଏ କି ?**

ସାମାଜିକ ପୃଥକୀକରଣ ଏକ ଦୁଇ ପଥ ବିଶିଷ୍ଟ କାର୍ଯ୍ୟ ଅଟେ । ଏକ ପକ୍ଷରେ ଗୋଷ୍ଠୀ ମଧ୍ୟରେ ଅଗ୍ରାହ୍ୟତା ହେତୁ ଏହା ହୋଇପାରିଥାଏ କିମ୍ବା ପରିବାରର ଆଶଙ୍କା ଏବଂ ଯୋଗଦାନ ନ କରୁଥିବା ହେତୁ ହୋଇପାରିଥାଏ । ଦୀର୍ଘଦିନ ପୃଥକ ହୋଇ ରହିବା ମାନସିକ ବିକଳାଙ୍ଗ ବ୍ୟକ୍ତିର ବିକାଶ ଉପରେ କୁପ୍ରଭାବ ପକାଇଥାଏ । ଏହା ଦ୍ୱାରା ପଡ଼ୋଶୀ, ସାଙ୍ଗସାଥି, ସହକର୍ମୀ, ଧର୍ମ-ସମ୍ପ୍ରଦାୟ କିମ୍ବା ବର୍ଦ୍ଧିତ ପରିବାରର ବ୍ୟକ୍ତିମାନଙ୍କ ସହିତ ବସ୍ତୁଗତ ଏବଂ ଭାବପୂର୍ଣ୍ଣ ସହାୟତା ଗଢ଼ିବା ନିମନ୍ତେ ବହୁତ କମ୍ ସୁବିଧା ମିଳିଥାଏ । ମାନସିକ ବିକଳାଙ୍ଗ ପିଲାଥିବା ଏବଂ ପରିବାରରେ ଏପରି ସହାୟତା ବ୍ୟବସ୍ଥା କୌଣସି ପରିସ୍ଥିତି ସହିତ ଭଲଭାବରେ ମିଶିକରି ଚଳିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଇଛି ।

**298. ଗୋଷ୍ଠୀର ସହାୟତା ଗଢ଼ିବା ନିମନ୍ତେ ପିତାମାତାମାନେ କଣ ନିଜେ ଜଡ଼ିତ ହୋଇପାରିବେ ?**

ମାନସିକ ବିକଳାଙ୍ଗ ବ୍ୟକ୍ତିର ଆବଶ୍ୟକତାଗୁଡ଼ିକ ପୂରଣ କରିବା ଏବଂ ବଢ଼ାଇବା ନିମନ୍ତେ ଗୋଷ୍ଠୀ ସହାୟତା ଅତ୍ୟନ୍ତ ଆବଶ୍ୟକ ଅଟେ । ଗୋଷ୍ଠୀ ମଧ୍ୟରେ ବାସ କରୁଥିବା

ଲୋକମାନେ ସଚେତନ ହେବା ଏବଂ ବୁଝିବା ଦରକାର ଯେ, ମାନସିକ ବିକଳାଙ୍ଗ ବ୍ୟକ୍ତିସବୁ କେଉଁମାନେ, ସେମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ସବୁ କଣ, ଏବଂ ଗୋଷ୍ଠୀ ମଧ୍ୟରେ ଲୋକମାନଙ୍କର ଗ୍ରହଣୀୟତା ଏବଂ ସହଯୋଗୀତା କିପରି ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ବିକାଶ, ସଫଳତା ଓ ଅବଦାନ ନିମନ୍ତେ ସାହାଯ୍ୟ ଦେଇଥାଏ । ଗୋଷ୍ଠୀ ସହଯୋଗିତା ବୃଦ୍ଧି କରିବା ନିମନ୍ତେ ପିତାମାତାମାନେ ନିମ୍ନମତେ କାର୍ଯ୍ୟ କରିବା ଆବଶ୍ୟକ । ଗୋଷ୍ଠୀ ଓ ପଡ଼ୋଶୀମାନଙ୍କ ମଧ୍ୟରେ ମାନସିକ ବିକଳାଙ୍ଗ ପିଲାମାନଙ୍କୁ ମିଶିବାକୁ ଅନୁମତି ପ୍ରଦାନ କରିବା ।

- ଯେଉଁଠାରେ ସମ୍ଭବ ଲୋକମାନଙ୍କୁ ଏକାକୀ ବା ଦଳଗତ ଭାବରେ ମାନସିକ ବିକଳାଙ୍ଗ ପିଲାମାନଙ୍କର ଆବଶ୍ୟକତା ଓ କାର୍ଯ୍ୟ ଦକ୍ଷତା ସମ୍ବନ୍ଧରେ କହିବା ଉଚିତ୍ ।
- ସାଧାରଣ ଲୋକମାନଙ୍କ ସଚେତନତା ନିମନ୍ତେ ମାନସିକ ବିକଳାଙ୍ଗ ବ୍ୟକ୍ତି ନିମନ୍ତେ ପ୍ରସ୍ତୁତ କରୁଥିବା ପଦାର୍ଥଗୁଡ଼ିକର ପ୍ରଦର୍ଶନୀ ଆୟୋଜନ କରିବା ।
- ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କାର୍ଯ କ୍ଷମତା ସମ୍ବନ୍ଧରେ ଲେଖା ବାହାର କରିବା ଇତ୍ୟାଦି ।

***299. ପିତାମାତା ସମ୍ମୁଖୀନ ହେଉଥିବା ସବୁଠାରୁ ବଡ଼ ଅସୁବିଧା ହେଲା ସେମାନେ ଗୋଷ୍ଠୀ ମଧ୍ୟରେ ନିଜର ପିଲାର ଅବସ୍ଥାକୁ ଜଣାଇ ପାରନ୍ତି ନାହିଁ । ଆମ୍ଭେମାନେ କିପରି ଭାବରେ ଆମ୍ଭ ପିଲାର ଏକ ସୁସ୍ଥ ଭାବମୂର୍ତ୍ତୀ ସ୍ଥାପନା କରିପାରିବୁ ? ଏଥିନିମନ୍ତେ କୌଣସି ଉପଦେଶାବଳୀ ରହିଛିକି ?***

ବିବରଣୀରୁ ଜଣାଯାଏ ଯେ, ''ସେମାନେ ନିଜ ପିଲା ସମ୍ବନ୍ଧରେ ପଚାରା ଯାଉଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଦେବାରେ ଅସୁବିଧା ଏବଂ ଆଶ୍ୱସ୍ତି ଅନୁଭବ କରିଥାନ୍ତି ବୋଲି ପିତାମାତାମାନେ ମାନସିକ ବିକଳାଙ୍ଗ ପିଲାଟି ସହିତ ସର୍ବସାଧାରଣ ଜାଗା ଓ ପାରିବାରିକ ଉତ୍ସବ ଗୁଡ଼ିକୁ ଯିବାକୁ ଅନିଚ୍ଛା ପ୍ରକାଶ କରିଥାନ୍ତି'' । ଲୋକମାନଙ୍କୁ ମାନସିକ ବିକଳାଙ୍ଗ ବ୍ୟକ୍ତି ସମ୍ବନ୍ଧରେ ସଠିକ ମତାମତ ଏବଂ ମନୋଭାବ ପୋଷଣ କରିବା ନିମନ୍ତେ,

ପିତାମାତାମାନେ ନିଜର ମାନସିକ ବିକଳାଙ୍ଗ ପିଲାଟିର ଅବସ୍ଥା ସମ୍ବନ୍ଧରେ ସଠିକ୍ ଭାବରେ ଜଣାଇବା ଉଚିତ୍, ଯାହାକି ସେମାନେ କେବଳ ନିଜ ପିଲା ବିଷୟରେ ଠିକ୍ ଭାବରେ ଜାଣିଥିଲେ କରିପାରିଥାନ୍ତି ।

***300. ପିଲାଟିର ବ୍ୟବହାର ଯୋଗୁଁ ଉପୁଜୁଥିବା ଲଜ୍ଜ୍ୟାଜନକ ପରିସ୍ଥିତି ହେତୁ, ଆମ୍ଭେମାନେ ବନ୍ଧୁମାନଙ୍କ ଘରକୁ ଯିବା ବନ୍ଦ କରିଦେଇଛୁ ଏବଂ ସେଥିଯୋଗୁ କେତେକ ବନ୍ଧୁମାନେ ଆମ୍ଭ ଘରକୁ ଆସିବା ବନ୍ଦ କରିଦେଇଛନ୍ତି । ଆପଣ ଭାବୁଛନ୍ତି କି, ଏହା ଆମ୍ଭର ମାନସିକ ବିକଳାଙ୍ଗ ପିଲା ଉପରେ କୌଣସି କୁପ୍ରଭାବ ପକାଇବ କି ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ସାମାଜିକ ପାରସ୍ପରିକ ସଂପର୍କକୁ ହ୍ରାସ କରିବା ଫଳରେ ସେମାନଙ୍କର ସାମାଜିକ ଦକ୍ଷତା ବିକାଶ କାର୍ଯ୍ୟ ବାଧା ପ୍ରାପ୍ତ ହୋଉଥାଏ । ପିଲାଟିର ଆଗ୍ରହଣୀୟ ବ୍ୟବହାର ହେତୁ ସାମାଜିକ ଗ୍ରହଣୀୟତା କମିବାର ସମ୍ଭାବନା ବହୁତ ଅଧିକ ହୋଇଥାଏ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ବ୍ୟବହାର ଗୁଡ଼ିକୁ ପରିବର୍ତ୍ତନ କରାଯାଇ ପାରିବ ଏବଂ ଏଗୁଡ଼ିକୁ ଯଥା ଶୀଘ୍ର ନିୟନ୍ତ୍ରଣ କରାଯିବା ଆବଶ୍ୟକ । ବ୍ୟବହାରିକ ବିଜ୍ଞାନରେ ତାଲିମ୍ ପାଇଥିବା ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍ କିମ୍ବା ସ୍ୱତନ୍ତ୍ର ଶିକ୍ଷକମାନଙ୍କୁ ପରାମର୍ଶ କରାଯାଇପାରିବ ।

***301. ପଡ଼ୋଶୀ ଘରର ପିଲାମାନେ ମୋ ପିଲାମାନଙ୍କ ସହିତ ମିଶିବାକୁ ଭଲ ପାଆନ୍ତି ନାହିଁ । ମୁଁ ସେମାନଙ୍କ ମଧ୍ୟରେ ଉତ୍ତମ ସଂପର୍କ କିପରି ଭାବରେ ଗଢ଼ିପାରିବି ?***

ମାନସିକ ବିକଳାଙ୍ଗ ପିଲା ଥିବା ପରିବାର ଗୁଡ଼ିକ ବେଳେବେଳେ ସେମାନଙ୍କ ପିଲା ପ୍ରତି ପଡ଼ୋଶୀମାନଙ୍କ ଥିବା ପ୍ରତିକ୍ରିୟାର ସାମନା କରିବାକୁ ପଡ଼ିଥାଏ । ଏହି ପ୍ରତିକ୍ରିୟାଗୁଡ଼ିକ ସାହାଯ୍ୟ ହୋଇପାରେ ବା ଭୟାନକ କିମ୍ବା ଅଗ୍ରାହ୍ୟ କରିବା ପର୍ଯ୍ୟନ୍ତ ହୋଇଥାଏ । ପିତାମାତାମାନେ ନିଜେ ପଡ଼ୋଶୀମାନଙ୍କ ସହିତ ଉତ୍ତମ ସଂପର୍କ ଗଢ଼ିବା ନିମନ୍ତେ ଆଗ୍ରହ ପ୍ରକାଶ କରିବାର ଆବଶ୍ୟକତା ରହିଛି । ଏହା ସବୁ ପଡ଼ୋଶୀପିଲାମାନଙ୍କୁ ନିଜ ଘରେ ଏକାଠି କରି ଛୋଟ ଭୋଜିଭାତର ବ୍ୟବସ୍ଥା କରିବା

ଦ୍ୱାରା ହୋଇପାରିଥାଏ । ଏହା ଅନ୍ୟ ପିଲାମାନଙ୍କୁ ମାନସିକ ବିକଳାଙ୍ଗ ପିଲାମାନଙ୍କ ସହିତ ମିଶିବା ପାଇଁ ସୁଯୋଗ ଦେଇପାରିବ । ଏହାର ସୁବିଧା ନେଇ ପିତାମାତାମାନେ ପିଲାର ଅକ୍ଷମତା ସମ୍ବନ୍ଧରେ ଅନ୍ୟମାନଙ୍କୁ ବୁଝାଇପାରିବେ ଏବଂ ଅନ୍ୟମାନେ କିପରି ସାହାଯ୍ୟ କରିପାରିବେ  ତାହା ମଧ୍ୟ ବୁଝାଇପାରିବେ । କେତେକ ପିତାମାତା ମଧ୍ୟ ପଡ଼ୋଶୀ ପିଲାମାନଙ୍କ ନିମିତ୍ତ ଦଳଗତ ଖେଳର ଆୟୋଜନ ଦ୍ୱାରା ବହୁତ ଉପକାର ଲାଭ ହେବାର ଅନୁଭବ କରିଛନ୍ତି । ମାନସିକ ବିକଳାଙ୍ଗ ପିଲାମାନଙ୍କୁ ସାମାଜିକ ଏବଂ ଖେଳ ସଂପର୍କୀୟ ଦକ୍ଷତାଗୁଡ଼ିକୁ ଶିଖାଇବା ଉଚିତ୍ ଯାହାକି ସେମାନଙ୍କୁ ଅନ୍ୟମାନଙ୍କ ସହିତ ମିଶିବାରେ ସାହାଯ୍ୟ କରିବ, ଯେଉଁଥିପାଇଁ ସ୍ୱତନ୍ତ୍ର ଶିକ୍ଷକ ବା ମନସ୍ତତ୍ତ୍ୱବିତ୍‌ଙ୍କ ସାହାଯ୍ୟ ଲୋଡ଼ାଯାଇପାରେ ।

### *302. ମାନସିକ ବିକଳାଙ୍ଗ ପିଲା ଏବଂ ସେମାନଙ୍କର ପରିବାର ପ୍ରତି ଗୋଷ୍ଠୀର ପ୍ରତିକୂଳ ମନୋଭାବକୁ ପରିବର୍ତ୍ତନ କରିବା ସମ୍ଭବ କି ?*

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ବିଷୟରେ ଭଲଭାବରେ ବୁଝିବା ପାଇଁ ସରକାରୀ ଏବଂ ବେସରକାରୀ ସଂସ୍ଥାମାନଙ୍କ ଦ୍ୱାରା ଜନସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି ନିର୍ଦ୍ଦିଷ୍ଟ  ଭାବରେ ବିଭିନ୍ନ ମାଧ୍ୟମ, ବିଶେଷକରି ଦୂରଦର୍ଶନ, ମାନସିକ ବିକଳାଙ୍ଗ ପିଲାମାନଙ୍କ ସମ୍ବନ୍ଧରେ ଥିବା ସମସ୍ୟା ଉପରେ ଲୋକମାନଙ୍କୁ ଶିକ୍ଷା ଦେବା ଏବଂ ସଚେତନତା ବୃଦ୍ଧି କରିବାରେ ସାହାଯ୍ୟ କରିପାରିବ । ବିଭିନ୍ନ ବେସରକାରୀ ସଂସ୍ଥା ସହିତ ଅଭିଭାବକ ସଂଘ ଏବଂ ଜାତୀୟ ମାନସିକ ବିକଳାଙ୍ଗ ଅନୁଷ୍ଠାନ ମଧ୍ୟ ସମାଜରେ ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଗ୍ରହଣ କରିବାକୁ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରି ସମାଜକୁ ସାହାଯ୍ୟ କରୁଛନ୍ତି । ମନୋଭାବ ଧିରେ ଧିରେ ବଦଳିଥାଏ, କିନ୍ତୁ ଏଥି ନିମନ୍ତେ ଯଦି ଉପଯୁକ୍ତ ପ୍ରଣାଳୀ ବ୍ୟବହାର କରାଯାଏ ତେବେ ଏହା ନିଶ୍ଚିତ ଭାବରେ ସମ୍ଭବ ହୋଇପାରିବ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ କରୁଛନ୍ତି ଏବଂ କଣ ସବୁ କରିପାରିବେ ବିଶେଷ କରି ଏହାକୁ ଲୋକ ଲୋଚନକୁ ଆଣି ପିତାମାତା, ପେଷାଦାର ଏବଂ ଶୁଭେଚ୍ଛୁମାନେ, ଗୋଷ୍ଠୀ ମଧ୍ୟରେ ସେମାନଙ୍କର ଉଦ୍ୟମକୁ ଚାଲୁରଖିବା ଆବଶ୍ୟକ ।

**303. କେତେକ ବ୍ୟକ୍ତି ଆମ୍ଭ ପିଲାମାନଙ୍କ ଠାରେ ଅଧିକ ଆଗ୍ରହ ପ୍ରକାଶ କରିଥାନ୍ତି ଏବଂ ଆମ୍ଭ ପିଲାକୁ ଚିକିତ୍ସା କରିବା ନିମନ୍ତେ ଅନେକ ଉପଦେଶ ଦେଇଥାନ୍ତି ଯାହାକି ଠିକ୍ ନୁହେଁ ବୋଲି ଆମ୍ଭେମାନେ ଜାଣିଅଛୁ । ଏହି ଲୋକମାନଙ୍କ ଠାରୁ ଦୂରେଇ ରହିବା ପାଇଁ ଆମ୍ଭକୁ ଅସୁବିଧା ହେଉଅଛି । ଏହି ଲୋକମାନଙ୍କୁ ଚଳାଇବା ନିମିତ୍ତ କୌଣସି ସ୍ୱତନ୍ତ୍ର ଉପାୟ ରହିଅଛି କି ?**

ସମ୍ଭବତଃ, ଆତ୍ମିୟତା ହେତୁ ବା ଆପଣଙ୍କୁ ସାହାଯ୍ୟ କରିବାକୁ ଚାହୁଁଥିବା ଯୋଗୁଁ, କେତେକ ବ୍ୟକ୍ତି ଅନେକ ଉପଦେଶ ଦେଇଥାନ୍ତି ଯାହାକି ଆପଣଙ୍କର କୌଣସି ଉପକାରରେ ଆସିନଥାଏ । ସାଧାରଣତଃ ଏହି ଲୋକମାନଙ୍କର ମାନସିକ ବିକଳାଙ୍ଗତା ଅବସ୍ଥା ସମ୍ବନ୍ଧରେ ସ୍ୱଚ୍ଛ ଜ୍ଞାନ ରହିଥାଏ । ଯଦି ଆପଣ ନିଜର ପିଲା ବିଷୟରେ ସେମାନଙ୍କୁ ସଠିକ୍ ଭାବରେ ଜଣାନ୍ତି ଏବଂ ଯଦି ବିଶେଷଜ୍ଞମାନଙ୍କୁ ଦେଖାଇଥାନ୍ତି, ତେବେ ସେମାନଙ୍କୁ ବିଶେଷଜ୍ଞଙ୍କ ସହିତ ପରାମର୍ଶ ବିଷୟରେ ଜଣାଇଦେବା ଫଳରେ ଅନେକ ସାହାଯ୍ୟ ମିଳିଥାଏ । ବେଳେବେଳେ, ଏହା କଠିନ ହେଲେ ମଧ୍ୟ, କଥାବାର୍ତ୍ତାର ବିଷୟବସ୍ତୁକୁ ବଦଳାଇବା ଅସମ୍ଭବ୍ ନୁହେଁ । ପିତାମାତାମାନେ ବୁଝିବା ଆବଶ୍ୟକ ଯେ, କୌଣସି କାର୍ଯ୍ୟକୁ ସ୍ଥିର କରିବା ସେମାନଙ୍କ ଉପରେ ନିର୍ଭର କରିଥାଏ ।

**304. ମାନସିକ ବିକଳାଙ୍ଗ ପିଲାଥିବା ପରିବାର ଗୁଡ଼ିକୁ ଗୋଷ୍ଠୀ କିପରି ଭାବରେ ସହାୟତା ପ୍ରଦାନ କରିପାରିବେ ?**

ଗୋଷ୍ଠୀ ମଧ୍ୟରେ ରହୁଥିବା ଲୋକମାନେ ମାନସିକ ବିକଳାଙ୍ଗ ପିଲା ଥିବା ପରିବାରଗୁଡ଼ିକୁ କରିପାରୁଥିବା ସବୁଠାରୁ ବଡ଼ ଧରଣର ସହାୟତା ଗୁଡ଼ିକ ହେଲା :–

- ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଗ୍ରହଣ କରିବା ଏବଂ ସେମାନଙ୍କର ବିକାଶ ନିମନ୍ତେ ସମାନ ସୁଯୋଗ ପ୍ରଦାନ କରିବା, ଶିକ୍ଷା, ତାଲିମ୍, ଚାକିରୀ, ଅବକାଶ, ଏବଂ ଅନ୍ୟ ନାଗରିକମାନଙ୍କ ଭଳି ସେମାନଙ୍କୁ ସାଧାରଣ ଜୀବନଯାପନ କରିବାରେ ସାହାଯ୍ୟ କରିବା ।

- ସେମାନଙ୍କର ସମୟ, ଅର୍ଥ କିମ୍ବା ଦକ୍ଷତା ବିନିମୟରେ ମାନସିକ ବିକଳାଙ୍ଗ ବ୍ୟକ୍ତି ମାନଙ୍କ ନିମନ୍ତେ କଲ୍ୟାଣ ମୂଳକ କାର୍ଯ୍ୟ କରିବା ।




ପୂନର୍ବାସ କାର୍ଯ୍ୟକ୍ରମ ମାନଙ୍କରେ ସମାଜର ବହୁ ସହାୟତା ନିତ୍ୟାନ୍ତ ଆବଶ୍ୟକ ।

**305. ରୋଟରୀ କ୍ଲବ, ଲାୟନସ୍ କ୍ଲବ, ରେଡ଼କ୍ରସ ପ୍ରଭୃତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକ,ମାନସିକ ବିକଳାଙ୍ଗ ପିଲା ଥିବା ପରିବାରଗୁଡ଼ିକୁ କୌଣସି ପ୍ରକାରରେ ସାହାଯ୍ୟ କରିପାରିଥାନ୍ତି କି ?**

ରୋଟରୀ କ୍ଲବ, ଲାୟନସ୍ କ୍ଲବ, ରେଡ଼କ୍ରସ ପ୍ରଭୃତି ସ୍ୱୟଂସେବୀ ସଂଘମାନେ, ମାନସିକ ବିକଳାଙ୍ଗ ପିଲାମାନେ ଥିବା ପରିବାରଗୁଡ଼ିକୁ ବିଭିନ୍ନ ପ୍ରକାରରେ ସାହାଯ୍ୟ କରିଥାନ୍ତି ଯଥା :–

- ଦେଶରେ ସ୍ୱତନ୍ତ୍ର ସ୍କୁଲଗୁଡ଼ିକୁ ପ୍ରତିଷ୍ଠା କରିବା ।
- ଗରୀବ ଘର ପିଲାମାନଙ୍କୁ ସ୍ୱତନ୍ତ୍ର ସ୍କୁଲରେ ପଢ଼ାଇବା ନିମନ୍ତେ ଖର୍ଚ୍ଚ ବହନ କରିବା ।
- ସ୍ୱତନ୍ତ୍ର ସ୍କୁଲ ଗୁଡ଼ିକୁ ଟେବୁଲ ପଙ୍ଖା, ଟାଇପ ରାଇଟର ଏବଂ ଅନ୍ୟାନ୍ୟ ଉପକରଣ ସବୁ ଯୋଗାଇବା ।
- ପାଣ୍ଠି ବୃଦ୍ଧି ନିମନ୍ତେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ କାର୍ଯ୍ୟକ୍ରମ କରିବା ।
- ମାନସିକ ବିକଳାଙ୍ଗ ପିଲାମାନଙ୍କ ନିମନ୍ତେ ବଣଭୋଜି ଏବଂ ଉତ୍ସବର ଆୟୋଜନ କରିବା ।
- ଯୋଗ୍ୟ ଅକ୍ଷମ ବ୍ୟକ୍ତିମାନଙ୍କୁ ବୃତ୍ତି ଯୋଗାଇ ଦେବା ।
- ଚିହ୍ନଟ କ୍ୟାମ୍ପର (Identification/screening camps) ଆୟୋଜନ ନିମନ୍ତେ ଅର୍ଥ ଯୋଗାଇ ଦେବା ।
- ସାଧାରଣ ସଚେତନାମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଆୟୋଜନ କରିବା, ପ୍ରଭୃତି ।

ମାନସିକ ବିକଳାଙ୍ଗ ବ୍ୟକ୍ତି ଓ ପରିବାରର ଆବଶ୍ୟକତାଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ବୁଝିବା ଓ ପେଷାଦାର ବ୍ୟକ୍ତିମାନଙ୍କ ସହିତ ସଂପର୍କ ରଖିବା ଫଳରେ, ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଅକ୍ଷମ ବ୍ୟକ୍ତିମାନଙ୍କର କଲ୍ୟାଣ ମୂଳକ କାର୍ଯ୍ୟ ଏବଂ ତାଲିମ୍ କାର୍ଯ୍ୟଗୁଡ଼ିକରେ ସହାୟତା ପୂର୍ଣ୍ଣ ସମ୍ବଳ ହୋଇପାରିବେ ।

**306. ମାନସିକ ବିକଳାଙ୍ଗ ପିଲାମାନେ ଥିବା ପରିବାରଗୁଡ଼ିକୁ, ଧର୍ମ ସଂସ୍ଥାମାନେ କୌଣସି ସାହାଯ୍ୟ ଦେଇପାରିବେ କି ?**

ଧର୍ମସଂସ୍ଥା ଗୁଡ଼ିକ ମାନସିକ ବିକଳାଙ୍ଗ ପିଲାମାନଙ୍କ ପିତାମାତାମାନଙ୍କୁ ବହୁ ଆବେଗପୂର୍ଣ୍ଣ ସହାୟତା ଦେଇପାରିବେ । ଏହା ସହିତ କେତେକ ଧର୍ମ ସଂସ୍ଥାମାନେ ଆବଶ୍ୟକ କରୁଥିବା ପରିବାର ଗୁଡ଼ିକୁ ଜିନିଷପତ୍ର ବା ଆର୍ଥିକ ସହାୟତା ଦେଇଥାନ୍ତି । ଏହି ପ୍ରକାରର ଆବେଗପୂର୍ଣ୍ଣ ଏବଂ ଜିନିଷପତ୍ରର ସହାୟତା, ମାନସିକ ବିକଳାଙ୍ଗ ପିଲାଥିବା ଅନେକ ପିତାମାତାମାନଙ୍କୁ ଖାପଖୁଆଇ ଚଳିବାରେ ସାହାଯ୍ୟ କରେ । ଯାହା ବି ହେଉ, ଏହା ମନେ ରଖିବା ଉଚିତ୍ ଯେ, ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ କର୍ମ କ୍ଷେତ୍ରରେ ସ୍ୱାଧୀନ କରିବାକୁ ହେଲେ ସଙ୍ଗଠିତ ତାଲିମ୍ ନିତ୍ୟାନ୍ତ ଆବଶ୍ୟକ, ଯେଉଁଥିପାଇଁ ପେଷାଦାର ବ୍ୟକ୍ତିମାନଙ୍କର ସହାୟତା ଲୋଡ଼ିବା ଉଚିତ୍ ।

15

# ଛାତ୍ରାବାସ

ବିଭିନ୍ନ ପାଶ୍ଚାତ୍ୟ ଦେଶମାନଙ୍କ ପରି, ଆମ ଦେଶରେ, ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଆବାସିକ ଅନୁଷ୍ଠାନର ସୁବିଧା ବହୁତ କମ୍ । ପୂର୍ବକାଳରେ, ମାନସିକ ବିକଳାଙ୍ଗ ବ୍ୟକ୍ତି ମାନଙ୍କୁ ସମାଜଠାରୁ ଦୂରେଇ ରଖିବା ପାଇଁ ଛାତ୍ରାବାସର ସୁବିଧାମାନ କରାଯାଇଥିଲା କାରଣ ‘‘ସେମାନେ କୌଣସି କାର୍ଯ୍ୟ କରିପାରିବେ ନାହିଁ’’ ଏବଂ ‘‘ପରିବାର ଓ ସମାଜର ବୋଝ’’ ହିସାବରେ ବିଚାର କରାଯାଉଥିଲା । ମାନସିକ ବିକଳାଙ୍ଗତାର ସଂଜ୍ଞା ଏବଂ ସମାଜର ଅନୁଭବ କରିବାର ଢ଼ଙ୍ଗ ସମୟ ଅନୁସାରେ ବଦଳି ଚାଲିଛି । ପୁନର୍ବାସ ପଦ୍ଧତି ଅନୁଯାୟୀ ଆଜିକାଲି ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ଆବାସିକ ଅନୁଷ୍ଠାନକୁ ପଠେଇବାକୁ ଉତ୍ସାହିତ କରାଯାଉନାହିଁ ଯେହେତୁ ଏହା ସ୍ୱାଭାବିକ ଜୀବନର ଗୁଣାତ୍ମକ ସୁବିଧାଗୁଡ଼ିକୁ ଯୋଗାଇପାରେ ନାହିଁ । ଯାହା ବି ହେଉ, ଅସ୍ଥାୟୀ ବା ଦୀର୍ଘସ୍ଥାୟୀ ଆବାସିକ ଅନୁଷ୍ଠାନର ସୁବିଧାକୁ ଏଡ଼େଇ ଦେଇ ହେବନି ଏବଂ ଏହାକୁ ଅନ୍ତିମ ବିକଳ୍ପ ଭାବରେ ବିଚାର କରାଯାଇପାରେ, ଉଦାହରଣ ସ୍ୱରୂପ, ଯେତେବେଳେ ଏକ ପରିବାର ଗୁରୁତର ଚାପ ଭିତରେ ରହିଥାଏ ଏବଂ ମାନସିକ ବିକଳାଙ୍ଗ ପିଲାଟିର ବିଶେଷ ଭାବରେ ଯତ୍ନ ନେବାକୁ ଅକ୍ଷମ ହୁଏ । ସ୍ୱେଚ୍ଛାସେବୀ ପ୍ରତିଷ୍ଠାନମାନଙ୍କ ଦ୍ୱାରା ଚାଲୁଥିବା ପ୍ରାୟ ଏକତୃତୀୟାଂଶ ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡ଼ିକରେ ଛାତ୍ରାବାସର ସୁବିଧା ରହିଛି । ପିତାମାତା ସବୁ ସମୟରେ ଏହି ପ୍ରଶ୍ନ କରିଥାଆନ୍ତି କି ଛାତ୍ରାବାସର ସୁବିଧା ସେମାନଙ୍କ ମାନସିକ ବିକଳାଙ୍ଗ ପିଲାପାଇଁ ଲାଭପ୍ରଦ କି ନୁହେଁ । ଛାତ୍ରାବାସରେ କେଉଁ ପ୍ରକାରର ସୁବିଧା ଏବଂ କାର୍ଯ୍ୟକ୍ରମ ଉପଲବ୍ଧ ହେଉଅଛି । ପିତାମାତାଙ୍କ ଦ୍ୱାରା ପଚରାଯାଇଥିବା କେତେକ ସାଧାରଣ ପ୍ରଶ୍ନ ସମ୍ବନ୍ଧରେ ଏହି ବିଭାଗରେ ଦିଆଯାଇଛି ।


ଆତ୍ମମାନଙ୍କର ମୃତ୍ୟୁ ପରେ ଆମ ପିଲା କିପରି ରହିବ ।
ମୁଁ ଭାବୁଛି ତାକୁ ହଷ୍ଟେଲ୍‌ରେ ଛାଡ଼ିଦେଲେ ଏହି ସମସ୍ୟାର ସମାଧାନ ହୋଇ ପାରିବ ।
ତୁମେ କ'ଣ ଭାବୁଛ ହଷ୍ଟେଲ୍‌ରେ ଆମ ଭଳି ତା'ର ଯତ୍ନ ନେବେ । ସେ ନିଶ୍ଚିତଭାବେ ଆମମାନଙ୍କୁ ସେଠି ମନେପକାଇବ ।
ମୁଁ ଜାଣିଛି ଯେ, ଘର ଠାରୁ ଅଧିକ ଯତ୍ନ ସେ ପାଇବାରିବ ନାହିଁ । ଭଗବାନ ଜାଣନ୍ତି, ତା'ର ଭାଇଭଉଣୀ ମାନେ ଯତ୍ନ ନେବେ କି ନାହିଁ ।
ମୁଁ ଭାବୁଛି ଆତ୍ମମାନଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କର ମତାମତ ନେବା ।

**307. ମାନସିକ ବିକଳାଙ୍ଗ ବ୍ୟକ୍ତି ପାଇଁ ସବୁଠାରୁ ଉତ୍ତମ ଧରଣର ରହିବା ବ୍ୟବସ୍ଥା କଣ ?**

ପିତାମାତା ଓ ଭାଇଭଉଣୀମାନଙ୍କ ସହିତ ନିଜ ଘରେ ରହିବା, ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କ ରହିବା ପାଇଁ ଉତ୍କୃଷ୍ଟ ଅଟେ । ଘରେ ରହିବାଦ୍ୱାରା ପ୍ରାକୃତିକ ନିରାପତ୍ତା ମିଳିଥାଏ ଏବଂ ଏହି ପରିବେଶରେ ମଧ୍ୟ ଉପଯୁକ୍ତ ତାଲିମ୍ କାର୍ଯ୍ୟ କରାଯାଇପାରିବ । ମାନସିକ ବିକଳାଙ୍ଗ ପିଲା ଥିବା ହେତୁ ପରିବାରରେ ଅନେକ ଅସୁବିଧା ଭୋଗିଥାଆନ୍ତି ଓ ଅଧିକ ଚାପ ପଡ଼ିଥାଏ ଯାହା ଫଳରେ, କେତେକ ସମୟରେ ପିତାମାତା ହତୋତ୍ସାହ ହୋଇ ଆବାସିକ ସୁବିଧାପାଇଁ ଖୋଜିବୁଲନ୍ତି । ଏହା ଦେଖାଯାଇଅଛି ଯେ, ପରିବାର ମଧ୍ୟରେ ଥିବା ମାନସିକ ବିକଳାଙ୍ଗ ବ୍ୟକ୍ତିର ଜୀବନକାଳ ମଧ୍ୟରେ ତାହାର ଆବଶ୍ୟକତା ଅନୁଯାୟୀ ଯଦି ଉପଯୁକ୍ତ ପେଷାଦାର, ପାରିବାରିକ ଓ ଗୋଷ୍ଠୀ ସହାୟତା ମିଳିଥାଏ ତେବେ ଏହା ପରିବାରକୁ ସଂକଟ ଓ ଅତିରିକ୍ତ ଦାବୀଗୁଡ଼ିକୁ ପୂରଣ କରିବା ଏବଂ ପିଲାର ଉପଯୁକ୍ତ ତାଲିମ୍ କିମ୍ବା ଅବସ୍ଥାପନା ପାଇଁ ଉପଯୁକ୍ତ ଏବଂ ନିର୍ଣ୍ଣୟ ନେବାରେ ସାହାଯ୍ୟ ଓ ସୁଦୃଢ଼ କରିଥାଏ ।

***308. ସାଧାରଣ ବ୍ୟକ୍ତି ପ୍ରାପ୍ତ ବୟସ୍କ ହେବାପରେ ପରିବାର ମଧ୍ୟରେ ରହିବେ କିମ୍ବା ପରିବାରଠାରୁ ଦୂରରେ ରହିବେ ତାର ନିର୍ଣ୍ଣୟ ନେଇପାରନ୍ତି । ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କଠାରେ ସେପରି ସମାନ ସୁବିଧା ଅଛି କି ?***

ସାଧାରଣ ବ୍ୟକ୍ତିଙ୍କ ବ୍ୟତିତ ବହୁ ମାନସିକ ବିକଳାଙ୍ଗ ବ୍ୟକ୍ତି ସେମାନଙ୍କର ସ୍ୱଳ୍ପ ବୁଦ୍ଧି ହେତୁ ନିଜେ ସ୍ୱାଧୀନ ଭାବରେ ରହିବାକୁ ସମର୍ଥ ହେବେ କି ନାହିଁ, ତାହା ସ୍ଥିର କରିପାରନ୍ତି ନାହିଁ । ଏକ ମାନସିକ ବିକଳାଙ୍ଗ ବ୍ୟକ୍ତି ସ୍ୱାଧୀନ ଭାବରେ ରହିବାପାଇଁ କେତେଦୂର ଶିକ୍ଷା ଦିଆଯାଇପାରିବ ଏହା ତାହାର ମାନସିକ ବିକଳାଙ୍ଗତାର ଗଭୀରତା ଉପରେ ନିର୍ଭର କରେ । ବର୍ତ୍ତମାନ ମାନସିକ ବିକଳାଙ୍ଗ ବ୍ୟକ୍ତିର ରହିବାପାଇଁ ଆମ ଦେଶରେ ଦୁଇ ପ୍ରକାରର ବିକଳ୍ପର ରହିଛି : ସେ ତାର ପରିବାର ସହିତ ରହିପାରେ କିମ୍ବା ଏକ ଅନୁଷ୍ଠାନରେ ରହିପାରେ ।

**309. ଛାତ୍ରାବାସ କଣ ? ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ କି ପ୍ରକାର ସୁବିଧା ଯୋଗାଇଥାଏ ?**

ଛାତ୍ରାବାସ ହେଉଛି ଏକ ସର୍ବସାଧାରଣ, ବେସରକାରୀ କିମ୍ବା ସରକାରୀ ସୁବିଧା ବା ପକ୍‌କାଘର ଯେଉଁଠି କି ଲୋକମାନଙ୍କୁ ଚବିଶ ଘଣ୍ଟିଆ ଆବାସୀୟ ଭିତ୍ତିରେ ବିଶେଷ ସେବାମାନ ଯୋଗାଇଦିଆଯାଏ । ମାନସିକ ବିକଳାଙ୍ଗ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରାବାସରେ କେବଳ ମାନସିକ ବିକଳାଙ୍ଗ ପିଲାମାନେ ଚବିଶ ଘଣ୍ଟା ତତ୍ତ୍ୱାବଧାନରେ ରହିଥାଆନ୍ତି । ସେହି ବ୍ୟକ୍ତିମାନଙ୍କର କାର୍ଯ୍ୟ କଳାପ ଏକ ବିଶଦ୍ ଓ ନିର୍ଦ୍ଦିଷ୍ଟ ନିୟମାବଳୀ ଏବଂ କେତେକ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହୋଇଥାଏ ।

ଉତ୍ତମ ତତ୍ତ୍ୱାବଧାନରେ ଥିବା ଛାତ୍ରାବାସ ଗୁଡ଼ିକ ମାନସିକ ବିକଳାଙ୍ଗ ବ୍ୟକ୍ତିପାଇଁ ସଂପୂର୍ଣ୍ଣ ପୁନର୍ବାସର ସୁବିଧା ପ୍ରଦାନ କରିଥାଆନ୍ତି । ଠିକ୍ ଭାବରେ ପରିଚାଳିତ ହେଉଥିବା ଛାତ୍ରାବାସଗୁଡ଼ିକ ସୁଷମ ଖାଦ୍ୟ, ସୁସ୍ଥ ପରିବେଶ, ଖେଳିବା ପାଇଁ ସୁବିଧା, ଅବସର ବିନୋଦନ କାର୍ଯ୍ୟକ୍ରମ, ସାମାଜିକ କାର୍ଯ୍ୟକ୍ରମ ଏବଂ ଶିକ୍ଷା ଓ ତାଲିମ୍ ନିମିତ୍ତ ସୁବିଧା ସବୁ ଯୋଗାଇଥାନ୍ତି ।

**310. ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଛାତ୍ରାବାସ ଗୁଡ଼ିକରେ କଣ ଏକାପ୍ରକାରର ସୁବିଧା ରହିଅଛି କି ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଥିବା ଛାତ୍ରାବାସଗୁଡ଼ିକର କାର୍ଯ୍ୟକୁ ପରିଚାଳନା କରିବା ପାଇଁ କୌଣସି ଏକକ ବା ସାଧାରଣ କର୍ମକର୍ତ୍ତା ନାହାଁନ୍ତି । ଏହିପରି ଛାତ୍ରାବାସଗୁଡ଼ିକୁ କାର୍ଯ୍ୟକାରୀ କରାଇବାପାଇଁ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଦ୍ୱାରା ମଧ୍ୟ ସେପରି କୌଣସି ଲିଖିତ ନୀତି ଧାର୍ଯ୍ୟ କରାଯାଇନାହିଁ । ଭିନ୍ନ ଭିନ୍ନ ଛାତ୍ରାବାସରେ କୌଣସି କାର୍ଯ୍ୟକ୍ରମ କିମ୍ବା ନିଯୁକ୍ତ କର୍ମଚାରୀମାନେ ମଧ୍ୟ ଅଲଗା ହୋଇଥାଆନ୍ତି । ଏହି ହେତୁ, ଗୋଟିଏ ଛାତ୍ରାବାସରେ ଉପଲବ୍ଧ ହେଉଥିବା ସୁବିଧା ସବୁ କେତେକ କାରଣ ଉପରେ ନିର୍ଭର କରିଥାଏ, ମୁଖ୍ୟତଃ ସେଥିରେ ମିଳିପାରୁଥିବା ସାଧନଗୁଡ଼ିକ ଯଥା :— ଆର୍ଥିକ ସ୍ୱଚ୍ଛଳତା, ତାଲିମ୍ ପ୍ରାପ୍ତ ବିଶେଷଜ୍ଞ କିମ୍ବା ଅନ୍ୟ ବାହ୍ୟ ସାଧନଗୁଡ଼ିକ ଯେମିତିକି ଜାଗା ବା ସ୍ଥାନ ଏବଂ ସର୍ବୋପରି ଏବଂ ଉନ୍ନତମାନର ଯତ୍ନ ନେବାକୁ ସଂଗଠନ ଓ ତହିଁର କର୍ମଚାରୀମାନଙ୍କର ନିଷ୍ଠାଭାବ ।

**311. ଏହା କଣ ସତ କି ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଯଦି ପରିବାରରେ ନ ରହି ଛାତ୍ରାବାସରେ ରହନ୍ତି ତେବେ ଅଧିକ ସ୍ୱାଧୀନ ହୁଅନ୍ତି ?**

ପାରିବାରିକ ବାତାବରଣ, ଶିକ୍ଷା ଲାଭ ପାଇଁ ଏକ ପ୍ରାକୃତିକ ପରିବେଶ ଯୋଗାଇଥାଏ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଯଦି ସେମାନଙ୍କ ପରିବାର ସହିତ ଘରେ ରହନ୍ତି, ଉପଯୁକ୍ତ ଶିକ୍ଷା ଓ ତାଲିମ୍ ଦ୍ୱାରା ସ୍ୱାଧୀନ ଭାବରେ ଚଳିବା ଶିଖିପାରିବେ । ଜଣେ ବ୍ୟକ୍ତି ଅକ୍ଷମ ହେଉ ବା ନ ହେଉ ତାର କୌଣସି କାର୍ଯ୍ୟ କରିବା ବା ସ୍ୱାଧୀନ ହେବା କିମ୍ବା ଅନ୍ୟ ଉପରେ ନିର୍ଭର କରିବା ପରିବାରର ତାଲିମ୍ ଦେବା ଓ ଯତ୍ନ ନେବା ଉପରେ ନିର୍ଭର କରେ । ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କ ପ୍ରତି ପିତାମାତାଙ୍କର ଅଧିକ ରକ୍ଷଣଶୀଳ ମନୋଭାବ ବା ସ୍ୱାଧୀନ ଭାବେ ଶିକ୍ଷା କରିବାପାଇଁ ପିତାମାତା କମ୍ ସୁବିଧା ସୁଯୋଗ ଦେବା ଫଳରେ ସେମାନଙ୍କର ଅନ୍ୟ ଉପରେ ନିର୍ଭର କରିବା ବ୍ୟବହାର ଦେଖାଦେଇଥାଏ । ଏହି ହେତୁ, ଏହା ନିତାନ୍ତ ଆବଶ୍ୟକ ନୁହେଁ ଯେ, କେବଳ ପିଲାଟିକୁ ପରିବାରଠାରୁ ଅଲଗା ରଖିଲେ ସେ ସ୍ୱାଧୀନ ହେବା ଶିଖିଯିବ । ଏହା ପରିବର୍ତ୍ତେ ଅଧିକ ରକ୍ଷାତ୍ମକ ମନୋଭାବକୁ ବଦଳାଇ ଏବଂ ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଉପରେ ଜୋର୍ ଦେଲେ ଏହା ସାହାଯ୍ୟ କରିପାରେ ।

**312. ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ଛାତ୍ରାବାସରେ ରଖାଇବା କଣ ନିତାନ୍ତ ଦରକାର ? ଅଭିଭାବକମାନେ କେଉଁ କାରଣଗୁଡ଼ିକ ବିଚାର କରିବା ଉଚିତ୍ ?**

କୌଣସି ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କ ପାଇଁ ଛାତ୍ରାବାସ, ଏକ ଉପଯୁକ୍ତ ରହିବାସ୍ଥାନ ଓ ଶିକ୍ଷା କରିବା ପରିବେଶ କି ନୁହେଁ, ଏହାର ନିର୍ଦ୍ଦିଷ୍ଟ ମାନଦଣ୍ଡ ସ୍ଥିର କରାଯାଇନାହିଁ, ତଥାପି ସୀମିତ ବାତାବରଣ ହେତୁ ଛାତ୍ରାବାସ ଜୀବନ ମାନସିକ, ବୌଦ୍ଧିକ ଏବଂ ଶାରୀରିକ ବିକାଶରେ ପ୍ରତିକୂଳ ପ୍ରଭାବ ପକାଇଥାଏ ବୋଲି ବିଶ୍ୱାସ କରାଯାଏ ।

ନିମ୍ନଲିଖିତ କାରଣଗୁଡ଼ିକ ସାଧାରଣତଃ ପିତାମାତାଙ୍କୁ ତାଙ୍କ ପିଲାକୁ ଛାତ୍ରାବାସରେ ରହିବାକୁ ସ୍ଥିର କରିବାରେ ବାଟ ଦେଖାଇପାରିବ ।

- ଯଦି ଏକ ପରିବାର ବାସ କରୁଥିବା ଜାଗାରେ କୌଣସି ଦିନବେଳା ସେବା

ଯତ୍ନ କରୁଥିବା ସ୍କୁଲର ସୁବିଧା ନଥାଏ ଏବଂ ଏହି ପିଲାମାନଙ୍କର ସେବାପାଇଁ ସମସ୍ତ ଉଦ୍ୟମ ବିଫଳ ହୋଇଥାଏ ।

- ଯଦି ପରିବାରରେ କେହି ଉତ୍କଟ ରୋଗରେ ଭୋଗୁଥାନ୍ତି । ଉଦାହରଣ ସ୍ୱରୂପ, ପିତାମାତା ମାନସିକ ବା ଶାରିରୀକଭାବେ ପୀଡ଼ିତ ଥାଆନ୍ତି କିମ୍ବା ପରିବାରରେ ଉପଲବ୍ଧ ଥିବା ସହାୟତା ମିଳିନଥାଏ ।
- ଯଦି ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଖରେ ତୀବ୍ର ବ୍ୟବହାରିକ ସମସ୍ୟା ଦେଖାଦିଏ ଯାହା ଫଳରେ ଅସ୍ଥାୟୀଭାବେ ଛାତ୍ରାବାସରେ ରହିବା ଦରକାର ହୋଇଥାଏ ।
- ଯେଉଁ କ୍ଷେତ୍ରରେ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କ ପିତାମାତା ଉଭୟଙ୍କର ମୃତ୍ୟୁ ହୋଇଥାଏ ଏବଂ ଭାଇଭଉଣୀ କିମ୍ବା ବନ୍ଧୁବାନ୍ଧବ କେହି ଦାୟିତ୍ୱ ନିଅନ୍ତି ନାହିଁ ।

ଅଧିକ ଉପଦେଶ ନିମନ୍ତେ ପିତାମାତା ତାଲିମପ୍ରାପ୍ତ ପୁନର୍ବାସ ଅଧିକାରୀ ବା ପେଷାଦାର, ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍, ତାଲିମ୍ ପ୍ରାପ୍ତ ସମାଜକର୍ମୀ କିମ୍ବା ସ୍ୱତନ୍ତ୍ର ଶିକ୍ଷକଙ୍କୁ ପରାମର୍ଶ କରିପାରନ୍ତି ।

***313. ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ଛାତ୍ରାବାସରେ ରହିବା ପାଇଁ ପରିବାରର କେଉଁମାନେ ସ୍ଥିର କରିବା ଉଚିତ୍ ।***

ଆଦର୍ଶ ସ୍ୱରୂପ, ସଂପୂର୍ଣ୍ଣ ପରିବାର ଯଥା :– ପିତାମାତା, ଭାଇଭଉଣୀ, ବୁଢ଼ୀମାଆ ଓ ବୁଢ଼ାବାପା ଏବଂ ସଂପୃକ୍ତ ମାନସିକ ବିକଳାଙ୍ଗବ୍ୟକ୍ତି ଛାତ୍ରାବାସରେ ରହିବାକୁ ସ୍ଥିର କରିବାରେ ସଂପୃକ୍ତ ହେବା ଉଚିତ୍ । ଏହା ସହିତ, ଅନ୍ୟ ମାନସିକ ବିକଳାଙ୍ଗ ପିଲା ଥିବା ପିତାମାତାଙ୍କ ସହିତ କଥାବାର୍ତ୍ତା କରିବା ଏବଂ ତାଲିମ୍‌ପ୍ରାପ୍ତ, ସ୍ୱତନ୍ତ୍ର ଶିକ୍ଷକ ଓ ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍‌ଙ୍କ ଉପଦେଶ ମଧ୍ୟ ବହୁତ ସାହାଯ୍ୟ କରିପାରିବ ।

***314. ପୁଅ ଓ ଝିଅମାନଙ୍କ ପାଇଁ ଅଲଗା ଅଲଗା ଛାତ୍ରାବାସ ରହିଅଛି କି ?***

ଯେହେତୁ ଉଭୟ ପୁଅ ଓ ଝିଅ ମାନଙ୍କର ଅଲଗା ଅଲଗା ଆବଶ୍ୟକତା ରହିଅଛି ଭାରତରେ ଥିବା ଅଧିକାଂଶ ଛାତ୍ରାବାସରେ ସହଶିକ୍ଷା ସୁବିଧା ନାହିଁ । ପୁଅ ଓ ଝିଅ ମାନଙ୍କ

ପାଇଁ ପୃଥକ ଛାତ୍ରାବାସ କରିବା ଦ୍ୱାରା ରକ୍ଷଣାବେକ୍ଷଣ ଏବଂ ନିୟନ୍ତ୍ରଣ କରିବା କଷ୍ଟକର ବୋଲି ଜଣାପଡ଼ିଅଛି ।

***315. ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ଛାତ୍ରାବାସରେ ରଖାଇଲେ ପ୍ରାୟ କେତେ ଖର୍ଚ୍ଚ ଲାଗିଥାଏ ?***

ଏକ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ଛାତ୍ରାବାସରେ ରଖାଇବାପାଇଁ କୌଣସି ସମାନ ମୂଲ୍ୟ ନିର୍ଦ୍ଧାରଣ କରାଯାଇନାହିଁ । ସେଠାରେ ମିଳୁଥିବା ସୁବିଧାସୁଯୋଗର ପରିମାଣ ଏବଂ ସେହି ଅଞ୍ଚଳରେ ଜୀବନ ଯାପନର ଶୈଳୀ ଉପରେ ନିର୍ଭର କରି, ଖର୍ଚ୍ଚ ମାସ ପ୍ରତି 400 ଟଙ୍କାରୁ 1500 ଟଙ୍କା ମଧ୍ୟରେ ହୋଇଥାଏ କିମ୍ବା ଅଧିକ ହୋଇପାରେ । ଯେହେତୁ ଆବାସୀୟ ସୁବିଧା ଯୋଗାଇ ଦେଉଥିବା ଅଧିକାଂଶ ଅନୁଷ୍ଠାନ ବେସରକାରୀ ସଂସ୍ଥା ଅଟନ୍ତି, ଉପକରଣମାନ କିଣିବା ପାଇଁ ଓ ଅନ୍ୟାନ୍ୟ ବାସଉପଯୋଗୀ ଖର୍ଚ୍ଚ ପାଇଁ ପିତାମାତାଙ୍କୁ କିଛି ଅର୍ଥ ଦେବାକୁ ପଡ଼ିଥାଏ ।

***316. ଛାତ୍ରାବାସରେ କେଉଁ ପ୍ରକାରର କାର୍ଯ୍ୟକ୍ରମ ସବୁ କରାହେଉଅଛି ?***

ଛାତ୍ରାବାସଗୁଡ଼ିକ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଛୋଟ ଧରଣର ପୁନର୍ବାସ କାର୍ଯ୍ୟକ୍ରମ ସବୁ ଯୋଗାଇଥାନ୍ତି । ଭିନ୍ନ ଭିନ୍ନ ଛାତ୍ରାବାସରେ ଦିଆଯାଉଥିବା କାର୍ଯ୍ୟକ୍ରମଗୁଡ଼ିକ ଅଲଗା ଅଲଗା ହୋଇଥାଏ । ସାଧାରଣତଃ ଆତ୍ମଯତ୍ନ କ୍ରିୟା କୌଶଳ, କଥାବାର୍ତ୍ତା କୌଶଳ, ଅବସର ବିନୋଦନ କାର୍ଯ୍ୟ, ଘରୋଇ କାର୍ଯ୍ୟ ଏବଂ ସାମାଜିକ ଚାଲିଚଳଣ କାର୍ଯ୍ୟ ସବୁ ତାଲିମ୍ ଦେବା, ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ।

***317. ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ମାନସିକ ବିକଳାଙ୍ଗ ପିଲାଙ୍କ ପାଇଁ ଛାତ୍ରାବାସରେ ନାମ ଲେଖାଇବା କଣ ନିଷେଧ କରାଯାଇଅଛି କି ?***

ପ୍ରତ୍ୟେକ ଛାତ୍ରାବାସରେ ନାମ ଲେଖା ବିଷୟରେ ସେମାନଙ୍କର ନିଜର ନିୟମ କାନୁନ୍ ରହିଥାଏ । ସାଧାରଣତଃ, ଯାହା ଦେଖାଯାଇଛି ଅଧିକ ସମସ୍ୟାଗ୍ରସ୍ତ ମାନସିକ ବିକଳାଙ୍ଗ ବ୍ୟକ୍ତି ଏବଂ ଯେଉଁମାନଙ୍କର ଅପସ୍ମାର ବାତ, ଶାରିରୀକ ଅକ୍ଷମତା ଇତ୍ୟାଦି ସମ୍ମିଳିତ ସମସ୍ୟା ରହିଥାଏ ସେମାନଙ୍କ ଅପେକ୍ଷା ମୃଦୁ ଏବଂ ମଧ୍ୟମ ଧରଣର ମାନସିକ ବିକଳାଙ୍ଗଙ୍କୁ ଛାତ୍ରାବାସରେ ରଖାଇବାକୁ ସୁବିଧା ଦିଆଯାଇଥାଏ ।




ଘର ହେଉଛି ସବୁଠାରୁ ଉତ୍ତମ ପରିବେଶ ।

**318. ପିତାମାତା ସେମାନଙ୍କର ମାନସିକ ବିକଳାଙ୍ଗ ପିଲାର ରହିବା ପାଇଁ ଜାଗା ଖୋଜିବା ଆଗରୁ କେଉଁ ବିଷୟଗୁଡ଼ିକୁ ବିଚାର କରିବା ଉଚିତ ?**

ପିତାମାତା ଛାତ୍ରାବାସରେ ରଖାଇବାକୁ ସ୍ଥିର କରିବାବେଳେ ନିମ୍ନଲିଖିତ କାରଣ ଗୁଡ଼ିକୁ ବିଚାର କରିବା ଉଚିତ୍ ।

- ସ୍ୱତନ୍ତ୍ର ଶିକ୍ଷକ, ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍, ତାଲିମ୍‌ପ୍ରାପ୍ତ ସମାଜକର୍ମୀ, ଡାକ୍ତରୀ ଲୋକ ଦଳ, ଶାରିରୀକ ଚିକିତ୍ସକ, ବାକ୍ ଚିକିତ୍ସକ ଏବଂ ଧନ୍ଦାମୂଳକ ତାଲିମ୍‌ଦାତାମାନଙ୍କ ପରି ତାଲିମ୍ ପ୍ରାପ୍ତ ବିଶେଷଜ୍ଞଙ୍କ ଉପଲବ୍‌ଧତା ।
- ନିଜ ପିଲାର ଏକାଭଳି ସମସ୍ୟା ଥିବା ମାନସିକ ବିକଳାଙ୍ଗ ପିଲାଙ୍କ ପାଇଁ ଦିଆଯାଇଥିବା ତାଲିମ୍ କାର୍ଯ୍ୟକ୍ରମ ।
- ଛାତ୍ରାବାସର ଅବସ୍ଥିତି ।
- କାର୍ଯ୍ୟକ୍ରମ ଖର୍ଚ୍ଚକୁ ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରିବା ଯଥା :– ପାଠ ପଢ଼ାଖର୍ଚ୍ଚ, ଗୃହ, ଖାଦ୍ୟପେୟ, ଆସବାପତ୍ର ଇତ୍ୟାଦି ।
- ନାମ ଲେଖାଇବା ପାଇଁ ଯୋଗ୍ୟତା ।
- କାର୍ଯ୍ୟକ୍ରମରୁ ପିଲାଟି କିପରି ଉପକୃତ ହେବ ।
- ତଦାରଖ କରିବା ପାଇଁ କର୍ମଚାରୀ ଏବଂ ସହବାସୀମାନଙ୍କ ମଧ୍ୟରେ ଅନୁପାତ ।

ଏହା ଯୁକ୍ତିସଂଗତ କି, ପିତାମାତା ତାଲିମ୍‌ପ୍ରାପ୍ତ ସମାଜକର୍ମୀ, ସ୍ୱତନ୍ତ୍ର ଶିକ୍ଷକ, ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍, ଏବଂ ଅନ୍ୟ ପିତାମାତାଙ୍କଠାରୁ ଏ ବିଷୟରେ ଉପଦେଶ ନେଇ ପାରିବେ ।

**319. ଏକ ମାନସିକ ବିକଳାଙ୍ଗ ପିଲା କେଉଁ ବୟସରେ ଛାତ୍ରାବାସରେ ନାମ ଲେଖାଇବା ଉଚିତ୍ ?**

କେତେବେଳେ ଜଣେ ମାନସିକ ବିକଳାଙ୍ଗ ପିଲା ଛାତ୍ରାବାସରେ ରହିବା ପାଇଁ ଯିବା ଦରକାର ଏହାର ସେପରି କିଛି ବୟସ ସୀମା ନାହିଁ । ଯାହା ବି ହେଉ, ଦେଶର ଅଧିକାଂଶ

ଛାତ୍ରାବାସରେ ନାମ ଲେଖାଇବାର ବୟସ ସୀମା ପ୍ରାୟ 6 ରୁ 15 ବର୍ଷ ମଧ୍ୟରେ ହୋଇଥାଏ ।

**320. ଗୋଟିଏ ମାନସିକ ବିକଳାଙ୍ଗ ପିଲାକୁ ବହୁତ କମ୍ ବୟସରେ ଛାତ୍ରାବାସରେ ଦାଖଲ କରିବା ଉଚିତ୍ କି ?**

ଆଗରୁ କୁହାଯାଇଛି, ମାନସିକ ବିକଳାଙ୍ଗବ୍ୟକ୍ତିଙ୍କ ଫଳପ୍ରଦ ଶିକ୍ଷା ପାଇଁ ପରିବାର ସବୁଠାରୁ ଅଧିକ ପ୍ରାକୃତିକ ପରିବେଶ ଯୋଗାଇଥାଏ । କମ୍ ବୟସରେ ମାନସିକ ବିକଳାଙ୍ଗ ପିଲାଟିର ପିତାମାତାଙ୍କ ସହିତ ଆବେଗମୟ ସମ୍ପର୍କରେ ବିକାଶ ଘଟିଥାଏ ଯାହାକି ଭବିଷ୍ୟତର ଶିକ୍ଷା ନିମନ୍ତେ ମୂଳଦୁଆ ରୂପେ କାମ କରିଥାଏ । ମାନସିକ ବିକଳାଙ୍ଗ ପିଲା ଏବଂ ତାର ଭାଇଭଉଣୀମାନଙ୍କ ମଧ୍ୟରେ ସଂପର୍କ ବିକଶିତ ଓ ମଜବୁତ ମଧ୍ୟ ହୋଇଥାଏ । ଏହି ସଂପର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପାରେ କାରଣ ଆମ ଦେଶରେ ଭାଉଭଉଣୀମାନେ ପିତାମାତାଙ୍କ ମୃତ୍ୟୁପରେ ମାନସିକ ବିକଳାଙ୍ଗ ପିଲାଟିର ପ୍ରକୃତ ଅଭିଭାବକ ହୋଇଥାନ୍ତି ଏହି ହେତୁ, କୌଣସି ମାନସିକ ବିକଳାଙ୍ଗ ପିଲାକୁ ଅତି ଛୋଟ ବୟସରୁ ଛାତ୍ରାବାସରେ ରଖାଇବା ଯୁକ୍ତିସଂଗତ ହେଉନାହିଁ ।

**321. ଗୋଟିଏ ଛାତ୍ରାବାସରେ ସମସ୍ତ ଅନ୍ତେବାସୀ ମାନସିକ ବିକଳାଙ୍ଗ ହୋଇଥାନ୍ତି । ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କ ଉପରେ ଏହାର କୌଣସି କୁପ୍ରଭାବ ପଡ଼ିଥାଏ କି ?**

ଜଣେ ପିଲାକୁ ଛାତ୍ରାବାସକୁ ପଠାଇବାର ବଳିଷ୍ଠ କୁପ୍ରଭାବ ହେଉଛି, ମାନସିକ ବିକଳାଙ୍ଗ ପିଲାକୁ ସେମାନଙ୍କର ଅଣବିକଳାଙ୍ଗ ସାଙ୍ଗମାନଙ୍କ ଠାରୁ ଅଲଗା ରଖାଯାଉଛି ଏବଂ ଏତଦ୍ୱାରା ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସାଧାରଣ ବ୍ୟକ୍ତିମାନଙ୍କ ଠାରୁ ଉପଯୁକ୍ତ ସାମାଜିକ ଏବଂ ଅନ୍ୟାନ୍ୟ ବ୍ୟବହାର ଗୁଡ଼ିକ ପର୍ଯ୍ୟବେକ୍ଷଣ କରିବା ଓ ଶିଖିବାର ସୁଯୋଗରୁ ବଞ୍ଚିତ ହେଉଛନ୍ତି । ଛାତ୍ରାବାସର ସୀମିତ ପରିବେଶ ଯୋଗୁଁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସ୍ୱାଭାବିକ ପାରସ୍ପରିକ ସମ୍ବନ୍ଧ ଏବଂ ସାଧାରଣ ଜୀବନଧାରଣ ଅବସ୍ଥାରୁ ବଞ୍ଚିତ ହୁଅନ୍ତି, ଫଳରେ ସେମାନଙ୍କର ଜୀବନଶୈଳୀ ଉପରେ ଅତ୍ୟନ୍ତ ଖରାପ ପ୍ରଭାବ ପକାଇଥାଏ ।

**322. ଛାତ୍ରାବାସରେ ଗୋଟିଏ ପିଲା କେତେ ଦିନ ପର୍ଯ୍ୟନ୍ତ ରହିବାକୁ ପଡ଼ିବ ?**

ଭାରତରେ ଥିବା ବହୁ ସଂଖ୍ୟକ ଛାତ୍ରାବାସରେ ମାନସିକ ବିକଳାଙ୍ଗ ପିଲା ତାର ବୟସ ଅନୁସାରେ କେତେଦିନ ରହିପାରିବ ସେ ବିଷୟରେ ସ୍ୱତନ୍ତ୍ର ନିୟମାବଳୀ ରହିଅଛି । ସାଧାରଣତଃ ଏହା 16 ରୁ 21 ମଧ୍ୟରେ ହୋଇଥାଏ । ତଥାପି କେତେକ ଅନୁଷ୍ଠାନ ରହିଛି ଯେଉଁଗୁଡ଼ିକରେ କେତେଦିନ ରହିହେବ ସେ ବିଷୟରେ କୌଣସି ନିୟମାବଳୀ ନାହିଁ । ଏହିପରି ଛାତ୍ରାବାସଗୁଡ଼ିକରେ ପିତାମାତାମାନେ ଯେତେଦିନ ପର୍ଯ୍ୟନ୍ତ ପିଲାକୁ ଦୂରେଇ ରଖିବାକୁ ଚାହିଁବେ କିମ୍ବା ପିତାମାତାଙ୍କର ପଇସା ଥିବ, ସେତେଦିନ ପର୍ଯ୍ୟନ୍ତ ସେଠାରେ ପିଲାମାନଙ୍କୁ ରଖିପାରିବେ ।

**323. ଏକ ମାନସିକ ବିକଳାଙ୍ଗ ବ୍ୟକ୍ତି ଦୂରପୋଯୋଗ ହେବା ଦୃଷ୍ଟିରୁ ଛାତ୍ରାବାସରେ ସୁରକ୍ଷିତ କି ?**

ଯଦିଓ ଅନେକ ଛାତ୍ରାବାସ ସୁରକ୍ଷିତ ପରିବେଶର ଘୋଷଣା କରିଥାନ୍ତି, ଦୁର୍ଭାଗ୍ୟବଶତଃ ଛାତ୍ରାବାସଗୁଡ଼ିକରେ ଏକ ଅପବ୍ୟବହାର ରହିତ ପରିବେଶ ଥିବାର ପ୍ରତିଶ୍ରୁତି ଦେଇପାରିବେ ନାହିଁ । ଛାତ୍ରାବାସର କର୍ମଚାରୀମାନଙ୍କ ଦ୍ୱାରା, ସମାଜର ଲୋକମାନଙ୍କ ଦ୍ୱାରା, କିମ୍ବା ମାନସିକ ବିକଳାଙ୍ଗ ବ୍ୟକ୍ତି ନିଜ ନିଜ ମଧ୍ୟରେ ଏପରି କାର୍ଯ୍ୟ ହୋଇପାରିଥାଏ । ସେ ଯାହା ବି ହେଉ, ଛାତ୍ରାବାସରେ ଯଦି ଉଚ୍ଚଶିକ୍ଷିତ କର୍ମଚାରୀ ରହିଥାନ୍ତି ଏବଂ ପ୍ରକୃତ ତତ୍ତ୍ୱବଧାନ କରାଯାଏ ତେବେ ଅପବ୍ୟବହାରର ସମ୍ଭାବନା କମ୍ ହୋଇଥାଏ । ଏହା ସହିତ, ଭାରତରେ ଥିବା ଛାତ୍ରାବାସଗୁଡ଼ିକରେ ଯୌନ ଅବବ୍ୟବହାରକୁ ନିରାକରଣ କରିବା ପାଇଁ ଅନ୍ତେବାସୀମାନଙ୍କୁ କ୍ୱଚିତ୍ ବିସ୍ତୃତ ଭାବେ ଯୌନ ଶିକ୍ଷା ତାଲିମ୍ ଦିଆଯାଉଅଛି ।

**324. ଏମିତି କୌଣସି ଛାତ୍ରାବାସ ସବୁ ରହିଛି କି ଯେଉଁଠି ପିତାମାତାମାନେ ସେମାନଙ୍କର ମାନସିକ ବିକଳାଙ୍ଗ ପିଲାକୁ ଅସ୍ଥାୟୀ ଭାବେ ରଖିପାରିବେ ?**

ଦେଶରେ ବହୁତ କମ୍ କେତେକ ଜଣାଶୁଣା ଆବାସୀୟ ପରିବେଶ ରହିଛି ଯେଉଁଠାରେ କି ମାନସିକ ବିକଳାଙ୍ଗମାନେ ଅସ୍ଥାୟୀ ଭାବେ ରହିବା ପାଇଁ ଉତ୍ସାହ ଦିଅନ୍ତି ଏବଂ ଜୋର୍

ଦେଇଥାନ୍ତି । ଯାହା ବି ହେଉ, ଏପରି ବ୍ୟବସ୍ଥାମାନ ଦରକାର ହେଉଛି ଯାହା କି ପିତାମାତାମାନେ ଜରୁରୀ ସମୟରେ ବ୍ୟବହାର କରିପାରିବେ ଯଥା :– ପିତାମାତାଙ୍କ ଦେହ ଖରାପ ହେଲେ ମାନସିକ ବିକଳାଙ୍ଗ ପିଲାମାନଙ୍କ ପିତାମାତା ଦରକାର ସମୟରେ ନିଜ ନିଜ ମଧ୍ୟରେ ସହାୟତା ଯୋଗାଇଦେଇପାରିବେ ।

***325.ଯଦି ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କର ପିତାମାତା ମରିଯାନ୍ତି ଏବଂ ସେମାନଙ୍କର ଯତ୍ନ ବା ଦେଖାଶୁଣା କରିବାକୁ କେହି ନାହାନ୍ତି, ତେବେ ସେହି ବ୍ୟକ୍ତିଙ୍କ ପାଇଁ କୌଣସି ଛାତ୍ରାବାସ ରହିଛି କି ?***

ଏପରି ପରିସ୍ଥିତିରେ, ଯଦି ମାନସିକ ବିକଳାଙ୍ଗବ୍ୟକ୍ତିର ଦାୟିତ୍ୱ ନେବାକୁ ଲୋକ ବା ଅଭିଭାବକ ନଥାନ୍ତି ଏବଂ ଜିଲ୍ଲା ପ୍ରଶାସକଙ୍କ ପାଖରେ ତାକୁ ଦାଖଲ କରାଯାଏ, ତେବେ ତାକୁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ତରୁଣବୟସ୍କ ଗୃହ ବା ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କ ନିମନ୍ତେ ଉଦ୍ଦିଷ୍ଟ ଆବାସୀୟୀ ଗୃହକୁ ପଠାଇଥାନ୍ତି । ରାଜ୍ୟ ସରକାରରଙ୍କ ଦ୍ୱାରା ପରିଚାଳିତ ଏହିପରି ଆବାସୀୟ ଅନୁଷ୍ଠାନଗୁଡ଼ିକରେ ନାମ ଲେଖାଇବାରେ ମାନସିକ ବିକଳାଙ୍ଗବ୍ୟକ୍ତିର ଅଭିଭାବକ ଦାୟିତ୍ୱ ରାଜ୍ୟ ସରକାର ନେଇଥାନ୍ତି ।

***326. ଛାତ୍ରାବାସ ବ୍ୟତୀତ, ଘରଠାରୁ ଦୂରରେ ରହିବା ପାଇଁ ଅନ୍ୟ କୌଣସି ବିକଳ୍ପ ରହିଅଛି କି ?***

ବର୍ତ୍ତମାନ, ଭାରତରେ ଘରଠାରୁ ଦୂରରେ ରହିବାକୁ ମାନସିକ ବିକଳାଙ୍ଗବ୍ୟକ୍ତିଙ୍କ ପାଇଁ ସୀମିତ ସଂଖ୍ୟକ ବିକଳ୍ପ ମାନ ରହିଅଛି । କେତେକ ଅନୁଷ୍ଠାନ ପରୀକ୍ଷା ମୂଳକ ଭାବେ ଏହି ବିକଳ୍ପର ବ୍ୟବସ୍ଥା କରିଛନ୍ତି ଯାହାକୁ କି 'ଦଳଗତ ଘର' କୁହାଯାଉଛି । ଦଳ ଘର, ନିଜ ପରିବାରଠାରୁ ଦୂରରେ ରହିବାର ଏକ ବିକଳ୍ପ ବ୍ୟବସ୍ଥା ଯେଉଁଠାରେ କି ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଅନୁଷ୍ଠାନ ମଧ୍ୟରେ ରହିବା ଅପେକ୍ଷା ସମାଜରେ ରହିଥାନ୍ତି । ଏହି ପ୍ରକାର ବ୍ୟବସ୍ଥାରେ ଅତି ବେଶୀରେ ୩ ଓ ୪ ଜଣ ମଧ୍ୟରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଏକାଠି ଜଣକର ତତ୍ତ୍ୱବଧାନରେ ରହନ୍ତି । ଏହି ବିକଳ୍ପ ବ୍ୟବସ୍ଥା କେତେଦୂର ସମ୍ଭବ, ସାଧ୍ୟ, ବ୍ୟୟସାପେକ୍ଷ, ଏବଂ ମାନସିକ ବିକଳାଙ୍ଗ ପୁରୁଷ ବା ସ୍ତ୍ରୀଙ୍କର

ପିତାମାତା ବା ଅଭିଭାବକଙ୍କ ଦ୍ୱାରା ଗ୍ରହଣୀୟ, ତାହା ବର୍ତ୍ତମାନ ସୁଦ୍ଧା ପରୀକ୍ଷାଧୀନ ହୋଇ ରହିଛି ।

ଆମ ଦେଶରେ ଅକ୍ଷମ ହୁଅନ୍ତି ବା ନ ହୁଅନ୍ତୁ ଜଣେ ବ୍ୟକ୍ତିଙ୍କ ପାଇଁ ରହିବାର ଏକ ମାତ୍ର ବିକଳ୍ପ ହେଉଛି ସେମାନେ ସେମାନଙ୍କର ପରିବାର ସହିତ ରହିବା । ମନସ୍ତତ୍ତ୍ୱିକ ଚିକିତ୍ସାବିତ୍, ତାଲିମ୍ ପ୍ରାପ୍ତ ସମାଜକର୍ମୀ, ଏବଂ ସ୍ୱତନ୍ତ୍ର ଶିକ୍ଷକ ମାନଙ୍କ ଉପରେ ପେଷାଦାରମାନେ ପିତାମାତାଙ୍କୁ ଏ ବିଷୟରେ ଉପଯୁକ୍ତ ସିଦ୍ଧାନ୍ତ ନେବାକୁ ଉପଦେଶ ଦେଇପାରିବେ ।

# ସୂଚନା

# 16

# ଆର୍ଥିକ ଯୋଜନା

ଯେହେତୁ ମାନସିକ ବିକଳାଙ୍ଗ ଅବସ୍ଥା ପରିବାରର ଜୀବନ ତମାମ ସମୟ, ଶକ୍ତି ଏବଂ ସମ୍ବନ୍ଧର ଆବଶ୍ୟକ କରିଥାଏ, ତେଣୁ ବହୁ ପୂର୍ବରୁ ଏହାର ଯୋଜନା କରିବା ଆବଶ୍ୟକ ଏବଂ ମାନସିକ ବିକଳାଙ୍ଗ ପିଲାର ଆବଶ୍ୟକତାଗୁଡ଼ିକୁ ଅନୁମାନ କରିବା ଦରକାର । ସଞ୍ଚୟର ପରିମାଣ ଯାହା ହେଉନା କାହିଁକି, ଯଦି ଉପଯୁକ୍ତ ଭାବରେ ଖର୍ଚ୍ଚ କରାଯାଏ, ତେବେ ଦରକାର ସମୟରେ ପରିବାରକୁ ଏହା ଏକ ବଡ଼ ସାହାଯ୍ୟ ହୋଇପାରିବ । ବର୍ତ୍ତମାନ ଏପରି କ୍ୱଚିତ୍ ବ୍ୟବସ୍ଥା ଅଛି ଯାହାକି ମାନସିକ ବିକଳାଙ୍ଗ ପିଲା ଥିବା ପରିବାରଗୁଡ଼ିକର ଆବଶ୍ୟକତାଗୁଡ଼ିକୁ ପୂରଣ କରିପାରିବ । ଯାହା ବି ହେଉ, କେତେ ଗୁଡ଼ିଏ ଆଶାପ୍ରଦ ଉପାୟ ରହିଅଛି ଯାହାକୁ କେତେକ ପିତାମାତା ଏବଂ ଅଭିଭାବକ ସଂଘମାନେ ସମୂହ ଭାବରେ ବ୍ୟବହାର କରୁଛନ୍ତି । ସେହିପରି କେତେକ ଅଭିଭାବକ ଦଳ ମଧ୍ୟ ପ୍ରଚାର ମାଧ୍ୟମରେ ଜୀବନବୀମା କମ୍ପାନୀକୁ ଉତ୍ସାହିତ କରି ମାନସିକ ବିକଳାଙ୍ଗ ପିଲାଥିବା ପରିବାର ଗୁଡ଼ିକୁ ସହାୟତା ହେବାଭଳି ଏକ ଯୋଜନା ବାହାର କରିବା ପାଇଁ ଚାହିଁଛନ୍ତି । ଦଳୀୟ ବୀମା ଯୋଜନା ପ୍ରସ୍ତୁତ କରାଯାଇସାରିଅଛି । ଆର୍ଥିକ ଯୋଜନା ସମ୍ବନ୍ଧିତ ବିଷୟଗୁଡ଼ିକୁ ଉକ୍ତ ବିଭାଗରେ ଆଲୋଚନା କରାଯାଇଅଛି ।


ଗିତା, ଯଦି ମୋର କିଛି ଆଜି ହୋଇଯାଏ ବା ମୁଁ ମରିଯାଏ ତେବେ ତୁମ ମାନଙ୍କର ଅବସ୍ଥା କ'ଣ ହେବ ।
ତୁମେ ଏପରି ଆଦୌ କୁହ ନାହିଁ ।
ଆମ ପିଲାମାନେ ଏବେ ଛୋଟ ଅଛନ୍ତି । ସେମାନେ ମଣିଷ ହେବେ, ବିବାହ କରିବେ ଏବଂ ତୁମେ ନାତି, ନାତୁଣୀଙ୍କ ସହିତ ଖେଳିବ ।
ରାଜୁର ସୁରକ୍ଷା ବିଷୟରେ ମୁଁ ବହୁତ ଚିନ୍ତିତ । ତାକୁ ଏବେ ୧୦ ବର୍ଷ ହେଲାଣି । ଆମ୍ଭେମାନେ ମରିଯିବା ପରେ ତା'ର ଭବିଷ୍ୟତ କ'ଣ ହେବ ।
ତୁମେ କୌଣସି ଯୋଜନା କରୁଛ କି ?
ଆମ୍ଭେମାନେ ରାଜୁ ପାଇଁ କିଛି କିଛି ସଞ୍ଚୟ କରି ରଖିବା ଯାହା ଆମ୍ଭର ମୃତ୍ୟୁ ପରେ ତା ପାଇଁ କାମରେ ଆସିବ ।

**327. କେତେଶୀଘ୍ର ଜଣେ ମାନସିକ ବିକଳାଙ୍ଗ ପିଲା ନିମନ୍ତେ ପିତାମାତା ଆର୍ଥିକ ଯୋଜନା କରିବା ଉଚିତ୍ ?**

ଏହା ଜଣାଶୁଣା କଥା ଯେ, ମାନସିକ ବିକଳାଙ୍ଗତା ଏକ ଜୀବନ ବ୍ୟାପୀ ସମସ୍ୟା ଏବଂ ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି ସଂପୂର୍ଣ୍ଣ ଆର୍ଥିକ ସ୍ୱାଧୀନତା ଲାଭ କରି ପାରିବ ନାହିଁ । ଯଦି ପାରିବାରିକ ଆର୍ଥିକ ସମ୍ବଳ ଠିକ୍ ଥାଏ, ତେବେ ପିତାମାତାମାନେ ମାନସିକ ବିକଳାଙ୍ଗ ବ୍ୟକ୍ତି ଛୋଟ ଥିବା ସମୟରେ ଆର୍ଥିକ ଯୋଜନା ଆରମ୍ଭ କରିବା ଉଚିତ୍ ଯାହାଫଳରେ ତାହାର ଚଳିବା ନିମନ୍ତେ, ତାଲିମ୍ ଏବଂ ପୁନର୍ବାସ ନିମନ୍ତେ ଆବଶ୍ୟକ ହେଉଥିବା ଖର୍ଚ୍ଚ ତାହାର ଜୀବନ କାଳ ମଧ୍ୟରେ ସେହି ସଞ୍ଚିତ ଅର୍ଥରୁ ଭରଣା କରାଯାଇପାରିବ ।

**328. ମାନସିକ ବିକଳାଙ୍ଗ ବ୍ୟକ୍ତି ନିମନ୍ତେ ଆର୍ଥିକ ଯୋଜନା କରିବା ସମୟରେ କେଉଁ ଉପାଦାନଗୁଡ଼ିକୁ ବିଚାର କରିବା ଉଚିତ୍ ?**

ପାରିବାରିକ ଗଠନ ଏବଂ ପାରିବାରିକ ସମ୍ବଳ ବୋଧହୁଏ ମାନସିକ ବିକଳାଙ୍ଗ ବ୍ୟକ୍ତିର ଭବିଷ୍ୟତ ଜୀବନ ନିମନ୍ତେ କରାଯାଉଥିବା ଆର୍ଥିକ ସହାୟତା ଯୋଜନାର ମୁଖ୍ୟ ବିଚାରବସ୍ତୁ ଅଟେ । ଯଦି ପରିବାରର ସ୍ୱଳ୍ପ ରୋଜଗାର ରହିଥାଏ, ତେବେ ପିଲାର ଭବିଷ୍ୟତ ଆବଶ୍ୟକତାଗୁଡ଼ିକ ନିମନ୍ତେ ଅଳ୍ପ ଅଳ୍ପ ସଞ୍ଚୟ କରି ରଖିବା ବାଞ୍ଛନୀୟ । ସ୍ୱଳ୍ପ ସଞ୍ଚୟ ମଧ୍ୟ 20-25 ବର୍ଷ ମଧ୍ୟରେ ଅଧିକ ପରିମାଣର ହୋଇପାରିବ ଓ ତହିଁରୁ ମିଳୁଥିବା ସୁଧରେ ମାନସିକ ବିକଳାଙ୍ଗ ବ୍ୟକ୍ତର ପିତାମାତାଙ୍କ ମୃତ୍ୟୁପରେ ତାହାର ଖର୍ଚ୍ଚଗୁଡ଼ିକୁ ବହନ କରିବାରେ ସାହାଯ୍ୟ କରିପାରିବ ।

**329. ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି କଣ ବ୍ୟାଙ୍କ ବା ଅନ୍ୟାନ୍ୟ ଆର୍ଥିକ ସଂସ୍ଥାମାନଙ୍କରେ ନିଜର ସଞ୍ଚୟ ଖାତା ଖୋଲି ପାରିବେ ?**

ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି ଯେ କୌଣସି ବୟସର ହୋଇଥିଲେ ମଧ୍ୟ କୌଣସି ବ୍ୟାଙ୍କରେ ମିଳିତ ସଞ୍ଚୟ ଖାତା ଖୋଲିପାରିବେ । ଯାହା ବି ହେଉ, ତାଙ୍କୁ ଜଣେ ନାବାଳକ ଭାବରେ ବିବେଚନା କରାଯାଏ ଏବଂ ଅଭିଭାବକଙ୍କ ଦ୍ୱାରା ସଞ୍ଚୟ ଖାତାର ପରିଚାଳନା ହୋଇଥାଏ ।

**330. ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି କଣ କୌଣସି ବ୍ୟାଙ୍କ ବା ଆର୍ଥିକ ସଂସ୍ଥାରୁ ଋଣ ନିମନ୍ତେ ଆବେଦନ କରିପାରିବ କି ?**

ଯଦିଓ ରିହାତି ସୁଧ ହାରରେ ଶାରିରୀକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ଋଣର ସୁବିଧା ରହିଅଛି, କିନ୍ତୁ ମାନସିକ ଅପାରଗ ବ୍ୟକ୍ତିମାନଙ୍କ ନିମନ୍ତେ ସମାନ ପ୍ରକାରର ସୁବିଧା ମିଳୁନାହିଁ । ମାନସିକ ବିକଳାଙ୍ଗ ବ୍ୟକ୍ତି ଆଇନତଃ ନାବାଳକ ରୂପରେ ବିବେଚିତ ହେଉଥିବାରୁ ସେମାନେ ଋଣ ନିମନ୍ତେ ଆବେଦନ କରିବାପାଇଁ ଯୋଗ୍ୟ ନୁହଁନ୍ତି ।

**331. ଆମ୍ଭେମାନେ କଣ ପିତାମାତା ଭାବରେ, ଆମ୍ଭର ମାନସିକ ବିକଳାଙ୍ଗ ପୁଅ/ଝିଅ ନିମନ୍ତେ ଏକ ଜୀବନ ବୀମା ଯୋଜନା ଆରମ୍ଭ କରିପାରିବୁ କି ?**

ଭାରତୀୟ ଜୀବନବୀମା କମ୍ପାନୀଙ୍କର ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଜୀବନବୀମା ଯୋଜନା ଯୋଗାଇ ଦେବା ନିମନ୍ତେ କୌଣସି ସ୍ୱତନ୍ତ୍ର ସୁବିଧା ରହିନାହିଁ । ଯାହା ବି ହେଉ, ପିତାମାତାମାନେ ଏକ ବୀମା ଯୋଜନା କରି ସେମାନଙ୍କର ମାନସିକ ବିକଳାଙ୍ଗ ପିଲାକୁ ମନୋନୟନ କରି ପାରିବେ ଯିଏ କି ତାଙ୍କର ମୃତ୍ୟୁପରେ ବୀମାର ପଇସାଗୁଡ଼ିକୁ ପାଇପାରିବ ।

**332. ପିତାମାତାଙ୍କର ସମବାୟ ସମିତି ବା ଟ୍ରଷ୍ଟ ସବୁ କଣ ? ପିତାମାତାଙ୍କର ସମବାୟ ସମିତି ବା ଟ୍ରଷ୍ଟ କଣ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଆର୍ଥିକ ଯୋଜନା କ୍ଷେତ୍ରରେ ସାହାଯ୍ୟ କରିପାରିବ ?**

କେତେକ ଅଭିଭାବକ ଦଳଗତ ଭାବରେ ହାତମିଳାଇ ଏକ ଦଳୀୟ ବୀମା ଯୋଜନା କରିପାରିବେ ଏବଂ ସେମାନଙ୍କର ମୃତ୍ୟୁପରେ ତାଙ୍କର ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଏହି ସଂପତ୍ତିକୁ ଭୋଗ କରିବାପାଇଁ ମନୋନୟନ କରିପାରିବେ ।

ଯଦି ଗୋଟିଏ ଅଭିଭାବକ ଦଳ ଏକ ଟ୍ରଷ୍ଟ ଗଢ଼ନ୍ତି, ତେବେ ଜୀବନବୀମାରୁ ସମସ୍ତ ଅର୍ଥ ଉକ୍ତ ଟ୍ରଷ୍ଟକୁ ହସ୍ତାନ୍ତର କରାଯାଇପାରିବ । ଟ୍ରଷ୍ଟର ଉପାର୍ଜିତ ଆୟରୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଖର୍ଚ୍ଚଗୁଡ଼ିକୁ ଭରଣା କରାଯାଇପାରିବ । ଏହି ଟ୍ରଷ୍ଟର ପ୍ରତ୍ୟେକ ଅଭିଭାବକ ସଭ୍ୟମାନେ ସେମାନଙ୍କର ସଂପତ୍ତିକୁ ଟ୍ରଷ୍ଟ ନାମରେ କରିପାରିବେ ଏବଂ

ମାନସିକ ବିକଳାଙ୍ଗ ବ୍ୟକ୍ତିର ଅଭିଭାବକ ଅଧିକାର ଟ୍ରଷ୍ଟକୁ ସମର୍ପଣ କରିପାରିବେ ।

**333. ମାନସିକ ବିକଳାଙ୍ଗ ବ୍ୟକ୍ତିର ଯତ୍ନ ନେବାପାଇଁ କୌଣସି ପାରିବାରିକ ଟ୍ରଷ୍ଟ କରାଯାଇପାରିବ କି ?**

ଯଦି ପରିବାରର କୌଣସି ସଂପତ୍ତି ଥାଏ, ତାହାକୁ ସେମାନେ ଅଲଗା କରିପାରିବେ ଯାହାଫଳରେ ଏହି ସଂପତ୍ତିରୁ ଉପାର୍ଜିତ ଧନରେ ମାନସିକ ବିକଳାଙ୍ଗ ବ୍ୟକ୍ତିର ନିତିଦିନିଆ ଖର୍ଚ୍ଚକୁ ଭରଣା କରିହେବ, ଏକ ରାଜିନାମାରେ ଦସ୍ତଖତ କରି ଏକ ବ୍ୟକ୍ତିଗତ ପାରିବାରିକ ଟ୍ରଷ୍ଟ ଗଢ଼ାଯାଇ ପାରିବ ।

ପରିବାରର ସଭ୍ୟମାନଙ୍କୁ ଏହି ସଂପତ୍ତି ପରିଚାଳନା ନିମନ୍ତେ ମନୋନୀତ କରାଯାଇ ପାରିବ । ପରିବାରର ଜଣେ ବ୍ୟକ୍ତି ପରିଚାଳକ ଭାବରେ ରହିପାରିବେ ଓ ଅନ୍ୟ ସଦସ୍ୟମାନେ ଟ୍ରଷ୍ଟର କାର୍ଯ୍ୟଗୁଡ଼ିକୁ ଦେଖାଚାହାଁ କରିପାରିବେ । ପାରିବାରିକ ଟ୍ରଷ୍ଟ ଏକ ବ୍ୟକ୍ତିଗତ ଟ୍ରଷ୍ଟ ଅଟେ । ଏହା ସାଧାରଣ ଲୋକମାନଙ୍କୁ ସେବା କରୁଥିବା ଦାତବ୍ୟ ଟ୍ରଷ୍ଟଗୁଡ଼ିକ ଠାରୁ ସଂପୂର୍ଣ୍ଣ ଭିନ୍ନ ।

**334. ଆମ ଦେଶରେ କୌଣସି ଟ୍ରଷ୍ଟିସିପ୍ (Trusteeship) ଯୋଜନା ଅଛି କି ?**

ଏହା ପ୍ରାରମ୍ଭିକ ସ୍ତରରେ ରହିଅଛି । କେତେକ ଅଭିଭାବକ ଓ କେତେକ ଉତ୍ତମ ଚିନ୍ତାଧାରାର ବ୍ୟକ୍ତିମାନେ ମିଳିତ ଭାବରେ ଏକ ସାଧାରଣ ଦାତବ୍ୟ ଟ୍ରଷ୍ଟକୁ ଟ୍ରଷ୍ଟ ନିୟମାବଳୀ (Trust Act) ଅନୁସାରେ ପଂଜୀକରଣ କରାଇଛନ୍ତି । ଏହି ଟ୍ରଷ୍ଟକୁ ସଂପତ୍ତିଦାନ କରାଯାଇପାରିବ ଯଦିଓ ଏହି ଟ୍ରଷ୍ଟକୁ ଅଭିଭାବକ ଦାୟିତ୍ୱ ହସ୍ତାନ୍ତର କାର୍ଯ୍ୟ ଆଇନ୍ ସମ୍ମତ ନୁହେଁ, ଟ୍ରଷ୍ଟର ସଭ୍ୟମାନେ ସଂପତ୍ତି ଓ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ସୁରକ୍ଷା ଦାୟିତ୍ୱ ନେବା ନିତ୍ୟାନ୍ତ ଆବଶ୍ୟକ ।

**335. ଯଦି ପିତାମାତା କୌଣସି ସଂପତ୍ତି ବା ପଇସା ନରଖି ମୃତ୍ୟୁବରଣ କରନ୍ତି ତେବେ ମାନସିକ ବିକଳାଙ୍ଗ ବ୍ୟକ୍ତିର ପରିଣତି କଣ ହେବ ?**

ଯଦି ପିତାମାତା କୌଣସି ଧନ ସଂପତ୍ତି ନରଖି ମୃତ୍ୟୁବରଣ କରିଥାଆନ୍ତି ତେବେ ମାନସିକ ବିକଳାଙ୍ଗ ବ୍ୟକ୍ତିର ଦାୟିତ୍ୱ, ପରିବାରର ପରବର୍ତ୍ତୀ ମୁଖ୍ୟଙ୍କ ଉପରେ ପଡ଼ିଥାଏ । କେବଳ ନିରାଶ୍ରୟ ବା କୌଣସି ସଂପର୍କୀୟ ନଥିବା ମାନସିକ ବିକଳାଙ୍ଗ ବ୍ୟକ୍ତି ଯଦି ରାସ୍ତାରେ




ଆର୍ଥିକ ଯୋଜନା ଖୁବ୍ ଶୀଘ୍ର ଆରମ୍ଭ କରିବା ଉଚିତ୍ ।

ବୁଲୁଥାଏ ତେବେ ରାଜ୍ୟ ସରକାର ତାକୁ ରଖାଇବାର ଦାୟିତ୍ୱ ନେବେ । ଏଥିନିମନ୍ତେ ରାଜ୍ୟ ସରକାରଙ୍କର ନିରାଶ୍ରୟ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ଆବାସିକ ଗୃହମାନ ରହିଅଛି ।

***336. ଯଦି ଜଣେ ଅଭିଭାବକ ତାଙ୍କର ପିଲାପାଇଁ ସଂପତ୍ତି ଛାଡ଼ି ଦେଇଥାନ୍ତି ଏହାର ସୁରକ୍ଷିତ ରକ୍ଷଣାବେକ୍ଷଣ କିପରି ହୋଇପାରିବ ?***

ଏକ ବ୍ୟକ୍ତିଗତ ପାରିବାରିକ ଟ୍ରଷ୍ଟ ଗଢ଼ାଯାଇପାରିବ ଯାହାର ପରିଚାଳନା ଦାୟିତ୍ୱ ପିତାମାତାଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିକୁ ଦିଆଯାଇପାରିବ । ଉକ୍ତ ସଂପତ୍ତିରୁ ଉପାର୍ଜିତ ଅର୍ଥକୁ ମାନସିକ ବିକଳାଙ୍ଗ ବ୍ୟକ୍ତିର ଦୈନନ୍ଦିନ ଖର୍ଚ୍ଚ ଏବଂ ଚିକିତ୍ସା ଦିଗରେ ଖର୍ଚ୍ଚ କରାଯାଇପାରିବ ।

ଯଦି ପିତାମାତାମାନେ ପରିବାର ମଧ୍ୟରେ କାହାକୁ ଏହି ଟ୍ରଷ୍ଟ ଓ ଅଭିଭାବକ ଦାୟିତ୍ୱ ନିମନ୍ତେ ମନୋନୀତ କରିନପାରନ୍ତି, ତେବେ ସେମାନେ କୋର୍ଟର ସାହାଯ୍ୟରେ କୌଣସି ଟ୍ରଷ୍ଟିକୁ ନିଯୁକ୍ତି ଦେଇ ପାରିବେ ଯିଏ କି ସଂପତ୍ତିର ପରିଚାଳନା କରିପାରିବେ ଏବଂ ଉକ୍ତ ସଂପତ୍ତିରୁ ହେଉଥିବା ଆୟ ମାନସିକ ବିକଳାଙ୍ଗ ବ୍ୟକ୍ତିର ଦୈନନ୍ଦିନ ଖର୍ଚ୍ଚ ଏବଂ ଚିକିତ୍ସା ନିମନ୍ତେ ଖର୍ଚ୍ଚ କରିପାରିବେ ।

## ସୂଚନା

17

# ପ୍ରଣୀତ ଆଇନ୍

ଭାରତୀୟ ବାତୁଳତା ଆଇନ୍ ଧାରା (Indian Lunacy Act) 1912 ଦ୍ୱାରା ପାଗଳରୋଗୀ ବା ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ସୁରକ୍ଷା ନିମିତ୍ତ କରାଯାଇଥିଲା । ଏହି ନିୟମ ଧାରା 1987 ମସିହାର ମାନସିକ ସ୍ୱାସ୍ଥ୍ୟ ନିୟମଧାରା (Mental Health Act) ଅନୁସାରେ ବଦଳି ଯାଇଅଛି, ଯେଉଁଥିରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ବହିର୍ଭୁକ୍ତ କରାଯାଇଅଛି । ଯାହାଫଳରେ ବର୍ତ୍ତମାନ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଆଇନ ପରିସ୍ଥିତି, ବିଶେଷକରି ସେମାନଙ୍କର ସାମାଜିକ ସ୍ୱାଧୀନତା, ଅଭିଭାବକତ୍ୱ, ଦାୟିତ୍ୱ ଓ ଯତ୍ନ, ଫୌଜଦାରୀ ମାମଲା ଓ ଦଣ୍ଡବିଧାନ ଦିଗରେ ଚୁକ୍ତି ବା ଆଇନ୍ ପ୍ରଣୟନ କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଅଛି । ଶିକ୍ଷା, ତାଲିମ୍ ଏବଂ ପୁନର୍ବାସ କାର୍ଯ୍ୟକ୍ରମ, ଯାହାକି ଆତ୍ମନିର୍ଭରଶୀଳତା, ଚାକିରୀ ଏବଂ ସ୍ୱତନ୍ତ୍ରତା ନିମନ୍ତେ ଉଦ୍ଦିଷ୍ଟ, ଫଳରେ ବହୁ ମୃଦୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ଚାକିରୀର ନିୟମ କାନୁନ୍ ବୁଝିପାରିବା, ବିକ୍ରି ଓ କିଣାକିଣି ଏବଂ ବିଭିନ୍ନ ପ୍ରକାରର ନେଣ ଦେଣ ସବୁ ସ୍ୱାଧୀନ ଭାବରେ କରିପାରୁଛନ୍ତି ବୋଲି ବିଚାର କରାଯାଇଛି ।

ଭାରତ ସରକାରଙ୍କ ଦ୍ୱାରା ବେହରୁଲ୍ ଇସଲାମ କମିଟି ବସାଯାଇଥିଲା, ଯାହାଦ୍ୱାରା କେତେକ ଆଇନଗତ କାର୍ଯ୍ୟକ୍ରମ ସବୁ ଅନୁମୋଦନ ଲାଭ କରିଥିଲା । କଲ୍ୟାଣ ମନ୍ତ୍ରଣାଳୟ ଜାତୀୟ ଟ୍ରଷ୍ଟ ଗଢ଼ିବା ପାଇଁ ଏକ ବିଲ୍ ଆଗତ କରିଛନ୍ତି ଯାହାକୁ ପାର୍ଲାମେଣ୍ଟର ଉଭୟ ଗୃହ ଦ୍ୱାରା ପାସ୍ କରିବା କେବଳ ବାକିଅଛି । ଏହି ବିଭାଗରେ ଆଇନ୍ ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକର ଉତ୍ତର ଦିଆଯାଇଛି ।


ଆମ୍ଭେମାନେ ବୁଢ଼ାବୁଢ଼ୀ ହୋଇଗଲେଣି, ତେଣୁ ଆମ୍ଭର ସମ୍ପତ୍ତି ଗୁଡ଼ିକୁ ବାଣ୍ଟିଦେବା ଉଚିତ୍ ।
ରମେଶର ରୋଜଗାର ତା ପାଇଁ ଖର୍ଚ୍ଚ ହେଉଛି ନା ନାହିଁ, ଆମେ କିପରି ଜାଣିବା ?
ତା'ର ସମ୍ପତ୍ତିର ଦାୟିତ୍ୱ ଆମ୍ଭ ପିଲାମାନେ ନେବାକୁ ଦେବା । ତୁମେ କ'ଣ ଭାବୁଛ ?
କିନ୍ତୁ କିଏ ଜାଣିଛି ଆମ ପରେ କ'ଣ ହେବ ? ମନିଶ୍ ଓ ମନିଶା ସହିତ ଆଲୋଚନା କରିବା ।
ବାପା ତୁମେ ରମେଶ ନାମରେ ସମସ୍ତ ସମ୍ପତ୍ତିକୁ ଉଇଲ୍ କରିଦିଅ, ଆମ୍ଭ ବିଷୟରେ ଚିନ୍ତା କର ନାହିଁ ।
ମନିଶ୍ ଠିକ୍ କହିଛନ୍ତି । ଆମ୍ଭେମାନେ ଏକ ପରିବାର ଟ୍ରଷ୍ଟ ଗଢ଼ିଲେ ରମେଶର ସମ୍ପତ୍ତି ତା'ର ଖର୍ଚ୍ଚରେ ଲାଗିପାରିବ ।

**337. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ କଣ ଆଇନତଃ ବଂଶାନୁଗତିକ ଭାବରେ ସଂପତ୍ତି ଲାଭ କରିପାରିବେ ?**

ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ବଂଶକ୍ରମେ ପୈତୃକ ସଂପତ୍ତି ଲାଭ କରିପାରିବେ, ତା ସହିତ ପିତାମାତା ଏବଂ ବନ୍ଧୁବାନ୍ଧବ ସଂପତ୍ତି ଯଦି ତାଙ୍କ ନାମରେ ଉତ୍ସର୍ଗ (Will) ହୋଇଥାଏ ତେବେ ତାକୁ ବି ପାଇପାରିବେ । ସେ ଯାହା ହେଉ, ଆଇନତଃ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ 18 ବର୍ଷରୁ ଉର୍ଦ୍ଧ୍ୱ ହେଲେ ମଧ୍ୟ ସେମାନଙ୍କୁ ନାବାଳକ ବୋଲି ବିଚାର କରାଯାଇଥାଏ । ସେହି ଦୃଷ୍ଟିରୁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ପରମ୍ପରାଗତ ପୈତୃକ ସଂପତ୍ତିକୁ ପରିଚାଳନା କରିବା ବା ଚଳାଇବାକୁ ସକ୍ଷମ ହୋଇନଥାଆନ୍ତି । ଏହିହେତୁ, ମାନସିକ ବିକଳାଙ୍ଗ ବ୍ୟକ୍ତିର ପୈତୃକ ସଂପତ୍ତିକୁ ତାର ପ୍ରକୃତ ଅଭିଭାବକ କିମ୍ବା ନ୍ୟାୟାଳୟ ଦ୍ୱାରା ସ୍ଥିରିକୃତ ଅଭିଭାବକ ଚଳାଇଥାନ୍ତି ।

**338. ମାନସିକ ବିକଳାଙ୍ଗ ବ୍ୟକ୍ତି ମାନଙ୍କର ବିବାହ ଆଇନତଃ ଗ୍ରହଣୀୟ କି ?**

ହିନ୍ଦୁ ବିବାହ ନୀତି ଅନୁସାରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ବିବାହକୁ ଏକ ନିଷ୍ପ୍ରଭ ଓ ନିରର୍ଥକ ହିସାବରେ ବିଚାର କରାଯାଇଛି, ଯେହେତୁ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ଆଇନତଃ ନାବାଳକ ବୋଲି କୁହାଯାଉଛି ଏବଂ ସେମାନେ ମଧ୍ୟ ବିବାହ ରୂପକ ଚୁକ୍ତି ପାଇଁ ନିୟମତଃ ସମର୍ଥ ନୁହଁନ୍ତି ।

ଭାରତୀୟ ବିବାହ ବିଚ୍ଛେଦ ଆଇନ ଅନୁସାରେ, ମାନସିକ ବିକଳାଙ୍ଗ ବ୍ୟକ୍ତି ସହିତ ବିବାହ ଏକ ନିରର୍ଥକ ବିବାହ ଅଟେ । କେବଳ ପ୍ରଚଳିତ ଇସଲାମୀୟ ଆଇନ ଅନୁସାରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ନାବାଳକ ହିସାବରେ ଧରାଯାଉଛି । ଜଣେ ଅଭିଭାବକ ଇସଲାମୀୟ ଆଇନ ଅନୁସାରେ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ବିଧିବଦ୍ଧଭାବେ ବିବାହ କରାଇପାରିବେ ।

**339. ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି କଣ ଆଇନ୍‌ତଃ କୌଣସି ଚୁକ୍ତିରେ ସାମିଲ୍ ହୋଇପାରିବ କି ?**

ନିଜର ସ୍ୱଚ୍ଛ ବୁଦ୍ଧି ହେତୁ ଏକ ମାନସିକ ବିକଳାଙ୍ଗ ବ୍ୟକ୍ତି ଆଇନ ଅନୁସାରେ କୌଣସି




ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ସମ୍ପତ୍ତି ଅଧିକାର ବିଭିନ୍ନ ଉପାୟରେ କରାଯାଇ ପାରିବ ।

ଚୁକ୍ତିରେ ସାମିଲ ହେବାକୁ ସମର୍ଥ ନୁହଁନ୍ତି । ତେଣୁ, ମାନସିକ ବିକଳାଙ୍ଗ ବ୍ୟକ୍ତି ସହିତ କରାଯାଇଥିବା ଚୁକ୍ତି, ଯାହାକି ବିବାହ ହେଉ, ଚାକିରୀ ପାଇଁ ହୋଇଥିବା ସର୍ତ୍ତ, କୌଣସି ଦଲିଲ୍ ବା ଦୁଇ ଦଳ ମଧ୍ୟରେ କୌଣସି ପ୍ରକାରର ଚୁକ୍ତି, ଯେଉଁଥିରେ କି ଗୋଟିଏ ପକ୍ଷ ମାନସିକ ବିକଳାଙ୍ଗ ଥିବେ, ସେସବୁକୁ ଅବୈଧ ହିସାବରେ ଗଣାହୁଏ ।

***340. ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି ଯଦି କୌଣସି ଅପରାଧ କରେ ତେବେ ଆଇନତଃ କଣ କରାହେଉଛି ?***

ଏକ ମାନସିକ ବିକଳାଙ୍ଗ ବ୍ୟକ୍ତି ନିଜେ ଅପରାଧ କରିବା କିମ୍ବା ସାକ୍ଷୀ ଦେବା ବା କୌଣସି ଅପରାଧ କରି ବିଚାର ପାଇଁ କୋର୍ଟକୁ ଯିବାଟା ବହୁତ କମ୍ ଦେଖାଯାଇଥାଏ । ଆମ ଦେଶରେ ଆଇନ୍ ଅନୁଯାୟୀ ନ୍ୟାୟାଳୟ ଦ୍ୱାରା ଅନୁମୋଦିତ ଡାକ୍ତର, ମାନସିକ ବିକଳାଙ୍ଗ ବ୍ୟକ୍ତି ଜଣକ କରିଥିବା ଅପରାଧ ବିଷୟରେ ବୁଝିପାରିବା, ଫଳାଫଳ କଣ ହେବ ତାହା ଜାଣିପାରୁଥିବାର ପ୍ରମାଣ ପତ୍ର ନଦେବା ପର୍ଯ୍ୟନ୍ତ ସେ କୋର୍ଟରେ ଦାଖଲ ହେବାକୁ ସମର୍ଥ ନୁହଁନ୍ତି । ଯଦି କେବେ ସେପରି ବିଚାର କରାଯାଏ ତେବେ ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ନାବାଳକ ବୋଲି ଧରାଯିବ ଏବଂ ସେହି ଅନୁସାରେ ଦଣ୍ଡବିଧାନ କରାଯିବ ।

***341. ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ନିର୍ବାଚନରେ ନିଜର ମତଦାନ କରିପାରିବେ କି ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଆଇନତଃ ନାବାଳକ ବୋଲି ବିଚାର କରାଯାଉଥିବାରୁ ସେମାନଙ୍କର ନିର୍ବାଚନରେ ନିଜର ମତଦାନ କରିବାର ଅଧିକାର ନାହିଁ ।

***342. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଆଇନତଃ ଯୌନ ଅସ୍ତ୍ରୋପଚାର (Sterilized) କରିହେବ କି ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ନାବାଳକ ବୋଲି ବିଚାର କରାଯାଇଛି । ଏହିହେତୁ ପିତାମାତା/ଅଭିଭାବକମାନେ ସେମାନଙ୍କ ତରଫରୁ ଅସ୍ତ୍ରୋପଚାର ବିଷୟରେ ସିଦ୍ଧାନ୍ତ ନେଇପାରିବେ । ସେ ଯାହା ବି ହେଉ, ଏହି ପ୍ରକାରର ଶେଷ ସିଦ୍ଧାନ୍ତ କୌଣସି ଡାକ୍ତର,

ମନସ୍ତାତ୍ତ୍ୱବିତ୍ ଏବଂ ତାଲିମ୍ ପ୍ରାପ୍ତ ସମାଜକର୍ମୀଙ୍କୁ ପରାମର୍ଶ କରି ନେବା ଉଚିତ୍ ମାନବିକ ଅଧିକାରକୁ ସମ୍ମାନ ଦେଇ, ଯଦି ସମ୍ଭବ ତେବେ ମାନସିକ ବିକଳାଙ୍ଗ ବ୍ୟକ୍ତିର ମତାମତ ନେବା ଉଚିତ୍ ।

***343. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ନିଯୁକ୍ତି ସଂପର୍କରେ କୌଣସି ଆଇନ୍ ଲାଗୁ ହେଉଛି କି ?***

ନିଯୁକ୍ତି ବା ଚାକିରୀକୁ ନିଯୁକ୍ତିଦାତା ଓ କର୍ମଚାରୀଙ୍କ ମଧ୍ୟରେ ଏକ ପ୍ରକାରର ଚୁକ୍ତି ବୋଲି ବିଚାର କରାଯାଇଛି । ଚୁକ୍ତି ସମ୍ବନ୍ଧୀୟ ଆଇନ ଅନୁସାରେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ନାବାଳକ ଅଟନ୍ତି ଏବଂ କାହା ସହିତ କୌଣସି ପ୍ରକାରର ଚୁକ୍ତିପାଇଁ ଅନୁପଯୁକ୍ତ ଅଟନ୍ତି ।

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ନିଯୁକ୍ତି ଏବଂ ଆର୍ଥିକ ସ୍ୱାଧୀନତାକୁ ଉତ୍ସାହିତ କରିବାକୁ ହେଲେ, ଯେଉଁ ଶ୍ରେଣୀର ମାନସିକ ବିକଳାଙ୍ଗ ବ୍ୟକ୍ତିମାନେ ସ୍ୱାଧୀନ ଭାବରେ ଚଳିପାରିବେ ଏବଂ କୌଣସି ଚୁକ୍ତିର ସ୍ଥୂଳ ନିୟମ ଓ ଅବସ୍ଥାକୁ ବୁଝିପାରିବେ ସେମାନଙ୍କ ପାଇଁ ବର୍ତ୍ତମାନର ଚାକିରୀ ନିୟମଗୁଡ଼ିକୁ ପରିବର୍ତ୍ତନ କରିବା କଥା ।

***344. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଯୌନ ଅପବ୍ୟବହାରକୁ ରକ୍ଷା କରିବାପାଇଁ କୌଣସି ଆଇନ ରହିଛି କି ?***

କେବଳ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଯୌନ ଅପବ୍ୟବହାର ବା ଅନ୍ୟ କୌଣସି ଅସଦ୍ ବ୍ୟବହାରରୁ ରକ୍ଷା କରିବାପାଇଁ କୌଣସି ସ୍ୱତନ୍ତ୍ର ନିୟମ କାନୁନ୍ ନାହିଁ । ଭାରତୀୟ ପିଂଗଳ କୋର୍ଡ଼ ଏବଂ ଅପରାଧୀ ପିଂଗଳ କୋର୍ଡ଼ ଅନୁସାରେ ଅନ୍ୟ ସମସ୍ତ ସାଧାରଣ ନାଗରିକମାନଙ୍କ ଭଳି ସେମାନଙ୍କୁ ମଧ୍ୟ ସୁରକ୍ଷା ଦିଆଯାଇଥାଏ ।

***345. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ଆଇନ୍ ହେବା ଉଚିତ କି ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ସମାନ ସୁଯୋଗ ଏବଂ ସେମାନଙ୍କର ଶିକ୍ଷା, ତାଲିମ ଓ ଚାକିରୀରେ ସମାନ ଅଧିକାର ଦେବାକୁ ବ୍ୟାପକ ଆଇନ୍ ପ୍ରଣୟନ ହେବା ଦରକାର ବର୍ତ୍ତମାନର ଆଇନ୍ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ମୌଳିକ ଆବଶ୍ୟକତାଗୁଡ଼ିକୁ

ପୂରଣ କରୁନାହିଁ ।

***346.*** ***ବର୍ତ୍ତମାନର ଆଇନ୍ ବ୍ୟବସ୍ଥା, ମାନସିକ ବିକଳାଙ୍ଗ ବ୍ୟକ୍ତିର ସୁରକ୍ଷା ପ୍ରଦାନ କରିଛି କି ନା ସମାଜକୁ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କଠାରୁ ଦୂରେଇ ରଖିବାକୁ ତିଆରି ହୋଇଛି ?***

ଏହା ସତ କଥା ଯେ ଭାରତୀୟ ବାତୁଳତା ଆଇନ୍ (Indian Lunacy Act) 1912 ଅନୁସାରେ ମାନସିକ ରୋଗୀ ଓ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ସମାଜଠାରୁ ଅଲଗା କରି କୌଣସି ଛାତ୍ରାବାସରେ ରଖିବା ଉପରେ ପ୍ରାଧାନ୍ୟତା ଦେଇଥିଲା । ଏହି ପୃଥକୀକରଣ ନିୟମଗୁଡ଼ିକୁ, ପ୍ରାୟ ଦେଶର ଅନେକ ପ୍ରାନ୍ତରେ ଉଠାଇ ଦିଆଯାଇଛି । ତଥାପି ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଅଧିକାରକୁ ସୁରକ୍ଷିତ ରଖିବାପାଇଁ ଏକ ବ୍ୟାପକ ଆଇନ୍ ପ୍ରଣୟନ କରିବା ଜରୁରୀ ଅଟେ ।

# ସୂଚନା

18

# ଅଭିଭାବକତା

ସାମାଜିକ ସୁରକ୍ଷା ଏକ ମାନସିକ ବିକଳାଙ୍ଗ ପିଲା ଥିବା ପିତାମାତାଙ୍କର ପ୍ରଧାନ ଚିନ୍ତାର ବିଷୟ । ଅନ୍ୟାନ୍ୟ ବିକାଶ ପ୍ରାପ୍ତ ରାଷ୍ଟ୍ରମାନଙ୍କ ଭଳି ଆମ ରାଜ୍ୟରେ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଛାତ୍ରାବାସରେ ରଖାଇବା କିମ୍ବା ପେନ୍‌ସନ୍–ବୃତ୍ତିର ବ୍ୟବସ୍ଥା ନାହିଁ । ଯେହେତୁ ଅନ୍ୟ ବିକାଶଶୀଳ ଦେଶ ମାନଙ୍କରେ ଆବାସିକ ବ୍ୟବସ୍ଥାକୁ ବାଦ୍ ଦେଇ ସମାଜ ମଧ୍ୟରେ ରହିବା ବ୍ୟବସ୍ଥାକୁ ପ୍ରୋତ୍ସାହନ ଦିଆଯାଉଛି ଏହିପରି ଯୋଜନାସବୁ ଆମ ଦେଶପାଇଁ ସୁବିଧା ଜନକ ନୁହେଁ । ଏତେ ଅଧିକ ସଂଖ୍ୟକ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ କେନ୍ଦ୍ର ବା ରାଜ୍ୟ ସରକାର ପେନ୍‌ସନ୍ ବୃତ୍ତି ଦେଇପାରିବେ ନାହିଁ । ମାନସିକ ବିକଳାଙ୍ଗ ପିଲାଙ୍କ ପିତାମାତାଙ୍କର ମନ ସର୍ବଦା ଆଉଟୁ ପାଉଟୁ ହେଉଥାଏ ଓ ପ୍ରକୃତରେ ଭୟ ଥାଏ ଯେ ସେମାନଙ୍କର ମୃତ୍ୟୁପରେ ପିଲାର ଯତ୍ନ ବା ଦାୟିତ୍ୱ  କିଏ ନେବ ।

ପୁରୁଷାନୁକ୍ରମେ ଆମ ଦେଶରେ ପାରିବାରିକ ବ୍ୟବସ୍ଥା ବହୁତ ଦୃଢ଼ ଅଟେ । ନିକଟରେ ବିକାଶ ଘଟିଥିବା ଏସୀୟ ଦେଶମାନଙ୍କରେ ଯଥା :– ଜାପାନ, ଇଣ୍ଡୋନେସିଆ, ସିଂଗାପୁର ଏବଂ ମାଲେସିୟାରେ ସାମାଜିକ-ଆର୍ଥିକ ପରିବର୍ତ୍ତନ ଅନୁସାରେ ପାରିବାରିକ ପ୍ରଣାଳୀର ପରିବର୍ତ୍ତନ ଘଟିଅଛି । ପରିବାର ଏହାର ସମସ୍ତ ସଦସ୍ୟମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିଅଛି । ତେଣୁ ପରିବାରଗୁଡ଼ିକୁ ଦୃଢ଼ କରିବାପାଇଁ ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ବର୍ଦ୍ଧିତ କରିବାପାଇଁ ନୂତନ ପଦ୍ଧତିସବୁ ଖୋଜିବା ଦରକାର । ଅଭିଭାବକମାନଙ୍କ ଦ୍ୱାରା ପଚାରାଯାଇଥିବା କେତେକ ସାଧାରଣ ପ୍ରଶ୍ନ ଯଥା ପରିବାର ସଂଘ ବା ଟ୍ରଷ୍ଟ, ଜାତୀୟ ସଂଘ ବା ଟ୍ରଷ୍ଟ, ଅଭିଭାବକତା ହସ୍ତାନ୍ତର, ମାନସିକ ବିକଳାଙ୍ଗ ପିଲାକୁ ମିଳିଥିବା ବଂଶଗତ ସଂପତ୍ତିର ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଇତ୍ୟାଦି ବିଷୟରେ ଉକ୍ତ ବିଭାଗରେ ଦିଆଯାଇଛି ।


ମୋର ଅବସର ଗ୍ରହଣ କରିବାକୁ ମାତ୍ର ୨ ବର୍ଷ ଅଛି । ମୋ ପରେ ପୁଅର ଯତ୍ନ କିଏ ନେବ ସେଥିପାଇଁ ମୁଁ ଚିନ୍ତିତ ।
AFTER US WHO?
ମୁଁ ଜାଣିଛି, ମାନସିକ ବିକଳାଙ୍ଗ ପିଲାମାନଙ୍କ ପାଇଁ ଗୋଟିଏ ହଷ୍ଟେଲ୍ ଅଛି ଯେଉଁଠାରେ ତୁମେ ତାକୁ ରଖାଇ ପାରିବ ।
AFTER US WHO?
ଆମ ଘର ଲୋକମାନଙ୍କ ବିଷୟରେ କାହିଁକି ଚିନ୍ତା କରୁନାହାନ୍ତି । ଯଦି ଭାଇ ଓ ଭଉଣୀମାନେ ତା'ର ଯତ୍ନ ନେଇ ପାରିବେ ।
କିନ୍ତୁ ସେମାନେ ମଧ୍ୟ ନିଜର ଜୀବିକା ନିର୍ବାହ କରିବେ । ସେମାନେ ଏପରି କାର୍ଯ୍ୟ କରିପାରିବେ କି ନାହିଁ ?
ଆମେ ଆମ ପିଲାଙ୍କ ବିଷୟରେ ନିଜେ କଥାବାର୍ତ୍ତା ହେଉଛେ । ଆମ୍ଭ ପିଲାମାନଙ୍କ ସହିତ ସିଧାସଳଖ କଥାବାର୍ତ୍ତା କରି ଦେଖିବା । ଏ ବିଷୟରେ ସେମାନଙ୍କର ମତାମତ କ'ଣ ?
ମୁଁ ଭାବୁଛି, ଏହା ବିଲ୍‌କୁଲ ଠିକ୍ । ଯଦି ନିଜ ପରିବାରର ଲୋକମାନେ ସାହାଯ୍ୟ କରିବାକୁ ଆଗେଇ ନ ଆସିବେ ତେବେ କିଏ କରିବ ।

**347. ଅଭିଭାବକତା କହିଲେ କଣ ବୁଝାଏ ? କେଉଁମାନେ ଅଭିଭାବକ ହୋଇପାରିବେ ?**

ଅଭିଭାବକତାର ଅର୍ଥ ହେଉଛି, ମାନସିକ ବିକଳାଙ୍ଗ ପିଲାର ଯତ୍ନ, ସୁରକ୍ଷା ଏବଂ ନିରାପତ୍ତା ପ୍ରଦାନ କରିବା ।

ପିତାମାତା ହେଉଛନ୍ତି ମାନସିକ ବିକଳାଙ୍ଗ ପିଲାମାନଙ୍କର ପ୍ରକୃତ ଅଭିଭାବକ । ପିତାମାତାଙ୍କ ଅନୁପସ୍ଥିତିରେ, ଭାଇଭଉଣୀ ଏବଂ ନିକଟ ସଂପର୍କୀୟମାନେ ପ୍ରକୃତ ଅଭିଭାବକର ଦାୟିତ୍ୱ ତୁଲାଇଥାନ୍ତି । ଯଦି ପିତାମାତା ମାନସିକ ରୋଗ ଯୋଗୁ ଅଯୋଗ୍ୟ ହୋଇଥାଆନ୍ତି କିମ୍ବା ଅନ୍ୟ କାରଣରୁ ଅର୍କମଣ୍ୟ ହୋଇ ପଡ଼ନ୍ତି, ତେବେ ପରିବାରର ପରବର୍ତ୍ତୀ ମୁଖ୍ୟ ବ୍ୟକ୍ତି ପିଲାର ପ୍ରକୃତ ଅଭିଭାବକ ହୋଇଥାଆନ୍ତି । ନିରାଶ୍ରୟମାନଙ୍କ କ୍ଷେତ୍ରରେ, ଯାହାର କି ଯତ୍ନ ନେବାପାଇଁ  ପରିବାରର କୌଣସି ସଦସ୍ୟ ନଥାଆନ୍ତି, ରାଜ୍ୟ ସରକାର ଅଭିଭାବକର ଦାୟିତ୍ୱ ନେଇଥାଆନ୍ତି ।

**348. କେତେବେଳେ ଅଭିଭାବକତ୍ୱର ଆବଶ୍ୟକତା ପଡ଼ିଥାଏ ?**

ପିତାମାତାଙ୍କର ଅନୁପସ୍ଥିତିରେ, ଭାଇଭଉଣୀ ଏବଂ ନିକଟ ସଂପର୍କୀୟମାନେ ପ୍ରକୃତ ଅଭିଭାବକର ଭୂମିକା ଗ୍ରହଣ କରିପାରିବେ । ଯଦି ମାନସିକ ବିକଳାଙ୍ଗ ବ୍ୟକ୍ତିର ଦେଖାଶୁଣା ବା ଯତ୍ନ ନେବାପାଇଁ ପରିବାରରେ କେହି ନଥାଆନ୍ତି, ତେବେ ନ୍ୟାୟାଳୟ ଆଇନତଃ ଜଣେ ଅଭିଭାବକଙ୍କୁ ନିଯୁକ୍ତି ଦେଇପାରିବେ ଯିଏ କି, ମାନସିକ ବିକଳାଙ୍ଗ ବ୍ୟକ୍ତିର ସଂପତ୍ତିକୁ ପରିଚାଳନା କରିପାରିବେ କିମ୍ବା ତାଙ୍କ ତରଫରୁ କୌଣସି ନିଷ୍ପତ୍ତି ନେଇପାରିବେ ।

**349. ମାନସିକ ବିକଳାଙ୍ଗ ବ୍ୟକ୍ତିର ଅଭିଭାବକ ସ୍ଥିର କରିବାପାଇଁ କେଉଁସବୁ ବିଷୟରେ ବିଚାର କରାଯିବା କଥା ?**

ପିତାମାତାଙ୍କର ବୃଦ୍ଧ ଅବସ୍ଥାରେ ଯଦି ଅଣ-ବିକଳାଙ୍ଗ ପୁଅ ଏବଂ ଝିଅ ମାନଙ୍କଠାରୁ ସାହାଯ୍ୟ ପାଇନଥାଆନ୍ତି ତେବେ ସେମାନଙ୍କର ମାନସିକ ବିକଳାଙ୍ଗ ପିଲାର ଯତ୍ନ ନେବାକୁ ଅକ୍ଷମ ହୋଇଥାଆନ୍ତି । ଏପରି ପରିସ୍ଥିତିରେ, ପିତାମାତା ମାନସିକ ବିକଳାଙ୍ଗ ପିଲାର ଯତ୍ନ ନେବାପାଇଁ କୌଣସି ସଂପର୍କୀୟ, ବନ୍ଧୁବାନ୍ଧବ ବା ଶୁଭେଚ୍ଛୁଙ୍କୁ ଆଂଶିକ ବା

ସଂପୂର୍ଣ୍ଣ ଅଭିଭାବକତ୍ୱ ଅଧିକାର ନ୍ୟସ୍ତ କରି ଆଇନତଃ ଚୁକ୍ତି କରିପାରନ୍ତି । ଅନେକ ସମୟରେ ଏହିପରି ଚୁକ୍ତି ମୌଖିକ କଥାବାର୍ତ୍ତା ଏବଂ ପରସ୍ପର ବିଶ୍ୱାସ ଉପରେ ସ୍ଥିର କରାଯାଇଥାଏ । ପିତାମାତା ଅଭିଭାବକତ୍ୱ ଅନ୍ୟକୁ ଦେବା ସମୟରେ ନିମ୍ନଲିଖିତ ବିଷୟଗୁଡ଼ିକୁ ବିଚାର କରାଯାଇପାରେ ।

- ସଂପର୍କୀୟ ଏବଂ ବନ୍ଧୁବାନ୍ଧବମାନଙ୍କର ଅଭିଭାବକ ଦାୟିତ୍ୱ ନେବାପାଇଁ ଉପସ୍ଥିତି, ଆଗ୍ରହ ଏବଂ ଦକ୍ଷତା ଥିବା ଦରକାର ।
- ଅଭିଭାବକ ଦାୟିତ୍ୱ ତୁଲାଇବା ବ୍ୟକ୍ତିମାନଙ୍କର ଜୀବନକାଳ ଓ ସ୍ୱାସ୍ଥ୍ୟ ।
- ପରିବାରର ଆର୍ଥିକ ଅବସ୍ଥା ।

ଏପରି ଅଭିଭାବକତ୍ୱ ହସ୍ତାନ୍ତର କରିବାରେ, ସଂପତ୍ତି କିମ୍ବା ଟଙ୍କା କିମ୍ବା ନିୟମିତ ରୋଜଗାରକୁ ହସ୍ତାନ୍ତର କରିବା ଦରକାର କି ନାହିଁ, ଏହା ଉଭୟ ପକ୍ଷର ସଂପର୍କ ଉପରେ ନିର୍ଭର କରିଥାଏ । ଏଥିରେ କୌଣସି ଲିଖିତ ଚୁକ୍ତି ହୋଇଥାଏ ବା ନ ହୋଇପାରିଥାଏ ।

***350. ମାନସିକ ବିକଳାଙ୍ଗ ନାବାଳକମାନଙ୍କ ପାଇଁ ଅଭିଭାବକଙ୍କର କର୍ତ୍ତବ୍ୟ ସବୁ କଣ ?***

ନ୍ୟାୟାଳୟଦ୍ୱାରା ନିଯୁକ୍ତି ପାଇଥିବା ଅଭିଭାବକ, ନ୍ୟାୟାଳୟର ତତ୍ତ୍ୱାବଧାନରେ ମାନସିକ ବିକଳାଙ୍ଗ ନାବାଳକର ଯତ୍ନ ନେବେ ଏବଂ ସଂପତ୍ତିର ପରିଚାଳନା କରିବେ । ଅଭିଭାବକ ମଧ୍ୟ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ଖାଦ୍ୟ, ପୋଷାକ ପତ୍ର ଏବଂ ରହିବାକୁ ଘର ଦେବାର ଦାୟିତ୍ୱ ନେବେ । ମାନସିକ ବିକଳାଙ୍ଗ ବ୍ୟକ୍ତିର ଚିକିତ୍ସା, ଯତ୍ନ ଏବଂ ପରିଚାଳନା ବା ଚଳିବାପାଇଁ ହେଉଥିବା ଖର୍ଚ୍ଚ ସବୁ ସଂପତ୍ତିରୁ ଅର୍ଜିତ ଆୟ କିମ୍ବା ଲାଭରୁ କରାଯିବ ।

ପ୍ରକୃତ ପକ୍ଷରେ ଏପରି ଆୟୋଜନସବୁ ପାଳକ ପିତାମାତା କରିପାରିବେ କିମ୍ବା ମାନସିକ ବିକଳାଙ୍ଗ ପିଲାକୁ କୌଣସି ଅନୁଷ୍ଠାନ ବା ବିଦ୍ୟାଳୟରେ ରଖାଯାଇପାରେ ଯେଉଁଥିରେ କି ତାର ଯତ୍ନ ଓ ପରିଚାଳନାପାଇଁ ଛାତ୍ରାବାସର ସୁବିଧା ଥିବ ।

**351. ଅଭିଭାବକତ୍ୱ କେତେ ଦିନ ପର୍ଯ୍ୟନ୍ତ ସ୍ଥାୟୀ ?**

ସାଧାରଣତଃ, ମାନସିକ ବିକଳାଙ୍ଗ ବ୍ୟକ୍ତିକୁ ଆଇନତଃ ଅକ୍ଷମ ଓ ନିଜର ଦାୟିତ୍ୱ ନିଜେ ନେବା ଅସମ୍ଭବ ବୋଲି ଘୋଷଣା କରାଯାଇଥିବାରୁ ନ୍ୟାୟାଳୟ ଯେତେ ଦିନ ପର୍ଯ୍ୟନ୍ତ ଆବଶ୍ୟକ ମନେକରିବ ସେତେଦିନ ପର୍ଯ୍ୟନ୍ତ ଅଭିଭାବକତ୍ୱ ରହିପାରିବ ।

**352. ଯେଉଁ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଯତ୍ନ ନେବାକୁ କେହିନଥାନ୍ତି, ସେମାନଙ୍କର କଣ ହୋଇଥାଏ ?**

ଯଦି ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି ଉପେକ୍ଷିତ ଅବସ୍ଥାରେ ଏକାକୀ ରାସ୍ତାରେ ବୁଲୁଥାଏ, ତେବେ ତାକୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ଉପସ୍ଥାପିତ କରାଯାଇ, ଭାରତୀୟ ବାତୁଳତା ନିୟମ 1912 ଅନୁସାରେ ତାକୁ କୌଣସି ମାନସିକ ଚିକିତ୍ସାଳୟକୁ ପଠାଇହେବ ।

ଯଦି ମାନସିକ ବିକଳାଙ୍ଗ ବ୍ୟକ୍ତିର ଯତ୍ନ ନେବାକୁ ପରିବାରରେ କେହି ନଥାଆନ୍ତି ପାଖ ପଡ଼ୋଶୀ କିମ୍ବା ବନ୍ଧୁବାନ୍ଧବ ମଧ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଗୃହମାନଙ୍କରେ ପିଲାର ସୁରକ୍ଷିତ ରହଣୀ ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ପହଞ୍ଚି ପାରିବେ ।

ଯେଉଁ ରାଜ୍ୟମାନଙ୍କରେ ଭାରତୀୟ ବାତୁଳତା ଆଇନ 1912 ପରିବର୍ତ୍ତେ ମାନସିକ ସ୍ୱାସ୍ଥ୍ୟ ଆଇନ 1987ର କାର୍ଯ୍ୟକରୀ ହେଉଛି, ସେଠାରେ ମାନସିକ ବିକଳାଙ୍ଗ ବ୍ୟକ୍ତି ମାନଙ୍କୁ ମାନସିକ ରୋଗୀ ହିସାବରେ ଧରାଯାଉନାହିଁ ଏବଂ ଏହି ହେତୁ ସେମାନଙ୍କୁ ମାନସିକ ଚିକିତ୍ସାଳୟକୁ ପଠାଯିବ ନାହିଁ । ଏପରି ପରିସ୍ଥିତିରେ, ଯଦି ଅଭିଭାବକ ନଥିବା ଏକ ମାନସିକ ବିକଳାଙ୍ଗ ପିଲାକୁ ରାସ୍ତାରେ ବୁଲୁଥିବାରୁ ଦେଖାଯାଏ, ତାକୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ଉପସ୍ଥାପିତ କରାଯାଇ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ତରୁଣ ବୟସ୍କ ଗୃହ (Juvenite home) ବା ମାନସିକ ବିକଳାଙ୍ଗ ଗୃହକୁ ପଠାଯାଇପାରେ । ଯେତେବେଳେ ସରକାରଙ୍କ ଦ୍ୱାରା ପରିଚାଳିତ ଆବାସିକ ଅନୁଷ୍ଠାନରେ ମାନସିକ ବିକଳାଙ୍ଗ ପିଲାକୁ ଭର୍ତ୍ତି କରାଯାଏ, ରାଜ୍ୟ ସରକାର ତାର ଅଭିଭାବକ ହୋଇଥାଆନ୍ତି ।



ପିତାମାତାଙ୍କ ଅନ୍ତେ ଭାଇ, ଭଉଣୀ, ନିଜର ଆତ୍ମୀୟ ସମ୍ପର୍କୀୟ ମାନେ ମାନସିକ ବିକଳାଙ୍ଗ ବ୍ୟକ୍ତିର ପ୍ରକୃତ ଅଭିଭାବକ ଅଟନ୍ତି ।

***353. ଭାରତ ସରକାର ଏପରି ସଂଘ ବା ଟ୍ରଷ୍ଟ ଗଢ଼ିବାର ଯୋଜନା କରୁଛନ୍ତି କି, ଯାହା ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ପିତାମାତାଙ୍କ ଅନ୍ତେ ସେମାନଙ୍କର ଦେଖାଶୁଣା କରିବ ?***

ଭାରତ ସରକାର ବାହାରୁଲ୍ ଇସ୍‌ଲାମ୍ କମିଟି ବସାଇଥିଲେ ଯେଉଁଥିରେ ମାନସିକ ବିକଳାଙ୍ଗ ଏବଂ ସ୍ନାୟୁ ବିକଳାଙ୍ଗ ବ୍ୟକ୍ତିଙ୍କର କଲ୍ୟାଣ ନିମିତ୍ତ ଆଇନ ପ୍ରଣୟନ ହେବାପାଇଁ ଅନୁମୋଦନ କରାଯାଇଥିଲା । ଏହି ସଂଘର କାର୍ଯ୍ୟ ହେଉଛି ସଂଘଦ୍ୱାରା ସ୍ଥାପିତ ଅନୁଷ୍ଠାନମାନଙ୍କରେ ଥିବା ମାନସିକ ବିକଳାଙ୍ଗ ଏବଂ ସ୍ନାୟୁ ବିକଳାଙ୍ଗ ବ୍ୟକ୍ତି ମାନଙ୍କର ଯତ୍ନ ଓ ପୁର୍ନବାସ ଯୋଗାଇବା ଏବଂ ଅଭିଭାବକତ୍ୱ ଓ ପାଳକ ପିତାର ଦାୟିତ୍ୱ ନେବା । ଏହି ଆଇନ୍ ବଳରେ ପିତାମାତା ଇଚ୍ଛା ପତ୍ରଦ୍ୱାରା ଟ୍ରଷ୍ଟ ବା ସଂଘକୁ ସଂପତ୍ତି ଦାନ କରିପାରିବେ ଏବଂ ସେମାନଙ୍କର ମୃତ୍ୟୁପରେ ଅଭିଭାବକତ୍ୱର ଅଧିକାର ଟ୍ରଷ୍ଟକୁ ହସ୍ତାନ୍ତର କରିପାରିବେ ।

ଜାତୀୟ ଟ୍ରଷ୍ଟ ବା ସଂଘ ମଧ୍ୟ ବର୍ତ୍ତମାନ ସୁଦ୍ଧା ସରକାରଙ୍କର ବିଚାରାଧିନ ରହିଅଛି । ଯେତେବେଳେ ପାର୍ଲିଆମେଣ୍ଟର ଦୁଇଟି ଗୃହରେ ଏହା ଗୃହୀତ ହେବ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁର ହେବ, ତାପରେ 'ଜାତୀୟ ଟ୍ରଷ୍ଟ ବା ସଂଘ' କାର୍ଯ୍ୟକାରୀ ହୋଇପାରିବ ।

***354. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଅଭିଭାବକତ୍ୱ ପାଇଁ ଅନ୍ୟ କୌଣସି ବିକଳ୍ପ ରହିଅଛି କି ?***

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର କେତେକ ପିତାମାତା ଏକ ଦଳ ଗଠନ କରୁଛନ୍ତି ଏବଂ ସେଗୁଡ଼ିକୁ ପିତାମାତା ପ୍ରତିଷ୍ଠାନ, ସଂଘ କିମ୍ବା ସମବାୟ ବା ଟ୍ରଷ୍ଟ ହିସାବରେ ପଞ୍ଜୀବଦ୍ଧ କରୁଛନ୍ତି । ପରସ୍ପର ବୁଝାମଣା ମଧ୍ୟରେ ସେମାନେ ସଂପତ୍ତିର 'ଇଚ୍ଛାପତ୍ର' ଟ୍ରଷ୍ଟକୁ ଦେବାକୁ ରାଜି ହୋଇପାରନ୍ତି । ଯାହାଫଳରେ, ସେମାନଙ୍କର ମୃତ୍ୟୁପରେ ମାନସିକ ବିକଳାଙ୍ଗ ବ୍ୟକ୍ତିର ଅଭିଭାବକତ୍ୱ ଏବଂ ଯତ୍ନ ନେବାର ଦାୟିତ୍ୱ ମଧ୍ୟ, ପଞ୍ଜୀବଦ୍ଧ ହୋଇଥିବା ଟ୍ରଷ୍ଟ ତୁଲାଇବ ।

ଏହି ପ୍ରକାର ଟ୍ରଷ୍ଟ ବା ସଂଘସବୁ ଏବେବି କ୍ରମବିକାଶର ପ୍ରଥମ ସୋପାନରେ ରହିଅଛି । କେତେକ ଟ୍ରଷ୍ଟ ଦ୍ୱାରା ପ୍ରତିଷ୍ଠିତ ଛାତ୍ରାବାସମାନଙ୍କରେ ଅଭିଭାବିକ ସଭ୍ୟମାନଙ୍କର ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଆବାସୀୟ ସୁବିଧା ଯୋଗାଇ ଦିଆଯାଉଅଛି ।

***355. ଅଭିଭାବକ ଦାୟିତ୍ୱ ନିୟନ୍ତ୍ରଣ କରିବା ପାଇଁ କିଭଳି ଆଇନ୍ ସବୁ ରହିଅଛି ?***

ପାରିବାରିକ ଆଇନ୍ ଅନୁସାରେ, ସଂପତ୍ତି ହସ୍ତାନ୍ତର ଆଇନ, ଏବଂ ଅଭିଭାବକତ୍ୱ ଆଇନ୍ ନ୍ୟାୟାଳୟର ତତ୍ତ୍ୱାବଧାରଙ୍କ ଦ୍ୱାରା ନିଯୁକ୍ତିପ୍ରାପ୍ତ ଅଭିଭାବକ ଏବଂ ଅଭିଭାବକମାନଙ୍କର କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥାଏ ।

ଯେହେତୁ ପ୍ରତ୍ୟେକ ପରିବାରର ଆବଶ୍ୟକତା ପ୍ରାୟ ଅଲଗା ହୋଇଥାଏ, ତେଣୁ ଅଭିଭାବକତା ପାଇଁ ଆଇନ ପରାମର୍ଶ କରିବା ନିତ୍ୟାନ୍ତ ଆବଶ୍ୟକ ।

## 19

# ସରକାରୀ ସୁବିଧା ଓ ରିହାତି

ଏକ କଲ୍ୟାଣମୟ ରାଷ୍ଟ୍ର ନିରାଶ୍ରୟ ଓ ଅକ୍ଷମ ବ୍ୟକ୍ତିମାନଙ୍କ ସହିତ ସମସ୍ତଙ୍କର ସୁଖଦୁଃଖର ଯତ୍ନ ନେଇଥାଏ । ସମାଜ କଲ୍ୟାଣ ମନ୍ତ୍ରଣାଳୟ ଗଢ଼ାହେବା ଦିନଠାରୁ ବିବିଧ ପ୍ରକାରର ରିହାତି ଓ ସୁବିଧା ସବୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଛି । ଏହା ମଧ୍ୟରେ ଆୟକର ରିହାତି, ସମ୍ବଳହୀନ ଅକ୍ଷମବ୍ୟକ୍ତି ମାନଙ୍କୁ ମାଗଣା ସହାୟକ ଯନ୍ତ୍ରପାତି ଯୋଗାଇ ଦେବା, ରେଳ ଯାତ୍ରା ଉପରେ ରିହାତି, ଚାକିରୀ କ୍ଷେତ୍ରରେ ସଂରକ୍ଷଣ, ବିଦ୍ୟାଳୟ ଓ କଲେଜ ଶିକ୍ଷାରେ ଛାତ୍ରବୃତ୍ତି, ରିହାତି ସୁଧ ହାରରେ ଆତ୍ମନିଯୁକ୍ତି ନିମନ୍ତେ ଋଣ ଯୋଗାଣ ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକ ମଧ୍ୟରେ ଶାରିରୀକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଯାଗା ଯୋଗାଇଦେବା ଇତ୍ୟାଦି ଅନ୍ତର୍ଭୁକ୍ତି । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ରିହାତି ଓ ସୁବିଧା ଦରକାର ବୋଲି ବହୁ କମ୍ ଦିନ ହେଲା ଅନୁଭବ କରାଯାଇଅଛି । ଯାହାଫଳରେ, ସାଧାରଣ ଭାବରେ ଉପଲ୍‌ବଧ ହେଉଥିବା ରିହାତି ଗୁଡ଼ିକ ମଧ୍ୟରେ, ରାଜ୍ୟ ସରକାରଙ୍କର ପରିବହନରେ ମାଗଣା ଯାତାୟତ କରିବା, ଆୟକର ରିହାତି ଏବଂ ସ୍ୱତନ୍ତ୍ର ସ୍କୁଲରେ ତାଲିମ୍ ନେବା ନିମନ୍ତେ ଛାତ୍ରବୃତ୍ତି ପ୍ରଦାନ ପ୍ରଭୃତି ଅନ୍ତର୍ଭୁକ୍ତ । ଏହି ବିଭାଗରେ, ମାନସିକ ବିକଳାଙ୍ଗ ପିଲାଟିଏ ଥିବା ପରିବାରର ଆବଶ୍ୟକତା ଏବଂ ଯେଉଁଥିରେ ସମ୍ଭବ ଅନ୍ୟ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ତୁଳନା କରି ସୁବିଧା ଓ ରିହାତି ବିଷୟରେ କେତେକ ସୂଚନା ପ୍ରଦାନ କରାଯାଇଅଛି ଏବଂ ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଏହି ସୁବିଧା ଭବିଷ୍ୟତରେ ମିଳିପାରେ ବୋଲି ଆଶା କରାଯାଉଅଛି ।


ଆମ୍ଭେମାନେ ରାଜୁକୁ ସ୍କୁଲ୍‌କୁ ପଠାଇବା ଆବଶ୍ୟକ ।
ମୁଁ ତାକୁ ସ୍କୁଲ୍‌କୁ ପଠାଇବାକୁ ଚାହୁଁଛି କିନ୍ତୁ ସେମାନଙ୍କର ଫିସ୍ ବହୁତ ଅଧିକ ।
ମିସେସ୍ ଘୋଷଙ୍କର ପୁଅ ଏକ ସ୍ୱତନ୍ତ୍ର ସ୍କୁଲ୍‌ରେ ପଢୁଛନ୍ତି । କିନ୍ତୁ ତା'ର ବାପା ଚାକିରୀ ମଧ୍ୟ କରିନାହାନ୍ତି । ଚାଲ ଦେଖିବା ସେମାନେ କିପରି ଚଳାଉଛନ୍ତି ।
ଆପଣ ଅଶୋକକୁ ସ୍ୱତନ୍ତ୍ର ସ୍କୁଲ୍‌ରେ ପଢ଼ାଇବାକୁ କେତେ ଫିସ୍ ଦେଉଛନ୍ତି ?
ପ୍ରତି ମାସରେ ଟ୬୦/- ଫିସ୍ ଦିଆଯାଇଛି ଏବଂ ତାହା ରାଜ୍ୟ ସରକାରଙ୍କ ଠାରୁ ଫେରସ୍ତ ମିଳୁଅଛି ।
ଏହା କ'ଣ ସତ ? ତାହା ଆମ ସମସ୍ୟାର ସମାଧାନ କରିପାରିବ । ରାଜୁକୁ ଖୁବ୍ ଶୀଘ୍ର ଏକ ସ୍ୱତନ୍ତ୍ର ସ୍କୁଲ୍‌ରେ ନାମ ଲେଖାଇ ଦେବା ।

***356. ମାନସିକ ବିକଳାଙ୍ଗ ପିଲାଟିଏ ଥିବା ପରିବାରର ଆର୍ଥିକ ବୋଝକୁ ଲାଘବ କରିବା ନିମନ୍ତେ, କେନ୍ଦ୍ର ସରକାର କିପରି ଭାବରେ ସୁବିଧା ଓ ରିହାତିମାନ ପ୍ରଦାନ କରୁଛନ୍ତି ?***

ସାଧାରଣତଃ କେନ୍ଦ୍ର ସରକାରଙ୍କ ଦ୍ୱାରା ଦୁଇ ପ୍ରକାରର ରିହାତି ପ୍ରଦାନ କରାଯାଇଥାଏ । ପ୍ରଥମଟି ଆୟକର ରିହାତି ସହିତ ସଂପୃକ୍ତ ଏବଂ ଦ୍ୱିତୀୟଟି ରେଳ ଭଡ଼ାରେ ରିହାତି ।

***357. କେନ୍ଦ୍ର ସରକାରଙ୍କ ଦ୍ୱାରା ପିତାମାତାମାନଙ୍କୁ ମାନସିକ ବିକଳାଙ୍ଗ ପିଲାମାନଙ୍କର ଚିକିତ୍ସା, ଯତ୍ନ, ତାଲିମ୍ ଓ ପୁନର୍ବାସ କାର୍ଯ୍ୟ ଗୋଟିଏ ବା ଅଧିକ ବିକଳାଙ୍ଗ ବ୍ୟକ୍ତି ନିମନ୍ତେ ଆୟକର ବିଭାଗ ପକ୍ଷରୁ କିପରି ରିହାତି ମିଳୁଅଛି ?***

ଆୟକର ନିୟମାବଳୀ (1961) ର ଉପବିଭାଗ ୪0 ଡି.ଡି. ଅନୁସାରେ, ଯେଉଁ ପିତାମାତାମାନଙ୍କର ଏକ ବା ଅଧିକ ସଂଖ୍ୟକ ମାନସିକ ବିକଳାଙ୍ଗ ପିଲାଥିବେ, ସେମାନଙ୍କର 1993-94 ଆର୍ଥିକ ବର୍ଷ ଓ 1994-95 ହିସାବ ବର୍ଷନୁସାରେ (Accequfing year) ସାଧାରଣ ଛାଡ଼ ପରିମାଣ (Standrd dediction) ଅପେକ୍ଷା ଟ. 15,000/-ର ଆୟକର ଛାଡ଼ କରାଯାଇଥାଏ । ଏହି ଆୟକର ରିହାତି କେବଳ ସେହି ପିତାମାତାମାନେ ପାଇପାରିବେ, ଯେଉଁ ମାନଙ୍କର ତୀବ୍ର ମାନସିକ ବିକଳାଙ୍ଗ ପିଲାଟିର ବୁଦ୍ଧି, ବୁଦ୍ଧି ମାପକ ଯନ୍ତ୍ରରେ 50ରୁ କମ୍ ଦେଖାଯାଇଥାଏ ।

ସରକାରଙ୍କର ଏହି ସବୁଧା ଲାଭ କରିବାକୁ ହେଲେ ନାରୀ ବିକାଶ ଓ ଶିଶୁ କଲ୍ୟାଣ ବିଭାଗ ଓ ଶ୍ରମ ମନ୍ତ୍ରଣାଳୟର ଚିଠି ଏମ୍.ଏସ୍. ସଂଖ୍ୟା–109, ତାରିଖ :5.6.92 ଅନୁସାରେ ଜଣେ ମାନସିକ ବିକଳାଙ୍ଗ ବ୍ୟକ୍ତି ମନସ୍ତାତ୍ତ୍ୱିକ ଚିକିତ୍ସାବିତ, ବା ମାନସିକ ରୋଗ ବିଶେଷଜ୍ଞଙ୍କ ଦ୍ୱାରା ପ୍ରମାଣିତ ହେବା ସହିତ ମେଡ଼ିକାଲ ଅଧ୍ୟକ୍ଷ ବା ଜିଲ୍ଲା ମେଡ଼ିକାଲ୍ ବୋର୍ଡ଼ ଦ୍ୱାରା ଦସ୍ତଖତ ହେବା ନିତ୍ୟାନ୍ତ ଆବଶ୍ୟକ ।

***358. କେନ୍ଦ୍ର ସରକାରଙ୍କର ଆୟକର ବିଭାଗ ଦ୍ୱାରା, ଜଣେ ସ୍ଥାୟୀ ଭାବେ ଶାରିରୀକ ଅକ୍ଷମ କିମ୍ବା ସଂପୂର୍ଣ୍ଣ ଅନ୍ଧ କିମ୍ବା ମାନସିକ ବିକଳାଙ୍ଗ ବ୍ୟକ୍ତି ଯାହାର ରୋଜଗାର କ୍ଷମତା ହ୍ରାସ ପାଉଅଛି ତାହା ପାଇଁ କଣ ସୁବିଧା କରାଯାଇପାରିବ ?***

ଆୟକର ନିୟମାବଳୀ (1961 )ର ୪0 ୟୁ ଧାରା ଅନୁସାରେ, ଯେଉଁ ବ୍ୟକ୍ତି ଚିରସ୍ଥାୟୀ ଶାରୀରିକ ବିକଳାଙ୍ଗ କିମ୍ବା ସଂପୂର୍ଣ୍ଣ ଅନ୍ଧ କିମ୍ବା ମାନସିକ ବିକଳାଙ୍ଗ ଅଟନ୍ତି ଯାହାଙ୍କର

ରୋଜଗାର କ୍ଷମତା ସଂପୂର୍ଣ୍ଣ ଭାବରେ ହ୍ରାସ ପାଇଯାଇଅଛି, ତେବେ ସେମାନଙ୍କର ଆୟରୁ 1992-93 ହିସାବ ବର୍ଷରେ ଟ. 20,000/- ର ଛାଡ଼ ପାଇପାରିବେ ।

***359. କେନ୍ଦ୍ର ସରକାରଙ୍କ ଆୟକର ବିଭାଗ ତରଫରୁ ପିତାମାତାଙ୍କ ପାଇଁ ଯାହାଙ୍କର ରୋଜଗାର ମଧ୍ୟରେ ନାବାଳକ ପିଲାର ରୋଜଗାର ଅନ୍ତର୍ଭୁକ୍ତ ଯିଏକି ଶାରିରୀକ ବା ମାନସିକ ବିକଳାଙ୍ଗ ଭାବରେ ଆକ୍ରାନ୍ତ ଅଟେ, ସେମାନଙ୍କ ନିମନ୍ତେ କୌଣସି ସୁବିଧା ରହିଅଛି କି ?***

ଆୟକର ନିୟମ (1961)ର ୪0 V ଉପଧାରା ଅନୁସାରେ, ଯେଉଁ ପିତାମାତାଙ୍କର ରୋଜଗାର ସହିତ ନାବାଳକ ପିଲାର ରୋଜଗାର ଅନ୍ତର୍ଭୁକ୍ତ ଏବଂ ସେହି ନାବାଳକ ପିଲା ଉପରୋକ୍ତ ୪0 V ଧାରା ଅନୁଯାୟୀ ଶାରିରୀକ ଅକ୍ଷମ ବା ମାନସିକ ବିକଳାଙ୍ଗତା ଦ୍ୱାରା ଆକ୍ରାନ୍ତ ହୋଇଥାଏ, ତେବେ ସେହି ପିତାମାତାମାନଙ୍କୁ ଆୟକର ରିହାତି ମିଳିଥାଏ ।

ଏହି ପିତାମାତାମାନେ ସେମାନଙ୍କର ସମସ୍ତ ମୂଳ ଆୟରୁ ଏକ ପରିମାଣ ଛାଡ଼ ପାଇଥାନ୍ତି । ଯାହାକି ଉପଧାରା ୪0 U ଅନୁସାରେ ନାବାଳକ ପିଲାକୁ ଅଲଗା ଭାବରେ ହିସାବକରି ଲାଗୁ ହୋଇଥାନ୍ତା ବା ଉଭୟଙ୍କର ଆୟରୁ ଟ. ୨୦,୦୦୦/-ର ଛାଡ଼, ଏହା ମଧ୍ୟରୁ ଯେଉଁଟି କମ୍ ହୋଇପାରିଥାଏ ।

***360. କେନ୍ଦ୍ର ସରକାରଙ୍କ ଦ୍ୱାରା ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ରେଳ ଯାତ୍ରାରେ କିପରି ଭାବରେ ରିହାତି ଦିଆଯାଇଅଛି ?***

ରେଳ ଭଡ଼ା ରିହାତି ବିଭିନ୍ନ ଶ୍ରେଣୀର ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ମଞ୍ଜୁର କରାଯାଇଛି । ଯଥା :—ଅନ୍ଧ, ଯକ୍ଷ୍ମା ଏବଂ କର୍କଟ ରୋଗୀ, ଶାରିରୀକ ବିକଳାଙ୍ଗ, ଅସଂକ୍ରାମକ କୁଷ୍ଠ ରୋଗୀ, ବଧିର ବ୍ୟକ୍ତି, ମାନସିକ ବିକଳାଙ୍ଗ ବ୍ୟକ୍ତି ଏବଂ ଥାଲାସେମିଆ ରୋଗୀ ଇତ୍ୟାଦି ।

ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ସେମାନଙ୍କର ଯାତ୍ରା ଅନୁସାରେ ଦୁଇ ପ୍ରକାରର ରେଳ ରିହାତି ଉପଲବ୍ଧ ହୋଇଥାଏ ।

- ମାନସିକ ବିକଳାଙ୍ଗ ବ୍ୟକ୍ତି ଯଦି ଦଳ ମଧ୍ୟରେ ଯାତ୍ରା କରୁଥିବ ।
- ମାନସିକ ବିକଳାଙ୍ଗ ବ୍ୟକ୍ତି ଯଦି ରକ୍ଷକ ସହିତ ଯାତ୍ରା କରୁଥିବ ।

***361. କେନ୍ଦ୍ର ସରକାର ମାନସିକ ବିକଳାଙ୍ଗ ପିଲାମାନଙ୍କୁ ଦଳ ମଧ୍ୟରେ ଯାତ୍ରା କରୁଥିବା ସମୟରେ କିପରି ଭାବରେ ରେଳ ଯାତ୍ରାର ରିହାତି ପ୍ରଦାନ କରିଥାନ୍ତି ?***

ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନରେ ବା ସ୍କୁଲ ମାନଙ୍କରେ ପଢୁଥିବା ମାନସିକ ବିକଳାଙ୍ଗ ପିଲାମାନେ ଚାରିଜଣରୁ ଉର୍ଦ୍ଧ୍ୱ ଦଳଗତ ଭାବେ ଯାତ୍ରା କରୁଥିଲେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ରେଳ ଉପରେ ଶତକଡ଼ା 75 ଭାଗ ରିହାତି ପାଇପାରିବେ । ଛାତ୍ରମାନେ ପୂରା ବା ଅଧା ଟିକେଟଧାରୀ ହୋଇଥିଲେ ମଧ୍ୟ, ପ୍ରତି ଦୁଇ ଜଣ ଛାତ୍ରଙ୍କ ପାଇଁ ଜଣେ ରକ୍ଷକ ଏକା ଶ୍ରେଣୀର ମାଗଣା ଟିକେଟ୍ ପାଇପାରିବେ । ଦ୍ୱିତୀୟ ଟାୟାର ବାତାନୁକୁଳ ମଧ୍ୟରେ ଯାତ୍ରା କରିପାରିବେ ଯଦି ରିହାତି ମୂଲ୍ୟର ପ୍ରଥମ ଶ୍ରେଣୀ ଭଡ଼ା ଏବଂ ଦ୍ୱିତୀୟ ଶ୍ରେଣୀ ବାତାନୁକୁଳ ଟାୟାରର ସଂପୂର୍ଣ୍ଣ ସର୍‌ଚାର୍ଯ୍ୟ ଭଡ଼ା ଦେଇଥାନ୍ତି । ଏହି ରେଳ ଯାତ୍ରା ରିହାତି, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ କେବଳ ମିଳିପାରିବ, ଯଦି ସେମାନେ–

- ଘର ଓ ସ୍କୁଲ ବା ଅନୁଷ୍ଠାନ ମଧ୍ୟରେ ଯିବା ଆସିବା କରୁଥାନ୍ତି ।
- ଧନ୍ଦାମୂଳକ ତାଲିମ୍ କ୍ଷେତ୍ରକୁ ଯାଉଥାନ୍ତି ।
- ଭାରତ ମଧ୍ୟରେ କୌଣସି ପରୀକ୍ଷା କେନ୍ଦ୍ରକୁ ଯାଉଥାନ୍ତି ।

ରେଳ ଯାତ୍ରା ରିହାତି କେବଳ ସରକାରୀ ସ୍ୱୀକୃତି ପ୍ରାପ୍ତ ସ୍କୁଲ ଏବଂ ଅନୁଷ୍ଠାନକୁ ମିଳିପାରିଥାଏ । ଏହି ରିହାତି ସୁବିଧା ଯଦି ସ୍କୁଲ ବା ଅନୁଷ୍ଠାନ ସ୍ଥାନୀୟ ଷ୍ଟେସନ ମାଷ୍ଟରଙ୍କୁ ରିହାତି ସାର୍ଟିଫିକେଟ୍ ସହିତ ନିର୍ଦ୍ଧାରିତ ଆବେଦନ ଫର୍ମରେ ଦରଖାସ୍ତ କରିଥାନ୍ତି ।

***362. କେବଳ ରକ୍ଷକ ମାନଙ୍କ ସହିତ ଯାତ୍ରା କରୁପାରୁଥିବା ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ ସରକାର କେଉଁ ପ୍ରକାରର ରେଳ ଯାତ୍ରାରେ ରିହାତି ପ୍ରଦାନ କରୁଛନ୍ତି ?***

କେବଳ ଜଣେ ରକ୍ଷକ ସହିତ ଯାତାୟତ କରୁଥିବା ମାନସିକ ବିକଳାଙ୍ଗ ପିଲାମାନଙ୍କ ପାଇଁ ଦୁଇ ପ୍ରକାରର ରେଳ ଯାତ୍ରା ରିହାତି ଉପଲବ୍ଧ ହେଉଅଛି ।

- ଏକାକୀ ଯାତ୍ରା ଟିକେଟ୍
- ମାସିକ ଟିକେଟ୍ ବା ତ୍ରୟମାସିକ ଟିକେଟ୍

***363. ଏକାକୀ ଯାତ୍ରା କରିବା ଟିକେଟ୍‌ରେ, ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ କେଉଁ ପ୍ରକାରର ରିହାତି ମିଳୁଅଛି ?***

ଯଦି ଜଣେ ରକ୍ଷକ 5 ବର୍ଷ ବା ତାହାଠାରୁ ସାନ ମାନସିକ ବିକଳାଙ୍ଗ ପିଲା ସହିତ ଯାତ୍ରା କରୁଥାଏ ତେବେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ମୂଳ ଭଡ଼ାର 75 ଶତକଡ଼ା ଛାଡ଼ ପାଇପାରିବେ । ଜଣେ ମାନସିକ ବିକଳାଙ୍ଗ ପିଲା ସହିତ କେବଳ ଜଣେ ରକ୍ଷକ ଯାତ୍ରା କରିପାରିବ । ମାନସିକ ବିକଳାଙ୍ଗ ବ୍ୟକ୍ତି ସହିତ ଯାତ୍ରା କରୁଥିବା ଯେକୌଣସି ବୟସ୍କ ବ୍ୟକ୍ତି ରକ୍ଷକ ହୋଇପାରିବେ । ଟିକେଟ୍ କିଣିଲା ସମୟରେ ମାନସିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ଷ୍ଟେସନରେ ଉପସ୍ଥିତ ରହିବାର ଆବଶ୍ୟକତା ନାହିଁ । ପ୍ରଥମ ଶ୍ରେଣୀରେ ଆରକ୍ଷଣ କରିବା ସମୟରେ ଏକ ସ୍ଥାନରେ ଦୁଇଟି ସିଟ୍ ଦେବାର ପ୍ରାଧାନ୍ୟତା ରହିଅଛି । ରିହାତି ଦରରେ ଫେରସ୍ତ ଟିକେଟ୍ କରିବାର ମଧ୍ୟ ସୁବିଧା ରହିଅଛି । ଯାତ୍ରା କରିବାର ଏକ ମାସ ପୂର୍ବରୁ ଫେରସ୍ତ ଟିକେଟ୍ ଉପଲବ୍ଧ ହୋଇପାରିବ । ଦ୍ୱିତୀୟ ଟାଏର୍ ବାତାନୁକୂଳ ମଧ୍ୟରେ ଯାତ୍ରା କରିବାକୁ ଅନୁମତି ମିଳିବ ଯଦି ରିହାତି ଦରରେ ପ୍ରଥମ ଶ୍ରେଣୀ ଟିକେଟ୍ ଓ ଦ୍ୱିତୀୟ ଟାଏର୍ ସରଚାର୍ଯ ଦିଆଯାଇଥାଏ । ମାନସିକ ବିକଳାଙ୍ଗ ବ୍ୟକ୍ତିର ସାର୍ଟିଫିକେଟ୍‌ର ନିକଲ କପି ପ୍ରଦାନ କରିବା ପରେ ଷ୍ଟେସନ ମାଷ୍ଟର ମାନସିକ ବିକଳାଙ୍ଗ ଓ ରକ୍ଷକ ନିମନ୍ତେ ସଂଯୁକ୍ତ ଭାବରେ ରିହାତି ଟିକେଟ୍ ଦେବେ ।

ମାନସିକ ବିକଳାଙ୍ଗ ବ୍ୟକ୍ତି ଏବଂ ରକ୍ଷକ ପାଇଁ ମୂଳ ଭଡ଼ାର 25 ଶତାଂଶ ମାତ୍ର ଦେବାକୁ ପଡ଼ିଥାଏ ।

**364. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମନ୍ତେ କିପରି ଭାବରେ ମାସିକ ଏବଂ ତ୍ରୟ ମାସିକ ସିଜିନ୍ ଟିକେଟ୍ ମିଳିପାରିଥାଏ ?**

ମାନସିକ ବିକଳାଙ୍ଗ ବ୍ୟକ୍ତି ଏବଂ ତାହାର ରକ୍ଷକ ନିମନ୍ତେ ଉପ-ସହର ଓ ଅଣ-ସହରାଞ୍ଚଳରେ ଭାରତୀୟ ରେଳର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ମାସିକ ଟିକେଟ୍ ଉପରେ ଶତକଡ଼ା 50 ଭାଗ ରିହାତି ମିଳିପାରିଥାଏ ।

ମାନସିକ ବିକଳାଙ୍ଗ ବ୍ୟକ୍ତିର ସାର୍ଟିଫିକେଟ୍‌ର ନକଲ ପ୍ରଦାନ କରିବା ଫଳରେ ଷ୍ଟେସନ ମାଷ୍ଟର ମାନସିକ ବିକଳାଙ୍ଗ ବ୍ୟକ୍ତି ଏବଂ ତାହାର ରକ୍ଷକ ନିମନ୍ତେ ସଂଯୁକ୍ତ ଟିକେଟ୍ ପ୍ରଦାନ କରିଥାନ୍ତି । ଏହା ସହିତ, ସାଧାରଣ ବ୍ୟକ୍ତିମାନଙ୍କ ପରି ଏହି ମାସିକ ଏବଂ ତ୍ରୟମାସିକ ଟିକେଟ୍ ପାଇଁ ଏକା ନିୟମ ଲାଗୁ ହୋଇଥାଏ ।

**365. ରେଳ ଭଡ଼ା ରିହାତି ନିମନ୍ତେ ପ୍ରଦାନ କରାଯାଇଥିବା ପ୍ରମାଣ ପତ୍ର କେତେ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିଥାଏ ?**

ମନସ୍ତାତ୍ତ୍ୱିକ ଚିକିତ୍ସାବିତ୍ ବା ମାନସିକ ରୋଗ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରମାଣପତ୍ର ତିନି ବର୍ଷ ପାଇଁ ବଳବତ୍ତର ରହିଥାଏ । ଏହି ପ୍ରମାଣପତ୍ର ମାନସିକ ବିକଳାଙ୍ଗ ବ୍ୟକ୍ତିର ବୟସ, ଲିଙ୍ଗ, ବ୍ୟକ୍ତିଗତ ଚିହ୍ନ ଏବଂ ଦସ୍ତଖତ, କିମ୍ବା ବାମହାତ ବୁଢ଼ା ଆଙ୍ଗୁଳିର ଚିହ୍ନ ଏବଂ ମାନସିକ ବିକଳାଙ୍ଗ ବ୍ୟକ୍ତିର ବୁଦ୍ଧିର ପରିମାଣ ସମ୍ବନ୍ଧରେ ତଥ୍ୟ ଯୋଗାଇଥାଏ ।

**366. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଯାତ୍ରାକାଳୀନ ଅନ୍ୟାନ୍ୟ ସୁବିଧା କଣ ସବୁ ମିଳିପାରିଥାଏ ?**

ଅଧିକାଂଶ ରାଜ୍ୟ ସରକାର ସେମାନଙ୍କର ନିଜର ପରିବହନ କର୍ପୋରେସନରେ ମାନସିକ ବିକଳାଙ୍ଗ ସାର୍ଟିଫିକେଟ୍ ପ୍ରଦାନ କରିଥିବା ଦ୍ୱାରା, ମାନସିକ ବିକଳାଙ୍ଗବ୍ୟକ୍ତି ଓ ତାହାର ରକ୍ଷକ ବସ୍ ଭଡ଼ାରେ ରିହାତି ଦେଇଥାନ୍ତି । ଉଦାହରଣ ସ୍ୱରୂପ– ଆନ୍ଧ୍ରପ୍ରଦେଶର ସହରରେ ମାସିକ ବିକଳାଙ୍ଗବ୍ୟକ୍ତି ବସ୍‌ରେ ସଂପୂର୍ଣ୍ଣ ମାଗଣା ଯାତ୍ରା କରିବା ସମ୍ଭବ ଏବଂ ତାହାର ରକ୍ଷକଙ୍କୁ ତିନିମାସ ପାଇଁ ମାତ୍ର ଟ. 20/- ଦେବାକୁ ପଡ଼ିଥାଏ । ଜିଲ୍ଲାକୁ ଥିବା

ରାସ୍ତାମାନଙ୍କରେ ଉଭୟ ମାନସିକ ବିକଳାଙ୍ଗ ଏବଂ ରକ୍ଷକ ନିମନ୍ତେ ତାହାର ଶତକଡ଼ା 50 ଭାଗ ମାତ୍ର ଦେବାକୁ ପଡ଼ିଥାଏ ।

**367. ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ସହାୟତା ଉପକରଣ କିଣିବା ପାଇଁ କେନ୍ଦ୍ର ସରକାର କୌଣସି ସହାୟତା ପ୍ରଦାନ କରୁଛନ୍ତି କି ?**

ଅକ୍ଷମ ବ୍ୟକ୍ତିମାନଙ୍କର ଯାତାୟତ ଏବଂ ସ୍ୱାଧୀନ କାର୍ଯ୍ୟ କରିବା ପାଇଁ ଚ଼କ ଯୁକ୍ତ ଚୌକି, ଆଶା ବାଡ଼ି, ଶ୍ରବଣ ଯନ୍ତ୍ର ପରି ସହୟତା ଉପକରଣ ସବୁ ଆବଶ୍ୟକ ଅଟେ । ମାନସିକ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଶ୍ରୃତିଦୋଷ କିମ୍ୱା ଶାରିରୀକ ଅକ୍ଷମତା ଥିଲେ ସହୟତା ଉପକରଣର ଆବଶ୍ୟକତା ପଡ଼ିଥାଏ ।

